




# ମୋ ଜୀବନ କଥା

ଡକ୍ଟର ଜଗନ୍ନାଥ ମହାନ୍ତି



# ମୋ ଜୀବନ କଥା

(ପିଲାଙ୍କ ପାଇଁ ଆତ୍ମଜୀବନୀ)

ଲେଖକ

ଡକ୍ଟର ଜଗନ୍ନାଥ ମହାନ୍ତି

ପ୍ରକାଶକ

ଶ୍ରୀ ସର୍ବେଶ୍ୱର ମିଶ୍ର

କଟକ ଟ୍ରେଡିଂ କମ୍ପାନୀ, ବାଲୁବଜାର, କଟକ-୨

୨୦୦୧ ମସିହା

# ମୋ ଜୀବନ କଥା
(ପିଲାଙ୍କ ପାଇଁ ଆତ୍ମଜୀବନୀ)

ଲେଖକ:
ଡକ୍ଟର ଜଗନ୍ନାଥ ମହାନ୍ତି

© ଶ୍ରୀମତୀ ଆହ୍ଲାଦମୋହିନୀ ମହାନ୍ତି
**ମାଣିକ-ବିଶ୍ୱନାଥ ସ୍ମୃତିସଦନ,** ୨୯୩୫, ଗୌରୀ ନଗର
ଭୁବନେଶ୍ୱର - ୨, ଫୋନ୍ ନଂ. : ୪୩୦୮୭୫

**ପ୍ରକାଶକ :**
ଶ୍ରୀ ସର୍ବେଶ୍ୱର ମିଶ୍ର
**କଟକ ଟ୍ରେଡ଼ିଂ କଂପାନୀ,** ବାଲୁବଜାର, କଟକ - ୨

**ପ୍ରଥମ ସଂସ୍କରଣ :** ୨୦୦୧ ମସିହା
ଅକ୍ଷର ସଜା: **ଜଗନ୍ନାଥ ଏଣ୍ଟର ପ୍ରାଇଜରସ୍,**
ରବି ଟକିଜ ଛକ, ଭୁବନେଶ୍ୱର-୨

**ପ୍ରଚ୍ଛଦ ପଟ : ଶ୍ରୀ ଅସିତ୍ ମୁଖାର୍ଜୀ**

ମୂଲ୍ୟ : ବନ୍ଧେଇ - ୮୦ ଟଙ୍କା
ସାଦା - ୭୫ ଟଙ୍କା

**MO JIBAN KATHA**
***(Autobiography for Children)***

***Author :***
**Dr. JAGANNATH MOHANTY**

**© Smt. ALLHADMOHINI MOHANTY,**
*Manik-Biswanath Smruti Sadan,*
2935, Gouri Nagar, Bhubaneswar-2
Phone No. : 430875

***Publisher :***
**SRI SARBESWAR MISHRA**
Cuttack Trading Company, Cuttack - 2
**1st Edition** : 2001

**DTP Composing** :
***JAGANNATH ENTERPRISES,***
Rabi Talkies Square, BBSR-2
***Cover Design : SRI ASIT MOKHARJEE***
***Price : Bound : Rs. 80.00***
***Paper Back : Rs. 75.00***
Printed at : ***ROYAL HALF-TONE Co.,*** Cuttack-2

# ଏଥିରେ ପଢ଼ିବ.........


| କ୍ର.ନ. | ବିଷୟ | ପୃଷ୍ଠା |
|---|---|---|
| | ବହିଟିର ଜନ୍ମକଥା | |
| ୧. | ବସୁମାତା ସ୍ନାନ, ମୋର ଜନ୍ମଦିନ | ୧-୩ |
| ୨. | ଆମ ଗାଁଗଣ୍ଡା, ସାଇପଡ଼ିଶା | ୪-୫ |
| ୩. | ଆମ ଯାତମେଳଣ, ଖେଳମଉଜର ଦିନ | ୬-୧୦ |
| ୪. | ନିଆଁ ପାଣି ଓ ଭାଡ଼ିରୁ ପଡ଼ିବା ବିପଦ | ୧୧-୧୩ |
| ୫. | ଘର କାମ ସହିତ ପାଠପଢ଼ା | ୧୪-୧୮ |
| ୬. | ଯେଉଁମାନେ ବାଟ ବତାଇଥିଲେ | ୧୯-୨୬ |
| ୭. | ନୂଆହାଟରେ ନୂଆ ବିଦ୍ୟାଳୟ | ୨୭-୨୯ |
| ୮. | ପହିଲିପାଳି ପୁରୀଦେଖା | ୩୦-୩୪ |
| ୯. | ନୂଆ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା | ୩୫-୩୯ |
| ୧୦. | ସ୍ୱାଧୀନତା ଲଢ଼େଇର ଯୁଗ | ୪୦-୪୩ |
| ୧୧. | ପ୍ରଥମବାର ଭୁବନେଶ୍ୱର | ୪୪-୪୭ |
| ୧୨. | ପୁରୀରେ କଲେଜପଢ଼ା | ୪୮-୫୨ |
| ୧୩. | ଟିଉସନ ପଢ଼ାକୁ ଭଙ୍ଗାଘର | ୫୩-୫୮ |
| ୧୪. | କଲେଜବେଳର ଅଧ୍ୟାପକ ଓ ସହପାଠୀ | ୫୯-୬୩ |
| ୧୫. | ସେତେବେଳର ସୀମା ଆନ୍ଦୋଳନ | ୬୪-୬୭ |
| ୧୬. | ପ୍ରଥମ ସାହିତ୍ୟ ରଚନା ଓ ପ୍ରକାଶ | ୬୮-୭୩ |
| ୧୭. | କଲେଜ ବେଳର କେତେକ ସୁଖଦୁଃଖର କାହାଣୀ | ୭୪-୮୦ |
| ୧୮. | ପୁରୀରେ ଆମର ପର୍ବପର୍ବାଣି | ୮୧-୮୮ |

| କ୍ର.ନ. | ବିଷୟ | ପୃଷ୍ଠା |
|---|---|---|
| ୧୯. | ତିନିଠାକୁରଙ୍କ ବେଶଭୂଷା ଆଉ ଭୋଗରାଗ | ୮୯-୯୪ |
| ୨୦. | ଯେଉଁଠାରେ ପ୍ରଥମ ଛାତ୍ର, ସେହିଠାରେ ପ୍ରଧାନ ଶିକ୍ଷକ | ୯୫-୯୭ |
| ୨୧. | କଟକରେ ଶିକ୍ଷକ ତାଲିମ | ୯୮-୧୦୦ |
| ୨୨. | ନଇନ୍ଦିପୁର ଆଉ ନୂଆହାଟ ହାଇସ୍କୁଲ୍‌ରେ କେତୋଟି ମାସ | ୧୦୧-୧୦୫ |
| ୨୩ | ବାଣପୁର ହେଲା ପ୍ରିୟ କର୍ମଭୂମି | ୧୦୬-୧୧୨ |
| ୨୪. | ବାଣପୁରରୁ ରଣପୁର ଓ ଭୁବନେଶ୍ୱର | ୧୧୩-୧୧୭ |
| ୨୫. | ଡି.ପି.ଆଇ. ଅଫିସ୍, ରାଜ୍ୟଶିକ୍ଷା ପ୍ରତିଷ୍ଠାନ ଓ ମୋର ଟ୍ରେନିଂ କଲେଜ | ୧୧୮-୧୨୨ |
| ୨୬. | ବିଲାତ ଯାତ୍ରା ଓ ଦଶମାସର ରହଣି | ୧୨୩-୧୩୭ |
| ୨୭. | ବିଲାତରୁ ଫେରି କାମରେ ଲାଗିଲି | ୧୩୮-୧୪୧ |
| ୨୮. | ପୁଣି ବିଲାତ ଯାତ୍ରା ଓ ତିନିମାସର ରହଣି | ୧୪୨-୧୫୨ |
| ୨୯. | କେତେ କାମ, କେତେ ସ୍ଥାନ | ୧୫୩-୧୫୬ |
| ୩୦. | ଶିଶୁସାହିତ୍ୟର ଉନ୍ନତି ପାଇଁ | ୧୫୭-୧୬୦ |
| ୩୧. | କିଛି କିଛି ସାହିତ୍ୟ ସେବା | ୧୬୧-୧୬୬ |
| ୩୨. | ଯେଉଁମାନଙ୍କର ପ୍ରେରଣା ଭୁଲିହୁଏ ନାହିଁ | ୧୬୭-୧୭୨ |
| ୩୩. | ଆଜି ରହିଲା ଏତିକି | ୧୭୩-୧୭୬ |
| ୩୪. | ମୋର କେତୋଟି ଲୋକପ୍ରିୟ ଓ ପୁରସ୍କୃତ ପୁସ୍ତକ (ଓଡ଼ିଆ) | |
| | (କ) ଶିଶୁ ଓ କିଶୋର ସାହିତ୍ୟ | ୧୭୭-୧୭୯ |
| | (ଖ) ସମାଲୋଚନା ଓ ପ୍ରବନ୍ଧ ସାହିତ୍ୟ<br>(ଗ) ଜନସାହିତ୍ୟ | ୧୮୦-୧୮୦ |

• • • • •

# ବହିଟିର ଜନ୍ମକଥା

ତଳୁ ଉଠି ଉଠି ମଣିଷ ଯେତେବେଳେ ଉପରକୁ ଯାଏ ପଛକୁ ଚାହେଁ । କେଉଁଠୁ କେତେବାଟ ଆସିଲା ? କ'ଣ ସେ କଲା ? କେତେ ସେ ନେଲା ? କେତେ ସେ ଦେଲା ? ମନରେ କେତେ ପ୍ରଶ୍ନ ଉଠେ । ଅନେକେ ପଛକୁ ଚାହିଁବାକୁ ଡରନ୍ତି । କେତେକେ ଘୃଣା କରନ୍ତି କେତେକଙ୍କର ମନ ହୁଏ ନାହିଁ କି ସମୟ ମିଳେନାହିଁ । ବେଳ ଗଡ଼ିଯାଏ ।

କେତେକ କହନ୍ତି, ଅତୀତରୁ ଆମେ ଶିଖୁ । କିଏ ଭାବନ୍ତି ଅତୀତଟା ଅବାନ୍ତର । କେତେକଙ୍କ ମତରେ ଆଜିଟି ଅତୀତ ଉପରେ ଗଢ଼ାଯାଏ ଆଉ ଆସନ୍ତା କାଲିକୁ ବାଟ ବତାଏ । ଆମେ ନିଜ ଜୀବନରୁ, ଅନ୍ୟର ଜୀବନରୁ ଶିଖୁ । ପ୍ରତ୍ୟେକ ଜୀବନ ଅଲଗା ଅଲଗା ଅନୁଭୂତିକୁ ନେଇ ଗଢ଼ିଉଠିଥାଏ । ସେଇସବୁ ଅନୁଭୂତିରୁ ଆମେ ଜାଣିବା ଆଉ ଶିଖିବା ଉଚିତ । ଏଥିରୁ ଆମେ ଉଭୟ ଆଲୁଅ ଓ ଆନନ୍ଦ ପାଉଁ । ଏଥିପାଇଁ ବଡ଼ ମଣିଷଙ୍କ ଜୀବନୀ ଲେଖାଯାଏ । ଲେଖକମାନେ ଯେତେ ଆପଣାର ହେଲେ ବି ଅନେକ କଥା ଜାଣିନଥାନ୍ତି, ଜାଣିବା ମଧ ସମ୍ଭବ ନୁହେଁ । କେତେକ ତେଣୁ ନିଜ କଥା ନିଜେ ଲେଖନ୍ତି । ଏଥିରେ ସେ ସେତେବେଳର ଅବସ୍ଥାବ୍ୟବସ୍ଥା, ସୁବିଧାଅସୁବିଧା, ଭଲମନ୍ଦ ସବୁ କଥା ଲେଖନ୍ତି । ସେହିସବୁ ଆତ୍ମଜୀବନୀରୁ ଆମେ ଅନେକ କଥା ଜାଣୁ । ହେଲେ, ପିଲାମାନଙ୍କ ପାଇଁ ଜୀବନୀ ଅଛି, ଆତ୍ମଜୀବନୀ ଅଛି କି ନାହିଁ ସନ୍ଦେହ । ଶିଶୁସାହିତ୍ୟିକମାନେ ଆତ୍ମଜୀବନୀ ଲେଖିଛନ୍ତି, ମାତ୍ର ବଡ଼ମାନଙ୍କ ପାଇଁ, ପିଲାମାନଙ୍କ ପାଇଁ ନୁହେଁ ।

ଏଇ କଥା ମନରେ ରଖି ମୁଁ ''ମୋ ପିଲାଦିନ କଥା, ଯାହା ମନେ ପଡ଼େ'' ଲେଖିଲି । କ୍ରମାଗତ ଭାବରେ ଦୁଇ ବର୍ଷ ଧରି ''ନନ୍ଦନ କାନନ''ରେ ଏହା ପ୍ରକାଶିତ ହେଲା । ସେତେବେଳେ ପିଲାଏ କିପରି ବଢୁଥିଲେ, କି କି ବାଧା, ଅସୁବିଧାର ସାମନା କରୁଥିଲେ, କି କି ସୁଖ ଆଉ ଦୁଃଖର ଅନୁଭୂତି ହେଉଥିଲା, କେଉଁମାନେ କିପରି ଭାବରେ ତାର ଚଲାପଥରେ ସାହା ହୋଇଥିଲେ, ଆହା କରୁଥିଲେ ଆଉ ରାହା ଦେଉଥିଲେ, ମୋଟ ଉପରେ ସେତେବେଳର ସମାଜ ଓ ଜୀବନ କଥା ଲେଖି ଏହା ମୁଣ୍ଡିମାରି ଦେବାକୁ ମନ କରିଥିଲି ।

ମାତ୍ର କେତେକ ବନ୍ଧୁ ଓ ପାଠକ କହିଲେ- ତୁମେ ପିଲାଦିନ କଥା କହିବ, କିପରି ବଢ଼ିଲ ଜଣାଇବ । ମାତ୍ର କେଉଁଠି ତୁମେ କି କାମ କଲ, କାହା ପାଇଁ କ'ଣ କଲ, ନିଜେ କଣ ହେଲ, କେତେ ଦୂର ଆସିଲ, ଜଣାଇବା ଦରକାର । ନଚେତ୍ ତୁମ କଥା ପୂରା ହେବ ନାହିଁ । ତେଣୁ ''ପିଲାଦିନ କଥା'' ବଦଳି ''ଜୀବନ କଥା''ରେ ପରିଣତ ହେଲା ।

ଅବଶ୍ୟ ମୁଁ ସବୁକଥା ପିଲାମାନଙ୍କୁ ଆଗ କହିବାକୁ ଭଲ ପାଏ । ବିଲାତ୍ କଥା ପିଲାମାନଙ୍କୁ ଆଗ କହିଲି ''ସପନ ଭୂଇଁ ଲଣ୍ଡନ ଏଇ'' ବହିରେ । ତାର ବହୁ ବର୍ଷ ପରେ ବଡ଼ମାନଙ୍କ ପାଇଁ ''ଦୂରଦିଗନ୍ତ'' ନାଁରେ ପ୍ରକାଶ ପାଇ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲା ।


ପିଲାମାନଙ୍କୁ ବଡ଼ ମଣିଷଙ୍କ ପିଲାଦିନ କଥା ଯେମିତି ଭଲ ଲାଗେ, ବଡ଼ଦିନ କଥା ସେମିତି ଭଲ ଲାଗି ନପାରେ । କାରଣ ସେମାନଙ୍କର ସରଳ ଶାନ୍ତ ମନରେ ବଡ଼ମାନଙ୍କ ଜଟିଳ ଅଶାନ୍ତ କଥା ଥାନ ପାଏନାହିଁ, ଘେନେ ନାହିଁ । ତେଣୁ ମୁଁ ମୋର ପିଲାଦିନ କଥା, ଛାତ୍ରବେଳର କଥା, ଲେଖିଲା ପରେ ବଡ଼ବେଳର କେତୋଟି ସାରକଥା ସୂଚାଇ ଦେବାକୁ ଚାହିଁଲି । ଯାହାହେଉ, ଗୋଟିଏ ଜୀବନର ମୂଳରୁ ଚୂଳ ଯାଏ, ନହେଲେ ବି ଡାଳଯାଏ, ଠିକେ ଠିକେ ଏଥିରେ କହିଛି । ଯେ ଚାହିଁବେ, ପରେ ଅଧିକ ଜାଣି ପାରିବେ ।

ମଣିଷର ଜୀବନୀ ପୂରା ହୋଇପାରେ, ମାତ୍ର କାହାର ଆତ୍ମଜୀବନୀ ପୂରା ହୋଇ ପାରେ ନାହିଁ । ପୁଣି ସାହିତ୍ୟିକମାନେ ଯେଉଁ ଆତ୍ମଜୀବନୀ ଲେଖିଥାନ୍ତି, ବଡ଼ମାନଙ୍କ ପାଇଁ, ତାହା ପିଲାମାନଙ୍କ ପାଇଁ ନୁହେଁ । କେତେଜଣ ଅବଶ୍ୟ ପିଲାଦିନ କଥା ଲେଖିଛନ୍ତି ମାତ୍ର ବଡ଼ମାନଙ୍କ ପାଇଁ । ମୋର ଜାଣିବାରେ ଏପର୍ଯ୍ୟନ୍ତ ଅନ୍ୟ କେଉଁ ଭାଷାରେ ପିଲାଙ୍କ ପାଇଁ ଆତ୍ମଜୀବନୀ ଲେଖାଯାଇନାହିଁ । କେହି ଜାଣିଥିଲେ, ଦୟାକରି ମୋତେ ଜଣାଇ ଉପକୃତ କରାଇବେ । ଏଥିରେ ପିଲାମାନଙ୍କ ମନକୁ ଘେନିବା କଥାଗୁଡ଼ିକୁ ସରଳ ଭାଷାରେ କେତେ ଗପ ଛଳରେ କୁହାଯାଇଛି । ସବୁ ସତ ସତ କଥା ଠିକେ ଠିକେ କୁହାଯାଇଛି ।


ପିଲାମାନଙ୍କ ପ୍ରିୟ ପତ୍ରିକା ''ନନ୍ଦନ କାନନ''ର ସଂପାଦିକା ଶ୍ରୀମତୀ ସରଳା ପତ୍ରୀ ''ମୋ ଜୀବନ କଥା'' ଅତ୍ୟନ୍ତ ଆଗ୍ରହର ସହିତ ଦୀର୍ଘ ଦୁଇ ବର୍ଷ ଧରି ପ୍ରକାଶ କରି ଆସିଥିବାରୁ ମୁଁ ସାଧୁବାଦ ଜଣାଉଛି । ଯେଉଁ ପାଠକବନ୍ଧୁମାନେ ଏଗୁଡ଼ିକୁ ପଢ଼ି ଖୁସିହୋଇ ସେମାନଙ୍କ ମତାମତ ଜଣାଇଛନ୍ତି, ସେମାନଙ୍କୁ ଧନ୍ୟବାଦ ଜଣାଉଛି । ମୋର ବହୁଦିନର ପ୍ରିୟ ପ୍ରକାଶକ କଟକ ଟ୍ରେଡିଂ କମ୍ପାନୀର ଶ୍ରୀ ସର୍ବେଶ୍ୱର ମିଶ୍ର ଏବଂ ଦୁଇପୁଅ ପ୍ରଶାନ୍ତ ଓ ସୁଶାନ୍ତ ଏହି ବହିଟିକୁ ପ୍ରକାଶ କରିବାରେ ଆଗ୍ରହୀ ହୋଇଥିବାରୁ ମୁଁ ଆନନ୍ଦିତ ହେଉଛି । ଆଶା ଓ ଅନୁରୋଧ, ଯେଉଁମାନେ ପିଲାଠାରୁ ବଡ଼ ଯାଏ ଏହାକୁ ପଢ଼ିବେ, ସେମାନେ ନିଜ ନିଜର ମତ- ଭଲ ହେଉ ବା ଭେଲ ହେଉ, ମୋତେ ଜଣାଇଲେ ମୁଁ ଧନ୍ୟ ହେବି ।

**ଭୁବନେଶ୍ୱର** **ଜଗନ୍ନାଥ ମହାନ୍ତି**

**ନୂତନ ବର୍ଷ, ୨୦୦୧**




ପଣ୍ଡିତ ସଦାଶିବ ରଥଶର୍ମା



ଗୌରମୋହନ ଚାଟାର୍ଜୀ



ବଡ଼ଭାଇ (ଯଦୁମଣି) ଓ ଭାଉଜ






ସାଧୁଭାଇ ଓ ତାଙ୍କର ନାତି



ବଡ଼ ଅପା ଶକୁନ୍ତଳା



ଶ୍ୱଶୁର ସୁରେନ୍ଦ୍ରନାଥ ମହାନ୍ତି





ଉଠିଛି
ସବୁଜ

ତା'ର
ସାହି
ଝୁଆର

ସଫା
ମାଟିମ
ଭରି

ସୋମ
ଅପନ
ଉଠିଛି
ଚଉର
ଝୁଣା
ମାଟି

# ବସୁମାତା ସ୍ନାନ, ମୋର ଜନ୍ମଦିନ

ଆଷାଢ଼ ମାସର ଆରମ୍ଭ । ନୂଆ ବର୍ଷାରେ ମଲା ମାଟି ଜୀଇଁ ଉଠିଛି । ଚେଇଁ ଉଠିଛି ଶୁଖିଲା ଗଛଲତା । ନଈପାହାଡ଼, ବିଲବାଡ଼ି, ଗାଁଗଣ୍ଡା ଆଦି ଚଉଦିଗ ଦିଶୁଚି ସବୁଜସୁନ୍ଦର । ସତେ ଯେମିତି ହସି ଉଠୁଚି ମାଟି ମାଆ !

ରଜପରବ । ସବୁରି ଘରେ କେତେ ଆନନ୍ଦ ଉତ୍ସବ । ଓଡ଼ିଆ ମାତ୍ରେ କି ଭୁଲିପାରେ ତା'ର ରଜମଉଜ ! ଦୂର ଦେଶରେ ରହିଲେ ବି ସେ ଗାଁ ଭୂଇଁକୁ ଫେରିଆସେ । ସହରର ସାହି ପଡ଼ା ବି ମନେପଡ଼େ । ଆସି ପାରିଲେ କେତେ ଆନନ୍ଦ ! ମନରେ ସୁଖଶାନ୍ତିର ଜୁଆର ଖେଳିଯାଏ । ଏବେ ଏସବୁ ବଦଳି ଯାଉଛି ।

ଆଜି ମାଟି ମାଆର ମଉଚ୍ଛବ । ବସୁମାତା ସ୍ନାନ । ବସୁଧା ମାଆ ଗାଧୋଇ, ସଫାସୁତରା ହୋଇଉଠେ । ଭୂଇଁମାଆର ପୂଜାରଜା ହୁଏ । ଆଜି ମଣିଷର ମାଆ ମାଟିମାଆକୁ ମଥା ନୁଆଁଇ କହିବ– ମାଆଲୋ ତୁ ଖୁସି ହୁଅ । ଫୁଲଫଳରେ ଗଛଲତା ଭରିଦେ' । ସୁନାର ଫସଲରେ କ୍ଷେତବାଡ଼ି ହସିଉଠୁ । ସକଳେ ସୁଖଶାନ୍ତିରେ ରହନ୍ତୁ ।

୧୯୩୫ ମସିହାର ସେମିତି ଗୋଟିଏ ଶୁଭଦିନ । ଜୁନ୍ ମାସର ୧୭ ତାରିଖ ସୋମବାର । ବସୁଧା ମାତାର ସ୍ନାନ ଦିନ । ପୁରୀ ଜିଲ୍ଲାର ଗୋପଥାନାରେ ଗୋଟିଏ ଅପନ୍ତରା ଗାଁ ଜଙ୍ଗଲବୋରୀ । ସେଇ ଗାଁର ଏକ ଝାଟିମାଟି ଚାଳଘରେ ମାଆଟିଏ ଭୋରରୁ ଉଠିଛି । ଗାଧୋଇ ସାରି ମାଟିମାଆର ପୂଜା ପାଇଁ ଘର ଅଗଣା ଲେପି ଦେଇଛି । ଚଉରାମୂଳେ କାଠ ପିଢ଼ାଟିଏ ଧୋଇ ଫୁଲଚନ୍ଦନ ଦେଇଛି, ଧୂପଦୀପ ସଜାଇ ଦେଇଛି । ଝୁଣା ଧୂଆଁରେ ଛୋଟ ଘରଟି ମହକି ଉଠିଛି । ଦୀପଟି ଜଳାଇ ସେ ହୁଳହୁଳି ଦେଇଛି । ମାଟିମାଆର ପୂଜା କରିଛି । ଭୂଇଁ ଉପରେ ଆଣ୍ଠୋଇ ପଡ଼ି ସେ ମୁଣ୍ଡିଆଟିଏ ମାରୁଛି ।

ଠିକ୍ ସେତିକି ବେଳକୁ ସେ ଅନୁଭବ କରିଛି ପେଟରେ ତା'ର ଯନ୍ତ୍ରଣା । ଏହା ତା ପାଇଁ ନୂଆ ଅନୁଭୂତି ନୁହେଁ । ଆଗରୁ ସେ ତିନି ଝିଅ ଓ ଦୁଇ ପୁଅଙ୍କୁ ଜନ୍ମ ଦେଇଛି । ଏଇ ପିଲାଟି ହେବ ତା'ର ଷଷ୍ଠ ସନ୍ତାନ । କେତୋଟି ମିନିଟ୍ ପରେ ଗୋଟିଏ କଅଁଳା ପିଲା କୁଆଁ କୁଆଁ କାନ୍ଦି ଉଠିଛି ।

ଜଣେ ପଣ୍ଡିତ ଥରେ କହିଥିଲେ - ତୁମେ ଦୁନିଆକୁ ଆସିଲା ବେଳେ କାନ୍ଦି କାନ୍ଦି ଆସ ଆଉ ଅନ୍ୟମାନେ ହସିଉଠନ୍ତି । ମାତ୍ର ତୁମେ ଏମିତି କାମସବୁ କରିଯିବ ଯେ ଏଇ ଦୁନିଆରୁ ବିଦାୟ ନେଲାବେଳେ ତୁମେ ହସିହସି ଚାଲିଯିବ, ଆଉ ସମସ୍ତେ ତୁମ ପାଇଁ କାନ୍ଦିବେ । ଏଇ କଥାଟିର ସାର ହେଲା - ତୁମେ ଏଇ ଦେଶର, ଏଇ ସମାଜର, ଏଇ ସାଇପଡ଼ିଶାଙ୍କର ଏମିତି ଉପକାର କରିବ, ଏମିତି ଭଲ କାମ କରିଯିବ ଯେ ତୁମେ ସବୁଦିନ ପାଇଁ ଯେତେବେଳେ ଆଖିବୁଜିଦେବ, ସେତେବେଳେ ସମସ୍ତେ ଦୁଃଖିତ ହେବେ, ମନେ ପକାଇବେ ।

ଏଇ ଯେଉଁ ପିଲାଟି ସେଦିନ କୁଆଁ କୁଆଁ କାନ୍ଦି ତା'ର ମାଆ କୋଳର ମାଟିମାଆ କୋଳକୁ ଆସିଥିଲା, ସେ ହେଉଛି ମୁଁ ନିଜେ । ସେତେବେଳେ କାହାକୁ ହସାଇଥିଲି କି ନାହିଁ, ମୁଁ ଜାଣି ନାହିଁ । ସବୁଦିନ ପାଇଁ ଏ ଦୁନିଆରୁ ଗଲାବେଳେ କାହାକୁ କନ୍ଦାଇ ପାରିବି କି ନାହିଁ ମୁଁ ଜାଣିପାରିବି ନାହିଁ । ତେବେ ବଞ୍ଚିଥିବା ଯାଏ କୋଡ଼ିଏଟି ଭଲ କାମ କରିଯିବି, ଏହା ମୋର ଇଚ୍ଛା, ମୋର କାମନା ।

ମୋ ମାଆ, ଯାହାକୁ ମୁଁ ପରେ "ବୋଉ" ବୋଲି ଡାକିଲି ତା'ର ନାଁ ମାଣିକ ଆଉ ବାପାଙ୍କ ନାଁ ବିଶ୍ୱନାଥ । ବୋଉ ମୋର ଗରିବ ଘରର ଝିଅ ଆଉ ଆସିଥିଲା ସେଇପରି ଏକ ଘରକୁ । ତେଣୁ ବୋଉ ଓ ବାପା କେହି ଚାହାଳିକୁ ଯାଇ ନଥିଲେ କି ଘରେ ପାଠଶାଠ ପଢ଼ିନଥିଲେ । ଆଜିକାଲି ପରି ସେତେବେଳେ ପାଠ ପଢ଼ିବାର ଏତେଟା ସୁବିଧା ଗାଁ ଗହଳିରେ ନଥିଲା । ସେଥିପାଇଁ ସେମାନେ ନିଜର ଦସ୍ତଖତ ମଧ୍ୟ କରି ପାରୁ ନଥିଲେ । ସମ୍ଭବତଃ ଟିପଚିହ୍ନ ଦେଇ ସେମାନେ ଏହି ଅଭାବ ପୂରଣ କରୁଥିଲେ ।

ଆମ ସାହିରେ ପିଲା ଜନ୍ମ ହେଲେ, ତା'ର ନାମ ଦିଅନ୍ତି ପଡ଼ିଶା ଘରର ବଡ଼ଭାଉଜ କୌଶଲ୍ୟା । ବଡ଼ ବାପାଙ୍କ ପୁଅ ସାଧୁଭାଇଙ୍କର ସେ ସ୍ତ୍ରୀ । ବେଶୀ ପାଠ ପଢ଼ିନଥିଲେ

ବି ସେ ଚିଠିପତ୍ର ଲେଖିପଢ଼ି ପାରୁଥିଲେ । ପୁନିଅ ପରବରେ ଗୀତ ବହି ଓ ପୂଜାବହି ପଢୁଥିଲେ । ପାଞ୍ଜି ଦେଖି ଭଲ ଦିନ ମନ୍ଦ ଦିନ କହୁଥିଲେ । ତେଣୁ ପିଲାଙ୍କ ଚେହେରା ଦେଖି ବାପା ମାଆର ମନକୁ ପାଇଲା ଭଳି ସେ ପିଲାଙ୍କ ନାଁ ବାଛି ଦେଉଥିଲେ ।

ମୋର ସବା ବଡ଼ଭଉଣୀର ନାଁ ଶକୁନ୍ତଳା । ତା ତଳେ ବଡ଼ ଭାଇ ଭୋଳାନାଥ ବା ଯଦୁମଣି, ମଝିଆ ଭାଇଙ୍କ ନାଁ ସୋମନାଥ । ତାଙ୍କ ତଳେ ଆଉ ଦୁଇ ଭଉଣୀ ସୁଶୀଳା ଓ ବିମଳା । ତେଣୁ ମୁଁ କଳା ହୋଇଥିବାରୁ ଆଉ ଅନ୍ୟ ଭାଇମାନଙ୍କ ନାଁ ସହିତ ତାଳ ଦେଇ ମୋର ନାଁ ଥିଲା ଜଗନ୍ନାଥ । ଜାତକରେ ପୁଣି ମୋ ରାଶି ନାଁ ଥିଲା ଭୋଳାନାଥ । ଗୋଟିଏ ଶୁଭଦିନ, ଭଲବେଳାରେ ମୋର ଜନ୍ମ ହୋଇଥିବାରୁ ଏହାକୁ ସମସ୍ତେ ଜଗନ୍ନାଥଙ୍କ ଆଶୀର୍ବାଦ ବୋଲି ଭାବିଥିଲେ, ଖୁସି ହୋଇଥିଲେ ।

# ଆମ ଗାଁଗଣ୍ଡା, ସାଇପଡ଼ିଶା

ମୋର ଜନ୍ମହେଲା ଜଙ୍ଗଲବୋରୀ ବା ଭୁରୁଭୁରା ଗାଁରେ। ମୁଁ ତାକୁ କହେ ଜଙ୍ଗଲପୁରୀ। କାରଣ ଆଗେ ଆମ ଅଂଚଳ ଘନ ଜଙ୍ଗଲରେ ପୂର୍ଣ୍ଣ ଥିଲା। ତେଣୁ ତା ଭିତରେ ଏଇ ଗାଁ ଗଢ଼ି ଉଠିଥିବାରୁ ତାକୁ ଜଙ୍ଗଲପୁର ବା ଜଙ୍ଗଲପୁରୀ କୁହାଯାଉଥିଲା। କାଳକ୍ରମେ ବିଶେଷତଃ ଇଂରେଜଙ୍କ ଶାସନ କାଳରେ ଏହା ଜଙ୍ଗଲବୋରୀ ହେବା ସ୍ୱାଭାବିକ।

ଆମ ଗାଁଟି କ'ଣ ଆମରି ସାରା ଅଂଚଳଟି ଥିଲା ସତେ ଖୁବ୍ ଅପନ୍ତରା। ଗାଁକୁ ରାସ୍ତାଘାଟ ନଥିଲା। ହିଡ଼ବାଡ଼ ବା ଗୋହିରୀ ରାସ୍ତା। ବର୍ଷା ହେଲେ କାଦୁଅ ପଚ ପଚ ରାସ୍ତା। ସେଥିରେ ଯିବା ଆସିବା କରିବାକୁ ହୋଇଥାଏ। ଗୋରୁ ଗାଈମାନେ ସେଇ ଅଣଓସାରିଆ ରାସ୍ତାରେ ବାହାରକୁ ଚରାବୁଲା କରିବାକୁ ଯା'ନ୍ତି। କେତେକ ଥଟ୍ଟାରେ କହନ୍ତି ବର୍ଷାଦିନେ ଆମ ଗାଁ ଭୁରୁଭୁରୁ ହେଉଥିବାରୁ ତାର ନାଁ ହୋଇଥିଲା ଭୁରୁଭୁରା।

ଆମ ଗାଁଟିରେ ତିନୋଟି ସାଇ ଥିଲା। ଆମ ସାହିଟି କରଣ ସାଇ। ଆମଠାରୁ କିଛି ଦୂରରେ ରାଉତ ସାଇ। ଆଗରେ ଗୋଟିଏ ବଡ଼ ପୋଖରୀ। ତା ଆରପଟେ ଖଟୋଇ ସାଇ। ସମସ୍ତେ ମିଳିମିଶି ଚଳନ୍ତି। ବଡ଼ସାନ ଭେଦଭାବ ନଥାଏ। ପୁନିଅଁପରବ, ବାହାଘର, ଓ ଶୁଦ୍ଧଶ୍ରାଦ୍ଧରେ ଏକାଠି ଭୋଜିଭାତ ଖା'ନ୍ତି। ଆମ ଗାଁରୁ କିଛି ଦୂରରେ ବିଲବାଡ଼ି। ସୁନାଖିଲ ଗହୀର। ଦକ୍ଷିଣ ପଶ୍ଚିମ ଦିଗରେ ଅନେକ ଭୋଇ ଘର, ଗୋଟିଏ ଧୋବା ଘର। ସେମାନେ ଆମର ମୂଲ ଲାଗୁଥିଲେ, ବୋଲହାକ କରୁଥିଲେ, ପୂଜାପରବରେ ପିଠାପଣା ନେଉଥିଲେ। ସୁବିଧା ଅସୁବିଧାରେ ଧାରକରଜ ନେଉଥିଲେ।

ଉତ୍ତର ପୂର୍ବ ଦିଗରେ ପଠାଣ ସାଇ, ରଙ୍ଗାତୋଟା। ବାଉଁଶବଣ ଭିତରେ ସେମାନଙ୍କ ଗାଁ ଗଣ୍ଡା, ମସଜିଦ୍, ସମାଧି ସବୁକିଛି। ସେମାନେ ନମାଜ ପଢ଼ିଲେ ଆମେ ଶୁଣୁ। ସେମାନଙ୍କର ପିଲାମାନେ ଆମର ସାଙ୍ଗସାଥୀ। ଏକା ସ୍କୁଲ୍‌ରେ ପାଠପଢ଼ୁ, ଖେଳାବୁଲା କରୁ। ସୁଖଦୁଃଖରେ ଏକାଠି ଚଳୁ। କାହାକୁ ସାର୍ ମାଡ଼ଦେଲେ ଆମ ମନରେ ଦୁଃଖ ହୁଏ। ରଙ୍ଗାତୋଟା ଆଉ ଆମ ଗାଁକୁ ଲାଗି ବାରବିଲ। ଲମ୍ବିଯାଇଛି କାହିଁ କେତେଦୂର !

କରଣ ସାଇରେ ଚାରୋଟି ମାତ୍ର ଘର। ଆମର ଚଳିବା ଅବସ୍ଥା କେତେବେଳେ କ'ଣ ଥିଲା କେଜାଣି, ମୋ ପିଲାଦିନେ ଅବସ୍ଥା ଏତେ ଭଲ ନଥିଲା। ହେଲେ, କେଜାଣି କାହିଁକି ଆମକୁ ''କାର୍ଜି'' ବୋଲି ସମସ୍ତେ ଡାକନ୍ତି। ମୁଁ ତାର ଅର୍ଥ ନବୁଝି ଥରେ କାହାକୁ ପଚାରିବାକୁ ସେ କହିଥିଲେ- ଜମିଦାରଙ୍କ ପାଖରେ ଆମ ବଂଶର କେହି ଗୁମାସ୍ତା ଥିଲେ। ଲୋକଙ୍କ ଭିତରେ ଗଣ୍ଡଗୋଳ ବା କଳିକଜିଆ ହେଲେ ସେ ବିଚାର କରନ୍ତି। ନ୍ୟାୟ ବିଚାର ହେଉଥିବାରୁ ତାଙ୍କୁ କାର୍ଜି ବା ବିଚାରପତି ଉପାଧି ମିଳିଥିଲା। ଗୁମାସ୍ତା ସିନା ଗଲେ, କାର୍ଜି ଉପାଧିଟି ବହୁଦିନ ପାଇଁ ରହିଲା। କେତେଖଣ୍ଡି ଗାଁରେ ଆମ ବଂଶର ନାଁ ଥିଲା, ଖାତିର ଥିଲା।

ଗାଁଟିରେ ମେଳାମଉଛବ ହେଲେ ଆମେ ପିଲାମାନେ ଆନନ୍ଦରେ କୁରୁଳି ଉଠୁ। ଭୂଇଁରେ ଆମର ପାଦ ଲାଗେ ନାହିଁ। ଭୋଜିଭାତ, ପିଠାପଣା ଖାଇବା, ଯାତ ଦେଖିବା, ମେଲଣରେ ବୁଲିବା, ପାଲା ଦାସକାଠିଆ ଦେଖିବାକୁ ଭାରି ମଜା ଲାଗେ। ଦୋଲ ପୁନିଅଁରେ ଗଉଡ଼ମାନେ ଆସି ଲଉଡ଼ିଖେଳ କରନ୍ତି। କେଉଟମାନେ ଚଇତି ପର୍ବରେ ଆସି ଘୋଡ଼ା ନାଚ କରନ୍ତି, ଗୀତ ଗାଇ ନାଚନ୍ତି। ପଠାଣମାନେ କେତେବେଳେ କୁସ୍ତିକସରତ, ବାଡ଼ିଖେଳ କରିଥାନ୍ତି। ହାଡ଼ିମାନେ ଢୋଲମହୁରୀ ବଜାଇ ବକ୍ସିସ୍ ନିଅନ୍ତି। କେଳାମାନେ ମାଟିରେ ମୁଣ୍ଡପୋତି, ବାଉଁଶ ଦଉଡ଼ି ଉପରେ ଚାଲି ଆମକୁ ଆଶ୍ଚର୍ଯ୍ୟ କରିଦିଅନ୍ତି। ପାତିମାଙ୍କଡ଼, ସାପ, ନେଉଳ, ମୁଷା ଆଦି ଜୀବଜନ୍ତୁଙ୍କୁ ଖେଳାଇ କେଳାମାନେ ପିଲାମାନଙ୍କୁ ହସାନ୍ତି। ଚାଉଳ ପଇସା ନିଅନ୍ତି।

ଆମ ଦାଣ୍ଡ ପୋଖରୀ ଖୁବ୍ ବଡ଼। ତାର ପାଣି କାଚକେନ୍ଦୁ ପରି ନିର୍ମଳ। ଧୋବ ଫରଫର କଇଁଫୁଲ ତାରାପରି ଫୁଟିଉଠେ। ମାଛରଙ୍କା, ଜଳପିମ୍ପୁଡ଼ି, ଗଙ୍ଗେଇ, ହଂସରାଡ଼ି, ପାଣିକୁଆ ଆଦି ଚଢ଼େଇମାନେ ନାନା ପ୍ରକାର ଶବ୍ଦ କରି ଦିନରାତି ପୋଖରୀଟିକୁ ସଜୀବ ସୁନ୍ଦର କରିଥାନ୍ତି। ଏମାନଙ୍କର ନାନା ଭଙ୍ଗୀରେ ମାଛ ଶିକାର ଦେଖିବାକୁ ଭାରି ମଜା ଲାଗେ। ଖରାଦିନେ ସେଇ ପୋଖରୀ ଉପରେ ଶୀତଳ ପବନ ବହିଆସେ। ଥରେ ଥରେ ତା'ସାଥିରେ ଜଳକଣାମାନ ମଧ୍ୟ ଭାସି ଆସେ। ଝାଳବୁହା ଦେହରେ ତାହା ଲାଗିଲେ କେତେ ଭଲ ଲାଗେ। ଟିକିଟିକି ଲହରୀମାଳା ଉପରେ ଖରାପଡ଼ି ଝିଲ୍‌ମିଲ୍ କରେ। ପୋଖରୀ ପାଣିରେ ଅସୁମାରି ଉଜ୍ଜ୍ୱଳ ତାରାସବୁ ହସିଉଠେ।

●●●

# ଆମ ଯାତମେଳଣ, ଖେଳମଉଜର ଦିନ

ଅକ୍ଷୟ ତୃତୀୟାରେ ଆମର "ମୁଠି ଅନୁକୂଳ" ହୁଏ । ସେଦିନ ସକାଳୁ ଦୁଆର ଅଗଣା ଲିପାଯାଇ ଚିତା ପଡ଼େ । କଳସ ବସେ । ଧୂପଦୀପ ଫୁଲଚନ୍ଦନ ଆସେ । ଗୋଟିଏ ବେତର ଗଉଣୀରେ ଚିତା ପଡ଼େ । ସେଥିରେ ବିହନ ଭର୍ତ୍ତି ହୁଏ । ପୂଜାରଜା ହୁଏ । ସବୁ ସରିଲା ପରେ ହଳବଳଦ ସହିତ ଆମେ ବିଲକୁ ଯାଉ । ସେଠାରେ ଧାନବୁଣା ଆରମ୍ଭ ହୁଏ । ବାପା ଗଉଣୀଟି ଧରି ସେଥିରୁ ମୁଠାଏ ଲେଖାଁ ବିହନ ବିଲରେ ବୁଣନ୍ତି । ଏମିତି ମୁଠା ମୁଠା କରି ବହନ ବୁଣାଯାଉଥିବାରୁ, ଆଉ ସେଦିନଠାରୁ ଚାଷକାମ ଆରମ୍ଭ କରାଯାଏ ବୋଲି ସମ୍ଭବତଃ ଏହାକୁ ମୁଠି ଅନୁକୂଳ କହନ୍ତି ।

ଓଡ଼ିଆଘରେ ତାହା ଏକ ପବିତ୍ର ଦିନ । ପୁରୀରେ ତିନିଠାକୁରଙ୍କ ରଥ ମଧ୍ୟ ଏଇ ଅକ୍ଷୟ ତୃତୀୟାରେ ଆରମ୍ଭ ହୁଏ । ସେଇଦିନଠାରୁ ଆମ ଗାଁଗଣ୍ଡାରେ ଯାତମେଳଣସବୁ ଆରମ୍ଭ ହୁଏ । ଆମ ଘରଠାରୁ ଦୁଇ ତିନି କିଲୋମିଟର ଦୂରରେ ଅମରେଶ୍ୱର ମହାଦେବଙ୍କ ମନ୍ଦିର । ଆଗ ସେଠାରେ ବଡ଼ ମେଳା ବସେ । ବୈଶାଖ ପୂର୍ଣ୍ଣମୀରେ ରାମେଶ୍ୱର ମହାଦେବଙ୍କ ପାଖରେ ଗୋଟିଏ ବଡ଼ ମେଳା ବସେ । ଘଞ୍ଚ ବଣ ଭିତରେ ଏହା ବସୁଥିବାରୁ ଏହାକୁ "ବଣବୁଡ଼" ବି କୁହାଯାଏ । ଅଳ୍ପ ଦୂରରେ ପ୍ରାଚୀ ନଦୀ ବହିଯାଏ । ସକାଳୁ ଲୋକମାନେ ସେଇ ନଦୀରେ ଗାଧାନ୍ତି । ଏହାକୁ "ବୁଡ଼ ପକାଇବା" କୁହାଯାଏ । ପିଲାଠାରୁ ବଡ଼ଯାଏ ଗାଧୋଇ ସାରି ମହାଦେବଙ୍କର ଦର୍ଶନ କରନ୍ତି, ପୂଜାରଜା କରନ୍ତି । ଦିନ ଯେତେ ବଢ଼େ, ଯାତରେ ସେତେ ଭିଡ଼ ଜମେ । ନାନା ଆଡୁ କାଠ, ପଥର, ପ୍ଲାଷ୍ଟିକ୍, ବହିପତ୍ର ଆଦିର ଖେଳନା ଓ ଘରକରଣା ଜିନିଷମାନ ବିକ୍ରି ହୁଏ । ମାଟିର ରଙ୍ଗୀନ କଣ୍ଢେଇମାନ ମିଳେ । ଚା-ଜଳଖିଆ ଦୋକାନ, ଛୋଟ ଛୋଟ ହୋଟେଲ ଆଦି ଖୋଲିଯାଏ ।

ତା'ପରେ ଆସେ ଆମର ନୂଆହାଟ ମେଳଣ । ଆମ ଘରଠାରୁ ପ୍ରାୟ ଦୁଇ କିଲୋମିଟର ହେଲେ ବି ସେଠାରେ ଆମ ଗାଁର ଇଷ୍ଟଦେବୀ ବିଶିଠାକୁରାଣୀ । କେତେଖଣ୍ଡି ଗାଁର ସେ ଇଷ୍ଟଦେବୀ, ସବୁ ପରବ ବାହାଘର ଆଦି କାର୍ଯ୍ୟରେ ତାଙ୍କୁ ପ୍ରଥମେ ପୂଜାଯାଇ

ଅନୁକୂଳ କରାଯାଏ । ମେଳଣ ଦିନ ରାତିରୁ କେତେଖଣ୍ଡ ଗାଁରୁ ଠାକୁରମାନେ ଦୋଳ ବା "ବିମାନ" ରେ ଆସନ୍ତି । ଆଲୁଅ ଜାଳି, ବାଣ ମାରି, ବାଜା ବଜାଇ ଜୟଧ୍ୱନି ଦେଇ ଗାଁ ଲୋକେ ଠାକୁରମାନଙ୍କୁ ଆଣନ୍ତି । ସେସବୁ ଦେଖିବାକୁ ପିଲାମାନଙ୍କ ଆଖିରେ ବି ନିଦ ନଥାଏ । ସେମାନଙ୍କ ମନ ଉଚ୍ଚାଟ ହୁଏ, ଉଚ୍ଛନ୍ନ ହୁଏ ।

ମାଧବ ଆମ ଗାଁଠାରୁ ୮/୧୦ କିଲୋମିଟର ଦୂର । ହେଲେ, ଆମେ ପିଲାଏ ସେଠାର ଯାତ ଦେଖିବାକୁ ଧାଉଁ । ଦିଅଁଦେଖା ସାଥିରେ ଆମର "କଦଳୀ ବିକା" ହୁଏ । ଆରାମରେ ଖିଆପିଆ କରି ଖେଳଣା ଆଦି କିଣି ମନ ଖୁସିରେ ଆମେ ଯାତ ଦେଖା ସାରି ଘରକୁ ଫେରୁ । ସବୁଠୁଁ ମଜାଲାଗେ ଆମ ଘରଠାରୁ ୪/୫ ଖଣ୍ଡ ଧାନକିଆରୀ ପରେ ନୂଆପାଟଣା ମୁଣ୍ଡ 'ଯାତ' । ବିରାଟ ବରଗଛ, ଶାଖାପ୍ରଶାଖା ଆଦି ମେଲାଇ କେତେ ଏକର ଧରି ଛାଇ କରିଥାଏ । ତା'ତଳେ ଠାକୁରମାନେ ବସନ୍ତି । ପୂଜାରଜା ହୁଏ । ବାଦୀପାଲା ହୁଏ କେତେଦିନ ଧରି । ଦୋକାନ ବଜାର, ଖେଳତାମସା କେତେ କ'ଣ ପିଲାମାନଙ୍କ ପାଇଁ । ଭାରି ଭିଡ଼, ଖୁବ୍ ମଜା !

ମୁଁ କେତେଥର ଯାଇଛି ଦେବୀନଦୀକୂଳ ତିମୁହାଣୀ ଯାତକୁ । ଆମଘରଠାରୁ ୮/୯ କିଲୋମିଟର ଦୂର । ଚାଲିଚାଲି ଆମେ ବଡ଼ଙ୍କ ସାଥିରେ ସେଠାକୁ ଯାଉ । ଦୋଳପୁନିଅ ଦିନ ଗୋପାଳମାନଙ୍କର ବଡ଼ ମେଳା ହୁଏ । ବହୁ ଗାଁର ଗଉଡ଼ମାନେ ସେଠାକୁ ନୂଆ ଲୁଗାପଟା ପିନ୍ଧି ଭୋଗଧରି ଯା'ନ୍ତି । ବର୍ଷକ ମଧ୍ୟରେ ଏହା ସେମାନଙ୍କର ବଡ଼ ପରବ । ସକାଳୁ ଗାଈଗୋରୁଙ୍କୁ ଦେବୀ ନଈରେ ଗାଧୋଇ ପୂଜା କରାଯାଏ । ସଂଜରେ ଗୋପାଳମାନେ ସେଠାରେ ବାଡ଼ି ଧରି ଲଉଡ଼ିଖେଳ କରନ୍ତି । ତା'ପରେ ସମସ୍ତେ ଆଣିଥିବା ଚୁଡ଼ାଗୁଡ଼, ହୁଡୁମ୍, ଉଖୁଡ଼ା, ନଡ଼ିଆ, କଦଳୀ, ଛେନା ଆଦି ଭୋଗ କରାଯାଏ । ଦେବୀନଈରେ କାଳସୀ ଗାଧୋଇ କେତେପ୍ରକାର ପାଟିତୁଣ୍ଡ କରନ୍ତି । ସେମାନେ ମୁଣ୍ଡରେ ସିନ୍ଦୂର ମାରି ବେକରେ ଫୁଲମାଳ ପକାଇ ବେତବାଡ଼ି ଧରି କେତେ ଡିଆଁଡ଼େଇଁ କରନ୍ତି । କେତେ ଲୋକଙ୍କୁ କେତେ କଥା ବତାନ୍ତି । ଆମେ ପିଲାଏ ମଜାରେ ସେସବୁ ଦେଖୁ ।

ଦେବୀନଈର ଓସାରିଆ ଛାତିରେ ଅକାତକାତ କଳାବିମର ପାଣିର ସୁଅ ଛୁଟିଥାଏ । ପବନରେ ତା'ଉପରେ ଉଚ୍ଚା ଲହଡ଼ିମାନ ଉଠେ । କୂଳରେ ସେସବୁ ପିଟିହୋଇ ଅବୁଝା ସଂଗୀତ ଶୁଣାଏ । ତା'କୂଳରେ ମସ୍ତବଡ଼ ପଡ଼ିଆ । ଟାଣୁଆ ଭୂଇଁରେ କେତେଜାତିର

ଘାସବୁଦା । ତାକୁ କାଇଁକି କେଜାଣି "ପାଟ" କୁହାଯାଉଥିଲା । ସଞ୍ଜ ଲାଗିବା ପୂର୍ବରୁ ହଜାର ହଜାର ଲୋକ ସେଠାରେ ଜମା ହୋଇଥାନ୍ତି । ଗୋଟିଏ ଜାଗାରେ ଭୋଗସବୁ ଛୋଟ ପାହାଡ଼ଟିଏ ପରି ଗଦା ହୋଇଥାଏ । ଆମ୍ଭମାନଙ୍କୁ ଧାଡ଼ି କରି ବସିଯିବାକୁ କୁହାଯାଏ । ଆମେ ନିଜ ନିଜର ଲୁଗା ଗାମୁଛା, ଚଉଲିଆ ମେଲାଇ ବସିଯାଉ । ଜଣେ ଗୋଟିଏ ବୋଝ ବା ଟୋକେଇରେ ଭୋଗସବୁ ଧରି ଫୁର୍ତ୍ତି ଫୁର୍ତ୍ତି ଆଗେଇ ଚାଲନ୍ତି । ଆଉ ଜଣେ ତାଙ୍କ ପଛେ ପଛେ ଯାଇ ଦୁଇହାତ ଆଞ୍ଜୁଳାରେ ଯେତେଯାହା ଆସିଲା ପ୍ରତ୍ୟେକଙ୍କ ଲୁଗାକାନିରେ ବା ଅଣ୍ଟିରେ ଦେଇଯା'ନ୍ତି । ଯାହା ଭାଗ୍ୟରେ ଯାହା ପଡ଼ିଲା । କିଏ କଦଳୀଚୁଡ଼ା ତ କିଏ ନଡ଼ିଆ ହୁଡୁମ୍ବ, କିଏ ଗୁଡ଼ମେଞ୍ଚାଏ ତ କିଏ ଛେନାମୁଣ୍ଡାଏ ଚୁଡ଼ାଉଖୁଡ଼ାରୁ କିଛି ପାଇଥାନ୍ତି । ସବୁରି ମନ ଖୁସି ।

ପ୍ରାଚୀ, କୁଶଭଦ୍ରା ଓ ଦେବୀନଦୀର ମିଳନ ହୋଇଥିବାରୁ ସମ୍ଭବତଃ ଏଇ ସ୍ଥାନଟିକୁ ତିନିମୁହାଣୀ ବା ତିମୁହାଣୀ କୁହାଯାଏ । ଏବେ ଦେବୀ ନଈ ଉପରେ ପୋଲ ହେଉଛି । ଆଗେ ଯେଉଁ ମସ୍ତବଡ଼, ଆଖିନପାଉଥିବା ଘାସ ପଡ଼ିଆ 'ପାଟ'ରେ କିଛି ଚାଷ ହେଉନଥିଲା, ଏବେ ସେଠାରେ ବର୍ଷସାରା ସୁନାର ଫସଲ । ସବୁଜ ଲହରୀ କିଆରୀମାନଙ୍କରେ ଖେଳିଯାଉଛି । ଏବେ ସେଇ ମେଳଣ କିପରି ହେଉଛି, ମୋତେ ଜଣାନାହିଁ ।

ଆମ ଘର ପୁରୀ ଜିଲ୍ଲା ଗୋପଥାନାରେ ହେଲେବି କାକଟପୁର ଆମ ଗାଁକୁ ପାଖ । ଏହା ତିନିଚାରି କିଲୋମିଟର ହେଲେବି ବାଟ ଜଣାପଡ଼େ ନାହିଁ । ସତେ ଯେମିତି ବାଡ଼ି ତଳଟା ! କେତୋଟି ଗାଁ ଟପିଲେ କାକଟପୁର ମଙ୍ଗଳା ।

ଆମ ଗାଁଠାରୁ କିଛି ବାଟ ଗଲେ 'ପାଣିଛତ୍ର' ଗାଁ । ସମ୍ଭବତଃ ବହୁକାଳରୁ ସେଠାରେ ଗୋଟିଏ ବିରାଟ ବରଗଛ ମୂଳେ ବାଟୋଇମାନଙ୍କୁ ଜଳଦାନ କରାଯାଏ । ଏବେ ମଧ କାକଟପୁର ଯାତ୍ରାଦିନ ସେଠାରେ ଯାତଟିଏ ବସିଯାଏ । ବଟଗଛମୂଳେ କେତୋଟି ପଥର କୁଣ୍ଡ ଓ ବଡ଼ ମାଟି ହାଣ୍ଡିରେ ଦହିପାଣି, ଅଭଡ଼ା ତୋରାଣୀ, କଞ୍ଚାଲଙ୍କା, କମଳାଲେମ୍ବୁ ପତ୍ର ପଡ଼ିଥାଏ । ଖରାଦିନ । ଗମ୍ ଗମ୍ ଝାଳ ବହିଯାଏ । ତେଣୁ ଭାରି ଶୋଷ ହୁଏ । ଏଇ 'ଅଭଡ଼ା ପାଣି' ଅମୃତ ପରି ଲଗେ । ମନବୋଧ କରି ଯିଏ ଯେତେ ପିଇଲେ ମଧ୍ୟ କାହାର ଆପତ୍ତି ନାହିଁ । ଆମପରି ପିଲାମାନଙ୍କୁ ଭାରି ମଜା । ରାଗ ହେଲେ ବି ଛାଡୁ ନାହିଁ ।

ଚଇତ ମାସର ପ୍ରତି ମଙ୍ଗଳବାର ଦିନ ମା' ମଙ୍ଗଳାଙ୍କ ଯାତ୍ରା ବସେ କାକଟପୁରରେ । ଓଡ଼ିଶାର କେତେଆଡୁ ସେଠାକୁ ଯାତ୍ରୀମାନେ ଆସନ୍ତି । କେତେକ ଦୋକାନ ତ ମାସ ସାରା ରହିଯାଏ । ପ୍ରାଚୀ ନଈକୂଳ । ସକାଳୁ ଯାଇ କେତେଲୋକ ସେଠାରେ ବୁଡ଼ ପକାଇ ମଙ୍ଗଳାଙ୍କ ଦର୍ଶନ କରନ୍ତି । ଆଉ କେତେଜଣ ବିପଦବେଳେ ଠାକୁରାଣୀଙ୍କୁ ଯାଚିଥିବା ମେଣ୍ଢା ଓ ଛେଳି ବୋଦାଙ୍କୁ ଧରି ଆସନ୍ତି । କାକଟପୁର ଆଣି ବଳି ପକାନ୍ତି । ଘରଲୋକ, ସାଇପଡ଼ିଶା ଭାଇ, ସାଙ୍ଗସାଥୀମାନଙ୍କୁ ଧରି ଭଲ ଭୋଜିଟିଏ କରନ୍ତି । ଠାକୁରାଣୀଙ୍କ ନାଁ, ସେମାନଙ୍କର ଗାଁ । ଏବେ ସେସବୁ କମିଗଲାଣି ।

ସେତେବେଳେ ପ୍ରାଚୀକୂଳରେ ଘନ ଜଙ୍ଗଲ ଥାଏ । ମଙ୍ଗଳାଙ୍କ ମନ୍ଦିର ଭିତରେ ଭାଲୁମାନେ ପଶିଯାନ୍ତି । ଗୁରୁବାର ଦିନ ସେମାନଙ୍କୁ ଜ୍ୱର ହୁଏ, ସେମାନେ ଜଙ୍ଗଲରେ ଶୋଇ ଘୁଡୁଘୁଡୁ ହେଉଥାନ୍ତି । ଖିଆପିଆ ଛାଡ଼ି ଦେଇଥାନ୍ତି ବୋଲି ଆମେ ଶୁଣୁ । ଚଇତମାସର ଶେଷ ମଙ୍ଗଳବାର ଦିନ ମା'ମଙ୍ଗଳାଙ୍କ ଝାମୁଯାତ୍ରା ହୁଏ । ରଡ଼ ନିଆଁ ଉପରେ କେତେକ ଭକ୍ତ ଖାଲିଗୋଡ଼ରେ ଚାଲିଯାନ୍ତି । ଦିଅଁଙ୍କ ମହିମାରୁ ସେମାନେ ଏମିତି କରିପାରନ୍ତି ବୋଲି ଆମଙ୍କୁ କୁହାଯାଏ । ମାତ୍ର ବହୁତ ଝୁଣା ସେଇ ରଡ଼ନିଆଁ ଉପରେ ପକାଯାଏ, ତେଣୁ ନିଆଁର ଉତ୍ତାପ କମିଯାଏ ବୋଲି କୁହାଯାଏ ।

ତେବେ ଯାହା ହେଉ, ସେଦିନ ହଜାର ହଜାର ଯାତ୍ରୀ ଏଇ ଝାମୁଯାତ୍ରାକୁ ଯାଇଥା'ନ୍ତି । ନାନପ୍ରକାର ଦୋକାନ ବଜାର, ଛୋଟ ଛୋଟ ସର୍କସ, ଯାତ୍ରା, ପାଲା, ସଂକୀର୍ତ୍ତନ ଆଦି ଚାଲେ । ମନୋରଞ୍ଜନ ସହିତ ଭଲ ଖିଆପିଆ ହୁଏ । ନାନା ପ୍ରକାର ଲୋଭନୀୟ ଦରବ ଧରି 'ଜଳଖିଆ' ଦୋକାନମାନ ମେଳିଥାଏ । ପିଲାବଡ଼ ସବୁରି ମନଲାଖି କେତେ କ'ଣ ଜିନିଷପତ୍ର କିଣିବାକୁ ମିଳେ ।

ଆମ ଗାଁଠାରୁ କୋଣାର୍କ ୧୦/୧୫ କିଲୋମିଟର ସିଧା ରାସ୍ତାରେ । ବିଲବାଡ଼ି, ନଈନାଳ ପାରିହୋଇ ଯିବାକୁ ପଡ଼େ । ଭଲ ରାସ୍ତା ତ ନଥିଲା । କୋଣାର୍କର ନବଗ୍ରହମାନଙ୍କର ପୂଜାରଜା ତ ସବୁଦିନ ଚାଲେ । ତେବେ ସଂକ୍ରାନ୍ତି, ସୋମବାର ଓ ଶନିବାର ଦିନ ଭାରି ଭିଡ଼ ହୁଏ । ମାଘ ମାସରେ ଶ୍ରୀପଞ୍ଚମୀ ତଥା ସରସ୍ୱତୀ ପୂଜା, ଦିନକ ପରେ ସପ୍ତମୀ ମେଳା ହୁଏ । ଆମେ ପିଲାଏ କେତେଜଣ ବଡ଼ଙ୍କ ସାଥିରେ ଏହି ମେଳାକୁ ଚାଲି ଚାଲି ଯାଉ । ଭୋରରୁ ସେଠାରେ ବୁଡ଼ ପକାଇବାକୁ ହୁଏ ବୋଲି

ଅଧିକାଂଶ ଯାତ୍ରୀ ଆଗ ଦିନରୁ ଯାଇ ରାତିରେ ସେଠା ସମୁଦ୍ର କୂଳରେ ବାଲିଶେଯରେ ଶୋଇଯାନ୍ତି । ସେଠାରେ ଚୁଲା ଖୋଳି ବା ଝାଉଁବଣରେ ରୋଷେଇବାସ କରି ଖା'ନ୍ତି ।

ଆଖପାଖ ଗାଁର ଲୋକମାନେ ଘରେ ଖାଇ ରାତିରେ ଚାଲି ଚାଲି ଯାଇ ବିଶ୍ରାମ ନିଅନ୍ତି । ସମୁଦ୍ର କୂଳରେ ଭାରି ଭିଡ଼ ଜମିଯାଏ । ଶୀତ ଦିନ । ମାତ୍ର ଶୀତକୁ ଖାତିର ନାହିଁ । ବାଲି ଆଡ଼େଇ ଲୋକମାନେ ଟୁବ ଖୋଳିଥାନ୍ତି । ଆଗେ ସେଠାରେ ଏକ ବଡ଼ ପୋଖରୀ ଥିଲା । ଏବେ ଛୋଟ ଆକାରରେ ଅଛି । ଚନ୍ଦ୍ରଭାଗା ନଈର ମୁହାଣ ବୋଲି କୁହାଯାଏ । ତେଣୁ ଏହି ମେଳାକୁ ଚନ୍ଦ୍ରଭାଗା ଯାତ୍ରା ବୋଲି କୁହାଯାଏ । ଆଗେ ସେଠାର ନଈ ଆଉ ପରେ ପୋଖରୀଟିରେ ହଜାର ହଜାର ଯାତ୍ରୀ ବୁଡ଼ ପକାନ୍ତି । ତୀର୍ଥଜଳ ଖୁବ୍ ପବିତ୍ର । ସବୁ ପାପତାପ ଧୋଇହୋଇଯାଏ । ଏବେ ସେଇ ପୋଖରୀ ପୋତି ହୋଇ ଆସିଲାଣି । ମାତ୍ର ଏଥିରେ ବୁଡ଼ ପକାଇବାକୁ ବହୁଯାତ୍ରୀ ଆଗଭର ହୋଇଥାନ୍ତି ।

ସପ୍ତମୀ ମେଳାର ସବୁଠୁଁ ବଡ଼ ଆକର୍ଷଣ ହୋଇଥାଏ ସୂର୍ଯ୍ୟୋଦୟର ଦୃଶ୍ୟ । ପୂର୍ବ ଆକାଶରେ ସିନ୍ଦୂରା ଫାଟିଯାଏ । ଆକାଶରେ ନାଲି ରଙ୍ଗର ବଉଦ ଦିଶେ । ସମୁଦ୍ର ପାଣି ମଧ୍ୟ ଲାଲ ଦେଖାଯାଏ । ମସ୍ତବଡ଼ ଲାଲ ପିଣ୍ଡୁଳା ବା ବଡ଼ ନାଲି ବେଲୁନ୍ ପରି ସୂର୍ଯ୍ୟ ଦରିଆର ନେଳିଆ ପାଣିରେ ଭାସିଉଠେ । ସମୁଦ୍ରରୁ ଉଠି ହଠାତ୍ ଆକାଶରେ ଦେଖାଯିବାରୁ ସୂର୍ଯ୍ୟ କଅଁଳା ବାଛୁରୀଟିଏ ହୋଇ ଡେଇଁ ପଡ଼ିଲା ବୋଲି ଲୋକେ କହନ୍ତି । ଆସ୍ତେ ଆସ୍ତେ ଚଉଦିଗରେ ସୁନେଲି କିରଣ ବିଞ୍ଚି ହୋଇପଡ଼େ ।

ଆମେ ସମୁଦ୍ରର ସରୁ ବାଲିର ହଳଦିଆ ଶେଯରେ କୁଜି କଙ୍କଡ଼ାମାନଙ୍କ ସହିତ ଖେଳୁ । ଶୁଖିଲା ଗୁଡୁକଙ୍କ ଫୁଲକୁ ପବନରେ ଉଡାଉ । ଭୂଇଁ ଉପରେ ଛାଡିଦେଲେ କେତେବାଟ ସେ ଗଡ଼ିଗଡ଼ି ଚାଲିଯାଏ । ଭାରିମଜା ଲଗେ । ନବଗ୍ରହଙ୍କ ଦର୍ଶନ କରୁଁ, ପୂଜାରଜା, ଭୋଗରାଗ କରୁଁ । ତା'ପରେ ମେଳାଭିତରେ ବୁଲି, କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଦେଖି ଗାଁକୁ ଫେରୁ । ବାଟଯାକ ଝାଉଁବଣ, ବିଲବାଡ଼ି, ଆମ୍ବନଡ଼ିଆ ତୋଟା ସବୁ ପଡ଼େ । ବାଟରେ ପଇଡ଼ ପିଉ ଆଉ ତା'ର ଶସ ଖାଉ । ବାଟଚଲା ଶ୍ରମ ଦୂର ହୋଇଯାଏ । ମନରେ ଆମର ଅସୁମାରି ଆନନ୍ଦ ଓ ଶାନ୍ତି ଭରିଯାଏ । ଏବେ ବି ସେଇଦିନର ଯାତଦେଖା ଭାରି ମନେପଡ଼େ ।

●●●

# ନିଆଁପାଣି ଓ ଭାଡ଼ିରୁ ଖସିପଡ଼ିବାର ବିପଦ

ସମ୍ଭବତଃ ସେତେବେଳେ ମୋର ବୟସ ଦୁଇ ତିନିବର୍ଷ ହେବ । ଦୁଇ ହାତରେ ମୋର ଥିଲା ଦୁଇଟି ସରୁ ରୂପା ଖଡ୍ଡୁ । ଆଗେ ଛୋଟ ଛୋଟ ପିଲା ହାତରେ ଖଡ୍ଡୁ, ମୁଣ୍ଡରେ ଲମ୍ବ ବାଳ ଓ ବେକରେ ଡେଉଁରିଆ ଆଦି ପନ୍ଧୁଥିଲେ ।

ଦିନକର କଥା । ବୋଉ ମୋର କ'ଣ ଜାଉ ରାନ୍ଧିଥିଲା । ଖୁବ୍ ଗରମ ହୋଇଥିବାରୁ ଗୋଟିଏ ଥାଳିରେ ବାଢ଼ି ଦେଇଥିଲା । ଥଣ୍ଡା ହେଲେ ଖାଇବା କଥା । ମୁଁ କିନ୍ତୁ ଖାଇବାକୁ ଅସମ୍ଭାଳ । ବୋଉ ରୋଷଘରେ ତା' କାମରେ ବ୍ୟସ୍ତ । ମୁଁ ଥାଳିରେ ବଢ଼ା ହୋଇଥିବା ଗରମ ଜାଉକୁ ଫୁଙ୍କିବାରେ ଲାଗିଗଲି । ନଇଁ ପଡ଼ି ଫୁଙ୍କିଲାବେଳେ ଟକ ଟକ ତତଲା ଜାଉ ଉପରେ ପଡ଼ିଯାଇ ରଡ଼ିପକାଇ କାନ୍ଦିଲି । ଥାଳିରୁ ଉଠିବା ବି ସମ୍ଭବ ହେଲା ନାହିଁ । ବୋଉ ମୋ ପାଟି ଶୁଣି ଧାଇଁ ଆସିଲା । ମୋତେ ଥାଳି ଉପରୁ ଉଠାଇନେଲା ।

ହେଲେ, ମୋର ବାଁ ପଟ ଛାତି ଓ ବାଁ ହାତର ଅଧେ ଖୁବ୍ ଜୋର୍‌ରେ ତତଲା ଜାଉରେ ସିଝିଗଲା । ବଡ଼ ବଡ଼ ଫୋଟକା ବାହାରି ପଡ଼ିଲା । ମୋ ବାଁ ହାତରୁ ଖଡ୍ଡୁଟି ବାହାର କରି ଦିଆଗଲା । ମୋ ଛାତି ଓ ହାତରୁ ଗୋଟିଏ ଚମଡ଼ା ଉତୁରିଗଲା । ପୋଡ଼ାଘାଆର ଯନ୍ତ୍ରଣାରେ ମୁଁ ରଡ଼ିବୋବାଳି ପକାଇଲି । ମୋର ମନେ ପଡୁଛି ମୋତେ କାନ୍ଧରେ ବସାଇ ଗୋଟିଏ ଡାକ୍ତରଖାନା ନିଆଗଲା । ସେତେବେଳେ ଆମ ନୂଆହାଟରେ ତ ଡାକ୍ତରଖାନା ନଥିଲା । ସମ୍ଭବତଃ କାକଟପୁର ଡାକ୍ତରଖାନାକୁ ନିଆଗଲା । ଯାନବାହାନ ବି ଗାଁ ମଫସଲରେ କିଛି ନଥିଲା । ତେଣୁ କାନ୍ଧରେ ମୋତେ ନେବା ଛଡ଼ା ଅନ୍ୟ ଉପାୟ ନଥିଲା ।

କାକଟପୁର ଆମ ଘରଠାରୁ ପ୍ରାୟ ୫ କିଲୋମିଟର ଦୂର । ଔଷଧପତ୍ର ଲଗାଇ ଡାକ୍ତରଖାନାରୁ ଘରକୁ ଫେରିଲି । ସେତେବେଳେ ହୁଏତ ଡାକ୍ତରଖାନାରେ ରୋଗୀ ରହିବାର ସୁବିଧା ନଥିଲା । ମୁଁ ଘରେ ପ୍ରାୟ ମାସେ କାଳ ପଡ଼ି ରହିଲି । ମାଛି ଲାଗିବାରୁ ମଶାରି ଭିତରେ ଶୋଇଲି । ଔଷଧପତ୍ର ପୋଡ଼ା ଘା'ରେ ବୋଳା ହେଲା । ଦେହରୁ ଘାଆ ସିନା ଶୁଖିଲା । ହେଲେ ତା'ର ଦାଗ ଏଯାଏ ମୋର ହାତ ଓ ଛାତିରୁ ଲିଭିନାହିଁ । ଏତେ

ଅଳ୍ପ ବୟସ ହୋଇଥିଲେ ବି ଅତି କଷ୍ଟକର ଅନୁଭୂତି ହୋଇଥିବାରୁ ମୋ ଦେହ ଓ ମନରେ ଚିହ୍ନ ହୋଇ ରହିଛି ଏତେ ଦିନଯାଏ ।

ଆମ ଘର ଆଗରେ ତ ବଡ଼ ପୋଖରୀଟିଏ । ଖରାଦିନେ ଥରେ ଥରେ ତାହା ଶୁଖିଯାଏ । ବର୍ଷା ହେଲେ ପୋଖରୀରେ ପାଣି ଭର୍ତ୍ତି ହୋଇଯାଏ । ପଙ୍କ କାଦୁଅରୁ ଖରାଦିନେ ଲୁଚି ରହିଥିବା କଉଗଡ଼ିସା ବାହାରି ଆସନ୍ତି । ବେଶୀ ପାଣି ନଥିବାରୁ ସେଗୁଡ଼ିକୁ ଧରିବା ସହଜ ହୁଏ । ଦିନେ ଆମ ଗାଁର କେତେଜଣ ମାଛ ଧରିବାକୁ ଗଲେ । ମାଛଧରାଳିଙ୍କ ସହିତ ମୁଁ ବି ସେଇ ପୋଖରୀ ପାଣିରେ ପଶିଲି । ମୋତେ ସେତେବେଳେ ୭/୮ ବର୍ଷ । ମୋର ମନେ ନଥିଲା । ଖରାଦିନେ ପୋଖରୀ ପାଣି ଶୁଖିଯିବାରୁ ଗାଁ ଲୋକ ଗୋଟିଏ ଲେଖାଁ ଟୁବ ଖୋଳିଥାନ୍ତି । ପାଣି ବାହାର କରି ପାନବରଜରେ ଦିଅନ୍ତି । ସେଇଟୁବ ବର୍ଷା ପାଣିରେ ଲୁଚି ରହେ । ମୁଁ ମାଛଧରାଳିଙ୍କ ପଛେ ପଛେ ଯାଉ ଯାଉ ସେଇ ଟୁବ ଭିତରେ ପଡ଼ିଗଲି । ମାଛ ଧରିବାରେ ସମସ୍ତେ ଭୋଳ । ମୁଁ ସେଠା ଗଭୀର ପାଣିରେ ବୁଡୁଛି ଓ ଉଠୁଛି । ପାଣି କେତେଢ଼ୋକ ପିଇଗଲି । ସମ୍ଭବତଃ ଆମ ଗାଁର ଗୋବିନ୍ଦ (ସିଂ) ସେଇ ମାଛଧରାଳିଙ୍କ ଭିତରେ ଥିଲେ । ସେ ଆସି ମୋତେ ଧରି ସେଠାରୁ ଉଠାଇ ଆଣିଲେ । ମାତ୍ର ପାଣିତକ ପିଇ ମୋ କଥା ଅସମ୍ଭାଳ । ମୋତେ ଶୁଆଇ ପେଟଛାତି ଚିପାଚିପି କରିବାରୁ ପାଣି କିଛି ବାହାରିଗଲା । ଗରମ କ୍ଷୀର କିଛି ପିଇ ତାଜା ହେଲି ।

ଏଇ ଘରଣାର ବର୍ଷେ ଦୁଇ ବର୍ଷ ପରେ ଆଉ ଏକ ଘଟଣା ବରଂ ଦୁର୍ଘଟଣା ଘଟିଗଲା । ଆମ ଗାଁ ପୋଖରୀ ଯୋଗୁଁ ଗାଁଲୋକ ମଧ୍ୟରେ ଦୁଇଦଳ ହୋଇଗଲେ । ଆଗରୁ ଏହା ଥିଲା ସମସ୍ତଙ୍କର, ସର୍ବସାଧାରଣ । କିନ୍ତୁ ଜମିଦାର, ସେ ଗାଁର ଗୋଟିଏ ଦଳ ଲୋକଙ୍କୁ ପୋଖରୀର ଅଧିକାର ଦେଇଦେଲେ । ତେଣୁ ଅନ୍ୟ ଗୋଟିଏ ଦଳ ଏଥିରେ ବିରୋଧ କଲେ । ପୋଖରୀର ଅଧିକାର ପାଇଥିବା ଲୋକ ଗାଁ ମୁଣ୍ଡ ଠାକୁରାଣୀଙ୍କୁ ମଧ୍ୟ ଉଠାଇଦେଲେ । ବରଗଛରୁ ଡାଳ ହାଣିଲେ । ଅଶିଣ ମାସ ମହାଷ୍ଟମୀ ଦିନ । ଠାକୁରାଣୀଙ୍କ ପର୍ବ ।

ସେଇ ଗଣ୍ଡଗୋଳିଆ ସମୟରେ ବାପା ଗୋଟିଏ କ'ଣ ଜିନିଷ ବାହାର କରିବାକୁ ଦାଣ୍ଡଘର ଭାଡ଼ି ଉପରକୁ ମୋତେ ଉଠିବାକୁ କହିଲେ । ମୁଁ କବାଟରେ ଗୋଡ଼ ଦେଇ ଉଠିଗଲି । ମାତ୍ର ଭାଡ଼ି ଉପରେ ଚଢ଼ି ସେଇ ଜିନିଷଟିକୁ ବାହାର କଲାବେଳେ ତଳକୁ

ଭୁଷ୍ କରି ଖସି ପଡ଼ିଲି । ତିନିଚାରି ମିଟର ଉଚ୍ଚ ଭାଡ଼ିରୁ ତଳ ଚଟାଣ ଉପରେ ମୁଁ କଚାଡ଼ି ହୋଇ ପଡ଼ିଲି । ମୋର ଚେତା ପ୍ରାୟ ବୁଡ଼ିଗଲା । ବଡ଼ ବୋଉ ମୋ ମୁଣ୍ଡ ଧୋଇଦେଲେ ଆଉ ମୁହଁରେ ପାଣି ଛାଟିଲେ । କିଛି ସମୟରେ ଚେତା ଆସିଲା । ହେଲେ, ଅଣ୍ଟା ଅସଜ ହେଲା ପରି ଲାଗିଲା । ଗରମ ଗୁଆଘିଅରେ କୁକୁଡ଼ା ଅଣ୍ଡାର ଲାଳ ଓ କେଶର ପକାଇ ଆଉ ଗୋଲମରିଚ ଗୁଣ୍ଡ ମିଶାଇ କେତେଥର ମୋତେ ଖାଇବାକୁ ଦିଆଗଲା । ବହୁ ଦିନରେ ମୁଁ ଭଲ ହେଲି ।

ଏମିତି ପିଲାଦିନେ ମୁଁ ନିଆଁ ତାତିରେ ସିଝିଛି, ପାଣିରେ ବୁଡ଼ିଛି ଆଉ ଉଚ୍ଚା ଜାଗାରୁ ତଳକୁ ପଡ଼ିଛି । ସେସବୁର ଦାଗ ମୋ ଦେହ ଓ ମନରେ ଏଯାଏ ଅଲିଭା, ଆଉ ଅପାଶୋରା ହୋଇ ରହିଛି । ଏସବୁରୁ ମୁଁ ଶିଖିଛି ଆଉ ହୁସିଆର ହୋଇଛି । ଏଇତ ଆମ ଜୀବନ । ନାନା ଘଟଣା ଓ ଦୁର୍ଘଟଣାରୁ ଆମେ ସବୁ ଶିଖୁ ଆଉ ଆଗକୁ ଚାଲୁ ।

# ଘର କାମ ସହିତ ପାଠପଢ଼ା

ପିଲାଦିନେ ମୋତେ ଘରକାମରେ ଭାଗ ନେବାକୁ ହୋଇଥାଏ । ପାନ ବରଜ ଓ ବିଲବାଡ଼ି କାମରେ ମିଶିବାକୁ ପଡ଼େ । ଧାନ କଟା ହେଉଥିଲା ବେଳେ ଧାନହଲା(ବିଡ଼ା)କୁ ମୁଣ୍ଡରେ ଲଦି ଘର ପାଖ ଖଳାରେ ରଖିବାକୁ ହୁଏ । ସେଥିରେ ମୁଁ ଝାଳନାଳ ହୋଇଥାଏ । ଅନ୍ୟ ଭାଇମାନଙ୍କ ପରି ମୁଁ ବେଶୀ କାମ କରିପାରେ ନାହିଁ । ତେଣୁ ବୋଉ ମୋତେ କହେ ଭାରି 'ସୁକୁମାଠିଆ' । ସମ୍ଭବତଃ 'ସୁକୁମାର' ଶବ୍ଦଟିରୁ 'ସୁକୁମାଠିଆ' କହନ୍ତି ।

ଧାନହଲା ଅଧିକ ହୋଇଗଲେ ତା' ଓଜନରେ ବେକ ମୋର ଅସଜ ହୋଇଯାଏ । ରକା ଅଟକିଲା ଭଳି ଲାଗେ । କେତେ ଦିନ ପରେ ଆପେ ଆପେ ସେ କମିଯାଏ । ମୁଣ୍ଡ ବି ଦରଜ ହୋଇଯାଏ, ତାହା କ୍ରମେ ଭଲ ହୋଇଯାଏ । ଧାନ ଅମଲ ବେଳେ ସବୁ ଚାଷୀଘରେ ଏମିତି କାମର ଭିଡ଼ ହୁଏ ।

ପାନବରଜ କାମ ବର୍ଷସାରା ଲାଗିଥାଏ । ନାନା ଋତୁରେ ନାନା ପ୍ରକାର କାମ । ମୁଁ ଅନେକ ସମୟରେ ସେସବୁ କାମରେ ଭାଗ ନିଏ । ପାନଲଟି(ନଅ) ଯେତେବେଳେ ବଢ଼ିଚାଲେ, ତା'ର ଅଗକୁ ଗୋଟିଏ ଲେଖାଁ ଇଙ୍କଡ଼ (ଏକ ପ୍ରକାର ଟାଣ ଓ ସରୁଗଛ) ଦେହରେ ଜୁଣ (ଏକ ପ୍ରକାର ଘାସ)ରେ ବାନ୍ଧି ଦିଆଯାଏ । ଏହାକୁ ନଅବନ୍ଧା କହନ୍ତି । ଏଇ କାମଟି ସହଜ ହୋଇଥିବାରୁ ପିଲାମାନେ କରନ୍ତି । ହେଲେ ଟିକିଏ ଅବାଗିଆ ଭାବରେ ବାନ୍ଧିଦେଲେ କଅଁଳ ଅଗ ଭାଙ୍ଗିଯାଏ ବା ବଙ୍କା ହୋଇଯାଏ ।

ମଝିରେ ମଝିରେ ପାନ ଗଛ ମୂଳରେ ସୋରିଷ ଆଉ ପୁଲାଙ୍ଗ ପିଡ଼ିଆ, ଥରେ ଥରେ ରାଶି ପିଡ଼ିଆ ଦେବାକୁ ପଡ଼େ । ତା' ଉପରେ ଦୁଇ ତିନ୍‌ଦିନ ପରେ ଗୁଣ୍ଡମାଟି ଏକପ୍ରକାର ଟୋକେଇରେ ଆଣି ମଡ଼ାଇ ଦିଆଯାଏ । ମୁଁ ଏଇ ଗୁଣ୍ଡମାଟି ଟୋକେଇରେ ପୂରାଇ ବଡ଼ ଭାଇଙ୍କ ଅଣ୍ଟାକୁ ଟେକିଦିଏ ତ କେତେବେଳେ ସାନ ସାନ ଟୋକେଇରେ ନିଜେ ବୁହାଇ ଆଣେ । ବର୍ଷା ଦିନେ ଏଇ ପିଡ଼ିଆ ପାଣିରେ ଭାସିଯିବ ବୋଲି ତରତର

ହୋଇ ମାଟିରେ ଘୋଡ଼ାଇ ଦେବାକୁ ପଡ଼େ । ସେଥିପାଇଁ ବର୍ଷା ଆସିଲେ ପିଲାଠାରୁ ବଡ଼ଯାଏ ସମସ୍ତେ ଏଇ କାମରେ ଲାଗିଯାନ୍ତି ।

ଖରାଦିନେ ବରଜରେ ବେଶୀ ପାଣିଦେବା ଦରକାର ପଡ଼େ । ମୁଁ ଥରେ ଥରେ ଛୋଟ ମାଠିଆରେ ପାଣି ପୂରାଇ ପାନ ଗଛମୂଳରେ ଢ଼ାଳିଥାଏ । ପାନ ବରଜ ଆରମ୍ଭରୁ ଛୋଟ ଛୋଟ ପାନ ଲଟି(ନଅ)କୁ କାଟି ଗଣ୍ଡିଏ ଗଣ୍ଡିଏ କରି ଗୋଟିଏ ଲେଖାଁ ପାନ ସହ ମାଟିରେ ଲଗାଇବାକୁ ହୁଏ । ପାନଗଛ ଖଣ୍ଡକୁ ମାଟି ଭିତରେ ପୋତି ଦିଆଯାଏ । ପାନ ପତ୍ରଟି ମାଟି ଉପରେ ରହେ । ସେଇସବୁକୁ ନଡ଼ାରେ ଘୋଡ଼ାଇ ରଖିବାକୁ ହୋଇଥାଏ ଏବଂ ବହୁଥର ଆସ୍ତେ ଆସ୍ତେ ତା'ଉପରେ ପାଣି ଢ଼ାଳିବାକୁ ହୁଏ । ବହୁଦିନ ଧରି ଗଛ ବଞ୍ଚି, ସେଥିରୁ କୁଆଁଚାରା ବାହାରିବା ଯାଏ ଏମିତି କରାଯାଏ । ତା'ପରେ ପାଣି କମ୍‌ଦେଲେ ଚଳିଥାଏ । ଏହି ପାଣି ଛିଞ୍ଚିବା କାମରେ ମୋତେ ଲାଗିବାକୁ ହୁଏ ।

ଗଛ ବା ପାନପତ୍ରକୁ ତଳୁ ତଳୁ ବାଗରେ ତୋଳାଯାଏ । ଏହାକୁ 'ପାନ ନୋଡ଼ିବା' କୁହାଯାଏ । ପାନ ପତ୍ର ସବୁ ତା'ପରେ ସାନବଡ଼ କ୍ରମରେ ସଜାଇ ଦିଆଯାଏ । ତାକୁ 'ପାନ ନାଛିବା' କୁହାଯାଏ । ପଚାଶଟି ଲେଖାଁ ପାନକୁ ସଜାଡ଼ି ରଖିଲେ, ତାକୁ 'କଡ଼ା' କୁହାଯାଏ । ଆଉ ଦୁଇ କଡ଼ାରେ ହୁଏ 'ଶହେ' ପାନ । ଆମେ ପିଲାମାନେ ଏମିତି ପାନ ସଜାଡ଼ି ରଖୁ । ଏଥିରେ ବେଶୀ ପରିଶ୍ରମ କରିବାକୁ ପଡ଼େ ନାହିଁ । ମାତ୍ର କିଛି କୌଶଳ, କିଛି ବାଗ ଜାଣିବା ନିତାନ୍ତ ଦରକାର ।

ମୁଁ ବୋଉ ଭାଷାରେ ଟିକିଏ 'ସୁକୁମାଠିଆ' ହୋଇଥିବାରୁ ଭିଡ଼ କାମ କରିପାରେ ନାହିଁ । ଅଳପକେ ଦେହହାତ ଦରଜ ହୋଇଯାଏ, ମଜରାରେ ଜ୍ୱର ବି ହୋଇଯାଏ । ଆମ ଗାଉଁଲି ଭାଷାରେ ଏହାକୁ 'ଶରପୀଡ଼ା' କହନ୍ତି । ତେଣୁ ବାପାବୋଉ ନିତାନ୍ତ ଦରକାର ନ ପଡ଼ିଲେ ମୋତେ କଠିନ କାମ କିଛି କରିବାକୁ ଦିଅନ୍ତି ନାହିଁ ।

ଧାନକଟା ସରିଲେ, ଘର ପାଖ ଗୋଟିଏ କିଆରୀରେ ଅଳ୍ପ କିଛି ଧାନଗଛ ନକାଟି ଛାଡ଼ି ଦିଆଯାଏ, ସୁବିଧା ଦେଖି ସେଠାରେ ଚୁଡ଼ାଘଷା, କ୍ଷୀରୀ ବା ଆଉ କିଛି ଭୋଗରାଗ ହୁଏ । ବାକୀଥିବା ଧାନତକ କାଟି ଘରକୁ ଅଣାଯାଏ ଆଉ ଘରେ ସମସ୍ତେ ବସି ଆଉ ସାଙ୍ଗ ପଡ଼ିଶାଙ୍କୁ ଦେଇ ଆନନ୍ଦରେ ସେସବୁ ଖା'ନ୍ତି । ଏହି ବିଲପୂଜାକୁ 'ଧାନବଢ଼ା' କୁହାଯାଏ ।

ମାଘ ପୂର୍ଣ୍ଣିମାରେ ସେମିତି ଗାଁ ଯାକର ସମସ୍ତେ ନଡ଼ାବିଡ଼ା ଆଉ ପାଳଗୋଛା ନିଜ ନିଜ ଘରୁ ନେଇ ଗାଁ ମୁଣ୍ଡ ଗହୀର ମଝିରେ ଏକାଠି ହୁଅନ୍ତି । କେତୋଟି ବାଉଁଶ ବିଲ ମଝିରେ ପୋତି କୁଟା ବା ନଡ଼ା ସବୁରେ ତାକୁ ଛାଇ ଦିଅନ୍ତି । ତା'ପରେ ସେଥିରେ ନିଆଁ ଲଗାଇ ଦିଆଯାଏ । ହୁତୁହୁତ୍ ଜଳି ଉଠିଲା ମାତ୍ରେ ଆମେସବୁ ନିଜ ଘରୁ ନେଇଥିବା ଆଳୁ ବାଇଗଣ ଆଦି ପନିପରିବା ସେଇ ନିଆଁକୁ ପକାଇ ଦେଉ । ତା'ପରେ ସେଠାରେ ପେଁକାଳି ଘଣ୍ଟାଘଣ୍ଟି ବାଜିଉଠେ । ସେଠାରେ ତାହାପରେ ଭୋଗରାଗ ହୁଏ । ଆମେ ସମସ୍ତେ ବାଣ୍ଟିକରି ଭୋଗ ଖାଉ । ଶୀତଦିନରେ ଏମିତି ନିଆଁଜଳା ଓ ଭୋଗଖିଆ ଭାରି ମଜା ଲାଗେ । ଆମେ ଏହାକୁ 'ଅଗିଜଳା' କହୁ ଆଉ ଗୀତ ଗାଉ-

*'ଅଗି ଜଳିଲା, ଶୀତ ଟଳିଲା ।'*

ମାଘ ପୁନିଅଁକୁ ତେଣୁ ଆମେ କହୁ ଅଗିପୁନିଅଁ । ଅଗିରେ ଆମେ ଯେଉଁ ଆଳୁ ବାଇଗଣ ଆଦି ପକାଉ, ନିଆଁ ଲିଭିଗଲା ପରେ ତାକୁ ସବୁ ଖୋଜୁ । ଯିଏ ଯାହା ପାଇଲା । କିଏ ଆଳୁ ପକାଇଲେ ବାଇଗଣ ତ କିଏ ବାଇଗଣ ପକାଇ ଆଳୁ ପାଏ । କିଏ କିଏ ତ କିଛି ନ ପାଇ ମୁହଁ ଶୁଖାଇ ଫେରନ୍ତି । ତେଣୁ କିଛି ଆଶା ନରଖି ନିଆଁରେ ଏସବୁ ପକାଯାଏ । ଅନୁମାନରେ ତେଣୁ କିଛି କରିବାକୁ 'ଅଗିକୁ ବାଇଗଣ ଫିଙ୍ଗିବା' କୁହାଯାଏ ।

ଘରଛପର ତ ବର୍ଷକୁ ଥରେ ହୁଏ । ଏଇ କାମରେ ମଧ୍ୟ ଆମପରି ପିଲାମାନଙ୍କର ସାହାଯ୍ୟ ଦରକାର ପଡ଼େ । ନଡାଗଦାରୁ ନଡ଼ାବିଡ଼ା ଆଣି ଆମେ ଛପର ହେଉଥିବା ଘର ଆଗରେ ପକାଇ ଦେଉ । କୋରଟ (ତାଳ ବାହୁଙ୍ଗାର ଚୋପା) ବା ପଟ (କିଆଚେର)କୁ ପତଳା କରି ପାଣିରେ ଓଦା କରି ଯୋଗାଇଦେଉ । ବାଉଁଶକୁ କଟୁରିରେ ଚିରି 'ବତା' କରାଯାଏ । ଚାଳରୁଅ (ବାଉଁଶ) ଉପରେ ନଡ଼ା ଛପର କରାଯାଇ ଏଇ ବତାରେ ପଟ ବା କୋରଟ ବାନ୍ଧି ଦିଆଯାଏ । ଟାଣଗଣ୍ଠି ପଡ଼େ । ତଳେ ରହି ନଡ଼ାବିଡ଼ା ଓ କତାକୋରଟ ଚାଳଉପରକୁ ପକାଯାଏ । ଛପର କାମ ଭାରି କଷ୍ଟକର । ପୁଣି ଖରାରେ ଏସବୁ କାମ କରାଯାଏ । ପୁରୁଣା ନଡ଼ାରୁ କଳା, ଧୂଳି, ଅଳନ୍ଧୁ ଅଳିଆ ଆସି ଦେହରେ ବୋଳି ହୋଇଯାଏ । ଥରେ ଥରେ ଏସବୁ ଲାଗି ଦେହମୁଣ୍ଡ ସବୁ କୁଣ୍ଡାଇ ହୁଏ ।

ବର୍ଷାଦିନେ ବାଡ଼ିବଗିଚାରେ ଆଉ ଓଳି ତଳେ ମାଟିହାଣି କଖାରୁ କାକୁଡ଼ି, ଜହ୍ନି ଓ ଭେଣ୍ଡି ଆଦିର ମଞ୍ଜି ଲଗାଇ ଦିଆଯାଏ । ସେଥିରୁ ଗଜା ହୋଇ କୁନିକୁନି ଗଛଲତା

ଉପରକୁ ଉଠେ । ନଇଁ ପଡ଼ିବାରୁ ଆମେ ଗଛଡାଳ ଆଉ କଣ୍ଟାଗଛ ପୋତି ଲତାଗୁଡ଼ିକୁ ଉପରକୁ ଲଟେଇ ଦେଉ । ଏଇ ସବୁ ଡାଳକଣ୍ଟାକୁ 'ରଞ୍ଜା' କୁହାଯାଏ । ଆମେ ପିଲାମାନେ ଏ ସବୁ ବର୍ଷାଦିନିଆ ଚାଷ କାମରେ ବାପାମାଆଙ୍କୁ ସାହାଯ୍ୟ କରୁଁ । ଚାଷକାମ ସତେ ଏକ ପାରିବାରିକ କାମ । ସେଥିରେ ଘରର ସାନଠାରୁ ବଡ଼ଯାଏ ସମସ୍ତେ ଭାଗ ନେଇଥାନ୍ତି ।

ଆମ ପାନ ବରଜରେ ''ଦେଶୀ'' (ମାଟି) ଆଳୁ ଭାରି ଭଲ ହୁଏ । ପାଣି ସାର ପାଇ ଆଳୁଗଛ ସବୁ ଟାଟି (ବରଜକୁ ଘେରି ବନ୍ଧା ଯାଇଥିବା ବାଡ଼) ଓ ଚାଳରେ ଖୁବ୍ ଭଲ ମାଡ଼ିଥାଏ । ନରମ ମାଟିରେ ତ ଆଳୁ ବିଶେଷ ଭାବରେ ହାତୀଖୋଜିଆ ଓ ଖମ୍ଭ ଆଳୁ ଭାରି ଭଲ ବଢ଼େ । ସେଇସବୁ ଦେଶୀ ଆଳୁ, ଖୁବ୍ ଭଲ ସିଝେ ଓ ସୁଆଦିଆ ଲାଗେ । ବନ୍ଧୁବାନ୍ଧବ ଘରୁ ନିମନ୍ତ୍ରଣ ଆସିଲେ, ଆମ ଘରୁ ଏହି ଆଳୁ, ପାନ ଓ ନଡ଼ିଆ ଭାର ପଠାଯାଏ । ସେଇ ଭାର ସବୁରି ଘରେ ଭାରି ଆଦର ପାଏ । ମୁଁ ଥରେ ଥରେ ଏହି ଭାର ସହିତ ବନ୍ଧୁଘରକୁ ଯାଏ । କିନ୍ତୁ କାହା ଘରେ ରହିବାକୁ ଭଲ ଲାଗେ ନାହିଁ । ସକାଳେ ଗଲେ ସଞ୍ଜକୁ ଫେରି ଆସେ ।

ମୁଁ ମାଇନର ଆଉ ମାଟ୍ରିକ୍ ପଢ଼ିଲାବେଳେ ପାଠ ପଢ଼ାର ଚାପ ବଢ଼ିଲା । ତେଣୁ ଘର କାମ କରିବାରେ ପଛାଇଲି । କିନ୍ତୁ ଅଭାବୀ ଘରେ ମଜୁରିଆ ଲଗାଇବା ଅସମ୍ଭବ । ତେଣୁ ଭାଇମାନଙ୍କର ଇଚ୍ଛା ଯେ ମୁଁ ସେମାନଙ୍କୁ ଏସବୁ କାମରେ ସାହାଯ୍ୟ କରେଁ । ବାପା ତ ସେତେବେଳକୁ ଚାଲି ଯାଇଥିଲେ । ତେଣୁ ନାନା ଅଭାବ ଅସୁବିଧା ଭିତରେ ଘର ଚଳେ ।

ଦିନକର କଥା । ଖରାବେଳ । ବୋଉ କୋଣ ଘର ଭିତରେ ଗୋଟିଏ ମସିଣା ମେଲାଇ ଶୋଇଯାଇଛି । ପାଖରେ ତା'ର 'ଘୋଡ଼ା' (ବାଉଁଶ ତିଆରି ଲମ୍ବା ଭାଡ଼ି) ଉପରେ ୧୦/୧୫ଟି ଓଳିଆ (କୁଟା ଭିତରେ ବନ୍ଧାଯାଇଥିବା ବିହନ ପୁଟୁଳା ବା ପୁଡୁଗ) ରଖାଯାଇଥାଏ । ବଡ଼ ଭାଇ ମୋତେ ଡାକିଲେ ବରଜକୁ ଯିବାକୁ । କ'ଣ କାମ ସବୁ ଥିଲା । ''ମୋର ବହୁତ ପାଠପଢ଼ା ଅଛି'' କହି ମୁଁ ଯିବାକୁ ନାହିଁ କଲି । ମାତ୍ର ସେ ମୋତେ ଛାଡ଼ିଲେ ନାହିଁ । ମୁଁ ଧାଇଁ ଗଲି ବୋଉ ପାଖରେ ଗୁହାରି କରିବାକୁ । ମାତ୍ର ଭାଇ ମୋତେ ଭାରି ଟାଣିଲେ । ମୁଁ ବୋଉ ପାଖରେ ଥିବା, ଚାରିଗୋଡ଼ିଆ ବାଉଁଶ ଭାଡ଼ି ''ଘୋଡ଼ା''କୁ

ଧରି ପକାଇଲି । ଭାଇ ମୋତେ ଝିଙ୍ଗିଦେଲା ମାତ୍ରେ ତାହା ବୋଉ ପଟକୁ ନଇଁ ପଡ଼ିଲା । ତା' ଉପରେ ଥିବା ଓଳିଆମାନ ଶୋଇଥିବା ବୋଉ ଉପରେ ଅଜାଡ଼ି ହୋଇପଡ଼ିଲା । ବୋଉ ପାଟି କରି ଉଠିଲା । ଆମେ ତା' ଉପରୁ ଓଳିଆତକ ସିନା କାଢ଼ିଦେଲୁ, ହେଲେ ତା' ଅଣ୍ଟା ଅସଜ ହୋଇଗଲା । କେତେଦିନ ଧରି ସେ ଚଳାବୁଲା କରିବାରେ ଅକ୍ଷମ ହେଲା । ଆମେ ଓଷଦପତ୍ର ଆଣି ଦେବାରୁ କେତେଦିନ ପରେ ଭଲ ହେଲା । ଆମେ ଆମର ଭୁଲ୍ ବୁଝିଲୁ । ନିଜ ନିଜ କାନ ମୋଡ଼ିହେଲୁ ।

ପାଠପଢ଼ାର ମଜା ପାଇଲେ ଆପେ ଆପେ ପିଲାମାନେ ଆଗେଇଯିବାକୁ ଚାହିଁବେ । ନଚେତ୍, ବାଧ୍ୟ କରି ସେମାନଙ୍କ ମନକୁ ପାଠପଢ଼ାରେ ଲଗାଇବା ସମ୍ଭବ ନୁହେଁ । ''ମନ ଥିଲେ ବାଟ ଦିଶେ'' କଥାଟି ଅକ୍ଷରେ ଅକ୍ଷରେ ସତ । ସବୁ ବାଧାବିଘ୍ନ ଆଉ ଅଭାବ ଅସୁବିଧା ମଧ୍ୟରେ ମୁଁ ଆଗେଇଲି ଖାଲି ପାଠ ପଢ଼ାର ନିଶା ଯୋଗୁଁ । ସେଇ ନିଶାରେ ଭୋଳ ହୋଇ ମୁଁ ପାଠ ପଢ଼ିଥିଲି । ପାହାଚକୁ ପାହାଚ ଉଠି ଶେଷରେ ଆଜିର ଅବସ୍ଥାକୁ ଆସି ପାରିଥିଲି । କିନ୍ତୁ ପାଠପଢ଼ା ସାଥିରେ ଘର କାମରେବି ସାହାଯ୍ୟ କରିବା ଉଚିତ । ଘରର ଦୁଃଖସୁଖରେ ଆମେ ଭାଗନେବା ଦରକାର ।

# ଯେଉଁମାନେ ବାଟ ବତାଇଥିଲେ

ଜୀବନ ପଥରେ ଆମେ ପାହାଚରୁ ପାହାଚକୁ ଉଠୁ । ଉଠିଲାବେଳେ କିଏ ଆମ ହାତ ଧରି ଉଠାଇ ନିଅନ୍ତି । କିଏ ଆଖି ରଖନ୍ତି ଠିକ୍ ବାଟରେ ଆମେ ଯାଉଚୁ କି ନାହିଁ । ଆଉ କିଏ ଆମେ ପଡ଼ିଗଲେ ଉଠାଇ ଦିଅନ୍ତି । ଏମାନେ ଆମର ଅତି ଆପଣାର, ଅତି ଆଦରର । ଏମାନଙ୍କୁ ଆମେ ଭୁଲି ପାରିବା ନାହିଁ । ଆମେ ସେମାନଙ୍କ ନିକଟରେ ସତେ କେତେ ଋଣୀ !

ପିଲାଦିନେ ଯେଉଁମାନେ ମୋ ଜୀବନକୁ ଏମିତି ପ୍ରଭାବିତ କରିଥିଲେ, ସେମାନଙ୍କ ଭିତରେ "ସାଧୁଭାଇ" ସବା ଆଗେ ମନେ ପଡ଼ନ୍ତି । ସେ ଆମ ବଡ଼ ବାପାଙ୍କ ପୁଅ । ବୟସରେ ମୋ ଠାରୁ ୩୦/୪୦ ବର୍ଷ ବଡ । ତାଙ୍କୁ ଆମେସବୁ ପିଲାଏ ଭାରି ଡରୁ । ସେ ପାଟି କରିଦେଲେ ଆମର ପିଳେହି ପାଣି । ବାଘ ପରି ତାଙ୍କର ମୁହଁରେ ଅଧାନିଶ । ଗୋରା, ଗେଡ଼ା ଓ ମୋଟା ଚେହେରା । ଖଦଡ଼ ଲୁଗା ଓ ଫତେଇ ପିନ୍ଧନ୍ତି । କେତେବେଳେ ହାପ୍ ସାର୍ଟିଏ ମଧ୍ୟ ପିନ୍ଧନ୍ତି । ଗୋଡ଼ରେ ଚପଲ ଆଉ ହାତରେ ଖଣ୍ଡେ ମୋଟା ବାଡ଼ି ।

ସେ ଥିଲେ ଜଣେ କଂଗ୍ରେସ କର୍ମୀ । ସ୍ୱାଧୀନତା ଆନ୍ଦୋଳନରେ ବି ଯୋଗ ଦେଇ ଜେଲ ଯାଇଥିଲେ । ପୋଲିସ୍‌ର ସାମନା କରି ମାଡ଼ ବି ଖାଇଥିଲେ । ମୁଁ ତାଙ୍କୁ ଜାଣିଲା ବେଳକୁ କଟକରେ ପାନ ବ୍ୟବସାୟ କରୁଥିଲେ । ବମ୍ବେ, ଦିଲ୍ଲୀ, କଲିକତା, ମାନ୍ଦ୍ରାଜ ଆଦି ସହରମାନଙ୍କୁ ପାନବୋଝ ପଠାଉଥିଲେ । ତା ଭିତରେ ଦେଶକାମ କରିବାକୁ ମଧ୍ୟ ଭୁଲି ନଥିଲେ ।

ଆମେ ଛୋଟ ଛୋଟ ହୋଇଥାଉ । ସେ କଟକରୁ ଭଲ ବିସ୍କୁଟ୍ କିମ୍ବା ବଡ଼ ଖଜରା ଆଣି ଆମକୁ ବାଣ୍ଟୁଥିଲେ । ଯାତମେଳଣ ହେଲେ ଖର୍ଚ୍ଚ କରିବାକୁ ଟଙ୍କାଏ ଦିଟଙ୍କା ଦେଉଥିଲେ । କେତେଖଣ୍ଡ ଗାଁ ଭିତରେ ସେ ଥିଲେ ବଡ଼ ମାମଲତକାର । କେଉଁଠି ଗଣ୍ଡଗୋଳ ହେଲେ, କାହାକାହା ମଧ୍ୟରେ କଳିକଜିଆ ହେଲେ ତାଙ୍କୁ ସମସ୍ତେ ଭଦ୍ରଲୋକ ମାନନ୍ତି । ସେ ଯାହା ରାୟ ଦିଅନ୍ତି, ତାକୁ ଉଭୟ ଦଳ ମାନିଯା'ନ୍ତି । ତାଙ୍କ ନାଁ ଯେମିତି,

ଗୁଣ ସେମିତି । ଖୁବ୍ ସଚ୍ଚୋଟ ଓ ରୋକ୍‌ଠୋକ୍ । ଦାଢୁଆ କଥା । ଲାଞ୍ଚମିଛ ନାହିଁ । ଅନ୍ୟାୟ ବିରୁଦ୍ଧରେ ଲଢ଼ନ୍ତି । ସେତେବେଳେ ଛୋଟ ଛୋଟ ରାଜାପରି ଥିବା ଆମ ଜମିଦାରଙ୍କୁ ମଧ ମାନୁ ନଥିଲେ ।

ମୁଁ ଶୁଣିଥିଲି ସେ ମାଇନର ପାସ୍ କରିଥିଲେ । ସେତେବେଳେ ଗାଁ ଗହଳିରେ ସେତିକି ପାଠ ସବୁଠୁଁ ବେଶୀ । କଟକ ଜିଲା ଲିଖନପୁର ଗାଁ ସ୍କୁଲ୍‌ରେ ସେ ଥିଲେ ଶିକ୍ଷକ । ଥରେ ତାଙ୍କର ବଦଳି ହେଲା । ମାତ୍ର ଗାଁ ଲୋକେ ତାଙ୍କୁ ଛାଡ଼ିଲେ ନାହିଁ । ବିଦ୍ୟାଳୟ "ବାବୁ" ତାଙ୍କ କଥା ନ ମାନିବାରୁ ସେ ଭାରି ରାଗିଗଲେ । ସେ ତାଙ୍କୁ ତଡ଼ିବାକୁ ଅଡ଼ି ବସିଲେ । ତେଣୁ ସେ ଚାକିରିରୁ ଇସ୍ତଫା ଦେଇ କହିଲେ- ଚାକିରି ଆଉ କରିବି ନାହିଁ ।

ଚାକିରି ଚାଲିଯିବାରୁ ସେ ଭାରି ହଇରାଣ ହେଲେ । ବାପା ତାଙ୍କର ଭାରି ରାଗିଲେ । ଥରେ ଥରେ ଖାଇବାକୁ ମଧ୍ୟ ପାଇଲେ ନାହିଁ । ତାପରେ କାହା ପାନ ଅଡତ (ଦୋକାନ)ରେ କାମ କଲେ । ତାପରେ ନିଜେ ପାନ କିଣି ସବୁ ଆଡ଼କୁ ପଠାଇଲେ । ସେତେବେଳେ ଆମ ନୂଆହାଟ ନରସିଂହପୁର ଥିଲା ପାନର କେନ୍ଦ୍ର, ଭାରି ନାଁ କରିଥିଲା । ଅନ୍ୟ ଆଡ଼େ ପାନଚାଷ ଏତେ ନଥିଲା । ଆମ ଗାଁର ଉଦିରାଉତ, ବୀରଖଟେଇ ପାନ ବୋଝରେ ସଜାଡ଼ି ଦିଅନ୍ତି । ସାଧୁଭାଇ ତାକୁ ତନଖି କରନ୍ତି, ହିସାବ ରଖନ୍ତି । ପରେ ଗୁମାସ୍ତା ରହିଲେ । ବ୍ୟବସାୟୀଙ୍କ ପାଖରେ ଟଙ୍କା ବାକୀ ପଡ଼ିଲେ ସେ କଟକ ଯାଇ ଆଦାୟ କରନ୍ତି ।

ଥରେ ଖୁବ ମରୁଡ଼ି ପଡ଼ିଲା । ଲୋକେ ଭୋକ ଉପାସରେ ପଡ଼ିଲେ । ହେଲେ, ସାଧୁଭାଇଙ୍କ ଯୋଗୁଁ ତାଙ୍କ ଘର ସହିତ ଆଉ କେତୋଟି ଘର ଚଳିଗଲେ । ଦାଣ୍ଡଘର ତୋଳାଇବାକୁ ମନ କଲେ । ବାଡ଼ିରୁ ମାଟି ଆଣି ଦାଣ୍ଡ ଦୁଆରେ ଗଦାହେଲା ପାହାଡ଼ ପରି । କେହି ବୁଝି ପାରିଲେ ନାହିଁ ଏତେ ଉଚ୍ଚା ମୂଳଦୁଆ କାଇଁକି ?

ତାଙ୍କର ଦୁଇଟି ଉଦ୍ଦେଶ୍ୟ ଥିଲା । ଲୋକେ କାମ ପାଇଲେ ଚାଉଳ ପାଇବେ । ଖାଇପିଇ ବଂଚିଯିବେ । ତା'ସହିତ ତାଙ୍କର ମାଟି ଗଦାହେଲା ଘରତୋଳା ପାଇଁ । ପରେ ସେଇଥିରେ ମୋଟା ମାଟି କାନ୍ଥ ଗଢ଼ିଥିଲେ । ସେଇବର୍ଷ ଭାରି ବଢ଼ି ହେଲା । ସବୁରି ଘରେ ପାଣି ପଶିଗଲା । ଚଉଦିଗରେ ବଢ଼ିପାଣି "ଚିଲିକା" କରିଦେଲା । ଗାଁ ଲୋକେ ନିଜର ପେଡ଼ିପେଟଣା ଲୁଗାପଟା ଆଣି ସେଇ ମୂଳଦୁଆ ଉପରେ ଜମାହେଲେ, ଆଶ୍ରା ନେଲେ ।

ବଢ଼ି କେତୋଟି ଦିନରେ ଛାଡ଼ିଲା । ମାତ୍ର ସମସ୍ତେ ସାଧୁଭାଇଙ୍କୁ ଧନ୍ୟ ଧନ୍ୟ କଲେ । କିଏ କିଏ କହିଲେ- ଶ୍ରୀକୃଷ୍ଣ ଗିରିଗୋବର୍ଦ୍ଧନ ତଳେ ଗୋପବାସୀଙ୍କୁ ରକ୍ଷା କଲା ଭଳି ସାଧୁଭାଇ ଏତେ ବଡ଼ ବଢ଼ିରେ ଗାଁ ଲୋକଙ୍କୁ ରକ୍ଷା କରିଦେଲେ ।

ପାନ ବ୍ୟବସାୟ ବଢ଼ିଲା । ଦୁଇ ବନ୍ଧୁ ଭାଇ କାଶୀନାଥ ଓ ବିଶ୍ୱନାଥ ସାଧୁଭାଇଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ବହୁଦିନ ଧର ମିଳିମିଶି ପାନ ବ୍ୟବସାୟ କରିଲେ । ଭଲ ରୋଜଗାର କଲେ । ଦେବୀନଦୀ କୂଳକୁ ଲାଗି ମସ୍ତବଡ଼ "ପାଟ" (ପଡ଼ିଆ ମାଳଜମି), ଆଖିପାଏ ନାହିଁ । କାଶୀ ଓ ବିଶି ସେଇ ପାଟକୁ କିଣିଲେ, ସେତେବେଳେ ବି ଟ୍ରାକ୍ଟର ପକାଇଲେ ନୂଆ କରି । ହେଲେ, ଦୁର୍ଭାଗ୍ୟକୁ ସେମାନଙ୍କର ଅକାଳ ମରଣ ହେଲା । ଗାଁ ଗଣ୍ଡାରେ କହିଲେ, ଗୋଚର ଜମି ଚାଷ କରିବାରୁ ଏମିତି ହେଲା ।

ସାଧୁଭାଇଙ୍କର ନିଜର ଦୁଇଭାଇ ପଦ ଓ ନଟ ବ୍ୟବସାୟରେ ମିଶିଲେ । ତାପରେ ଅନନ୍ତ ମାମୁଁ ବି ଗୁମାସ୍ତା ରହିଲେ । ମୋର ମନେ ପଡ଼େ, ଆମେ ହାଟକୁ ଗଲେ ସେ ପଇସା ଦିଅନ୍ତି । ଆମେ ମୁଢ଼ିମୁଆଁ, ଚୁଡ଼ାପୁଆ ବା ମୁଢ଼ିଉଖୁଡ଼ା ମେଞ୍ଚାଏ କିଣି ଅଣ୍ଟିରେ ପୂରାଇ ରଗଡୁ । ଭାରି ମଜା ଲାଗେ । ତା ସୁଆଦ ଏବେ କାହିଁ ?

ଏବେ ଯେଉଁଠି ନୂଆହାଟ ହାଇସ୍କୁଲ୍, ତାପଛକୁ ନୂଆପାଟଣା । ତାକୁ ଲାଗି ଆମର ବାଉଁଶବଣ 'ଓସ୍ତଗୋରଡ଼ା' । ଥରେ ବାପା ଦେଖିଲେ ନୂଆପାଟଣାର ମଧୁସାହୁ ସେଠାରୁ ବାଉଁଶ ହାଣୁଛନ୍ତି । ବାପା ତାଙ୍କୁ ପଚାରିବାରୁ ସେ ଓଲଟା ବାପାଙ୍କୁ ଗାଳି କଲେ । ସାଧୁଭାଇ ଶୁଣିଲେ । ସାହାଡ଼ା କାଠିରେ ଦାନ୍ତ ଘଷୁଥିଲେ । ଧାଇଁଲେ ଏକମୁହାଁ ହୋଇ । ମଧୁସାହୁ ତାଙ୍କୁ ଡରି ତାଙ୍କ ଘର ସଙ୍ଗା ବା ଭାଡ଼ି ଉପରକୁ ଯାଇ ଲୁଚିଲେ । ସାଧୁଭାଇଙ୍କର ରାଗ ପଞ୍ଚମରେ । ସେ କି ତାଙ୍କୁ ଛାଡ଼ନ୍ତି ? ସଙ୍ଗାରୁ ଭିଡ଼ି ଆଣି ତାଙ୍କୁ ତଳେ ପକାଇଦେଲେ । ଲଦିଦେଲେ ବିଧା ଗୋଇଠା । ଆଉ କେହି ତାଙ୍କ ପାଖ ପଶିବାକୁ ସାହସ କଲେ ନାହିଁ । ଶେଷରେ ମଧୁସାହୁ ଭୁଲ୍ ମାନିଲେ । ତାପରେ ତାଙ୍କୁ ଛାଡ଼ିଲେ । ଆମ ଗାଁ ଗଣ୍ଡାରେ ସେମିତି କିଏ ଅଶାନ୍ତି ଗୋଳମାଳ କଲେ, ସାଧୁଭାଇ ଛାଡ଼ନ୍ତି ନାହିଁ । ହାତେ ହାତେ ଦଣ୍ଡ । ତେଣୁ ସବୁଠିକ୍ ଚାଲିଥିଲା । ସମସ୍ତେ ଶାନ୍ତି ଶୃଙ୍ଖଳା ଭିତରେ ରହୁଥିଲେ ।

ନୂଆହାଟ ପାଖ ନିପାଣିଆ ଗଡର ପଦ୍ମନାଭ ରାୟ । ବଡ଼ ମାମଲତକାର, ଜମିଦାର ପରି । ସେ ଥିଲେ ନୂଆହାଟର ମାଲିକ । ଇଂରେଜ ସରକାରଙ୍କ ବଡ଼ଚେଲା । ଦେଷ୍ଟଲୀ

ଗାଁର କଚେରୀଘରେ ଭୋଟ କେନ୍ଦ୍ର । ସମ୍ଭବତଃ ଆମଦେଶର ପ୍ରଥମ ଭୋଟ, ଏମିତିକି ଆମ ଦେଶ ସ୍ୱାଧୀନ ହେବା ପୂର୍ବର କଥା । ଜମିଦାର ଲୋକମାନଙ୍କୁ ଖାଇବାକୁ ଦେଇ ଭୋଟ ସାଉଁଟିଲେ । ସେ ସମୟରେ ସାଆନ୍ତ ସାଧୁଭାଇଙ୍କୁ କ'ଣ ବେଆଡ଼ା କରି ପଦେ କହିଦେଲେ । ଆଉ ରକ୍ଷା ମିଳୁଛି କେତେକେ ! ଦୁହେଁ ଗଡ଼ାଗଡ଼ି ହୋଇଗଲେ । ଲୋକେ ଛଡ଼ାଛଡ଼ି କରିବାରୁ ସବୁ ଶାନ୍ତ ପଡ଼ିଲା ।

ହେଲେ, ସା'ନ୍ତଙ୍କ ରାଗ ଭିତରେ ଭିତରେ କୁହୁଳିଲା । ଏତେଲୋକରେ ତାଙ୍କୁ ଏମିତି କଲେ । ନୂଆହାଟରୁ ସାଧୁଭାଇଙ୍କର ପାନ କିଣା ବନ୍ଦ । ସାଧୁଭାଇ କି ଛାଡ଼ୁଛନ୍ତି ? ସେ ନୂଆ ହାଟରୁ ୨/୩ କିଲୋମିଟର ଦୂର ଓଥକା ଗାଁ ମୁଣ୍ଡରେ ଗୋଟିଏ ହାଟ ଆରମ୍ଭ କରିଦେଲେ । ତାଙ୍କର ଜଣାଶୁଣା ପାନଚାଷୀମାନେ ସେଠାକୁ ପାନ ଆଣିଲେ । ସାଧୁଭାଇ ସେମାନଙ୍କ ଠାରୁ ପାନ କିଣି ବାହାରକୁ ପଠାଇଲେ । ଓଥକା ହାଟ ସେଦିନଠାରୁ ଗଢ଼ିଉଠିଲା । ଏବେ ସେ କେତେ ବଡ଼ ହାଟ ହୋଇଛି ।

ଆଜି ନୂଆହାଟ ଡାକ୍ତରଖାନା ଯେଉଁ ଜମି ଉପରେ ଠିଆ ହୋଇଛି, ସେତକ ସାଧୁଭାଇଙ୍କ ଦାନ । କେତେଜଣ ଗାଁ ଲୋକେ ତାଙ୍କ ପାଖରେ ଗୁହାରି କଲେ । ସେ ନିଜ ପାଇଁ ଚେନାଏ ଜାଗା ନରଖି ସବୁତକ ଜମି ଦେଇଦେଲେ ଡାକ୍ତରଖାନା ପାଇଁ । ଜମିଖଣ୍ଡକ ମିଳୁ ନଥିବାରୁ ବହୁଦିନଧରି ଡାକ୍ତରଖାନା ହୋଇପାରି ନଥିଲା ।

ସାଧୁଭାଇ ଜୟଗୁରୁ ନିଗମାନନ୍ଦଙ୍କ ଭକ୍ତ । ଗୁରୁ ପୂର୍ଣ୍ଣିମୀରେ ସେ ଏକ ବଡ଼ ମେଳା କରନ୍ତି ନିଜ ଦାୟିତ୍ୱରେ । ଜୟଗୁରୁ ଶିଷ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦିଅନ୍ତି । ପୂଜାରଜା ହୁଏ । ଭୋଗରାଗ ଖିଆପିଆ ଚାଲେ । ଆମ ପିଲାଙ୍କର ଭାରି ମଜା । ଦିଅଁଙ୍କ ଗୀତ ଶୁଣିଲୁ ଆଉ ମନବୋଧ କରି ଭୋଗ ଖାଇଲୁ । ସାଧୁଭାଇ ସକାଳୁ ନାକପୁଡ଼ାରେ ପାଣି ପିଅନ୍ତି । ସକାଳ ବୁଲା କରନ୍ତି । ଗାଧୋଇ ସାରି ଗୋଡ଼ହାତ ଧୋଇ ଜୟଗୁରୁଙ୍କୁ ପୂଜିବାକୁ ଯା'ନ୍ତି । ତାଙ୍କ ଭଜନ ଜଣାଣ ଦୂରକୁ ଶୁଣାଯାଏ । ଗାଁ ଭିତରେ କାଠ କଠୋଉ ପିନ୍ଧନ୍ତି । ଠକ୍ ଠକ୍ ଶବ୍ଦ କରି ଚାଲନ୍ତି ।

ଆମ ବାପା ଥିଲେ ସବୁ ଭାଇଙ୍କ ଭିତରେ ସାନ, ଦୁର୍ବଳ ମଧ୍ୟ । ତେଣୁ ତାଙ୍କ ଉପରେ ଜୁଲମ ହୁଏ । ସାଧୁଭାଇ କିନ୍ତୁ ଆଦୌ ସହିପାରନ୍ତି ନାହିଁ । ବୋଉ ପାଇଁ ଦରଦ ବି କମ୍ ନୁହେଁ । ଭଲ ମନ୍ଦରେ ସେ ଖୁଡ଼ି (ମୋ ବୋଉ)ଙ୍କୁ ଭାରି ସାହା ହୁଅନ୍ତି । ଏମିତିକି ବୋଉ

ବାପାଘର (ମୋ ମାମୁଁଘର)କୁ ଯିବାର ହେଲେ, ସେ ତାଙ୍କର ବଳଦଗାଡ଼ି ସଜାଡ଼ି ଦିଅନ୍ତି । କାରଣ ସେତେବେଳେ ଆଜିପରି ବସ୍‌ଜିପ୍ ତ ନଥିଲା । ରାସ୍ତା ବି ଭାରି ଖରାପ । ଖରାଦିନେ ଧୂଳିବାଲି ତ ବର୍ଷାଦିନେ କାଦୁଅପଙ୍କ ଆଣ୍ଠୁଏ ଲେଖାଁ ।

ସାଧୁଭାଇଙ୍କ ବାପା-ଶୁଦ୍ଧଘରକୁ କେତେଖଣ୍ଡ ଗାଁ ଆଉ ନୂଆହାଟ ବଜାରରୁ ହଜାର ହଜାର ଲୋକ ଖାଇବାକୁ ଆସିଥିଲେ । କ୍ଷୀରୀ ପୁରୀ, ଚୁଡ଼ାଘଷା, ଦହିବରା, ରସଗୋଲା, ଜିଲାପି, ମିଠାଇ କେତେ କ'ଣ ? ଆମେ ଛୋଟ ଛୋଟ ପିଲାତ ଏସବୁ ଖାଇ ପେଟ ଖରାପ କରିଦେଲୁ । ବେଙ୍ଗ ପେଟରେ କି ଘିଅ ଯାଏ ! ଆଜକୁ ୫୦ ବର୍ଷ ତଳର କଥା । ତେବେ ସେକଥା ମନେ ପଡ଼ିଲେ ଭୋଜିର ମହକ ମନକୁ ମୋହିଦିଏ, ପାଟିରେ ଲାଳ ଝରେ ।

ସାଧୁଭାଇଙ୍କ କଡ଼ା ନଜର ଯୋଗୁଁ ଆମେ ପିଲାଏ ସାବାଡ଼ । ଖୁବ୍ ଶାନ୍ତଶିଷ୍ଟ ହୋଇଗଲୁ । ପାନ ଖାଇବା, ବିଡ଼ି ଟାଣିବା, ଗୁଡ଼ାଖୁ ଘଷିବା, ତାସ ଖେଳିବା ଅବାଗିଆ କଥା କହିବା କି କାମ କରିବା ଆଦି ମନା । କାହାର ଭୁଲ୍ ଦେଖିଲେ ତାଙ୍କ ବାଡ଼ିରେ ଦୁଇତିନି ପାହାର । ତାଙ୍କ ଯୋଗୁଁ ଆମେ ସବୁ ଖରାପ ଅଭ୍ୟାସଠାରୁ ବହୁ ଦୂରରେ ରହିଲୁ ସିନା, ହେଲେ ବହୁଦିନ ଯାଏ ଆମ ମନ ଭିତରେ ଡର ସଂକୋଚ ବସା ବାନ୍ଧିଥିଲା । ବଡ଼ ହେବାରୁ ଆସ୍ତେ ଆସ୍ତେ କମିଲା ।

ସାଧୁଭାଇଙ୍କର ଏତେ କଠୋରତା ସତ୍ତ୍ୱେ ତାଙ୍କ ହୃଦୟ ଥିଲା ଭାରି କୋମଳ । କାହାର ଦୁଃଖକଷ୍ଟ ସହିପାରନ୍ତି ନାହିଁ । ତାଙ୍କ ଆଗରେ ପିଲାଙ୍କର ଅଭାବ ଅସୁବିଧା ଜଣାଇଲେ, ସଂଗେ ସଂଗେ ପୂରଣ କରନ୍ତି । ମୋର ମନେ ଅଛି, ଥରେ ଥରେ ସେ ମୋତେ ତାଙ୍କ ପାଖକୁ ଡାକନ୍ତି । ତାଙ୍କର ଉଚ୍ଚା ସିମେଣ୍ଟ ପିଣ୍ଡାରେ ସେ ଗଡ଼ପଡ଼ ହେଉଥାନ୍ତି । ମୋତେ ପାଖରେ ବସାଇ ଗୀତ ଗାଇବାକୁ କହନ୍ତି । ମୋର ସେଇଗୀତ ତ ମନେ ପଡୁନି । ତେବେ ଗୋଟିଏ ପଦ ଗୀତ ମନେ ପଡୁଛି - ''ପତର ଠେଲି, ପାଖୁଡ଼ା ମେଲି, ନବମଲ୍ଲୀ ତୁ କାହାକୁ ଚାହୁଁ ?'' ଏହାର ଅର୍ଥ କ'ଣ ଜଣା ନଥିଲା । ଯାହା ମନେ ପଡୁଥିଲା, ଗାଉଥିଲି । ସାଧୁଭାଇ ଗୀତ ଶୁଣି ଖୁସି ହୋଇ ଯାଉଥିଲେ । ଏଥିରୁ ତାଙ୍କର କବିତା ସାହିତ୍ୟ ପ୍ରତି ଖୁବ୍ ଶ୍ରଦ୍ଧା ଥିବାର ଜଣାପଡ଼େ । ଜୀବନ ବାଟରେ ଆଗେଇ ଆସିଲା ପରେ ବି ପଛକଥା ମନେ ପଡ଼େ । ସେମାନଙ୍କ ଉତ୍ସାହ ଓ ସାହାଯ୍ୟ ଭୁଲିହୁଏ ନାହିଁ ।

ବାପାବୋଉ ମୋର ପାଠ ପଢ଼ି ନଥିଲେ । ହେଲେ, ପିଲା ତାଙ୍କର ପାଠ ପଢ଼ୁ, ଏଥିରେ ତାଙ୍କର କି ଆନନ୍ଦ ! ପାଠ ପଢ଼ି ନଥିବାରୁ ସେ କିପରି ଦଗା ଖାଇଥିଲେ, କିପରି ଆମ ଜମିବାଡ଼ି ନିଲାମ ହୋଇ ଯାଇଥିଲା, ବାପା ଥରେ ଥରେ କହନ୍ତି । ମୋତେ ଉତ୍ସାହ ଦିଅନ୍ତି ।

ସାଧୁଭାଇଙ୍କ ଘରେ ଜଣେ ସାର୍ ରହି ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ତାଙ୍କ ନାଁ ବେଣୁଧର ଦାଶ । ତାଙ୍କ ଘର ଗୋପ ପାଖ ଗଣେଶ୍ୱରପୁର ବୋଲି ପରେ ଜାଣିଲି । ସେ ସମ୍ଭବତଃ ଆମ ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଥିଲେ । ପିଲାମାନଙ୍କ ମନ ମଜେଇ ପାଠ ପଢ଼ାନ୍ତି । କେଡ଼େ ସୁନ୍ଦର ଚିତ୍ର ଆଙ୍କନ୍ତି ।

ସାଧୁଭାଇଙ୍କ ଦାଣ୍ଡଘର ଓସାରିଆ କାନ୍ଥ ଉପରେ ନାନା ରଙ୍ଗଦେଇ କେତେ ସୁନ୍ଦର ଚିତ୍ର ଆଙ୍କିଥାନ୍ତି । ଏବେ ସେସବୁ ମନେପଡ଼େ, ଆଖି ଆଗରେ ଯେମିତି ନାଚିଯାଏ ଏତେବର୍ଷପରେ । ଶ୍ରୀକୃଷ୍ଣଙ୍କ ଲୀଳା, ହିମାଳୟରୁ ଗଙ୍ଗାରଧାର, ଭଗୀରଥ ଶଙ୍ଖଟିଏ ବଜାଇ ତାଙ୍କ ଆଗରେ ଚାଲିବାର ଦୃଶ୍ୟ କି ମନଛୁଆଁ । ଗଣେଶ ଓ ସରସ୍ୱତୀଙ୍କ ମୂର୍ତ୍ତି ପୂଜାଦିନଗୁଡ଼ିକରେ ସାର୍ ଗଢ଼ିଦିଅନ୍ତି । କି ସଜୀବ ସେସବୁ ମୂର୍ତ୍ତି ।

ମୋର ଭାରି ମନେ ପଡୁଛି ଗୋଟିଏ ଦିନର କଥା । ଗଣେଶ ପୂଜା ଦିନ । ଘଣ୍ଟ ଘଣ୍ଟା, ଶଙ୍ଖମହୁରୀ ବାଜି ଉଠିଲା । ଧୂପଦୀପର ସୁବାସ ଭରିଗଲା । ଗଣେଶଙ୍କ ମୂର୍ତ୍ତି କେତେ ବଡ଼ ! ଆଗରେ ରଖାଯାଇଥାନ୍ତି । ତାଙ୍କ ମୁହଁ ଆଖିସବୁ ଅଙ୍କା ଯାଇଥାଏ । ଶେଷରେ ବେଣୁଧର ସାର୍ ଆସି ଆଖିଡ଼ୋଳା କରିଦେଲେ । ତାକୁ କ'ଣ 'ଚକ୍ଷୁଦାନ' କୁହାଗଲା । ମୂର୍ତ୍ତିଟି ଏତେ ବଡ଼ ଓ ଜୀବନ୍ତ ହୋଇଉଠିଲା ଯେ, ମୁଁ ସେତେବେଳେ ଗଣେଶଙ୍କ ଥନ୍ତଲ ପେଟ, ଅଜବ ମୁହଁ, ଲମ୍ବା ଥୋଡ଼, ବଡ଼ ବଡ଼ ଆଖି ଦୁଇଟିକୁ ଦେଖି ଡରିଗଲି । ଦେହରେ ମୋର ତାତି ଆସିଲା । ଜ୍ୱର ହୋଇଗଲା । ମୁଁ ସମ୍ଭବତଃ ସେତେବେଳେ ଭାରି ଡରୁଆ ଥିଲି !

ବେଣୁଧର ସାର୍ ସାଧୁଭାଇଙ୍କ ଘରେ ପିଲାମାନଙ୍କୁ ପାଠ ପଢ଼ାଇଲାବେଳେ ମୁଁ ୩/୪ ବର୍ଷର ପିଲା । ସେଠାକୁ ଆସି ଠିଆହୁଏ । ପିଲାଙ୍କ ପାଠପଢ଼ା ଦେଖେ, ସବୁ ଶୁଣେ । ସାର୍ ମୋତେ ଦେଖି ପାଖକୁ ଡାକନ୍ତି । ମୁଁ ଡରିଥରି ତାଙ୍କ ପାଖକୁ ଯାଏ ନାହିଁ । ସେମିତି ଠିଆ ହୋଇଥାଏ ।

ମାତ୍ର ସେ ମୋତେ ସୁଖ ପାଇଲେ । ସମ୍ଭବତଃ ମୋର ଆଗ୍ରହକୁ ଲକ୍ଷ୍ୟ କଲେ । ଗୋଟିଏ ଅକ୍ଷର ଶିକ୍ଷା ବହି ତ ନୁହେଁ ଖାତାଟିଏ ମୋ ପାଇଁ କରିଦେଲେ । ମା, ରମା, ରମାର ରବର, ବରଗଛ, ଘରପଛ ଆଦି ଲେଖା ଆଉ ତାଙ୍କର ଅଙ୍କା ଛବି । ସେ ମୋତେ କେତେ ଆଦରରେ ଦେଲେ । ସେଦିନଠାରୁ ମୋ ମନରୁ ତାଙ୍କ ପ୍ରତି ଥିବା ଭୟ ଦୂର ହୋଇଗଲା । ସେଇ ଖାତା ହେଲା ମୋର ପହିଲି ବହି ଆଉ ସେଇ ସାର୍ ହେଲେ ମୋ ଜୀବନର ପହିଲି ଗୁରୁ । ଥରେ ଥରେ ମୋର ଭାରି ମନେ ପଡ଼େ ସେ ସାର୍‌ଙ୍କୁ । ଟିକିଏ ଦେଖନ୍ତି କି ! ସେଇ ଖାତାଟି ମିଳନ୍ତା କି ! ହାୟ, ସେଦିନର କଥା ଆଉ ଫେରିବ ନାହିଁ । ମନରୁ କିନ୍ତୁ ସେସବୁ ଲିଭିବ ନାହିଁ । ସାର୍‌ଙ୍କ ପ୍ରତି ମୋ ମଥା ମୋର ନଇଁ ପଡ଼େ ।

ପାଠପଢ଼ାରେ ମୋର ଆଉଜଣେ ଗୁରୁହୋଇ ଥିଲେ ଯୋଗୀଭାଇ । ସେ ମୋର ଅନ୍ୟ ଜଣେ ବଡ଼ବାପାଙ୍କ ପୁଅ ଭାଇ । ତାଙ୍କ ଘର ଆମ ଘରକୁ ଲାଗି । ଚାଳକୁ ଚାଳ ଲାଗିଥାଏ । ଆମ ଘରେ ସୋରିଷ ଫୁଟିଲେ ତାଙ୍କ ଘରେ ବାସନା ଛୁଟେ, ତାଙ୍କ ଘରେ ତରକାରୀ ହେଲେ, ଆମ ଘର ମହକାଇ ଦିଏ ।

ଆମ ଘର ତରକାରୀ ଭଲ ନଲାଗିଲେ ମୁଁ କୁନ୍ଥାଏ, କାନ୍ଦେ । ଯୋଗୀଭାଇ ତାଙ୍କ ଘରୁ ତରକାରୀ ପଠାଇ ଦିଅନ୍ତି । ପାଠ ପଢ଼ାରେ ସବୁ ବତାଇ ଦିଅନ୍ତି ଆପଣା ଛାଏଁ । ସେ ମୋଠାରୁ ପାଞ୍ଚ ବର୍ଷ ବଡ଼ । ମୁଁ ଯେତେବେଳେ ୩/୪ ବର୍ଷର ପିଲା, ସେ ସେତେବେଳେ ତୃତୀୟ, ଚତୁର୍ଥ ଶ୍ରେଣୀର ଛାତ୍ର । ମୁଁ ତାଙ୍କ ସାଥିରେ ବିଦ୍ୟାଳୟକୁ ଯାଏ । ପାଠପଢ଼ା ଦେଖେ । ମାତ୍ର ତାଙ୍କୁ ସାର୍‌ମାନେ ମାଡ଼ଦେଲେ, ମୁଁ ଭୋ ଭୋ କାନ୍ଦେ ।

ଆମ ବିଦ୍ୟାଳୟ ପାଖରେ ସପ୍ତାହକୁ ଦୁଇଥର ହାଟ ବସେ । ବୁଧବାର ଓ ଶନିବାର । ମୁଁ ଶ୍ରେଣୀଘରେ ବସି ହାଇମାରିଲେ କି ଚଗଲାମି କଲେ, ଯୋଗୀଭାଇ କହନ୍ତି- "ଜଗୁ ତୁ ଗଲୁ, ହାଟରେ କେତେ ଲୋକ ହେଲେଣି, ଗଣିଆସିବୁ ।" ମୁଁ ଘେରାଏ ବୁଲି ଆସେ । ମୋତେ ପଚାରନ୍ତି, "କେତେ ଲୋକ ?" ମୁ କହେ, "ହଜାରେ, ଦୁଇ ହଜାର ।" ସମସ୍ତେ ହସି ଉଠନ୍ତି ।

ବିଦ୍ୟାଳୟକୁ ଯିବାଆସିବା କଲାବେଳେ ଯୋଗୀଭାଇ ତାଙ୍କ ବହିପତ୍ର ବସ୍ତାନି ମୋତେ ଧରାଇ ଦିଅନ୍ତି । ଅନ୍ୟମାନେ ମୋତେ ଥଟ୍ଟା କରି କହନ୍ତି "ଥୋଡ଼ିଆ ବଳଦ" ।

ମୁଁ ପ୍ରଥମେ ତା'ର ଅର୍ଥ ବୁଝିପାରିନଥିଲି । ପରେ ଜାଣିଲି ଯେ ଆଗେ ବଳଦ ପିଠିରେ ମାଲପତ୍ର ଲଦି ଗାଁକୁ ଗାଁ ବୁଲି ବେପାରୀମାନେ ବେପାର କରୁଥିଲେ । ହାଟକୁ ଜିନିଷପତ୍ର ନେବା ଆଣିବା କରୁଥିଲେ ।

ତା'ପରେ ମୋର ନାଁ ଲେଖାହେଲା । ମୁଁ ଖଣ୍ଡେ କନାରେ ମୋର ସିଲଟ, ଖାତା ଓ ବହି ବାନ୍ଧି ନେବା ଆଣିବା କରେ । ତାକୁ 'ବସ୍ତାନି' କହୁ । ସେତେବେଳେ ଆମର ଗୋଟିଏ 'ଶିଶୁ' ଶ୍ରେଣୀଥିଲା । ଗୀତବୋଲୁ ଆଉ କଥା କହୁ । ସାର୍ ସେସବୁ ଶିଖାନ୍ତି । ଆମେ ଖେଳୁ, ବଗିଚା କରୁ । ଅଗେ ସମ୍ଭବତଃ ଜାନୁୟାରୀ ମାସରୁ ନାଁ ଲେଖା, ପାଠପଢ଼ା ଆରମ୍ଭ ହେଉଥିଲା । ମଝିରେ ଜୁଲାଇ ମାସରୁ ଶିକ୍ଷା ବର୍ଷ ଆରମ୍ଭ ହେଲା । ସେଇ ବର୍ଷ ଆମେ ଛଅମାସରେ ଉପର ଶ୍ରେଣୀକୁ ଉଠିଲୁ । ଭାରି ମଜା ଲାଗିଲା ।

ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀଯାଏ ଆମେ ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିଲୁ । ସାଧୁଭାଇଙ୍କ ସାନ ଝିଅ ବିନୋଦିନୀ ମୋ ସାଥିରେ ପଢୁଥିଲା । କେଉଁବର୍ଷ ସେ ଶ୍ରେଣୀରେ ପ୍ରଥମ ହୁଏ ତ କେତେବେଳେ ମୁଁ ହୋଇଯାଏ । ଆମ ଭିତରେ ବାଦଛେଦ ନଥିଲା । ମୋର ସାହିତ୍ୟରେ ଭଲ ହେଉଥିଲା । ମୋର ମନେ ପଡୁଛି, ବିଶୁଳୀପଡ଼ାର ସାଧୁଚରଣ ମହାପାତ୍ର ଥିଲେ ଆମର ଶ୍ରେଣୀ ଶିକ୍ଷକ ।

ସେ ସାହିତ୍ୟ ପଢ଼ାନ୍ତି । ଆମେ ତାଙ୍କୁ ସାଧୁପଣ୍ଡିତ ଡାକୁ । ସେ ଆମକୁ 'ଲଣ୍ଡା' ବରଗଛର ଆତ୍ମକାହାଣୀ, 'ଭିକାରି ବୁଢ଼ାର ଆତ୍ମକଥା' ଆଦି ଲେଖିବାକୁ କହନ୍ତି । ମୋର ଲେଖା ଭଲ ହୁଏ ବୋଲି ସେ ଧନ୍ୟବାଦ ଦିଅନ୍ତି । ଆମ ଶ୍ରେଣୀରେ ପଢ଼ି ଶୁଣାନ୍ତି । ମନରେ ଉତ୍ସାହ ଓ ଆନନ୍ଦ ଭରିଉଠେ ।

# ନୂଆହାଟରେ ନୂଆ ବିଦ୍ୟାଳୟ

ସମ୍ଭବତଃ ଚତୁର୍ଥଶ୍ରେଣୀ ବର୍ଷ ଆମେ ଶିଙ୍ଗପାନିଆ ମି.ଇ. ସ୍କୁଲ୍‌ରେ ନାମ ଲେଖାଇଲୁ । ଆଖପାଖ ଗାଁ ଗଣ୍ଡାରୁ ପିଲାମାନେ ନିମ୍ନପ୍ରାଥମିକ ଶିକ୍ଷା ଶେଷକରି ଏଇ ସ୍କୁଲ୍‌ରେ ନାଁ ଲେଖାଇଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଆମଠାରୁ ବୟସରେ ବଡ଼ । ପାଠରେ ବିଶେଷ କରି ଗଣିତରେ ସେମାନେ ଆମଠାରୁ ଭଲ ଜଣାପଡ଼ିଲେ । କାରଣ ସେମାନେ ଗାଁ ଚାହାଳୀରେ ପିଲାଦିନୁ ପାଠ ପଢ଼ି ପଣିକିଆ, ଗୁଣନ, ଫେଡ଼ାଣ ଆଦିରେ ଦୋରସ୍ତ ହୋଇଥିଲେ । ସେମାନେ ତେଣୁ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହେଲେ । ଆମେ ପଛାଇଗଲୁ ।

ଏଣେ ଯୋଗୀଭାଇ ଏଠାରୁ ମି.ଇ. ପାସ୍ କରି ପୁରୀରେ୍ ରହି ହାଇସ୍କୁଲ୍ ପାଠ ପଢ଼ିଲେ । ତେଣୁ ତାଙ୍କଠାରୁ ବେଶୀ ସାହାଯ୍ୟ ମିଳିଲା ନାହିଁ । କିନ୍ତୁ ଛୁଟିରେ ଗାଁକୁ ଆସିଲେ, ମୋତେ ପାଠ ବତାଇ ଦିଅନ୍ତି । ପୁଣି କହନ୍ତି, ମି.ଇ. ସାଧାରଣ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍‌କଲେ ପୁରୀରେ ଯାଇ ହାଇସ୍କୁଲ୍ ପାଠ ପଢ଼ିବି । ତେଣୁ ପୁରୀରେ ପାଠ ପଢ଼ିବା କଥା ମନରେ ଉତ୍ସାହ ଭରିଦେଲା ।

ସେତେବେଳେ ନିମାପଡ଼ା ଛଡ଼ା ପାଖରେ ଆଉ ହାଇସ୍କୁଲ୍ ନଥିଲା । ଆମ ଘରଠାରୁ ନିମାପଡ଼ା ୧୦/୧୨ କିଲୋମିଟର ଦୂର । ପ୍ରତିଦିନ ଘରୁ ଯିବାଆସିବା କରି ସେଠାରେ ହାଇସ୍କୁଲ୍ ପାଠ ପଢ଼ିବା କଷ୍ଟକର । ମୋର ବୟସ ପୁଣି ସେତେବେଳେ ୧୨/୧୩ ବର୍ଷ । ମୁଁ ଦେଖିବାକୁ ଛୋଟ । ହଷ୍ଟେଲରେ ରହି ପାଠପଢ଼ିବା ମଧ୍ୟ ସମ୍ଭବପର ନୁହେଁ ।

ପଞ୍ଚମ ବା ଷଷ୍ଠ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ମୁଁ ସମ୍ଭବତଃ ପ୍ରଥମ କି ଦ୍ୱିତୀୟ ସ୍ଥାନ ଅଧିକାର କଲି । ସୌଭାଗ୍ୟକୁ ବହୁଦିନ ପରେ ସେଇ ବର୍ଷ ଆମ ସ୍କୁଲ୍‌ରେ ପୁରସ୍କାର ବିତରଣୀ ଉତ୍ସବ ହେଲା । ମୁଁ ସେଥିରେ "ପାରସ୍ୟ ବୀର" ବୋଲି ଖଣ୍ଡିଏ ବହି ଓ ୨ ଖଣ୍ଡ ଏକ୍ସରସାଇଜ (ଗାରପକା) ଖାତା ପୁରସ୍କାର ପାଇଲି । ମନ ଭାରି ଖୁସି ।

ସେଇ ବର୍ଷ ଗ୍ରୀଷ୍ମଛୁଟିରେ ଯୋଗୀଭାଇ ଗାଁକୁ ଆସିଲେ । ମୋର ପୁରସ୍କାର ପାଇବା ଦେଖି ଖୁସି ହେଲେ । ମୋତେ କହିଲେ- ଛୁଟିରେ ମୁଁ ତ ଗାଁରେ ରହୁଛି । ମୁଁ ଗଣିତ ଓ ଇଂରେଜୀ ପାଠ ଆଗତୁରା ପଢ଼ାଇ ଦେବି । ଦୁଇଟି ଖାତାରୁ ଗୋଟିଏ ଗଣିତ ଓ ଅନ୍ୟଟି ଇଂରେଜି ପାଠ ପାଇଁ ବ୍ୟବହାର କରିବୁ । ଆଗତୁରା ପାଠ ପଢ଼ିଗଲେ ଶ୍ରେଣୀରେ ସବୁ ବୁଝିପାରିବୁ । ଭଲ କରିବୁ ।

ସତକୁ ସତ ପ୍ରାୟ ଦୁଇ ମାସର ଗ୍ରୀଷ୍ମ ଛୁଟିରେ ପାଠପଢ଼ାରେ ମନ ଦେଲି । ଯୋଗୀଭାଇ ଅଙ୍କ ବୁଝାଇ ପ୍ରଶ୍ନ ପୁଳାଏ ଦିଅନ୍ତି, ମୁଁ ଖାତାରେ ଲେଖେ । ଇଂରେଜିରେ ସବୁଠୁଁ ବେଶୀ ପଢ଼ାନ୍ତି । ରଚନା, ପତ୍ରଲିଖନ, ଅନୁବାଦ, ବ୍ୟାକରଣ ସବୁ ବୁଝାଇ ପ୍ରଶ୍ନ ଦିଅନ୍ତି, ମୁଁ ଉତ୍ତର ଲେଖି ତାଙ୍କୁ ଦେଖାଏ । ସେ ସବୁ ସଂଶୋଧନ କରନ୍ତି, ଭୁଲ୍ ବତାଇ ଦିଅନ୍ତି । ତେଣୁ ଇଂରେଜୀରେ ମୁଁ ଟିକିଏ ଆଗେଇଲି ।

ମୁଁ "ପାରସ୍ୟ ବୀର" ବହିଟି ପୁରସ୍କାର ପାଇ ଭାରି ଖୁସି ହେଲି, ପଢ଼ିଲି ସିନା, କିଛି ବୁଝିପାରିଲି ନାହିଁ । କାରଣ ଅନ୍ୟ ଦେଶର କଥା, ଘଟଣା ସବୁ ବୁଝିହୁଏ ନାହିଁ । ତେଣୁ ତାକୁ ପଢ଼ିବାରେ ଯେତିକି ମଜା ଲାଗିଥାନ୍ତା, ଲାଗି ନଥିଲା । ସେଦିନଠାରୁ ପିଲାମାନଙ୍କୁ ଠିକ୍ ବହି ବାଛି ପୁରସ୍କାର ଦେଲେ, କେତେ ଭଲ ହୁଅନ୍ତା !

ମୋର ବଡ଼ଭାଇ ପୁରୀରେ ଚାକିରୀ କରିଥିଲେ । ସେ ପାଠପଢ଼ା ବୁଝନ୍ତି । ଖାତାକାଗଜ ଯାହା ଆଣନ୍ତି, ମୋତେ ଦିଅନ୍ତି । ଥରେ ଥରେ ପଶ୍ନଦିଅନ୍ତି । ଉତ୍ତର ଦେଖନ୍ତି । ପାଠବି ବୁଝାଇଦିଅନ୍ତି ।

ଖରାଦିନ ଛୁଟିରେ ଆମ ସ୍କୁଲ୍‌ରେ ଗୋଟିଏ ଦୁଇଟି ନାଟକ ମଞ୍ଚସ୍ଥ ହୁଏ । ଆମ ଶ୍ରେଣୀରେ ପ୍ରଥମ ହେଉଥିଲେ କୁଦପାଟଣାର ବଳରାମ ସାହୁ, ଦ୍ୱିତୀୟ ହେଉଥିଲେ ବିଶୁଳୀପଡ଼ାର ସାଧୁପଣ୍ଡିତଙ୍କ ପୁଅ ସୁରେନ୍ଦ୍ର ମହାପାତ୍ର । ବଳରାମ ଗୀତଗାଇବା, ଅଭିନୟ କରିବାରେ ଭାରି ଭଲ । ସେ ବି ମୋଠାରୁ ବୟସରେ ବଡ଼ ଜଣାପଡୁଥିଲେ । ସୁରେନ୍ଦ୍ର କଥା ବି ସେମିତି । ସେମାନେ ନାଟକରେ ଭାଗ ନେଉଥିଲେ । ପ୍ରାୟ ମାସେ ଲେଖାଁ ସେମାନେ ନିଜର ପାଟ୍ ଶିଖିବା, ରିହର୍ସଲ କରିବାରେ ବି କାଟିଲେ । ସେମାନେ ଏତେ ସେଥିରେ ମଜ୍ଜି ଯାଉଥିଲେ ଯେ ନାଟକ ମଞ୍ଚସ୍ଥ ହେଲା ପରେ ମନ ଦୁଃଖ କରନ୍ତି, କାନ୍ଦନ୍ତି ମଧ୍ୟ । ମୁଁ ସେତେବେଳେ ଏକଥା ବୁଝିପାରୁନଥିଲି ।

ମୁଁ ଛୁଟିରେ ବରଜବାଡ଼ି କାମରେ ମିଶେ । ବାପା ଭାଇଙ୍କୁ ସାହାଯ୍ୟ କରେ । ଖରାଦିନେ ପାନ ବରଜରେ ପାଣିଦେବା, ପାନ ନୋଡ଼ିବା (ତୋଳିବା) ନଅ (ପାନଲଟି) ବାନ୍ଧିବା, ମାଟି ମଡ଼ାଇବା ଆଦି କାମରେ ସାହାଯ୍ୟ କରିଥାଏ । ସମୟ ପାଇଲେ ଯୋଗୀଭାଇଙ୍କ ସାହାଯ୍ୟରେ ପାଠ ପଢ଼େ । ପ୍ରଶ୍ନ-ଉତ୍ତର ଲେଖା- ଲେଖିରେ ଖାତା ଦୁଇଟି ଖରା ଛୁଟିରେ ଶେଷ ହୋଇଗଲା । କିଛି ଆଗୁଆ ପାଠ ପଢ଼ିଦେଲି ।

ବର୍ଷ ଆରମ୍ଭରୁ ପାଠପଢ଼ାରେ ଭଲ କଲି । ଇଂରେଜୀ, ଓଡ଼ିଆ ସାହିତ୍ୟରେ ସମସ୍ତଙ୍କଠାରୁ ଶ୍ରେଣୀରେ ଆଗୁଆ ହେଲି । ଫଳରେ ଷଷ୍ଠ ଶ୍ରେଣୀ ପରୀକ୍ଷାରେ ମୁଁ ପ୍ରଥମ ହେଲି । ତା'ପରବର୍ଷ ଠାରୁ ମୁଁ ସବୁରି ଆଗରେ ରହିଲି ପାଠପଢ଼ାରେ ।

୧୯୪୯ ମସିହା । ସପ୍ତମ ଶ୍ରେଣୀ ସାଧାରଣ ପରୀକ୍ଷା ନିମାପଡ଼ା ହାଇସ୍କୁଲ୍‌ରେ ହେଲା । ଅସ୍ତରଙ୍ଗ, କାକଟପୁର, ପାଟପୁର, ଶିଙ୍ଗପାନିଆ ଆଦି ବହୁ ମି.ଇ.ସ୍କୁଲ୍‌ରୁ ପିଲାମାନେ ସେଇ କେନ୍ଦ୍ରରେ ପରୀକ୍ଷା ଦେଲେ । ଏବେ ଆମ ରାଜ୍ୟର ନେତା ଓ ମନ୍ତ୍ରୀ ହେଉଥିବା ଶ୍ରୀ ସୁରେନ୍ଦ୍ର ନାୟକ ସେଇ ବର୍ଷ ଆମ ସାଥିରେ ସେଇ ସାଧାରଣ ପରୀକ୍ଷା ଦେଇଥିଲେ । ସେ ଅସ୍ତରଙ୍ଗ ଆଡୁ ଆସିଥିଲେ ବୋଲି ଶୁଣିଥିଲୁ ।

ସେଇବର୍ଷ ଆମ ସ୍କୁଲରୁ ବହୁତ ପିଲା ପାସ୍ କଲେ । ପୁଣି ଅନେକ ପିଲା ଭଲ ପଢୁଥିଲେ । ତେଣୁ ନୂଆହାଟର ମୁଖିଆମାନେ ସେଠାରେ ଗୋଟିଏ ହାଇସ୍କୁଲ୍ ଆରମ୍ଭ କରିବାକୁ ବିଚାର କଲେ । ଏ ଦିଗରେ ସେତେବେଳେ ମି.ଇ. ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ଶ୍ରୀ ବୃନ୍ଦାବନ ପାତ୍ର ନେତୃତ୍ୱ ନେଇଥିଲେ । ଶିକ୍ଷାଦାନ ସହିତ ସେ ସଂଗଠନ କାର୍ଯ୍ୟ ଭଲ କରୁଥିଲେ । ସାଧାରଣ ଲୋକେ ମଧ୍ୟ କହିଲେ- ହାଇସ୍କୁଲ୍‌ଟେ ହେଲେ ଗାଁ ଗହଳିର ଗରିବ ପିଲାତକ ଘରେ ପଖାଳ ଖାଇ ମାଟ୍ରିକ୍ ପଢ଼ିଦେବେ ।

ମାତ୍ର ମୋର ମନ ଊଣା ହୋଇଗଲା । ପୁରୀକୁ ଯାଇ ସେଠାରେ ମାଟ୍ରିକ୍ ପାଠ ପଢ଼ିବାର ସ୍ୱପ୍ନ ମଉଳିଗଲା । ଆମ ଘରେ ସେତେବେଳେ ଜମିବାଡ଼ି ନିଲାମ ହେଲା, ଘରେ ବହୁଦିନ ଧରି ନିଜର ଲୋକ ଭଳି ଚାକିରି କରୁଥିବା ବାହୁଡ଼ା ଚୋରି କରିନେଲା । ବାପା ଘରକାର୍ଯ୍ୟରେ ବେଶୀ ମନ ଦେଉନଥିଲେ । ଏଇସବୁ କାରଣରୁ ଅବସ୍ଥା ଭରି ଖରାପ ହୋଇ ଯାଇଥିଲା । ତେଣୁ ଘରେ ପଖାଳ ଖାଇ ମାଟ୍ରିକ୍ ପାଠ ପଢ଼ିବା କଥାହିଁ ସାର ହେଲା । ନିଜର ଭାଗ୍ୟ ଆଦରି ଗାଁ ସ୍କୁଲରେ ପାଠପଢ଼ିଲି । ପୁରୀ ସହରକୁ ଯାଇ ପାଠ ପଢ଼ିବା ପ୍ରସ୍ତାବ ଭଣ୍ଡୁର ହୋଇଗଲା । ହାତପାହାନ୍ତା ପଦ୍ମ କୁଆଡ଼େ ଘୁଞ୍ଚିଗଲା ।

●●●

# ପହିଲିପାଳି ପୁରୀଦେଖା

ପ୍ରାୟ ପଚାଶ ବର୍ଷ ତଳର କଥା । ମୁଁ ଷଷ୍ଠ କି ସପ୍ତମ ଶ୍ରେଣୀରେ ପାଠ ପଢୁଥିଲି । ପୁରୀରେ ସେତେବେଳେ ରହୁଥିଲେ ମୋର ବଡ଼ଭାଇ ଏବଂ ବଡ଼ବାପାଙ୍କ ପୁଅ ଦୁଇଭାଇ ।

ସେତେବେଳେ ପୁରୀ ମୋ ପାଇଁ ଥିଲା ଏକ ସ୍ୱପ୍ନ । ସେଠାର ବଡ଼ଦେଉଳ, ବଡ଼ଠାକୁର, ବଡ଼ଦାଣ୍ଡ, ମହାପ୍ରସାଦ, ବଡ଼ ସମୁଦ୍ର, ବଡ଼ ପୋଖରୀ ଆଦି ଶୁଣିଥାଏ । କେତେ କଥା କଳ୍ପନା କରିଥାଏ । ସୁଯୋଗ ପାଇଲେ ପୁରୀଯିବା ପାଇଁ ମନ ହେଉଥାଏ ।

ଦିନେ ବଡ଼ବାପାଙ୍କ ପୁଅ ଭିକାରୀଭାଇ ପୁରୀ ଯିବାକୁ ବାହାରିଲେ । ସେ ସେଠାରେ ଯାତ୍ରୀ ଗୁମାସ୍ତା ଥିଲେ । ଉତ୍ତର ଓ ପଶ୍ଚିମ ଭାରତକୁ ଯାଇ ଯାତ୍ରୀମାନଙ୍କୁ ଆଣିବା ଆଉ ସେମାନଙ୍କୁ ଦିଅଁ ଦର୍ଶନ କରାଇବା, ବୁଲାଇ ସବୁ ତୀର୍ଥ କରାଇବା ଆଉ ଭଲରେ ବିଦା କରିବା ଥିଲା ତାଙ୍କର କାମ । ତେଣୁ ହିନ୍ଦି ଓ ବଙ୍ଗଳା ଆଦି ଭାଷାରେ ଥିଲା ତାଙ୍କର ଦକ୍ଷତା । ଭାରତର ବହୁ ଅଂଚଳ, ସେ ଦେଖିଥିଲେ ।

ଭିକାରୀଭାଇ ସାଢ଼େ ୬ ଫୁଟିଆ ମରଦ । ଗୋରା ତକ ତକ ଦେହ । ମୁଣ୍ଡରେ ଚୁଟି । ଖୁବ୍ ପୂଜାରଜା କରନ୍ତି । ଦେହରେ ଚିତା ଲଗାନ୍ତି । ମୁଣ୍ଡରେ ସିନ୍ଦୂର କଲି ମାରନ୍ତି । ସଂଜବେଳା ଭାଙ୍ଗ ବାଟନ୍ତି । ଆମକୁ ବି ଚଖାନ୍ତି । ଟିକେ ଟିକେ କଥାରେ ଭାରି ରାଗିଯାନ୍ତି ।

ପୁରୀ ଯିବାକୁ ମୋର ଆଗ୍ରହ ଜାଣିଥାନ୍ତି । ସେଦିନ କହିଲେ- ଜଗୁ, ମୁଁ କାଲି ପୁରୀ ଯାଉଛି । ତୁ ଯଦି ଯିବୁ, ସକାଳୁ ଚାଲିଯିବା । ମୁଁ ସଂଗେ ସଂଗେ ତାଙ୍କୁ ‘‘ହଁ’’ କହି ବୋଉକୁ ମନାଇଦେଲି ।

ସେତେବେଳେ ପୁରୀକୁ ଚାଲି ଚାଲି ଯିବାକୁ ହେଉଥିଲା । ଗାଡ଼ି ମଟର ଚାଲୁ ନଥିଲା । ରାସ୍ତା ମଧ୍ୟ ଠିକ୍ ନଥିଲା । କାଦୁଅ ଓ ବାଲିପୂର୍ଣ୍ଣ । ଆମ ଗାଁ ଠାରୁ ପୁରୀ ପ୍ରାୟ ୩୮ କିଲୋମିଟର ଦୂର । ସକାଳୁ ବାହାରିଲେ ସଂଜବେଳକୁ ପୁରୀ ବଡ଼ଦାଣ୍ଡରେ ପାଦ ପଡ଼େ ।

ଭିକାରୀ ଭାଇଙ୍କ ଠାରୁ ଏକଥା ଶୁଣି ମନରେ ଖୁବ୍ ଆନନ୍ଦ ଓ ଉତ୍ସାହ । କେତେ ମଜାହେବ । ପୁରୀରେ କେତେ କ'ଣ ଦେଖିବି । ସେଦିନ ସକାଳୁ ଆମେ ବାହାରିଲୁ । ମୋତେ ୧୧/୧୨ ବର୍ଷ । ମନ ଉଚ୍ଛାଟରେ ଭିକରୀଭାଇଙ୍କ ସାଥିରେ ଚାଲିଥାଏ । ଗହୀର ବିଲ, ଗାଁ ଗଣ୍ଡା, ନଈନାଳ ଟପି ସିଧା ରାସ୍ତାରେ ଚାଲିଲୁ । ଚାରିଛକ, ଗୋପ ପରେପରେ ନାଗପୁର ପୁରୀ ରାସ୍ତାରେ ଉଠିଲୁ । ଦିନ ୧୧ଟା କି ୧୨ଟା । ଗୋଟିଏ ଗୁଡ଼ିଆ ଦୋକାନରେ ବସି କ'ଣ ଟିକିଏ ଖାଇଲୁ, ପାଣି ପିଇ ପୁଣି ବାହାରିଲୁ ।

ବାଲିଘାଇ ପାଖରେ ପହଞ୍ଚିଲାବେଳକୁ ଖୁବ୍ ଖରାବେଳ । ସେଠାରେ ଗୋଟିଏ ଦୋକନରୁ ପିତ୍ତଳ ପାତ୍ରଟିଏ ଆଣିଲୁ । ଚୁଡ଼ାଗୁଡ଼ କିଛି କିଣିଲୁ । ସାଥିରେ ନଡ଼ିଆ ଥାଏ, ଗୋଟିଏ ଭାଙ୍ଗିଲୁ । ଚକଟାଟେ ହେଲା । ମନ ବୋଧ କରି ଖାଇଲୁ । ବିଶ୍ରାମ ନେଲୁ । ଖରା ଟିକିଏ ମଳିନ ପଡ଼ିଲା ।

ତା'ପରେ ବାଲି ଓ ଧୂଳି ପୂର୍ଣ୍ଣ ରାସ୍ତାରେ ଆଗେଇଲୁ । ଶାଗୁଆ ଗଛଲତାର ଶୀତଳ ଛାଇ । ବହଳିଆ ଝାଉଁବଣ । ପବନ ତା ଭିତରେ ପଶି ସିଇଁ ସିଇଁ ଶବ୍ଦ ସୃଷ୍ଟି କରେ । ଶୀତ ବାଆ ଦେହକୁ ଭାରି ଭଲଲାଗେ ।

ସଂଜ୍ଞାଲାଗି ଆସିଲା । ଅଠରନଳା ପାରି ହେଲୁ । ବଡ଼ଦେଉଳରେ ବାନା ଫରଫର ଉଡୁଥିଲା । ହାତଯୋଡ଼ି ନମସ୍କାର କଲୁ । ତା'ପରେ ବଡ଼ ଦାଣ୍ଡର ଓସାରିଆ ଛାତିରେ ପାଦଦେଲୁ । କେତେ ଆଗକୁ ଲମ୍ବିଯାଇଛି ଦେଖି ମନ ଛକପକ ହେଲା । ସିଂହଦ୍ୱାର ପାଖରେ ପହଞ୍ଚିଲୁ । ପତିତପାବନଙ୍କୁ ପ୍ରଣାମ ଜଣାଇଲୁ ।

ସେତେବେଳକୁ ମୋ ଗୋଡ଼ହାତ ଭାରି ଅବଶ ହୋଇପଡ଼ିଲାଣି । ମୋର ଦୟନୀୟ ଅବସ୍ଥା ଦେଖି ଭିକାରୀଭାଇ ଗୋଟିଏ ରିକ୍ସା ବୁଝିଲେ ବସାଯାଏ ଯିବା ପାଇଁ । ସେତେବେଳେ ହାତଟଣା ରିକ୍ସା । ସେଥିରେ ଗୋଟିଏ ଦୁଇଟି ଘୁଙ୍ଗୁର ଲାଗିଥାଏ । ସେ ଚାଲିଲାବେଳେ ଠନ୍‌ଠନ୍ ହୁଏ । ଲୋକ ଆଡ଼େଇ ଯା'ନ୍ତି । ରାସ୍ତା ଭାରି ଖାଲ ଢ଼ିପ ହୋଇଥାଏ । ଥରେ ଥରେ ରିକ୍ସାବାଲା ଟାଣିପାରେ ନାହିଁ । ଆମେ ଦୁହେଁ ବସିଥାଉ ରିକ୍ସାରେ । ତାର କଷ୍ଟ ଦେଖି ମନ ମୋର ଦବିଯାଏ । ଭାବେ ଓଲ୍ଟାଇ ପଡ଼ିବି କି ?

ଶେଷରେ ଆମେ ପହଞ୍ଚିଲୁ ବାଲିସାହି ପାଖ ତଲୁଛସାହିରେ । କାହ୍ନୁ ମାଲିକଙ୍କ ବଡ଼ବାମ୍ପୀ ପକ୍କାଘର । ତା ପାଖକୁ ଲାଗି ଗୋଟିଏ, ଛୋଟ ଟିଣ ଛପର ଘର । ସେଠାରେ ଥାନ୍ତି ଆମର ଦୂର ସଂପର୍କୀୟା ମାଇଁ, ରଘୁଭାଇ ଓ ଭାଉଜ । ତାଙ୍କର ପରିବାର ସେଇ ଘରେ ସିନା ରହନ୍ତି, ମାତ୍ର ରୋଷେଇ ହୁଏ ସବୁରି ପାଇଁ । ମାଇଁଙ୍କ ରୋଷେଇ ଭାରି ସୁଆଦିଆ । ତାଙ୍କ ସ୍ନେହ ଆଦର ତ ଆହୁରି ସୁଆଦିଆ । ଭିକାରୀ ଭାଇ, ଯୋଗୀଭାଇ ଓ ଆମ ଭୋଳିଭାଇ ସେଠାରେ ଖିଆପିଆ କରନ୍ତି । ରହନ୍ତି ଦକ୍ଷିଣଦ୍ୱାର ପାଖ ଭରତ ମହଲାରେ ।

ଭରତ ମହଲାରେ ଯାତ୍ରୀମାନେ ରହନ୍ତି । ଅଫିସ୍ ଘରଟିଏ ଥାଏ । କୋଠାଘର । କାଗଜପତ୍ର ଲେଖାଲେଖି ହୁଏ ଯାତ୍ରୀମାନଙ୍କର । ସେସବୁ ଖୋଜିଲେ ଯାତ୍ରୀମାନଙ୍କର ପୂର୍ବପୁରୁଷ କେବେ ଆସି ପୁରୀରେ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ, କେଉଁମାନେ ଆସିଥିଲେ, କେତେ "ଆଟିକା" (ଅର୍ଥଦାନ) କରିଥିଲେ ସବୁଲେଖା ହୋଇଥାଏ । ଯାତ୍ରୀମାନଙ୍କର ଭାରି ଭକ୍ତି, ଭାରି ବିଶ୍ୱାସ । ସେମାନଙ୍କର ରହିବା, ଖାଇବା, ପୁରୀ ଓ ତାର ଆଖପାଖରେ ସବୁ ଦେବଦେବୀଙ୍କୁ ଦାନଧର୍ମ କରିବା, ଅଭଡ଼ା ଖାଇବା ସବୁ ଯାତ୍ରୀ ଗୁମାସ୍ତାମାନେ ବୁଝୁଥିଲେ । ଘରକୁ ବିଦା ହେଲାବେଳେ ଯାହାସବୁ ଦେଉଥିଲେ ଯାତ୍ରୀମାନେ ମନଖୁସିରେ ।

ଭରତ ମହଲାରେ ତ ଆମେସବୁ ରହିଲୁ । ବୈଷ୍ଣବଭାଇ ଥିଲେ ସବୁରି ବଡ଼ଭାଇ । ମୁରବୀ ପରି ସେ ସବୁକଥା ବୁଝୁଥିଲେ । ଗୁମାସ୍ତାମାନଙ୍କର ମଧ୍ୟ ସେ ଥିଲେ ମୁଖିଆ । ଭୋରରୁ ଉଠି ଗାଧୋଇ ପାଧୋଇ ପୂଜାରଜା କରନ୍ତି । ଦେହସାରା ଚିତା ହେଉଥିଲେ । ଭାରି ଧର୍ମପ୍ରାଣ ଲୋକ । ସମସ୍ତଙ୍କ ପାଇଁ ତାଙ୍କର ଖୁବ୍ ଶ୍ରଦ୍ଧା । ମୋତେ ଭାରି ଭଲ ପାଉଥିଲେ । ସମସ୍ତେ ବି ତାଙ୍କୁ ମାନୁଥିଲେ । କେତେବେଳେ ଉପଦେଶ ଦେଉଥିଲେ ଆଉ କେତେବେଳେ ତାଗିଦା କରୁଥିଲେ ।

ବୈଷ୍ଣବଭାଇ ଥରେ ମୋତେ କହିଲେ- ଜଗନ୍ନାଥ, ଥରେ ତୁ ଯୋଗୀକୁ ବୁଝାଇ ଗୋଟିଏ ଚିଠି ଲେଖିଥିଲୁ । ମୋତେ ଭାରି ଭଲ ଲାଗିଲା ।

ମୁଁ କାବା ହୋଇଗଲି । କ'ଣ ଯୋଗୀଭାଇଙ୍କୁ ଚିଠିରେ ଲେଖିଥିବି । ସେ ପୁଣି କିପରି ଜାଣିଲେ ? ମୁଁ ପଚାରିଲି - କ'ଣ ଲେଖିଥିଲି ?

ବୈଷ୍ଣବଭାଇ କହିଲେ- ତୁ ପରା ଲେଖିଥିଲୁ- "ପତର ପରି ହେଲେ ହସିବେ ପର, ପଥର ପରି ହେଲେ କରିବୁ ଘର"। ମୋର ମନେ ପଡ଼ିଗଲା। ଥରେ ଯୋଗୀଭାଇ ଓ ଭିକାରୀଭାଇଙ୍କ ମଧ୍ୟରେ ରାଗରୋଷ ହୋଇଥିଲା। ସେତେବେଳେ ଆମର ଗୋଟିଏ ବହି "ନାଗରିକ ଶିକ୍ଷା" ପଢ଼ା ଯାଉଥିଲା। ତାକୁ ସମ୍ଭବତଃ ଲେଖିଥିଲେ ଶ୍ରୀଯୁକ୍ତ କହ୍ନେଇ ଚରଣ ସ୍ୱାଇଁ ଓ ପରମାନନ୍ଦ ଖଣ୍ଡାୟୀ। ସେଥିରେ ଲେଖାଥିଲା ଏହି ପଦଟି। ମୁଁ ତାକୁ ଯୋଗୀଭାଇଙ୍କ ଚିଠିରେ ଲେଖି ଦେଇଥିଲି। ତା ସମ୍ଭବତଃ ଆଗରୁ ଭରତ ମହଲାରେ ଆଲୋଚନାର ବିଷୟ ହୋଇଥିଲା।

ମୁଁ ଭରତ ମହଲା ଭିତରେ ବସି ଯାତ୍ରୀମାନଙ୍କୁ ଦେଖେ। କେତେ କଷ୍ଟକରି ସେମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି କାହିଁ କେତେ ଦୂରରୁ। ମନ୍ଦିର ପାଖ ହୋଇଥିବାରୁ ଭିତରକୁ ଯାଏ। ଠାକୁରମାନଙ୍କୁ ଦର୍ଶନ କରେ। ମେଘନାଦ ପାଚିରୀ ଭିତରେ ଘେରାଏ ବୁଲେ। ଲକ୍ଷ୍ମୀ ମନ୍ଦିରରେ ବସେ। ଭାରି ଶାନ୍ତି ଲାଗେ।

ଯାତ୍ରୀ ଗୁମାସ୍ତାଙ୍କ ମଧ୍ୟରେ ଜଣେ ଥା'ନ୍ତି ଗିରିଧାରୀ ଭାଇ। ସେ ଭାରି ଥଟ୍ଟା ତାମସା କରନ୍ତି। ମୁଁ ଥରେ ଥରେ ତାଙ୍କ ସାଥିରେ ଯାଏ। ସେ ଯାତ୍ରୀମାନଙ୍କୁ ନେଇ ସବୁ ବୁଲାଇ ଦେଖାନ୍ତି, ଦର୍ଶନ କରାନ୍ତି। ମୋ କାମ ବି ତା ଭିତରେ ହୋଇଯାଏ। ଥରେ ସକାଳେ ମୋତେ ଅଣିଟିଏ (ଚାରିପଇସାର ମୁଦ୍ରା) ବଢ଼େଇ ଦେଇ କହିଲେ- ଜଗୁ, ଯା' ସେଇ ଦୋକାନରୁ ଅଣାକର କର୍ଣ୍ଣମୋଚକ ଆଣେ, ଖାଇବା।

ମୁଁ ଭାବିଲି - ଜିଲିପି, ରସଗୋଲା ପରି କର୍ଣ୍ଣମୋଚକ ଗୋଟିଏ କ'ଣ ଭଲ ଖାଇବା ଜିନିଷ। ମୁଁ ଦୋକାନୀ ପାଖକୁ ଯାଇ ଅଣିଟି ବଢ଼ାଇ ଦେଲି ଆଉ କର୍ଣ୍ଣମୋଚକ ମାଗିଲି। ସେ ହସି ପକାଇଲା। ଗିରିଧାରୀ ଭାଇ ବି ପଛରେ ଥାଇ ହସୁଥାନ୍ତି। ମୁଁ ଲାଜେଇ ଗଲି। ଭରତ ମହଲାକୁ ଆସି ବୁଝିଲି କର୍ଣ୍ଣମୋଚକ ହେଲା କାନମୋଡ଼ା।

ଥରେ ଯୋଗୀଭାଇ କହିଲେ- "ଜଗୁ, ଚାଲ ପୁରୀ ବୁଲିବା। ସବୁ ଦେଖାଇ ଦେବି।" ମୋର ସେଥିରେ ଅରାଜି ହେବାର କ'ଣ ଅଛି ? ମନ୍ଲୁ ଖୋଜୁଥିଲା ଯାହା ବଇଦ ବତାଇଲା ତାହା। ମୋତେ ସାଥିରେ ନେଇ ସେ ଆଗ ଗୋଟିଏ ସାଇକଲ ଭଡ଼ାରେ ଆଣିଲେ। ଘଣ୍ଟାକ ପାଇଁ ଚାରିଅଣା, ଗୋଟିଏ ଟଙ୍କାର ଚାରିଭାଗରୁ ଭାଗେ। ଖୁବ୍ ଶସ୍ତା। ମାତ୍ର ସେ ସାଇକଲର ସବୁ ଅସଜ, କେଉଁ କାଳରୁ ସେ ପଡ଼ିଥିଲା।

ଯୋଗୀଭାଇ ଟିକିଏ ଡେଙ୍ଗା ହୋଇଥିବାରୁ ଗୋଡ଼ ଲଗାଇ ବ୍ରେକ୍ ଦିଅନ୍ତି, ଚଳାନ୍ତି । ମୁଁ ବସିଥାଏ ଲମ୍ବା ରଡ୍‌ଟା ଉପରେ ଦୁଇପଟକୁ ଗୋଡ଼ କରି । ପଛ ସିଟ ବା କ୍ୟାରିଅର ନଥିଲା । ଧକ୍‌ଚକ୍ ରାସ୍ତାରେ ଯିବାବେଳେ ମୋତେ ଭାରି କଷ୍ଟ ଲାଗେ । ହେଲେ, ସେଇଥିରେ ସମୁଦ୍ରକୂଳ, ଗୁଣ୍ଡିଚାବାଡ଼ି, ଇନ୍ଦ୍ରଦ୍ୟୁମ୍ନ ପୋଖରୀ, ସେଠାର ବନ ବଡ଼ କଇଁଚ, ନରେନ୍ଦ୍ର ପୋଖରୀ ଆଦି କେତେ କ'ଣ ଦେଖାଗଲା ।

ଦରଭଙ୍ଗା ସାଇକଲ । ଚେନ୍ ଖସିପଡୁଥାଏ ଥରକୁ ଥର । ଖଟଖାଟ୍ ଧଡ଼ଧାଡ଼୍ ଶବ୍ଦ କରି ସେ ଚାଲେ । ଘଣ୍ଟି ଥାଏ କି ନାହିଁ, ବଜାଇବା ଦରକାର ପଡ଼େନାହିଁ । ଦୂରରୁ ଲୋକେ ଜାଣିଯା'ନ୍ତି ପଛରୁ ଗୋଟେ କ'ଣ ଯାନ ଆସୁଛି । ତିନିଚାରି ଘଣ୍ଟା ପରେ ଦୋକାନୀକୁ ତାର ଗାଡ଼ି ଫେରାଇ ଦିଆଗଲା । ଆଉ ପଇସା ମାଗିବାରୁ ଯୋଗୀଭାଇ ବତାଇଦେଲେ- ଆମେ ତୁମ ଭଙ୍ଗାସାଇକଲ ଯୋଗୁଁ ଭାରି ହଇରାଣ । ବାଟଯାକ ଖାଲି ମରାମତି କଲୁ । ଆମକୁ ପଇସା ଦେ' । ଦୋକାନୀ ଚୁପ୍, ଆମେ ଫେରିଲୁ ।



# ନୂଆ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା

ଶିଙ୍ଗପାନିଆ ମି.ଇ. ସ୍କୁଲ୍‌ରୁ ଆମେ ୧୯୪୯ ମସିହାରେ ମାଇନର ପାସ୍ କଲୁ । ଆମ ଭିତରୁ ଅନେକ ପିଲା ସେ ବର୍ଷ ନିମାପଡ଼ାରେ ଭଲ ନମ୍ବର ରଖିଥିଲୁ । ତେଣୁ ନୂଆହାଟରେ ହାଇସ୍କୁଲ୍‌ଟିଏ ଆରମ୍ଭ ହେଲା ।

ସାଧାରଣ ସଭାଟିଏ ନୂଆହାଟରେ ବସିଲା । ଆମର ସାଧୁଭାଇ ହେଲେ ସଭାପତି । ହାଇସ୍କୁଲ୍ ବସାଇବା ବିଷୟରେ ବୁଝାବୁଝି କରିବାକୁ ଗୋଟିଏ ସମିତି ଗଠିତ ହେଲା । ନାରାୟଣ ପାତ୍ରଙ୍କୁ ଏହାର ସଭାପତି ଓ ନଟବର ମହାନ୍ତିଙ୍କୁ ସଂପାଦକ କରାଗଲା । ବୃନ୍ଦାବନବାବୁ ନୂଆ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ହେଲେ । ସମ୍ଭବତଃ ୨୦/୩୦ ଜଣ ପିଲାଙ୍କର ୮ମ ଶ୍ରେଣୀରେ ନାମଲେଖା ହେଲା । ଅଧିକାଂଶ ଗରିବ ଅଥଚ ଭଲ ପଢୁଥିବା ପିଲା ରହିଲେ । ଯେଉଁ ପିଲାଙ୍କର ଅବସ୍ଥା ଭଲ ବା ବାହାରେ ଭଲ ସ୍କୁଲ୍‌ରେ ପଢ଼ିବାର ସୁବିଧା ଥିଲା, ସେମାନେ ଚାଲିଗଲେ ।

ପ୍ରଥମେ ଶିଙ୍ଗପାନିଆ ହାଇସ୍କୁଲ୍ ନାଁ ରହିଲା । ପ୍ରତିବର୍ଷ ଗୋଟିଏ ଲେଖାଁ ଶ୍ରେଣୀ ଖୋଲୁଥାଏ । ଏମିତି ୮ମ, ୯ମ, ୧୦ମ ଓ ୧୧ଶ ଶ୍ରେଣୀ ଖୋଲିଗଲା । ଚାନ୍ଦାଭେଦା ହେଲା । ଆମେ ଗାଁ ଗଣ୍ଡାରେ ବୁଲି କାଠ, ବାଉଁଶ, ଇଟା ଆଦି ସଂଗ୍ରହ କଲୁ । କିନ୍ତୁ ସ୍କୁଲ୍ କେତେବେଳେ ଶିଙ୍ଗପାନିଆ ତ କେତେବେଳେ ଯୋଗେଶ୍ୱରପୁର, କେତେବେଳେ ନୂଆହାଟରେ ତ କେତେବେଳେ ଧୂମାଳରେ ବସିବାରେ ବିଲୁଆବିଚାର ହେଉଥାଏ ।

ଏହି ସ୍କୁଲ୍‌ରେ ନାଁ ଲେଖାଇବାରେ ବର୍ଷକ ପରେ ବାପା ଆମକୁ ଛାଡ଼ି ପରପାରିକୁ ଚାଲିଗଲେ । ପଢ଼ା ବହିପତ୍ର କିଣିବା ବି କଷ୍ଟକର ହେଲା । ଟିକିଏ ଭଲ ପଢୁଥିବାରୁ ଦରମା ମୋର କେତେବେଳେ ପୂରା ତ କେତେବେଳେ ଅଧା ଛାଡ଼ ହେଉଥିଲା । ବଡ଼ଭାଇ ତାଙ୍କ ସୁବିଧା ସୁଯୋଗ ଦେଖି ପୁରୀରୁ କେତେବେଳେ ବହିପତ୍ର କ'ଣ ଆଣିଦିଅନ୍ତି । ମାତ୍ର ସବୁଥିରେ ଅଭାବ ରହିଥାଏ ।

ବୃନ୍ଦାବନ ସାର୍ ୮ମ ଓ ୯ମ ଶ୍ରେଣୀରେ ଆମଙ୍କୁ ଇଂରେଜି ଓ ବିଜ୍ଞାନ ପଢ଼ାଉଥିଲେ । ତାଙ୍କର ଇଂରେଜି ଜ୍ଞାନ ଖୁବ୍ ଭଲ ଥିଲା ଏବଂ ବିଜ୍ଞାନ ବି ପଢ଼ାଉଥିଲେ । ଯୋଗୀଭାଇଙ୍କ ସାହାଯ୍ୟରେ ମୋର ଇଂରେଜିରେ ଭଲ ହେଉଥିଲା । ପରୀକ୍ଷାରେ ଭଲ ନମ୍ବର ରଖୁଥିଲି । ମନେ ପଡୁଛି ଦିନେ ବୃନ୍ଦାବନ ସାର୍ ଆମ ଇଂରେଜି ବହିରେ ଥିବା ଅବସର (Leisure) କବିତାଟି ପଢ଼ାଉଥିଲେ । ସେଥିରେ ଗୋଟିଏ ପଦଥିଲା ଖରାବେଳେ ଉଜ୍ଜ୍ୱଳ ସୂର୍ଯ୍ୟାଲୋକ ପଡ଼ି ନଈପାଣିରେ ଅସୁମାରି ତାରା ଫୁଟି ଉଠେ । ଅନେକଙ୍କୁ ଏହା ଟିକିଏ ଅବୁଝା ହେଲା ।

ମାତ୍ର ମୁଁ ଦାଣ୍ଡପୋଖରୀରେ ଏହି ଦୃଶ୍ୟ ମୋର ଆଖି ଫିଟିଲା ଦିନରୁ ଦେଖି ଆସିଥିଲି । ବିଶେଷତଃ ଖରାଦିନେ ଯେତେବେଳେ ଆମେ ଦାଣ୍ଡପିଣ୍ଡାରେ ବସିଥାଉ, ଖୁବ୍ ଗରମ ହେବାରୁ ଝାଳ ଗମ୍ ଗମ୍ ହୋଇ ବହିଯାଏ । ଆମ ପୋଖରୀର ଓସାରିଆ ଛାତି ଉପରେ ଶୀତଳ ପବନ ବହିଆସେ । ଦେହକୁ ଚନ୍ଦନ ଲେପିଲା ପରି ଭାରି ଥଣ୍ଡା ଲାଗେ । ଖରାପଡ଼ି ପୋଖରୀର ଛୋଟ ଛୋଟ ଲହରୀ ଉପରେ ଅସୁମାରି ଉଜ୍ଜ୍ୱଳ ତାରା ଝିଲ୍‌ମିଲ୍ ହୋଇଉଠେ । ମୋତେ ସେସବୁ ଦେଖିବାକୁ ଭାରି ମଜା ଲାଗେ । ସେଦିନ ବୃନ୍ଦାବନ ସାର ପଚାରିବାରୁ ମୁଁ ମୋର ଅନୁଭୂତିରୁ ସବୁ କହିଥିଲି । ସେ ଏକଥା ଶୁଣି ଭାରି ଖୁସି ହୋଇଥିଲେ । ଅନ୍ୟ ପିଲାମାନେ ବି ତାରିଫ କଲେ ।

ବୃନ୍ଦାବନ ସାର୍ କ୍ରମେ ରାଜନୀତି ଆଡ଼କୁ ଟାଣିହୋଇଗଲେ । ସେ ହେଲେ ପ୍ରଥମେ କଂଗ୍ରେସ କର୍ମୀ, ତାପରେ ନେତା । ଏଇ ସମୟ ଭିତରେ ସମ୍ଭବତଃ ୧୯୫୧ ସାଧାରଣ ନିର୍ବାଚନ ହେଲା । ସେଥିରେ ବୀରତୁଙ୍ଗର ଶ୍ରୀ ଉପେନ୍ଦ୍ର ମହାନ୍ତି କଂଗ୍ରେସରୁ ଓ ପୁରୀର ଓକିଲ ଶ୍ରୀ ଦ୍ୱାରକାନାଥ ଦାଶ ପ୍ରଜାସୋସଲିଷ୍ଟ ପାର୍ଟିରୁ ପ୍ରାର୍ଥୀ ହେଲେ । ସେତେବେଳେ କଂଗ୍ରେସର ନିର୍ବାଚନ ସଂକେତ ଥିଲା ଯୋଡ଼ିବଳଦ ଆଉ ପ୍ରଜାସୋସଲିଷ୍ଟ ପାର୍ଟିର ଚିହ୍ନ ଥିଲ ବରଗଛ ।

ବୃନ୍ଦାବନ ସାର୍ ପ୍ରଧାନ ଶିକ୍ଷକ ଥିଲାବେଳେ ବି କଂଗ୍ରେସ କାର୍ଯ୍ୟ କରୁଥିଲେ । ଆମ ସେଇ ଅଂଚଳରେ ସେ କଂଗ୍ରେସ ଦଳ ତରଫରୁ ପ୍ରଚାର ଦାୟିତ୍ୱ ନେଇଥିଲେ । ଆମ ଯୋଗୀଭାଇ ଥିଲେ ପ୍ରଜାସୋସଲିଷ୍ଟ ଦଳ ତରଫରୁ ପ୍ରଧାନ କାରପଟଦାର । ଥରେ ନୂଆହାଟରେ ଯୋଗୀଭାଇ ଗୋଟିଏ ନିର୍ବାଚନ ସଭା କରାଇଲେ । ମୋର ଦାୟିତ୍ୱ ହେଲା

ସେଇ ସଭାରେ ପ୍ରଚାରପତ୍ର ବାଣ୍ଟିବା । ସେକଥା ସାରଙ୍କୁ ଜାଣିବାକୁ ବିଳମ୍ବ ହେଲା ନାହିଁ । ତା'ଆରଦିନ ମୁଁ ସ୍କୁଲ୍‌କୁ ଯାଇଛି । ବୃନ୍ଦାବନ ସାର୍ ପାଠ ପଢ଼ାଇବାକୁ ଶ୍ରେଣୀରେ ପଶିଲେ । ମୋ ଉପରେ ତାଙ୍କର ଆଖି ଆଗ ପଡ଼ିଲା । ହଠାତ୍ ରାଗରେ ତମତମ ହୋଇ ପଚାରିଲେ- କାହିଁକି କାଲି ତୁମେ ଭୋଟ ପ୍ରଚାର କରୁଥିଲ ?

ମୁଁ କହିଲି- ମୁଁ କିଛି ପ୍ରଚାର କରୁନଥିଲି । ଖାଲି ଯୋଗୀଭାଇ କହିବାରୁ କେତେଖଣ୍ଡ ପ୍ରଚାରପତ୍ର ମିଟିଂରେ ବାଣ୍ଟୁଥିଲି ।

ସେ ରଗମଗ ହୋଇ କହିଲେ- ତୁମେ ଗରିବ ପିଲା । ଟିକେ ଭଲ ପଢୁଛ ବୋଲି ଦରମା ଛାଡ଼ ହେଉଛି । ମୁଁ ଚାହିଁଲେ ତୁମକୁ ସ୍କୁଲ୍‌ରୁ ବିଦା କରିଦେବି । ତୁମେ ବିରୁଦ୍ଧ ଦଳର ପ୍ରଚାର କରୁଛ ।

ମୁଁ ଏଥିରେ ତାଙ୍କୁ କ'ଣ ଉତ୍ତର ଦେଲି ମନେ ନାହିଁ । ସେ ମୋ ଗାଲରେ ହଠାତ୍ ଏକ ଚାପୁଡ଼ା କଷିଦେଲେ । ମୁଁ ଚମକି ପଡ଼ିଲି । କାନ୍ଦକାନ୍ଦ ହୋଇଗଲି । ଘରକୁ ଫେରି ଯୋଗୀଭାଇଙ୍କୁ ସବୁକଥା କହିଲି । ସେ ଖୁବ୍ ରାଗି ଉଠି କହିଲେ- ମୁଁ ତାଙ୍କୁ ପଚାରିବି । ସେ କ'ଣ ବୋଲି ପାଇଛନ୍ତି କି ? କ'ଣ ତାଙ୍କ ଦଳର ରାଜୁତି ବୋଲି ଯାହା ଇଚ୍ଛା ତାହା କରିବେ ?.......

ସେ ନିଶ୍ଚୟ ତା ଆରଦିନ ଏକଥା ପଚାରିଥିବେ ଆଉ ସେ ଯାହା କହିଥିବେ । ତେବେ ତାଙ୍କର ସବୁ ଉଚ୍ଚବାଚ ହୋଇଥିଲା । ଯୋଗୀଭାଇ ପୁଣି ଇନସ୍‌ପେକ୍ଟରଙ୍କୁ ଏକଥା ଲେଖିବେ ବୋଲି କହୁଥିଲେ । ମୁଁ କିନ୍ତୁ ମନାକଲି । ଆମ ସାର୍, ମୁଁ ତାଙ୍କ ସ୍କୁଲ୍‌ରେ ପାଠପଢୁଛି । ଅବସ୍ଥା ଖରାପ ଥିବାରୁ ପୁଣି ସବୁରି ସାହାଯ୍ୟ ନେଉଛି ।

ବୃନ୍ଦାବନ ସାର୍ କ୍ରମେ ସ୍କୁଲ୍‌ଛାଡ଼ି ରାଜନୀତିରେ ଯୋଗଦେଲେ । ତାଙ୍କପରେ ଆମର ପ୍ରଧାନ ଶିକ୍ଷକ ହେଲେ ଶ୍ରୀ ପୁରୁଷୋତ୍ତମ ସ୍ୱାଇଁ । ଖୁବ୍ ଶାନ୍ତଶିଷ୍ଟ ଓ ନିଷ୍ପାପର ଶିକ୍ଷକ । ମୋତେ ସେ ଭାରି ଭଲ ପାଉଥିଲେ । ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ୧୯୫୧ରୁ ଆମର ସଂସ୍କୃତ ପଣ୍ଡିତ ହୋଇ ଯୋଗ ଦେଇଥିଲେ । ସେ ତାଙ୍କ କାମଟି ନିଷ୍ଠାର ସହିତ କରୁଥିଲେ । ଅଳ୍ପ ଦରମାରେ ସେମାନେ ରହିଥିଲେ ଘରପାଖ ବୋଲି ।

୧୯୫୩ ମସିହାରୁ ଆମ ସ୍କୁଲ୍ ନାମ ହେଲା ନୂଆହାଟ ହାଇସ୍କୁଲ । ମାତ୍ର ସ୍କୁଲ୍‌ଘର କେଉଁଠି ହେବ, ଠିକ୍ ହୋଇ ପାରିଲା ନାହିଁ । ଦରମାପତ୍ର କମ୍ ହୋଇଥିବାରୁ, ପୁଣି ତାହା ବି ବେଳାରେ ମିଳୁ ନଥିବାରୁ ପ୍ରଧାନ ଶିକ୍ଷକ ଏମିତିକି ସହକାରୀ ଶିକ୍ଷକ ମଧ୍ୟ ସ୍କୁଲ୍ ଛାଡ଼ି ନିଜର ସୁବିଧା ଦେଖନ୍ତି । ଆମ ପଢ଼ାପଢ଼ିରେ ସବୁ ଅସୁବିଧା ହୁଏ । ପ୍ରତିବର୍ଷ ଯେତିକି ପଢ଼ାହେବାର କଥା, ତାର ଅଧାବି ସରେନାହିଁ । ୧୯୫୩ ମସିହାରେ ଆମେ ୧୧ଶ ଶ୍ରେଣୀରେ ପହଞ୍ଚିଲୁ । ମାତ୍ର ହାଇସ୍କୁଲ୍‌ର ଗୋଟିଏ ଶ୍ରେଣୀ ମଧ୍ୟ ମଞ୍ଜୁର ହୋଇନଥିଲା । ଆଗକୁ ହେବ, ହେଉଛି କହି ରାତି ପାହୁଥାଏ ।

ଆମର ଶେଷ ବର୍ଷ ହେବାରୁ ମାଟ୍ରିକ୍ ପରୀକ୍ଷା ଦେବା କଥା ଉଠିଲା । ସେତେବେଳେ ସ୍କୁଲ୍ ଇନସ୍‌ପେକ୍ଟରମାନେ ଭାରି ଦଣ୍ଡା ଥିଲେ । ଚାରି ପାଞ୍ଚଟା ଜିଲ୍ଲା ପାଇଁ ଜଣେ ଇନସ୍‌ପେକ୍ଟର । ଆମର ଥିଲେ ଗୋକୁଳାନନ୍ଦ ଶତପଥୀ, ଭାରି ଟାଣୁଆ । ତାଙ୍କ ଅଫିସ୍ ଥାଏ ବ୍ରହ୍ମପୁରଠାରେ । ସେ ସ୍କୁଲ୍ ଦେଖି ଆସି ମଞ୍ଜୁରୀ ଦେବା ପାଇଁ ଯାହାସବୁ ଦରକାର, ସେ ସବୁର ଅଭାବ ନିଜେ ଦେଖିଲେ । ସେ ପରିଦର୍ଶନ ମନ୍ତବ୍ୟ ବହିରେ ଲେଖିଲେ-ଖଣିରେ ବହୁତ ସୁନା, ମାତ୍ର ତା ଉପରେ ସ୍ୱପ୍ନ ଦେଖିଲେ ପେଟ ପୂରେ ନାହିଁ ।

ତେବେ ଇନସ୍‌ପେକ୍ଟର ମହୋଦୟ ଆମ୍ଭମାନଙ୍କୁ ନିମାପଡ଼ା ହାଇସ୍କୁଲ୍‌ରେ ବଛାବଛି (ଟେଷ୍ଟ) ପରୀକ୍ଷା ଦେବାକୁ ଅନୁମତି ଦେଲେ । ସେଥିରେ ଯେତେଜଣ ପାସ୍‌କରିବେ, ସେମାନେ ନିମାପଡ଼ା ହାଇସ୍କୁଲ୍‌ର ଘରୋଇ ଛାତ୍ର ଭାବରେ ପରୀକ୍ଷା ଦେବେ । ଆମେ ୧୦/୧୨ ଜଣ ସେଇ ପରୀକ୍ଷା ଦେଇଥିଲୁ, ଏବଂ ୪ ଜଣ ପାରଉଭାର ହେଲୁ । ସେତେବେଳକୁ ପାଠପଢ଼ା ଅଧା ହୋଇଥିଲା । ବିଶେଷ କରି ଗଣିତ ଇଚ୍ଛାଧୀନ ବିଷୟ ଭାବରେ ନେଇଥିଲୁ । ଶେଷରେ ତା ବଦଳରେ ଶରୀର ବିଜ୍ଞାନ ଓ ସ୍ୱାସ୍ଥ୍ୟରକ୍ଷା ବିଷୟ ନେଇ ମାଟ୍ରିକ୍ ପରୀକ୍ଷା ଦେଲୁ ।

ଆମେ ଚାରିଜଣ ହେଲୁ ବଳରାମ ସାହୁ, ସୁରେନ୍ଦ୍ର ମହାପାତ୍ର, ନାରାୟଣ ମିଶ୍ର ଓ ମୁଁ । ପୁରୀରେ ହେଲା ମାଟ୍ରିକ୍ ପରୀକ୍ଷା । ଆମେ ବଡ଼ଦାଣ୍ଡ ଉପର ଡୁଡୁୱାଲା ଧର୍ମଶାଳାରେ ରହିଲୁ । ପୁରୀ ଜିଲା ସ୍କୁଲ୍‌ରେ ପରୀକ୍ଷା ହେଲା । ୩/୪ ଦିନ ଧରି ଚାଲିଲା । ଆମ ସାଥିରେ ଜଣେ ଶିକ୍ଷକ ଯାଇଥିଲେ । ରୋଷେଇ କରି ଆମକୁ ଖାଇବାକୁ ଦେବାକୁ ଜଣେ ପୂଜାରୀ ବି ଥିଲେ । ପ୍ରାୟ ୨/୩ କିଲୋମିଟର ଚାଲିଚାଲି ଯାଇ ଆମେ ଜିଲ୍ଲା

ସ୍କୁଲ୍ କେନ୍ଦ୍ରରେ ପରୀକ୍ଷା ଦେଲୁ । ପରୀକ୍ଷା ସାରି ଘରକୁ ଫେରିଲୁ । ମାସକ ପରେ ପରୀକ୍ଷା ଫଳ ବାହାରିଲା । ସେତେବେଳେ ମାଟ୍ରିକ୍ ପାସ୍ କରୁଥିବା ପିଲାମାନଙ୍କ ନାଁ, ଶ୍ରେଣୀ ଆଦି ଖବର କାଗଜରେ ଛପା ଯାଉଥିଲା ।

ମୁଁ ପାନ ନାଛୁଚି (ସଜାଡୁଛି) । ସୋମନାଥ ଭାଇ ବି ସେଥିରେ ଲାଗିଛନ୍ତି । ମୋର ପୁତୁରା (ମାତ୍ର ବୟସରେ ମୋଠାରୁ ବଡ଼) ରମେଶ ଆସି କହିଲା- "ଦାଦା, ଆଜି ମାଟ୍ରିକ୍ ପରୀକ୍ଷାଫଳ ବାହାରିଛି ।" ମୁଁ ଚମକି ପଡ଼ିଲି । "କେଉଁଥିରେ" ? ପଚାରିଲି ।

ସେ କହିଲା- "ସମାଜ"ରେ । ଆମ ସ୍କୁଲ୍‌ରୁ କେହି ପାସ୍ କରି ନାହାନ୍ତି । ଖାଲି ତୁମ ନାଁ ଦେଖିଲି । ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛ ।

ମୁଁ ବିଶ୍ୱାସ କରି ପାରିଲି ନାହିଁ । ସମସ୍ତେ ଫେଲ୍ । ମୁଁ ଏକା ପାସ୍ କରିଛି ! ପରେ ଖବର କାଗଜରେ ନିଜର ନାଁ ଛପା ଅକ୍ଷରରେ ଦେଖି ଖୁସି ହେଲି । ଗାଁ ଗଣ୍ଡାରୁ ନୂଆହାଟ ବଜାର ଯାଏ ସମସ୍ତେ ଧନ୍ୟ ଧନ୍ୟ କଲେ ।

ସ୍କୁଲ୍‌କୁ ଯାଇ ସାର୍‌ମାନଙ୍କୁ ସାକ୍ଷାତ୍ କଲି । କୃତଜ୍ଞତା ଜଣାଇଲି । ଅଳ୍ପ ଅଳ୍ପ ଦରମା ନେଇ ସେମାନେ ସ୍କୁଲ୍‌ରେ କାମ କରୁଥିଲେ । ବୃନ୍ଦାବନ ସାର୍ ମଧ୍ୟ ସେତେବେଳକୁ ମି.ଇ. ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଥିଲେ । ରାଜନୀତିରେ ପୂରା ମିଶି ନଥିଲେ । ସେ କହିଲେ- ଜଗନ୍ନାଥ, ତୁମେ ଏକା ଆମ ସ୍କୁଲ୍‌ର ନାଁ ରଖିଲ ।

ସେତେବେଳେ ମୋର ମନେ ପଡ଼ିଲା ତାଙ୍କ ଚାପୁଡ଼ା । ହେଲେ ସାର୍ ତ ସାହସ କରି ହାଇସ୍କୁଲ୍‌ଟି ଆରମ୍ଭ କରିଦେଇ ଥିବାରୁ ଥା ଥା ମା ମା ହୋଇ ଚାରି ବର୍ଷକାଳ ସେଥିରେ ପଢ଼ିଥିଲୁ । ଘରେ ପଖାଳ ଖାଇ ମାଟ୍ରିକ୍‌ଟା ପାସ୍ କରିଦେଲି । ନଚେତ୍ କ'ଣ ଅବସ୍ଥା ହୋଇଥାନ୍ତା ! ଭଲ କି ଖରାପ କିଏ କହିବ ?

୧୯୫୩ ମସିହାର ଏହି କଥା । ମାଟ୍ରିକ୍ ପାସ୍ କରିବା ଆମ ପରି ମଫସଲ ପିଲାଙ୍କ ପାଇଁ ଥିଲା କାଠକର ପାଠ । ଏବଠାରୁ କେତେ ଫରକ ! ଆକାଶ ପାତାଳ ପରି ।

# ସ୍ୱାଧୀନତା ଲଢ଼େଇର ଯୁଗ

ସ୍ୱାଧୀନତା ମିଳିବାର ପଚାଶ ବର୍ଷ ହୋଇଗଲା । ସେଥିପାଇଁ ଆମେ ଏବେ ସୁବର୍ଣ୍ଣ ଜୟନ୍ତୀ ଦେଶସାରା ପାଳନ କଲୁ । କେତେ ଉତ୍ସବ ମନାଇଲୁ । କିନ୍ତୁ ଏଇ ସ୍ୱାଧୀନତା ପାଇଁ କେତେ ଯେ ଲଢ଼େଇ ହୋଇଛି, କେତେ ଯେ ବୀର ଶହୀଦ ହୋଇଛନ୍ତି ! କେତେ ଧନଜନ କ୍ଷୟକ୍ଷତି ହୋଇଛି । କେତେ ଲୋକ ଜେଲ ଯାଇଛନ୍ତି ! ମାଡ଼ଗାଳି ଖାଇଛନ୍ତି । ବଣଜଙ୍ଗଲରେ କେତେଲୋକ ଭୋକଉପାସରେ କଟାଇଛନ୍ତି ? କେତେ ଲହୁଲୁହରେ ଏଇ ଆମ ମାଟିମାଆ ଓଦା ହୋଇ ଯାଇଛି !

ଗାନ୍ଧିଜୀ, ସୁଭାଷଚନ୍ଦ୍ର, ଜବାହରଲାଲ୍, ପଟେଲ, ମଧୁବାବୁ, ଗୋପବନ୍ଧୁଙ୍କ ପରି ନେତାମାନେ ଆଗୁଆ ହୋଇ ବାହାରିଥିଲେ । ଲୋକମାନଙ୍କୁ ମୁକ୍ତିର ବାଟ ବତାଇଥିଲେ । ସେଥିପାଇଁ ସେମାନେ ତ ଯାହା ଦୁଃଖକଷ୍ଟ ଭୋଗିଥିଲେ । ଅନେକ କର୍ମୀ ଗାଁ ଗହଳିରେ ସେମାନଙ୍କ କଥାରେ ଏଇ ଲଢ଼େଇରେ ଝାସ ଦେଇଥିଲେ । ଗାନ୍ଧିଜୀଙ୍କ ବାର୍ତ୍ତା, ସ୍ୱାଧୀନତାର ଗାଥା, ଆଗାମୀ ରାମରାଇଜର ସ୍ୱପ୍ନ ସେମାନେ ଗାଁ ଗଣ୍ଡା, ସହର ଗଳିକନ୍ଦିରେ ବୁଲି ପ୍ରଚାର କରୁଥିଲେ ।

ପିଲାମାନେ ବାନରସେନା ସାଜିଥିଲେ । ତ୍ରିରଙ୍ଗ ପତାକା ଧରି ପଟୁଆର କରି ଗୀତ ଗାଇ ଗାଇ ଚାଲୁଥିଲେ । ମୋର ମନେ ପଡୁଛି, ମୁଁ ପ୍ରାଥମିକ ସ୍କୁଲ୍‌ରେ ପାଠ ପଢୁଥିଲି । ନିମାପଡ଼ାରୁ ଥରେ ଥରେ ଚାଲିଚାଲି ଆସୁଥିଲେ ଭବାନୀ ପଟ୍ଟନାୟକ । ସେ ଖଦି ପିନ୍ଧୁଥିଲେ । ମୁଣ୍ଡରେ ଗାନ୍ଧି ଟୋପି ପିନ୍ଧି କାନ୍ଧରେ ଖଦଡ଼ ମୁଣିଟେ ଝୁଲାଇ ଆସୁଥିଲେ ।

ଆମେ ସବୁ ପିଲା ଏକାଠି ବସୁଥିଲୁ । ଭବାନୀବାବୁ ଆସି ଆମଙ୍କୁ ସ୍ୱାଧୀନତା ଲଢ଼େଇର କଥା, ଗାନ୍ଧିଜୀଙ୍କ କଥା, ତ୍ରିରଙ୍ଗ ପତାକା ଆଉ ଅନେକ କଥା ଶୁଣାଉଥିଲେ । ଦେଶପ୍ରେମ ଆଉ ଲଢ଼େଇ ସଂପର୍କରେ ଲେଖା ହୋଇଥିବା ଗୀତସବୁ ଗାଉଥିଲେ । ଆମେ ସେତେବେଳେ ଶୁଣୁଥିଲୁ ଆଉ ଗାଉଥିଲୁ ଜାତୀୟକବି ବୀରକିଶୋର, ବାଞ୍ଛାନିଧିଦାସ, ସଚ୍ଚି ରାଉତରାୟ ଆଦିଙ୍କ ଗୀତ । ଗାଁ ମଫସଲରେ ବି କେତେକ ଲୋକ ଗୀତ ଫାନ୍ଦି

ଗାଉଥିଲେ । ସେସବୁ ମନେ ପଡୁନି । "ଘୁମୁରା ବାଜିଲାରେ ମାଦଳ ବାଜିଲା", "ଝଣ୍ଡା ଉଞ୍ଚା ରହେ ହମାରା, ବିଜୟ ବିଶ୍ୱ ତ୍ରିରଙ୍ଗ ପ୍ୟାରା", "ସୁଜଲାଂ ସୁଫଲାମ୍ ଶସ୍ୟ ଶ୍ୟାମଲାମ୍ ମଳୟଜ ଶୀତଲାମ୍" ଆଦି ଗୀତସବୁ ଆମେ ଗାଉଥିଲୁ ।

୧୯୪୩ ମସିହାର କଥା । ମୁଁ ସେତେବେଳେ ପ୍ରଥମ କି ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିଲି । ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଗଲା । ସେଇ ଘଟଣା ମନେ ପଡୁନାହିଁ । ହେଲେ, ତା'ପରେ ଯେଉଁସବୁ କବିତା ଲେଖାଯାଇଥିଲା ତାହା ମନେ ପଡୁଛି ।

"ଲକ୍ଷଣ ନାୟକରେ ଲକ୍ଷଣ ନାୟକ,
ଦେଶପାଇଁ ହସି ହସି ଫାଶୀଖୁଣ୍ଟେ
ଝୁଲାଇଲୁ ବେକ ରେ ଲକ୍ଷଣ ନାୟକ ।"

ବୀରକିଶୋରଙ୍କ ଗୀତରୁ ମନେ ପଡୁଛି ଗୋଟିଏ ପଦ-

"ଲକ୍ଷଣ ଭାଇରେ ଲକ୍ଷଣ ଭାଇ
ଫାଶୀରେ ଚଢ଼ିଲୁ ଆମରି ପାଇଁ,
ମୁକତି ଲଢ଼େଇ ଡାକରା ପାଇ
ଆଗଭର ହୋଇ ଆସିଲୁ ଧାଇଁ ।"

ତା'ପର ବର୍ଷ ଢେଙ୍କାନାଳ ଜିଲାରେ ବାଜିରାଉତ ନାମରେ ଛୋଟ ପିଲାଟିଏ ମୁକତି ପାଇଁ ଫିରିଙ୍ଗ ଫଉଜଙ୍କ ହାତରେ ଜୀବନକୁ ବଳି ଦେଇଥିଲା । ଆମେ ତା'କଥା ଶୁଣି ତାତି ଯାଇଥିଲୁ । କବି ସଚ୍ଚି ରାଉତରାୟଙ୍କ ଗୀତ ଆମ ମନକୁ ଭାରି ପାଇଥିଲା । ସେଥିରୁ ପଦେ ହେଲା-

"ଏଡ଼ିକି ସେ ଅମାନିଆ ପିଲା
ଫଉଜର ଗୁଳିଗୁଳା, ରଜା ଝଡ଼ କିଛି ନମାନିଲା
ଧୂଳିଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସିହସି ଦେଲା ସିନା ଯାଡ଼ି ।"

ଆମେ ପୁଣି ଗାଉଥିଲୁ -

''ମାଦଳ ବାଜିଲାରେ ଘୁମୁରା ବାଜିଲା''-
ଆମେସବୁ ଅଟୁ ଭାଇ ବାଜି ରାଉତ ଚେଲାରେ
ଗୁଳିଚୋଟେ ପ୍ରାଣ ଯେହୁ ଦେଲା
ସେଇ ରାଇଜ ପିଲାରେ ଆମେ ସେଇ ରାଇଜ ପିଲା
ଯେଉଁ ରାଇଜ ପିଲା ହସି ହସି ପ୍ରାଣ ଦେଲାରେ,
ଦେଶ ଆଗେ କୀର୍ତ୍ତି ରଖିଗଲା ।

ଏସବୁ ଗୀତ ଶୁଣି ଆଉ ଗାଇଗାଇ ଆମେ ପଟୁଆରରେ ଯାଉଥିଲୁ ।

୧୯୪୬ ମସିହାର କଥା । ଆଗରୁ କେବେ ଗୋଟିଏ ସାଧାରଣ ନିର୍ବାଚନ ସାରା ଦେଶରେ ହୋଇଥିଲା । ସେ ବର୍ଷ ସ୍ୱାଧୀନତା ପାଇବା ଆଗରୁ ଆଉ ଏକ ନିର୍ବାଚନ ହୋଇଥିଲା । ସେତେବେଳେ ମୁଁ ତୃତୀୟ କି ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲି । ବାପାବୋଉ ଗାଁର ଅନ୍ୟ ଲୋକଙ୍କ ସହିତ ଦୂର ଗାଁକୁ ଭୋଟ ଦେବାକୁ ଯାଇଥିଲେ । ମୁଁ ବି ସେମାନଙ୍କ ସାଥିରେ ଯାଇଥିଲି । ଗୁଡ଼ାଏ ବାଟ ଚାଲି ଚାଲି ଯାଇଥିଲୁ । ମନେ ପଡୁଛି କ'ଣ ସବୁ ରଙ୍ଗଦିଆ ମାଠିଆରେ କି ମାଠିଆ ଚିହ୍ନରେ ଭୋଟସବୁ ପକାଉ ଥିଲେ । ଆଜିକାଲି ପରି ତ ନିର୍ବାଚନ ବେଳେ ଏତେ ଗଣ୍ଡଗୋଳ ନଥିଲା । ତେଣୁ ଖୁବ୍ ସରଳ ଶାନ୍ତ ଅବସ୍ଥାରେ ଭୋଟ ଦିଆଯାଉଥିଲା ।

ଆମ ବଡ଼ଭାଇଙ୍କ ସାଥିରେ ପଢୁଥିଲେ ପାଖ ଗାଁ କନ୍ତିଲୋର ଶ୍ରୀ ଦୁର୍ଗାଚରଣ ମହାନ୍ତି । ସେ ପିଲାଦିନୁ ସ୍ୱାଧୀନତା ଲଢ଼େଇରେ ଝାସ ଦେଇଥିଲେ । ପୋଲିସ୍‌ଙ୍କ ଠାରୁ ରକ୍ଷା ପାଇବା ପାଇଁ ସେ ନିଜ ନାଁ ବଦଳାଇ ରଖିଥିଲେ ରାମପ୍ରସାଦ । ପରେ ସେ ହୋଇଥିଲେ ଆମ ପିଲାମାନଙ୍କର ଜହ୍ନରି ଭାଇ । ଏବେ ସେ ରାମପ୍ରସାଦ ନାଁରେ ସବୁରି ପାଖରେ ଜଣାଶୁଣା ହୋଇଛନ୍ତି ।

ଆମ ଦେଶ ସ୍ୱାଧୀନ ହେଲା ୧୯୪୭ ମସିହା ଅଗଷ୍ଟ ୧୫ରେ । ସବୁରି ମନ ଖୁସି ହୋଇଗଲା । ବିଦେଶୀ ସରକାର ହଟିଗଲା । ଗାନ୍ଧିଜୀଙ୍କ ସତ୍ୟ ଅହିଂସା ବଳରେ ଏତେ ବଡ଼ ଟାଣୁଆ ସାହେବ ଜାତିକୁ ଆମେ ହଟାଇଦେଲୁ । ଆମେ ସଭା କରିଥିଲୁ । ପଟୁଆର କରି ନୂଆହାଟ ଭିତରେ ବୁଲିଥିଲୁ ଓ ବଡ଼ ପାଟିରେ କହିଥିଲୁ :-

*ସ୍ୱାଧୀନ ଭାରତକୀ ଜୟ*
*ଭାରତ ମାତାକୀ ଜୟ*
*ଗାନ୍ଧିଜୀକୀ ଜୟ ।*

ମାତ୍ର ସ୍ୱାଧୀନତା ପାଇବାର ଆନନ୍ଦ ଅଳ୍ପ ଦିନରେ ଉଭେଇଗଲା । ଜାତିପିତା ଗାନ୍ଧିଜୀଙ୍କୁ ନାଥୁରାମ ଗଡ଼ସେ ନାମକ ଏକ ଯୁବକ ରାଗରେ ଗୁଳି ମାରିଦେଲା । ସେ ପ୍ରାର୍ଥନା ସଭାକୁ ଯାଉଥିଲେ । ୧୯୪୮ ମସିହା ଜାନୁୟାରୀ ୩୦ ତାରିଖର କଥା । ସେଦିନ ଶୁକ୍ରବାର ହୋଇଥିଲା । । ଗାନ୍ଧିଜୀ "ହା ରାମ" କହି ଶହୀଦ ହୋଇଥିଲେ ।

ମୋର ବଡ଼ ଅପା କହୁଥିଲା ସେଦିନ ଥିଲା ଶ୍ରୀ ଭବାନୀ ପଟ୍ଟନାୟକଙ୍କ ବାହାଘର । ଭବାନୀବାବୁ ବେଦୀରେ ବସିଥାନ୍ତି, ବାହାଘର ଚାଲିଥାଏ । ହଠାତ୍ ରେଡ଼ିଓରୁ ଶୁଣାଗଲା ବାପୁଜୀଙ୍କ ମୃତ୍ୟୁ ସମ୍ବାଦ । ସେ ମନ ଦୁଃଖରେ ବେଦୀରୁ ଉଠି ଯାଇଥିଲେ । ସମସ୍ତେ ତାଙ୍କୁ ବୁଝାଇ ସୁଝାଇ ବାହା କରାଇଥିଲେ । ସେହି ଭବାନୀବାବୁ ପରେ କଂଗ୍ରେସ ସେବା ଦଳର ମୁଖ୍ୟ, କଂଗ୍ରେସ ଦଳର ସଂପାଦକ ଓ ରାଜ୍ୟ ସଭାର ସଭ୍ୟ ହୋଇଥିଲେ ।

ଆମ ଓଡ଼ିଶାର ଗାଁଗଣ୍ଡାରେ କେତେକ କବି ଥିଲେ । ସେମାନେ କବିତା ଲେଖି ଗାଏଁ ଗାଏଁ ବୁଲି ଯାଉଥିଲେ । ସଭାସମିତିର କଥା ସହିତ ଗୀତ ଗାଉଥିଲେ । ଆମେ ପିଲାସବୁ ଗଦା ହୋଇ ଶୁଣୁଥିଲୁ । ବାଲେଶ୍ୱର ଇରମ ଗାଁରେ ଗୁଳିକାଣ୍ଡ ପାଇଁ କେତେକ ଲୋକ ଶହୀଦ ହୋଇଥିଲେ । ସ୍ୱାଧୀନତା ପାଇଁ କେତେଲୋକ ପ୍ରାଣବଳି ଦେଇଥିଲେ । ତେଣୁ ସ୍ୱାଧୀନତା ପାଇଲା ପରେ ଇରମ କବି ବାଞ୍ଛାନିଧି ଲେଖିଥିଲେ-

*ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ*
*ସ୍ୱାଧୀନ, ସ୍ୱାଧୀନ, ସ୍ୱାଧୀନରେ ।*
*ଗାଏ ସାଗର, ଭୂଧର ଅମ୍ବରଚୁମ୍ବିତ*
*ଭାଲ ହିମାଳୟ ଗିରିବର କମ୍ପିତ,*
*ସ୍ୱାଧୀନ, ସ୍ୱାଧୀନ, ସ୍ୱାଧୀନରେ ।*

ଆମେ ପିଲାମାନେ ଏଇପରି ଅନେକ ଗୀତ ଗାଉଥିଲୁ । ମନରେ ଭରିଯାଉଥିଲା ସ୍ୱାଧୀନତା ପାଇବାର ନୂଆ ଆନନ୍ଦ ଆଉ ନୂଆ ଉତ୍ସାହ । ଆଜିର ପିଲାଏ ସେମିତି ନିଜ ପ୍ରାଣରେ ଜାତି ପାଇଁ, ଦେଶ ପାଇଁ ଚିନ୍ତା କଲେ, ଦେଶର ଅବସ୍ଥା ବଦଳିବ । ସବୁଦିଗରେ ଉନ୍ନତି କରିବ । ସାରା ଜଗତରେ ସେ ନାଁ କରିବ ।

●●●

# ପ୍ରଥମବାର ଭୁବନେଶ୍ୱର

୧୯୫୩ ମସିହା ମଇ ମାସ। ମୁଁ ମାଟ୍ରିକ୍ ପାସ୍ କଲି। ତେଣୁ ଆମ ଅଞ୍ଚଳରେ ସବୁରି ସ୍ନେହ ଆଦର। ହେଲେ, ଘରର ଅବସ୍ଥା ଭାରି ଖରାପ ହୋଇଥିବାରୁ ମୁଁ କ'ଣ କରିବି ? ଏଇ ଚିନ୍ତାରେ ପଡ଼ିଲି।

ଗାଁରେ ତ ବସିଲେ ହେବ ନାହିଁ। ପାଠ ପଢ଼ିବାକୁ ସୁବିଧା ନାହିଁ। ତେବେ ଯୋଗୀଭାଇ ପୁରୀ କଲେଜକୁ ଦରଖାସ୍ତଟିଏ ଦେଲେ। ମୋର ଇଚ୍ଛା ଡାକ୍ତରଟିଏ ହେବାକୁ। ସେଥିପାଇଁ କଲେଜରେ ଦୁଇବର୍ଷ ବିଜ୍ଞାନ ପାଠ ପଢ଼ିବାକୁ ହେବ। ସେ ପାଠ ନହୋଇ ପାରିଲେ ନୂଆ ହୋଇ ଖୋଲିଥିବା ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ତ ପଢ଼ି ଡାକ୍ତରଟିଏ ହୋଇପାରିବି ? ତେଣୁ ସେଥିପାଇଁ ବି ଦରଖାସ୍ତ କଲି। ଚାକିରୀ କରିବାକୁ ତ ଆଦୌ ଇଚ୍ଛା ନାହିଁ।

ଦିନେ ହଠାତ୍ ବଡ଼ଭାଇଙ୍କ ଠାରୁ ଗୋଟିଏ ଚିଠି ପାଇଲି। ଶୀଘ୍ର ପୁରୀ ଯିବାକୁ ପଡ଼ିବ। ମନ ଖୁସି ହୋଇଗଲା। ପୁରୀରେ ସମ୍ଭବତଃ ଭାଇ କ'ଣ ସୁବିଧା କରିଛନ୍ତି। ତେଣୁ ମନରେ କେତେ ଆଶା ଉଙ୍କି ମାରିଲା।

ମୁଁ ସକାଳୁ ପୁରୀ ଧାଇଁଲି। ସମ୍ଭବତଃ ସାଥିରେ କେହି ନଥିଲେ। ଏକା ଏକା ଏକମୁହାଁ ଚାଲିଲି। ସଂଜରେ ସେଠାରେ ପହଞ୍ଚିଲି। ଭାଉଜ କହିଲେ- ଭାଇ ହେଲ୍‌ଥ ଇନସ୍‌ପେକ୍ଟର ଚାକିରୀ ପାଇଁ ଦରଖାସ୍ତ କରିଥିଲେ। ଭୁବନେଶ୍ୱର ଠାରେ ସାକ୍ଷାତ୍‌କାର ହେବ। ତେଣୁ ଭୁବନେଶ୍ୱର ଯିବାକୁ ହେବ।

ସେଦିନ ରାତି ବାରଟାରେ ତାଳଚେର ଟ୍ରେନ୍। ସେଥିରେ ଦୁଇଭାଇ ଚଢ଼ିଲୁ। ମୋ ମନ ଚାକିରୀ ପାଇଁ ଉଣା ହୋଇଥିଲେ ହେଁ ପ୍ରଥମଥର ରେଳଗାଡ଼ିରେ ବସିବି ଆଉ ଭୁବନେଶ୍ୱର ଦେଖିବି। ରାତ୍ରି ଅନିଦ୍ରା ହୋଇ ବସିଲୁ। ଦୁର୍ଭାଗ୍ୟକୁ ରେଳଇଞ୍ଜିନର ଜଳନ୍ତା କୋଇଲାର ନିଆଁଝୁଲ ପବନରେ ଉଡ଼ି ଆସି ମୋ ପିନ୍ଧା ଲୁଗାରେ ଲାଗିଗଲା। ଲୁଗା ପୋଡ଼ିଯିବାରୁ ଅନୁକୂଳ ବିଗିଡ଼ିଗଲା ବୋଲି ମନରେ ଦୁଃଖ ହେଲା।

ତାଳଚେର ଟ୍ରେନ୍ କାଳିଅନ୍ଧାରରୁ ଭୁବନେଶ୍ୱରରେ ପହଞ୍ଚିଗଲା । ଚଉଦିଗ ଜଙ୍ଗଲିଆ । ନୂଆ ରାଜଧାନୀ ହେବାପାଇଁ ସବୁ ଆୟୋଜନ ହେଉଥାଏ । ଘରଦ୍ୱାର, ରାସ୍ତାଘାଟ, ପାଣିଆଲୁଅର ସୁବିଧା ବେଶୀ କିଛି ନଥିଲା । ତେଣୁ ଆମେ ଗୋଟିଏ ଜଙ୍ଗଲ ଭିତରକୁ ଯାଇଥିଲୁ । ଝରଣା ପରି ପାଣି ବୋହି ଆସୁଥିଲା, ଗାଧୋଇ ପାଧୋଇ ନିତ୍ୟକର୍ମ ସାରିଲୁ । କେଉଁଠି କ'ଣ ଜଳଖିଆ ଖାଇଲୁ । ନଅଟା ବେଳକୁ ସାକ୍ଷାତ୍‌କାର । ବାହାରି ପଡ଼ିଲୁ ।

ମୋର ମନେପଡୁଛି, ଏବେ ଯେଉଁଠି ୟୁନିଟ୍-୧ର ବାଳକ ବାଳିକା ହାଇସ୍କୁଲ୍ କି ପ୍ରାଥମିକ ସ୍କୁଲ୍ ସେଇଠି କେତୋଟି ଘର ଥିଲା । ସେହି ଘରେ ସାକ୍ଷାତ୍‌କାର ହେବବୋଲି କୁହାଯାଇଥିଲା । ଆମେ ତେଣୁ ପଚାରି ବୁଝି ସେଠାରେ ପହଞ୍ଚିଲୁ । ବହୁ ସଂଖ୍ୟାରେ ମାଟ୍ରିକ୍ ପାସ୍ ପିଲା ଆଉ ସେମାନଙ୍କର ଅଭିଭାବକ ଆସିଥାନ୍ତି । ଭାରି ଭିଡ଼ ।

ଆମେ ସେଠାରେ ପହଞ୍ଚିବା ମାତ୍ରେ ଜଣାଇ ଦିଆଗଲା- ବାହାରେ ଅପେକ୍ଷା କରନ୍ତୁ । ଯେଉଁମାନଙ୍କ ନାଁ ଡକାଯିବ, ସେମାନେ ରହିବେ । ସେମାନଙ୍କର ସାକ୍ଷାତ୍‌କାର ହେବ । ଅନ୍ୟମାନେ ଫେରିଯିବେ । ମୋ ନାଁ ଡକାଗଲା ନାହିଁ । ଭାଇଙ୍କ ମନ ଖରାପ ହୋଇଗଲା । ମୋ ମନ କିନ୍ତୁ ଖୁସି । ଯାହାହେଉ ଚାକିରୀରୁ ରକ୍ଷାପାଇଗଲି । ମୋର ବୟସ କମ୍‌ଥିବାରୁ ମୁଁ ସାକ୍ଷାତ୍‌କାର ପାଇଁ ବଛା ହୋଇନଥିଲି ବୋଲି ଭାଇ ଅଫିସରୁ ବୁଝିଲେ ।

ସେଠାରୁ ଆମେ ସମ୍ଭବତଃ ପୁରୁଣା ଭୁବନେଶ୍ୱର ଗଲୁ । ସେଠରେ ଦୋକାନବଜାର ଥିଲା । ଲିଙ୍ଗରାଜଙ୍କର ଉଚ୍ଚ ମନ୍ଦିରଟି ଦେଖିଲି । ଲିଙ୍ଗରାଜଙ୍କ ଦର୍ଶନ ହୋଇ ପାରିନଥିଲା । ଖରାବେଳ । ହୋଟେଲରେ କ'ଣ ଖାଇଲୁ । ଭାଇ କହିଲେ- 'ଜଗୁ ତୁ ଗାଁକୁ ଫେରିଯାଆ । ନିମାପଡ଼ା 'ଦେଇ ଚାଲିଯିବୁ । ବୋଉ ଦେହ ଭଲନାହିଁ ।'' ନିମାପଡ଼ା ପାଖ ଗଡ଼ଅଣ୍ଡିଆରୁ ବିଧବା ଅପାକୁ ନେଇ ଘରକୁ ଯିବାକୁ ହେବ ।

ମୁଁ ପଚାରିଲି- କେଉଁଠି ବସ୍ ଧରିବି ? କି ଟ୍ରେନ୍‌ରେ ବସିବି ?

ଭାଇ କହିଲେ- କୌଣସି ଗାଡ଼ିନାହିଁ । ପଦଯାତ୍ରା କରିବାକୁ ହେବ । ତୁ ଆଗ ଏଇ ସିଧା ବାଲକାଟି ଚାଲିଯିବୁ । ସେଠାରୁ ଅଠାନ୍ତର ରାସ୍ତାରେ ତ ନିମାପଡ଼ାକୁ ଯିବୁ । ଦୋକାନବଜାର ବାଟରେ, ବୁଝିଯିବୁ ।

ମୁଁ ବଡ଼ ଚିନ୍ତାରେ ପଡ଼ିଲି । ବାଲକାଟି କେଉଁଠି ? ଅଠାନ୍ତର କ'ଣ ? ନିମାପଡ଼ା ସେଠୁ କେତେବାଟ ? ଏକା କିମିତି ଯିବି ? ଏସବୁ ପ୍ରଶ୍ନରେ ମୋ ମନ ଅସ୍ଥିର । ଏହା ଥିଲା ସେତେବେଳେ ମୋର କଳ୍ପନା ବାହାରେ । ଅଜଣା ଜାଗା, ଅଜଣା ରାସ୍ତା ।

ସମ୍ଭବତଃ ଭାଇ କେଉଁଠୁ ମୋତେ ଦେଖାଇଦେଇ କହିଲେ- "ଏଇ ବାଲକାଟି ଦିଶୁଛି । ଏଇ ରାସ୍ତାରେ ଯିବୁ । ନଇଟେ ବାଟରେ ପଡ଼ିବ ।" ଖରାବେଳ ହୋଇଥିବାରୁ ସବୁ ମୋତେ ଧୂଆଁଳିଆ ଦିଶୁଥିଲା ।

ସେତେବେଳେ ଜୁନ୍ ମାସ । ବର୍ଷା ଆରମ୍ଭ ହୋଇଯାଇଥାଏ । ସମ୍ଭବତଃ ବାଲକାଟିଯାଏ ନାଲିରାସ୍ତା ଥିଲା । ତାପରେ ଖାଲି କାଦୁଅ ଓ ପଙ୍କପୂର୍ଣ୍ଣ କଚା ରାସ୍ତା । ପଚାରି ପଚାରି ବାଟ ଚାଲିଲି । ଗାଁଗଣ୍ଡା, ନଡ଼ିଆ ଆମ୍ବ ଓ ବରଗଛ । ନଦୀନାଳ ଓ ପୋଖରୀ ବାଟଯାକ । ଠାଏ ଠାଏ ବାଉଁଶବଣ ତ ତୋଟାମାଳ ରାସ୍ତା କଡ଼ରେ ।

ସଞ୍ଜଲାଗି ଆସିଲା ବାଟରେ । ଗଡ଼ ଅଣ୍ଟିଆରେ ପାଦ ଦେଲାବେଳକୁ ଦି'ଘଡ଼ି ରାତି । ଅପା ମୋତେ ଦେଖି କାବା ହୋଇଗଲା । ଏତେବାଟ ଚାଲି ଚାଲି କିପରି ଗଲି, ତାକୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ତେବେ ସେ ମୋର ଖାଇବା ପିଇବା ବୁଝି ବିଶ୍ରାମ ନେବାକୁ କହିଲା । ମୋ ଗୋଡ଼ ଚିପି ଦେଲା । ତଳିପାରେ ଉଷୁମ ସୋରିଷ ତେଲ ମାଲିସ କରିଦେଲା ।

ରାତିଟା କିମିତି କଟିଗଲା ମୁଁ ଜାଣିପାରିଲି ନାହିଁ । ସକାଳୁ ଉଠି ଗାଁକୁ ଯିବା କଥା । ପୁଣି ଅପା ସାଥିରେ ଯିବ । ଖରାଦିନେ ଯେଉଁ ଖଣ୍ଡେ ବସ୍ ଆମ କଚା ରାସ୍ତାରେ କାକଟପୁର ଯାଉଥିଲା, ବର୍ଷା ହେବାରୁ ସେ ବନ୍ଦ । ତେଣୁ ଚାଲିଚାଲି ହିଁ ଯିବାକୁ ହେବ ।

ଅପା ପ୍ରସ୍ତୁତ ହେବା ଭିତରେ ମୁଁ ନିମାପଡ଼ା ଛକକୁ ଆସିଲି । କ'ଣ ଗାଡ଼ିଘୋଡ଼ାର ସୁବିଧା ଥିବ ବୁଝିବି । ଦେଖିଲି ଦୋଳବେଦୀ ଛକ ପାଖରେ ଗୋଟିଏ ଶଗଡ଼ଗାଡ଼ି ଠିଆ ହୋଇଛି । ମୁଁ ପଚାରିବାରୁ ଚାରିଛକ ଯାଏ ଯିବ ବୋଲି ଶଗଡ଼ିଆ ଉତ୍ତର ଦେଲା । ଆମକୁ ସେ ଗାଡ଼ିରେ ନେବାକୁ ରାଜି ହେଲା ।

ଚାରିଛକ ତ ନିମାପଡ଼ା ଓ ନୂଆହାଟ ରାସ୍ତାର ମଝିରେ । ତେଣୁ ମୁଁ ଭାବିଲି- ଅଧେବାଟ ତ ଗାଡ଼ିରେ ଯିବୁ । ବାକୀ ଅଧଟା ଚାଲିଚାଲି ପଳାଇବୁ । ମୁଁ ତେଣୁ ଗାଡ଼ିବାଲାର ବିଶ୍ୱାସ ଜନ୍ମାଇବା ପାଇଁ ମୋ ପାଖରେ ଥିବା ବ୍ୟାଗଟି ତା ପାଖରେ

ରଖିଦେଲି । ଭାବିଲି ସେ ବାଧ୍ୟ ହୋଇ ଆମକୁ ଅପେକ୍ଷା କରିବ । ଏହାଥିଲା ମୋର ସରଳ ମନର ସହଜ କଥାଟିଏ । ମାତ୍ର ପ୍ରକୃତରେ କଥାଟି ଜଟିଳ ହୋଇଗଲା ।

ମୁଁ ଅପାକୁ ସବୁକଥା ଜଣାଇ ଶୀଘ୍ର ବାହାରି ପଡ଼ିବାକୁ ଲଗାଇଲି । ମାତ୍ର ସେ କେତେଦିନ ପାଇଁ ଆମ ଘରକୁ ଯିବ ବୋଲି କେତେକ ବ୍ୟବସ୍ଥା କରି ଯିବାରେ ସମୟ ଲାଗିଲା । ଆମେ ଦୁହେଁ ଗଡ଼ଅଣ୍ଡିଆରୁ ଆସି ଦୋଳବେଦୀ ଛକରେ ପହଞ୍ଚି ଦେଖିଲୁ, ସେ ଗାଡ଼ିବାଲା କୁଆଡ଼େ ତମ୍ପଟ । ଏଣେତେଣେ ଖୋଜିଲୁ । ଶେଷରେ ଆଶା ଛାଡ଼ି ଆମେ ଦୁହେଁ ଚାଲିବାରେ ଲାଗିଲୁ । ଗାଡ଼ିରେ ତ ବସି ହେଲା ନାହିଁ । ଏଣେ ମୋ ବ୍ୟାଗ୍‌ରେ କ'ଣ ସବୁ ଥିଲା, ଗଲା ।

ଆମେ ନିମାପଡ଼ା- ନୂଆହାଟ ରାସ୍ତାରେ ଚାଲିଲୁ । ଯାହାକୁ ରାସ୍ତାରେ ଦେଖୁ ପଚାରୁ- ''ଭାଇ, ଆଗରେ ଗୋଟିଏ ଶଗଡ଼ ଗାଡ଼ି ଯାଉଛି କି ?''

ଜଣଙ୍କ ପରେ ଜଣେ ଉତ୍ତର ଦେଉଥାନ୍ତି- ''ହଁ, ଆଗରେ ଯାଉଛି ।'' କିଏ କିଏ କହୁଥାନ୍ତି- ''କେତେବାଟକୁ ଗାଡ଼ିଟା ଚାଲିଗଲାଣି ।'' ଆମେ ବ୍ୟାଗ୍ ପାଇବା ଆଶାରେ ଶୀଘ୍ର ଚାଲିଲୁ । ବାଟରେ ଟିକିଏ ବିଶ୍ରାମ ନେବାକୁ ବି ବେଳ କାହିଁ ? ଶେଷରେ ଚାରିଛକ ପାଖରେ ପହଞ୍ଚିଲୁ । ରାସ୍ତାକଡ଼ ବିଲରେ ଜଣେ ହଳ କରୁଥିଲା । ତାଙ୍କୁ ପଚାରିବାରୁ ସେ କହିଲା- ହଁ, ସେଇ ଗାଡ଼ିଟା ନିମାପଡ଼ାରୁ ଏବେ ଆସି ଏଇ ପାଖ ଗାଁକୁ ଗଲା ।

ଆମେ ତେଣୁ ସେଇ ଗାଁକୁ ଗଲୁ । ଗୋଟିଏ ଶଗଡ଼ ଜଣଙ୍କର ଖଳାବାଡ଼ିରେ ଠିଆ ହୋଇଥିବାର ଦେଖିଲୁ । କିଏ କିଏ କହିଲେ ଯେ ସେ ନିମାପଡ଼ାରୁ ଏବେ ଆସିଲା । ଉପରୁ ଗାଡ଼ି ଟାଟଟି ଏବେ କାଢ଼ି ନିଆହୋଇଛି ।

ଏଥିରୁ ଆମେ ସେଇ ଶଗଡ଼ିଆର ମତଲବ ଖରାପ ବୋଲି ଜାଣିଲୁ । ସେ ଲୋକକୁ ମୁଁ ଚିହ୍ନାଇ ଦେବାରୁ ଅପା ଖୁବ୍ କଡ଼ାକଡ଼ା ବତାଇ ଦେଲା । ଗାଁ ଲୋକେ ମଧ୍ୟ ତାକୁ ସବୁ ଦୋଷ ଦେଲେ । ତା'ଠାରୁ ବ୍ୟାଗଟି ଆଣି ଆମଙ୍କୁ ଦେଲେ ।

ବ୍ୟାଗ୍‌ଟି ଆଣି ଆମେ ଆମ ଗାଁକୁ ଫେରିଲୁ । ସେତେବେଳକୁ ଦିନ ଦି'ପହର । ଦେହ ସାରା ଝାଳ ସରସର । ଗୋଡ଼ହାତ ଆଉ ଚଳିବା ଅବସ୍ଥାରେ ନଥିଲା । ଭାରି ହାଲିଆ । ସୁବିଧା ପାଇଁ ଚେଷ୍ଟା କରି ହଇରାଣ ହିଁ ସାର ହେଲା ।

●●●

ବାର

# ପୁରୀରେ କଲେଜ ପଢ଼ା

ଏତେ କଷ୍ଟରେ ମାଟ୍ରିକ୍ ସିନା ପାସ୍ କଲି । ଭାଇ ଟ୍ରେନିଂ କି ଚାକିରି ପାଇଁ ଚେଷ୍ଟାକରି ନୂଆ ରାଜଧାନୀ ଦେଖାଇଲେ, ପ୍ରଥମ କରି ରେଳଗାଡ଼ିରେ ବସାଇଲେ । ବୟସ କମ୍ ଯୋଗୁଁ ଚାକିରୀ ହେଲାନାହିଁ । ତେଣୁ ଏବେ ମୋର ଚିନ୍ତା ହେଲା- କେମିତି କଲେଜରେ ଦୁଇବର୍ଷ ପଢ଼ି ଦିଅନ୍ତି ।

ମାଟ୍ରିକ୍ ପଢ଼ିବା ପାଇଁ ପୁରୀ ଯିବାର ଯେଉଁ ସ୍ୱପ୍ନଥିଲା, ଏବେ ଏଇ କଲେଜ ପଢ଼ା ପାଇଁ ହେଲେ ସତ ହୁଅନ୍ତା ! ଘରର ଅବସ୍ଥା ଯାହା, ସେଥିରେ କିଛି ଆଶା କରିବା କଷ୍ଟକର । ଆଗେ ମଠଗୁଡ଼ିକରେ କୁଆଡ଼େ ଗରିବ ପିଲାମାନେ ରହୁଥିଲେ । ସେଠାରେ ଏବେ ଦୟନୀୟ ଅବସ୍ଥା । ଯେଉଁ ମଠକୁ ଗଲେବି ଖାଲି ଅଭାବ ଅସୁବିଧା ।

ଘରେ ବୋଉ ଦେହ ଖରାପ । ଆଉ କେତେଦିନ ବା ମୁଁ ଗାଁରେ ବସିବି ? ଚାକିରି ହେଉ ବା ପାଠପଢ଼ା ହେଉ, କିଛି ତ ଗୋଟେ କରିବାକୁ ହେବ । ବୋଉ ବି ମୋତେ ପୁରୀ ଯିବାକୁ କହିଲା । ଶେଷରେ ଦିନେ ମୁଁ ପୁରୀ ବାହାରିଲି । ଚାଲିଚାଲି ପୁରୀ ଗଲି । ସଂଜ ବେଳକୁ ପହଞ୍ଚିଲି ।

ସେତେବେଳେ ବଡ଼ଭାଇ ତ ପୁରୀରେ ଥିଲେ । ଲୋକନାଥ ରାସ୍ତାକଡ଼ ଏକ ସାହିରେ ସେ ଗୋଟିଏ ଛୋଟଘର ଭଡ଼ା ନେଇଥିଲେ । ସାଥିରେ ଭାଉଜ ବି ଥିଲେ । ତାଙ୍କ ବସାରେ ରହିଲି । ଭାଇ ମୋ ପାଇଁ କେଉଁଠି ଏକ ଚାକିରି କି ତାଲିମର ଯୋଗାଡ଼ କରିବାରେ ଲାଗିଥାନ୍ତି । ମୁଁ କେମିତି କଲେଜରେ ନାଁ ଲେଖାଇବି, ସେଇ ଚେଷ୍ଟାରେ ଥାଏ । ତେଣୁ ଥରେ ଥରେ ଆମ ଦୁହିଁଙ୍କ ଭିତରେ ଟାଣ କଥାବାର୍ତ୍ତା ହୁଏ ମନ ଫଟାଫଟି ଯାଏ, କଥା ଚାଲିଯାଏ ।

ମୁଁ ଦିନକ ଭିତରେ କେତେ ମଠକୁ ଯାଏ । କେଉଁଠି ଟିଉସନ ମିଳିବ ବୁଝେ । କେତେବେଳେ ଯୋଗୀଭାଇ ତ କେତେବେଳେ ଆମ ଭାଇଙ୍କ ଅଫିସକୁ ଯାଏ । ଦରିଆ

କୂଳରେ ବୁଲେ । ଖରାବେଳେ କେଉଁ ହୋଟେଲ କି ଅଫିସ ବାରଣ୍ଡାରେ ବସେ । ଖଣ୍ଡେ ଲେଖାଁ କାଗଜ ଓ ଗୋଟିଏ ପେନ୍‌ସିଲି ଧରି ଯାହା ପାରେ ଲେଖେ । ବେଶୀ ଭଗବାନଙ୍କ ଜଣାଣ, ଭଜନ ଆଦି ରଚନା କରେ । ସଂଜ ଲାଗିଲେ ସିଂହଦ୍ୱାର ଆଗରେ ଥିବା ଏମାର ମଠର ରଘୁନନ୍ଦନ ପାଠାଗାରକୁ ଯାଏ । ସେଠାରେ ବସି ପତ୍ରପତ୍ରିକା ପଢ଼େ । ତାପରେ ଦେଉଳ ଭିତରକୁ ଯାଏ । ଦିଅଁମାନଙ୍କୁ ଦର୍ଶନ କରେ । ବେଢ଼ା ବୁଲେ । ବସାକୁ ଫେରେ । ଏମିତି କେତେଦିନ ଚାଲିଲା ।

ସେତେବେଳେ ଯୋଗୀଭାଇ ପୁରୀ ପୌରସଭାରେ କିରାଣୀ ଥା'ନ୍ତି । ଆମ ବଡ଼ଭାଇ ପୁରୀ କଲେକ୍ଟର ଅଫିସରେ ଅମିନ ଥାନ୍ତି । ମୋର ଏମିତି ବୁଲାବୁଲି କରିବା ଦେଖି ସେମାନେ ସମ୍ଭବତଃ ପ୍ରମାଦ ଗଣନ୍ତି । ମୋର ସେତେବେଳର ପୋଷାକ ହୋଇଥାଏ ଖଣ୍ଡେ ଆଣ୍ଠୁନଲୁଚା ଲୁଗା ଓ ଅଧାହାତୀ କୁରୁତା (ହାପ୍ ସାର୍ଟ) । ଗୋଡ଼ରେ କେତେବେଳେ ଚପଲ ହଲେ ଥାଏ ବା ନଥାଏ । ମୁଣ୍ଡର ବାଳ ଫୁରୁଫୁରୁ ଉଡୁଥାଏ । ଦିନେ ସକାଳେ ମୁଁ କାଳିକା ଦେବୀ ସାହି ଗଲି । ଯୋଗୀଭାଇ ଗୋଟିଏ ମେସ୍‌ରେ ଥା'ନ୍ତି । ସେତେବେଳେ ସେ ବିଭା ହୋଇନଥାନ୍ତି । ମୋତେ ସେ ଦେଖି ମୁହଁ ଶୁଖାଇ ଦେଲେ । କହିଲେ- ହଇରେ ଜଗୁ, କାଲି ମୁଁ ଖରାପ ସ୍ୱପ୍ନଟେ ଦେଖିଲି । ମନ ଭାରି ଖରାପ ହେଲା ।

ମୁଁ ପଚାରିଲି- କି ସ୍ୱପ୍ନ ଦେଖିଲେ ? ସ୍ୱପ୍ନ କ'ଣ ସତ ହୁଏ ? ସେ କହିଲେ- ମୁଁ ଦେଖିଲି ତୁ ପାଗଳ ହୋଇ ଏଣେତେଣେ ବୁଲୁଛୁ !

ମୁଁ କହିଲି- ସମ୍ଭବତଃ ମୋର ଏମିତି ବୁଲିବା ଦେଖି ଆପଣ କ'ଣ ଭାବିଛନ୍ତି । ସେଇ କଥା ମନରେ ଥାଇ ସ୍ୱପ୍ନରେ ଦେଖିଥିବେ ।

ରଘୁନନ୍ଦନ ପାଠାଗାରରେ ମୋର ପ୍ରତିଦିନ ସଂଧ୍ୟାରେ ୨/୩ ଘଣ୍ଟା କଟେ । ସେଠାରେ ସେତେବେଳେ ବସୁଥିଲେ ମୋଟା, ଚୁଟିଆ ଓ କାଳିଆ ଲୋକଟିଏ । ଚିତାପଇତା ବି ଥାଏ । ପୁଲାପୁଲା ପୋଥି ଘାଣ୍ଟନ୍ତି ।

କାହାକୁ ପଚାରି ମୁଁ ବୁଝିଲି- ତାଙ୍କ ନାଁ ପଣ୍ଡିତ ସଦାଶିବ ରଥଶର୍ମା । ସେ ଜଗନ୍ନାଥଙ୍କ ସଂପର୍କରେ କ'ଣ ଗବେଷଣା କରୁଥାନ୍ତି ।

ଦିନେ ସେ ମୋ ସହିତ ପାଖରେ ବସିଯାଇ କଥା ହେଲେ । ମୋ ନାଁ ଗାଁ ନାଁ କ'ଣ ପଚାରିଲେ । ମୁଁ ମୋର ସବୁ ଘଟଣା କହିଲା ପରେ ସେ ଖୁବ୍ ଦମ୍ଭ ଦେଲେ । କହିଲେ- ଠିକ୍ ଅଛି । ଚକ୍ରତୀର୍ଥ ବାଲି ଉପରେ ଗୋଟିଏ ହୋଟେଲ ଅଛି । ନାଁ ତାର ବେ' ଭିଉ ହୋଟେଲ । ତା ଆଗରେ ଦରିଆ କୂଳ ଆଉ ସେଠାରେ ଅଛି ଗୋଟିଏ ପକ୍କାଘର । ସେଇ ଘରେ ଜଣେ ଧନୀ ମାରୱାଡ଼ି ଭଦ୍ରବ୍ୟକ୍ତି ଅଛନ୍ତି । ନାଁ ତାଙ୍କର ମୋତିଲାଲ୍ ଚାମେରିଆ । ତାଙ୍କୁ ମୁଁ ପ୍ରତିଦିନ ବେଦ ପଢ଼ାଇବାକୁ ଯାଏ । ତୁମେ କାଲି ସେଇପାଖରେ କେଉଁଠି ଥିବ । ଆମେ ଦୁହେଁ ପ୍ରାୟ ୪ଟା ବାଜିଲେ ସେଠାରୁ ବାହାରିବୁ । ତୁମେ ଯାଇ ତାଙ୍କୁ ଦେଖା କରିବ । ଦୁଃଖ ତୁମର କହିଲେ, ସେ ନିଶ୍ଚୟ ଦେବେ ।

ମୁଁ ପଚାରିଲି - କେତେ ତାଙ୍କୁ ମାଗିବି ?

ସେ କହିଲେ- ତୁମର ଯେତିକି ଦରକାର, ତାର ଦୁଇଗୁଣ ମାଗିଲେ, ସେ ଅଧା ତାର ଦେଲେ ବି ଚଳିବ ।

ମୁଁ ପୁଣି କହିଲି- ମୁଁ ତ ଓଡ଼ିଆରେ କହିବି । ସେ କ'ଣ ବୁଝିବେ ?

ପଣ୍ଡିତେ କହିଲେ- ମୁଁ ତ ସେଠାରେ ଥିବି । ମୁଁ ତାଙ୍କୁ ହିନ୍ଦିରେ ବୁଝାଇ ଦେବି ନାହିଁ ?

ସେତେବେଳେ କଲେଜରେ ନାଁ ଲେଖାଇବାକୁ ପଚାଶ ଟଙ୍କା ପଡୁଥିଲା । ପୁରୀ କଲେଜରୁ ଚିଠି ବି ଆସିଥିଲା । ତାରିଖ ପାଖେଇ ଆସିଥିଲା । ମୁଁ ତେଣୁ ତାଙ୍କୁ ଶହେ ଟଙ୍କା ମାଗିବାକୁ ଠିକ୍ କଲି ।

ତା' ଆରଦିନ ବାରଟା ବେଳୁ ମୁଁ ସେଠାକୁ ଯାଇଥିଲି । ପଚାରି ଉଚ୍ଚାରି ଚକ୍ରତୀର୍ଥ ପାଖରେ ପହଞ୍ଚିଲି । ବେ' ଭିଉ ହୋଟେଲକୁ ଠାବ କଲି । ତା ଆଗକୁ ସମୁଦ୍ରକୂଳ, ଗୋଟିଏ ରାସ୍ତା ପଡ଼ିଚି । ପକ୍କା ଘର କେତୋଟି ବି ଦେଖିଲି । ମାତ୍ର କେଉଁ ଘରୁ ସେମାନେ ବାହାରିବେ ମୁଁ ତ ଜାଣି ପାରିଲି ନାହିଁ । ତେଣୁ ସେଇ ହୋଟେଲ ବାରଣ୍ଡାରେ ବସି ରହିଲି । ଖଣ୍ଡେ କାଗଜରେ ଭଗବାନଙ୍କ ଜଣାଣ ଆଉ ନିଜ ମନକଥା ସବୁ ଲେଖିବାରେ ଲାଗିଲି । ଭାରି ଖରା । ହେଲେ, ସମୁଦ୍ର କୂଳ ତ ।

୪ଟା ବାଜିଲା । ଦେଖିଲି ସେଇ ଆଡୁ ଦୁଇଜଣ ଆସିଲେ । ପଣ୍ଡିତ ମହାଶୟଙ୍କୁ ତ ଜାଣିଥିଲି । ଅନ୍ୟଜଣଙ୍କୁ ମୋତିଲାଲ ଚାମେରିଆ ଜାଣିବାରେ ଅସୁବିଧା ହେଲା ନାହିଁ । ମୁଁ ସିଧା ଯାଇ ତାଙ୍କୁ ପ୍ରଣାମ ଜଣାଇଲି । ସେ ମୋତେ କ'ଣ ପଚାରିଲେ ।

ମୁଁ ମୋ କଥା ତାଙ୍କୁ ଜଣାଇଲି । ସେ ତା'ପରେ ପଣ୍ଡିତଜୀଙ୍କୁ ଅନାଇଲେ । ପଣ୍ଡିତ ମହାଶୟ ତାଙ୍କୁ ସବୁକଥା ବୁଝାଇ ଦେଲେ । ତାପରେ ମୋତିଲାଲ ଚାମେରିଆ ମୋ ଆଡ଼କୁ ଚାହିଁ ହିନ୍ଦିରେ ପଚାରିଲେ- କେତେ ଟଙ୍କା ଦରକାର ?

ମୁଁ କହିଲି - ଶହେ' ଟଙ୍କା ହେଲେ ଚିଳିଯିବ ।

ପଣ୍ଡିତଜୀଙ୍କ ଠାରୁ ବୁଝି ସେ କହିଲେ - ଆଛା ପଚାଶ ଟଙ୍କା ନେଇଯିବ । ମୁଁ ତ ଖୁସି ହୋଇଗଲି ।

ମାତ୍ର ସେତକ ପାଇବାକୁ ପଶ୍ଚିମ ଦ୍ୱାରରେ ଥିବା ଗୋଟିଏ ଦୋକାନୀ ପାଖକୁ ୫/୭ ଥର ଯାଇଥିଲି । ଦାନ କରିବା ଲୋକଠାରୁ ସ୍ୱାହା ସ୍ୱାହା କରିବା ଲୋକ ବଳିଗଲେ । ଶେଷରେ ତାଙ୍କ ଠାରୁ ଚାଳିଶ ଟଙ୍କା ମିଳିଲା ।

ମୁଁ ଏମିତି ଟଙ୍କାତକ ଯୋଗାଡ଼ କରି ଯୋଗୀଭାଇଙ୍କୁ କହିଲି । ଆଉ ଦଶ ଟଙ୍କା ଦରକାର । ଯୋଗୀଭାଇ ସେଇ ଦଶଟଙ୍କା ଦେଇପାରିଥା'ନ୍ତେ । ସେ କିନ୍ତୁ ଭାଇଙ୍କ ମନରେ ଦୁଃଖ ଆଣିବାକୁ ଚାହିଁନଥିଲେ । ମୋତେ ସେ ତ ବଡ଼ ଭାଇଙ୍କୁ କହିବାକୁ ଉପଦେଶ ଦେଲେ । ଭାଇଙ୍କୁ ତ ନାଁ ଲେଖାଇବା କଥା ଜଣାଇଲି । ଏତକ ଟଙ୍କା ଯୋଗାଡ଼ ହୋଇଛି; ଆଉ ଦଶଟଙ୍କା ଦେଲେ ହେବ ବୋଲି କହିଲି ।

ଯୋଗୀଭାଇ ମଧ୍ୟ ଭାଇଙ୍କୁ ସବୁକଥା ବୁଝାଇଲେ । ଯେତେବେଳେ ଶହେଟଙ୍କା ହେଲାଣି ଦଶଟଙ୍କା ଦେବକୁ ବାଧ୍ୟ ହେଲେ ।

ନିର୍ଦ୍ଦିଷ୍ଟ ଦିନ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜକୁ ମୁଁ ଯୋଗୀଭାଇଙ୍କ ସହିତ ଯାଇ ନାଁ ଲେଖାଇଲି । ଆଇଏସସି ପଢ଼ିବାକୁ ମୋର ଇଛାଥିଲା । କାରଣ ତାକୁ ପଢ଼ିଲେ ମୁଁ ଡାକ୍ତରି ପଢ଼ିଥାନ୍ତି । ଡାକ୍ତର ହେବା ଥିଲା ମୋର ଜୀବନର ସ୍ୱପ୍ନ । ମୋର ମନେ ପଡୁଛି ମାଟ୍ରିକ୍ ପରୀକ୍ଷାରେ ଗୋଟିଏ ପ୍ରଶ୍ନ ପଡ଼ିଥିଲା ଇଂରେଜୀ ପ୍ରଶ୍ନପତ୍ରରେ ନିଜ ଜୀବନର ଲକ୍ଷ୍ୟ ସଂପର୍କରେ ଲେଖିବାକୁ । ମୁଁ ଲେଖିଥିଲି ଡାକ୍ତର ହୋଇ ରୋଗୀ ସେବା କରିବି ।

କିନ୍ତୁ ଏଇ ଲକ୍ଷ୍ୟ ଦୂରେଇ ଗଲା । ଯୋଗୀଭାଇ କହିଲେ- ତୁ ତ ଟିଉସନ କରି ପାଠପଢ଼ିବୁ । ବିଜ୍ଞାନ ପାଠ, ପ୍ରାକ୍ଟିକାଲ୍ ସବୁ ଅଛି । ତୁ କେଉଁଠି ପାରିବୁ ? ପାଠପଢ଼ାର ଚାପ ଖୁବ୍ ବେଶୀ ହେବ । ପାରିବୁ ନାହିଁ ।

ତେଣୁ ମୁଁ ଆଇ.ଏ. ଶ୍ରେଣୀରେ ନାଁ ଲେଖାଇଲି । ଏହା ପୂର୍ବରୁ ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ପଢିବାକୁ ମନ କରିଥିଲି । କାରଣ ଯାହା ହେଉ ଡାକ୍ତରଟିଏ ହେବିତ ! କିନ୍ତୁ ସଂସ୍କୃତ ଅତିରିକ୍ତ ପାଠ୍ୟ ନଥିବାରୁ ତା’ବି ହୋଇ ପାରିନଥିଲା ।

ଏହା ପରେ ପଣ୍ଡିତ ରଥଶର୍ମାଙ୍କୁ ମୁଁ ମୋ ହୃଦୟର କୃତଜ୍ଞତା ଜଣାଇଲି । ଥରେ ଥରେ ସେ ମୋ ପାଠପଢ଼ା କଥା ବୁଝନ୍ତି । ଉତ୍ସାହ ଦିଅନ୍ତି ।

ସେତେବେଳେ ପୁରୁଣା ଜିଲ୍ଲା ସ୍କୁଲର ନାଲି କୋଠାଘରେ ସକାଳବେଳା ଆମର କଲେଜ ହେଉଥିଲା । ୧୨ଟା ଗୋଟାଏ ଯାଏ କ୍ଲାସ୍ ହୁଏ । ମୁଁ ସକାଳୁ ଲୋକନାଥଙ୍କ ରାସ୍ତାକଡ଼ ଗୋଟିଏ ସାହିରୁ ଆସେ । ସେଠାରେ ଭାଇ ଗୋଟିଏ ଭଡ଼ାଘର ନେଇ ରହୁଥିଲେ । ଫେରୁଫେରୁ ଖରାବେଳ ହୋଇଯାଏ ।

ଏତେ ଅସୁବିଧା ଭିତରେ କଲେଜ ପାଠପଢ଼ା ଆରମ୍ଭ ହେଲା । ଗୋଟିଏ ଉପର ପାହାଚରେ ପାଦ ସିନା ଦେଲି, ଆଗେଇ ଚାଲିବା କାଠିକର ପାଠ ହେଲା । ଭାଇଙ୍କ ଭସାରେ ରହିଲି । ହେଲେ, ପାଠ ପଢ଼ିବା ସମ୍ଭବ ହେଲା ନାହିଁ । ପଢ଼ି ବସିଲାବେଳେ ଭାଇ ମୋ ପାଖରେ ବସି ତାଙ୍କର ଯେତେଯାହା ଅସୁବିଧା, ଘରର ଅଭାବ ଯାହା ସବୁ କହନ୍ତି । ମୁଣ୍ଡ ମୋ଼ର ବିଗିଡ଼ିଯାଏ । କେଉଁଠି ଟିଉସନଟିଏ କଲେ ଯାହା କିଛି ମିଳନ୍ତା, ଭାଇଙ୍କୁ ଦିଅନ୍ତି କିମ୍ବା ଘରକୁ ପଠାନ୍ତି ।

# ଟିଉସନ ପଢ଼ାକୁ ଭଙ୍ଗାଘର

ଟିଉସନ କରି କଲେଜରେ ପାଠ ପଢ଼ିବାକୁ ସିନା ଭାବିଲି । ହେଲେ, ସେତେବେଳେ ଆଜିକାଲି ପାରି ଟିଉସନ ହାଓ୍ୱା ନଥିଲା । ତେଣୁ ଯେତେ ଚେଷ୍ଟା କଲେବି ଟିଉସନ ମିଳିଲା ନାହିଁ ।

ଏହି ଉଦ୍ଦେଶ୍ୟରେ ଦିନେ ପୁରୀରେ ସେତେବେଳେ ନାମଜାଦା ଓକିଲ ବ୍ରଜମୋହନ ମହାନ୍ତିଙ୍କ ଘରକୁ ଗଲି । ତାଙ୍କ ଘରେ ଟିଉସନ ମିଳିଯିବ ବୋଲି ଭାବିଥିଲି । ସେ ଆମଘର ପାଖ ବରିମୁଣ୍ଡର ଲୋକ । ଆମର ବନ୍ଧୁବାନ୍ଧବ ହେବେ । ପୁଣି ସେ ତଲୁ ଉଠିଥିବାରୁ ତାଙ୍କ ସାହାଯ୍ୟ ସହାନୁଭୂତି ମିଳିବାର ଆଶା ଥିଲା । ମାତ୍ର ସେ ମଝିରେ ମଝିରେ ତାଙ୍କୁ ଖାଲି ଦେଖା କରିବାକୁ କହିଲେ । ମୁଁ କେତେଥର ତାଙ୍କୁ ଦେଖା କରି ଶେଷରେ ନିରାଶ ହେଲି ।

ଯୋଗୀଭାଇଙ୍କର ବିଭାଘର ସେଇ ବର୍ଷ ହେଲା । ସେ ବିଭାଘରର ସବୁଖର୍ଚ୍ଚ ନିଜେ କରିଥିବାରୁ ଋଣରେ ବୁଡ଼ିଯାଇଥିଲେ । ତେଣୁ ତାଙ୍କର ମନ ଥିଲେ ବି ସାହାଯ୍ୟ କରିବାକୁ ଧନ ନଥିଲା । ନୂଆ ଭାଉଜ ମୋତେ ଭାରି ଭଲ ପା'ନ୍ତି । ତାଙ୍କ ଘରକୁ ଗଲେ ଯାହା ପା'ନ୍ତି ଖାଇବାକୁ ଦିଅନ୍ତି ।

ସେତେବେଳେ ଆମର ସକାଳ ବେଳା କଲେଜ । ତେଣୁ ମୁଁ ତାଙ୍କ ବସା (କାଳିକା ଦେବୀ ସାହି) ଦେଇ କଲେଜକୁ ଯିବାବେଳେ ଅନେକ ସମୟରେ ରାତି ରୁଟି ୧/୨ ଖଣ୍ଡ ଚିନି ଲଗାଇ ଖାଇଦିଏ । କଲେଜରୁ ଭାଇଙ୍କ ବସାକୁ ପ୍ରତିଦିନ ଫେରୁଫେରୁ ଦିନ ବାରଟା କି ଗୋଟିଏ ବାଜେ ।

ଦିନେ ଯୋଗୀଭାଇ କହିଲେ- ଜଗୁ, ତୋ ପାଇଁ ଗୋଟିଏ ଟିଉସନ ଯୋଗାଡ଼ କରିଛି । କାଲି ତାଙ୍କ ଘରକୁ ଯାଇ କଥା ହେବା ।

ମୁଁ ଆନନ୍ଦରେ ତାଙ୍କ ସାଥିରେ ଗଲି । ପଥୁରିଆ ସାହିରେ ଗୋଟିଏ ଦୋମହଲା ପକ୍କା ଘର । ତା ଆଗରୁ ପଡ଼େ ଦିଅଙ୍କ ମନ୍ଦିର ଅଗଣାରେ । ତା ପାଖକୁ ଲାଗି ଚାଳଘର

ଦୁଇଦିନି ବଖରା । ଘରର ମାଲିକ ହେଉଛନ୍ତି ଗୌରମୋହନ ଚାଟର୍ଜୀ । ତାଙ୍କୁ ଦେଖାକଲୁ । ସେ ମୋ ଆକାର ଦେଖି ପ୍ରଥମେ ସନ୍ଦେହ ପ୍ରକାଶ କଲେ । ତା'ପରେ କହିଲେ- ଠିକ୍ ଅଛି । ସାଙ୍ଗସାଥୀ ହୋଇ ପଢ଼ାପଢ଼ି କରିବେ । ଭଲ ହେବ ।

ମୁଁ ଟିକିଏ ଶଙ୍କି ଗଲି । ମାତ୍ର ତାଙ୍କୁ କିଛି ପଚାରିଲି ନାହିଁ । ତେବେ ବୁଝି ପାରିଲିନି ତାଙ୍କ କଥା ''ସାଙ୍ଗସାଥୀ ହୋଇ'' ପଢ଼ିବେ ।'' ଟିଉସନ ତ କରିବି । ଗୁରୁଛାତ୍ର ସମ୍ପର୍କ ବଦଳରେ ସାଙ୍ଗସାଥୀ କ'ଣ ?

ତାପରେ ସେ କହିଲେ- ଆଜି କି କାଲି ଆସି ଏଠାରେ ରହିଯିବ । ମନ୍ଦିର ପାଖ ଚାଳଘର ତିନିବଖରା ଭିତରୁ ଗୋଟିଏ ବଡ଼ କୋଠରୀରେ ଚାହାଳୀ ଚାଲିଛି । ଆଉ ଗୋଟିଏ ବଡ଼ ବଖରାଟିରେ ସେଇ ଚାହାଳୀର ଅବଧାନ ରହୁଛନ୍ତି । ତା ପାଖକୁ ଗୋଟିଏ ଛୋଟ କୋଠରୀ । ତୁମେ ସେଠାରେ ରହିବ ।

ମୁଁ ସମ୍ଭବତଃ ସେଇଦିନ ସେଠାକୁ ଚାଲି ଆସିଲି । ସେଇ କୋଠରୀଟିକୁ ସଫାକରି ତା ଭିତରେ ମୋ ଲୁଗାପଟା, ବହିପତ୍ର ଆଦି ରଖିଲି । ଟିଉସନ କରିବାକୁ ପିଲାମାନଙ୍କୁ ଡାକିଲି । ମୋ ଠାରୁ ବର୍ଷେ ଦିବର୍ଷ ସାନ ଜଗନ୍ନାଥ, ଗୌରବାବୁଙ୍କ ବଡ଼ ପୁଅ । ତା ତଳକୁ ବଳରାମ ଆଉ ଝିଅ ମାଧୁରୀ । ଏମାନେ ଆସିଲେ । ପାଠପଢ଼ା ଆରମ୍ଭ କଲି । ଆଉସବୁ ପିଲା ସାନ ସାନ ।

ଦିନେ ଦେଖିଲି- ମୁଁ ରହୁଥିବା ଘର କବାଟରେ ବାହାରୁ ହୁକ୍ କି ଜଞ୍ଜିର ଲାଗିଯାଇଛି । ମୁଁ ଭିଡ଼ରେ ପଡୁଥିଲି । ଆଉ ମୁଁ ବାହାରକୁ ଆସି ପାରିଲି ନାହିଁ । ଅବଧାନଙ୍କୁ ଡାକିବାରୁ ସେ ଦୁଆର ଖୋଲିଲେ । ପରେ ଜାଣିଲି ଜଗନ୍ନାଥର ଏଇ କାମ । ଥରେ ଥରେ ମୋ ବହିତକ ନେଇ କେଉଁଠି ଲୁଚାଇ ରଖେ । ଏମିତି ସେ ଅନେକ ସମୟରେ ହଇରାଣ କଲା । ମୁଁ ଭାବିଲି- ଆଛା ମୁଁ ମହରଗରୁ ଆସି କାନ୍ତାରେ ପଡ଼ିଲି ।

ଜାଣିବାକୁ ପାଇଲି ଯେ ମୋ ପୂର୍ବରୁ ୩/୪ ଜଣ ଟିଉସନ ମାଷ୍ଟର ଆସି ତା ପାଖରୁ ବିଦାୟ ନେଇଛନ୍ତି । ଜଗନ୍ନାଥ କାହାକୁ ଛୁରୀ ଦେଖାଇଛି ତ କାହାକୁ ମାଡ଼ ଦେଇଛି । ବରଂ ମୋତେ ଦୟାକରି ଛାଡ଼ିଦେଇଛି, ଏତେ ଦୂର ଆସିନି ।

କେତେଦିନ ପରେ ତାଙ୍କୁ ପାଠ ପଢ଼ାଇବା ଆଶା ଛାଡ଼ିଦେଲି । ବଡ଼ ଲୋକଙ୍କ ପୁଅ ବଡ଼ ଗେଲବସର ହୋଇ ଖରାପ ହୋଇଛି । ପାଠପଢ଼ାରେ ତାର ମନ ନାହିଁ । ତାକୁ

ବାଧ କରି ପଢ଼ାଇଲେ ସେ ବରଂ ରାଗି ଯାଉଛି, ଦାଉ ସାଧୁଛି । ତାକୁ ଏଥିପାଇଁ ଜୋର ନଦେଲେ ସେ ଭଲ, ମୁଁ ମୋ କାମ କରିବି । ତା ପାଇଁ ଚେଷ୍ଟା କଲେ ଅନ୍ୟ ଦୁଇଟି ଭଲ ପିଲା ବଳରାମ ଓ ମାଧୁରୀ ପଢ଼ିପାରିବେ ନାହିଁ । ତେଣୁ ତାକୁ ଛାଡ଼ି ଦିଆଗଲା । ତାର ପୋଥିରେ ଡ଼ୋରି ବନ୍ଧା ହେଲା । ମୋ ପାଖରେ ବଳରାମ ଓ ମାଧୁରୀ ବସି ପାଠ ପଢ଼ିଲେ । ବଳରାମ ୪ର୍ଥ ଶ୍ରେଣୀ ଓ ମାଧୁରୀର ୨ୟ ଶ୍ରେଣୀ । ସେମାନେ ମନ ଦେଇ ପାଠ ପଢ଼ିଲେ ।

ଗୌରମୋହନବାବୁ ଥିଲେ ଜଣେ ବିରାଟ ଧନୀ ଲୋକଙ୍କର ଏକମାତ୍ର ଗେହ୍ଲାପୁଅ । ସହର ଓ ମଫସଲରେ ଥିଲା ତାଙ୍କର ଅମାପ ସମ୍ପତ୍ତି । ଚୂନ କାରଖାନ, ଇଟା କାରଖାନା ଆଦି ଥିଲା । ଅଠରନଳା ପାଖରେ ଥିଲା ତାଙ୍କର ପ୍ରାୟ ପାଞ୍ଚଶହ ନଡ଼ିଆଗଛ ଓ ୧୦/୧୨ଟି ସାନବଡ଼ ପୋଖରୀ ଥିବା ଏକ ମସ୍ତବଡ଼ ବଗିଚା । ତା ଭିତରେ ବି ବହୁତ ଘରଦ୍ୱାର ଓ ଆମ୍ବ, ପଣସ ଆଦି କେତେ ପ୍ରକାର ଗଛ । ଗୋପ, କୋଣାର୍କ ଆଦି ଅଞ୍ଚଳରେ ବହୁ ଜମିବାଡ଼ି ଥିଲା । ଚାକର, ଗୁମାସ୍ତା ଆଦି କେତେ କାର୍ଯ୍ୟ କରୁଥିଲେ ।

ବାରବାଟୀ ଲଟେରୀ ଆରମ୍ଭ ହେଲାବେଳେ । ଥରେ ସେଇ ଲଟେରୀ ଟିକେଟ୍ ବିକୁଥିବା ଏଜେଣ୍ଟ ଅଠରନଳା ପାଖ ବାବୁଙ୍କର ଅଫିସରେ ପହଞ୍ଚିଲେ । ଲଟେରୀ ଟିକେଟ କେତୋଟି କିଣିବାକୁ କହିଲେ । ଖଣ୍ଡେ ଟିକେଟ୍‌ର ମୂଲ୍ୟ ଟଙ୍କାଏ । ମାତ୍ର ଗୋଟିଏ ପ୍ରଥମ ପୁରସ୍କାର ପାଇଲେ ଲକ୍ଷେ ଟଙ୍କା । ଗୁମାସ୍ତା ମାଲିକ ବାବୁଙ୍କ ପାଇଁ ୩ଟି ଟିକେଟ୍ କିଣିଦେଲେ ।

ସେଇ ବର୍ଷ ଗୌରମୋହନଙ୍କ ନାଁରେ ୧ମ ଲଟେରୀ ଉଠିଲା । ତେଲିଆ ମୁଣ୍ଡରେ ତେଲ ପରି ସେ ପାଇଲେ ଏକ ଲକ୍ଷ ଟଙ୍କା । ସେତେବେଳେ ଏକଲକ୍ଷର ମୂଲ୍ୟ ଆଜିର ଏକ କୋଟି ଟଙ୍କା । ହେଲେ, ସାଙ୍ଗ ସାଥୀ, ପାଖପଡ଼ିଶା, ବାବୁ ଭୟାଙ୍କୁ ଭୋଜିଭାତ, ମଉଜମଜଲିସ୍ କରିବାରେ ବର୍ଷସାରା ସୁଅ ମୁହଁରେ ସବୁଖର୍ଚ୍ଚ ହେଲା । ଚଉଁରୀ ସକାଶେ ନିଜ ବାଳ ଗଲାପରି ତାଙ୍କ ଘରୁ ପୂଳା ପୂଳା ଟଙ୍କା ଖର୍ଚ୍ଚ ହେଲା । ବାବୁ ତ ଦିଲ୍‌ଦାରିଆ । ସୁଅ ପରି ଧନ ତକ ବୋହିଗଲା ।

ବାବୁଙ୍କୁ ପୁଣି କରିଦିଆଗଲା ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି । ଫଳରେ ଆଉ ଖର୍ଚ୍ଚ ବାର୍ଚ୍ଚର ସୀମା ରହିଲା ନାହିଁ । ତାଙ୍କ ଘରେ ମୁଁ ଟ୍ୟୁସନ ଆରମ୍ଭବେଳେ ଭଲ

ଅବସ୍ଥା ଥିଲା । ମାଛମାଂସ, ପୂଜାପାର୍ବଣରେ ଧୂଳାଉଡ଼ା ଖର୍ଚ୍ଚ ହେଉଥିଲା । କ୍ରମେ ଗୌରବାବୁ କଲିକତା ଯାଇ ବଡ଼ବଡ଼ ହୋଟେଲରେ ରହିଲେ ମାସ ମାସ ଧରି । ଲଗାମଛଡ଼ା ଖର୍ଚ୍ଚ । ତେଣୁ ଜମିବାଡ଼ି ବିକିବା ଆରମ୍ଭ ହୋଇଗଲା । ସେସବୁ ସରିଲା ପରେ ନିଜେ ରହୁଥିବା ଘରଦ୍ୱାର ବି ବନ୍ଧା ପଡ଼ିଲା ।

ବାବୁଙ୍କର ହୁଗୁଳା କାରବାର ଓ ଦୀର୍ଘ ସମୟ ପାଇଁ ଘରେ ନ ଥିବାରୁ ଗୁମାସ୍ତାମାନେ ଆଖିବୁଜା ଖାଇଲେ । ମଫସଲ ଓ ସହର ଜମିରୁ ମଧ୍ୟ କିଛି ଆସିଲା ନାହିଁ । ସମସ୍ତେ ଠକିବାରେ ରହିଲେ । ଦିନକୁ ଦିନ ଅବସ୍ଥା ଅସମ୍ଭାଳ ହେଲା । ବସି ଖାଇଲେ ନଈବାଲି ସରେ । ଶେଷରେ ସବୁ ନିଲାମ ହେଲା । ଗୌରବାବୁ ଘର ଛାଡ଼ି କୁଆଡ଼େ ଚାଲିଯାନ୍ତି, ବହୁଦିନ ପରେ ଫେରନ୍ତି ଘରକୁ ଖାଲିହାତରେ । ବଡ଼ ପରିବାରଟିଏ । ସମସ୍ତେ ଆମେ ଦୁଃଖ ଭୋଗୁଁ, ଚିନ୍ତାରେ ପଡୁ । କିନ୍ତୁ ସମସ୍ୟାର ସମାଧାନ ଆମ କାହା ହାତରେ ନଥାଏ । ଆମେ ବସିଥିବା ନାଆଟି ବୁଡ଼ିବୁଡ଼ି ଯାଉଛି ଆମ ଆଗରେ । ହା ହା କାର କଲୁ । ହେଲେ, ନିଜେ କୁଆଡ଼େ ଯାଇପାରୁନୁ କି ନାଆକୁ ରକ୍ଷା କରି ପାରୁନାହୁଁ । ଯେ କୌଣସି ସମୟରେ ଡଙ୍ଗାଟା ବୁଡ଼ିଯିବ ।

ଘର ରୋଷେଇବାସ ଓ ମନ୍ଦିରରେ ପୂଜାରଜା ବି ବନ୍ଦ ହେବାକୁ ବସିଲା । ବିଜୁଳି ବିଲ୍ ନଦେଇ ପାରିବାରୁ ଲାଇନ ଥରକୁ ଥର କଟିଲା । ମୁଁ ବାଧ୍ୟ ହୋଇ ଘର ଆଗ ବିଜୁଳିବତୀ ଖୁଣ୍ଟ ପାଖରେ ପଢ଼େ । ବଡ଼ ଭାଇଙ୍କ ଠାରୁ ପାଏ ମାସକୁ ଟଙ୍କାଟିଏ । ସେଥିରେ ଜଳଖିଆ, ଖିଅର, ଲୁଗାସଫା ଆଦି । ଅଧା ଦରମା ଛାଡ଼ ହୁଏ । ମାତ୍ର ବର୍ଷ ଆରମ୍ଭରୁ ୪/୫ ଟଙ୍କା ଲେଖାଁ ଏକାବେଳକେ ଫେରିପାଏ । ସେଇ ଟଙ୍କାରେ ମୋର ନିତାନ୍ତ ଦରକାରୀ ବହିପତ୍ର, ଲୁଗାପଟା ଆଦି କିଣିଥାଏ । ଯାହାହେଉ, ଦୁଃଖେସୁଖେ ଚଳିଯାଏ ।

ମୋର ଆଇ.ଏ. ପାଠପଢ଼ା କୌଣସି ପ୍ରକାରେ ସରିଗଲା । ଶେଷ ପରୀକ୍ଷା ଦେଇ ଗାଁକୁ ଆସିଲି । ଘର ଅବସ୍ଥା ଦିନକୁ ଦିନ ଶୋଚନୀୟ । ତେଣୁ ପରୀକ୍ଷା ଫଳ ବାହାରିଲେ ନିଶ୍ଚୟ ଚାକିରି କରିବି ବା ଟ୍ରେନିଂ ନେବି ଠିକ୍ କଲି । ମୁଁ ଘରକୁ ଆସିବା ଆଗରୁ ଜ୍ୟୋତିଷଙ୍କୁ ପଚାରି ବୁଝି ମୋର ପରୀକ୍ଷା ଫଳ ଜ୍ୟୋତିଷଙ୍କୁ ପଚାରି ସାରିଥାନ୍ତି । ମୁଁ ଫେଲ୍‌ହେବି ବୋଲି ନାହାକ କହିଥାନ୍ତି । ମୋତେ ଏକଥା ଜଣାଇ ନଥାନ୍ତି । ମୁଁ ତେଣୁ ଫଳକୁ ଅନାଇଥାଏ ।

ଦିନେ ହଠାତ୍ ଶୁଣିଲି, ଆମର ଆଇ.ଏ.ପରୀକ୍ଷା ଫଳ ଖବର କାଗଜରେ ବାହାରିଛି । ମୁଁ ପାସ୍ କରିଥାଏ । ଘରେ କିନ୍ତୁ ଏହି ଫଳକୁ କେହି ବିଶ୍ୱାସ କଲେ ନାହିଁ । ମୁଁ ତେଣୁ ଏଇ ଫଳ ଠିକ୍ ଭାବରେ ଜାଣିବା ପାଇଁ ପୁରୀଯିବାକୁ ବାହାରିଲି । ଏଇ ବାହାନାରେ ଘରୁ ବାହାରି ଯିବାକୁ ଠିକ୍ ମନେକଲି । ବୋଉ ମୋତେ ବୁଝାଇ କହିଲା- ପରୀକ୍ଷା ଫଳ ଭଲ କରି ବୁଝିବୁ । ଚିଠି ଦେବୁ । ଖରାପ ହୋଇଥିଲେ ଚିନ୍ତା କରିବୁ ନାହିଁ । ପୁଣି ଥରେ ଦେବୁ । ଏତେ ଅସୁବିଧାରେ ତ ପଢ଼ିଥିଲୁ ।

ପୁରୀକୁ ଆସିଲି । ପରୀକ୍ଷା ଫଳ କଲେଜରୁ ଦେଖିଲି । ପାସ୍ କରିଛି । ଅର୍ଥନୀତି ବିଭାଗର ମୁଖ୍ୟ ଥିଲେ କେ.ଭି.ରାଓ । ମୋତେ ସେ ଭାରି ଭଲ ପା'ନ୍ତି । ତାଙ୍କୁ ମୁଁ ଘର ଅବସ୍ଥା ଜଣାଇ ଚାକିରି କିମ୍ବା ଟ୍ରେନିଂ ନେବି ବୋଲି କହିଲି ।

ସାର୍ କହିଲେ- ନାଁ ନାଁ । ବି.ଏ. ପାସ୍ ନକରି ତୁମେ କ'ଣ କରି ପାରିବ ? ଅର୍ଥନୀତି ଅନର୍ସ ନେଇ ବି.ଏ. ପଢ଼ । ଭଲ ନମ୍ବର ତ ଅଛି । ମୁଁ ପୂରା ଛାତ୍ରବୃତ୍ତି ଦେବାରେ ସାହାଯ୍ୟ କରିବି ।

ଗରିବ ହେଲେ ବି ଭଲ ପଢୁଥିବାରୁ ସାର୍‌ଙ୍କର ଏତେ ସ୍ନେହ ଓ ସହାନୁଭୂତି ! ମୁଁ କେବେ ତାଙ୍କର ଏଇ ଋଣ ସୁଝି ପାରିବି ନାହିଁ । ତାଙ୍କ କଥା ମାନି ଦୁଇବର୍ଷ ଆଖିବୁଜି ବି.ଏ. ପଢ଼ିବାକୁ ଠିକ୍‌କଲି । ମାତ୍ର ଗୌରମୋହନଙ୍କ ଘର ଅବସ୍ଥା ଯାହା ରହିବି କିପରି ? ପାଠ ପଢ଼ି ହେବନାହିଁ । ଅନ୍ୟ କେଉଁଠି ରହିବି ?

ମୁଁ ଥରେ ଗୌରମୋହନ ବାବୁଙ୍କୁ ସବୁକଥା କହିଲି । ସେ କହିଲେ- ଆମେ ସମସ୍ତେ ଯେମିତି ଚଳିବୁ, ତୁମେ ସେମିତି ଆମଘରେ ଜଣେ ହୋଇ ଚଳିବ । ଦୁଇଟା ବର୍ଷ ତ !

ଅବଶ୍ୟ ଏହା କହିବା ତାଙ୍କର ଘରର ଅବସ୍ଥା ଓ ପିଲାମାନଙ୍କ ପାଠପଢ଼ା ଦୃଷ୍ଟିରୁ ଠିକ୍ । ତାଙ୍କ ଘରେ ମୁଁ ଜଣେ ବିଶ୍ୱାସୀ ଲୋକ । ଭଲମନ୍ଦ, ସୁଖଦୁଃଖର ସାଥୀ । ବଡ଼ ପିଲାଙ୍କ ପାଠ କଥା ମୁଁ ବୁଝେ । ସାନପିଲାମାନଙ୍କ ପାଠପଢ଼ା ଅବଧାନେ ବୁଝନ୍ତି ।

ମୁଁ ମଧ୍ୟ କହିଲି- ସୁଖ ସମୟରେ ତାଙ୍କ ଘରେ ରହି, ଦୁଃଖ ବେଳେ ଛାଡ଼ି ଚାଲିଯିବା ଅନ୍ୟାୟ ହେବ । ପୁଣି କେଉଁ ଜାଗାରେ କେଉଁଠି କିପରି ରହିବି, ଠିକ୍ ଠିକଣା ନାହିଁ ।

ବଡ଼ ଭାଇ ଚାକିରି କିମ୍ବା ଟ୍ରେନିଂ ସପକ୍ଷରେ ଥିଲେ ବି ମୋ ପାଠପଢ଼ାରେ ଏତେ ବାରଣ କଲେ ନାହିଁ । ବରଂ ମୋ ପାଠପଢ଼ାରେ ସେ ଏବେ ଆନନ୍ଦିତ । କଲେଜରେ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ପାଇଲେ ତାଙ୍କ ଛାତି କୁଣ୍ଢେମୋଟ ହୋଇଯାଏ । ଥରେ ସେ ସନ୍ଧ୍ୟା ପୂର୍ବରୁ ଆମ କଲେଜ ଦେଇ ଅଫିସରୁ ବସାକୁ ଫେରୁଥାନ୍ତି । ଆମର ବାର୍ଷିକ ଉତ୍ସବ ହେଉଥାଏ । ଡାକବାକ୍ସି ଯନ୍ତ୍ରରେ ମୋର ନାମ କୁହାଯାଉଥାଏ ପୁରସ୍କାର ନେବାକୁ । ସେକଥାଟି ତାଙ୍କ କାନରେ ପଡ଼ିଯିବା ମାତ୍ରେ ସେ ସଭାସ୍ଥଳକୁ ଆସିଥିଲେ । ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ନେଉଥିବାର ଦେଖି ଭାରି ଖୁସି ହୋଇଥିଲେ ।

ଏଣେ ବୁଢ଼ିଗଲା ଗୋଡ଼ ତଳକୁ ତଳକୁ ପରି ଗୌରବାବୁଙ୍କ ଘର ଅବସ୍ଥା ଦିନକୁ ଦିନ ସାଙ୍ଘାତିକ ହେଲା । ନିଜେ ରହୁଥିବା ଘର ଉପରେ ନିଲାମ ଉଠିଲା । ବିଜୁଳି ଲାଇନ ସବୁଦିନ ପାଇଁ କଟିଗଲା । ଘରେ ରୋଷେଇ ବନ୍ଦ ହେଲା । ପିଲାମାନେ ଆଟୁପାଟୁ ହେଲେ ।

# କଲେଜବେଳର ଅଧ୍ୟାପକ ଓ ସହପାଠୀ

ଆମେ ମଫସଲ ପିଲାଏ କଲେଜରେ କେତେଦିନ ପାଇଁ "ଗୋଠଛଡ଼ା" ପରି ହେଉ । ବିଶେଷ ଭାବରେ, କେହି ମୋର ଚିହ୍ନା ନଥିଲେ । ନିମାପଡ଼ାରେ ଆମେ ଯାହା ଟେଷ୍ଟ ପରୀକ୍ଷା ଦେଇଥିଲୁ । ସେଇ ସ୍କୁଲ୍‌ର ଦୁଇଜଣ ପିଲାଙ୍କୁ ଟିକିଏ ଜାଣିଥିଲୁ, କାରଣ ସେମାନେ ତ ଭଲ ପଢୁଥିଲେ । ସେମାନେ ପ୍ରଥମେ ଶ୍ରେଣୀରେ ପାସ୍ କରିଥିଲେ ମଧ୍ୟ । ଜଣେ ହେଲେ, ରାଘବାନନ୍ଦ ମହାନ୍ତି । ସେ ରେଭେନ୍‌ସାରେ ପଢ଼ିଲେ । ଆଉ ଜଣେ ମନମୋହନ ମହାନ୍ତି, ସେ ସମ୍ଭବତଃ ସେଇ କଟକରେ ବିଜ୍ଞାନ ପଢ଼ିଲେ । ସେ ପରେ ଧାତୁ ବିଜ୍ଞାନରେ ପ୍ରଫେସର ହୋଇ ଅବସର ନେଇଛନ୍ତି ।

ଆମେ କଲେଜରେ ନାମ ଲେଖାଇଲାବେଳେ ଅଧ୍ୟକ୍ଷ ଥିଲେ ଅତି ଜଣାଶୁଣା ଗଣିତ ଅଧ୍ୟାପକ ବାମାଚରଣ ଦାସ । ସେ ପରେ ଆମ ରାଜ୍ୟର ଶିକ୍ଷା ନିର୍ଦ୍ଦେଶକ ହୋଇଥିଲେ । ତାଙ୍କ ପରେ ଆମ ଅଧ୍ୟକ୍ଷ ହେଲେ ଏମ୍. ଏ. ଜନ୍ ଓ ଦାମୋଦର ମିଶ୍ର । ସେତେବେଳେ ପୁଣି ପୁରୀ କଲେଜର ନିଜଘର ନଥିବାରୁ ପୁରୀ ଜିଲା ସ୍କୁଲ୍‌ର ନାଲିକୋଠା (ଯେଉଁଠୁ ତାକୁ ଉଠାଇ ଷ୍ଟେସନ ପାଖରେ ଅଲଗା ଘରେ ଦିଆଯାଇଛି) ଘରେ ଆମ କଲେଜ ଚାଲିଥିଲା । ସକାଳବେଳା କଲେଜ ଓ ଉପରବେଳା ପୁରୀ ଜିଲାସ୍କୁଲ୍ ହେଉଥିଲା । ସେତେବେଳେ ଜିଲା ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଥିଲେ ବିଶିଷ୍ଟ କବି ବୈକୁଣ୍ଠନାଥ ପଟ୍ଟନାୟକ । ସେମାନେ ବାରଣ୍ଡାରେ ବାରମ୍ବାର ବୁଲି ଶ୍ରେଣୀର ପାଠପଢ଼ା ଓ ଶୃଙ୍ଖଳା ଦେଖୁଥିଲେ । ଶାସନ କଡ଼ା ଥିଲା ଆଉ ଆମେ ପିଲାମାନେ ପିଲାମାନେ ସେମାନଙ୍କୁ ଦେଖି ମୁଣ୍ଡ ନୁଆଁଇ ଚାଲୁଥିଲୁ ।

ମଫସଲର ପିଲାମାନେ ଅଧିକ ଥିଲେ ହେଁ ପୁରୀ ଟାଉନ ଓ ଆଖପାଖରେ ଅଳ୍ପ କେତୋଟି ପିଲା ଭାରି ଫୁର୍ତ୍ତି ଥିଲେ । ପାନ ଚୋବାଇ ପୁରୀର ଭାଷା ଓ ଭଙ୍ଗୀରେ କଥା କହି ସବୁରି ଦୃଷ୍ଟି ଟାଣୁଥିଲେ । କଲେଜରେ ମଫସଲ ପିଲାମାନଙ୍କୁ ପ୍ରଥମେ ବଡ଼ ଅଡୁଆ ଲାଗୁଥିଲା । ସେଠାର ପାଠପଢ଼ା ଢଙ୍ଗ ଅଲଗା । ସାଧାରଣ ଶ୍ରେଣୀରେ ଏକାଠି ବସନ୍ତି,

ମାତ୍ର ଦଳ ଦଳ ହୋଇ ବିଭିନ୍ନ ବିଷୟ ପାଇଁ ଅଲଗା ଅଲଗା ବସନ୍ତି । ପୁଣି ଇଂରେଜୀ ଭାଷାରେ ସବୁ ପଢ଼ାଯାଏ କେବଳ ଓଡ଼ିଆକୁ ଛାଡ଼ି । ଅଧିକାଂଶ ପିଲା ଓଡ଼ିଆରେ ମାଟ୍ରିକ୍ ପାସ୍ କରିଥିବାରୁ ପ୍ରଥମେ ଲମ୍ବା ଲମ୍ବା ଇଂରେଜୀ ବକ୍ତୃତା ଥିଲ କାଲ ଆଗରେ ମୂଳା ଚୋବାଇବା ପରି । ବେଶୀ କିଛି ବୁଝି ହେଉନଥିଲା, ତେବେ ବୁଦ୍ଧଦେବଙ୍କ ପରି ଆସନରେ ଚୁପ୍‌ଚାପ୍ ବସି ସବୁ ଶୁଣୁଥିଲୁ । ଅଳ୍ପ କେତେଜଣ ଚଗଲା ପିଲା "ପ୍ରକ୍ସି" ପକାଉଥିଲେ । କାରଣ ବକ୍ତୃତା ସଂଖ୍ୟା କମିଗଲେ ହଇରାଣ ।

ଓଡ଼ିଆ ପାଠ ତ ଭଲ ଲାଗୁଥିଲା । ଇତିହାସ ମଧ୍ୟ କିଛି କିଛି ବୁଝି ହେଉଥିଲା । ଅର୍ଥନୀତିରେ ମଧ୍ୟ ପ୍ରଥମରୁ କଷ୍ଟ ଲାଗିଲେ ବି ସବୁ ବୁଝିହେଲା । ଇଂରେଜୀ ସାହିତ୍ୟରେ ଟି.ଇ. ଜୟରମନଙ୍କ ପରି ଯେଉଁ ଅଧ୍ୟାପକମାନେ ପାଠ ପଢ଼ାନ୍ତି, ସେମାନେ ଭଲ ପଢ଼ାଇଲା ପରି ଲାଗିଲେ ବି କିଛି ବୁଝି ହେଉନଥିଲା । ସେମାନଙ୍କର ଉଚ୍ଚାରଣ ଧରିବା କଠିନ ଥିଲା । ଅଧ୍ୟାପକ ଗୁରୁପ୍ରସାଦ ମହାନ୍ତି ଆମର ଇଂରେଜୀ ଅଧ୍ୟାପକ ଥିଲେ । ପିଲାମାନେ ବି ତାଙ୍କୁ ଭଲ ପାଉଥିଲେ ।

ଅର୍ଥନୀତିରେ ଅଧ୍ୟାପକ ଥିଲେ ଡଃ କେ.ଭି.ରାଓ, ଅସିତ ରାୟ, ମୃତ୍ୟୁଞ୍ଜୟ ମହାପାତ୍ର ଓ ରାମଚନ୍ଦ୍ର ମହାନ୍ତି । କେ.ଭି. ରାଓ ଭଲ ପଢ଼ାନ୍ତି । ସେ ମଧ୍ୟ ଭାରି ଉତ୍ସାହ ଦେଉଥିଲେ । ମୃତ୍ୟୁଞ୍ଜୟବାବୁ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କ ପୁଅ । ପୁରୀର ଲୋକ ହୋଇଥିବାରୁ ଭାରି ଖୁସ୍‌ମିଜାଜର, ହସହସ ମୁହଁ ଆଉ ପାନ ବହୁତ ଖା'ନ୍ତି । ସେ ମଧ୍ୟ ମୋତେ ଭଲ ପା'ନ୍ତି । ସେ ଧୀରେ ଧୀରେ ସବୁ ବୁଝାଇ ଉଦାହରଣ ଦେଇ ଅର୍ଥନୀତି ଭଲ ପଢ଼ାନ୍ତି ।

ଇତିହାସରେ ଦୁଇଜଣ ଅଧ୍ୟାପକ ଆମର ସ୍ମରଣୀୟ । ଜଣେ ଡକ୍ଟର ମନ୍ମଥନାଥ ଦାସ ଓ ଆଉ ଜଣେ ଶ୍ରୀ ଉଦୟଚନ୍ଦ୍ର ମିଶ୍ର । ମନ୍ମଥବାବୁ ଧୀର ସ୍ଥିର ଭାବରେ ଓ ସରଳ ଭାଷାରେ ମନ ମଜାଇ ପୃଥିବୀ ଇତିହାସ ପଢ଼ାନ୍ତି । ମାତ୍ର ଉଦୟବାବୁ ବଡ଼ ପାଟିରେ ଓ ଖୁବ୍ ବେଗରେ ସୁଅ ଛୁଟାଇଲା ପରି ବିଲାତ ଇତିହାସ ପଢ଼ାନ୍ତି ।

ଓଡ଼ିଆ ଅଧ୍ୟାପକମାନଙ୍କ ମଧ୍ୟରେ ଆମର ଖୁବ୍ ପ୍ରିୟ ଥିଲେ ସର୍ବଶ୍ରୀ ରାଜକିଶୋର ରାୟ, ଚିନ୍ତାମଣି ବେହେରା ଓ କାହ୍ନୁଚରଣ ମିଶ୍ର । ସେମାନେ ଓଡ଼ିଆ ପଢ଼ାଇଲାବେଳେ ମଜା ଲାଗେ । ବିଶେଷତଃ ରାଜୁବାବୁ ତ ନାଟକୀୟ ଭଙ୍ଗୀରେ ଓ ଭଲ ଭାଷାରେ ଗଳ୍ପ

ଓ କବିତାମାନ ପଢ଼ାଉଥିଲେ । ଚିନ୍ତାମଣିବାବୁ ଓ କାହ୍ନୁବାବୁ ଖୁବ୍ ନିଷ୍ଠାର ସହିତ ସବୁକଥା ବୁଝାଇ ଶିକ୍ଷାଦାନ କରୁଥିଲେ ।

ମୁଁ ପୁରୀ କଲେଜରେ ଚାରିବର୍ଷ (୧୯୫୩ରୁ ୧୯୫୭) ପାଠ ପଢ଼ିଲା ଭିତରେ କଲେଜ ଶାସନର ଦୋଷ ବା ଅବହେଳା ପାଇଁ କେବେ ଧର୍ମଘଟ ବା ହରତାଳ ହୋଇନଥିଲା । ଆଜିକାଲି ପରି କଲେଜରେ ହୋହଲ୍ଲା ଆଦି ଆଦୌ ନଥିଲା । ପିଲାମାନଙ୍କ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ଥିଲା । କେବଳ କଲେଜ ନିର୍ବାଚନବେଳେ ଟିକିଏ ପ୍ରଚାର ଜୋର୍ ହୋଇଯାଏ । କିନ୍ତୁ କେବେ ଗଣ୍ଡଗୋଳ ହେଲା ପରି ମନେ ପଡୁନାହିଁ ।

ବାର୍ଷିକ ଉତ୍ସବମାନ ହୁଏ କଲେଜ ୟୁନିୟନର ଓ ଅନ୍ୟସବୁ ସମିତିର । ପ୍ରତିଯୋଗିତାମାନ କରାଯାଏ, ପୁରସ୍କାର ଦିଆଯାଏ । ମୁଁ ସାହିତ୍ୟ ଓ ବକ୍ତୃତାରେ କେତେଥର ପୁରସ୍କାର ପାଇଥିଲି । ମୋ ସାଥିରେ ଏସବୁ ପ୍ରତିଯୋଗିତାରେ ଯୋଗଦେଉଥିଲେ ଗୌରୀଶଙ୍କର ମହାପ୍ରଶସ୍ତ, ଆଶିଷ ମହାପାତ୍ର ଆଦି ବନ୍ଧୁମାନେ । ବାର୍ଷିକ ଉତ୍ସବମାନଙ୍କୁ ବଡ଼ ବଡ଼ ନେତା ଓ ସାହିତ୍ୟିକମାନଙ୍କୁ ନିମନ୍ତ୍ରଣ କରାଯାଏ । ସବୁ ଶାନ୍ତିଶୃଙ୍ଖଳା ଭିତରେ ଚାଲେ । କେତେବେଳେ ଗଣ୍ଡଗୋଳ ହୁଏ ନାହିଁ ।

ମୁଁ ତ ପଥୁରିଆ ସାହିରେ ରହୁଥିଲି । ତେଣୁ ଛାତ୍ରାବାସରେ ରହିବାର ଅନୁଭୂତି ହୋଇନଥିଲା । ତେବେ ସେତେବେଳେ ପାଥରପୁରୀ ହଷ୍ଟେଲ ଓ ବ୍ରାହ୍ମଣ ସମିତି ହଷ୍ଟେଲ ଖୁବ୍ ଜଣାଶୁଣା ଥିଲା । ପାଥରପୁରୀର ପକ୍କାଘର କେଉଁଠି ବିଶ୍ୱକବି ରବୀନ୍ଦ୍ରନାଥ କି ତାଙ୍କ ବଂଶର କେହି ତୋଳାଇଥିଲେ । ରବୀନ୍ଦ୍ରନାଥ ସେଇ ଘରେ ରହି ବହୁ କବିତା, ଗଳ୍ପ ଆଦି ଲେଖିଥିଲେ ବୋଲି ଶୁଣାଯାଏ । ବେଳାଭୂମି ଉପରେ ଏଇ ଘର ନିଶ୍ଚୟ କବିଙ୍କୁ ମୁଗ୍ଧ କରିଥିବ । ବ୍ରାହ୍ମଣସମିତି ଆଗେ କେତେଜଣ ସମାଜସେବୀଙ୍କ ଉଦ୍ୟମରେ ବ୍ରାହ୍ମଣ ଛାତ୍ରମାନଙ୍କ ରହିବା ପାଇଁ ଗଢ଼ାଯାଇଥିଲା । ଏବେ କିନ୍ତୁ ସବୁ ଶ୍ରେଣୀର ପିଲାଏ ରହୁଛନ୍ତି । ମୁଁ ଥରେ ଥରେ ଏଇ ହଷ୍ଟେଲମାନଙ୍କୁ ବୁଲିଯାଏ । ଅନେକ ଧନୀ ପିଲା କିନ୍ତୁ ଘରଭଡ଼ା ନେଇ ବାହାରେ ରହୁଥିଲେ ।

ମୋର ସାଙ୍ଗମାନଙ୍କ ମଧ୍ୟରେ ସର୍ବଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, କାଳିକୁମାର ରଥ, କାଳୀଚରଣ ତ୍ରିପାଠୀ, ବିଧୁଭୂଷଣ ତ୍ରିପାଠୀ, ଗୌରୀଶଙ୍କର ମହାପ୍ରଶସ୍ତ, ରଘୁନାଥ ଚିହରା ଆଦି ପ୍ରଧାନ । ଏମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ଉପରକୁ ଉଠିଛନ୍ତି ।

ବିଶ୍ୱଭୂଷଣ କେବଳ ପ୍ରଥମେ ଓକିଲାତି ଓ ପରେ ରାଜନୀତି କରି ଜଣାଶୁଣା ହୋଇଛନ୍ତି। ଅନ୍ୟମାନେ ସରକାରୀ ସେବାରେ ଉଚ୍ଚ ପଦବୀମାନ ଅଧିକାର କରି ଏବେ ଅବସର ନେଇଛନ୍ତି। କେତେବେଳେ ସେମାନଙ୍କ ସହିତ ଦେଖାହୁଏ, ଆମେ ସୁଖଦୁଃଖ ହେଉ। ମୋ କଥା ସେମାନେ କେତେବେଳେ କେମିତି ଖବର କାଗଜ ଆଉ ରେଡ଼ିଓ ଟେଲିଭିଜନରୁ ଜାଣନ୍ତି ବୋଲି କହନ୍ତି।

ଏଠାରେ ଗୌରମୋହନ ବାବୁଙ୍କ କଥା ଟିକିଏ କହିଲେ ଚଳିବ। ତାଙ୍କ ଘରେ ରୋଷେଇବାସ ବନ୍ଦ ହେଲା। ମାତ୍ର ଘର ଦେଉଳରେ ଦିଅଁମାନଙ୍କର ପ୍ରତିଦିନ ପୂଜାରଜା ହେଉଥିଲା। ତାଙ୍କ ଘରେ ଥିଲେ ଜଣେ ବୁଢ଼ା ପୂଜାରୀ, ଜଣେ ବୁଢ଼ୀ ଚାକରାଣୀ, ଜଣେ ବିଧବା ପିଉସୀ, ମୁଁ ଆଉ ଗୌରବାବୁଙ୍କ ସ୍ତ୍ରୀ ଓ ୫/୬ ପିଲା। ଏତିକି ବଡ଼ ପରିବାର ପାଇଁ ଘରେ ରୋଷେଇ ବନ୍ଦ ହେଲେ ସୁଦ୍ଧା ଦିଅଁଙ୍କ ପାଖରେ ଯେଉଁ ବଗଡ଼ା ଭାତ ଓ ଡାଲି ପାଣି ଭୋଗହୁଏ, ଆମେ ସମସ୍ତେ ତାକୁ ମହାପ୍ରସାଦ ପରି ସେବାକରୁ। ପିଲାଏ ନିଜ ଦେହକୁ ଘୋଡ଼ାଇବା ପାଇଁ ଲୁଗାପଟା ପାଇବା କଷ୍ଟକର ହେଲା। ବିଜୁଳି ଆଲୁଅ ତ ସବୁଦିନ ପାଇଁ କଟିଗଲା। ଆଜି ଯେ ରାଜା, କାଲି ସେ ଫକୀର, ଏହା ମୁଁ ନିଜ ଆଖିରେ ଦେଖିଲି ଓ ଅଙ୍ଗେ ନିଭେଇଲି।

ଯେଉଁଦିନ ମୋର ବି.ଏ. ପରୀକ୍ଷା ସରିଲା, ତା ଆରଦିନ ସକାଳୁ ମୁଁ ଗୌରବାବୁଙ୍କ ମଝିଆଁ ପୁଅ ବଳରାମକୁ କହିଲି- ଆଜି ଚାଲ ସମୁଦ୍ରରେ ଗାଧୋଇବା। ୧୯୫୭ ମାର୍ଚ୍ଚ କି ଏପ୍ରିଲ ମାସ ହେବ। ସେ ବି ମନ ଖୁସିରେ ମୋ ସାଥିରେ ବାହାରିଲା। ଆମେ ଚାଲି ଚାଲି ସମୁଦ୍ର କୂଳକୁ ଗଲୁ। କୂଳରେ ଗାଧୋଇଲୁ। ଲହରୀ ଉପରେ ଲହରୀ ଆସୁଥାଏ, ଆମେ ଖେଳିଲୁ।

ଆସ୍ତେ ଆସ୍ତେ ଆଗେଇଲୁ। ମୋତେ ଅଣ୍ଟାଏ ଓ ତାକୁ ଛାତିଏ ପାଣି ହେବ। ହଠାତ୍ ଆମେ ଦୁହେଁ ଗୋଟିଏ ଗଭୀର ଜଳ ମଧ୍ୟରେ ପଡ଼ିଗଲୁ। ସେମିତି ସୁଅ ବି ଥିଲା ପରି ମନେ ପଡୁନାହିଁ। ସେଠାରେ ଆମ ଗୋଡ଼ ଜମା ତଳେ ଲାଗୁ ନଥାଏ। ଉପରକୁ ଫେରି ଆସିବାକୁ ଚାହିଁଲେ ବି ଆସି ପାରୁ ନଥିଲୁ। କୂଳରେ ଥିବା ଲୋକ ଓ ନୋଳିଆ କେତେଜଣଙ୍କୁ ହାତଠାରି ଡାକିଲୁ। କାହିଁକି କେଜାଣି ଆମ ପାଖକୁ କେହି ଗଲେ ନାହିଁ। ସେମାନେ ସମ୍ଭବତଃ ଆମେ ମିଛରେ କିମ୍ବା ଥଟ୍ଟାରେ ଏମିତି ଡାକୁଚୁ ବୋଲି ଭାବିନେଲେ।

ଶେଷରେ ଆମେ ଦୁହେଁ ବୁଡ଼ି ଉଠି କେତେ ଲୁଣୀ ପାଣି ପିଇଦେଲୁ । ଏତେ କୂଳ ପାଖରେ ଏମିତି ଗଭୀର ଜଳ କିମିତି ଅଛି କେହି ଜାଣିନାହାଁନ୍ତି, ଆମେ ବୁଝିପାରିଲୁ ନାହିଁ । ମନେ ମନେ ଆମେ ମରିବୁ ବୋଲି ଭାବିନେଲୁ । କାରଣ ଆମେ ଯେତେ ଚେଷ୍ଟା କଲେ ବି କୂଳ ଆଡ଼କୁ ଆସିପାରୁ ନଥିଲୁ । ଶେଷରେ ଭଗବାନଙ୍କ ଦୟା କିପରି ହେଲା- ଗୋଟିଏ ଲହରୀ ଖୁବ୍ ଜୋରରେ ଆସି ଆମକୁ କୂଳ ଉପରେ ଫିଙ୍ଗିଦେଲା । ଆମେ ଜୀବନ ବିକଳରେ ସେମିତି ଓଦାବାଲି ସରସର ହୋଇ ଏକମୁହାଁ ଘରକୁ ଧାଇଁଲୁ । ଦୈବକ୍ରମେ ମରୁମରୁ ଆମେ ବଞ୍ଚିଗଲୁ ।

ତାପରେ ମୁଁ ଦୁଃଖର ସହିତ ଗୌରବାବୁଙ୍କ ପରିବାରଠାରୁ ବିଦାୟ ନେଲି । ଗାଁକୁ ଆସି ନୂଆହାଟ ହାଇସ୍କୁଲ୍‌ରେ ମୁଖିଆମାନଙ୍କ ଅନୁରୋଧରେ ହେଡ୍‌ମାଷ୍ଟର ହୋଇ ବର୍ଷେ କଟାଇଲି । ସେଇ ସମୟ ଭିତରେ ପୁରୀଗଲେ ତାଙ୍କ ଘର ଆଡ଼େ ଯାଏ । ଦୁଃଖସୁଖ ହୁଏ । ମାତ୍ର କେତେଦିନ ପରେ ସେମାନଙ୍କର ଘରଦ୍ୱାର ସବୁ ନିଲାମ ହୋଇଗଲା । ଗୌରବାବୁ କେଉଁଠି ଲୁଚି ରହିଲେ । ପିଲାମାନେ ତାଳ ବଣିଆରେ କେଉଁଠି ପତର କୁଡ଼ିଆ କରି ରହିଲେ । ମୁଁ ପାଇଲି ନାହିଁ । ପରେ ବଳରାମ ପାରିବାରୁ ସେମାନଙ୍କ ଅବସ୍ଥା ଟିକିଏ ବଦଳିଲା । ମାତ୍ର ଯେତେ ବଡ଼ ପରିବାର, ତାକୁ ଆଉ ଉପରକୁ ଉଠାଇବା ସମ୍ଭବ ହେଲା ନାହିଁ । ଜୀବନ ଆମର ଏଇୟା । ଏହାକୁ ଭାଗ୍ୟ କୁହ ବା ଭଗବାନ କୁହ ବା ନିଜେ କରିବାର ଫଳ କୁହ ।

# ସେତେବେଳର ସୀମା ଆନ୍ଦୋଳନ

ଜାତୀୟ ସ୍ତରରେ ସର୍ବଦା ଓଡ଼ିଶାର କଥା, ତାର ଦାବିକୁ ହେଳା କରାଯାଏ । ତାର ଦୁଇଟି ପ୍ରଧାନ କାରଣ । ଗୋଟିଏ ହେଲା, ଓଡ଼ିଆ ଜାତି ସରଳ ଓ ଶାନ୍ତିପ୍ରିୟ । ସହଜରେ ହିଂସାକାଣ୍ଡ ଘଟାନ୍ତି ନାହିଁ । ଅଶାନ୍ତି ବା ବିଶୃଙ୍ଖଳା ସୃଷ୍ଟି କରନ୍ତି ନାହିଁ । ସବୁ ଅନ୍ୟାୟ, ଦୁଃଖକଷ୍ଟ ସେମାନେ ମୁଣ୍ଡପାତି ସହିଯାନ୍ତି । ଆରଟି ହେଲା, ଜାତୀୟ ସ୍ତରରେ ଓଡ଼ିଶାର ଦାବିକୁ ଦୃଢ଼ଭାବରେ ଉଠାଇବା ପାଇଁ ଉପଯୁକ୍ତ ନେତା ନାହାନ୍ତି । ଫଳରେ ଓଡ଼ିଶାର କଥା କେହି ଶୁଣନ୍ତି ନାହିଁ ।

ସେହିପରି ଆମର ଗୋଟିଏ ଦାବି ହେଲା ଓଡ଼ିଶା ବାହାରେ ଥିବା ଓଡ଼ିଆ କଥା କହୁଥିବା ଅଂଚଳର ମିଶ୍ରଣ । ବିହାରରେ ରହିଗଲା- ସିଂହଭୂମି ଜିଲ୍ଲା, ପଶ୍ଚିମବଙ୍ଗରେ ମେଦିନୀପୁର, ମଧ୍ୟପ୍ରଦେଶରେ ରାୟପୁର ଓ ଆନ୍ଧ୍ରପ୍ରଦେଶରେ ଶ୍ରୀକାକୁଲମ୍ ଜିଲାର ବହୁ ଅଂଚଳ । ପରାଧୀନ ଭାରତରେ ବରଂ ଓଡ଼ିଶା ନେତାମାନଙ୍କ ମଧ୍ୟରେ ମଧୁବାବୁ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଆଦି ଓଡ଼ିଆମାନଙ୍କ ସମସ୍ୟାକୁ ଜାତୀୟ ସ୍ତରରେ ଉଠାଇ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିପାରିଥିଲେ । ମାତ୍ର ଭାରତ ସ୍ୱାଧୀନ ହେଲା ପରେ ଆମ ନେତାମାନେ ଜାତୀୟ ସ୍ତରରେ ନିଜର ପ୍ରକୃତ ଦାବି ଦୃଢ଼ଭାବରେ ଉଠାଇ ପାରିନଥିଲେ । ବରଂ ଦଳୀୟ ତଥା ବ୍ୟକ୍ତିଗତ ସ୍ୱାର୍ଥ ଆଶାରେ ସେମାନେ ନିଜର ଜାତୀୟ କର୍ତ୍ତବ୍ୟ ପୂରଣରେ ହେଳା କରି ଆସିଛନ୍ତି ।

ତା ଫଳରେ ଭାଷାଭିତ୍ତିରେ ପ୍ରଦେଶ ଗଠନକୁ ଭାରତ ସରକାର ଏକ ଜାତୀୟ ନୀତି ଭାବରେ ଗ୍ରହଣ କରି ସୀମା କମିଶନ ବସାଇଥିଲେ । ଓଡ଼ିଆଭାଷୀ ଅଂଚଳର ଯାହାସବୁ ଓଡ଼ିଶା ବାହାରେ ରହି ଯାଇଥିଲା, ସେଇସବୁ ଅଂଚଳ ଓଡ଼ିଶା ସହିତ ମିଶାଇବା ଦାବି କରିଥିଲେ । ମାତ୍ର ସୀମା କମିଶନ ୧୯୫୬ ମସିହା ଆରମ୍ଭରେ ଯେଉଁ ରିପୋର୍ଟ ଦେଇଥିଲେ, ସେଥିରେ ଓଡ଼ିଶାର ଯୁକ୍ତିଯୁକ୍ତ ଦାବି ପ୍ରତି ତିଳେ ସୁଦ୍ଧା ନ୍ୟାୟ ବିଚାର କରିନଥିଲେ । ଏଥିଯୋଗୁଁ ଓଡ଼ିଶାରେ ଅଶାନ୍ତି, ଅସନ୍ତୋଷ ଖେଳିଯାଇଥିଲା । ଏହା ବିରୁଦ୍ଧରେ ଓଡ଼ିଶା ସାରା ଏକ ଆନ୍ଦୋଳନ ମୁଣ୍ଡ ଟେକିଥିଲା ।

ଓଡ଼ିଶାର ଲୋକମାନେ ବେଶୀ ରାଗ ଓ ଦୁଃଖରେ ବୁଡ଼ିଗଲେ ସିଂହଭୂମି ଅଂଚଳର ଷଢ଼େଇକଳା ଓ ଖରସୁଆଁ ଯୋଗୁଁ । କାରଣ ଏଗୁଡ଼ିକର ଅଧିକାଂଶ ଅଧିବାସୀ ଓଡ଼ିଆ ହେଲେ ସୁଦ୍ଧା ଓଡ଼ିଶାରେ ମିଶାଇ ଦିଆଗଲା ନାହିଁ । ଓଡ଼ିଆ ଜନସାଧାରଣ ବିଶେଷତଃ ଛାତ୍ରଛାତ୍ରୀମାନ ମାତିଗଲେ । କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱର, ବାଲେଶ୍ୱର ଆଦି ଅଧିକାଂଶ ସହରରେ ଧର୍ମଘଟ ଓ ହରତାଳ ହେଲା । ଏସବୁ ସ୍ଥାନରେ ଟ୍ରେନ୍ ଚଳାଚଳ ପ୍ରାୟ ବନ୍ଦ ହୋଇଗଲା ।

୧୯୫୬ ଜାନୁୟାରୀ ମାସ ୨୨ ତରିଖ ପୁରୀ ରେଲଷ୍ଟେସନ୍ । ଆମ ସାମନ୍ତ ଚନ୍ଦ୍ରଶେଖର କଲେଜର ପିଲାମାନେ ସେଠାରେ ଭରପୂର । କୌଣସି ଟ୍ରେନ ଛାଡ଼ିଦେଲେ ନାହିଁ । ତାଳବଣିଆର ବାଲି ପଡ଼ିଆରେ ଆମେ ସବୁ ଏକାଠି ହୋଇଗଲୁ । ସରକାରଙ୍କ ତରଫରୁ ଗାଡ଼ିକୁ ଛାଡ଼ିଦେବା ପାଇଁ ଚେଷ୍ଟା କରୁଥିଲେ । ଛାତ୍ରମାନଙ୍କ ସହିତ କ୍ରମେ ଲୋକମାନେ ଯୋଗଦେଲେ । ପୋଲିସ ଓ ରିଜର୍ଭଫୋର୍ସ ଆସି ବହୁ ସଂଖ୍ୟାରେ ପହଞ୍ଚିଥିଲେ । ସେମାନେ ଯେତେ ଜୁଲମ କଲେ ବି ଆମେ ଡରୁନଥିଲୁ । ଗୋଠ ମାତିଲେ ଖଣ୍ଡିଆ ମାତେ । ନିରୀହ ସରଳ ଛାତ୍ରମାନେ ବି ବହୁ ସାହସ ଓ ଦମ୍ଭ ଦେଖାଇଲେ ।

ଏଇ ସମୟରେ ହଠାତ୍ ଛାତ୍ରମାନଙ୍କ ଉପରେ ଲୁହବୁହା ଗ୍ୟାସ୍ ଛଡ଼ାଗଲା । ଲାଠିମାଡ଼ ବି ଆରମ୍ଭ ହୋଇଗଲା । ଅନେକ ଲୋକ ଆହତ ହୋଇପଡ଼ିଲେ । କେତେ ବି ମୂର୍ଚ୍ଛା ହୋଇଗଲେ । ସେମାନଙ୍କୁ ଡାକ୍ତରଖାନା ନିଆଗଲା । ମାତ୍ର ଆମେ ଅନେକ ଡରି ନଯାଇ ଆହୁରି ଆଗେଇଗଲୁ । ହଠାତ୍ ଶୁଣାଗଲା ବନ୍ଧୁକର ଗୁଡୁମ୍ ଗୁଡୁମ୍ । ସେଦିନ ଯୁଦ୍ଧଭୂଇଁ ପରି ଦେଖାଗଲା । ଧୂଆଁଧୂଳି ଭର୍ତ୍ତି ହୋଇଗଲା । ଗୁଳିଗୁଳାର ଢୁ ଢୁ ଶବ୍ଦ ଘନଘନ ଶୁଣାଗଲା । ଆକାଶ ପବନ ଥରିଉଠିଲା । ଲୋକଙ୍କର ପାଟିତୁଣ୍ଡ, ହୋହଲ୍ଲା । ଆମ ମନରେ ଛନକା ପୂରାଇଦେଲା ।

ଆମେ ରେଲଲାଇନ୍ ଉପରେ ଠିଆ ହୋଇଚୁ ଗୋଟିଏ ପାଖରୁ ହାହାକାର ଶବ୍ଦ ଶୁଣାଗଲା । ଆମେ ଦେଖିଲୁ ଗୋଟିଏ ୧୦/୧୨ ବର୍ଷର ପିଲାର ମୁଣ୍ଡରୁ ଖପୁରୀ କୁଆଡ଼େ ଉଡିଯାଇଥିଲା । ରକ୍ତର ଧାର ଛୁଟିଥିଲା । ତାର ହାପ୍‌ପ୍ୟାଣ୍ଟ ଓ ସାର୍ଟ ମଧ୍ୟ ରକ୍ତରେ ଜୁଡୁବୁଡୁ । କି ଭୟଙ୍କର ଦୃଶ୍ୟ ! ଆମ ଦେହ ମନରେ ଖୁବ୍ ଉତ୍ତେଜନା ଖେଳିଗଲା । ସମସ୍ତେ "ଧରଧର, ମାର୍‌ମାର୍" କରି ପାଟି କରି ଉଠିଲେ । ପୋଲିସ୍ ଫୋର୍ସ ପ୍ରାଣ ଭୟରେ ଧାଇଁଧାଇଁ ନିଜକୁ ଲୁଚାଇଲେ ।

ତାପରେ ପୁରୀରେ ଜନତା ମାତି ଉଠିଲେ । ସେମାନେ ବାଡ଼ି ଠେଙ୍ଗା ଧରି କେତେକ ପୋଲିସଙ୍କୁ ପିଟିଲେ । ସରକାରୀ ଅଫିସ ଓ ଗାଡ଼ିକୁ ନିଆଁ ଲଗାଇଦେଲେ । ସରକାରୀ ବସାଘରମାନ ମଧ ଛାଡ଼ ପାଇଲା ନାହିଁ । ଆମେ ରାତିରେ ଦେଖିଲୁ ଷ୍ଟେସନଠାରୁ କଲେକ୍ଟରର ଅଫିସ ଓ ବସାଘର ଯାଏ ସବୁଠାରେ ହୁତୁହୁତୁ ନିଆଁ ଜଳୁଛି । ପ୍ରାୟ ୧୬ ଘଣ୍ଟା ଧରି ଏମିତି ହିଂସାକାଣ୍ଡ ଲାଗିରହିଲା । ସାରା ସହରରେ ଶାସନକଳ ଅଚଳ ହୋଇପଡ଼ିଲା ।

ଜାନୁୟାରୀ ୨୩ ତାରିଖ ଠାରୁ ଚାଲିଲା ପୋଲିସର ଜୁଲମ ଓ ଦମନଲୀଳା । ଶାନ୍ତିଶୃଙ୍ଖଳା ଆଣିବା ପାଇଁ ସେମାନେ ପ୍ରାଣମୂର୍ଚ୍ଛା ଲାଗି ପଡ଼ିଲେ । ଶହ ଶହ ଲୋକ ବନ୍ଦୀ ହେଲେ । ସବୁଜେଲ ଭର୍ତ୍ତିହେଲା । ଯେଉଁଠି ୧୯୩ ଜଣ ବନ୍ଦୀଙ୍କ ପାଇଁ ଜାଗାଥିଲା, ସେଠାରେ ୪୫୦ ଜଣ ରହିଲେ । ରାସ୍ତାଘାଟ ଶୂନଶାନ୍ । ଦୋକାନ ବଜାର, ସ୍କୁଲ୍‌କଲେଜ ଏମିତିକି ସରକାରୀ ଅଫିସ୍ ମଧ ବନ୍ଦ ହୋଇଗଲା । ଆମେ ଶୁଣିଲୁ ଯେଉଁ ପିଲାଟି ଗୁଳିମାଡ଼ରେ ମରିଥିଲା, ନାଁ ତାର ବେଙ୍ଗପାଣିଆ; ଗରିବ ପିଲାଟିଏ ବିଧବା ମାଆର । ଚଉଦିଗରେ ସେହି ପିଲାଟି କଥା ନେଇ ହାହାକାର ପଡ଼ିଗଲା ।

ଉତ୍କଳ ସମ୍ମିଳନୀ ତରଫରୁ ସିଂହଦ୍ୱାର ଆଗରେ ଏକ ବଡ଼ ସଭା ହେଲା । ଗୋଦାବରୀଶ ମିଶ୍ର, କଳାହାଣ୍ଡି ରାଜା, ନିତ୍ୟାନନ୍ଦ ମହାପାତ୍ର, ନିଶାମଣି ଖୁଣ୍ଟିଆ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ହରିହର ବାହିନୀପତି ଆଦି ନେତାମାନେ ଭାଷଣ ଦେଲେ । କଡ଼ାକଡ଼ି ଆଇନ୍ ଓ ପୋଲିସ୍ ଅତ୍ୟାଚାର ବିରୁଦ୍ଧରେ ପ୍ରବଳ ପ୍ରତିବାଦ ହେଲା । ପୋଲିସ୍ ଜୁଲମର ପ୍ରତିବାଦ କରି ବହୁ ନେତା ଗିରଫ ହେଲେ ।

ଏହି ପରି ବଡ଼ଦାଣ୍ଡରେ ହୋଇଥିବା ଏକ ସାଧାରଣ ସଭାରେ ପଣ୍ଡିତ ଗୋଦାବରୀଶଙ୍କର ମନଛୁଆଁ କଥା ମୋର ଏଯାଏ ମନେଅଛି । ସେ ତାଙ୍କର ସରଳ ତରଳ ଭାଷା ଓ ଆବେଗଭରା ଶୈଳୀରେ ସୀମା ଆନ୍ଦୋଳନର କାରଣ ଓ ଫଳାଫଳ ବିଷୟରେ ଗୋଟିଗୋଟି ବୁଝାଇ ଦେଲେ । ଶେଷରେ ସେ କହିଲେ "ବେଙ୍ଗପାଣିଆ ପରି ଗୋଟେ ବାଳୁତ ପିଲାର ମୁଣ୍ଡ ଖପୁରୀ ଏଇ ନିଷ୍ଠୁର ସରକାର ଉଡାଇଦେଲା । ଏଇ ବୁଢ଼ାର(ନିଜର) ପାଚିଲା ମୁଣ୍ଡଟାକୁ ହେଲେ ନେଇଥାନ୍ତେ ।" ଏହା କହୁକହୁ ସେ କାନ୍ଦି ପକାଇଲେ । ଦୁଇଆଖିରୁ ଲୁହର ଧାର ବୋହିଗଲା । ତାଙ୍କର ଏଇ ଅବସ୍ଥା ଦେଖି ସଭାରେ

ଥିବା ହଜାର ହଜାର ଲୋକଙ୍କ ଆଖିରୁ ଲୁହ ଝରିଗଲା । ମୁଁ ଗୋଦାବରୀଶଙ୍କ ମୃତ୍ୟୁରେ ଗୋଟିଏ ଛୋଟ କବିତା ଲେଖିଥିଲି, ଯାହା ପରେ "ବନଫୁଲ" ପରି ଏକ ପତ୍ରିକାରେ ସ୍ଥାନ ପାଇଥିଲା । ଏଠାରେ ସେଥିରୁ କେତୋଟି ପଦ ଉଲ୍ଲେଖ କରିବାକୁ ଲୋଭ ହେଉଛି ।

*ଅନ୍ଧାରେ ଜନମି ଦେଲା ଯେ ଆଲୁଅ*
*କୋଟି ଜନ ଅନ୍ତରେ ।*
*ଭୁଲାଇଲା ଯିଏ ଜନଗଣମନ*
*ତା' ମମତା ମନ୍ତରେ ।*
*ଜାତିର ସାଧକ-ଶିରୋମଣି ସେ ଯେ,*
*ସତ୍ୟସନ୍ଧ କବିପ୍ରାଣ ।*
*ପୁଣ୍ୟଶ୍ଳୋକ ସେ ଗୋଦାବରୀଶ*
*ଇତିହାସେ ଅମରଣ ।*
*ଆସିଥିଲା ଯିଏ ଅଜଣା ଅଶୁଣା*
*ଗଲା ଦିଗ ଚହଟାଇ,*
*ବିକଶିଲା ଯିଏ କିଶଳୟ କୋଳେ*
*ଗଲା ମନ ମହକାଇ ।*
*ମାଟିର ମଣିଷ ମାଟିରେ ଜନମି*
*ସରଗ-ଶିରୀରେ ତୋରା ।*
*ବନଫୁଲ ସିଏ ବନକୋଳେ ଆସି,*
*ମହକେ ମୋହିଲା ଧରା ।*

ଏହି ସଭା ପରେ ପୋଲିସ୍ ଜୁଲମ ବନ୍ଦ ହୋଇଗଲା । ଚଉଦିଗରେ ଶାନ୍ତିଶୃଙ୍ଖଳା ଫେରି ଆସିଥିଲା । ଆମ କଲେଜର କେତେ ପିଲା ମଧ୍ୟ ବନ୍ଦୀ ହୋଇଥିଲେ । ସେମାନେ ଘରେ ଖଲାସ ହୋଇଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠପଢ଼ା ଆରମ୍ଭ ହୋଇଥିଲା । ଅଫିସ, ବଜାରରେ ଆଇନର ଶାସନ ଜାରିହେଲା ।

# ପ୍ରଥମ ସାହିତ୍ୟ ରଚନା ଓ ପ୍ରକାଶ

ମୁଁ ଆଗରୁ କହିଛି କିପରି ମନରେ ଦୁଃଖ ହେଲେ, କେତେବେଳେ କିଛି ଅଭାବ ଅସୁବିଧା ପଡ଼ିଲେ ଭଗବାନଙ୍କୁ ଜଣାଏ, ଗୀତ ଲେଖେ । ମନର କଥା ଏମିତି ପ୍ରକାଶ କରି ଆନନ୍ଦ ପାଏ । ଆମର ସାହିତ୍ୟ ଏମିତି ଜନ୍ମ ନେଇଛି । ସବୁରି ହିତ ହେଉଛି ସାହିତ୍ୟର କାମ । ଶୋକରୁ ହିଁ ଶ୍ଳୋକର ସୃଷ୍ଟି । ଭିନ୍ନ ଭିନ୍ନ ସମୟରେ ଲେଖାଯାଏ । କେତେବେଳେ ପ୍ରତିଯୋଗିତା ପାଇଁ ତ କେତେବେଳେ ମନର କଥାକୁ ପ୍ରକାଶ କରି । ଏମିତି ସ୍କୁଲ୍- କଲେଜ ଜୀବନରୁ ହିଁ ମୋର ସାହିତ୍ୟ ରଚନାର ଆରମ୍ଭ ଓ ଅଗ୍ରଗତି !

ଅନେକ କଥାତ ଲେଖାଯାଇଥିଲା ସେଗୁଡ଼ିକ ଏଠାରେ କହିବା ସମ୍ଭବ ନୁହେଁ । ସେଥିରୁ ଅଧିକାଂଶ ଲେଖା ହଜି ଯାଇଛି ତ ନଷ୍ଟ ହେଲାଣି । କେତେକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ଛପା ଯାଇଥିଲା, ସେଥିରୁ କେତେ ତ ମିଳୁନାହିଁ । ଯେଉଁଗୁଡ଼ିକ ଏବେ ମିଳୁଛି, ସେଗୁଡ଼ିକରୁ କେତେକ ତଳେ ଉଲ୍ଲେଖ କରାଯାଇଛି ସଂକ୍ଷେପରେ ବା ସାରକଥା ଦେଇ ।

ସେତେବେଳେ ବିନୋଦ କାନୁନ୍‌ଗୋ (ପରେ ସେ ଜ୍ଞାନମଣ୍ଡଳ ଲେଖି ଓ ଛପାଇ ଭାରତ ସରକାରଙ୍କ ଠାରୁ ପଦ୍ମଶ୍ରୀ ଉପାଧି ପାଇଥିଲେ) ଙ୍କର ସଂପାଦନାରେ ପ୍ରକାଶିତ ହେଉଥିଲା ''ଶିଶୁ ସଂପଦ ।'' ଏହି ପତ୍ରିକାର ୧୯୫୫ ମାର୍ଚ୍ଚ ସଂଖ୍ୟାରେ ମୋର ଛୋଟ କବିତାଟିଏ- ''ମନ ମୋର ବଡ଼, ଉଚ୍ଚେ ଉଡ଼େ ନିତି'' ପ୍ରକାଶ ପାଇଥିଲା । ସେଇଟି ହେଲା-

କଳା ବାଦଲର ଟିକି ଟିକି ଟୋପା
        ନଈ ନାଳ ସବୁ ଭରେ ।
ଟିକି ଟିକି ବିନ୍ଦୁ ହେଲେ କିସହେବ
        ଦରିଆର ଦେହ ଗଢ଼େ ।
ଟିକିଟିକି ତାରା ନେଳିଆ ଆକାଶେ
        ଖିଲିଖିଲି ହସି ଦୋଳେ ।

ଟିକି ଟିକି ଫୁଲ ମହକ ଛୁଟାଇ
ମହୁମାଛି ସାଥେ ଖେଳେ ।
ଟିକିଟିକି ମଞ୍ଜି କୋଳେ ବଡ଼ ଗଛ
ଲୁଚି ରହିଥାଏ ଶୋଇ ।
ଟିକି ଟିକି ଡେଣା ଝାଡ଼ି ଦିଗହଜା
ଆକାଶେ ଉଡ଼େ ଚଢ଼େଇ ।
ଟିକି ଟିକି ଗୋଡ଼ ହାତ ଟିକି ମୋର
ଶରୀର ହେଲେ କି ହେବ ?
ମନ ମୋର ବଡ଼ ଉଚ୍ଛେ ଉଡ଼େ ନିତି,
ସରଗୁଁ ସଂପଦ ଦେବ ।

ଏହାପରେ "ଯୁଗର ଆହ୍ୱାନ" ବୋଲି ଏକ କବିତା କଲିକତାରୁ ପ୍ରକାଶିତ ହେଉଥିବା ସାପ୍ତାହିକୀ "ଶ୍ରମିକ" (୧୯.୧୨.୫୫) ରେ ସ୍ଥାନ ପାଇଥିଲା । ଏହାର ଭାଷା କଠିନ ଓ ଶୈଳୀ ଜଟିଳ ହୋଇଥିବାରୁ ମୁଁ ଏଠାରେ ଦୁଇଟି ଅପେକ୍ଷାକୃତ ସହଜ ପଦ ଉଲ୍ଲେଖ କରୁଛି ।

ଆହେ କବି ଯୁଗସ୍ରଷ୍ଟା ଶୁଣାଅ ଗୋ କର୍ଣ୍ଣେ
ଅନାଗତ ଭବିଷ୍ୟର ନବଯୁଗ ବାଣୀ
ମୂକ ଜନେ ଦେଖାଅ ହେ, ନୂତନ ସରଣୀ
ଚଳାଇବେ (ଲୋକେ) ଯେଉଁ ପଥେ ଜୀବନ-ତରଣୀ ।
ସଜୋରେ ସ୍ୱର ମିଶାଅ ଜନତା ଚିତ୍କାରେ,
ପ୍ରତିଧ୍ୱନି ଦିଅ ତୁମ୍ଭେ ଯୁଗର ଆହ୍ୱାନେ,
ନୂତନ ସୂର୍ଯ୍ୟରେ ଚାହିଁ କରାଅ ସ୍ୱାଗତ
ଚଳାଅ ତୁମ୍ଭେ ଆଗାମୀ ଆଲୋକ ସଂତାନେ ।

ଏହି କବିତାଟିରେ କବି ଯୁଗର ଆହ୍ୱାନ ଶୁଣି ନିଜର ସୃଷ୍ଟି ସର୍ଜନା କରୁ, ଗତାନୁଗତିକ ପରମ୍ପରାକୁ ଛାଡ଼ି ନୂତନ ସୂର୍ଯ୍ୟକୁ ସ୍ୱାଗତ କରୁ, ନୂଆଯୁଗର ବାଣୀକୁ ନିଜ ସାହିତ୍ୟରେ ପ୍ରତିଧ୍ୱନିତ କରୁ, ଏହା ପ୍ରକାଶ କରାଯାଇଛି ।

ଆମ କଲେଜ ପତ୍ରିକାର ୧୯୫୬ ବାର୍ଷିକ ସଂଖ୍ୟାରେ ''ସର୍ବହରା'' ନାମକ ମୋର ଏକ କ୍ଷୁଦ୍ରଗଳ୍ପ ପ୍ରକାଶିତ ହୋଇଥିଲା । ତାର ଭାଷା ଟିକିଏ କଠିନ ଥିବାରୁ ତୁମ୍ଭେ ପିଲାମାନେ ବୁଝିବା କଷ୍ଟକର ହେବ । ତେବେ ତାର ବିଷୟବସ୍ତୁ ହେଲା ଗାଁ ଗହଳିରେ ଥିବା ଗୋଟିଏ କୁସଂସ୍କାର । ଗାଈବଳଦଙ୍କୁ ଯତ୍ନର ସହିତ ଖୁଆଇ ପିଆଇ ଗୁହାଳରେ ବନ୍ଧା ହୋଇଥିବା ଅବସ୍ଥାରେ ବିଷାକ୍ତ ସାପ କାମୁଡ଼ି ଦେଲେ କିମ୍ବା କୌଣସି ରୋଗରେ ମରିଗଲେ ''ଗୋବଧ'' ପାପ ହୁଏ । ଏହି ପାପ ଯୋଗୁଁ ଘରର ମାଲିକ ବା ମୁଖିଆ କାମଦାମ, ଖିଆପିଆ ଛାଡ଼ି ନିଜ ବେକରେ ପାଲ ଦଉଡିଟିଏ ପକାଇ ଗାଁକୁ ଗାଁ ବୁଲି ଭିକମାଗେ । ସେ ପୁଣି ଦିନେ ନୁହେଁ କି ସପ୍ତାହେ ନୁହେଁ, ତିନିପକ୍ଷ ବା ଦେଢ଼ମାସ । ଭିକମାଗିବାକୁ ଯାହା ମିଳେ, ସେ ସେଥିରେ ପ୍ରାୟଶ୍ଚିତ୍ତ କରେ, ବ୍ରାହ୍ମଣଙ୍କୁ ଦାନଦକ୍ଷିଣା ଦିଏ, ତାପରେ ପାପରୁ ରକ୍ଷା ପାଏ । ଏମିତି ନକଲେ ସମାଜରୁ ବାସନ୍ଦ ହୁଏ । ହେଲେ, ଏଇ ''ପ୍ରାୟଶ୍ଚିତ''ରେ ରହି ସେ ଚାଷବାସର କ୍ଷତି କରେ, ନିଜର ଓ ଘର ଲୋକଙ୍କର ସ୍ୱାସ୍ଥ୍ୟହାନି ଘଟେ । ସବୁ ଉଜୁଡ଼ି ଯିବାରୁ ସେ 'ସର୍ବହରା' ହୁଏ । ସମାଜର ଏକ କୁସଂସ୍କାର ବିରୁଦ୍ଧରେ ଏହା ଥିଲା ମୋର ଏକ ପ୍ରତିବାଦ ।

ସେତେବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ଶିକ୍ଷାବିଦ୍ ରାମକୃଷ୍ଣ ନନ୍ଦ ନିଷ୍ଠାର ସହିତ ଏକ ଶିଶୁକିଶୋର ପତ୍ରିକା ''ସଂସାର''କୁ ସଂପାଦନା କରୁଥିଲେ ଏବଂ ତାହା ଖୁବ୍ ଲୋକପ୍ରିୟ ହୋଇଥିଲା । ଏବେ ମଧ୍ୟ 'ସଂସାର' ନିୟମିତ ପ୍ରକାଶିତ ହେଉଛି । ଏକ ଇଂରେଜୀ ମୂଳଲେଖାର ଛାୟାରେ ଲିଖିତ ଗଳ୍ପ ଏହାର ସଂପାଦକଙ୍କୁ ପଠାଇଥିଲି । ତାହା ଏହାର ୧୯୫୬ ମସିହା ଫେବୃୟାରୀ ସଂଖ୍ୟାରେ ସ୍ଥାନ ପାଇଥିଲା । ସେଇ ଲେଖାଟି ଏକ ମଜାଳିଆ ଛୋଟ ଶିଶୁ ଗଳ୍ପ ହୋଇଥିବାରୁ ଏଠାରେ ଦେଉଛି । ସେଇଟି ହେଲା-

ଦାର୍ଶନିକମାନେ ଛୋଟ ଛୋଟ କଥାକୁ ମଧ୍ୟ ଗଭୀର ଭାବରେ ଚିନ୍ତା କରନ୍ତି । ଟିକିଟିକି ଘଟଣାର ମୂଳ କାରଣ ଜାଣିବାକୁ ସେମାନେ ପ୍ରଗାଢ଼ ଚେଷ୍ଟା କରନ୍ତି । ଦାର୍ଶନିକମାନଙ୍କର ଏ ବିଶିଷ୍ଟ ଗୁଣ ପାଇଁ ନାଁ ଅଛି ।

ଥରେ ଜଣେ ମୋଚି ଗୋଟିଏ ସହରରେ ନୂଆ କରି ଏକ ଚମଡ଼ା ଦୋକାନ କଲା । ସେଠାରେ ସେ ଚମଡ଼ା ବିକାକିଣା କରିବାକୁ ଠିକ୍ କଲା । କିନ୍ତୁ ତାର ସେ ନୂଆ ଦୋକାନ ଆଡ଼କୁ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କ'ଣ ବ୍ୟବସ୍ଥା କରିବ, ସେଥିପାଇଁ

ସେ ଦିନରାତି, ସପ୍ତାହ ଓ ମାସ ଧରି ବିଚାର କଲା । ଏହି ଚିନ୍ତାରେ ତାର ମଥା ଘୂରିଲା । କେତେ ଉପାୟ ପାଞ୍ଚେ । କିନ୍ତୁ ବହୁତ ଧନ ଦରକାର ହେବାରୁ ତାକୁ ଛାଡ଼ି ନୂଆ ଫନ୍ଦି ଫିକର କରେ ।

ଅବଶେଷରେ ତାର ମୁଣ୍ଡକୁ ଗୋଟିଏ ନୂଆ କୌତୁକିଆ କଥା ଢୁକିଲା । ସେ ନିହଣରେ ଦୋକାନ ଦୁଆର ଚଉକାଠରେ ଗୋଟିଏ କଣା କଲା । ଗୋଟିଏ ଷଣ୍ଢର ଲାଙ୍ଗୁଡ଼ ସେଇ କଣା ଭିତରେ ଦେଇ ବାହାରକୁ ଏପରି ଭାବରେ ରଖିଲା, ଯେପରି ଗୋଟିଏ ଷଣ୍ଢ ଦୌଡ଼ିଲାବେଳେ ତାର ଲାଙ୍ଗଡ଼ ଠିଆ ହୋଇଥାଏ । ବହୁତ ଲୋକେ ଏପରି ଗୋଟିଏ ଅସାଧାରଣ କଥା ଦେଖି ଦୋକାନ ଦୁଆରେ ଜମା ହୁଅନ୍ତି । ଅଳ୍ପ ସମୟ ଦେଖି ମୋଚିଟିର ଚାଲାକି ଜାଣି ହସିକରି ପଳାଇ ଯାଆନ୍ତି ।

ଦିନେ ଜଣେ ଦାଢ଼ି ରଖିଥିବା ବୃଦ୍ଧ ଚଷମା ଲଗାଇ ସେ ବାଟରେ ଚାଲି ଚାଲି ଯାଉଥିଲେ । କିନ୍ତୁ ତାଙ୍କର ଆଖିରେ ଏ ଦୁଆର ପାଖରେ ଥିବା ଅଦ୍ଭୁତ ପ୍ରକାର ଜିନିଷଟି ପଡ଼ିଗଲା । ସେ ଠିଆହେଲେ । ତାପରେ ସେ ସେହି ଲାଙ୍ଗୁଡ଼ ଆଡ଼କୁ ଗମ୍ଭୀର ଦୃଷ୍ଟିରେ ଚାହିଁଲେ । ଧୀରସ୍ଥିର ହୋଇ ଠିଆ ହେଲେ, ନିରୀକ୍ଷଣ କଲେ, ଭାରି ଚିନ୍ତା କରିବାରେ ଲାଗିଲେ । ତାପରେ ସେ ମୋଚିଟିର କୌତୂହଳ ଜନ୍ମିଲା ସେହି ଲୋକଟିକୁ ପଚାରିବାକୁ ସେ ବାହାରକୁ ଆସି କହିଲା, ''ନମସ୍କାର'' ।

''ଆପଣ ଚମଡ଼ା କିଣିବାକୁ ଇଚ୍ଛା କରୁଛନ୍ତି ?'' ମୋଚିଟି ପଚାରିଲା ।

''ନାଁ''

''ଚମଡ଼ା ବିକିବାକୁ ଇଚ୍ଛା କରୁଛନ୍ତି ?''

''ନାଁ''

ସମ୍ଭବତଃ ଆପଣ ଜଣେ ଚାଷୀ'' !

''ନାଁ''

''ତେବେ କ'ଣ ଜଣେ ବ୍ୟବସାୟୀ ?''

''ନାଁ''

''ତାହେଲେ ଆପଣ କ'ଣ ଜଣେ ଡାକ୍ତର ?''

ପୂର୍ବପରି ଦୃଷ୍ଟି ନିକ୍ଷେପକରି ଲୋକଟି କହିଲେ- ''ନାଁ''

''ତେବେ ଆପଣ କ'ଣ ?''

''ମୁଁ ଜଣେ ଦର୍ଶନିକ । ମୁଁ ଏଠାରେ ଦୁଇଘଣ୍ଟା ହେଲା ଠିଆ ହୋଇ ଚିନ୍ତା କରୁଛି । କିନ୍ତୁ ଠିକ୍ କରି ପାରୁନାହିଁ । ଏ କ୍ଷୁଦ୍ର ଗର୍ତ୍ତ ଭିତରେ କିପରି ଗୋଟିଏ ଷଣ୍ଢ ପଶିଲା ?''

ମୋଟିଚି ଏହା ଶୁଣି ନିଜର କୌଶଳ ପାଇଁ ମନେ ମନେ ଗର୍ବ ଅନୁଭବ କଲା ଏବଂ ଦର୍ଶନିକଙ୍କ ଆଡ଼କୁ ଚାହିଁ ହସିବାରେ ଲାଗିଲା ।

ସମାଜର ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଲେଖିବାକୁ ମୁଁ ସେତେବେଳେ ଖୁବ୍ ଗୁରୁତ୍ୱ ଦେଇଥିଲି । ଉପରେ ବର୍ଣ୍ଣିତ ଗୋଟିଏ କୁସଂସ୍କାର ପରି ମୁଁ ଆଉ ଏକ ଅନ୍ଧବିଶ୍ୱାସ ଉପରେ ପ୍ରବନ୍ଧ ଲେଖିଥିଲି । ତାର ନାଁ ଥିଲା ''ସାମାଜିକ କୁସଂସ୍କାର'' । ଏହି ଲେଖାଟିରେ ସାମାଜିକ କୁସଂସ୍କାରଗୁଡ଼ିକ ଆମ ସମାଜକୁ କିପରି ପଙ୍ଗୁ କରିଦେଇଛି, ତାର ସୁଖଶାନ୍ତିରେ ବାଧା ସୃଷ୍ଟି କରୁଛି ଆଦି ଲେଖି ଆମର ସ୍ୱାଧୀନ ଦେଶରେ ''ଏକ ସାମାଜିକ ବିପ୍ଳବ'' ନିତାନ୍ତ ଦରକାର ବୋଲି କୁହାଯାଇଛି ।

ଆଗେ ଆମ ସମାଜରେ ''ବାଲବିଧବା'' ଏକ ଦୁଃଖଦାୟକ କୁସଂସ୍କାର ଭାବରେ ପ୍ରଚଳିତ ଥିଲା । ଅଳ୍ପ ବୟସର ଝିଅ ପିଲାକୁ ବାହା କରାଇ ଦେଉଥିଲେ । ସେତେବେଳେ ବାହାଘର କ'ଣ ସେ ଜାଣିନଥିଲା । ଯାହାକୁ ବାହା ହେଉଥିଲା, ତାକୁ ସେ ଜାଣୁନଥିଲା । କୌଣସି ରୋଗରେ କି ଦୁର୍ଘଟଣାରେ ପଡ଼ି ବରଟି ମରିଗଲେ, ତାକୁ ବାଲବିଧବା କହି ସାରାଜୀବନ ନାନା ଦୁଃଖକଷ୍ଟ ଓ ଘୃଣାଅପବାଦ ଭିତରେ ଚଳୁଥିଲା । ବିନା ଦୋଷରେ ସେ ଦଣ୍ଡ ଭୋଗୁଥିଲା । ଜୀବନ ତାର ହେଉଥିଲା ଜୀବନ୍ତ ମରଣ ।

ମୋତେ ଏହି କୁସଂସ୍କାର ଖୁବ୍ ଦୁଃଖିତ କରିଥିଲା । ମୁଁ ତେଣୁ ପ୍ରବନ୍ଧଟିଏ ଲେଖି ''ଛାତ୍ର'' ନାମକ ଏକ ପତ୍ରିକାକୁ ପଠାଇଥିଲି । ତାହା ୧୯୫୭ ବର୍ଷ ସପ୍ତମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଏପରିପରି ପ୍ରବନ୍ଧଟି, ଲେଖିବାକୁ ମୁଁ ଆମର ସୁସାହିତ୍ୟିକ ଫକୀରମୋହନ ସେନାପତିଙ୍କ କବିତାରୁ ସମ୍ଭବତଃ ପ୍ରେରଣା ପାଇଥିଲି । ସେଇ ପ୍ରବନ୍ଧରେ ମୁଁ ତାଙ୍କ କବିତାରୁ ଉଦ୍ଧାର କରିଥିବା ଦୁଇଟି ପଦ ଯାହା ଏଠାରେ ଦେଉଛି ।

*ବାଳବିଧବାକୁ ପୋଡ଼ ଯେଉଁ ଶାସ୍ତ୍ର ବୋଲେ*
*ପୋଡ଼ିଜାଳି ଭସ୍ମ ଢ଼ାଳ କର୍ମନାଶା ଜଳେ ।*

ଫକୀରମୋହନ ତାଙ୍କର ଜୀବନ ସଂଧ୍ୟାରେ ''ପୂଜାଫୁଲ'' କବିତାଟିରେ ଶୋକାକୁଳ ହୋଇ ଗାଇଥିଲେ-

*ଦେହେ ଥିଲେ ବଳ ଦ୍ୱାରେ ଦ୍ୱାରେ କରି ଭିକ୍ଷା,*
*ହାତ ଯୋଡ଼ି ସମାଜକୁ ଦେଉଥାନ୍ତି ଦୀକ୍ଷା*
*ଶିକ୍ଷିତ ଯୁବକଗଣ ଦେଶର ଭରସା ।*
*ଆଶା ମୋର ମେଣ୍ଟାଇବେ ବିଧବା ଦୁର୍ଦ୍ଦଶା ।*

ଏବେ ଅବଶ୍ୟ ପିଲାଙ୍କ ବାହାଘର କମିଯିବାରୁ ବାଳବିଧବା କମିଯାଇଛି । ବାଳବିଧବା ମଧ୍ୟ ଆଉଥରେ ବାହା ହେଲେଣି । ଆମ ସମାଜରେ ବିଧବାକୁ ଆଉ ଘୃଣା କରାଯାଉନାହିଁ । ତେବେ ଆମ ସାହିତ୍ୟ ଜରିଆରେ ସମାଜର ହିତ ପାଇଁ କାମ କରିବା, ଅନ୍ୟାୟ ଅନୀତିର ବିରୋଧ କରିବା ।

# କଲେଜବେଳର କେତେକ ସୁଖଦୁଃଖର କାହାଣୀ

୧୯୫୫ କି ୧୯୫୬ ମସିହାର କଥା । ମୋତେ ଦିନେ ଆମର ସାର୍ ରାଜକିଶୋର ରାୟ କହିଲେ- ଜଗନ୍ନାଥ, ଆମ ଘର ଆଡ଼େ ଟିକେ ଆସିବ ।

ସେ ମୋର ପ୍ରିୟ ସାର୍ ! ମୋତେ ଭାରି ଭଲ ପା'ନ୍ତି । ମୋର ଲେଖାସବୁ ସେ ଖୁବ୍ ପସନ୍ଦ କରନ୍ତି । ମୋ ଭାଷାକୁ ସେ ସାଧୁ (ଚେଷ୍ଟ) ଭାଷା ବୋଲି କହନ୍ତି ।

ଦିନେ ତାଙ୍କ ବସାକୁ ଗଲି । ସେ କହିଲେ- ମୋର ବଡ଼ଝିଅ ମାଳବିକା କନଭେଣ୍ଟ ସ୍କୁଲ୍‌ରେ ପଢୁଛି । ହେଲେ, ମୁଁ ତାକୁ ଓଡ଼ିଆ ସ୍କୁଲ୍‌ରେ ନାଁ ଲେଖାଇବାକୁ ଭାବୁଛି । ମାସେ ଦି ମାସ ପରେ ସରକାରୀ ବାଳିକା ବିଦ୍ୟାଳୟରେ ଗୋଟିଏ ବଛାବଛି ପରୀକ୍ଷା ହେବ । ସେଇ ପରୀକ୍ଷା ପାଇଁ ତାକୁ ପ୍ରସ୍ତୁତ କରାଇବାକୁ ପଡ଼ିବ । ତୁମେ ଆସି ତାକୁ ଟିକିଏ ତାଲିମ ଦେବ । ତାର ସାନ ଭଉଣୀ ରୀନାକୁ ମଧ୍ୟ ଓଡ଼ିଆ ସ୍କୁଲ୍‌ରେ ଦେବାକୁ ଭାବୁଛି ।

ସାର୍ ମାଡାମ୍‌ଙ୍କୁ ପଚାରି ପ୍ରତିଦିନ ସକାଳ ଆଠଟାରେ ଆସିବାକୁ କହିଲେ । ମୁଁ ସେଦିନଠାରୁ ସକାଳ ୮ଟାରେ ତାଙ୍କ ଘରକୁ ଯାଏ । ବଳଗଣ୍ଡି ସାହି ପେଟ୍ରୋଲ୍ ଟାଙ୍କି ପଛପଟେ ତାଙ୍କ ଘର । ମୁଁ ଗଲାବେଳକୁ ମାଳବିକା ଉଠି ପଢ଼ିବାକୁ ପ୍ରସ୍ତୁତ ହୋଇଥାଏ । ମାତ୍ର ତାର ସାନଭଉଣୀ ରୀନା ଥରେ ଥରେ ଶୋଇଥାଏ । ମାଆ ତାକୁ ଉଠାଇ ମୁହଁ ଧୋଇ ଦେଇ ମୋ ପାଖରେ ବସାନ୍ତି । ତାର ନିଦ ଭଲ ଭାବରେ ଭାଜି ନଥାଏ । ଆଖି ମଳିମଳି ବସେ । ମାଳବିକାକୁ ପଢ଼ାଇବା ଭିତରେ ସେ ପ୍ରସ୍ତୁତ ହୁଏ ।

ମାଡାମ୍ ଅନେକ ସମୟରେ ଜଳଖିଆ ଆଣିଦିଅନ୍ତି । ମାସ ପୂରୁପୂରୁ ସାର୍‌ବି କେତେ ଟଙ୍କା ଆଣି ମୋ ପକେଟରେ ପୂରାଇ ଦିଅନ୍ତି । ଏମିତି ଦୁଇମାସ ଚାଲିବା ଭିତରେ ସେମାନଙ୍କର ନାମ ଲେଖା ପାଇଁ ବଛାବଛି ପରୀକ୍ଷା ହେଲା । ଉଭୟେ ସେଥିରେ ପାସ୍

କଲେ । ପୁରୀ ସରକାରୀ ବାଳିକା ହାଇସ୍କୁଲ୍‌ରେ ପାଠପଢ଼ିଲେ । ସେମାନଙ୍କର ମାଆ ଖୁବ୍ ସ୍ନେହୀ । ପିଲାମାନଙ୍କର ପାଠପଢ଼ା ସହିତ ମୋର ସୁଖଦୁଃଖ ମଧ୍ୟ ବୁଝନ୍ତି ।

ମାଳବିକା ଏବେ କଲେଜରେ ଅଧ୍ୟାପିକା, ସାହିତ୍ୟ ଓ ଅଭିନୟରେ ଆମ ରାଜ୍ୟରେ ଖୁବ୍ ଜଣାଶୁଣା । ମନସ୍ୱିନୀ ମଧ୍ୟ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସଭାସମିତିରେ ଦେଖା ହେଲେ ମାଳବିକା ଯଥାମାନ୍ୟ ଜଣାନ୍ତି । ସେମାନଙ୍କ ସୁନାମରେ ମୋତେ ଭାରି ଆନନ୍ଦ ଲାଗେ ।

ସେତେବେଳେ ଶ୍ରୀ ଚିନ୍ତାମଣି ବେହେରା ମୋର ଅଧ୍ୟାପକ ଥିଲେ । କଲେଜ ପାଖରେ ଗୋଟିଏ ପକ୍କାଘର ଭଡ଼ାନେଇ ସେଠାରେ ସେ ରହୁଥିଲେ । ସାହିତ୍ୟରେ ଭଲ ହେଉଥିବାରୁ ସେ ମୋତେ ଭଲ ପା'ନ୍ତି । ଥରେ ଥରେ ମୋତେ ତାଙ୍କ ଘରକୁ ଯିବାକୁ କହନ୍ତି । କେତେବେଳେ କିଛି ଆଲୋଚନା କରେ ତ କେତେବେଳେ ଲେଖାଟିଏ ଉତାରି ଦିଏ । ଥରେ ଥରେ ତାଙ୍କ ଘରେ ମୁଁ ଆଜିର ବିଖ୍ୟାତ ସାହିତ୍ୟିକ ଶ୍ରୀ ମନୋଜ ଦାସଙ୍କୁ ଦେଖେ । ସେମାନେ ଶିକ୍ଷା ଓ ସାହିତ୍ୟ ସଂପର୍କରେ ବିଚାର ପକାଇଥାନ୍ତି । ମନୋଜ ବାବୁଙ୍କ ବଡ଼ଭାଇ ମନ୍ମଥବାବୁ ଆମର ଇତିହାସ ଅଧ୍ୟାପକ ଥିଲେ । ସେ ପୃଥିବୀ ଇତିହାସ ଭଲ ଭାବରେ ପଢ଼ାନ୍ତି । ଆଉ ଜଣେ ଅଧ୍ୟାପକ ଉଦୟ ଚନ୍ଦ୍ର ମିଶ୍ର ଆମକୁ ବ୍ରିଟିଶ ଇତିହାସ ପଢ଼ଉଥିଲେ ।

ଡକ୍ଟର କାହ୍ନୁଚରଣ ମିଶ୍ର ମଧ୍ୟ ଜଣେ ସମ୍ମାନିତ ଅଧ୍ୟାପକ ଥିଲେ । ସେ ମୋର ସାହିତ୍ୟିକ ଆଲୋଚନା ଓ ଲେଖାଲେଖି ପସନ୍ଦ କରନ୍ତି । ଥରେ ସେ ଆମଙ୍କୁ ସମ୍ଭବତଃ ଟ୍ୟୁଟୋରିଆଲ୍ କ୍ଲାସ୍‌ରେ "ସାହିତ୍ୟ ଓ ସମାଜ" ଉପରେ ରଚନା ଲେଖିବାକୁ ଦେଇଥିଲେ । ମୋର ରଚନାଟିକୁ ସେ ପ୍ରଶଂସା କରିବା ସହିତ ଇଂରେଜୀରେ ଖୁବ୍ ଭଲ (ଭେରିଗୁଡ୍) ବୋଲି ଲେଖି ଦେଇଥିଲେ । ଏଥିରେ ମନରେ ଆନନ୍ଦ ଭରିଯାଇଥିଲା ।

ସେତେବେଳେ ପୁରୀ କଲେଜରେ କଳାରେ ଦୁଇଟି ବିଷୟରେ ଅନର୍ସ ଥିଲା- ଅର୍ଥନୀତି ଓ ଦର୍ଶନ । ପୁଣି ଅର୍ଥନୀତିରେ ଅଧେଥିଲା ରାଜନୀତି । ଯେଉଁମାନଙ୍କର ପଢ଼ାଭଲ ଓ ବଡ଼ ଚାକିରି କରିବାକୁ ଇଚ୍ଛା, ସେମାନେ ଅର୍ଥନୀତିରେ ଅନର୍ସ ନେଇ ପଢୁଥିଲେ । ଅନ୍ୟମାନେ ଦର୍ଶନ ଅନର୍ସ ନେଉଥାନ୍ତି । ମୋର ଯଦିଓ ବଡ଼ ଚାକିରି କରିବାରେ ଆଶା ନଥିଲା, ଭଲ ପିଲା ଭାବରେ ଟିକିଏ ନାଁ ଥିବାରୁ ଅର୍ଥନୀତି ବିଭାଗର

ମୁଖ୍ୟ ଡକ୍ଟର କେ.ଭି.ରାଓ ଅର୍ଥନୀତି ଅନର୍ସ ନେଇ ବି.ଏ. ପଢ଼ିବାକୁ ପ୍ରେରଣା ଦେଇଥିଲେ ।

ବି.ଏ. ପଢ଼ିବା ଭିତରେ ମୁଁ ଯେଉଁ ପରିବାରରେ ରହୁଥିଲି, ସେମାନଙ୍କ ଦୟନୀୟ ଅବସ୍ଥା କଥା ଆଗରୁ କହିଛି । ପୁଣି ଆମ ପରିବାର ଅବସ୍ଥା ବି ତାଠାରୁ ଅଧିକ । ଆମ ଆଦରର ସାନଭଉଣୀ ଶାରିଆ ମରିଗଲା । ତାକୁ ୧୪/୧୫ ବର୍ଷ ହୋଇଥିଲା । ଘର କାମରେ ବୋଉକୁ ମଧ୍ୟ ସାହାଯ୍ୟ କରୁଥିଲା । ବୋଉ ତାକୁ ବାହୁନି ବାହୁନି ବହୁଦିନ ବେମାରରେ ପଡ଼ିଲା । ନାନା ପ୍ରକାର ଔଷଧପତ୍ର ଖାଇ ମଧ୍ୟ ଭଲ ହେଲାନାହିଁ । ପୁରୀକୁ ଆଣି ବଡ଼ ଡାକ୍ତରଖାନାରେ ଚିକିତ୍ସା କରିବା ପାଇଁ ଚେଷ୍ଟା କରିଥିଲୁ । ଭାଇ ତାକୁ ଆଣିବା ପାଇଁ ଘରକୁ ମଧ୍ୟ ଯାଇଥିଲେ । ମାତ୍ର ସେତିକିବେଳକୁ ତାର ଦେହ ବେଶୀ ଖରାପ ହେଲା । ସେ ଏତେ କଷ୍ଟକରି ପୁରୀ ଯିବାକୁ ମନା କଲା ।

ମୁଁ ତେଣୁ ଗାଁକୁ ଯାଇଥିଲି ତାକୁ ଦେଖିବାକୁ । ତାର ପେଟରେ କ'ଣ ବେମାର ହୋଇଥିଲା । ଗାଁରେ ଜଳଉଦରୀ ବୋଲି କହୁଥିଲେ । ମଫସଲରେ ଏବେ ତ ଭଲ ଡାକ୍ତର ନାହାନ୍ତି । ସେତେବେଳେ ତ କେହି ନଥିଲେ । ଭାରି ଦୁର୍ବଳ ହୋଇଥିଲା ବୋଉ । ହେଲେ, ମୋତେ ସେ ତାର କୋଳରେ କୋଳେଇ କେତେ କଥା କହି ଯାଇଥିଲା । କିପରି ପାଠ ପଢ଼ିବି, ଭଲ ମଣିଷ ହେବି । ସେଇ ସବୁ ଆଶା ଓ ଆଶିଷର କଥା ସେ ମୋତେ କହିଯାଉଥିଲା । ସେ ଥିଲା ମୋ ପାଇଁ ତାର ଶେଷକଥା । ଜୀବନ ସାରା ସତେ ସେ କେତେ ପ୍ରେରଣା ଦେଇଯାଇଛି !

ପୁରୀକୁ ଫେରିଲି । ବୋଉର ପଥ୍ୟ- ଫଳଖାଇବା ଓ କ୍ଷୀର ପିଇବା ପାଇଁ କେତୋଟି ଟଙ୍କା କେତେବେଳେ ପଠାଇଥିଲି । ମାତ୍ର ମୋର ବି.ଏ. ଶେଷ ପରୀକ୍ଷାର ପ୍ରାୟ ୨/୩ ମାସ ଆଗରୁ ସେ ସବୁଦିନ ପାଇଁ ଆମକୁ ଛାଡ଼ି ଚାଲିଗଲା । ମନ ଦୁଃଖରେ ତାର ଶୁଦ୍ଧକ୍ରିୟା ପାଇଁ ଗାଁକୁ ଆସିଲି । ପୌଷମାସରେ ଏକ ଶୀତ କାକରଭିଜା ସକାଳ । ପୁଣି ବହଳିଆ କୁହୁଡ଼ି ଘେରି ରହିଥିଲା ଚଉଦିଗରେ । ଝାଁଉବଣ ଭିତରରାସ୍ତାରେ ମୁଁ ଆସୁଥାଏ । ସେଇ ବଣରୁ ଶୁଣୁଥିଲି ସିଇଁ ସିଇଁ ଶବ୍ଦ କେହି କାନ୍ଦିଲା ପରି । ରାସ୍ତାକଡ଼ରେ ଡେଙ୍ଗା ଡେଙ୍ଗା ଗଛରୁ ଝରି ପଡୁଥିଲା କାକର ଟୋପାସବୁ ମୋ ଉପରକୁ । ସତେ ଯେମିତି ମୋ ଦୁଃଖରେ ଦୁଃଖୀ ହୋଇ ଗଛଲତା କାନ୍ଦୁଥିଲା । ସେତେବେଳର ଆବେଗକୁ ପ୍ରକାଶ

କରିଥିଲି ଗୋଟିଏ କବିତାରେ । ତାର କେତୋଟି ପଦମାତ୍ର ଏଠି ଲେଖୁଛି, ପୁଣି ତାହା ଅପାରଗ ହାତରେ ଲେଖା ମୋର ପ୍ରଥମ ଗଦ୍ୟ କବିତା ।

ମାତ ହରା ପଥିକ ମୁଁ ଆଜି
ସେଦିନର ପଉଷ ପ୍ରଭାତୁ
ରାଜପଥେ ଏକାକୀ ମୁଁ ଚାଲେ ।
କୁହୁଡ଼ିର ଘନ ଆସ୍ତରଣ
ଲୁଚାଇଛି ପଥ-ପ୍ରାନ୍ତ ପରିଚିତ ବସ୍ତୁ,
ଯାହା ଥିଲା ସୁନ୍ଦର ମୋହନ ।
ଦୂର ଚକ୍ରବାଳ ଧାରେ,
ବାଳରବି ଶ୍ୱାସରୁଦ୍ଧ ମ୍ଳାନ
ଦେହସାରା ତାଳୁରୁ ତଳିପାଯାଏ
ଲାଖିଯାଏ କାକରର ଟିକିଟିକି ଟୋପା,
ମୃଦୁମନ୍ଦ ହେମାଳ ପବନ
ଉତ୍ତରରୁ ବହିଆଣି ଶୀତ,
ଝାଉଁବଣ ଗାଉଥାଏ ଗୀତ,
ପତ୍ର ପରୁ ବିଞ୍ଛୁଦେଇ କାକରର ଥୋପା,
ବହିଯାଏ ବାଲିର ପଡ଼ିଆ ପରେ ସାଇଁସାଇଁ
ଛାତିରେ ମୋ ଚମକାଇ ବିଜୁଳିର ସୁଅ,
କହିଦିଏ କାନେ କାନେ ମୋର
"ବୋଉ ତୋର ନାହିଁ ନାହିଁ ନାହିଁ ?"

ଘରେ ପହଞ୍ଚିଲି । ସବୁ ଶୂନଶାନ । "ଜଗୁ ମୋର ଆସିଲାଣି" ବୋଲି କହି ସେ ଆଉ ପାଛୋଟି ନେବାକୁ ନାହିଁ । ଚଉଦିଗ ଖାଲି ଖାଁ ଖାଁ ଲାଗିଲା । ଅପା, ଭାଉଜ ଆଦି କେତେ କାନ୍ଦିଲେ । ସବୁକଥା ପଛରେ ପକାଇ ସମସ୍ତେ ଅନ୍ତରରେ କୋହ ଓ ଆଖିରେ ଲୁହ ଭରି ତାର ଶୁଦ୍ଧକ୍ରିୟା ସାରିଲେ ।

ମୁଁ ପୁରୀକୁ ଫେରିଲାବେଳକୁ କଞ୍ଚନ ଭାଉଜ ମୋତେ କହିଲେ- ଜଗୁ, ଶୁଣିଯାଅ ।'' ମୁଁ ଗଲି । ସେ ତାଙ୍କର ପୁରୁଣା ସିନ୍ଦୁକ ପାଖକୁ ଗଲେ । ମୁଁ ତାଙ୍କୁ ପଚାରିଲି- କ'ଣ କହୁଚ ଭାଉଜ ?

ସେ ସିନ୍ଦୁକ ଭିତରୁ ଗୋଟିଏ ରୁମାଲ୍ ବାହାର କଲେ । ମୋ ହାତକୁ ବଢ଼ାଇ ଦେଇ କହିଲେ- ତୁମେ ଯେଉଁ ଟଙ୍କା ବୋଉଙ୍କ ପଥ୍ୟ ଖାଇବା ପାଇଁ ପଠାଇଥିଲ, ତାକୁ ସେ ମୋତେ ରଖିବାକୁ ଦେଇଥିଲେ । ସେ ତାକୁ ଖର୍ଚ୍ଚ କଲେ ନାହିଁ । ମଲା ପୂର୍ବରୁ ମୋତେ କହିଥିଲେ- ଜଗୁ ଗାଁକୁ ଆସିଲେ ତାକୁ ଏଇ ଟଙ୍କାତକ ଦେବୁ । ତାର ଶୀତଚଦର ନଥିଲା, କିଣିବ ।

ମୁଁ ଅବାକ୍ ହେଲି । କେତେ ସ୍ନେହ, କେତେ ଚିନ୍ତା ଆଉ କେତେ ସଦିଚ୍ଛା ତାର ! ନିଜର ସବୁଦୁଃଖ କଷ୍ଟ ଭୁଲି ଯାଇ ପିଲାର ସୁଖସୁବିଧା ଓ ମଙ୍ଗଳ ପାଇଁ କେତେ ଆକୁଳତା ! ଆଖିରୁ ଲୁହ ଝରି ଆସିଲା । ମୁଁ ରୁମାଲ୍‌ଟି ଭାଉଜଙ୍କୁ ଫେରାଇଦେଇ କହିଲି- ସାନଭାଇ ପାଣ୍ଡୁକୁ ସେଇ ଟଙ୍କା ଦେଇଦେବ ।

ମୁଁ ଘରୁ ବାହାରି ଆସିଲି । ଚାଲିଚାଲି ବାଲିଘାଇ ରାସ୍ତାରେ ପୁରୀକୁ ଫେରିଲି । ସଞ୍ଜ ହୋଇଗଲା । ଅନେକ ଦିନ ପାଠପଢ଼ାରେ ମନ ଲାଗିଲା ନାହିଁ । ଏଇ ସମୟରେ ଗୋଟିଏ କବିତା ଲେଖିଥିଲି, ''ବୋଉଟି ମୋର ।'' ଏଇ କବିତାଟି ପରେ ''ମୋ ଧୂଳିଘର '' (୧୯୬୧) ବହିରେ ସ୍ଥାନ ପାଇଥିଲା ।

ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି ।
କୋଳଟି ତାର ସରଗ ମୋର
ତା'ସରି କିଛି ନାହିଁ ।
ବୋଉର କୋଳେ ଥିଲେ ନ ଡରେ
ଶୀତ କାକର ବାଆ ।
ଆସୁ ଆପଦ ପଡୁ ବିପଦ
ବୋଉଟି ମୋର ସାହା ।
ବୋଉଟି ଥିଲେ ଖୁଆଇ ମୋତେ
ଶୁଆଇଦିଏ କୋଳେ ।

ସତେ କି ମିଠା ତା ତୁଣ୍ଡ କଥା
ମନେ ମୁଁ ସଦା ଭାଳେ ।
ରୋଗେ ମୁଁ ପଡ଼ି କାନ୍ଦିଲେ ଗଡ଼ି
ଆଖିରେ ତାର ଲୁହ ।
ସକଳ କଥା ଲାଗଇ ପିତା
ତା'ମନେ ଉଠେ କୋହ ।
ଆମରି ଅଳି ଅଝଟ କଳି
ସହେ ସେ ସଦାକାଳେ ।
ଆମରି ପାଇଁ କଷଣ ସହି
ମୁହଁରେ ହସ ବୋଳେ ।
ତା' ସ୍ନେହଦାନ ଅବୁଝା ଋଣ
ନପାରେ ମୁହିଁ ତୁଳି ।
ତା' ପାଦଧୂଳି ଚନ୍ଦନ ପରି
ମଥାରେ ଦେବି ବୋଳି ।

ତେବେ ଯାହାହେଉ ମନକୁ ଟାଣକରି ପାଠପଢ଼ାରେ ଲଗାଇଲି । ପରୀକ୍ଷା ଥିଲା ମୁଣ୍ଡ ଉପରେ । ସେଥିରେ ପାରଉଡାର ନହେଲେ ସବୁ ଏପଟ ସେପଟ ହୋଇଯିବାର ଭୟ !

ଏଣେ ଗୌରବାବୁଙ୍କ ଘରର ଅବସ୍ଥା ଅସମ୍ଭାଳ । ବୁଡ଼ିଯାଉଥିବା ନାଆଟିର ଅବସ୍ଥା । ବୁଡ଼ିବାଟା ନିଶ୍ଚୟ, ମାତ୍ର କେତେବେଳେ ବୁଡ଼ିବ ଠିକ୍ ନଥିଲା । ନାଉରୀ ଯିଏ, ସେ ନାଆ ଛାଡ଼ି କୁଆଡ଼େ ଗଲେଣି ।

ସବୁକୁ ସାହସର ସହିତ ମୁକାବିଲା କରିବାକୁ ହେଲା ! ମୁଁ ପୁଣି ଅର୍ଥନୀତି ଅନର୍ସ ଛାତ୍ର । ଅଧିକ ପଢ଼ା, ଅଧିକ ଖଟଣି । ଶେଷ ପରୀକ୍ଷା ପାଖେଇ ଆସିଲା । ଆଉ ହେଳା କରି ହେବ ନାହିଁ ।

ପରୀକ୍ଷା ହଲ୍‌ରେ ଉତ୍ତର ଲେଖିଲା ବେଳେ ବି ସବୁ ମନେ ପଡ଼େ । କାରଣ ମୋର ସହପାଠୀ ବନ୍ଧୁମାନେ ବିଡ଼ାବିଡ଼ା କାଗଜ ନେଇ ଲେଖିଚାଲିଛନ୍ତି । ମୁଁ ଭାବିଚିନ୍ତି,

ମନେପକାଇ ସବୁ ଲେଖୁଥିଲି । ତେଣୁ ମନରେ ଭୟ ଘୋଟି ରହିଥିଲା । ଗଦା ଗଦା ବହି ତ ଭଲ କରି ପଢ଼ି ପାରିନଥିଲି । ଭଗବାନଙ୍କ ଉପରେ ଭରସା ।

ପରୀକ୍ଷା ଦେଇସାରି ଗାଁକୁ ଆସିଲି । ଘରେ ବି ସେମିତି ବୋଉ ଚାଲିଗଲା ପରେ ସବୁ ହଇରାଣ । ରାନ୍ଧିବାକୁ ବି କେହିନଥିଲେ । ତେଣୁ ଗଡ଼ ଅଣ୍ଡିଆରୁ ବିଧବା ବଡ଼ଭଉଣୀ ଯାଇ ଏଇ ଦାୟିତ୍ୱ ତୁଲାଉଥିଲା । ସେ ମାତ୍ର ୨୧ ବର୍ଷରେ ବିଧବା ହୋଇଥିଲା । ଏକମାତ୍ର ପୁଅ ମଧ ଦୁଇ ତିନିବର୍ଷର, ଆଗରୁ ଚାଲିଯାଇଥିଲା ବସନ୍ତରେ । ଖାଲି ତା ସାଥିରେ ଝିଅଟିଏ ଥିଲା ୪/୫ ବର୍ଷର । ତେଣୁ ସେତେବେଳେ ଆମଘରେ ରହି ସବୁ ଚଳାଇଲା ।

ବି.ଏ. ପରୀକ୍ଷା ଫଳ ବାହାରିଲା । ମୁଁ ଖାଲି ପାସ୍ କରିନଥିଲି । ଅନେକ ପିଲାଙ୍କଠାରୁ ମୋର ଅଧିକ ଥିଲା । ପୁରୀ କଲେଜ ପାଠ ସରିଲା । ସାର୍‌ମାନଙ୍କଠାରୁ ବିଦାୟ ନେଲି । ଗୌରବାବୁଙ୍କ ଘର ଛାଡ଼ିଲି । ସବୁଠୁଁ ବେଶୀ ଛାଡ଼ିଲି ପୁରୀର ପରିବେଶ, ତାର ବଡ଼ଦେଉଳ, ବଡ଼ଠାକୁର, ବଡ଼ଦାଣ୍ଡ, ବଡ଼ ଦରିଆ ଆଉ ଅନେକ ବଡ଼କଥା ସେସବୁ ମନରେ ମୋର ଯେମିତି ଗୁନ୍ଥା ହୋଇ ରହିଲା ।

# ପୁରୀରେ ଆମର ପର୍ବପର୍ବାଣି

ପୁରୀରେ ଚାରିବର୍ଷ ରହିବା ଭିତରେ ମୋର ଯେତେ ସବୁ ଅଭାବ ଅସୁବିଧା ଜଗନ୍ନାଥଙ୍କ ଲୀଳାଖେଳାରେ ଭୁଲି ଯାଉଥିଲି । ବର୍ଷସାରା ପର୍ବପର୍ବାଣି ଲାଗି ରହିଥାଏ । ଆମର ଗୋଟିଏ କଥା ଅଛି- ବାରମାସରେ ତେର ଯାତ । ତେର କାହିଁକି ଆହୁରି ଅନେକ ମେଳା ମଉଛବ ହୋଇଥାଏ । ମୋର ଆଉ ଗୋଟିଏ କଥା ମନେପଡ଼େ- ବାର ମାସେ ତେର ଯାତ ଦେଖୁଥିବି ଶ୍ରୀକ୍ଷେତ୍ରେ ହୋଇ ଭିକାରୀ !

ଓଡ଼ିଶାରେ ଆମର ଯେତେ ପର୍ବପର୍ବାଣି ହୁଏ, ସେଗୁଡ଼ିକ ପ୍ରାୟ ସବୁ ପୁରୀ ମନ୍ଦିର ଓ ସହରରେ ପାଳନ କରାଯାଏ । ଓଡ଼ିଆ ଜାତିର ଦେବତା ଜଗନ୍ନାଥ । ଜଗତର ନାଥ ଜଗନ୍ନାଥ । ଓଡ଼ିଆ ଜୀବନର ଆରମ୍ଭରୁ ଶେଷଯାଏ ଆବୋରି ରହିଥା'ନ୍ତି । ସେ ସବୁ ସୁଖଦୁଃଖର ସାଥୀ, ସବୁ ଭଲମନ୍ଦର ସାକ୍ଷୀ । ଜନ୍ମଠାରୁ ମୃତ୍ୟୁଯାଏ, ସବୁ ମଙ୍ଗଳ ଅମଙ୍ଗଳ ଉଛବରେ ସେ ଥା'ନ୍ତି । ତାଙ୍କର ପ୍ରସାଦ ନିର୍ବନ୍ଧଠାରୁ ବନ୍ଧୁ ନିମନ୍ତ୍ରଣଯାଏ, ବାହାଘରଠାରୁ ଶୁଦ୍ଧ ଘରଯାଏ ସବୁଥିରେ ଲୋଡ଼ା ହୁଏ । ଓଡ଼ିଆ ମାଆତ ତାଙ୍କର ଶୁଖିଲା ଅନ୍ନକୁ ନିର୍ମାଲ୍ୟ କରିଥାଏ । ଗାଧୋଇ ସାରି ତାକୁ ନ ପାଇବା ଯାଏ ପାଣି ଛୁଏଁନାହିଁ ।

ଓଡ଼ିଆର ଜୀବନ ସଂସାର ଚାଷକୁ ନେଇ ଗଢ଼ିଉଠିଛି । ତାର ପର୍ବପର୍ବାଣି ମଧ୍ୟରୁ ଅଧିକାଂଶ ସେଇ ଚାଷକୁ ନେଇ । ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟାକୁ ଆମେ ଅକ୍ଷୟ ତୃତୀୟା ବା ଅକ୍ଷି ତୃତୀୟା କହୁଁ । ସେଦିନ ଗୋଟିଏ ଶୁଭଦିନ ହୋଇଥିବାରୁ ସବୁ ଭଲକାର୍ଯ୍ୟ ସେଦିନ ଆରମ୍ଭ ହୁଏ । ଘରତିଆରି, ବ୍ରତବାହାଘର, ନାଆଗଢ଼ାଠାରୁ ଆରମ୍ଭ କରି ତିନିଠାକୁରଙ୍କ ରଥଗଢ଼ାର ଅନୁକୂଳ ହୁଏ । ଆମର ଚାଷୀଭାଇମାନେ ଧାନବୁଣା ଆରମ୍ଭ କରନ୍ତି । କ୍ଷେତରେ ସେ ମୁଠା ମୁଠା କରି ଧାନ ବିହନ ବୁଣୁଥିବାରୁ ତାକୁ ଆମେ ମୁଠି ଅନୁକୂଳ କହିଥାଉଁ ।

ମୋତେ କିନ୍ତୁ ସବୁଠୁଁ ମଜା ଲାଗେ ଚନ୍ଦନଯାତ । ସେଦିନ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ଭାରି ସଲଟଣରେ ଗୋଟିଏ ବିମାନରେ ନିଆଯାଏ ନରେନ୍ଦ୍ର ପୋଖରୀକୁ । ସେଇ

ପୋଖରୀରେ ନାଆ ଉପରେ ତାଙ୍କୁ ବସାଇ ଚାପ କରାଯାଏ । ସେତେବେଳେ ଶଙ୍ଖମହୁରୀ, ଘଣ୍ଟଘଣ୍ଟା ବାଜିଉଠେ । ତା ସାଥିରେ ହୁଳହୁଳି, ହରିବୋଲ କମ୍ପିଉଠେ । ବହୁଲୋକ ଏଠାରେ ଶୀତଳ ଜଳରେ ସ୍ନାନ କରନ୍ତି । ଖରାଦିନ ହୋଇଥିବାରୁ ଏଠାରେ ସଞ୍ଜବେଳେ ଗାଧୋଇବାକୁ ମଜା ଲାଗେ । ପୁରୀରେ ଲୋକମାନେ ବିଶେଷ କରି ଜଗନ୍ନାଥଙ୍କ ସେବକ ପୂଜକମାନେ ଗାଧୋଇ ସାରି ଚନ୍ଦନଚିତା କରନ୍ତି, ବେକରେ ହାତରେ ମଲ୍ଲୀ ଓ ବଉଳ ଫୁଲରମାଳ ପକାନ୍ତି ବା ଗୁଡ଼ାନ୍ତି । ସେଥିରୁ ମହକ ଛୁଟେ । କେତେକ ମଧ୍ୟ ଭାଙ୍ଗପାଚନ ପିଇବାକୁ ଭୁଲନ୍ତି ନାହିଁ । ଗୀତବାଜାରେ ନରେନ୍ଦ୍ରକୂଳ କମ୍ପିଯାଏ ।

ପୁରୀରେ ରଥଯାତ ଖାଲି ଆମ ଦେଶରେ କାହିଁକି ସାରାଜଗତରେ ଜଣାଶୁଣା । ଆଷାଢ଼ ମାସ ଦ୍ୱିତୀୟା ଦିନ ଏଇ ଯାତ ହୁଏ । ତିନିଠାକୁର ରଥରେ ବସି ଗୁଣ୍ଡିଚାବାଡ଼ିକୁ ଯାଆନ୍ତି । ତେଣୁ ତାକୁ ରଥଯାତ ବା ଗୁଣ୍ଡିଚା ଯାତ ମଧ୍ୟ କହନ୍ତି । ଦେଶ ବିଦେଶରୁ ଲକ୍ଷଲକ୍ଷ ଯାତ୍ରୀ ଆସନ୍ତି । ଅଧିକାଂଶ ଧର୍ମ ପାଇଁ ଆସୁଥିଲେହେଁ କେତେକ ରଥଯାତ ଦେଖିବାକୁ ଆସନ୍ତି । ରଙ୍ଗବେରଙ୍ଗର ରଥ, ସଜାସଜି, ରଥଟଣା, ନାଚଭଙ୍ଗୀ ଗୀତବାଜା, ଭକ୍ତମାନଙ୍କର ଭାବବିହ୍ୱଳ ନାଚଭଙ୍ଗୀ, ହୋହଲ୍ଲା ଦେଖି ସମସ୍ତେ ମୁଗ୍ଧ ହୁଅନ୍ତି ।

ଘଣ୍ଟଘଣ୍ଟା କାହାଳୀ ଶଙ୍ଖ ନାଦରେ ଚଉଦିଗ କମ୍ପିଉଠେ । ରଥରେ ଦିଅଁମାନଙ୍କୁ ଦେଖିଲେ ବହୁତ ପୁଣ୍ୟ ହୁଏ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ । ଆଗେ ଜଗନ୍ନାଥଙ୍କ ରଥ ଏତେ ଜୋରରେ ମାଡ଼ି ଆସିଥାଏ ଯେ ଥରେ ଥରେ ଜଣେ ଲୋକ ଏହାର ଚକାତଳେ ଦଳିହୋଇଯା'ନ୍ତି । ବର୍ଷେ ବର୍ଷେ ଦୋକାନ ବଜାର ଉପରକୁ ମଧ୍ୟ ରଥ ମାଡ଼ିଯାଏ । ଆଗେ ସାହେବମାନେ ଏସବୁ କାଣ୍ଡ ଦେଖି କେତେ କଥା ଲେଖିଯାଇଛନ୍ତି । ଗୋଟିଏ ଇଂରେଜୀ ଶବ୍ଦ ''ଜଗର୍ନାଟ'' (ଜଗନ୍ନାଥ) ଇଂରେଜୀ ଭାଷାରେ ମଧ୍ୟ ପଶିଯାଇଛି । ତାର ଅର୍ଥ ହେଲା ଖୁବ୍ ଉଚ୍ଚାର ଏକ ଯାନ ବା ଅଧିକ ବୋଝେଇ ହୋଇଥିବା ଟ୍ରକ୍ । ନଅଦିନ ଧରି ତିନିଠାକୁର ଗୁଣ୍ଡିଚା ମନ୍ଦିରରେ ରହି ବଡ଼ ଦେଉଳକୁ ବାହୁଡ଼ନ୍ତି । ଏହି ବାହୁଡ଼ିବା ଯାତ -କୁ ବାହୁଡ଼ାଯାତ କୁହାଯାଏ । ବହୁଦିନ ଧରି ପୁରୀରେ ଭାରି ଗହଳି ଚହଳି, ମେଳାମଉଛବ ଲାଗିରହେ ।

ରଥ ଓ ବାହୁଡ଼ାପରେ ଆସେ ଚିତାଲାଗି ଅମାବାସ୍ୟା । ଆମର ଗାଁ ଗହଳିରେ ତାକୁ ଚିତୋଉ ଅମାବାସ୍ୟା ମଧ୍ୟ କହନ୍ତି । ସେଦିନ ଠାକୁର ସୁନାଚିତା ପିନ୍ଧନ୍ତି । ତାଙ୍କ ପାଖେ

ମଧ୍ୟ ଚିତୋଉ ପିଠା ଭୋଗ ଲାଗେ । ଘରେ ଘରେ ସେଦିନ ଚିତୋଉ ପିଠା ତିଆରି ହୁଏ । ଚାଷୀମାନେ ଚିତୋଉ ପିଠାକୁ ବିଲରେ ପକାନ୍ତି ଗେଣ୍ଡାମାନଙ୍କ ପାଇଁ । ଏହାଦ୍ୱାରା ଭଲ ଫସଲ ମଧ୍ୟ ହୁଏ ବୋଲି ବିଶ୍ୱାସ । ଗେଣ୍ଡାକୁ ଗଣ୍ଡେଇସୁଣୀ କହନ୍ତି । ଗେଣ୍ଡାକୁ ଚିତୋଉ ଖୁଆଇ ଗେଣ୍ଡେଇଶୁଣୀକୁ ସନ୍ତୁଷ୍ଟ କରାଯାଏ । ଗାଁ ଗହଳିରେ ଝିଅମାନେ ଗାଆନ୍ତି, ‘‘ଗେଣ୍ଡେଇସୁଣୀଲୋ ଗେଣ୍ଡେଇସୁଣୀ, ମୋ ବାପାଭାଇଙ୍କ ଗୋଡ଼କୁ କାଟିବୁ ନାହିଁ ।’’ କାରଣ ଥରେ ଥରେ ଚାଷୀମାନେ ବିଲବାଡ଼ିରେ କାମ କଲାବେଳେ ଆଉ ଯିବା ଆସିବା କଲାବେଳେ ଗେଣ୍ଡାରେ ଗୋଡ଼ କଟି ରକ୍ତର ଧାର ଛୁଟେ ।

ଶ୍ରାବଣ ମାସରେ ପୂର୍ଣ୍ଣିମାକୁ ଗହ୍ମାପୁନିଅଁ କୁହାଯାଏ । ସେଦିନ ବଳରାମ ବା ବଳଭଦ୍ରଙ୍କ ଜନ୍ମଦିନ ବୋଲି କହନ୍ତି । ବଳଭଦ୍ରଙ୍କର ହାତରେ ହଳ ଥାଏ, କାରଣ ସେ ଚାଷର ଦେବତା । ଘରେ ଘରେ ସେଦିନ ଏଣ୍ଡୁରୀ ପିଠା କରାଯାଇ ଗାଇଗୋରୁ ବିଶେଷତଃ ବଳଦମାନଙ୍କୁ ପୂଜା କରିବା ପରେ ଖାଇବାକୁ ଦିଆଯାଏ । ପଶୁହେଲେ ମଧ୍ୟ ସେମାନେ ଆମର ବହୁ ଉପକାର କରୁଥିବାରୁ ଆମେ ସେମାନଙ୍କୁ ପୂଜା କରୁ ଓ ସେବାଯତ୍ନ କରୁ । ଭଉଣୀମାନେ ଭାଇମାନଙ୍କୁ ମିଠା ବା ପିଠା ଖୁଆଇ ହାତରେ ରାକ୍ଷି ବାନ୍ଧି ଦିଅନ୍ତି । ସେମାନଙ୍କର ଶୁଭକାମନା କରନ୍ତି । ଏହାଦ୍ୱାରା ଭାଇଭଉଣୀଙ୍କ ମଧ୍ୟରେ ସ୍ନେହମମତାର ଡୋରି ମଜବୁତ ହୁଏ । ମୋତେ କିନ୍ତୁ ଭାରି ଭଲ ଲଗେ ପୁରୀର ଝୁଲଣ ଯାତ୍ରା । ଏହିଦିନ ଗୋଟିଏ ଗୋଟିଏ ଝୁଲଣରେ ଦିଅଁଙ୍କୁ ବସାଇ ଝୁଲାଇ ଦିଆଯାଏ । ବଡ଼ଦେଉଳଠାରୁ ଆରମ୍ଭ କରି ସବୁ ମଠ ମନ୍ଦିରରେ ଏମିତି ଦିଅଁଙ୍କର ଝୁଲଣ ହୁଏ । ସୋଲଫୁଲ, ନାନାରଙ୍ଗର ଆଲୁଅରେ ସଜା ଯାଇ ଝୁଲଣମାନ ଖୁବ୍ ସୁନ୍ଦର ଦିଶେ । ଝୁଲଣ ପାଖେ ଦିଅଁମାନଙ୍କୁ ସୁଆଦିଆ ଭୋଗ ଲାଗେ ଆଉ ମନଲୋଭା ନାଚଗୀତ ହୁଏ ।

ଓଡ଼ିଶାରେ ସବୁଆଡ଼େ ତ ଗଣେଶ ପୂଜା ହୁଏ । ସ୍କୁଲ୍‌କଲେଜ ଆଦି ଶିକ୍ଷାନୁଷ୍ଠାନ ଛଡ଼ା ଦୋକାନ ବଜାରରେ ମଧ୍ୟ ଭାଦ୍ରମାସ ଶୁକ୍ଳ ଚତୁର୍ଥୀରେ ଗଣେଶପୂଜା ଆଡ଼ମ୍ବରରେ ହେଉଛି । ଆଗେ ପୁରୀରେ ହିଁ ଗଣେଶ ପୂଜା ବହୁ ଆଡ଼ମ୍ବରରେ ହୁଏ । ଗଣେଶଙ୍କୁ ସବୁ ବାଧାବିଘ୍ନ ଦୂରକରୁଥିବା ଦେବତା ବୋଲି ସମସ୍ତେ ମାନନ୍ତି । ପୁରୀ ସହର ବିଶେଷତଃ ବଡ଼ଦାଣ୍ଡ ଉପରେ ବଡ଼ ବଡ଼ ମେଢ଼ରେ ଗଣେଶଙ୍କ ମୂର୍ତ୍ତିମାନ ସୁନ୍ଦର ଭାବରେ ସଜାଇ ପୂଜାରଜା କରାଯାଏ । ଗୀତବାଜା, ରଙ୍ଗୀନ ଆଲୁଅ ଓ ଅନ୍ୟାନ୍ୟ ସାଜସଜ୍ଜାରେ ଚଉଦିଗ

ଖୁବ୍ ସୁନ୍ଦର ଦିଶେ । ବଡ଼ଦେଉଳ ବେଢ଼ାରେ ପୁରୀ ରାଜା ପୁରୁଷୋତ୍ତମ ଦେବ କାଞ୍ଚିରାଜାଙ୍କୁ ଯୁଦ୍ଧରେ ହଟାଇ ସେଠାରୁ ଆଣିଥିବା ଗଣେଶଙ୍କର ଏକ ମନ୍ଦିର ଅଛି । ଏହାକୁ କାଞ୍ଚି ଗଣେଶଙ୍କ ମନ୍ଦିର କୁହାଯାଏ । ଗଣେଶ ପୂଜାଦିନ ଏଠାରେ ଭାରି ଭିଡ଼ ହୁଏ ।

ତାପରେ ଜନ୍ମାଷ୍ଟମୀ ଶ୍ରୀକୃଷ୍ଣଙ୍କ ଜନ୍ମଦିନ । ନାନା ମନ୍ଦିରରେ ଖୁବ୍ ପୂଜାରଜା ହୁଏ । ବହୁ ସଂଖ୍ୟାରେ ଲୋକମାନେ ଉପବାସ କରନ୍ତି ।

ସୁନିଆଁ ଦିନ ଓଡ଼ିଆମାନଙ୍କର ନୂଆବର୍ଷ ଆରମ୍ଭ ହୁଏ । ପହିଲେ ବଡ଼ଦେଉଳ ଗଢ଼ିଉଠିଥିବା ରାଜା ଇନ୍ଦ୍ରଦ୍ୟୁମ୍ନ ଆଜି ଜନ୍ମଦିନ ବୋଲି କୁହାଯାଏ ।

ମହାଳୟା ପଡ଼େ ଆଶ୍ୱିନ ମାସର ଅମାବାସ୍ୟାଦିନ । ଆଜି ଆମେ ଆମର ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ଦେଉ । ଶ୍ରଦ୍ଧାର ସହିତ ଆମେ ଆମର ମୃତ ଗୁରୁଜନମାନଙ୍କୁ ମନେ ପକାଇ ଏକାର୍ଯ୍ୟ କରୁଥିବାରୁ ଏହାକୁ ଶ୍ରାଦ୍ଧ କୁହାଯାଏ । ଏହା ଆମେ ଘରେ ଘରେ କରିଥାଉ । ମାତ୍ର ପୁରୀ ମନ୍ଦିରରେ ଏହି ଶ୍ରାଦ୍ଧ ଓ ପିଣ୍ଡଦାନ କାର୍ଯ୍ୟ ଅଧିକ ହୋଇଥାଏ ।

ପୁରୀରେ ଦୁର୍ଗାପୂଜା ମଧ୍ୟ ଖୁବ୍ ଭଲ ଭାବରେ ପାଳିତ ହେଉଥିଲା । ଆଜିକାଲି ପରି ଅଯଥା ଆଡ଼ମ୍ବର ନଥିଲା । ଅଳ୍ପ କେତୋଟି ସ୍ଥାନରେ ଦେବୀଙ୍କର ପୂଜାହୁଏ । ସାଧାରଣ ଭାବରେ ସଜାସଜି ଓ ଆଲୋକିତ ହୋଇଥାଏ । ନିଜ ନିଜ ଭିତରେ ଶତ୍ରୁତା ଓ ଘୃଣାଭାବ ରହୁନଥିଲା । ମୁଁ ୪ ବର୍ଷ ରହିବା ଭିତରେ ଦୁର୍ଗାପୂଜା ଓ ବିସର୍ଜନ ବେଳେ କେବେ ଗଣ୍ଡଗୋଳ ଘଟି ନଥିଲା । ଚାନ୍ଦାଭେଦା ଆଦାୟରେ ଅଶାନ୍ତି ବା ବାଧ୍ୟବାଧକତା ନଥିଲା । ଦୋକାନୀ ଓ ଧନୀ ଲୋକମାନେ ଖୁସିରେ ଯାହା ଦେଉଥିଲେ, ସେଥିରେ ଦେବୀପୂଜା ଶାନ୍ତି ଶୃଙ୍ଖଳା ଭିତରେ ହୋଇଯାଉଥିଲା ।

ଦୁର୍ଗାପୂଜା ପରେ କୁମାର ପୂର୍ଣ୍ଣିମା ଆସେ । ପୁରୀରେ ପୁଅଝିଅମାନେ ନୂଆ ଲୁଗାପଟା ପିନ୍ଧନ୍ତି । ପିଠାପଣା ହୁଏ, ଭୋଜିଭାତ ହୁଏ । ପୁଚିଖେଳରୁ ଆରମ୍ଭ କରି ଡୁଡୁଖେଳ ଯାଏ ସବୁଖେଳ ହୁଏ । ଜାଗାଘରମାନଙ୍କରେ ଗହଳଚହଳ ଲାଗିଯାଏ । ସମୁଦ୍ର କୂଳରେ ଖୁବ୍ ଯାତ୍ରୀ ଭିଡ ହୁଏ । ପୁନିଅଁ ଜହ୍ନ ରୂପାଥାଳି ପରି ଦେଖାଯାଏ । ଉଜ୍ଜ୍ୱଳ ନିର୍ମଳ ଚନ୍ଦ୍ରକିରଣ ଦଉଦିଗକୁ ଅତି ମନୋହର କରିଦିଏ ।

କାର୍ତ୍ତିକ ଅମାବାସ୍ୟାକୁ ଦୀପାବଳୀ ଅମାବାସ୍ୟା କୁହାଯାଏ । ଏହାକୁ ଗାଁ ଗହଳିରେ ପିପେଇ ଅମାସିଆ କହନ୍ତି । ସେଦିନ ପୁରୀ ସିଂହଦ୍ୱାର ଆଗରେ ବହୁଲୋକ କାଉଁରିଆ କାଠିଜାଳି କହନ୍ତି -

*ବଡ଼ବଡ଼ିଆ ହୋ, ଅନ୍ଧାରେ ଆସ, ଆଲୁଏ ଯାଅ ।*

*ବାଇଶି ପାହାଚେ ମାହାର୍ଦ୍ଦ ଖାଇ ଗଡ଼ଗଡ଼ଉ ଥାଅ ।*

ଏକାବେଳକେ ଗୁଡ଼ିଏ ନିଆଁହୁଳା ଜଳି ଉଠେ । ପୁରୀ ସହର ମଧ୍ୟରେ ଶ୍ୟାମାକାଳୀଙ୍କ ମନ୍ଦିରଟିଏ ବହୁଦିନର । ଏହି କାଳୀଙ୍କୁ ପୁରୀ ରାଜାଙ୍କର ଇଷ୍ଟଦେବୀ ବୋଲି କୁହାଯାଏ । ସେଦିନ ତାଙ୍କ ପାଖରେ ଖୁବ୍ ଜାକଜମକରେ ପୂଜା ଆରାଧନା ହୁଏ । ସାଧାରଣ ପୂଜା ଅପେକ୍ଷା ଅନେକଙ୍କର ଯାଚଞ୍ଚ ଥାଏ । ଭୋଜିଭାତ ହୁଏ । ଆଗେ ଆମର ପୂର୍ବପୁରୁଷମାନେ ବାହାର ଦେଶଗୁଡ଼ିକରେ ବଣିଜ ବେପାର କରି ବହୁତ ଧନରତ୍ନ ରୋଜଗାର କରୁଥିଲେ । ସେମାନେ ଦଶରା ପୂର୍ବରୁ ନିଜନିଜ ଘରକୁ ଫେରିଆସୁଥିଲେ । ପୂର୍ବପୁରୁଷମାନଙ୍କର ପୂଜାରଜା କରି ଆନନ୍ଦ ପାଉଥିଲେ । ସେତେବେଳେ ଅବଶ୍ୟ ବାଣ ମରୁଥିଲା । ମାତ୍ର ଆଜିକାଲି ପରି ଅତି ଅଧିକ ହେଉନଥିଲା । ଦୀପଜାଳି ନିଜନିଜ ଘରଦ୍ୱାରକୁ ଆଲୋକିତ କରୁଥିଲେ । ଆନନ୍ଦଉଛବ ମଧ୍ୟରେ ଦିନଟି କଟୁଥିଲା ।

କାର୍ତ୍ତିକ ମାସ ହିନ୍ଦୁମାନଙ୍କର ଏକ ଧର୍ମମାସ । ଏହି ମାସରେ ଓଡ଼ିଶାର ବହୁ ଅଂଚଳରୁ ବିଧବାମାନେ ଅଧିକ ସଂଖ୍ୟାରେ ଆସି ହବିଷ କରୁଥିଲେ । ଦିନକଯାକ ଉପାସ ରହି କାର୍ତ୍ତିକ ପୁରାଣ ପଢ଼ି ଓ ଅନ୍ୟାନ୍ୟ ପୁଜାରଜା କରି ସେମାନେ ସରଳ ଓ ପବିତ୍ର ଜୀବନଯାପନ କରୁଥିଲେ । ବିଶେଷ ଭାବରେ କାର୍ତ୍ତିକ ମାସରେ ଶେଷ ପାଞ୍ଚଦିନକୁ ପଞ୍ଚୁକ ବୋଲି କହି ଓଡ଼ିଆ ସ୍ତ୍ରୀ ପୁରୁଷମାନେ ମଧ୍ୟ ବହୁ ସଂଖ୍ୟାରେ ଆମିଷ ଛାଡ଼ି ଦିଅନ୍ତି । ଅନେକେ ଆସି ପୁରୀରେ ରହି ଅଭଡ଼ା ଖାଇ ନିଜକୁ ଧନ୍ୟ ମନେ କରୁଥିଲେ ।

ମୋ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଏକ ଶାନ୍ତି ଓ ଆନନ୍ଦର ଦିନ ହେଉଥିଲା । ମୁଁ ସକାଳୁ ଗୋଧୋଇ ସମୁଦ୍ର କୂଳକୁ ବୁଲି ଯାଉଥିଲି । ପିଲାଠାରୁ ବଡ଼ଯାଏ ଲୋକମାନଙ୍କ ଭିତରେ ଦରିଆକୂଳ କମ୍ପିଉଠେ । ପାହାନ୍ତାରୁ ଉଠି ସ୍ତ୍ରୀପୁରୁଷ, ପିଲାବଡ଼ ସମସ୍ତେ କଦଳୀ ପାଟୁଙ୍ଗା/ ବାହୁଙ୍ଗାରେ ତିଆରି ଡଙ୍ଗାରେ ଆଲୁଅବତୀ ଜାଳି ପାନଗୁଆ ସେଥିରେ ରଖି ଭସାଇ ଦେଉଥିଲେ । ଅଳ୍ପ ସମୟରେ ସେସବୁ ଲିଭିଯାଇ କୂଳକୁ ଆସି ଜମା ହୋଇଯାଏ । କଅଁଳ ଖରା ପଡ଼ି ଶୀତୁଆ ପାଗରେ ଦେହକୁ ଭାରି ଆରାମ ଲାଗେ । ସବୁଠୁଁ ସୁନ୍ଦର ଦିଶେ

ପୁରୀରେ ଥିବା ବଡ଼ବଡ଼ ପୋଖରୀରେ ଭାସୁଥିବା କଦଳୀବାହୁଙ୍ଗାର ନାଆରେ ଜଳୁଥିବା ଅସୁମାରି ଆଲୁଅବତୀ । ସେଦିନ ଖୁବ୍ ଶୀତ ହେଲେହେଁ ସମସ୍ତେ ଭୋରରୁ ଉଠି ଗାଧୋଇ ଡଙ୍ଗା ଭସାଇବା ସଂଗେ ସଂଗେ ମନ୍ଦିରଗୁଡ଼ିକରେ ଦେବୀଦର୍ଶନ କରୁଥିଲେ । ଡଙ୍ଗା ଭସାଇଲାବେଳେ ଆମେ କହୁଥିଲୁ, ‘‘ଆକାମାଭୈ, ପାନଗୁଆ ଖାଇ, ପାନଗୁଆତକ ତୋର, ମାସକ ଧରମ ମୋର ।’’

ଆଜିକାଲି ପରି କାଠପଟା, କାଗଜ ଓ ସୋଲରେ ତିଆରି ନାନା ରଙ୍ଗୀନ ଓ ଆକାରପ୍ରକାରର ଡଙ୍ଗା ବିକ୍ରି ହେଉନଥିଲା । ସରଳ ଶାନ୍ତ ଭାବରେ ସବୁ ଧର୍ମକାର୍ଯ୍ୟ କରୁଥିଲେ । କେତେକ ଦେଉଳ ପାଖରେ ଆକାଶଦୀପ ଜଳୁଥିଲା । ଗୋଟିଏ ଗୋଟିଏ ଡେଙ୍ଗା ବାଉଁଶ ପୋତାଯାଇ ଦଉଡ଼ିରେ ବାନ୍ଧି ହାଣ୍ଡି ଭିତରେ ଆଲୁଅ ଦୀପ ରଖି ଉପରକୁ ଉଠାଉ ଥିଲେ । ସେହି ହାଣ୍ଡି ଦେହରେ କଣାସବୁ ଥିବାରୁ ଆଲୁଅ ମିଞ୍ଜି ମିଞ୍ଜି ହୋଇ ଜଳିଲା ପରି ଦେଖାଯାଏ । ସେହି ହାଣ୍ଡି ଉପରେ ପଲମ ମଧ୍ୟ ଘୋଡ଼ାଇ ଦିଆଯାଏ । ଆମର ପତାକା ଉତ୍ତୋଳନ ଓ ଅବତରଣ ଯେମିତି ହୁଏ, ଆକାଶ ଦୀପ ଠିକ୍ ସେହିପରି ତଳକୁ ଅଣାଯାଏ ସକାଳେ ଆଉ ସନ୍ଧ୍ୟାରେ ଉପରକୁ ଉଠାଯାଏ ।

ମାଘମାସ ଶୁକ୍ଳ ପଞ୍ଚମୀରେ ବିଦ୍ୟାଦାୟିନୀ ସରସ୍ୱତୀଙ୍କର ପୂଜା ହୁଏ । ସେଦିନ କଲେଜରେ ଆଜିକାଲି ପରି ସାଧାରଣ ଭାବରେ ପାଳିତ ହୋଇଥାଏ । ବଡଦାଣ୍ଡ ଓ ଅନ୍ୟ କେତୋଟି ସାହିରେ ସରସ୍ୱତୀଙ୍କର ପୂଜାପୀଠ ହୋଇଥାଏ । ପୁରୀର କାରିଗରମାନେ ଏହିସବୁ ମୂର୍ତ୍ତି ଖୁବ୍ ସୁନ୍ଦର କରି ଗଢୁଥିଲେ । ଚାନ୍ଦାଭେଦା ପଇଁ ଆଜିକାଲି ପରି ଜୋରଜୁଲମ ନଥିଲା । ପୁରୀ ଦେଉଳ ଭିତରେ ସରସ୍ୱତୀଙ୍କ ମୂର୍ତ୍ତି ପାଖରେ ପୂଜାରଜା ହୁଏ । ସେଦିନ ଅଧିକ ଛାତ୍ରଛାତ୍ରୀ ତାଙ୍କ ପାଖରେ ପୂଜାରଜା କରି ଦୀପ ଜଳାନ୍ତି ।

ଏହାର ଦୁଇଦିନ ପରେ ମାଘ ସପ୍ତମୀ ପଡ଼େ । ସେଦିନ ହଜାର ହଜାର ଯାତ୍ରୀ କୋଣାର୍କ ଯାଇ ସେଠାରେ ସମୁଦ୍ର କୂଳରେ ବୁଡ଼ ପକାନ୍ତି । ସେଠରେ ଅନେକ ଯାତ୍ରୀ ପୂର୍ବ ରାତ୍ରିରେ ରୁଣ୍ଡ ହୋଇଥାନ୍ତି । କଠିନ ଶୀତ ପଡ଼ିଥିଲେ ବି କେହି ଖାତିର କରୁନଥିଲେ । ସେଠରେ ସେଦିନ ସକାଳୁ ସୂର୍ଯ୍ୟ ଉଦୟ ଦେଖିବାକୁ ହଜାର ହଜାର ଯାତ୍ରୀ ଆତୁର ହୋଇ ଅନାଇଥାନ୍ତି । ରକ୍ତ ପିଣ୍ଡୁଳା ପରି ବିରାଟ ସୂର୍ଯ୍ୟମଣ୍ଡଳ ଯେମିତି ସମୁଦ୍ରର ନୀଳଜଳ ଭିତରୁ ଉଠି ପଡ଼ନ୍ତି । ମାତ୍ର ଶୀତଦିନର ବହଳ କୁହୁଡ଼ି ଭିତରେ ସୂର୍ଯ୍ୟୋଦୟ ଥରେ ଥରେ ଆଦୌ ଦେଖି ହୁଏ ନାହିଁ । ତାପରେ ଯାତ୍ରୀମାନେ ନବଗ୍ରହ ଦର୍ଶନ କରନ୍ତି । କୋଣାର୍କ ମନ୍ଦିର

ଚାରିପଟେ ବୁଲି ତାର ସୁନ୍ଦର କାରୁକାର୍ଯ୍ୟ ଦେଖନ୍ତି । ସେଠାରୁ ଅନେକ ଯାତ୍ରୀ ପୁରୀ ଯାଇ ଜଗନ୍ନାଥଙ୍କର ଦର୍ଶନ କରନ୍ତି । ତେଣୁ ପୁରୀରେ ସେତିକିବେଳେ ବହୁତ ଯାତ୍ରୀଙ୍କର ଭିଡ଼ ହୋଇଥାଏ ।

ଫାଲଗୁନ ମାସ ଅମାବାସ୍ୟାରେ ଶିବରାତ୍ରୀ ହୁଏ । ଭକ୍ତମାନେ ଉଜାଗର ରହି ଦେବଦର୍ଶନ କରନ୍ତି ଓ ଦୀପ ଜଳାନ୍ତି । ସେଥିପାଇଁ ଏହାକୁ ସମ୍ଭବତଃ ଜାଗର ଯାତ କୁହାଯାଏ । ବଡ଼ ଦେଉଳ ଅପେକ୍ଷା ଲୋକନାଥଙ୍କ ଠାରେ ଆଜି ବେଶୀ ଯାତ୍ରୀ ଭିଡ଼ ହୋଇଥାଏ । ପୁରୀ ସହର ଓ ବାହାରୁ ହଜାର ହଜାର ଯାତ୍ରୀ ସେଦିନ ଲୋକନାଥଙ୍କ ମନ୍ଦିରକୁ ଘେରି ବହୁ ଦୋକାନ ବଜାର ବସିଥାଏ । ଏତେ ଭିଡ଼ ହୁଏ ଯେ ଯାତ୍ରୀମାନେ ଧାଡ଼ି ଧରି ଦର୍ଶନ କରିବାକୁ ଯା'ନ୍ତି । ରାତିଅଧିଆ ମନ୍ଦିର ଉପରକୁ ଦୀପ ଉଠେ । ତାକୁ ଦେଖିଲେ ଅନେକ ଭକ୍ତ ସେଦିନ ଉପାସ ଭାଙ୍ଗନ୍ତି । ସେ ପର୍ଯ୍ୟନ୍ତ ଅପେକ୍ଷା କରି ଦେବଦେବ ମହାଦେବଙ୍କ ପୂଜା ପ୍ରାର୍ଥନାରେ ବ୍ୟସ୍ତ ଥା'ନ୍ତି ।

ପୁରୀରେ ଦୋଳଯାତ ଖୁବ୍ ଜାକଜମକରେ ପାଳନ କରାଯାଏ । ମନ୍ଦିର ଭିତରେ ତ ଯାହା ପୂଜାରଜା ହୁଏ, ବେଢ଼ା ବାହାରେ ଗୋଟିଏ ଦୋଳବେଦି ଅଛି । ସେଠାରେ ତିନି ଠାକୁରଙ୍କ ପୂଜା ହୁଏ । ବହୁ ଯାତ୍ରୀ ସେଠରେ ଦର୍ଶନ କରି ପୁଣ୍ୟ ଅର୍ଜନ କରନ୍ତି । ଫଗୁ ଦଶମୀ ଓ ତାପରେ ଦୋଳପୂର୍ଣ୍ଣମୀ ପଡ଼େ । ପୁରୀର ଲୋକମାନେ ରଙ୍ଗପାଣି ପକାନ୍ତି ଓ ଚିହ୍ନାପରିଚିତ ଲୋକଙ୍କ ମୁହଁରେ ନାଲିନେଲି ଅବିର ବୋଳନ୍ତି । ଆଜିକାଲି ପରି ସେତେବେଳେ ସବୁ ସୀମା ଭିତରେ ହେଉଥିଲା । ସେଥିରେ ନିଜେ ଗୁଡ଼ାଏ ଖର୍ଚ୍ଚ କରିବାକୁ ଆଉ ଅନ୍ୟମାନଙ୍କୁ ଖର୍ଚ୍ଚାନ୍ତ କରିବାକୁ ଚାହୁଁ ନଥିଲେ । ଦୋଳ ପୁନିଅଁରେ ପୂଜାରଜା, ଭୋଜିଭାତ କରି, ଅନେକ ମଉଜମଜଲିସ କରନ୍ତି ।

ଜଗନ୍ନାଥଙ୍କର ସ୍ନାନଯାତ୍ରା ଖୁବ୍ ଜଣାଶୁଣା । ଜ୍ୟେଷ୍ଠ ମାସର ପୂର୍ଣ୍ଣମୀକୁ ଦେବସ୍ନାନ ବା ସ୍ନାନ ପୂର୍ଣ୍ଣିମା କହନ୍ତି । ପୂର୍ଣ୍ଣମୀ ଦିନ ସକାଳୁ ତିନିଠାକୁରଙ୍କ ମଙ୍ଗଳ ଆଳତି ସରିଲେ ଗଜପତି ମହାରାଜା ଆସି ପୁଷ୍ପାଞ୍ଜଳି ଦିଅନ୍ତି । ତା'ପରେ ତିନିଠାକୁରଙ୍କୁ ପହଣ୍ଡିବିଜେ କରାଇ ଆନନ୍ଦ ବଜାର ମଧ୍ୟରେ ସ୍ନାନବେଦୀକୁ ନିଅନ୍ତି । ପ୍ରଥମେ ସୁଦର୍ଶନଙ୍କୁ ସ୍ନାନବେଦୀକୁ ନିଆଯାଇଥାଏ । ଘଣ୍ଟା, ମାଦଳ, ଶଙ୍ଖ, କାହାଳୀ ବାଜୁଥାଏ । ଉତ୍ତର ଦ୍ୱାର ନିକଟରେ ଥିବା ସୁନାକୂଅରୁ ୧୦୮ ଗରା ପାଣି ଗରାବଡୁମାନେ ନେଇ ଠାକୁରମାନଙ୍କୁ ସ୍ନାନ କରାନ୍ତି । ସେଇ ପାଣିରେ ଚନ୍ଦନ କର୍ପୂର ଆଦି ପକାଇ ସୁବାସିତ କରାଯାଇଥାଏ ।

ସ୍ନାନ ପରେ ନୂଆଲୁଗା, ଦଅଣା, ଫୁଲମାଳ ଆଦିରେ ଠାକୁରମାନଙ୍କୁ ବେଶ କରାଯାଏ । ତାପରେ ପୁଷ୍ପାଞ୍ଜଳି ଦିଆଯାଇ ପୂଜା ଅର୍ଚ୍ଚନା କରାଯାଏ ।

ଶେଷରେ ବଡ଼ ଠାକୁରଙ୍କୁ ଗଣେଶ ବା ହାତୀ ବେଶ କରାଯାଏ । ଏମିତି ବହୁ ରାତିଯାଏ ଠାକୁରମାନଙ୍କର ପୂଜାପାଠ ହୁଏ । ତାପରେ ଠାକୁରମାନଙ୍କର ଦେହ ଖରାପ ହୁଏ । ଠାକୁରମାନଙ୍କୁ ଅନବସର ବା ଅଣସର ଘରେ ରଖାଯାଏ । ଗରମବେଳେ ବହୁତ ପାଣିରେ ଗାଧୋଇ ଠାକୁରମାନଙ୍କର ଦେହଖରାପ ହୁଏ । ତେଣୁ ଏଇ ସମୟରେ ସେମାନଙ୍କୁ ଚେରମୂଳି ପାଚନ ମୋଦକ ଆଦି ଓଷଦପତ୍ର ଦିଆଯାଏ । ଦଇତାପତିମାନେ ଏଇ ସମୟରେ ଠାକୁରମାନଙ୍କର ଅଙ୍ଗସେବା କରନ୍ତି । ବର୍ଷକ ଭିତରେ ଠାକୁରମାନେ ଏମିତି ଅଣସର ଘରେ ଅଲଗା ହୋଇ ପନ୍ଦରଦିନ ରହନ୍ତି ।

ଏହି ସମୟରେ ତିନିଠାକୁର ତାଙ୍କର ସବୁଦିନିଆ ଆସନ ରତ୍ନସିଂହାସନରେ ପୂଜା ପା'ନ୍ତି ନାହିଁ । ସେଥିପାଇଁ ଭକ୍ତମାନେ ଭାରି ନିରାଶ ହୋଇଥାନ୍ତି । ଶ୍ରୀ ଚୈତନ୍ୟ ମଧ୍ୟ ସ୍ନାନଯାତ୍ରାବେଳେ ତିନି ଠାକୁରଙ୍କୁ ଦେଖି ଖୁବ୍ ଖୁସି ହୋଇଥିଲେ । ମାତ୍ର ତାପର ଦିନ ଠାରୁ ଜଗନ୍ନାଥଙ୍କୁ ଦର୍ଶନ କରି ନପାରି ଭାରି ବ୍ୟସ୍ତ ହୋଇପଡ଼ିଲେ । ଶେଷରେ ତାଙ୍କୁ ସ୍ୱପ୍ନ ହେଲା ବ୍ରହ୍ମଗିରିରେ ଥିବା ଅଲାରନାଥଙ୍କ ଦର୍ଶନ କରି ତା ଭିତରେ ଜଗନ୍ନାଥଙ୍କୁ ଦେଖି ପାରିଥିଲେ । ସେଦିନଠାରୁ ଭକ୍ତମାନେ ଅଲାରନାଥଙ୍କୁ ଏହି ସମୟରେ ଦର୍ଶନ କରି ଧନ୍ୟ ହୁଅନ୍ତି ।

ମୁଁ ପୁରୀରେ ପୂଜାପାର୍ବଣରେ ନିଜକୁ ହଜାଇ ଦିଏ । ନିଜର ସବୁ ଅଭାବ ଅସୁବିଧା ପାଶୋରି ଏଠାର ମଠବାଡ଼ି ଠାରୁ ଜାଗାଘର ଯାଏଁ ସବୁଠାରେ ବୁଲେ । ଜଗନ୍ନାଥ ବଲ୍ଲଭ, ଏମାର ମଠ ଆଦିକୁ ଯାଇ ସେଠାରେ ସବୁ ମେଳାମଉଛବ ଦେଖେ ।

ପୁରୀରେ ସମୁଦ୍ରକୂଳ ସତେ ସାରା ଦୁନିଆରେ ଅତୁଳନୀୟ । ଏହାର ଅନନ୍ତ ନୀଳ ଜଳର ଲହରୀମାଳା ବେଳାଭୂଇଁରେ ଆସି ଶିର ଲୋଟାଇ ଦିଏ । ଏଠାର ସୁନେଲି ସରୁ ବାଲିର ଶେଯରେ ବସିବାକୁ ମଜା ଲାଗେ । ମନ ହୁଏ ତା ଉପରେ ଗଡ଼ିଯିବାକୁ । ଏଠାର ସୁଲୁସୁଲୁ ଶୀତଳ ବାଆ ଦେହମନକୁ ଶାନ୍ତ କରିଦିଏ । ମନ୍ଦିର ବେଢ଼ା ମଧ୍ୟରେ ଥିବା ଠାକୁରଠାକୁରାଣୀଙ୍କୁ ଦେଖି ମନ ଖୁସି ହୋଇଯାଏ । ତାର ଧୂଳିବାଲିଠାରୁ ଦରିଆ କୂଳର ଧୀର ପବନ ଯାଏ ସବୁ ଚନ୍ଦନ ଲେପିଦେଲା ପରି ଲାଗେ । ସବୁ ଯେମିତି ଏକାକାର ହୋଇ ମୋର ପୁରୀରହଣିକୁ ସରସ ସୁନ୍ଦର କରି ତୋଳିଥିଲା ।

●●●

# ତିନିଠାକୁରଙ୍କ ବେଶଭୂଷା ଆଉ ଭୋଗରାଗ

ପୁରୀ ବଡ଼ ଦେଉଳରେ ବଡ଼ଠାକୁରଙ୍କ ବେଶଭୂଷା ଆଉ ଭୋଗରାଗ ସତେ ନାନା ରଙ୍ଗରସ ଓ ସ୍ୱାଦରେ ଭରା । ଯୁଗଯୁଗ ଧରି ସବୁ ସେମିତି ଚାଲି ଆସିଛି । ଅବଶ୍ୟ ସେସବୁର ଗୁଣରେ ଟିକିଏ କମି ହୋଇଯାଇଛି । କିନ୍ତୁ ଠାକୁରମାନଙ୍କ ମନକୁ ପାଇଲା ଭଳି ସେସବୁ ଦରବ କରାଯାଏ । ପିଲାଠାରୁ ବଡ଼ ଯାଏ, ରୋଗୀଠାରୁ ଭୋଗୀଯାଏ ସମସ୍ତେ ସେସବୁର "ସେବା" କରିବାରେ ଆନନ୍ଦ ପା'ନ୍ତି, ନିଜକୁ ଧନ୍ୟମାନେ କରନ୍ତି ।

ମୁଁ ପୁରୀରେ ଚାରିବର୍ଷ କଟାଇଲା ଭିତରେ ଏସବୁର ଖୁବ୍ ପ୍ରିୟ ହୋଇପଡ଼ିଥିଲି । ଯେତେବେଳେ ମନକୁ ଟିକିଏ ହାଲୁକା କରିବାକୁ ଚାହେଁ ବଡ଼ ଦେଉଳର ବଡ଼ଠାକୁରଙ୍କ ବେଶଭୂଷା ଦେଖିବାକୁ ଯାଏ । ଆଉ ମହାପ୍ରସାଦ ଟିକିଏ ପାଇଲେ ମନ କେଡ଼େ ଖୁସି ହୋଇଯାଏ । ବଡ଼ଠାକୁର ସତେ ବଡ଼ ଠାକୁର ।

ବଡ଼ଠାକୁରଙ୍କ ବେଶକୁ ଶୃଙ୍ଗାର ବା ସିଂହାର ବା ଶିଙ୍ଗାର କୁହାଯାଏ । ଦିନସାରା ବିଭିନ୍ନ ବେଶପୋଷାକ ପିନ୍ଧନ୍ତି । ବର୍ଷସାରା ନାନା ପର୍ବପର୍ବାଣିରେ ଠାକୁରମାନଙ୍କର କେତେ ପ୍ରକାର 'ଶିଙ୍ଗାର' ବେଶଭୂଷା ହୁଅନ୍ତି । ଏହି ଶିଙ୍ଗାର ପାଇଁ ଲୋଡ଼ା ହୁଏ ଲୁଗାପଟା ଓ ଅଳଙ୍କାରପତ୍ର ଠାରୁ ଫୁଲଚନ୍ଦନ ଯାଏ । ନାନା ରକମର ରତ୍ନ, ମଣି ମାଣିକ୍ୟ, ସୁନାରୁପା, ହୀରାନୀଳା ଆଦିରେ ଠାକୁମାନଙ୍କ ଅଳଙ୍କାର ଗଢ଼ା । ଠାକୁରମାନଙ୍କ ସ୍ନାନପୂଜା ପରେ ବେଶଭୂଷା ବା ସିଂହାର ହୁଅନ୍ତି । ତୁଳସୀ, ଦୟଣା, ନାନାଜାତିର ଫୁଲଚନ୍ଦନ ଆଦି ଲାଗିହୁଏ । ଏଥିପାଇଁ କେତେ ଫୁଲଦାସୀ, ପାଳିଆ ଖୁଣ୍ଟିଆ, ପାଟରା, ରଙ୍ଗତା, ସିଂହାରୀ, ଭଣ୍ଡାର ମେକାପ ଆଦି ସେବାୟତମାନେ ଖଞ୍ଜା ହୋଇଛନ୍ତି ।

ବୈଶାଖମାସରେ ଅକ୍ଷୟ ତୃତୀୟାଠାରୁ ବୟାଳିଶ ଦିନ ଯାଏ ଠାକୁରଙ୍କ ଚନ୍ଦନ ଲାଗି ହୋଇଥାଏ । ଜ୍ୟେଷ୍ଠ ପୁନିଅଁରେ ତାଙ୍କର ହାତୀବେଶ ବା ଗଣେଶବେଶ ଖୁବ୍

ଲୋଭନୀୟ । ଆଷାଢ଼ ଶୁକ୍ଳ ଏକାଦଶୀଠାରୁ ନଅଦିନ ଧରି ବିଖ୍ୟାତ ରଥଯାତ ଆରମ୍ଭ ହୁଏ । ରଥଯାତରେ ତିନିଠାକୁରଙ୍କୁ ତିନି ରଥରେ ସୁନାବେଶ କରାଯାଏ । ଏହା ଛଡ଼ା ସୁନିଆ, ପୁଷପୁନିଅଁ, ଦୋଳ ପୁନିଅଁ, ଦଶରା, କାର୍ତ୍ତିକ ପୁନିଅଁ, ଆଦିରେ ରତ୍ନସିଂହାସନ ଉପରେ ଠାକୁରଙ୍କର ସୁନାବେଶ ବି ହୁଏ । ଏତେବେଳେ ବହୁମୂଲ୍ୟର ଅଳଙ୍କାର ପିନ୍ଧି ଜଗତର ନାଥ ଜଗନ୍ନାଥ ହୁଅନ୍ତି ।

ଶ୍ରାବଣ ଓ ଭାଦ୍ର ମାସରେ ଦଶମୀଠାରୁ ପ୍ରତିପଦାଯାଏ, ସାତଦିନ ଧରି ଝୁଲଣ ମଣ୍ଡପରେ ଠାକୁରଙ୍କ ଝୁଲଣ ବେଶହୁଏ । ଏଥିରେ ତୁଳସୀ, ଦୟଣା, ଫୁଲଚନ୍ଦନ, କର୍ପୂର ଚିତା ଆଦି ପିନ୍ଧି ଠାକୁର ଭାରି ସୁନ୍ଦର ଦିଶନ୍ତି । ଠାକୁର ବେଶରେ ଥିଲାବେଳେ ଆଳତି ଓ ଧୂପହୁଏ । ତାପରେ ବେଶ ''ଉଲାଗ'' ହୁଏ । ଭାଦ୍ର ମାସ କୃଷ୍ଣ ଦଶମୀରେ କୃଷ୍ଣଙ୍କର କାଳୀୟ ଦଳନ ବେଶ ଖୁବ୍ ମନଲୋଭା । ଏହି ସମୟରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ପାଲିଙ୍କିରେ ବିଜେ ହୋଇ ମାର୍କଣ୍ଡ ପୋଖରୀକୁ ଯାଆନ୍ତି । ସେଠାରେ ଦୀପଦାଣ୍ଡି ମଣ୍ଡପରେ କାଳୀୟ ନାଗକୁ ଦଳିଥାନ୍ତି । ଏଇ ସମୟରେ ଠାକୁରଙ୍କ ପାଖେ ''ଅମୃତ ଲଡୁ'' ଭୋଗ ଲାଗେ । ଏଇ ଲଡୁ ଖାଇଲେ ସାପକାମୁଡ଼ାରେ ବିଷ ବି କାଟୁ କରେ ନାହିଁ ବୋଲି କହନ୍ତି ।

ଭାଦ୍ର ମାସରେ ବଳଭଦ୍ରଙ୍କୁ ବଳରାମଙ୍କର ହଳ ମୂଷଣ ବେଶ କରାଯାଏ । ଠାକୁରମାନେ ଗିରିଗୋବର୍ଦ୍ଧନ ବେଶ ହୁଅନ୍ତି । ଏଥିରେ କଦମ୍ବଗଛ ଓ ଫୁଲ, ଗାଇ, ଯଶୋଦା, ଦେବକୀ, ବସୁଦେବଙ୍କର ରୂପ କରାଯାଏ । ଏଇ ମାସରେ ବି ଠାକୁର ବଳୀବାମନ ବେଶହୁଅନ୍ତି । ବଳଦେବ ରାଜବେଶରେ ଥିଲାବେଳେ ଜଗନ୍ନାଥ ଛତାକମଣ୍ଡଳୁ ଧରି ବାମନ ବେଶ ଧରିଥାନ୍ତି । ଆଶ୍ୱିନ ଶୁକ୍ଳ ଦଶମୀରୁ କାର୍ତ୍ତିକ ଶୁକ୍ଳ ଦଶମୀଯାଏ ପ୍ରତିଦିନ ଠାକୁରଙ୍କ ରାଧା ଦାମୋଦର ବେଶ ହୁଏ । ଅକ୍ରୁର ମଥୁରାକୁ ଯିବାବେଳେ ଯମୁନାରେ ବୁଡ଼ି ଶ୍ରୀକୃଷ୍ଣଙ୍କୁ ଏଇ ରୂପରେ ଦେଖିଥିଲେ ବୋଲି କୁହାଯାଏ । କାର୍ତ୍ତିକ ମାସ ସାରା ଠାକୁରଙ୍କ ସକାଳ ଧୂପ ଆଉ ବେଶ ଲାଗି ରହେ । ଏଇ ମାସ ଶୁକ୍ଳ ଏକାଦଶୀ ଦିନ ଠାକୁରଙ୍କ ଲକ୍ଷ୍ମୀ ନାରାୟଣ ବେଶ ବା ଠିଆକିଆ ବେଶ ହୋଇଥାଏ । ଶଙ୍ଖ, ଚକ୍ର, ସୁନା ହାତପାଦ, ନାନା ଅଳଙ୍କାର ଆଦି ଏଇ ବେଶର ବିଶେଷତ୍ୱ ।

କାର୍ତ୍ତିକ ମାସରେ ଶୁକ୍ଳ ତ୍ରୟୋଦଶୀ ଦିନ ଆଡ଼କିଆ ବେଶରେ ବଡ଼ଠାକୁର ଅତିବଡ଼ୀ ଜଗନ୍ନାଥ ଦାସ ଓ ପଞ୍ଚସଖାଙ୍କୁ ଦେଖାଦେଇ ଖୁସି କରିଥିଲେ । ସେଦିନ ମହାପ୍ରଭୁଙ୍କ

ହାତରେ ଶଙ୍ଖ, ଚକ୍ର, ମୁଣ୍ଡରେ ମୁକୁଟ ଓ ପାଦରେ ଘୁଙ୍ଗୁର ଶୋଭାପାଏ । ତା ପରଦିନ ଜଗନ୍ନାଥ ଡାଳିକିଆ ବେଶ ହୋଇଥାନ୍ତି । ଏଥିରେ ଫୁଲଚନ୍ଦନ ଲାଗେ । କାର୍ତ୍ତିକ ପୁନିଅଁରେ ରାଜାବେଶରେ ଠାକୁର ଉଭା ହୁଅନ୍ତି । ଠାକୁର ବି ସୁନାବେଶ ହୁଅନ୍ତି । ପୁନିଅଁ ପର୍ବରେ ଠାକୁର ନାଗାର୍ଜୁନ ବେଶ ହୁଅନ୍ତି । ଧନୁଶର, ଢ଼ାଲ ଆଦି ଯୁଦ୍ଧବେଳର ହାତ ହତିଆର ଧରିଥାନ୍ତି । ସୁନ୍ଦର ବୀର ବେଶ ସବୁରି ମନକୁ କିଣିନିଏ ।

ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଠାକୁରଙ୍କୁ ଶୀତଲୁଗା ଲାଗିହୁଏ । ବିଭିନ୍ନ ରଙ୍ଗର ଲୁଗାମଧ୍ୟରେ କଳା ରଙ୍ଗର ଲୁଗା ଦେଖିବାକୁ ଭାରି ସୁନ୍ଦର । ମକର ସଂକ୍ରାନ୍ତି ଦିନ ମକରଚାଉଳ ଭୋଗ ଲାଗେ । ଏଥିରେ ନୂଆଧାନର ଚାଉଳ ଲାଗେ । ପୁଷପୁନିଅଁରେ ଜଗନ୍ନାଥର ରାଜାବେଶ ଖୁବ୍ ମନୋହର । ଏହା ପ୍ରାୟ ସୁନାବେଶ ପରି ନାନାପ୍ରକାର ସୁନା ଗହଣାକୁ ନେଇ କରାଯାଇଥାଏ । ଏହାଛଡ଼ା ନାନା ଜାତିର ବାସନା ଓ ରଙ୍ଗୀନ ଫୁଲ, କର୍ପୂର, ମାଳ ଆଦି ଲାଗି କରାଯାଏ ।

ମାଘ ମାସର ଅମାବାସ୍ୟା ଓ ବସନ୍ତ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର ବା ଶନିବାର ଦିନ ଠାକୁର ପଦ୍ମବେଶ ହୁଅନ୍ତି । ସେ ସମୟରେ ପଦ୍ମଫୁଲ ପାଇବା କଷ୍ଟକର ହେଲେ ବି ଜଗନ୍ନାଥଙ୍କ ପାଇଁ ଯୋଗାଡ଼ କରିବାକୁ ହୋଇଥାଏ । ପଦ୍ମଫୁଲ ସହିତ ସୋଲ ଓ ଜରିକାମ, ଝଲକଗୁଣ୍ଡ ଆଦି ଏଇ ବେଶରେ ବ୍ୟବହାର କରାଯାଏ ।

ମାଘ ପୁନିଅଁରେ ଗଜ ଉଦ୍ଧାରଣ ବେଶ । ଏଇ ସମୟରେ ଗରୁଡ଼ ଉପରେ ଠାକୁରଙ୍କ ଏଇ ବେଶ କରାଯାଏ । ଏଇ ସମୟରେ ଜଗନ୍ନାଥ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରିଥାନ୍ତି । ମହାଲକ୍ଷ୍ମୀ ତାଙ୍କ କୋଳରେ ବସିଥାନ୍ତି । ଶେଷରେ ଠାକୁରଙ୍କ ଚାଚେରୀ ବେଶହୁଏ । ଏତେବେଳେ ଆନନ୍ଦମଉଛବ ଲାଗିଥାଏ ।

ମଜାକଥା ଯେ ବର୍ଷ ସାରା ଏଇସବୁ ବେଶ ପୁରୀର ଭିନ୍ନ ଭିନ୍ନ ମଠ, ସାଧୁସନ୍ଥ ଆଦିଙ୍କ ନାଁ ରେ ହୋଇଥାଏ । ସେମାନେ ସେଇସବୁ ବେଶ ଆରମ୍ଭ କରିଥିବାରୁ ସେମାନଙ୍କ ଉତ୍ତରାଧିକାରୀମାନେ ସେଇସବୁ ବେଶର ଯୋଗାଡ଼ କରିଥାନ୍ତି । ଭକ୍ତମାନଙ୍କୁ ଖୁସିକରିବାକୁ ବଡ଼ଠାକୁର ଯେଉଁସବୁ ରୂପ ଯେତେବେଳେ ନେଇଥାନ୍ତି, ସେଇସବୁ ରୂପ ବର୍ଷକ ଭିତରେ କରାଯାଇଥାଏ । ମୁଁ ପୁଣି ଆଶ୍ଚର୍ଯ୍ୟ ହେଲି ଯେ କେତୋଟି ବେଶ ନେପାଳ

ରାଜା ଓ ଖଣ୍ଡସାହି ଜମିଦାରଙ୍କ ଦାୟିତ୍ୱରେ କରାଯାଇଥାଏ । ଅତୀତରେ ଅନ୍ୟଧର୍ମର ଲୋକ ମଧ୍ୟ ଠାକୁରଙ୍କ ପାଇଁ ବେଶ ଓ ଗହଣା ଦେଇଥିଲେ ।

ବଡ଼ ଦେଉଳର ଆଉଏକ ବଡ଼ ଆକର୍ଷଣ ହେଲା ଠାକୁରଙ୍କ ଭୋଗ ଓ ଧୂପ । ପ୍ରକୃତରେ ଧୂପର ଅର୍ଥ ଅଲଗା । ସୁବାସିତ ପଦାର୍ଥ ଓ ବଳିତାକୁ ଜାଳି ମନ୍ଦିରରେ ଆଳତି ବା ଆରତି କରିବାକୁ ଧୂପ କହନ୍ତି । ଏହା ପରେ ପରେ ସାଧାରଣତଃ ଦିଅଁଙ୍କ ପାଖରେ ଭୋଗ ଲାଗେ । ତେଣୁ ଲୋକେ ଭୋଗ ଓ ଧୂପକୁ ଏହା ଅର୍ଥରେ ବୁଝିଥାନ୍ତି । ଭୋଗ ସାଧାରଣତଃ ଦିଅଁଙ୍କ ପାଖରେ ପୂଜା ଲାଗେ । ତେଣୁ ଲୋକେ ଭୋଗ ଓ ଧୂପକୁ ଏହା ଅର୍ଥରେ ବୁଝିଥାନ୍ତି । ଭୋଗ ସାଧାରଣତଃ ଦୁଇପ୍ରକାରର- ସଙ୍ଖୁଡ଼ି ଓ ନିସଙ୍ଖୁଡ଼ି । ଦେଉଳ ଭିତରେ ଠାକୁରଙ୍କ ରୋଷଘର ଭିତରେ ଯାହା ରନ୍ଧାଯାଏ, ତାକୁ ସଙ୍ଖୁଡ଼ି ଭୋଗ କରାଯାଏ । ଯାହା ମନ୍ଦିର ବାହାରେ ତିଆରି କରାଯାଏ, ତାହା ନିସଙ୍ଖୁଡ଼ି ଭୋଗହୁଏ । ସଙ୍ଖୁଡ଼ି ଭୋଗପାଇଁ ଚାଉଳ, ମୁଗ, ହରଡ଼ ଓ ନାନା ପ୍ରକାର ପନିପରିବା ଦରକାର ହୁଏ । ମାତ୍ର ଆଜିସୁଦ୍ଧା ବିଲାତି ଆଳୁ, ବିଲାତି ବାଇଗଣ, ପିଆଜ, ରସୁଣ, ଅମୃତଭଣ୍ଡା, କୋବି, ଲାଉ, କଲରା ଆଦି ଠାକୁରଙ୍କ ରୋଷଘରେ ପଶିନାହିଁ । ନିସଙ୍ଖୁଡ଼ି ଭୋଗରେ ଅଟା, ମଇଦା, ଚାଉଳଚୂନା, ଗୁଡ଼, ନବାତ ଆଦି ବ୍ୟବହାର କରାଯାଏ । ବର୍ଷସାରା ପ୍ରତିଦିନ ଛପନ ପ୍ରକାର ଭୋଗ ଲାଗେ ।

ଦେଉଳରେ ଭୋଗ ପରେ "ସାହାଣ ମେଲା" ହୁଏ । ସମସ୍ତେ ମନ୍ଦିର ଭିତରକୁ ଯାଇ ପାରନ୍ତି । ରୋଷଘର ରନ୍ଧା ହେବା ଆଗରୁ ପ୍ରତିଦିନ ହୋମ କରି ଶୁଦ୍ଧ କରାଯାଏ । ଏହାକୁ ଆମେ "ନୀତି" ବୋଲି କହୁଁ । ବଡ଼ଦେଉଳର ରୋଷଘର ଦୁନିଆର ସବୁଠୁଁ ବଡ଼ ନହେଲେ ବି ଯାହାସବୁ ଏଥିରେ ରନ୍ଧାଯାଏ, ତାହା ଦୁନିଆର ଯେକୌଣସି ବଡ଼ ହୋଟେଲଠାରୁ ଅଧିକ ଲୋକଙ୍କୁ ଖାଇବାକୁ ଦେଇଥାଏ । ଏହାକୁ ଆମେ "ମହାପ୍ରସାଦ" କହୁ । ଲୋକେ ଏହାକୁ "ସେବା" କହନ୍ତି ।

ମୁଁ ଶୁଣି ଭାରି ଅବାକ୍ ହୋଇଥିଲି ଯେ ପ୍ରତିଦିନ ୭୨ରୁ ୧୦୦ କୁଇଣ୍ଟାଲ ଯାଏ । ଚାଉଳ ଠାକୁରଙ୍କ ରୋଷଘରେ ରନ୍ଧାଯାଏ । ମୋଟ ଦୁଇଶହ ଚୁଲିରେ ଏଇସବୁ ରନ୍ଧାଯାଏ । ଯେଉଁମାନେ ପ୍ରତିଦିନ ଏହି ଭୋଗକୁ ରାନ୍ଧନ୍ତି, ସେମାନଙ୍କୁ "ସୂପକାର" ବା ସୁଆର କୁହାଯାଏ । ସେମାନଙ୍କ ସଂଖ୍ୟା ପ୍ରାୟ ଚାରି ପାଞ୍ଚ ଶହ । ପଣି ସବୁପ୍ରକାର

''ଅନ୍ନ'' (ଭାତ) ଡାଲି ଓ ତରକାରୀପତ୍ର କେବଳ ''କୁଡୁଆ'' (ମାଟିହାଣ୍ଡି)ରେ ରନ୍ଧାଯାଏ ।

ମୁଁ ଅନେକ ସମୟରେ ଦେଖେ ସେଇ ରୋଷଘରୁ ଭାରକରି କୁଡୁଆମାନ ଭୋଗଲାଗିବା ପାଇଁ ମନ୍ଦିର ଭିତରକୁ ଯାଏ । ଭାରୁଆମାନେ ମୁହଁରେ ଗୋଟିଏ ଲେଖାଁ ଲୁଗା କି ଗାମୁଛା ବାନ୍ଧିଥାନ୍ତି । ଖାଲି ଆଖି ଓ ନାକ ଅଳ୍ପ ଖୋଲାଥାଏ । ସେତେବେଳେ ସେଇ ବାଟରେ କେହି ଯାଇପାରନ୍ତି ନାହିଁ । ଯେଉଁ ରତ୍ନବେଦୀ ଉପରେ ବସି ଠାକୁରମାନେ ପୂଜାପାନ୍ତି, ତା ତଳେ ଥିବା ଖୋଲାଜାଗାକୁ ''ପୋଖରିଆ'' କୁହାଯାଏ । ତିନିଠାକୁରଙ୍କୁ ଛାଡ଼ି ସେଇ ବେଦୀ ଉପରେ ଥାନ୍ତି କାଠର ସୁଦର୍ଶନ, ଶ୍ରୀଦେବୀ (ଲକ୍ଷ୍ମୀ) ଓ ଭୂଦେବୀ (ସରସ୍ୱତୀ)ଙ୍କର ଧାତୁମୂର୍ତ୍ତି ଆଉ ଶବରରାଜା ବିଶ୍ୱାବସୁ ପୂଜା କରୁଥିବା ନୀଳମାଧବ । ତିନିଜଣ ପୂଜାପଣ୍ଡା ଅଲଗା ଅଲଗା ମନ୍ତ୍ର ବୋଲି ଦେବଦେବୀମାନଙ୍କୁ ଭୋଗ ଲଗାନ୍ତି ।

ପ୍ରତିଦିନ ସକାଳେ ଆଗ ଗୋପାଳବଲ୍ଲଭ ଧୂପ ଲାଗେ । ଏହାକୁ ମଧ୍ୟ ବାଲଧୂପ କୁହାଯାଏ । ଖଇ, କୋରା, ପାଚିଲା କଦଳୀ, ପିଠା, ଦହି, ଲହୁଣୀ, ନଡ଼ିଆ ଖଣ୍ଡ ଆଦି ତିନୋଟି ଥାଳିରେ ଭୋଗ ଲାଗେ । ତାପରେ ସକାଳ ଧୂପରେ କାନ୍ତି, ଏଣ୍ଡୁରି, ମାଠପୁଳି, ହଂସକେଳି, କାକତୁଆ ଆଦି ପିଠା ଭୋଗ ଲାଗେ । ଏଥିରେ ଝିଲି, ସାଗ, କେଚେଡ଼ି, ବୁନ୍ଦିଆ, ପାନଗୁଆ ଆଦି ଲାଗିହୁଏ । ବହୁ ସେବକ ଓ ସେବାୟତ ଏସବୁ ତିଆରି କରନ୍ତି ଓ ପୂଜା କରନ୍ତି । ପୁଣି ଭୋଗମଣ୍ଡପରେ ଧୂପ ଲାଗେ । ଏହାକୁ ''ଭଅଣ୍ଡଧୂପ'' କହୁଥିବାରୁ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲି । ଏହା ଗରୁଡ଼ ସ୍ତମ୍ଭ ପଛଘରେ ଭୋଗଲାଗେ ।

ଖରାବେଳକୁ ମଧ୍ୟାହ୍ନ ଧୂପ ଲାଗେ । ରତ୍ନବେଦୀ ଆଗରେ ଥିବା ପୋଖରିଆରେ ରଖାଯାଇ ଏଇ ଧୂପ ପାଇଁ ପୂଜାରଜା ହୁଏ । ଏଥିରେ ଶାକର, କାକରା, କଦମ୍ବା, କୁରୁମା, ଅମାଲୁ, କାନ୍ତି, ମାଠପୁଳି, ରସାବଳୀ, ସୁବାସ ପଖାଳ ଆଦି ଭୋଗ ଲାଗେ । ରାତିରେ ବଡ଼ ସିଂହାର ଧୂପ ହୁଏ । ଏହାକୁ ମଧ୍ୟ ଶୟନ ଧୂପ କୁହାଯାଏ । ରତ୍ନ ସିଂହାସନ ପାଖରେ ଏହି ପୂଜା ହୁଏ । ଏଥିରେ ମିଠା ପଖାଳ, ସରପୁଳି, ସୁଆର ପିଠା, କଦଳୀ ବରା, କ୍ଷୀରୀ, କାନ୍ତି ଆଦି ଭୋଗ ଲାଗେ । ଏହି ଧୂପ ପରେ ଠାକୁରଙ୍କ ଶୋଇବା ଯୋଗାଡ଼ କରାଯାଏ । ଦିଅଁମାନଙ୍କୁ ପଇଡ଼, ପାନଗୁଆ ଲାଗେ । ବୀଣା ବାଜେ । ଜୟଦେବଙ୍କ ଗୀତଗୋବିନ୍ଦ ଗାନ ହୁଏ । ଆଗେ ଏ ସମୟରେ ଦେବଦାସୀମାନେ ନାଚୁଥିଲେ ।

ବିଭିନ୍ନ ପର୍ବପର୍ବାଣିରେ ନାନାପ୍ରକାର ବିଶିଷ୍ଟ ଭୋଗଲାଗେ । ଏହା ଛଡ଼ା ଋତୁକୁ ଚାହିଁ ଅଲଗା ଅଲଗା । ଖରାଦିନେ ଦହିପଖାଳ, ଛେନା ମାଣ୍ଡୁଅ, ସାଗ, ବିରିପିଠା ଆଦି ଭୋଗଲାଗେ । ଧନୁଯାତ, ଝୁଲଣ, ବଉଳ ଅମାସ୍ୟା, ମକର ସଂକ୍ରାନ୍ତି, ଦୋଳଯାତ ବେଳେ ନୂଆନୂଆ ପ୍ରକାର ଭୋଗ ଲାଗେ । ପୁଷମାସରେ ପାହାନ୍ତାରୁ ପହଲି ଭୋଗଲାଗେ । ଶୀତୁଆ ପାଗରେ ଗରମ ଗରମ ଏଇ ଭୋଗ ପାଇବାରେ କି ମଜା !

ସତେ ଆମର ଜଗତରନାଥ ଜଗନ୍ନାଥ ବଡ଼ଠାକୁର, ସାରା ଦୁନିଆର ରାଜା । ବର୍ଷ ସାରା ପ୍ରତିଦିନ ତାଙ୍କର କେତେ ଲୀଳାଖେଳା, ପୂଜାରଜା, ଭୋଗରାଗ ଓ ଧୂପଦୀପ ! ସବୁ ଯେମିତି ଜଣେ ମହାରାଜା ପାଇଁ ଅତି ଯତ୍ନରେ ଖଞ୍ଜାଯାଇଛି ।

ସେଥିପାଇଁ ଆମ ଓଡ଼ିଶାରେ କଥା ଅଛି ''ବଡ଼ ଦେଉଳରେ ଲାଗିଚି ନାଟ, ନିତି ପୁନିଅ, ନିତି ହାଟ'' । ପୁଣି ''ସରିଗଲା ରଥଯାତରା, ଯାଇଥିଲେ ଖାଇଥାନ୍ତୁ ଛେନା କାକରା'', ''ଜଗନ୍ନାଥଙ୍କ ଭାତ, ଦୁନିଆ ବଢ଼ାଏ ହାତ ।'' ଏମିତି ଅନେକ କଥା କହିଲେ ସରିବ ନାହିଁ କି ଲେଖିଲେ ପୂରିବ ନାହିଁ ।

# ଯେଉଁଠାରେ ପ୍ରଥମ ଛାତ୍ର ସେହିଠାରେ ପ୍ରଧାନ ଶିକ୍ଷକ

କେତେଦିନ ପରେ ଗାଁକୁ ଗଲି । ଘର କାମଦାମରେ ଯୋଗଦେଲି । କେଉଁ ବେଳାରେ ଆମ ହାଇସ୍କୁଲ୍ ଆରମ୍ଭ ହୋଇଥିଲା କେଜାଣି, ନାନା ଅଭାବଅସୁବିଧା, ହଇରାଣହରକତ ଭିତରେ ଚାଲି ଚାଲି ଶେଷରେ ଚାରିବର୍ଷ ପରେ ମଞ୍ଜୁରୀ ପାଇଲା ନାହିଁ । ସ୍କୁଲ୍‌ଟି କେଉଁଠାରେ ବସିବ, ଠିକ୍ ହୋଇ ପାରିଲା ନାହିଁ । ହେଡ଼ମାଷ୍ଟର ସ୍ଥାୟୀ ହୋଇ କେହି ରହିପାରିଲେ ନାହିଁ ।

ଟଙ୍କା ପଇସା ଆଦାୟରେ ଠିକ୍ ଠିକଣା ନାହିଁ । ପାନ ବ୍ୟବସାୟୀଙ୍କ ଠାକୁ ଚାନ୍ଦା କରି ହାଇସ୍କୁଲ୍‌ଟିଏ ଚାଲିବ କିପରି ? ଲୋକଙ୍କର ଏକତା ନାହିଁ, ମିଳିମିଶି ସ୍କୁଲ୍‌ଟିକୁ ଗଢ଼ିବା ନାହିଁ । ସବୁରି ସହଯୋଗ ଯେମିତି ରହିବା କଥା, ତାର ଭାରି ଅଭାବ । ଯେମିତି କଲେଜରେ ନାମ ଲେଖାଇ ପଢ଼ିଲି, ଚାରିବର୍ଷ କିମିତି କଟିଲା, ମୁଁ ଆଗରୁ ସବୁ ଲେଖିଛି ।

ଚାରିବର୍ଷ ଭିତରେ ମୁଁ ସିନା ବି.ଏ. (ଅନର୍ସ) ପରୀକ୍ଷାରେ ପାସ୍ କରି ଆସିଲି, ସ୍କୁଲ୍ ଆମର ଆଗକୁ ଯିବ କ'ଣ ପଛାଇଛି । ଆମ ବେଳେ ଏକାଦଶ ଶ୍ରେଣୀରେ ମାଟ୍ରିକ୍ ପରୀକ୍ଷା ଦେଇଥିଲୁ, ଏବେ ସେ କମି ନବମ ଶ୍ରେଣୀରେ ରହିଛି । ୧୯୫୭ ମସିହା ଖରାଦିନ । ଏପ୍ରିଲ୍ କି ମଇ ମାସ ହେବ । ଆମ ଅଂଚଳର ନେତା ମହମ୍ମଦ ଇବ୍ରାହିମ୍, ହାଡ଼ିବନ୍ଧୁ ଦାସ, ନନ୍ଦକିଶୋର ସାହୁ ଆଦି ଆସି ସାଧୁଭାଇଙ୍କ ଦାଣ୍ଡ ପିଣ୍ଡାରେ ବସିଲେ । ସେମାନେ କହିଲେ- ତୁମେ ଆମ ସ୍କୁଲ୍‌ରେ ପ୍ରଥମ ଛାତ୍ର, ଏକା ମାଟ୍ରିକ୍ ପାସ କରି ଆମ ସ୍କୁଲ୍‌ର ନାଁ ରଖିଲ । ଏବେ ଏଇ ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ହୁଅ । ନଚେତ୍ ତୁମ ନାଁରେ ଏଇ ସ୍କୁଲ୍ ଭାଙ୍ଗିଲା । ଯଦି ରହିବ, ଆମେ ସ୍କୁଲ୍‌ଟିକୁ ଗଢ଼ିବୁ । ଆଗେଇ ନେବୁ ।

ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲି । ଗୋଟିଏ ପଟେ ମୋର ଭବିଷ୍ୟତ, ମୋର ଉନ୍ନତି, ଘରର ଅବସ୍ଥା ସୁଧାରିବାକୁ ହେବ । ଅନ୍ୟ ଦିଗରେ ସେଇ ସ୍ଥାନ, ସେଇ ସ୍କୁଲ୍ ପ୍ରତି ମୋର କର୍ତ୍ତବ୍ୟ । ସ୍ଥାନଟିର ଉନ୍ନତି, ତା ଭିତରେ ହାଇସ୍କୁଲ୍‌ଟିର ଉନ୍ନତି । ମୁଁ ସବୁଆଡୁ

ଭାବି ସେମାନଙ୍କୁ କହିଲି- ମୁଁ ମୋର କର୍ତ୍ତବ୍ୟ, ଆପଣଙ୍କ କଥା ବୁଝୁଛି । ମାତ୍ର ମୋର ଯାହା ଅସୁବିଧା ଜାଣନ୍ତି । ମୁଁ ବର୍ଷକ ପାଇଁ ରହିବି । ସେଇ ସମୟ ଭିତରେ ସ୍କୁଲ୍‌ଟିକୁ ଗଢ଼ିବା । ତାପରେ ମୁଁ ଟ୍ରେନିଂ ପଢ଼ିବାକୁ ଯିବି । ତେଣୁ ଭଲ ହେଡ୍‌ମାଷ୍ଟରଟିଏ ଆପଣମାନେ ରଖିବେ । ନଚେତ୍ ପିଲାମାନେ ହଇରାଣ ହେବେ ।

ସେମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା । ଇବ୍ରାହିମ୍‌ବାବୁ ମୋତେ କୁଣ୍ଢାଇ ପକାଇଲେ । ନନ୍ଦବାବୁ, ହାଡ଼ିବନ୍ଧୁବାବୁ ମୋର ଶିକ୍ଷକ ଥିଲେ । ସବୁ ପ୍ରକାର ଜବାବ ମିଳିଲା । ମୁଁ ବର୍ଷକ ପାଇଁ ଅନ୍ୟ ଚାକିରି ବା ଟ୍ରେନିଂ ସବୁଛାଡ଼ିଲି । ମୁଁ ଅର୍ଥନୀତି ଅନର୍ସରେ ପାସ୍ କରିଥିବାରୁ ବହୁ ସରକାରୀ ଚାକିରି ପାଇଁ ନିଯୁକ୍ତି ପତ୍ର ଆସିଲା, ମାତ୍ର ମୁଁ କୁଆଡ଼େ ଗଲିନାହିଁ । ଆମ ବଡ଼ଭାଇ ଭାରି ରାଗିଲେ । ଘରର ଉନ୍ନତି, ନିଜର ଉନ୍ନତି ଛାଡ଼ି ଏଠି କାହିଁକି ପଡ଼ିଲି ? ଗାଁ କନିଆଁ ସିଙ୍ଘାଣିନାକୀ । ଇତ୍ୟାଦି ଇତ୍ୟାଦି ।

ସବୁ ଭିତରେ ମୁଁ ବର୍ଷକ ପାଇଁ ସେଇ ସ୍କୁଲ୍‌ରେ ରହିଲି । ମାସକୁ ମାତ୍ର ଶହେ ଟଙ୍କା ଦରମା । ତାକୁ ପୁଣି ପାନ ବ୍ୟବସାୟୀଙ୍କ ଠାରୁ ଆଦାୟ କରି ନେବାକୁ ହେବ । ଅନ୍ୟ ଜଣେ ପଣ୍ଡିତ (ମୋ ଶିକ୍ଷକ, ପଢ଼ିଲା ବେଳେ ଥିଲେ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର । ଆଉଜଣେ ଯୁବକ ଶ୍ରୀ ପ୍ରକାଶଚନ୍ଦ୍ର ବଳୀୟାର ସିଂହମହାପାତ୍ର । ନୂଆ କାର୍ଯ୍ୟନିର୍ବାହୀ ସମିତି(ମାନେଜିଙ୍ଗ କମିଟି) ଗଢ଼ାଗଲା । ସ୍ଥାନୀୟ ବିଧାନ ସଭା ସଭ୍ୟ (ଏମ୍. ଏଲ୍. ଏ.) ରହିଲେ ତାର ସଭାପତି ଶ୍ରୀ ଉପେନ୍ଦ୍ର ମହାନ୍ତି । ଇବ୍ରାହିମ୍‌ବାବୁ, ନନ୍ଦବାବୁ, ପର୍ଶୁରାମ ସିଂହ, ହାଡ଼ିବନ୍ଧୁ ବାବୁ, ନେତ୍ରାନନ୍ଦ ପାତ୍ର ଆଦି ସେହି ସମିତିର ସଭ୍ୟ ରହିଲେ ।

ସବୁଠୁଁ ବଡ଼କଥା ହେଲା କାକଟପୁର ରାସ୍ତା କଡ଼ରେ ନୂଆମଠ ମିଶିଥିବା ଛକରେ ରଙ୍ଗତୋଟା ମୁସଲମାନଙ୍କର ବହୁ ଗଡ଼ିଆ, ପୋତା, ପଡ଼ିଆ ଆଦି ପଡ଼ିଥିଲା । ଇବ୍ରାହିମ୍‌ବାବୁଙ୍କ ଚେଷ୍ଟାରେ ସେହି ଜାଗାକୁ ସ୍କୁଲ୍‌ପାଇଁ ନିଆଯାଇ ସେଠାରେ ହାଇସ୍କୁଲ୍ ପାଇଁ ନିଅଁ ଦିଆଗଲା । ଇବ୍ରାହିମବାବୁ ନିଜ ମୁଣ୍ଡରେ ତାଙ୍କର ଖଦଡ଼ ଗାମୁଛା ବାନ୍ଧି ପ୍ରଥମେ ସୁଗୁଡ଼ାଏ ମାଟି ସେଠାରେ ପକାଇଲେ । ତାପରେ ମୁଁ ସୁଗୁଡ଼ାଏ ପକାଇଲି । ତାପରେ ଅନ୍ୟ ଶିକ୍ଷକ ଓ ନେତାମାନେ । ସ୍କୁଲର ମୂଳଦୁଆ ପଡ଼ିଲା । ଗାଁ ଗଣ୍ଡାରୁ ଇଟା, ବାଉଁଶ ଆଦି ସଂଗ୍ରହ କରାଗଲା । ମାତ୍ର ସେସବୁ କାକର ଗୋଟାଇ ଗଡା(ମାଟିଆ) ପୂରାଇବା ପରି କଥା ହେଲା । ପୁଣି ଆଗରୁ କେତେଥର ସ୍କୁଲ୍ ପାଇଁ ସବୁ ଚାନ୍ଦାଭେଦା

ହୋଇ କୁଆଡ଼େ ଗଲା । ତେଣୁ କାହାର ଭରସା ରହିଲା ନାହିଁ । ନୂଆହାଟର ପାନ ବ୍ୟବସାୟୀଙ୍କ ଛଡ଼ା ଆମକୁ ଭଲ ଚାନ୍ଦା ଦେଇଥିଲେ ଭୁବନେଶ୍ୱର ପାନବ୍ୟବସାୟୀ ରାମପ୍ରସାଦ । ସେ ନୂଆହାଟ ଅଂଚଳରୁ ପାନ କିଣି ବମ୍ବେ, କଲିକତା ଆଦି ବଡ଼ ବଡ଼ ସହରକୁ ପଠାଉଥିଲେ । ୮ମ ଓ ୯ମ ଶ୍ରେଣୀ ଦୁଇଟି ସେଇ ସ୍କୁଲ୍‌ରେ ଚାଲିଲା । ଆମେ ତିନିଜଣ ଶିକ୍ଷକ ରହିଲୁ । ମାତ୍ର ଘରଦ୍ୱାର ବେଶୀକିଛି ତୋଳା ହୋଇ ପାରିଲା ନାହିଁ । ମାସକୁ ମାସ ଦରମା ପାଇବା ତ ସମ୍ଭବ ହେଉ ନଥିଲା ।

ତେବେ ଯାହାହେଉ ସ୍କୁଲ୍‌କାମ ଭଲ ଚାଲିଲା । ଶିକ୍ଷକମାନେ କଠିନ ପରିଶ୍ରମ କଲେ । ପିଲାମାନେ ଭଲ ପଢ଼ିଲେ । ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଲା । ମୁଁ ବି.ଇଡ଼ି. ଟ୍ରେନିଂ ପାଇବାକୁ କଟକ ରାଧାନାଥ ଟ୍ରେନିଂ କଲେଜରେ ନାମ ଲେଖାଇଲି । ସ୍ଥାୟୀ ପ୍ରଧାନ ଶିକ୍ଷକ କେହି ରହିଲେ ନାହିଁ, ଆସିଲେ ଆଉ ଗଲେ । କେବଳ ଗୋବିନ୍ଦ ପଣ୍ଡିତ ମହାଶୟ ଓ ପ୍ରକାଶବାବୁ ମୂଳପିଣ୍ଡ ହୋଇ ରହିଲେ । ଇବ୍ରାହିମ ବାବୁ ସ୍କୁଲ ଦାୟିତ୍ୱ ନେଲେ ।

ସ୍କୁଲ୍‌ଟିର ଭାଗ୍ୟ ବଦଳିଲା । ମୋ ପରେ ଆମ୍ଭୋରର ପ୍ରକାଶଚନ୍ଦ୍ର ମହାପାତ୍ର, ରଣପୁରର ଶରତଚନ୍ଦ୍ର ମହାପାତ୍ର ଓ ତାଙ୍କ ପରେ ଆମ ଅଂଚଳର ଅଭିଜ୍ଞ ପ୍ରଧାନ ଶିକ୍ଷକ ଶ୍ରୀ ଦୀନବଂଧୁ ମିଶ୍ର ସେଇ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ହେଲେ । କ୍ରମେ ସ୍କୁଲ୍‌ଟିର ସବୁପ୍ରକାର ଉନ୍ନତି ଘଟିଲା । ଏବେ ଶହଶହ ପିଲା ସେଠାରେ ପାଠ ପଢ଼ୁଛନ୍ତି । ମାଟ୍ରିକ୍ ପରୀକ୍ଷାରେ ମଧ ଆମ ସ୍କୁଲ୍‌ର ପିଲାମାନେ ଭଲ କରୁଛନ୍ତି । ଯେଉଁସବୁ ନଡ଼ିଆଗଛ ଲଗାଇଥିଲୁ, ସେସବୁ ଏବେ କେତେ ଉଚ୍ଚା ହେଲାଣି । ନଡ଼ିଆ ପଇଡ଼ ଯଥେଷ୍ଟ । ସ୍କୁଲ୍‌ର ଘରଦ୍ୱାର ବି ଭଲ ହୋଇଛି । ଆଉ କାହାର ଚାନ୍ଦା ଉପରେ ସ୍କୁଲ୍ ନିର୍ଭର କରୁନାହିଁ । ନିଜ ଗୋଡ଼ରେ ସ୍କୁଲ୍ ଠିଆହେଲା ବେଳକୁ ସରକାର ମଧ ତାକୁ ନିଜ ହାତକୁ ନେଇଛନ୍ତି । ଏବେ ସେଇ ସ୍କୁଲ୍‌କୁ ଦେଖିଲେ ସବୁକଥା ମନେପଡ଼େ । ମନରେ ଆନନ୍ଦ ଭରିଯାଏ ।

# କଟକରେ ଶିକ୍ଷକ ଟାଲିମ

୧୯୫୮-୫୯ ବର୍ଷ କଟକ ରାଧାନାଥ ଟ୍ରେନିଂ କଲେଜରେ ବି.ଇଡ଼ି. ପଢ଼ିଲି । ନାମଲେଖା ବଛାବଛି ପରୀକ୍ଷାରେ ମୋର ଭଲ ହୋଇଥିବାରୁ ମୋତେ ଗୋଟିକିଆ କୋଠରୀଟିଏ ଛାତ୍ରାବାସରେ ମିଳିଥିଲା । ଛାତ୍ରାବାସ ପକ୍କାଘରଟି ଦୋମହଲା । ଅଳ୍ପ ଆଗରୁ ତାର ତିଆରି ସରିଥିଲା । ତେଣୁ ଆମର ରହିବା ଓ ପଢ଼ାପଢ଼ି କରିବାରେ ସୁବିଧା ହୋଇଥିଲା । ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ରେ ମୋତେ ପାଠପଢ଼ାଇବା ଅଭ୍ୟାସ କରିବା ପାଇଁ ସୁଯୋଗ ମିଳିଥିଲା । ସହରିଆ ପିଲାମାନେ ମୋ ପରି ମଫସଲିଆ ଶିକ୍ଷକଙ୍କୁ ମାନିବେ କି ନାହିଁ ! ଶ୍ରେଣୀରେ ଶୃଙ୍ଖଳା ନରହିଲେ କାଳେ ସାର୍‌ମାନଙ୍କ ଧାରଣା ଖରାପ ହେବ, ଖାତାରେ କ'ଣ ଲେଖିଦେବେ ଶେଷ ପରୀକ୍ଷାରେ ନମ୍ବର କମିଯିବ, ଏହିସବୁ ଭୟହେଲା । କେତେ ଜଣ ସାଙ୍ଗ ଉପଦେଶ ଦେଲେ-ଫୁଲ୍‌ପ୍ୟାଣ୍ଟ ଓ ହାୱାଇ ହଳେ କିଣି ପିନ୍ଧିବାକୁ ହେବ । ପିଲାମାନେ ଖାତିର କରିବେ, କଥା ମାନିବେ ।

ପରେ ମୁଁ ଜାଣିଲି ପିଲାମାନଙ୍କୁ ଭଲ ଭାବରେ ପାଠ ପଢ଼ାଇଲେ, ସେମାନଙ୍କ ପ୍ରତି ଭଲ ବ୍ୟବହାର କଲେ କିଛି ଅସୁବିଧା ରହିବ ନାହିଁ । ଗୁରୁଛାତ୍ର ସଂପର୍କଟା ବଡ଼ କଥା ! କେତେଜଣଙ୍କୁ ଚିହ୍ନି ସେମାନଙ୍କ ନାମ ମନେ ରଖି ଦରକାର ବେଳେ ନାଁ ଧରି ଡାକିଲେ ଅଧିକ ଭଲ ଭାବ ରହେ । ଯେଉଁପିଲା ଭଲ ତାକୁ ତ ସବୁକଥା ବୁଝାଇ ଦେବା ଉଚିତ । ଯେଉଁ ପିଲା ଦୁଷ୍ଟ ତାକୁ ମଧ୍ୟ ଆପଣାର କଲେ ସେ ବେଶୀ ସୁଧାର ହୋଇଯାନ୍ତି । ମୋର ତେଣୁ ଶ୍ରେଣୀ ଶିକ୍ଷାଦାନ ଓ ଶୃଙ୍ଖଳାରକ୍ଷାରେ କିଛି ଅସୁବିଧା ହୋଇନଥିଲା । ବରଂ ସାର୍‌ମାନେ ଆମ ପଢ଼ା ଦେଖିବାକୁ ଗଲାବେଳେ, ପରୀକ୍ଷାବେଳେ ପିଲାମାନଙ୍କର ସାହାଯ୍ୟ ସହଯୋଗ ଅଧିକ ଅନୁଭୂତ ହୁଏ ।

ପିଲାମାନଙ୍କ ମଧ୍ୟରୁ କେତେକ ଭାରି ବୁଦ୍ଧିଆ ଥାନ୍ତି । ସେମାନେ କେତେକ କଥାରେ ଶିକ୍ଷକଙ୍କ ଠାରୁ ବି ଅଧିକ ଜାଣିଥାନ୍ତି । ଥରେ ମୋର ବାର୍ଷିକ ପରୀକ୍ଷାରେ ମୁଁ କୋଣାର୍କ ଓ ନରସିଂହ ଦେବଙ୍କ କଥା ପଢ଼ାଉଥାଏ । ଆମ ଓଡ଼ିଶାର ଖୁବ୍ ଜଣାଶୁଣା ସମାଜସେବକ

ଓ ସାହିତ୍ୟିକ ଭିକାରୀ ଚରଣ ପଟ୍ଟନାୟକଙ୍କ ହାତକାମ କାରଖାନାରୁ ଗୋଟିଏ ବଡ଼ କୋଣାର୍କ ଚକର ମଡ଼େଲ ଧାର ଆଣି ଶ୍ରେଣୀରେ ଦେଖାଉଥାଏ । ଦୁଇଜଣ ପରୀକ୍ଷକ ଶ୍ରେଣୀ ଭିତରକୁ ଆସି ପଛରେ ବସିଲେ । ସେମାନଙ୍କ ମଧ୍ୟରୁ ଜଣେ ମୋର ପୂଜ୍ୟ ଅଧ୍ୟକ୍ଷ ବୈଦ୍ୟନାଥ ରଥ ଓ ଆଉଜଣେ ରେଭେନ୍‌ସା କଲେଜର ଅଧ୍ୟାପକ ଜ୍ଞାନେନ୍ଦ୍ର ମହାନ୍ତି । ମୋର ପାଠପଢ଼ା ଶୁଣି ସାରି ସେମାନେ ମୋ ପାଖକୁ ଆସି ଶିକ୍ଷାଦାନ ପ୍ରଣାଳୀ ଉପରେ କ'ଣ ପଚାରିଲେ । ତାପରେ ପିଲାମାନଙ୍କୁ କୋଣାର୍କ ଚକ ଦେଖାଇ ଜ୍ଞାନବାବୁ ପଚାରିଲେ- ପିଲେ କହିଲ, ଆମର ସବୁ ଚକ ପରି ଏଇ କୋଣାର୍କ ଚକ । ହେଲେ, ଏଥିରେ ପଇ ବାହାରକୁ ଗୋବମାନ କାହିଁକି ବାହାରିଛି ? ଆଉ କେଉଁ ଚକରେ ତ ନଥାଏ ।

ଶ୍ରେଣୀ ମଧ୍ୟରେ ନୀରବତା ଖେଳିଗଲା । ମୁଁ ଏତେଟା ଭାବିପାରି ନଥିଲି । ହଠାତ୍ ଆଗ ଧାଡ଼ିରେ ବସିଥିବା ଜଣେ ପିଲା (ସମ୍ଭବତଃ ଆମ ଅଧ୍ୟକ୍ଷଙ୍କ ପୁଅ ଶଶୀ) ହାତ ଉଠାଇଲା ଉତ୍ତର ଦେବାକୁ । ଜ୍ଞାନବାବୁ ପଚାରିଲେ- କୁହ ।

ସେ ଉତ୍ତର ଦେଲା- ସାର୍, ଆଗେ ଆଜିର ପକ୍କା ରାସ୍ତା ପରି ଆମ ଦେଶରେ ବଲି ଓ ରାସ୍ତାଘାଟ ନଥିଲା । ପୁଣି କୋଣାର୍କ ଯେଉଁଠି ତୋଳାଯାଇଥିଲା, ସେଠି ତ କେତେ ବାଲିଗଦା । ଗାଁ ଗଣ୍ଡା ଭିତରେ କୋଣାର୍କ ଗଢ଼ା ଯାଇଥିଲା । କାଦୁଅ ପଙ୍କ ରାସ୍ତା । ତେଣୁ ବାଲି କାଦୁଅ ଭିତରେ ପଶି ଯିବା ପାଇଁ ଏଇ କୋଣାର୍କ ରଥର ଚକରେ ଗୋବସବୁ ରହିଛି ।

ସାର୍ ଦୁହେଁ ହସି ପିଲାର ଉତ୍ତରଟିକୁ ମାନିନେଲା ପରି ଲାଗିଲା । ମୁଁ ମଧ୍ୟ ଆଶ୍ୱସ୍ତ ହେଲି । ପିଲା ଆଗରୁ ସେକଥା କେଉଁଠୁ ଜାଣିଥିବ କି ନାହିଁ । ମାତ୍ର ବୁଦ୍ଧିଖଟାଇ କେତେ ସୁନ୍ଦର ଉତ୍ତରଟିଏ ଦେଇପାରିଲା । ମୁଁ ତାକୁ ପରେ ଧନ୍ୟବାଦ ଦେଲି । ପିଲାମାନଙ୍କୁ ସୁଯୋଗ ଦେଲେ, ସ୍ୱାଧୀନତା ଦେଲେ, ଆମେ ଶ୍ରେଣୀଭିତରେ ବହୁ ଚତୁର ପିଲାଙ୍କୁ ଠାବ କରିପାରିବା । ସେମାନଙ୍କ ଉନ୍ନତିରେ ସାହାଯ୍ୟ କରିପାରିବା ।

ଆମର ଅଧ୍ୟକ୍ଷ ମହାଶୟ ନାଚ ଗୀତ ଓ ନାଟକକୁ ଭାରି ଭଲ ପା'ନ୍ତି । ସେ ନିଜେ ମଧ୍ୟ ଓଡ଼ିଶୀ ଗୀତ ଗାଇ ନାଚିଯାନ୍ତି ଆନନ୍ଦରେ, ସତରେ ନିଜକୁ ସେ ଭୁଲିଯାନ୍ତି । ଥରେ

ଆମ୍ଭମାନଙ୍କୁ ସେ ଗୋଟିଏ ବଣଭୋଜିରେ କୋଣାର୍କ ବୁଲାଇ ନେଇଥିଲେ । ରୋଷେଇ ହେବା ଭିତରେ ଝାଉଁବଣ ଭିତରେ ବାଲି ପଡ଼ିଆ ଉପରେ ଆରମ୍ଭ ହୋଇଯାଇଥିଲା ନାଚଗୀତ । ରୂପେଲି ଚନ୍ଦ୍ର କିରଣ ଚଉଦିଗକୁ ଉଜ୍ଜ୍ୱଳ କରିଥାଏ । ଛାତ୍ରଛାତ୍ରୀମାନେ ତ ଯାହା ଗୀତ ଗାଇଲେ । ମାତ୍ର ସାର୍ ଆମର ଉଠିପଡ଼ି ନିଜେ ଓଡ଼ିଶୀ ଗୀତ ଗାଇଗାଇ ନାଚିଗଲେ । ସେମିତି ପ୍ରତିବର୍ଷ ଗୋଟିଏ ଦୁଇଟି ନାଟକ ଟ୍ରେନିଂ କଲେଜରେ ମଞ୍ଚସ୍ଥ ହୁଏ । ଯେଉଁ ପିଲାମାନେ ନାଚଗୀତ ଓ ଅଭିନୟରେ ଭଲ କରନ୍ତି, ସେମାନେ ସାର୍‌ଙ୍କ ଠାରୁ ଅଧିକ ନମ୍ବର ପା'ନ୍ତି । ତାଙ୍କର ଧାରଣା ଯେ ନାଚଗୀତ ଓ ଅଭିନୟରେ ଯେଉଁମାନେ ଭଲ, ସେ ପାଠ ଭଲ ପାଠ ପଢ଼ାଇ ପାରିବେ । ମନରେ ଭୟ ସଂକୋଚ ରହିବ ନାହିଁ । ତାଙ୍କ ଧାରଣା ମଧ୍ୟ ବହୁ ପରିମାଣରେ ଠିକ୍ ।

ଟ୍ରେନିଂ କଲେଜରେ ଭୋଜିଭାତ କରିବାରେ ତାଙ୍କର ଖୁବ୍ ଆନନ୍ଦ । ନିଜେ ଖାଇବାଠାରୁ ଅନ୍ୟକୁ ଖୁଆଇବାରେ, ପୁଣି ସାଙ୍ଗ ସାଥି ହୋଇ ଖାଇବାରେ ତାଙ୍କର ଖୁବ୍ ମନ । ଦୋଳବେଳେ ସମସ୍ତଙ୍କ ସହିତ ରଙ୍ଗଖେଳିବା ଓ ଅବିର ବୋଳିବା ତ ଦେଖିବାର କଥା । ସେଇବର୍ଷ ଦୋଳଛୁଟି ହୋଇଥାଏ । ଅନେକ ପିଲା ନଥାନ୍ତି । ମାତ୍ର ସାର୍ ନିଜେ ରଙ୍ଗ ପିଚକାରୀ ଧରି ଛାତ୍ରାବାସରେ ପହଞ୍ଚିଗଲେ । ମୁଁ ସମ୍ଭବତଃ କବାଟ ବନ୍ଦକରି ଭିତରେ ଅଛି । ସେ ବାହାରୁ କବାଟ ଖଟ୍‌ଖଟ୍ କଲେ । ମୁଁ ବଡ଼ ପାଟିରେ ପଚାରିଲି- କିଏ ?

ସେ କହିଲେ- ''ଖୋଲ ଜଗନ୍ନାଥ, କବାଟ ଖୋଲ ।'' ସାରଙ୍କ ସ୍ୱର କାନରେ ବାଜିଗଲା ବିଜୁଳିସକ୍ ଲାଗିଲା ପରି । ମୁଁ କବାଟ ଖୋଲି ଦେଖେ, ସାର୍ ରଙ୍ଗୀନ ରୂପରେ ଉଭା । ମୁଁ ନମସ୍କାର କଲି । ସେ ମୁହଁରେ ରଙ୍ଗ ବୋଳିଦେଲେ । ପାଠପଢ଼ା ସହିତ ମନ ଖୁସି କରିବା ଆଉ ମନଖୁସିରେ ପାଠ ପଢ଼ିବା ନିତାନ୍ତ ଦରକାର, ଏହା ସେ ବୁଝିଥିଲେ । ଆଉ ଆମଙ୍କୁ ବୁଝାଇଥିଲେ ।

# ନଇନ୍ଦିପୁର ଆଉ ନୂଆହାଟ ହାଇସ୍କୁଲ୍‌ରେ କେତୋଟି ମାସ

୧୯୫୯ ମସିହା । ମାର୍ଚ୍ଚଶେଷ କିମ୍ବା ଏପ୍ରିଲ୍ ଆରମ୍ଭରୁ ଆମର ବି. ଇଡ୍. ପରୀକ୍ଷା ସରିଲା । ଦିନେ ଅଧ୍ୟକ୍ଷ ମହାଶୟ ମୋତେ କହିଲେ- ଜଗନ୍ନାଥ, ତୁମେ ଗୋଟିଏ ସ୍କୁଲ୍‌କୁ ହେଡ୍‌ମାଷ୍ଟର ହୋଇ ଯିବ ?

ମୁଁ କହିଲି- ସାର୍, କେଉଁଠି ? ମୁଁ ତ ସରକାରୀ ସ୍କୁଲ୍‌ପାଇଲେ ସେଠାରେ ଯୋଗଦେବାକୁ ଯିବି । କେତେଦିନ ପାଇଁ ଯିବି ?

ସାର୍ କହିଲେ- ପାଟକୁରା ଭିତରେ ନଇନ୍ଦିପୁର ହାଇସ୍କୁଲ୍ । ନୂଆ ହୋଇଛି । ୧/୨ ଶ୍ରେଣୀ ଅଛି । ଜଣେ ଟ୍ରେଣ୍ଡ ଗ୍ରାଜୁଏଟ ବା (ତାଲିମପ୍ରାପ୍ତ) ପ୍ରଧାନ ଶିକ୍ଷକ ନ ରହିଲେ ଇନସ୍‌ପେକ୍ଟର ସ୍କୁଲ୍‌କୁ ମଞ୍ଜୁରୀ ଦେଉନାହାନ୍ତି । ତେଣୁ ତୁମେ ସେଠାକୁ ଯାଅ । ଗ୍ରୀଷ୍ମଛୁଟି ହେଲେ ତ ଆସିବ । ତାପରେ ଦେଖି ଯାହା କରିବ ।

ମୁଁ କହିଲି- ସାର୍, କିମିତି ସେଠାକୁ ଯିବାକୁ ହେବ ? କେଉଁ ଦିନ ଯିବି ?

ସାର୍ କହିଲେ- କାଲି ସକାଳେ ଚାଲିଯାଅ । ଜଣେ ବାବୁ ଆସି ତୁମଙ୍କୁ ସାଥିରେ ନେଇଯିବେ । ତେଣୁ ତୁମେ ସେଠାକୁ ଯିବାକୁ ପ୍ରସ୍ତୁତ ହୁଅ ।

ସତକୁ ସତ ଜଣେ ଯୁବକ ଆସି ମୋ ପାଖରେ ସକାଳୁ ପହଞ୍ଚିଲେ । ମୁଁ ସାର୍‌ଙ୍କୁ ଜଣାଇ କଲେଜ ହଷ୍ଟେଲ୍‌ରୁ ବିଦାୟ ନେଲି ।

ପ୍ରଥମେ ଆମେ ତିର୍ତ୍ତୋଲ ଯାଏ ବସ୍‌ରେ ଗଲୁ । ସେଠାରୁ ଚାଲିଚାଲି ଆମେ କଚା ରାସ୍ତାରେ ଗଲୁ । ବାଟରେ ଆମେ ପାଇକା, ଲୁଣା ଆଦି କେତୋଟି ନଈ ପାରିହୋଇଗଲୁ । ଖରାଦିନ । ଭାରି ଗରମ ଲାଗୁଥାଏ । ଦେହରୁ ଝାଳ ଗମ୍ ଗମ୍ ହୋଇ ବହିଯାଉଥାଏ । ତେବେ ନୂଆ ଜାଗାଟିକୁ ଯିବାରେ ଆନନ୍ଦ ।

ନଇଦିପୁରରେ ପହଞ୍ଚିଲି । ନିପଟ ମଫସଲ ଜାଗା । ସୁନ୍ଦର ଶାନ୍ତ ପରିବେଶ । ବିଲ, ବାଡ଼ି, ତୋଟା, ବଗିଚା, ଗଡ଼ିଆ, ଆଉ ପୋଖରୀ ଗୋହିରୀ ରାସ୍ତା ଦୁଇକଡ଼ରେ ବାଡ଼ ବା ତାଟି । ଦାଣ୍ଡି ଦାଣ୍ଡି ଚାଳଘର । ଚାଷୀ ଲୋକେ ଅଧିକାଂଶ । ଏବେ ପାଠ-ଶାଠ ପଢ଼ି ଚାକିରୀ ବାକିରୀ କଲେଣି । ଖୁବ୍ ମେଳାପୀ ଲୋକ । ସରଳ ବ୍ୟବହାର । ଗାଁ ମୁଣ୍ଡରେ ତିନୋଟି ସ୍କୁଲ୍ ପ୍ରାଥମିକ ଠାରୁ ନୂଆ ହାଇସ୍କୁଲ୍ ଗୋଟିଏ ହତାରେ ।

ଅଳ୍ପ ଦୂରେ ଚିତ୍ରୋତ୍ପଳା ନଦୀଟି ବହିଯାଇଛି । ଭଲ ନଈଟିଏ, ବଡ଼ ମଧ୍ୟ । ବର୍ଷାଦିନେ ତା ଛାତି ପୂରିଉଠେ । ଥରେ ଥରେ ଦୂଇକୂଳ ଖାଇ ଗାଁଗଣ୍ଡାକୁ ବି ବୁଡାଇଦିଏ । ମାତ୍ର ଖରାଦିନେ ଶୁଖିଲା ବାଲିର ପଡ଼ିଆ, ଖୁବ୍ ଓସାରିଆ । ଠାଏଠାଏ ସରୁଧାରରେ ପାଣି ବୋହିଚାଲେ । ଆମେ ଶିକ୍ଷକ କେତେଜଣ ସେଇ ସ୍କୁଲ୍ ହତାରେ ରହିଥାଉ । ସକାଳ ସଞ୍ଜ ବେଳା ଆମେ ସେଇ ନଈକୂଳକୁ ଯାଉ । ସେଠରେ ନିତ୍ୟକର୍ମ ସାରୁ । ସଂଜବେଳା ତ ନଇବାଲି ଉପରେ ବହୁ ସମୟ ବସୁ । ସୁଖଦୁଃଖ ହେଉ । ସୁନେଲି ଖରା ମଳଣ ପଡ଼େ । ଅନ୍ଧାର ଆ ଜହ୍ନ ଉଠେ । ଚଉଦିଗରେ ରୂପେଲି କିରଣ ଝରିପଡ଼େ । ଭାରି ମଜା ଲଗେ ।

ମୁଁ ସେଠାରେ ପହଞ୍ଚି ଦେଖିଲି ଦୁଇଟି ଶ୍ରେଣୀ ୮ମ ଓ ୯ମ କୁ ନେଇ ହାଇସ୍କୁଲ୍‌ଟି ଚାଲିଛି ଆମ ନୂଆହାଟ ପରି । ଅଳ୍ପ କେତୋଟି ଲେଖାଁ ପିଲା । ଶ୍ରୀ ନାରାୟଣ ବାରିକ ସେଇ ସ୍କୁଲ୍‌ର ସେକ୍ରେଟାରୀ । ଉତ୍ସାହୀ ଲୋକ । ସେତେବେଳେ ସେ ମଧ୍ୟ କଣ୍ଟ୍ରାକ୍ଟରୀ କରୁଥିଲେ । ସ୍କୁଲ୍ ଇନସ୍‌ପେକ୍‌ଟର ଥିଲେ ସ୍ୱର୍ଗୀୟ ରାମସ୍ୱାମୀ ସେନାପତି । ସେ ଅଡ଼ି ବସିଥାନ୍ତି ଜଣେ ତାଲିମ ପାଇଥିବା ପ୍ରଧାନ ଶିକ୍ଷକ ନ ରହିଲେ ହାଇସ୍କୁଲ୍‌କୁ ମଞ୍ଜୁରୀ ମିଳିବ ନାହିଁ । ତେଣୁ ମୋତେ ସେଠାକୁ ନେବାପାଇଁ ଏତେ ଆଗ୍ରହ ପ୍ରକାଶ ପାଇଥିଲା ।

ସ୍କୁଲ୍‌ରେ ପାଠପଢ଼ା ଯାହାହେଲା । ସେଠାର ଶିକ୍ଷକ, ପିଲା ଓ ଲୋକମାନଙ୍କ ସାଥିରେ ମିଳିମିଶି ଚଳିବାରେ ଖୁସି ଲାଗିଲା । ସ୍କୁଲ୍ ସମୟ ବାହାରେ ପିଲାମାନେ କିଏ କେତେବେଳେ ପାଠ ବୁଝିବାକୁ ଆସନ୍ତି, ମୁଁ ବୁଝାଇଦିଏ । ଟଙ୍କାପଇସା ତ କାହାଠାରୁ ନିଏନାହିଁ । ମାତ୍ର ପିଲାଏ କିଏ କେତେବେଳେ ପାଚିଲା ଆମ୍ବ ତ କିଏ ଗରମ କ୍ଷୀର, କିଏ ବସାଦହି ତ କିଏ କ'ଣ ଜଳଖିଆ ଆଣନ୍ତି ।

ସେଠାରେ ବାର୍ଷିକ ପରୀକ୍ଷା ଶେଷ ହେଲା । ଶିକ୍ଷକମାନଙ୍କର ଝୁଙ୍କ ଉଠିଲା- ଦୁଇଟି ନାଟକ କରିବା । ସେଥିରୁ ଯାହା କିଛି ଲାଭ ହେବ ସ୍କୁଲ୍‌କୁ ଦିଆଯିବ । ମୂଲିଆ, ଭାଇ-

ଭାଉଜ ଦୁଇଟି ନାଟକ ବଛାହେଲା, ମଞ୍ଚସ୍ଥ ବି ହେଲା । ମୁଁ ମଧ୍ୟ ଭାଗ ନେଲି ଉଭୟ ନାଟକରେ । ଗାଁଲୋକେ ନାଟକ ଦୁଇଟିକୁ ଭାରି ତାରିଫ କଲେ । କ'ଣ ସ୍କୁଲ୍ ପାଇଁ ମିଳିଲା, ମୁଁ ଜାଣିନାହିଁ । କାରଣ ନାଟକ ସରିଲାବେଳକୁ ଖରା ଛୁଟିର କେତେଦିନ କଟି ଯାଇଥିଲା । ନାଟକ ସରୁ ସରୁ ମୁଁ ଆମ ଘରକୁ ଚାଲି ଆସିଲି ।

ବର୍ଷାଋତୁ ଆରମ୍ଭ ହୋଇଯାଇଥାଏ । ମୁଁ ଫେରିଲାବେଳକୁ ନଈ ପୋଖରୀ ପୁରି ଆସିଲାଣି । କାଦୁଅ ରାସ୍ତା । କେତେଜଣ ପିଲା ଓ ଶିକ୍ଷକ ମୋତେ ବିଦାୟ ଦେବାକୁ ଗାଁଠାରୁ କିଛି ଦୂର ଆସିଲେ । ମୋ ସାଥିରେ କଟକ ଯାଏ ବି ଜଣେ କିଏ ଆସିଲେ । କେନ୍ଦ୍ରାପଡ଼ା ଦେଇ ଆସିଲୁ । କେତୋଟି ନଈନାଳ ବି ପାରିହେଲୁ । ସେତେବେଳେ କେନ୍ଦ୍ରାପଡ଼ା କଲେଜ ଆରମ୍ଭ ହୋଇଥିଲା । ବସ୍ ଯାତ୍ରୀମାନଙ୍କ ଠାରୁ ବସ୍ ଟିକେଟ ସହିତ କଲେଜ ପାଇଁ ଚାନ୍ଦା ଦେବାକୁ ପଡୁଥିଲା ।

ମୁଁ ଗାଁକୁ ଯାଇ ଦେଖିଲି, ଘର ଅବସ୍ଥା ଭାରି ଖରାପ । ବ୍ରହ୍ମପୁର ଇନ୍ସପେକ୍ଟରଙ୍କ ଅଫିସରୁ ମୋର ନିଯୁକ୍ତି ପତ୍ର ମିଳିବାରେ ବିଳମ୍ବ ହେଲା । ଅନ୍ୟ ବନ୍ଧୁମାନେ ଚାକିରି ପାଇ ସାରିଥିଲେ । ମୁଁ ତେଣୁ ଇନସ୍‌ପେକ୍ଟର ଅଫିସରୁ ଗୋଟିଏ ଚିଠି ପାଇଲି ସାକ୍ଷାତକାର ପାଇଁ । ମୋର କ୍ୟାରିଅର ଭଲ ଦେଖି ଇନସ୍‌ପେକ୍ଟର ମୋତେ ପଚାରିଲେ ହାଇସ୍କୁଲ୍ କି ଟ୍ରେନିଂସ୍କୁଲ୍‌କୁ ପସନ୍ଦ କରିବି । ମୁଁ ଉଭୟ ସମାନ ବୋଲି କହିଲି ।

ନୂଆହାଟରେ ସେତେବେଳେ ସୁଦ୍ଧା କେହି ହେଡମାଷ୍ଟର ଯୋଗଦେଇ ନଥିଲେ । ଇବ୍ରାହିମବାବୁ ଓ ନନ୍ଦକିଶୋରବାବୁ ମୋ ପାଖକୁ ଦିନେ ଆସି କହିଲେ, ପ୍ରଧାନ ଶିକ୍ଷକ ଆଣିବାକୁ ଚେଷ୍ଟା ଚଳାଇଛୁ । ମାତ୍ର ପିଲାଙ୍କ ନାମ ଲେଖା ଓ ସାର୍ଟିଫିକେଟ ନେବାବେଳ । ଆପଣ ଆସନ୍ତୁ । ମୁଁ ଭାବିଲି- ଖାଲି ଘରେ ବସିବା ଅପେକ୍ଷା ସ୍କୁଲ୍‌ରେ ୧/୨ ମାସ ରହିଗଲେ ଚଳିବ । ତେବେ ମୁଁ ସେମାନଙ୍କୁ କହିଲି- ଜଣେ ହେଡ୍‌ମାଷ୍ଟର ଠିକ୍ କରନ୍ତୁ । ମୁଁ ସରକାରୀ ନିଯୁକ୍ତି ପାଇଲେ, ଯେକୌଣସିବେଳେ ଚାଲିଯିବି ।

ହାଇସ୍କୁଲ୍ ଚାଲିଲା । ପିଲାମାନଙ୍କର ନାମ ଲେଖାଗଲା ୮ମ ଶ୍ରେଣୀରେ । ଉପର ଶ୍ରେଣୀରେ ଯେଉଁମାନେ ନାମଲେଖାଇଲେ ବା ବିଦାୟ ନେଲେ ସେମାନଙ୍କ କଥା ବୁଝାହେଲା । ନୂଆ ରେଜିଷ୍ଟର ଆଦି ତିଆରି ହେଲା । ୧୦ମ ଶ୍ରେଣୀ ନୂଆ ହୋଇ ଖୋଲିଲା । ଜୁଲାଇ ଶେଷରେ ଇନସ୍‌ପେକ୍ଟରଙ୍କ ଠାରୁ ଆଦେଶ ମିଳିଲା । ଟିକାବାଲିରେ ଥିବା ଏକ ସରକାରୀ ମି.ଇ. ସ୍କୁଲ୍‌ରେ ମୁଁ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ପାଇଲି । ମୁଁ

ଆଶ୍ଚର୍ଯ୍ୟ ହେଲି । କାରଣ ଇନସ୍‌ପେକ୍ଟର ଟ୍ରେନିଂ ବା ହାଇସ୍କୁଲ୍‌ରେ ମୋତେ ଦେବାକୁ କହିଥିଲେ ।

ମୁଁ ନୂଆହାଟ ହାଇସ୍କୁଲ୍‌ରୁ ବିଦାୟ ନେଇ ଇନସ୍‌ପେକ୍ଟରଙ୍କୁ ଦେଖାକଲି । ସେତେବେଳେ ଇନସ୍‌ପେକ୍ଟର ଥିଲେ ଜଗନ୍ନାଥ ହରିଚନ୍ଦନ । ତାଙ୍କ ଅଫିସର ବଡ଼ବାବୁ ଥିଲେ ବଳରାମବାବୁ । ତାଙ୍କୁ ସେ ପଚାରି ଫାଇଲ୍ ମଗାଇଲେ । ତାଙ୍କ ଉପରେ ବିରକ୍ତ ହେଲେ । ମୁଁ ଅଳ୍ପ ଦୂରରେ ଥାଇ ସବୁ ଶୁଣୁଥିଲି । ତାପରେ ମୋତେ ଡକାଇ ଇନସ୍‌ପେକ୍ଟର ପଚାରିଲେ- ପୁରୀଜିଲ୍ଲା ପାଇଁ ଦୁଇଟି ଟ୍ରେଣ୍ଡଗ୍ରାଜୁଏଟ ସବ୍‌ଇନ୍‌ସପେକ୍ଟର ପୋଷ୍ଟ ଆସିଛି । ସାକ୍ଷୀଗୋପାଳ ଓ ବାଣପୁରକୁ ତାହା ଦିଆଯିବ । ତୁମେ ଏଥିରୁ କେଉଁଠି ଯୋଗଦେବାକୁ ଚାହୁଁଛ ? ସାକ୍ଷୀଗୋପାଳ ମୋ ଘର ପାଖ, ମାତ୍ର ବାଣପୁର ଚିଲିକା ପାଖ । ଗୋଦାବରୀଶ ମିଶ୍ର ଓ ଗୋଦାବରୀଶ ମହାପାତ୍ରଙ୍କ ଘର ବାଣପୁର । ସେମାନଙ୍କ ଲେଖା ମନେ ପଡ଼ିଲା । ମୋତେ ନିରୁତ୍ତର ଦେଖି ସେ କହିଲେ- ତୁମେ ପୁରୀ ଯାଅ । ମୁଁ ଫୋନ୍‌ରେ ଡି.ଆଇଙ୍କୁ କହିଦେଇଛି ।

ମୁଁ ସମ୍ଭବତଃ ଟ୍ରେନରେ ପୁରୀକୁ ଆସିଲି । ଡି.ଆଇଙ୍କ ଅଫିସକୁ ଗଲି । ସେଦିନ ଅଗଷ୍ଟ ୪ ତାରିଖ । ଡି.ଆଇ ଜଗନ୍ନାଥ ମହାପାତ୍ରଙ୍କୁ ଦେଖାକଲି । ସେ କହିଲେ- ମୁଁ ଆପଣଙ୍କୁ ବାଣପୁର ସର୍କଲରେ ଦେଇଛି । ସେଠାରୁ କେତେକ ଆପତ୍ତି ଅଭିଯୋଗ ଆସିଥିଲା । ତେଣୁ ସେଠାରେ ଯୋଗଦିଅ । ଏହା ଖୁବ୍ ଜରୁରୀ ।

ଦୁର୍ଭାଗ୍ୟକୁ ଡି.ଆଇ. ମହାଶୟ ସେଦିନ ଅବସରନେଲେ ସରକାରୀ ଚାକିରୀରୁ । ତାଙ୍କ ଉଦ୍ଦେଶ୍ୟରେ ବିଦାୟ ଭୋଜି ମଧ୍ୟ କରାଯାଉଥିଲା । ଜିଲାଟାର ସବୁ ସବ୍‌ଇନସ୍‌ପେକ୍ଟର ମଧ୍ୟ ଆସିଥାନ୍ତି । ବାଣପୁର ସବ୍‌ଇନ୍‌ସପେକ୍ଟର ତ୍ରିଲୋଚନ ହୋତା ମଧ୍ୟ ଆସିଥିଲେ । ତାଙ୍କର ବଦଳି କଥା ଶୁଣି ସେ ଭାରି ବ୍ୟସ୍ତ ହୋଇପଡ଼ିଲେ । କେତେବେଳେ ସେ କୁଆଡ଼େ ଗଲେ, ମୁଁ ଦେଖି ପାରିଲିନାହିଁ ।

ମୁଁ ସେତେବେଳେ ପୁରୀ ଆସିଲେ ରାମଚଣ୍ଡୀ ସାହି ଛକ ପାଖରେ ଥିବା କୁଳମଣି ଭବନରେ ରହୁଥିଲି । ସେଠାରେ ମୋର ହିତାକାଂକ୍ଷୀ ପଣ୍ଡିତ ଉଦୟନାଥ ଆଚାର୍ଯ୍ୟ ରହୁଥିଲେ । ମୁଁ ପୁରୀ କଲେଜରେ ପଢୁଥିବା ବେଳେ ବଡ଼ଭାଇ ତାଙ୍କ ସହିତ ପରିଚିତ କରାଇ ଦେଇଥିଲେ । ମୁଁ ମଝିରେ ମଝିରେ ତାଙ୍କ ପାଖକୁ ଆସି ସୁଖଦୁଃଖ ହେଉଥିଲି । ସେ ସେତେବେଳେ ରହୁଥିଲେ ଦୋଳମଣ୍ଡପ ସାହିର ଜହ୍ନିମୁଣ୍ଡିଆ ଛକରେ ଗୋଟିଏ ପୁରୁଣା

ଛୋଟ ଘରଟିରେ । ସେ ମୋତେ ସର୍ବଦା ଉପଦେଶ ଦେଉଥିଲେ, ଆଗେଇବା ପାଇଁ ମନରେ ବଳ ଓ ସାହସ ଦେଉଥିଲେ । ସେ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଥିଲେ । ସେ ପ୍ରାଥମିକ ଶିକ୍ଷକମାନଙ୍କ ଆପତ୍ତି ଓଜର, ସୁବିଧା ଅସୁବିଧା ବୁଝୁଥିଲେ । ନ୍ୟାୟ ବିଚାର ପାଇଁ ସେ ବଡ଼ ବଡ଼ ଅଧିକାରୀଙ୍କ ପାଖକୁ ଯାଇ ଦୃଢ଼ତାର ସହିତ ଅନ୍ୟାୟ ବିଚାର ଓ ଦୁର୍ନୀତିର ବିରୋଧ କରୁଥିଲେ ।

ମୁଁ ପୁରୀ ଜିଲ୍ଲା ପୁଣି ବାଣପୁର ସର୍କଲ ପରି ଟାଣୁଆ ଜାଗାରେ ସବ୍ ଇନ୍‌ସପେକ୍ଟର ନିଯୁକ୍ତି ପାଇଥିବାରୁ ସେ ଭାରି ଖୁସିହେଲେ । ବାଣପୁରରେ ଆଗରୁ ସ୍କୁଲ ସବ୍‌ଇନ୍‌ସପେକ୍ଟର ହୋଇ ରହିଥିବା ପୁରୀ ସହରର ଶ୍ରୀ ଭଗବାନ ମିଶ୍ର କହିଲେ- ବାଣପୁର ଭାରି ଅସୁବିଧା ଜାଗା । ତୁମପରି ନୂଆଲୋକ ସେଠାରେ କିମିତି କାମ କରିବ ? ତୁମେ ପିଲାଲୋକ ହୁସିଆର ହୋଇ ଚଳିବ ।

କିଏ କହିଲେ - ସେଠାରେ ଜଟିଳ ପ୍ରକୃତିର ଲୋକ । କେତେବେଳେ ଚରଣ ତ କେତେବେଳେ ଚୁଟି ଧରିବେ । କଥା ପରା ଅଛି- ବାଣପୁରିଆ ଭାଇ, ବିଶ୍ୱାସ ନାହିଁ ।

ମୁଁ ପରେ ଜାଣିଲି- ଭଗବାନବାବୁ ସର୍କଲ ସ.ଇ. ଥିଲାବେଳେ ବଡ଼ ଅସୁବିଧାରେ ପଡ଼ିଥିଲେ । ପ୍ରାଥମିକ ଶିକ୍ଷକମାନେ ତାଙ୍କୁ ମାଡ଼ମାରିବାକୁ ବାହାରିଥିଲେ । ତେଣୁ ପୋଲିସ ଜଗୁଆଳିରେ ସେଠାରୁ ବିଦାୟ ନେଇଥିଲେ ।

ମୁଁ ଏସବୁକଥା ଶୁଣି ଟିକିଏ ଡରିଗଲି । ମାତ୍ର ଉଦୟନାଥବାବୁ ମୋତେ ସବୁ ବୁଝାଇ କହିଲେ- ବାଣପୁର ଲୋକମାନେ ଭାରି ଭଲ, ଖାଣ୍ଟିଆ ଲୋକେ । ମନଦେଲେ ସବୁ କରିବେ । ମନ ଛାଡ଼ିଗଲେ, ସବୁ ଓଲଟା । ମୋର ବିଶ୍ୱାସ, ତୁମେ ସେମାନଙ୍କ ମନ କିଣି ପାରିବ ।

ମାତ୍ର ଆଗେ ବି.ଇଡ଼ି ପାଠ ପଢ଼ାରେ ସ୍କୁଲ୍ ପରିଦର୍ଶନ ସଂପର୍କରେ କିଛି ନଥିଲା । ସ୍କୁଲ୍‌ରେ କ'ଣ ଦେଖିବୁ, କ'ଣ କରିବୁ ଜଣା ନଥିଲା । ପିଲାଦିନେ ''ସ୍କୁଲ୍‌ବାବୁ'' ଆସି ଶ୍ରେଣୀରେ ଆମକୁ ପାଠ ପଚାରୁଥିଲେ । ତା ଛଡ଼ା ଆଉ କ'ଣ କରିବାକୁ ହେବ ?

ଉଦୟବାବୁ ବାଣପୁରର ଜଣେ ପୋଖତ ଓ ନିରପେକ୍ଷ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରହରି ପଟ୍ଟନାୟକଙ୍କୁ ପତ୍ରଟିଏ ଲେଖି ମୋ ହାତରେ ଦେଲେ । ମୁଁ ରେଲଗାଡ଼ିରେ ବାଲୁଗାଁ, ଆସି, ସେଠାରୁ ବାଣପୁର ଗଲି ।

•••

# ବାଣପୁର ହେଲା ପ୍ରିୟ କର୍ମଭୂମି

ବର୍ଷାଦିନ । ଅଗଷ୍ଟ ପାଞ୍ଚ ତାରିଖ । ୧୯୫୯ ମସିହାର କଥା । ମୁଁ ବାଲୁଗାଁରେ ଷ୍ଟେସନରେ ପହଞ୍ଚି ଗୋଟିଏ ସାଇକେଲ ରିକ୍ସାରେ ବାଣପୁର ଗଲି । ଟ୍ରେନ୍‌ରେ ଆସୁଥିଲା ବେଳେ ଚିଲିକାର ଶୋଭା ଦୂରରୁ ଦିଶୁଥିଲା ପାହାନ୍ତି ପହର ମିଠା ସ୍ୱପ୍ନ ପରି । ତାର ନେଳିଆ ପାଣି ବର୍ଷାଯୋଗୁଁ ଗୋଳିଆ ଦିଶୁଥିଲା । ମାମୁଁ ଭଣଜା ଓ ଦୀପଦଣ୍ଡୀ ପାହାଡ଼, ଚଢ଼େଇହଗା, ଶୋଲରୀ ଓ ଭାଲେରି ପହାଡ଼ସବୁ ଦୂରରୁ ସୁନ୍ଦର ଦିଶୁଥିଲା । ''ଦୂରପହାଡ଼ ସୁନ୍ଦର'' କଥାଟି ଅକ୍ଷରେ ଅକ୍ଷରେ ସତ ।

ରିକ୍ସାରେ ବସି ବାଣପୁର ଯାଉଥିଲାବେଳେ ଆଖି ଆଗରେ ଆଉ ଉଭୟ ପଟରେ ନୀଳ ପାହାଡ଼ର ପାଚିରୀ । ଶାଗୁଆ ଧାନ କିଆରୀ ଲମ୍ବିଯାଇଥାଏ କାହିଁ କେଉଁଆଡ଼େ, ଆଖିପାଏ ନାହିଁ । ସବୁଆଡ଼େ ଶୋଭାର ପସରା ମେଲି ରହିଛି । ଆକାଶରେ କଳାବଉଦର ଭେଳା ପହାଡ଼ର ମଥାନ ଛୁଇଁଛି । ତା ଭିତରେ ନୂଆମେଘ ଲୁଚକାଳି ଖେଳୁଛି । ଅଲାଇଡିହ, ଅନ୍ତରକିଆରୀ, ମଙ୍ଗରାଜପୁର ଆଦି ପାରି ହେଲି । ପହଞ୍ଚିଲି ବିଶରପାଟଣା ମୁଣ୍ଡରେ । ବାଣପୁରର ପ୍ରବେଶ ଦ୍ୱାର । ଶାଳିଆ ନଈ ଝରଝର ହୋଇ ରାସ୍ତାକଡ଼ରେ ବହିଯାଉଛି । ସରୁଆ ନଈ ସିନା, ପାହାଡ଼ିଆ ନଈ ପରି ସୁଅ ଟାଣ । ବର୍ଷା ଛାଡ଼ିଯାଇଛି । ଗେରୁଆ ପାଣି ଦୁଇ କୂଳ ଖାଇ ବହିଯାଉଛି ।

ରିକ୍ସା ପହଞ୍ଚିଲା ମଦନରାମଙ୍କ ଧର୍ମଶାଳା ପାଖେ । ରାସ୍ତା ପାଖ ଗୋଟିଏ କୋଠରୀ । ସଫା ସୁତୁରା । ସେହିଘରେ ରହିଲି । ଆଉ ପାଖରେ ଭିତରକୁ ଲକ୍ଷ୍ମୀନାରାୟଣ ମନ୍ଦିର । ଆଉକେତେ ଦେବଦେବୀ ମଧ୍ୟ ଅଛନ୍ତି । ଗୋଟିଏ ପାଣି ପାତ୍ରରେ ଖଣ୍ଡେ ଦିଖଣ୍ଡ ପଥର ଭାସୁଛି । ସକାଳେ ସଞ୍ଜେ ସେଠାରେ ଆଳତି ଧୂପ ହୁଏ । ଶଙ୍ଖ ବାଜେ, କାହାଳୀ ବାଜେ । ଏହାର ପୂଜାରୀ ରଘୁନାଥ ସୁଆର ଭାଇନା ସବୁ ଯତ୍ନରେ କରନ୍ତି । ଦୁଇବେଳା ଭୋଗ ହେଲା ପରେ ମୋ ପାଇଁ ଆସେ ସରୁ ଅରୁଆ ଭାତ, ମୁଗଡାଲି, ଘିଅମଖା ରୁଟି, କାଙ୍କଡ଼ଆଳୁ ତରକାରୀ ଆଦି । ଗରମ ଗରମ । ଭାରି ସୁଆଦିଆ । ଗୋଟିଏ ମିଲ୍‌ର ଦାମ

୩/୪ ଟଙ୍କା ଭିତରେ ପଡୁଥିଲା । ଏମିତି ଦଶଦିନ କଟିଲା । ସବ୍‌ଇନ୍‌ସପେକ୍ଟରବାବୁ ମୋତେ ଚାର୍ଜ ନ ଦେଇ କୁଆଡ଼େ ରହିଥିଲେ ।

ମୁଁ କି ବସିବା ଲୋକ । ମୁଁ ଗୌରହରି ପଟ୍ଟନାୟକ ହେଡ଼ପଣ୍ଡିତ ଥିବା ବାଣପୁର ବାଳିକା ପ୍ରାଥମିକ ସ୍କୁଲ୍‌କୁ ଗଲି । ସେ ମଧ୍ୟ ଆଗରୁ ଦେଖା କରି ଧର୍ମଶାଳାରେ ମୋ ଠାରୁ ଆଚାର୍ଯ୍ୟଙ୍କ ପତ୍ର ନେଇଥିଲେ । ମୋ ସାଥିରେ ସୁଖଦୁଃଖ ହେଲେ । ପ୍ରାଥମିକ ସ୍କୁଲଟିଏ ଦେଖିଲେ କ'ଣ କ'ଣ ଦେଖିବାକୁ ହୁଏ, ଆମ ଟ୍ରେନିଂଶିକ୍ଷାରେ ଆଗେ ନ ଥିଲା । ଗୌରହରିବାବୁଙ୍କ ଠାରୁ ସବୁ ବୁଝିଲି । ସେ ହେଲେ ପରିଦର୍ଶନରେ ମୋର ପହିଲି ଗୁରୁ ।

ବରଡ଼ି, ସାହସପୁର, ବୋରି ଗାଁ, ମାଟିଆ ପୋଖରୀ ଆଦି ପ୍ରାଥମିକ ବିଦ୍ୟାଳୟକୁ ଗଲି । ୮/୧୦ ବର୍ଷ ହେଲା ସେସବୁ ସ୍କୁଲ କେହି ଦେଖି ନ ଥିଲେ । ଆଜିକାଲି ପରି ରାସ୍ତା ସୁବିଧା ନଥିଲା । କନ୍ଦାଳ ଅଞ୍ଚଳ । ବର୍ଷାଦିନେ ସେଠାରେ କଳାମାଟି ଲହୁଣୀ ପରି ନରମ । ଖରା ବାଜିଗଲେ ପଥର ପରି ଟାଣ । ଟିକେ ଟିକେରେ ଗୋଡ଼ ଖସିଯାଏ । ପାଦ ଚିପି ଚିପି ଚାଲେ । କେଉଁଠି ପାଣି ପଡ଼େ । କେତେ ପାଣି ଜାଣିବା ମୁସ୍କିଲ । ଚିହ୍ନା ମଶାଣି, ଅଚିହ୍ନା ପାଣିକୁ ଭୟ । ସାଥିରେ ଜଣେ ଶିକ୍ଷକ ଥା'ନ୍ତି । ଗାମୁଛାଟିଏ ବି ଥାଏ । ଦରକାର ପଡ଼ିଲେ କାମରେ ଲାଗେ ।

ବିଦ୍ୟାଳୟରେ ହଠାତ୍ ପହଞ୍ଚିଗଲେ, ଶିକ୍ଷକମାନେ ଅବାକ୍ ହୋଇଯା'ନ୍ତି । ସବୁ ତନ୍ନ ତନ୍ନ କରି ଦେଖେ । ଶିକ୍ଷକ, ତାଙ୍କପରେ ଗାଁବାଲା, ସ୍କୁଲ ସେକ୍ରେଟାରୀଙ୍କ ସହିତ କଥାହୁଏ । ଯାହା ଅଭାବ ଅସୁବିଧା ଥାଏ ଦୂର କରିବାକୁ କହେ । ଭଲ କିଛି ଦେଖିଲେ ତାରିଫ ବି କରେ । ସମସ୍ତଙ୍କ ଭିତରେ ଆନନ୍ଦ ଉତ୍ସାହ ଖେଳିଯାଏ ।

ହେଲେ, ଶିକ୍ଷକମାନଙ୍କ ମଧ୍ୟରେ ପ୍ରଥମେ ଚହଲ ପଡ଼ିଥିଲା । ଅଧିକାଂଶ ଶିକ୍ଷକ ବ୍ରାହ୍ମଣ । ସେମାନଙ୍କ ଜ୍ଞାନଗରିମା, ପାଠପଢ଼ା ଭଲ । ସେମାନେ ମୋ ପରି ଅଳ୍ପ ବୟସର ଅନୁଭୂତି ନଥିବା ତରୁଣ ଯୁବକଙ୍କୁ "ସ୍କୁଲ ବାବୁ" ରୂପେ ଦେଖି କାବା ହେଲେ । ସନ୍ଦେହ ହେଲା ଆମ ବାଣପୁର ପରି ଜାଗାରେ ଏ ପାରିବେତ !

ବାଣପୁର ବଜାରରେ କେତେଦିନ ସଞ୍ଜବେଳେ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା ଚାଲିଲା । ଆଗରୁ କେତେଜଣ ସ୍କୁଲବାବୁ ପୋଲିସ୍ ଜଗୁଆଳରେ ବାଣପୁରରୁ ବିଦାୟ ନେଇଥିଲେ । ପୁରୀ ସହରର ଭଗବାନ ମିଶ୍ର ଆଉ ନରହରି ମହାପାତ୍ର ଆଗରୁ ଏଠାରେ

ଥିଲେ । ଶିକ୍ଷକ ସମାଜରେ ଆଦର ଊଣା ହେଲା । କେତେଜଣ ଲାଞ୍ଚ ବହୁତ ଖାଇଲେ ବୋଲି ତଡି ଦିଆଯାଇଥିଲା । କେତେଜଣ ମୋତେ ଏକ କଥା ଶୁଣାଇଲେ- ଶୋଲରି ଶିଖ, ଭାଲେରି ବାଙ୍କ, ସାପୁଆନଈ, ବାଣପୁରିଆ ଭାଇ, ଏମାନଙ୍କୁ ବିଶ୍ୱାସ ନାଇଁ । ମାତ୍ର ମୁଁ ଏକଥାକୁ ବିଶ୍ୱାସ କଲିନାହିଁ । ମନୁଆ ଲୋକ ସେମାନେ । ମନଖୁସି ହେଲେ ଷୋଳପଣ ଆପଣାର କରିଦେବେ, ମନ ଚିଡିଗଲେ ତୁମର ଶତ୍ରୁ ପାଲଟି ଯିବେ ।

ତେବେ ମୋର କାମଦାମ, ସଚୋଟପଣିଆ, ଭଦ୍ରବ୍ୟବହାର ଓ ସ୍ନେହସହାନୁଭୂତି ଅଳ୍ପ କେଇଟା ଦିନରେ ଶିକ୍ଷକମାନଙ୍କ ମନ କିଣିନେଲା । ସେମାନେ ମନ ଲଗାଇ କାମ କଲେ, ଭଲକାମ କରିବାରେ ସହଯୋଗ କଲେ । କେନ୍ଦ୍ର ବୈଠକରେ ସେମାନେ ଏକାଠି ହୋଇ ପାଠପଢା, ରଚନା, ଆଲୋଚନା, ସରକାରଙ୍କ ନୂଆ ନୀତି ନିୟମ ସମ୍ପର୍କରେ ବିଚାର ଆଦି କାମସବୁ ହେଲା । ପ୍ରତିମାସରେ ଏହି ସଭା ହେଲା । ସବୁ ଗାଁରେ ହେଲା । ବୁଲିବୁଲି ଅଲଗା ଅଲଗା ସ୍କୁଲରେ ସଭା ହେଲା । ଗାଁବାଲାଙ୍କ ଉତ୍ସାହ କହିଲେ ନ ସରେ । କେଉଁଠି ଶିକ୍ଷକଙ୍କର ଗାଁବାଲାଙ୍କ ସହିତ ଅଡୁଆ ଥିଲେ ତୁଟାଇ ଦିଆଗଲା । ଚାଷଙ୍ଗରା, କୁମ୍ଭୀରପଡ଼ା, ବିଷ୍ଣୁଡିହ, ଅନ୍ତରକିଆରୀ, ଅଲାଇଡିହ ଆଦି ଗାଁର ଲୋକମାନଙ୍କ ଆଦର ଆଗ୍ରହ ଭୁଲିହୁଏ ନାହିଁ । ପ୍ରାୟ ସବୁଠାରେ ମୁଁ ଉପସ୍ଥିତ ହୁଏ ସବୁକଥା ମୂଳରୁ ଚୂଳଯାଏ ଦେଖେ । ଭୋଜିଭାତ ବି ହୁଏ । ଗାଁର ଗୋଟିଏ ପରବ ପରି । ସବୁରି ଆନନ୍ଦ ଉତ୍ସାହ ସୀମା ଟପିଯାଏ ।

ମୁଁ କେବଳ ସ୍କୁଲରେ ପାଠପଢା, ବାଡିବଗିଚା, ହାତକାମ ଆଦି ଦେଖିବାରେ ସନ୍ତୁଷ୍ଟ ହୁଏ ନାହିଁ । ପିଲାମାନଙ୍କ ନାଁ ଲେଖା ଓ ଉପସ୍ଥାନରେ ଉନ୍ନତି ଦେଖେ । ଶିକ୍ଷକ ଓ ଗାଁଲୋକଙ୍କ ସମ୍ପର୍କ ଭଲ ହୁଏ । ସର୍କଲ ସ୍ତରରେ ବି ଶିକ୍ଷକ ସମ୍ମିଳନୀ ବସେ । ବାହାରୁ ବଡ଼ ବଡ଼ ଲୋକ ଆସି କହନ୍ତି । "ଅରୁଣ" ବୋଲି ଗୋଟିଏ ପତ୍ରିକା ଶିକ୍ଷକମାନଙ୍କ ସାହାଯ୍ୟରେ ୩ ମାସରେ ଥରେ ପ୍ରକାଶିତ ହେଲା । ସବୁ ଦିଗରେ ସେମାନଙ୍କ ଦକ୍ଷତା ବଢିଲା । ସେମାନଙ୍କ ବାକିଦରମା, ଛୁଟି, ବକେୟା ପାଉଣା ଆଦି ମଞ୍ଜୁର କରିଦେଲି । ଆଗଭଳି ସେମାନେ ହଇରାଣ ହେଲେ ନାହିଁ । ମନଖୁସିରେ ସବୁକାମ କଲେ ।

ବାଣପୁର ସାହିତ୍ୟର ପୀଠ । ଗୋଦାବରୀଶ ମିଶ୍ରଙ୍କ ଗୀତିକବିତା, ଗୋଦାବରୀଶ ମହାପାତ୍ରଙ୍କ ଉଦ୍‌ବୋଧନୀ କବିତା, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସରସ ମନଛୁଆଁ କବିତା, ରାଧାଚରଣ ପଣ୍ଡାଙ୍କ ଗବେଷଣା ଆଦି ମୋତେ ଖୁବ୍ ପ୍ରଭାବିତ କଲା । ସେମାନଙ୍କ ସହିତ

ମୋର ସମ୍ପର୍କ ବଢ଼ିଲା । ବିଶେଷ ଭାବରେ ସେଠାରେ "ନିଆଁଖୁଣ୍ଟା" ନାଁରେ ଜଣାଶୁଣା ଗୋଦାବରୀଶ, କବି କୃଷ୍ଣଚନ୍ଦ୍ର ଓ ସମାଜସାହିତ୍ୟସେବୀ ରାଧାଚରଣଙ୍କ ସହିତ ଦେଖା ସାକ୍ଷାତ ଓ ଆଲୋଚନା ଚାଲେ । ଆନନ୍ଦ ଓ ଉତ୍ସାହ ମିଳେ । ଗୋଦାବରୀଶ ତାଙ୍କ "ଟୁଆଁଟୁଇଁ" ପତ୍ରିକା ପାଇଁ ଲେଖା ଆଣନ୍ତି, ତାଙ୍କ ଗାଁ ସ୍କୁଲ, ଶିକ୍ଷକ ଓ ଶିଶୁସାହିତ୍ୟ ଆଲୋଚନା କରନ୍ତି । ରାଧାଚରଣ, କୃଷ୍ଣଚନ୍ଦ୍ର ଆଦି ସଭାସମିତି, କେନ୍ଦ୍ରବୈଠକରେ ଯୋଗ ଦିଅନ୍ତି, ଲେଖାଲେଖି ବିଷୟରେ କଥା ହେଉ, ଦିଆନିଆ କରୁ ।

ବାଣପୁରରେ ମୁଁ ଥିଲାବେଳେ ମୋର ପ୍ରଥମ ବହି "ମୋ ଧୂଳିଘର" ଲେଖାଯାଇଥିଲା । ମାତ୍ର "କିଶୋର ସଂସାର" ଆଗ ପ୍ରକାଶିତ ହୋଇଥିଲା । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏସବୁ ଆଦର ପାଇଥିଲା । "ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା" ଭାରତ ସରକାରଙ୍କ ଠାରୁ ପୁରସ୍କାର ପାଇଥିଲା । ଜାତୀୟକରଣ ହେଲାପରେ ପାଠ୍ୟପୁସ୍ତକରେ ମୋର ଲେଖାଗୁଡ଼ିଏ ବଛାଯାଇ ସ୍ଥାନ ପାଇଥିଲା । ପଇସାପତ୍ର ବି କିଛି ମିଳୁଥିଲା । ବହୁଦିନରୁ ଥିବା ମୋର ଲେଖା "ତୁମପରି ଛୋଟ ପିଲାଟିଏ" କବିତାଟି ତୃତୀୟ ଶ୍ରେଣୀ ବହିରେ ଏବେ ବି ରହିଛି ।

ଥରେ ଡାକ୍ତର ରାଧାଚରଣ ପଣ୍ଡା ଓ ମୁଁ ଉତ୍କଳ ସାହିତ୍ୟ ସମାଜର ପ୍ରତିଯୋଗିତାରେ ଭାଗନେଇ କୃତକାର୍ଯ୍ୟ ହୋଇଥିଲୁ ଏବଂ ଆମେ ସାଥିହୋଇ କଟକ ଯାଇ ସମାଜର ବାର୍ଷିକ ଉତ୍ସବରେ ପୁରସ୍କାର ଗ୍ରହଣ କରିଥିଲୁ । କୁମାରଙ୍ଗର ଜଗନ୍ନାଥ ମହାପାତ୍ର ଗୋଦାବରୀଶ ମିଶ୍ରଙ୍କ ଗୁଣମୁଗ୍ଧ । ସେ ଗୋଦାବରୀଶ ବିଦ୍ୟାପୀଠରେ ପଣ୍ଡିତ ଥିଲେ । ସେ "ବନଫୁଲ" ବୋଲି ସ୍କୁଲ ପତ୍ରିକାଟିଏ ସମ୍ପାଦନା କରୁଥିଲେ । ମୋ ବସାକୁ ଆସି ସେ ଏଇ ପତ୍ରିକା ପାଇଁ ଲେଖା ନେଉଥିଲେ । ଗୋଟିଏ ଲେଖାରେ ସୀମା ଆନ୍ଦୋଳନ ବେଳେ ସିଂହଦ୍ୱାର ଆଗରେ ହୋଇଥିବା ତାଙ୍କ ମନଛୁଆଁ ଭାଷଣ ଶୁଣିବାର ଅନୁଭୂତି ପ୍ରକାଶ କରିଥିଲି । ଆଉଥରେ ଦୁଇଟି କବିତା ମଧ୍ୟ ପ୍ରକାଶିତ ହୋଇଥିଲା । ଆଉ ଥରେ ଦୁଇଟି କବିତା ମଧ୍ୟ ପ୍ରକାଶିତ ହୋଇଥିଲା । ସେଥିରୁ ଗୋଟିଏ କବିତା (ବନଫୁଲ, ୧୯୬୨) କେତୋଟି ପଦ ହେଲା : –

*ବନପୁର ଏଇ ବାଣପୁରର*
*ଘନ ସବୁଜିମା ଚିରି,*
*ବନଫୁଲର ସେ ମଧୁର ମହକ*
*ଦିଗନ୍ତ ଗଲା ଭରି ।*

ଶୋଲରି ଭାଲେରି ଶିହରି ଉଠିଲା
ବନମାଳତୀର ବାସେ,
ଘନବନାନୀର ତରୁଲତା ପୂରି
ଉଠିଲା ତାହରି ରାଶେ ।
XX XX XX XX
ଆସିଥିଲା ସିଏ ଅଜଣା ଅଶୁଣା
ଗଲା ଦିଗ ଚହଟାଇ ।
ବିକଶିଲା ସିଏ କିଶଳୟ କୋଳେ
ଗଲା ବନ ମହକାଇ ।
ମାଟିର ମଣିଷ ମାଟିରେ ଜନମି
ସରଗ ଶିରୀରେ ତୋରା
ବନଫୁଲ ସିଏ, ବନକୋଳେ ଆସି
ମହକେ ମୋହିଲା ଧରା ।

ଆଉ ଜଣେ, ମୁଁ ବାଣପୁର ଧର୍ମଶାଳାରେ ରହିବାଠାରୁ ବିଦାୟ ନେବା ଯାଏ, ଏମିତିକି ତା'ପରେ ମୋର ହିତାକାଂକ୍ଷୀ ଥିଲେ । ସେ ହେଉଛନ୍ତି ବାମନ ଚରଣ ଦାସ । ସେ ବଣପୁର ମି.ଇ. ସ୍କୁଲର ପ୍ରଧାନ ଶିକ୍ଷକ । ହାଇସ୍କୁଲ ଆରମ୍ଭ ବେଳୁ ଗୋଦାବରୀଶ ତାଙ୍କୁ ଶିକ୍ଷକ ଭାବରେ ଆଣିଥିଲେ । ଦେଖିବାକୁ ଗୋଦାବରୀଶଙ୍କ ପରି । ସେ ନୀତି ଓ ଆଦର୍ଶରେ ବି ତାଙ୍କ ପରି, ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର । ବାଣପୁରର ଯେତେ ସଭାସମିତି, ଏମିତିକି ବହୁ କେନ୍ଦ୍ର ବୈଠକରେ ସେ ଯୋଗ ଦିଅନ୍ତି । ଶିକ୍ଷାର ଉନ୍ନତି ପାଇଁ ପରାମର୍ଶ ଦିଅନ୍ତି । ସବୁ ଭଲ ଭଲ କାମରେ ମୋତେ ବଳ ଦିଅନ୍ତି ।

ବାଣପୁରର ନରେନ୍ଦ୍ରପୁର ଗୋଟିଏ ବଡ଼ ଆଗୁଆ ଗାଁ । ସେଠାରେ ରଘୁନାଥ ବଳୀୟାର ସିଂହ ଶିକ୍ଷା ବିଭାଗରେ ହେଡ଼ମାଷ୍ଟର ଓ ଇନସ୍‌ପେକ୍ଟର ହୋଇଥିଲେ । ସେ ଚିହ୍ନା ହୋଇଥିଲେ । ତାଙ୍କଠାରୁ ଅଧିକ ବନ୍ଧୁ ହୋଇଥିଲେ ବଂଶୀଧର ମହାରଥୀ ଓ ରାମଚନ୍ଦ୍ର ମହାରଥୀ । ବଂଶୀଧରବାବୁ ତ ବନ୍ଧୁକ ଧରି ଅରାଙ୍ଗ ମାଳଭିତରେ ସ୍କୁଲ ଦେଖିଲାବେଳେ ମୋ ସାଥିରେ ଯା'ନ୍ତି । ସେ ହରିଣ, ସମ୍ବର ଆଦି ଶିକାର କରୁଥିଲେ । କିନ୍ତୁ ସେ ନିଜେ ଶାକାହାରୀ । ମୋତେ ଭାରି ଭଲ ପାନ୍ତି, ଖାତିର କରନ୍ତି । ଶେଷଯାଏ ସେ ମୋର ବନ୍ଧୁ ଥିଲେ ।

ସବୁଠୁଁ ମୋର ସ୍ମରଣୀୟ ଉପେନ୍ଦ୍ର ମହାରଥୀ । ବଂଶୀବାବୁଙ୍କର ବଡ଼ଭାଇ । ଭାରତର ଜଣେ ନାମଜାଦା କଳାକାର । ତାଙ୍କର ଚିତ୍ର ପୃଥିବୀବିଖ୍ୟାତ । ସେ ବିହାର ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ଥିଲେ । ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଖୁବ୍ ଭଦ୍ର, ଶାନ୍ତ ଓ ସଦାଚାରୀ । ଥରେ ତାଙ୍କ ସହିତ ମୁଁ ଓ ବଂଶୀବାବୁ ବଙ୍କାଡ଼ଗଡ଼କୁ ବୁଲି ଯାଇଥିଲୁ । ଗହଳ ବଣ ଭିତରେ ଭଙ୍ଗା ଗଡଖାଇ, ଘରଦ୍ୱାର, ମନ୍ଦିର, ବାମ୍ପୀ ଆଦି ବୁଲି ଦେଖିଲୁ । କିନ୍ତୁ ଜଙ୍ଗଲର ଶୋଭା, ଟିକିଟିକି ବଣଫୁଲ ଓ କୁଞ୍ଚୁକୁଞ୍ଚିଆ ସରୁ ସବୁଜ ପତ୍ର ଦେଖି ସେ କେତେ ଯେ ମୁଗ୍ଧ ହୁଅନ୍ତି, ଆନନ୍ଦିତ ହୁଅନ୍ତି, ତାହା ଲକ୍ଷ୍ୟ କରିବାର କଥା ।

ଚାଷଙ୍ଗରାର ବିଶ୍ୱନାଥ ପାଇକରାୟ ମୁଁ ୧୯୫୮-୫୯ରେ ବି.ଇଡି. ପଢିଲାବେଳେ ରାଧାନାଥ ଟ୍ରେନିଂ କଲେଜରେ ସେ ଏମ୍.ଇଡ଼ି ପଢୁଥିଲେ । ସେ ମୌଳିକ ସ୍କୁଲମାନଙ୍କରେ ପ୍ରଧାନ ଶିକ୍ଷକ ହୋଇଥିଲେ । ବାଣପୁର ଆସିଲେ ଆମେ ଦୁଃଖସୁଖ ହେଉ । ପାଠଶାଠ କଥା ପକାଉ । ସେ ଅନେକ ବହି ଲେଖିଛନ୍ତି ।

ଶିକ୍ଷକମାନଙ୍କ ମାସିକ କେନ୍ଦ୍ର ବୈଠକ ଥରେ ଥରେ ବାଣପୁରର ଦର୍ଶନୀୟ ସ୍ଥାନ - ଚିଲିକାକୂଳ, ନାରାୟଣୀ ଖୋଲ, ଶୋଲରୀ ଚୂଳ ଆଦିରେ କରାଏ । ପୂଜାରୂଜା, ଭୋଜିଭାତ, ଖେଳାବୁଲା ଭିତରେ ପାଠପଢା ଜଥାସବୁ ପଡେ । ଆମ ବସାକୁ ଶିକ୍ଷକମାନେ କୌଣସି ଜିନିଷ ଆଣିବାକୁ ମନାଥାଏ । ଥରେ ମୁଁ ସ୍କୁଲଦେଖି ୨/୩ଦିନ ପରେ ଫେରିଲା ବେଳକୁ ଶ୍ରୀନିବାସପୁର (ଗୋଦାବରୀଶଙ୍କ ଜନ୍ମସ୍ଥାନ) ଗାଁର ଜଣେ ଦି'ଜଣ ଲୋକ କହିଲେ- ବାବୁ, ଆପଣଙ୍କ ଶ୍ୱଶୁରଘରୁ କେତେ ଭାର ଆସିଥିଲା, ମାଆ କାହିଁକି ଫେରାଇଦେଲେ ।

ମୁଁ ଘରେ ପହଞ୍ଚି ବୁଝିଲି ଗୋଟିଏ ଗାଁର ଲୋକେ ଗୋଟିଏ ପ୍ରାଥମିକ ସ୍କୁଲ ମଞ୍ଜୁରୀ ପାଇଁ ଭାର କରି ଅଙ୍ଗାଏ ସରୁ ଚାଉଳ, ଅଧବସ୍ତାଏ ଭଲ ମୁଗଡାଲି, କାନ୍ଧିଏ ବନ୍ତଳ କଦଳୀ, ଘିଅ, ମାଛ ଆଦି ଧରି ଆସିଥିଲେ । ଘରେ ଆମର ମନା କଲେ । ସେମାନେ କିନ୍ତୁ ମୁଁ କହିଥିଲି ବୋଲି କହି ଭିତରେ କି ଘର ବାରଣ୍ଡାରେ ରଖିବାକୁ ଲାଗାଇଲେ । ମାତ୍ର ମୁଁ ଆସିଲେ ବିରକ୍ତ ହେବି ବୋଲି ସେଥିରେ ସେ ରାଜିହେଲେ ନାହିଁ । ଗାଁ ମଝିରେ ପୁଣି ସେମାନେ ଏସବୁ ଭାର ଫେରାଇ ନେବାରେ ଲଜ୍ଜିତ ହୋଇଥିଲେ ।

ବାଣପୁର ଗାଁଗୁଡିକରେ ଆଗେ ଲୋକମାନଙ୍କର ଭାରି ସହଯୋଗ ଥିଲା । ଆସ୍ତେ ଆସ୍ତେ ସେକଥା କମିଗଲା । ସ୍କୁଲ ଘର ଛପର ହେଲା ନାହିଁ । ବର୍ଷାପାଣି ଚାଳରେ

ଗଳିଲା । ଶିକ୍ଷକ ଓ ପିଲା ବସି ପାରିଲେ ନାହିଁ । ପାଠପଢା ହୋଇପାରିଲା ନାହିଁ । ମୁଁ ଗାଁ ସ୍କୁଲ କମିଟିକୁ ଲେଖିଦେଲି- ଏତିକି ଦିନ ଭିତରେ ସ୍କୁଲଘର ଛପର କରି ମୋତେ ଜଣାଇ ନ ଦେଲେ ଶିକ୍ଷକମାନଙ୍କୁ ଅନ୍ୟ ସ୍କୁଲକୁ ବଦଳି କରିଦେବି । ବଡ ଶିରେଇପୁର, ସାନ ଶିରେଇପୁର ଗାଁବାଲା ଏଇ ନୋଟିସ ପାଇ ଘରଛପର କରିଥିଲେ । ଏମିତି ଆଉ କେତୋଟିରୁ ଶିକ୍ଷକଙ୍କୁ ବଦଳି କଲା ପରେ ଘର ଛପର ହୋଇଥିଲା ।

ପଞ୍ଚାୟତରାଜ ଆସିଲା । ଆଜିର ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ବାପା ପର୍ଶୁରାମ ହରିଚନ୍ଦନ ପଞ୍ଚାୟତ ସମିତିର ସଭାପତି ହୋଇ ଆସିଲେ । ସେ ମଧ୍ୟ ଜଣେ ସାହିତ୍ୟିକ । କେତୋଟି ଭଲ ନାଟକ ସେ ଲେଖିଥିଲେ । ସେ ଖୁବ୍ ଭଦ୍ର ଓ ସଚ୍ଚୋଟ । ତେଣୁ ତାଙ୍କ ସମୟରେ ମୋର କିଛି ଅସୁବିଧା ହୋଇନଥିଲା । ମାତ୍ର ତାଙ୍କ ପରେ ଅନ୍ୟଧରଣର ଲୋକ ଆସିଲେ । ନିୟମ ନ ମାନି ମନଇଚ୍ଛା ବଦଳି ଆଦି କଲେ । ମୁଁ ସେଥିରେ ଆପତ୍ତି କଲି । ଅବଶ୍ୟ ଶ୍ରୀ ଦୟାନିଧି ପଟ୍ଟନାୟକଙ୍କ ପରି ସାଧୁ ଓ କର୍ମଠ ବିଡ଼ିଓ ଆସିଲେ । ତାଙ୍କ ସହିତ ମୋର ସଦଭାବ ବଢିଲା । ମିଳିମିଶି ସ୍କୁଲମାନଙ୍କର ଉନ୍ନତି କଲୁ । ସାଙ୍ଗହୋଇ ସ୍କୁଲ ଦେଖିଲୁ ତ ସଭାସମିତି କଲୁ । ମୋର ପରିଦର୍ଶନ ମନ୍ତବ୍ୟକୁ ସେ ୨/୩ ଥର ପଢନ୍ତି, ଭଲ ଲାଗେ ବୋଲି କହନ୍ତି । ତେବେ ଗାଁ ରାଜନୀତି ଭିତରେ ମୋତେ କାମକରିବାକୁ ଭଲ ଲାଗିଲା ନାହିଁ । ମୁଁ ଇନସ୍‌ପେକ୍ଟରଙ୍କୁ କହିବୋଲି ରଣପୁର ହାଇସ୍କୁଲକୁ ସହକାରୀ ଶିକ୍ଷକ ହୋଇ ଆସିଲି । ସେତେବେଳକୁ ମୋର ବିଭାଘର ସରିଥିଲା । ଏକ ପୁଅ ଓ ଏକ ଝିଅ ଜନ୍ମ ହୋଇଥିଲେ ।

ଚେଷ୍ଟା କଲି ଗୋଟିଏ ହାଇସ୍କୁଲ୍‌କୁ ଯିବାପାଇଁ । ରଣପୁର ହାଇସ୍କୁଲ୍‌କୁ ହେଲା । ୧୯୬୪ ମସିହାର ବର୍ଷାଦିନ । ତା ଭିତରେ ମୋର ଅଫିସ ଦାୟିତ୍ୱ ବୁଝାଇଦେଲି । ଶିକ୍ଷକ ଶିକ୍ଷିକାମାନେ ଏମିତିକି ଗାଁଗହଳିର ଲୋକେ ମୋତେ ବିଦାୟ ଦେବାକୁ ସଭା କଲେ । ସେମାନଙ୍କର ସ୍ନେହ ଓ ସମ୍ମାନ ଜଣାଇଲେ । କେତେଜଣ ତ ଶ୍ରଦ୍ଧାରେ ଉପହାରମାନ ଦେଲେ । କେତେଜଣ ଶିକ୍ଷକ ଭଲ ବିଦାୟ ସଙ୍ଗୀତ ଲେଖି ସମସ୍ତଙ୍କୁ ଶୁଣାଇଲେ । ଟ୍ରକ୍‌ଟିଏ ଭଡାକରି ମୋର ସବୁ ଜିନିଷପତ୍ର ଲଦି ରଣପୁରକୁ ଗଲି । ଶିକ୍ଷକ କେତେଜଣ ମଧ୍ୟ ମୋ ସାଥିରେ ଯାଇଥିଲେ । କେତେଜଣ ମୋତେ ମନେ ପକାଇଦେଲେ- ଆଗରୁ ସ୍କୁଲବାବୁମାନେ ବାଣପୁରରୁ, ପୋଲିସ ଜଗୁଆଳିରେ ବିଦାୟନେଉଥିଲେ । ଏଥର ଆପଣଙ୍କୁ ଆମେ ଲୁହ ଢାଳି ମେଲାଣି ଦେଉଛୁ ।

●●●

# ବାଣପୁରରୁ ରଣପୁର ଓ ଭୁବନେଶ୍ୱର

ମୁଁ ବାଣପୁର ସର୍କଲରୁ ରଣପୁର ହାଇସ୍କୁଲକୁ ଗଲି । ବର୍ଷାଦିନ ସରି ଆସିଥାଏ । ଶରତ ଋତୁଟି ସେଠାରେ ଖୁବ୍ ସୁଖଶାନ୍ତିରେ କଟାଇଲି । ସ୍କୁଲଟିର ପ୍ରଧାନ ଶିକ୍ଷକ ଥିଲେ ନରସିଂହ ଦାସ । ଭାରି ପାଠୁଆ ଓ ମଉଜିଆ ଲୋକ । ପାଟଣା ବିଶ୍ୱବିଦ୍ୟାଳୟରେ ବିହାର-ଓଡ଼ିଶା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବି.ଏ, ପରୀକ୍ଷାରେ ସେ ପ୍ରଥମ ହୋଇଥିଲେ । ଏଥିପାଇଁ ତାଙ୍କୁ ସୁନା ପଦକ ମିଳିଥିଲା । ସେ ଶିକ୍ଷା ବିଭାଗରେ ବହୁ ଅଧିକାରୀଙ୍କ ଈର୍ଷା ଓ ରାଗର ଶିକାର ହୋଇଥିଲେ । ବହୁ ପ୍ରକାର ହଇରାଣ ହୋଇଥିଲେ । ତେଣୁ ସେ କହନ୍ତି- 'ସବୁ କର, ଶିକ୍ଷକ ହୁଅନାହିଁ ।'' ମୁଁ ଅବଶ୍ୟ ଏହି କଥାକୁ ଠିକ୍ ଭାବୁ ନ ଥିଲି । ଶିକ୍ଷକ ହେବାକୁ ଗୌରବର କଥା, ଆନନ୍ଦର କଥା ମନେ କରୁଥିଲି ।

ସବୁଠୁଁ ଭଲ ଲାଗୁଥିଲା ବିଦ୍ୟାଳୟଟିର ଶାନ୍ତ ସବୁଜ ପରିବେଶ । ଏହା ମଣିନାଗ ପାହାଡ଼ର ପାଦ ଦେଶରେ ଅବସ୍ଥିତ । ବିଭିନ୍ନ ଜାତିର ଗଛଲତା ଭରା ତୋଟାଟିଏ । ତା ଭିତରେ ବିଦ୍ୟାଳୟଟି । ରାଜାଙ୍କ ସମୟର ପୁରୁଣା ଅନୁଷ୍ଠାନଟିଏ । ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁବ୍ ସଦ୍‌ଭାବ । ଛାତ୍ରଛାତ୍ରୀମାନେ ମଧ୍ୟ ଶାନ୍ତଶିଷ୍ଟ । ଅଳ୍ପ କେତୋଟି ଦିନରେ ପିଲାମାନଙ୍କ ମଧ୍ୟରେ ମୋର ଆଦର ଶ୍ରଦ୍ଧା ବଢ଼ିଯାଇଥିଲା । ଘରକୁ ଆସି କେତୋଟି ଭଲ ପିଲା ମୋ ଠାରୁ ବୁଝାବୁଝି କରନ୍ତି । ଏବେ ସେମାନଙ୍କ ମଧ୍ୟରୁ ଅଧ୍ୟାପକ, ଡାକ୍ତର ହୋଇଛନ୍ତି ।

ସବୁଠୁ ମଜା ଲାଗେ ମଣିନାଗ ପାହାଡ଼ର ଦୃଶ୍ୟ । ମଣିନାଗ ପୂଜା ପାଉଛନ୍ତି ପାହାଡ଼ର ଏକ ମନ୍ଦିରରେ । ସେଇ ପାହାଡ଼ ଉପରେ ଠିଆ ହୋଇ ଅନେକେ ଚିଲିକାର ଦୃଶ୍ୟ ଦେଖନ୍ତି । ସେଠାରେ ଜଗନ୍ନାଥଙ୍କ ମନ୍ଦିରରେ ପାଳିତ ପୂଜାରଜା, ପର୍ବପର୍ବାଣି ସବୁ ଭାରି ଭଲ ଲାଗେ । ମୁଁ ଯେଉଁ ଘର (ରାଜାଙ୍କ ସାନଭାଇଙ୍କର) ଭଡ଼ା ନେଇ ରହୁଥିଲି, ତାହା ଦୋମହଲା ପୁରୁଣା ପକ୍କାଘରଟିଏ । ବହୁ ଫୁଲଫଳ ଗଛର ବଗିଚା ମଧ୍ୟରେ ଏଇ ଘରଟି ଭାରି ପସନ୍ଦର । ସେଠାର ପନିପରିବା, ଫୁଲଫଳ ଭୁଲିହୁଏ ନାହିଁ ।

ହଠାତ୍ ୧୯୬୪ ମସିହା, ନଭେମ୍ବର ମାସରେ ଗୋଟିଏ ସରକାରୀ ଆଦେଶ ପାଇଲି । ଭୁବନେଶ୍ୱରରେ ନୂଆ ହୋଇ ଗଢାହୋଇଥିବା ରାଜ୍ୟଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟାପକ ଭାବରେ ମୋର ନିଯୁକ୍ତି । ମୁଁ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ କହିଲା ମାତ୍ରେ ସେ ପ୍ରଥମେ ସିନା ଦୁଃଖ ପ୍ରକାଶ କଲେ, ମାତ୍ର ପରେ ପରେ କହିଲେ "ଭଲ ହେଲା । ଆପଣଙ୍କ ପରି ଯୁବକ ସେଠାକୁ ଗଲେ ବହୁ ଉନ୍ନତି କରିପାରିବେ । ଉପର ମହଲକୁ ଯାଉଛନ୍ତି, ଆନନ୍ଦର କଥା ।" ଛାତ୍ର ଓ ଶିକ୍ଷକ ସମାଜ ତରଫରୁ ମୋତେ ବିଦାୟ ଦିଆଯାଇଥିଲା ।

୧୯୬୪ ନଭେମ୍ବର ୧୦ ତାରିଖ । ମୁଁ ରଣପୁର ହାଇସ୍କୁଲରୁ ବିଦାୟ ନେଇ ଭୁବନେଶ୍ୱର ଗଲି । ସେତେବେଳେ ରାଜ୍ୟଶିକ୍ଷା ପ୍ରତିଷ୍ଠାନ (ଆଜିର ଏସ୍.ସି.ଇ.ଆର୍.ଟି) ଶ୍ରୀୟା ଛକ ପାଖରେ ଥିବା ଲେବର କମିଶନ୍ ଅଫିସ ଘରେ ଚାଲିଥିଲା । ମୁଁ ସେଠାରେ ପହଞ୍ଚି ପ୍ରଥମେ ଗୌରବାବୁ (ଗୌରୀଶଙ୍କର ମିଶ୍ର) ଙ୍କୁ ଦେଖାକଲି । ସେ ଆଗେ ରାଧାନାଥ ଟ୍ରେନିଂ କଲେଜରେ ବଡ଼ବାବୁ ଥିଲେ । ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ନାଥ କେଉଁଠି ଅଛନ୍ତି ପଚାରିଲି । ସେ କହିଲେ- "ସାର୍, ବାହାରେ ବୁଲୁଛନ୍ତି ।"

ମୁଁ ଆଗରୁ ସାରଙ୍କୁ ଦେଖି ନ ଥିଲି । ମାତ୍ର ତାଙ୍କ ବିଷୟରେ ବହୁକଥା ଶୁଣିଥିଲି । ଜଣେ ବିଲାତ ଫେରନ୍ତା ବାବୁ ରୂପରେ ତାଙ୍କୁ ମୁଁ କଳ୍ପନା କରିଥିଲି ।

ତେଣୁ ମୁଁ ପ୍ରଫେସର ନାଥଙ୍କୁ ବାହାରେ ଦେଖାକଲି । ସେ ମୋତେ ପଚାରିଲେ- କାହାକୁ ଖୋଜୁଛନ୍ତି ?

ମୁଁ ସନ୍ଦେହରେ ପଡିଲା ପରି ହୋଇ କହିଲି- ରାଜ୍ୟଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ମହାଶୟଙ୍କୁ ଦେଖା କରିବାକୁ ଚାହୁଁଛି ।

"କ'ଣ କାମ ଥିଲା" ? ସେ ପଚାରିଲେ ।

"ମୁଁ ପ୍ରତିଷ୍ଠାନରେ ଯୋଗ ଦେବାକୁ ଆସିଛି" ସାରଙ୍କୁ କହିଲି ।

"କ'ଣ ଅଧ୍ୟାପକ ଭାବରେ ?" ସେ ପଚାରିଲେ ।

"ହଁ" ମୁଁ ଉତ୍ତର ଦେଲି ।

ନାଥ ସାହେବ ମୋତେ ତଳୁ ଉପର ଯାଏ ଚାହିଁଲେ । କହିଲେ- ଆମର ଏଠାରେ ଇନସ୍‌ପେକ୍ଟର, ହାଇସ୍କୁଲ, ସିଟି ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଲିମ ପାଇବେ । ତେଣୁ ଅଭିଜ୍ଞ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଏଠାକୁ ପଠାଇବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲି । ସରକାର ଶୁଣିଲେ ନାହିଁ ।

ମୁଁ କ'ଣ କରିବି ଭୟକଲି ଓ ପଚାରିଲି । ସାର୍ କହିଲେ- ଆସିଲେଣିତ, ଯାନ୍ତୁ ଗୌରୀବାବୁଙ୍କୁ ପଚାରି ଯୋଗଦାନ ପତ୍ର ଦିଅନ୍ତୁ ।

ମୁଁ ସେତେବେଳେ ୨୫/୨୬ ବର୍ଷର ଯୁବକ । ତେଣୁ ବହୁଦିନ କାର୍ଯ୍ୟ କରିଥିବା ଶିକ୍ଷାଧିକାରୀମାନଙ୍କୁ ତାଲିମ ଦେବା ପାଇଁ ବୟସ୍କ ଅଧ୍ୟାପକ ଦରକାର । କିନ୍ତୁ ସରକାର ପ୍ରତିଷ୍ଠାନର ଆବଶ୍ୟକତା ଠିକ୍ ଭାବରେ ନ ବୁଝି ନୂଆ ଅଧ୍ୟାପକ ଦେଇଛନ୍ତି ।

ସେତେବେଳେ ପ୍ରଫେସର ନାଥଙ୍କ ସହିତ ପ୍ରଫେସର ପ୍ରାଣବନ୍ଧୁ କର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିଲେ । ମୁଁ ତେଣୁ ଅଧ୍ୟାପକ ଭାବରେ ତୃତୀୟ ଜଣ ଥିଲି । କିଛି ସମୟ ପରେ ପ୍ରାଣବନ୍ଧୁ ବାବୁ ଗୋଟିଏ ପ୍ୟାକେଟ୍ ଧରି ବସ୍‌ରୁ ଓହ୍ଲାଇଲେ । ସେଇ ପ୍ୟାକେଟ୍‌ରେ ଗୋଟିଏ ପତ୍ରିକାର ପ୍ରଥମ ସଂଖ୍ୟା ସାଇକ୍ଲୋଷ୍ଟାଇଲଡ୍‌ହୋଇ ରହିଥିଲା । କେତୋଟି ଟାଇପ୍ ଭୁଲ୍ ରହିଯାଇଥିଲା । ସାର୍ ତାଙ୍କ ଅସନ୍ତୋଷ ପ୍ରକାଶ କଲେ । ମାତ୍ର ମୁଁ କହିଲି- ଯେଉଁସବୁ ଭୁଲ ହୋଇଯାଇଛି, ସେସବୁ ଆଗ ସଂଶୋଧନ କରିଦେଉଛି । ଅଧ୍ୟକ୍ଷ ମହାଶୟ କହିଲେ- ହଉ, ଆଗ କରିଦେଲେ ସେହି ଇଂରାଜୀ ପତ୍ରିକାଟି ବଣ୍ଟାଯିବ । ସେଇଯା ହେଲା, ସ୍ୱର୍ଗୀୟ ହରିହର ମିଶ୍ର ପ୍ରତିଷ୍ଠାନର ଜଣେ ସହଯୋଗୀ ଓ କାର୍ଯ୍ୟନିର୍ବାହୀ ଉପଦେଷ୍ଟା ସମିତିର ସଭ୍ୟ ଥିଲେ । ପ୍ରଥମ ଲେଖାଟି ଥିଲା ହରିହର ବାବୁଙ୍କର । ସଂଶୋଧନ କଲାପରେ ପ୍ରଥମେ ତାଙ୍କୁ ଦିଆଯାଇ ପତ୍ରିକାଟି ଅନ୍ୟମାନଙ୍କୁ ବଣ୍ଟାଯାଇଥିଲା ।

ପରେ ପରେ ବନ୍ଧୁ ଯଦୁନାଥ ପାଢୀ, ରେଣୁକା ଦେବୀ ଓ ବୃନ୍ଦାବନଚନ୍ଦ୍ର ପତି ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ପରେ ପତିବାବୁଙ୍କ ସ୍ଥାନରେ କାଳିକୁମାର ଦାସ ନିଯୁକ୍ତ ହୋଇଥିଲେ ।

ଆମେ ଏକାଠି ବସି ଅଲୋଚନା କରି ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସ୍ଥିର କରୁଥିଲୁ । ତାପରେ ସମସ୍ତେ ସେସବୁ ସଂଗଠନ କରିବାରେ ଭାଗ ନେଉଥିଲେ । ପ୍ରଥମେ ପ୍ରାଥମିକ

ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ଦେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ, ପରିଦର୍ଶକମାନଙ୍କୁ ନାନା ପ୍ରକାର ତାଲିମ ଦିଆଯାଉଥିଲା । ''ଶିକ୍ଷାଲୋକ'' ବୋଲି ଏକ ପତ୍ରିକା ମଧ୍ୟ ପ୍ରକାଶିତ ହେଲା । ପ୍ରଥମ ସଂଖ୍ୟାରେ ଅଧ୍ୟକ୍ଷ ମହାଶୟ ଲେଖିଥିଲେ- ''ଦୀପରୁ ଦୀପ ଜଳେ । ଶିକ୍ଷାରୁ ଶିକ୍ଷା ବଢେ । ଜ୍ଞାନ ବିତରଣ କରନ୍ତି ଜ୍ଞାନୀ । କିନ୍ତୁ ତାଙ୍କ ଜ୍ଞାନର କ୍ଷୟ ହୁଏ ନାହିଁ; ବରଂ ଜ୍ଞାନ ବଢେ ।''

ତାପରେ ଗବେଷଣା କାର୍ଯ୍ୟ ହେଲା । ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ''ସମସ୍ୟା-ସମାଧାନମୂଳକ ନିବନ୍ଧ ଲିଖନ ଯୋଜନା'' କାର୍ଯ୍ୟକାରୀ ହେଲା । ଭଲ ଲେଖାଗୁଡ଼ିକ, ଯାହା ଗୋଟିଏ ଗୋଟିଏ ସମସ୍ୟାର ସମାଧାନରେ ସାହାଯ୍ୟ କରିପାରିବ, ପୁରସ୍କାର ଦିଆଗଲା । ରାଜ୍ୟସାରା ଏଥିପାଇଁ ଗୋଟିଏ ପ୍ରତିଯୋଗିତା ପ୍ରତିବର୍ଷ କରାଯାଇ ପୁରସ୍କାର ଓ ପ୍ରଶଂସାପତ୍ର ଦିଆଗଲା କ୍ରମେ ଏହା ଭାରି ଲୋକପ୍ରିୟ ହୋଇଥିଲା । ପ୍ରାଥମିକ ଶିକ୍ଷା ଓ ଶିକ୍ଷକମାନଙ୍କ ଉପକାର ପାଇଁ ''ଶିକ୍ଷାଲୋକ'' ପତ୍ରିକାଟିକୁ ସୁନ୍ଦର ଓ ସରସ କରାଗଲା ।

ସେହିପରି ଶିଶୁମାନଙ୍କ ପାଇଁ ''ବିଜ୍ଞାନଗଳ୍ପ'' ଓ ''ପିଲାଙ୍କ ଏକାଙ୍କିକା'' ନାମରେ ଦୁଇଟି ବହି ରାଜ୍ୟଶିକ୍ଷା ପ୍ରତିଷ୍ଠାନ ତରଫରୁ ପ୍ରକାଶିତ ହୋଇଥିଲା । ସେତେବେଳେ ପିଲାମାନଙ୍କ ପାଇଁ ବିଜ୍ଞାନରେ ବେଶି ଲେଖାଯାଉନଥିଲା । ସେହିପରି ଶିଶୁମାନଙ୍କ ପାଇଁ ଏକାଙ୍କିକାର ଏକାନ୍ତ ଅଭାବ ଥିଲା । ତେଣୁ ଏହି ଦୁଇଟି ଦିଗରେ ବହି ପ୍ରକାଶ କରିବାରେ ପ୍ରତିଷ୍ଠାନ ଆଗୁଆ ହୋଇ ବାହାରିଥିଲା ।

ରାଜ୍ୟଶିକ୍ଷା ପ୍ରତିଷ୍ଠାନ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ବହୁକାର୍ଯ୍ୟ କରି ସାରା ରାଜ୍ୟରେ ଚହଲ ପକାଇଥିଲା ହେଲେ, ସରକାରଙ୍କର ବିଶେଷ ଆଦର ପାଇ ନ ଥିଲା ଏହି ଅନୁଷ୍ଠାନଟି । ପ୍ରତିବର୍ଷ ଆମେ ଖର୍ଚ୍ଚ ଓ ଆମ ମାସିକ ଦରମା ପାଇବାରେ ଭାରି ହଇରାଣ ହେଉଥିଲୁ । ''ଢୋକେ ପିଇ, ଦଣ୍ଡେ ଜୀଇଁ'' ନିୟମରେ ଆମେ ଚାଲିଥିଲୁ । ମାତ୍ର ବନମାଳୀ ପଟ୍ଟନାୟକ ଶିକ୍ଷାମନ୍ତ୍ରୀ ହେଲାବେଳେ ଆମ ଅବସ୍ଥାରେ ପରିବର୍ତ୍ତନ ହେଲା । ଆମ ପ୍ରତିଷ୍ଠାନ ପାଇଁ ସରକାରୀ ସାହାଯ୍ୟ ମିଳିବାରେ ଅଧିକ ଅସୁବିଧା ହେଲା ନାହିଁ ।

ମୁଁ ଅଧ୍ୟାପକ ହେଲାବେଳୁ ପ୍ରାଥମିକ ଶିକ୍ଷାରେ ଗୋଟିଏ ଗୋଟିଏ ଗବେଷଣା କଲି । ମାତ୍ର ପି. ଏଇଚ୍‌ଡି ଡିଗ୍ରୀ ପାଇଁ ଗୋଟିଏ ବଡ଼ ଗବେଷଣା କରିବାକୁ ଚାହିଁଲେ ସୁଦ୍ଧା ଆମ ବିଶ୍ୱବିଦ୍ୟାଳୟ ଅନୁମତି ଦେଲେ ନାହିଁ । କାରଣ ମୁଁ ଏମ୍. ଇଡ଼ି ବା ଶିକ୍ଷାରେ ଏମ୍. ଏ. ପାସ୍ କରିନଥିଲି । ସେତେବେଳେ ଆମ ରାଜ୍ୟରେ ଏଥିପାଇଁ ବିଶେଷ ସୁବିଧା ନଥିବାରୁ, ଯେ କୌଣସି ବିଷୟରେ ଏମ୍.ଏ. ପାସ କରି ବି.ଇଡ଼ି ଭଲ ଭାବରେ ପାସ୍ କରୁଥିଲେ ଶିକ୍ଷା ଅଧ୍ୟାପକ ଚାକିରି ପାଇଁ ବିଚାର ହେଉଥିଲା । ଜଣେ ଏମିତି ଶିକ୍ଷା ଅଧ୍ୟାପକ ହୋଇପାରିଲେ ତାଙ୍କ ପାଖରେ ଅନ୍ୟମାନେ ପି. ଏଇଚ୍‌ଡି ଡିଗ୍ରୀ ପାଇଁ ଗବେଷଣା କରୁଥିଲେ, ମାତ୍ର ସେ ନିଜେ ଏହା କରିପାରୁ ନ ଥିଲେ । ତେଣୁ ମୁଁ ଏଥିପାଇଁ ଅନ୍ୟ ବିଶ୍ୱବିଦ୍ୟାଳୟରୁ ଉଦାହରଣ ଦେଇ ଯେତେ ଲେଖିଲେ ବି ଆମ ବିଶ୍ୱବିଦ୍ୟାଳୟ ଶୁଣିଲେ ନାହିଁ କି ମୁଁ ପି. ଏଇଚ୍‌ଡି କରିପାରିଲି ନାହିଁ । ପରେ ମୋତେ ଛୁଟି ନେଇ ଏମ୍.ଇଡ଼ି ପଢ଼ିଲି ଆଉ ପି.ଏଇଚଡ଼ି କଲି ।

# ଡି.ପି.ଆଇ ଅଫିସ, ରାଜ୍ୟଶିକ୍ଷା ପ୍ରତିଷ୍ଠାନ ଓ ମୋର ଟ୍ରେନିଂ କଲେଜ

ରାଜ୍ୟ ଶିକ୍ଷା ପ୍ରତିଷ୍ଠାନରେ ମୋର ପାଞ୍ଚୋଟି ବର୍ଷ ଏମିତି କଟିଗଲା । ୧୯୬୮-୬୯ ଶିକ୍ଷାବର୍ଷ ଆମ ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟରେ ଏମ୍. ଇଡି ଖୋଲିଲା । ତାର ଅଧକ୍ଷ ଥାନ୍ତି ମୋର ଶିକ୍ଷକ ଡକ୍ଟର ରାଧାଚରଣ ଦାସ ଏବଂ ଶିକ୍ଷା ବିଭାଗର ମୁଖ୍ୟଥିଲେ ଡକ୍ଟର ଗୋଷ୍ଠବିହାରୀ କାନୁନ୍‌ଗୋ । ମୁଁ ତେଣୁ ଯାହା ଅସୁବିଧା ହେଉପଛେ ଏମ୍.ଇଡ଼ିରେ ନାମ ଲେଖାଇ ଦେଲି । ମାତ୍ର ଆଜିକାଲି ପରି ସେତେବେଳେ ସହଜରେ ପଢିବା ପାଇଁ ଛୁଟି ମିଳୁନଥିଲା । ତେଣୁ ବହୁ କଷ୍ଟରେ ପୂରା ଦରମାରେ ୬ ମାସ ଓ ଅଧା ଦରମାରେ ୪ ମାସ ଛୁଟି ମଞ୍ଜୁର ହେଲା ।

ଏମ୍. ଇଡ଼ି. ମଧ ନୂଆ ହୋଇ ଖୋଲିଥିବାରୁ ବିଶେଷ ସୁବିଧା କିଛି ମିଳୁନଥିଲା । ଅଧକ୍ଷ ଓ ଅଧ୍ୟାପକମାନେ ନିଜ ଚେଷ୍ଟାରେ ନିଜ ସମୟ ଦେଇ ପଢାପଢି କରାନ୍ତି । ଆମେ ଦଶଜଣ ନିଜ ନିଜ ଚାକିରିରୁ ଛୁଟିନେଇ ପଢିଲୁ । ତେବେ ଦୁଇଜଣ ପିଲା ଥିଲେ ପଶ୍ଚିମବଙ୍ଗରୁ ଓ ଓଡ଼ିଶାରୁ ଥିଲେ ବାକି ଆଠଜଣ । ଆମ ଭିତରେ ଭଲ ସ୍ନେହସହଯୋଗ ରହିଥିଲା । ମୁଁ ସମସ୍ତଙ୍କ ଭିତରେ ବୟସ୍କ ନ ହୋଇଥିଲେ ବି ଚାକିରି ଦୃଷ୍ଟିରୁ ଅଧିକରେ ଥିଲି । ତେଣୁ ମୋ ପ୍ରତି ସମସ୍ତଙ୍କର ଖାତିର ଥିଲା । ଭଲମନ୍ଦ, ସଭାସମିତିରେ ମୋର ଟିକିଏ ଚାହିଦା ବଢିଯାଏ ।

ତେବେ ଯାହାହେଉ ଦଶମାସର ପାଠପଢା ସରିଗଲା । ଏଇ ସମୟ ଭିତରେ ମୁଁ ଶିଶୁମାନଙ୍କର ବିକାଶ ଓ ଦକ୍ଷତା ଉପରେ ଗୋଟିଏ ଇଂରେଜୀ ପ୍ରବନ୍ଧ ଲେଖି, ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ହୋଇ ଗୋଟିଏ "ପଦ୍ମଶ୍ରୀ" ସ୍ୱର୍ଣ୍ଣପଦକ, ସାର୍ଟିଫିକେଟ ଆଦି ପାଇଥିଲି ।

ଏବେ ମୁଁ ଛୁଟି ପରେ କେଉଁଠି ଯୋଗଦେବି ପ୍ରଶ୍ନ ଉଠିଲା । ସମ୍ଭବତଃ ରାଜ୍ୟଶିକ୍ଷା ପ୍ରତିଷ୍ଠାନରେ ଆଉ ଜାଗା ନ ଥିଲା । ରାଧାନାଥ ଟ୍ରେନିଂ କଲେଜର ଅଧ୍ୟକ୍ଷ ମହୋଦୟ ବୈଦ୍ୟନାଥ ରଥ ବିଦ୍ୟାଳୟ ବିଭାଗର ନିର୍ଦ୍ଦେଶକ ଓ ପ୍ରଫେସର ବିଧୁଭୂଷଣ ଦାସ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିଲେ । ସେତେବେଳେ ବଦଳି ବା ନିଯୁକ୍ତି କ୍ଷେତ୍ରରେ ଉଭୟ ନିର୍ଦ୍ଦେଶକ କଥାବାର୍ତ୍ତା କରି ଠିକ୍ କରୁଥିଲେ ।

ମୁଁ ଉଭୟଙ୍କୁ ଦେଖା କଲି । ମୋ ଛୁଟି ସରିଲା ଏବଂ କେଉଁଠି ଯୋଗଦେବି, ତାର ବ୍ୟବସ୍ଥା କରିବାକୁ ଜଣାଇଲି । ସେତେବେଳେ ଡି.ପି.ଆଇ ଅଫିସରେ ଜଣେ ପ୍ରଚାର ଅଧିକାରୀ ରହୁଥିଲେ । ଶିକ୍ଷାର ଅଗ୍ରଗତି ଉପରେ ରିପୋର୍ଟ କରିବା ଓ ଶିକ୍ଷା ପତ୍ରିକା "ଓଡିଶା ଏଜୁକେସନ୍ ମାଗାଜିନ୍" ସମ୍ପାଦନା କରିବା ଓ ଜନସାଧାରଣଙ୍କ ଆପତ୍ତି ଉତ୍ତର ବୁଝିବା ଥିଲା ତାଙ୍କର କାମ । ସେହି ପଦଟି ଖାଲି ପଡ଼ିଥିଲା । ବିଧୁବାବୁ ସେଠାରେ ମୋତେ ଦେବାକୁ ଚାହିଁଥିଲେ । ମାତ୍ର ବୈଦ୍ୟନାଥବାବୁ କହିଲେ- ଜଗନ୍ନାଥ, ଏବେ କେତୋଟି ଡି.ଆଇ. ପୋଷ୍ଟ ଖାଲି ପଡ଼ିଛି । ତୁମେ କହିଲେ, ମୁଁ ଗୋଟିକରେ ଦେବି ।

ମାତ୍ର ମୁଁ ସାର୍‌ଙ୍କୁ ମନା କଲି । ଯେଉଁ ଗବେଷଣା ପାଇଁ ଛୁଟି ନେଇ ଏମ୍.ଇଡ଼ି ପଢିଲି, ତାକୁ ଡ଼ି.ଆଇ ଚାକିରିରେ କରିପାରିବି ନାହିଁ । ସାର୍ ମଧ୍ୟ ବୁଝିଲେ । ତେଣୁ ଉଭୟ ବିଧୁବାବୁ ଓ ସାର୍ ଆଲୋଚନା କରି ମୋତେ "ପ୍ରଚାର ଅଧିକାରୀ" ପଦରେ ନିଯୁକ୍ତି ଦେଲେ । ମୁଁ ସେଥିରେ ଯୋଗ ଦେଇ ଶିକ୍ଷା ପତ୍ରିକାଟିକୁ ନିୟମିତ ଭାବରେ ପ୍ରକାଶ କରିବା ଓ ଅଗ୍ରଗତି ରିପୋର୍ଟ ବାହାର କରିବା ପାଇଁ ସବୁପ୍ରକାର କାର୍ଯ୍ୟ ଆରମ୍ଭ କରି ଦେଲି । ମାତ୍ର ଏଥିପାଇଁ ବେଶି ବେଳ ମିଳିଲା ନାହିଁ ।

**ପୁଣି ରାଜ୍ୟ ଶିକ୍ଷା ପ୍ରତିଷ୍ଠାନକୁ ଆସିଲି**

ଅଳ୍ପ କେତୋଟି ମାସରେ ହଠାତ୍ ଅବସ୍ଥା ବଦଳି ଗଲା । ଆଗେ ଡି.ପି.ଆଇ. ଅଫିସରେ କୌଣସି ଅଲଗା ପ୍ରଶାସନ ଅଧିକାରୀ ନ ଥିଲେ । ତେଣୁ ଶାସନକୁ ଶୃଙ୍ଖଳିତ କରିବାକୁ ବିଧୁବାବୁ ଜଣେ ପ୍ରଶାସକ ପଦ ସୃଷ୍ଟି କରି ଓଡିଶା ପ୍ରଶାସନିକ ସେବାରୁ ଜଣଙ୍କୁ ଆଣି ପୂରଣ କରିବାକୁ ଆଗରୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ମୋର ପ୍ରଚାର ଅଧିକାରୀ ପଦ ବଦଳରେ ପ୍ରଶାସନ ଅଧିକାରୀ ପଦଟିଏ ସୃଷ୍ଟି ହୋଇ ସରକାରଙ୍କ ଠାରୁ ଆସିଲା । ଫଳରେ ମୋର ଡେରା ସେଠାରୁ ଉପୁଡିଲା । ମୁଁ ସୁଦାମ ପଟ୍ଟନାୟକ ନାମକ

ଜଣେ ପ୍ରଶାସନ ଅଧିକାରୀଙ୍କୁ ଦାୟିତ୍ୱ ବୁଝାଇ ଡି.ପି.ଆଇ ଅଫିସରୁ ବିଦାୟ ନେଲି । ସୌଭାଗ୍ୟକୁ ରାଜ୍ୟ ଶିକ୍ଷାପ୍ରତିଷ୍ଠାନରେ ଗୋଟିଏ ଅଧ୍ୟାପକ ପଦ ଖାଲି ଥିବାରୁ ମୋତେ ସେହି ପଦରେ ନିଯୁକ୍ତି ମିଳିଗଲା ।

ସେଠାରେ ମୋର ହାଣ୍ଡିରେ କଳା ନଲାଗୁଣୁ ଏକ ବଦଳି ଆଦେଶ ଆସିଲା ସମ୍ବଲପୁର ଯିବାକୁ । ରାଧାନାଥରେ ପ୍ରାଧ୍ୟାପକ ଥିବା ଡକ୍ଟର ଗୌରୀଶ୍ୟାମ ମହାନ୍ତିଙ୍କୁ କହିଥିଲି ତାଙ୍କ ଅଧୀନରେ ପି.ଏଇଚ.ଡି କାର୍ଯ୍ୟ କରିବାକୁ । ସମ୍ବଲପୁର ଗଲେ ସେ କାମ ହୋଇପାରିବ ନାହିଁ । ତେଣୁ ମୁଁ ବିଧୁବାବୁଙ୍କୁ କହିଲି- ସାର୍ ଭୁବନେଶ୍ୱର କିମ୍ବା କଟକରେ କେଉଁଠି ଦିଅନ୍ତୁ । ମୁଁ ମୋ ଗବେଷଣା କାର୍ଯ୍ୟ କରିପାରିବି । ପରେ ଯେଉଁଠିକୁ ପଠାଇଲେ ମୁଁ ଯିବି ।

## ରାଧାନାଥରେ ଗୋଟିଏ ବର୍ଷ

ସେତେବେଳେ ଶ୍ରୀ କ୍ଷୀରୋଦ ବିହାରୀ ଅମାନ୍ତ ପଦୋନ୍ନତି ପାଇ ସେଠାରେ ପ୍ରାଧ୍ୟାପକ ହେଲେ ଆଉ ଗୌରୀଶ୍ୟାମବାବୁ ଅଧ୍ୟକ୍ଷ ହେଲେ । ତେଣୁ ଯେଉଁ ଅଧ୍ୟାପକ ପଦ ଖାଲି ପଡିଲା, ସେଇଥିରେ ମୋତେ ଦିଆଗଲା । ମୁଁ ଖରାଛୁଟିରେ ରାଧାନାଥରେ ଯୋଗଦାନ କଲି । ଏମିତି ୧୯୬୯ ବର୍ଷ ମଧ୍ୟରେ ମୋତେ ୩ଟି ଜାଗାରେ ଯୋଗ ଦେଇ କାର୍ଯ୍ୟ କରିବାକୁ ହୋଇଥିଲା ।

ରାଧାନାଥ ଟ୍ରେନିଂ କଲେଜରେ ନାମ ଲେଖାଠାରୁ ପାଠପଢା, ଖେଳଠାରୁ ନାଟକ ଏକାଙ୍କିକା ମଞ୍ଚସ୍ଥ କରିବା ଆଦି ସବୁ କାର୍ଯ୍ୟରେ ଯୋଗଦାନ କଲି । ନିଷ୍ଠାର ସହିତ କାର୍ଯ୍ୟ କରିବାରୁ ଅଧ୍ୟକ୍ଷ ଅଧିକରୁ ଅଧିକ ଦାୟିତ୍ୱ ଦେଲେ । ସେଥିପାଇଁ ଆମ ଭିତରେ ଈର୍ଷାଦ୍ୱେଷ ହେଲା । ତେବେ ମୁଁ ମୋର କଲେଜ କାମ ଠିକ୍ ଠିକ୍ କରିବା ଭିତରେ ଗବେଷଣା କାର୍ଯ୍ୟ ଆରମ୍ଭ କଲି । ଅଧ୍ୟକ୍ଷ ଡକ୍ଟର ମହାନ୍ତିଙ୍କୁ ଗବେଷଣାର ତତ୍ତ୍ୱାବଧାରକ ଭାବରେ ବିଶ୍ୱବିଦ୍ୟାଳୟ ମଞ୍ଜୁର କଲେ । ମାତ୍ର ଗୌରୀଶ୍ୟାମ ବାବୁଙ୍କର ଆଗ୍ରହ ଏସବୁ କାର୍ଯ୍ୟରେ ନଥିଲା । ଫଳରେ ଯେତେ ଚେଷ୍ଟା କଲେବି ମୋ କାମ ଆଗେଇଲା ନାହିଁ ।

ମାତ୍ର କଟକ ରହଣି ମୋର କେତୋଟି କାରଣରୁ ଭାରି ମନେ ପଡ଼େ । ସାଆନ୍ତ ସାହିରେ ମୁଁ ଗୋଟିଏ ପକ୍କା ଘର ଭଡା ନେଇଥିଲି । ଆମେ ପିଲାବଡ଼ ହୋଇ ୬ ଜଣ

ଥିଲୁ । ବଡ଼ ପୁଅ ଟୁଟୁ ବୋର୍ଡ ହାଇସ୍କୁଲ ଓ ବଡ ଝିଅ ଟିନୁ ଦୋଳମୁଣ୍ଡେଇ ଛକ ପାଖ ବାବା ସାଗରଦାସ ବିଦ୍ୟାପୀଠରେ ପଢୁଥିଲେ । ଖରାଦିନେ ଦୋଳମୁଣ୍ଡେଇ ଛକରୁ ସେତେବେଳେ ଭାରି ଲୋକପ୍ରିୟ ହୋଇଥିବା ସର୍ବତ ୫/୬ ଟି ଆଣି ବସାରେ ଆରାମରେ ପିଉଥିଲୁ । ମାତ୍ର ବର୍ଷାଦିନ ଆମ ଅବସ୍ଥା ବାରଣ୍ଡା ଦିକଡା ହେଉଥିଲା । ଜୋର ବର୍ଷା ହୋଇଗଲେ ପାଣି ଗଦା ହୋଇଯାଏ ରାସ୍ତା ଉପରେ ଅଣ୍ଟାଏ, କେତେବେଳେ ଘର ଓ ଅଗଣାରେ ଆଣ୍ଠୁଏ । ଯଦି ଲଗାଣବର୍ଷା ୨/୩ ଦିନ ଧରି ହୋଇଗଲା, ତେବେ ବାହାରେ ଛାଡିଏ ତ ଘରଭିତରେ ପ୍ରାୟ ଅଣ୍ଟାଏ ପାଣି ଠିଆହୋଇଯାଏ । ଦିନେ ଦିନେ ଆମେ ଖଟ ଓ ଟେବୁଲ ଉପରେ ଜିନିଷପତ୍ର ରଖି ଆଉ ଖଟ ଉପରେ ଷ୍ଟୋଭ ରଖି ଯାହାଟିକିଏ ରୋଷେଇ କରି ଖାଇଦେଉ ।

ସବୁ ସୁବିଧା ଅସୁବିଧା ଭିତରେ କଲେଜକାମ ଛଡା ପିଲାଙ୍କ ପାଠପଢା, ବହିଲେଖା ଓ ଗବେଷଣା କାମ ଚାଲୁ ରହେ । କଲେଜର ପରମ୍ପରା ଅନୁସାରେ ବଡ଼ ନାଟକ ୧/୨ଟି ଏବଂ ଏକାଙ୍କିକା ବିଚିତ୍ରା କେତୋଟି ଅଭିନୀତ ହୁଏ । ପିଲାମାନଙ୍କୁ ନେଇ ବଣଭୋଜି କରିବାକୁ ଯାଉ । ଆମେ ଥରେ ''ସପ୍ତଶଯ୍ୟା''କୁ ଯାଇ ବଣଭୋଜି କରିଥିଲୁ ।

ମୁଁ ଆଗରୁ ବିଲାତରେ ତାଲିମ ପାଇବାକୁ ଦରଖାସ୍ତ କରିଥିଲି ଆଉ ସାକ୍ଷାତକାର ପାଇଁ ଦିଲ୍ଲୀ ଯାଇଥିଲି । ସେଥିରେ ମୋର ହେବ କି ନାହିଁ ସନ୍ଦେହ ଥିଲା । କାରଣ ତହୁଁ ବଡା ତହୁଁ ବଡା ସବୁ ସେଠାରେ ଥିଲେ । ତେବେ ଦିନେ ହଠାତ୍ ଏକ ପତ୍ର ପାଇଲି । ବିଲାତର ଲଣ୍ଡନ ବିଶ୍ୱବିଦ୍ୟାଳୟରେ ମୋର ଏକ ବର୍ଷିକିଆ ପାଠ୍ୟକ୍ରମରେ ଯୋଗଦେବା କଥା ହେଲା । ସେଥିପାଇଁ ପାରପତ୍ର ଠାରୁ ପ୍ରବେଶ ପତ୍ର ପର୍ଯ୍ୟନ୍ତ, ଛୁଟି ମଞ୍ଜୁରୀଠାରୁ ସ୍ୱାସ୍ଥ୍ୟ ପରୀକ୍ଷା ଯାଏ, ନାନା ପ୍ରସ୍ତୁତି ପାଇଁ ପରାମର୍ଶ ଦିଆଯାଇଥିଲା । ସେତେବେଳେ ଏସବୁ କାମ କଲିକତାରେ ହେଉଥିଲା । ତେଣୁ ମୋତେ ୩/୪ ଥର ଯାଇ କଲିକତାରେ କାମତକ ସାରିବାକୁ ପଡିଲା ।

ସାକ୍ଷାତ୍କାର ପାଇଁ ମୁଁ ଶାସ୍ତ୍ରୀଭବନ, ଦିଲ୍ଲୀକୁ ଯିବାପୂର୍ବରୁ ଆମ ସରକାରଙ୍କଠାରୁ ତିନୋଟି ଚୁକ୍ତିପତ୍ର ନେବାକୁ କୁହାଯାଇଥିଲା । ପ୍ରଥମଟି ହେଲା ମୁଁ ବିଲାତରେ ରହିବା ବେଳେ ଏଠାରେ ମୋର ପିଲାମାନେ ମାସିକ ଦରମା ନିୟମିତ ଭାବରେ ପାଇବେ । ଦ୍ୱିତୀୟଟି ହେଲା- ବିଲାତକୁ ଯିବା ଆସିବା ଖର୍ଚ୍ଚ (ଜଳ ଜାହାଜରେ) ସରକାର ବହନ

କରିବେ । ତୃତୀୟଟି ହେଲା, ମୁଁ ଫେରିଲା ପରେ ମୋର ତାଲିମପ୍ରାପ୍ତ ଜ୍ଞାନ ଓ କୌଶଳର ସଦୁପଯୋଗ କରିବେ । ସାକ୍ଷାତ୍‌କାର ପାଇଁ ମୁଁ ଦିଲ୍ଲୀଯିବାକୁ ଟ୍ରେନ ଧରିବା ଯାଏ ଖୁବ୍ ବ୍ୟସ୍ତ ରହିଥିଲି ।

ସେତେବେଳେ ଆମ ରାଜ୍ୟର ଶିକ୍ଷାମନ୍ତ୍ରୀ ଥିଲେ ସ୍ୱର୍ଗୀୟ ବନମାଳୀ ପଟ୍ଟନାୟକ ଓ ଶିକ୍ଷାସଚିବ ଥିଲେ ଶ୍ରୀ ରମାକାନ୍ତ ରଥ । ଏତିକିବେଳେ ଆଉ ଏକ ଅସୁବିଧା ହେଲା । ଇଂଲଣ୍ଡ ଓ ଇଜିପ୍ଟ ମଧ୍ୟରେ ଯୁଦ୍ଧ ଲାଗି ସୁଏଜ କେନାଲ ବନ୍ଦ ହୋଇଗଲା । ତାଫଳରେ ମୋତେ ଜଳଜାହାଜରେ ପୃଥିବୀ ଭ୍ରମଣ କରି ଗୋଟିଏ ମାସରୁ ଅଧିକ ସମୟ ସମୁଦ୍ର ଉପରେ କଟାଇ ବିଲାତରେ ପହଞ୍ଚିଥାନ୍ତି । ତା ଭଡା ମଧ୍ୟ ୧୫-୧୬ ହଜାର ଟଙ୍କା ପଡିଥାନ୍ତା । ମାତ୍ର ଉଡାଜାହାଜରେ ଗଲେ ଗୋଟିଏ ଦିନରୁ କମ୍ ଲାଗିଥାନ୍ତା ଓ ମାତ୍ର ଦଶହଜାର ଟଙ୍କାରେ ଯିବାଆସିବା ଖର୍ଚ୍ଚ ହୋଇଯାଇଥାନ୍ତା । ତେଣୁ ଉଭୟର ଖର୍ଚ୍ଚ ଓ ସମୟକୁ ଦେଖି ସରକାର ମୋତେ ଉଡାଜାହାଜରେ ଯିବାକୁ ଅନୁମତି ଦେଲେ । ଏଥିପାଇଁ ଲୋଡା ଦଶ ହଜାର ଟଙ୍କା ମଧ୍ୟ ମଞ୍ଜୁର କଲେ । ତେଣୁ ଈଶ୍ୱର ଯାହା କରନ୍ତି, ମଣିଷର ମଙ୍ଗଳ ପାଇଁ, ଏହା ବୁଝିବାରେ ଅସୁବିଧା ହେଲାନାହିଁ ।

ସବୁ ପ୍ରକାର ବାଧାବିଘ୍ନ ମଧ୍ୟରେ ମୁଁ ବିଲାତ ଯିବାର ରାସ୍ତା ସଫା ହୋଇଗଲା । ରାଧାନାଥ ଟ୍ରେନିଂ କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଫିସ ସହକାରୀମାନଙ୍କ ଠାରୁ ବିଦାୟ ନେଲି । ଯୋଗ ଥିଲେ ମଣିଷ କିପରି ସବୁ ଅସୁବିଧାକୁ ଆଡ଼େଇ ଆଗେଇ ଯାଇପାରେ ଓ ଶେଷରେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରେ, ଏହା ମୋର ଅନୁଭବ ହେଲା ।

# ବିଲାତ ଯାତ୍ରା ଓ ଦଶମାସର ରହଣି

୧୯୭୧ ମସିହା । ସେପ୍ଟେମ୍ବର ୨୬ ତାରିଖ, ରବିବାର । ସାଢେ ୩ଟା । ମୁଁ ବିଲାତ ଯାତ୍ରା ପାଇଁ ବାହାରି ପଡ଼ିଲି । ମନରେ ମୋର କେତେ ଭାବନାର ଝଞ୍ଜା । କେତେ ଆଶା ଆଉ ଆଶଙ୍କାର ଲୁଚୁକାଳି ଖେଳ । ମୋତେ ମେଲାଣି ଦେବାକୁ ସାଥିରେ ଯାଇଛନ୍ତି ପିଲାମାନଙ୍କ ଠାରୁ ଆରମ୍ଭ କରି ସାଙ୍ଗସାଥୀମାନଙ୍କ ପର୍ଯ୍ୟନ୍ତ କିଏ କେତେ ! ସବୁରି ମନରେ ଯେମିତି କେତେ ଆଗ୍ରହ ଆଉ ଉତ୍ସାହ ! ବଡ଼ମାନଙ୍କର ସ୍ନେହ ଆଉ ଶୁଭେଚ୍ଛା ମୋତେ ଭାରି ଅଭିଭୂତ କରୁଥାଏ । ସାନସାନ ପିଲା ଆବାକାବା ହୋଇ ଚାହିଁ ରହିଥାନ୍ତି । ଖାଲି ଜାଣିଥାନ୍ତି-ବାପା ଆମର ବିଲାତ ଯିବେ । କେତେ ଦୂର ସେ ଦେଶ, କ'ଣ ସେଠାରେ ଥାଏ ? କିପରି ସେ ଦେଶ ? ସେଠାକୁ ଯିବାରେ କ'ଣ ସୁବିଧା ଅସୁବିଧା ? ସେମାନଙ୍କର ଟିକି ମୁଣ୍ଡରେ ସେସବୁ ପୂରାଇବାକୁ ଯୁ' ନାହିଁ ।

ତେବେ ସାନଝିଅ ଚିନୁ ପଚାରେ- ବାପା, ତମେ କେଉଁଦିନ ଆସିବ ? ତୁମେ ଆସିଲେ ସାଥିହୋଇ ଦେବୀମେଢ ଦେଖିବାକୁ ଯିବା । ତା' ଉପର ରିନୁ ପଚାରେ- ''ବାପା, କହୁଚ ଉଡାଜାହାଜରେ ଯିବ । ସେ ତ ଡଲୁ ଆକାଶକୁ ଉଠି ଉଡିଯାଏ । ବିଲାତ କ'ଣ ତେବେ ଆକାଶରେ ?'' ଏହିପରି ପିଲାମାନଙ୍କ ମୁହଁରେ କେତେବେଳେ ଅବୁଝା ପ୍ରଶ୍ନ ତ କେତେବେଳେ ଦରୋଟି ହସ ଆଉ କେତେବେଳେ ଦୁଃଖର କଳା ଛାଇ ଘୋଟିଯାଏ ।

ମୁଁ ୧୯୭୨ରେ ଫେରି ପତ୍ରପତ୍ରିକାରେ ସେଠାର ଅନୁଭୂତି ଲେଖିଥିଲି । ତା ପରେ ସପନ ଭୂଇଁ ଲଣ୍ଡନରେ ବହିଟି ୧୯୭୨ରେ ''ବିଦ୍ୟାପୁରୀ''ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ମାତ୍ର ବଡ଼ମାନଙ୍କ ପାଇଁ ବହୁଲେଖା ବିଭିନ୍ନ ବଡ଼ ପତ୍ରିକାରେ ପ୍ରକାଶିତ ହେଉଥିଲେ ହେଁ ସବୁତକ ଏକାଠି କରି ''ଦୂର ଦିଗନ୍ତ'' ନାଁରେ ଦୀର୍ଘ ୧୨ ବର୍ଷ ପରେ ''ଫ୍ରେଣ୍ଡସ୍ ପବ୍ଲିଶର୍ସ''ଙ୍କ ଦ୍ୱାରା ପ୍ରକାଶିତ ହୋଇ ଓଡ଼ିଶା ସାହିତ୍ୟ ଏକାଡେମୀଠାରୁ ପୁରସ୍କାର ଲାଭ କରିଥିଲା ।

ସବୁ ଅସୁବିଧାକୁ ପଛରେ ପକାଇ ଏକା ଏକା ମୁଁ ଉଡାଜାହାଜରେ ଯାଇଥିଲି । ସବୁ ଅଚିହ୍ନା ଲୋକ ଓ ଅଜଣା ଜାଗାଗୁଡିକ ମଧ୍ୟରେ ପ୍ରାୟ ବର୍ଷେକାଳ କଟାଇବାକୁ ହେଲା । ଦଶରା ସମୟରେ ମୋର ବିଲାତ ଯାତ୍ରା ଆରମ୍ଭ ହେଲା । ପ୍ରଥମେ କଲିକତାକୁ ଯାଇ ସେଠାରୁ ଦିଲ୍ଲୀ ଓ ଦିଲ୍ଲୀରୁ ରୋମ । ଗୋଟିଏ ଦିନ ରହି ସବୁ ଦେଖିବାକୁ ଚେଷ୍ଟାକଲି । ରୋମରେ ପୁଣି ଖ୍ରୀଷ୍ଟାନ ଧର୍ମଗୁରୁ ପୋପଙ୍କର ରାଜ୍ୟ ଓ ରାଜଧାନୀ । ଏହାର ପୁରୁଣା ସଭ୍ୟତାର ସନ୍ତକ କଳା, କାରୁକାର୍ଯ୍ୟ, ଚଳଣି, ଚମକ ଆଦି ଦେଖିଲି । ମନରେ କେତେ ଆନନ୍ଦ ଓ ଉତ୍ସାହ ଭରିଗଲା ।

### ସେଠାର ପାଣିପାଗ ଓ ଆମର ରହଣି

ଆମେ ସାଧାରଣତଃ ବିଲାତରେ କୋହଲା ପାଗ, ଥଣ୍ଡା ପବନ, ବରଫ ବର୍ଷା, ହାଡଭଙ୍ଗା ଶୀତ ଆଦିର କଳ୍ପନା କରିଥାଉ । କିନ୍ତୁ ମୁଁ ସେଠାରେ ପହଞ୍ଚି ଦେଖିଲି ଏଇ ଅବସ୍ଥା ବଦଳି ଯାଇଥିଲା । ବସନ୍ତ ଋତୁ ପରି ସବୁ ଭଲ ଲାଗୁଥିଲା । ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଚଉଦିଗରେ ବିଞ୍ଛିହୋଇ ପଡ଼ିଥିଲା । ଶୀତ ଖାଲି ନାଁକୁ ମାତ୍ର ଥିଲା । ଲଣ୍ଡନ ସହରର କେନ୍ଦ୍ରରେ ଥିବା 'ଜନ୍ ଆଡାମ୍‌ସ ହଲ୍'ରେ ମୋତେ ରହିବାକୁ ହେଲା । ତାହା ଏକ ଆନ୍ତର୍ଜାତିକ ଛାତ୍ରାବାସ । ସବୁ ଦେଶର, ସବୁ ଧର୍ମର ଓ ଉଭୟ ଛାତ୍ରଛାତ୍ରୀ ସେ ତିନି ଚାରି ମହଲାର ବିରାଟ ପକ୍କାଘରେ ଏକାଠି ରହନ୍ତି ପ୍ରତ୍ୟେକ ଗୋଟିଏ ଲେଖାଁ ବଖରାରେ ।

ପ୍ରଥମ ଦିନ ବାହାରକୁ ଟିକିଏ ବୁଲି ଆସି ସନ୍ଧ୍ୟା ପୂର୍ବରୁ ମୋ କୋଠରୀରେ ବିଶ୍ରାମ ନେଲି । ରାତ୍ରିଭୋଜନର ବ୍ୟବସ୍ଥା ହୋଇଥିଲା । ''ମୁଁ ତେଣୁ ସିଧା ଭୋଜନ କୋଠରୀକୁ ଯାଇ ଖାଇବସିଲି । ରନ୍ଧାବଢା ବା ତରକାରୀପତ୍ରର ଆକାର ପ୍ରକାର ଦେଖି ମୁଁ ତାଟକା । ସବୁ ସିଝା-ଶାଗଠାରୁ ମାଂସ, ଆଳୁଠାରୁ କୋବି ପର୍ଯ୍ୟନ୍ତ । ସିଝା, ପାଣି ପଚପଚ । ସେଥିରେ ପୁଣି ମସଲା ଘର ଶୂନ । କେତେବେଳେ ଲୁଣଗୁଣ୍ଡ ବା ଗୋଲମରିଚ ଗୁଣ୍ଡ । କଣ୍ଟା ଚାମୁଚରେ ସମସ୍ତେ ଖାଉଥିଲେ । ତେଣୁ ମୁଁ ସେଥିରେ ଖାଇବାକୁ ଚେଷ୍ଟାକଲି । ଭୋକିଲା ପେଟରେ ଯାହା ଯେମିତି କରି ମେଞ୍ଚାଏ ଭରିଲି । ଏହିପରି ଖାଦ୍ୟପେୟ, ପୋଷାକପତ୍ର, ଶୋଇବା, ରହିବା, ଚଳିବାରେ ବହୁ ନୂଆ ଅନୁଭୂତି । କେତେ ସୁବିଧା, କେତେ ଅସୁବିଧା । ବିଦେଶରେ ସେସବୁ ଚଳାଇବାକୁ ହେବ ।

## ପିଲାମାନଙ୍କ ପାଠପଢ଼ା, ଚିକିତ୍ସା ଓ ସବୁ ସୁବିଧା

ବିଲାତରେ ରହିବାର ମାସକ ଭିତରେ ଦିନେ ଭୋରରୁ ଝିପ୍ ଝିପ୍ ବର୍ଷା ହେଉଥିଲା। ଥଣ୍ଡା ପବନରେ ଗୋଡହାତ କୋଲ ମାରି ଯାଉଥିଲା। ମୁଁ ସହରତଳି ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଗଲି। ପିଲାମାନେ ପ୍ରାର୍ଥନା କରୁଥିଲେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସହିତ। ବିଲାତର ପ୍ରାଥମିକ ବିଦ୍ୟାଳୟଗୁଡିକରେ ଶିକ୍ଷକଙ୍କ ଅପେକ୍ଷା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଅଧିକ। ଖେଳ ପଡ଼ିଆ, ବଗିଚା, ରେଡ଼ିଓ, ଟେଲିଭିଜନ, ପାଠାଗାର ଆଦି ରହିଥାଏ। ଏକ ଶ୍ରେଣୀ ମଧ୍ୟରେ ଅନେକ ଦଳ ପିଲା ଠାଏ ଠାଏ ବସି ନିଜ ନିଜର ରୁଚି ଅନୁସାରେ ଅଲଗା ଅଲଗା କାର୍ଯ୍ୟରେ ବ୍ୟସ୍ତ। କେଉଁଠି ଗୀତ ତ କେଉଁଠି ଗପ, କେଉଁଠି ଚିତ୍ରାଙ୍କନ ତ କେଉଁଠି ଖେଳ ଚାଲିଛି। ଶିକ୍ଷକ ଶିକ୍ଷୟିତ୍ରୀମାନେ ଏସବୁ କାର୍ଯ୍ୟରେ ପିଲାମାନଙ୍କୁ ସାହାଯ୍ୟ କରୁଛନ୍ତି। ଏସବୁ "ଭିତରେ ହିଁ ସେମାନଙ୍କର ପାଠପଢ଼ା ହୁଏ। ହସଖୁସି, ମଉଜମଜଲିସ୍ ମଧ୍ୟରେ ସେମାନେ ସ୍ୱାସ୍ଥ୍ୟରକ୍ଷା, ଆଚାର ବ୍ୟବହାର ସମ୍ପର୍କରେ ଭଲ ଅଭ୍ୟାସମାନ ଗଢ଼ିପାରୁଛନ୍ତି। ଆମେ କିଛି ପଚାରିଲେ ହସ ହସ ହୋଇ ଉତ୍ତର ଦେଇଥାନ୍ତି। ସେମାନଙ୍କର କି ଫୁର୍ତ୍ତି, କି ଆନନ୍ଦ! ସେମାନଙ୍କର ପାଠପଢ଼ା ତ ସତେ ପିଲାଖେଳ!"

ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ମାଗଣାରେ ସବୁକିଛି ଦିଆଯାଏ। ଖାଣ୍ଟିଦୁଧ, ମଧ୍ୟାହ୍ନ ଭୋଜନ, ବହିପତ୍ର, କାଗଜକଲମ, ଔଷଧପତ୍ର ଆଦି। ସରକାର ଏସବୁର ଖର୍ଚ୍ଚ ବହନ କରନ୍ତି। ଧନୀ ବାପମାଆମାନେ କିଛି କିଛି ଖର୍ଚ୍ଚ ନିଜେ କରିଥାନ୍ତି। ଷୋଳ ବର୍ଷ ଯାଏ ସବୁ ପିଲାଙ୍କର ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ସରକାରଙ୍କର। ସାନବଡ଼ ପ୍ରତ୍ୟେକଙ୍କ ପାଇଁ ଜଣେ ଡାକ୍ତର ଖଞ୍ଜା। ଡାକ୍ତରମାନେ ଚିକିତ୍ସା କରନ୍ତି। ଯେଉଁ ଔଷଧ ଲେଖିଦିଅନ୍ତି, ଦୋକାନରୁ ପ୍ରାୟ ମାଗଣାରେ ମିଳେ ପିଲାମାନଙ୍କ ପାଇଁ। ସରକାର ସେହି ଔଷଧ ମୂଲ୍ୟ ଦୋକାନୀଙ୍କୁ ଦିଅନ୍ତି। କାହାର ଦେହ ଭାରି ଖରାପ ହୋଇଗଲେ, ଡାକ୍ତରଖାନାରେ ରହିବାକୁ ପଡ଼େ ସରକାରୀ ଖର୍ଚ୍ଚରେ । ସବୁ ସୁବିଧା ଖଞ୍ଜା ହୋଇଥାଏ। ଆରାମରେ ରହିବାଠାରୁ ଶୋଇବାଯାଏ ସବୁକିଛି ସୁବିଧା ମାଗଣରେ ମିଳେ।

ଦିନେ ମୋର କ'ଣ ପେଟ ଦୋଷ ହେଲା। ମୁଁ ମୋ ଡାକ୍ତରାଣୀ ମିସେସ୍ ହନିଙ୍କର ଲେଖାକୁ ଧରି ଗୋଟିଏ ଡାକ୍ତରଖାନାକୁ ଗଲି। ସେମାନେ ଦିନକ ଭିତରେ ମୋର ମଳ, ମୂତ୍ର, ରକ୍ତ ଆଦି ସବୁ ପରୀକ୍ଷା କରିଦେଲେ। ଆଉ ଡାକ୍ତରଖାନା ଯିବାକୁ ମନା କରିଦେଲେ। କହିଲେ "୧-୨ ଦିନ ପରେ ଡାକ୍ତରାଣୀଙ୍କ ପାଖକୁ ରିପୋର୍ଟମାନ ପଠାଇ

ଦେବୁ ।'' ସତକୁ ସତ ମୁଁ ଦୁଇଦିନ ପରେ ଡାକ୍ତରାଣୀଙ୍କୁ ଦେଖା କରିବାରୁ ସେ କହିଲେ- କାଲିଠାରୁ ରିପୋର୍ଟ ଆସିଯାଇଛି । ବିଶେଷ କିଛି ଦୋଷ ନାହିଁ । ତେବେ ପେଟରେ କେଞ୍ଚୁଆ ହୋଇଛନ୍ତି । ଔଷଧ ଲେଖି ଦେଉଛି । ନେଇ ଆସି ଖାଇବେ ଶୋଇଲା ପୂର୍ବରୁ । ୨-୩ ଦିନରେ ସବୁ ଠିକ୍ ହୋଇଯିବ ।

ମୁଁ ଭାରତକୁ ଫେରିବା ପୂର୍ବରୁ ସେଇ ଡାକ୍ତରାଣୀଙ୍କ ଠାରୁ ବିଦାୟ ନେଲି । ସେ ମୋତେ ପଚାରିଲେ- ''ଘରେ ସବୁ ଭଲ ତ ?'' ମୁଁ କହିଲି- ସାନ ପିଲାଟିର ଦେହ ଭଲ ନାହିଁ, ଦୁର୍ବଳ ହୋଇଯାଇଛି । ........ ସେ ପଚାରିଲେ, ''ମୁଁ କ'ଣ ସାହାଯ୍ୟ କରିପାରିବି କି ?'' ମୁଁ କହିଲି ଯଦି ଟନିକ୍ ପରି କ'ଣ ଔଷଧ ନେଇପାରିବି ଭଲ ହୁଅନ୍ତା ।'' ସେ କହିଲେ- ''ମୁଁ ଗୋଟିଏ ଭଲ ଟନିକ୍ ପାଇଁ ଲେଖିଦେଉଛି । ଆପଣ ଦୋକାନୀଠାରୁ ନେବେ । ସାଥିରେ ନେଇ ପିଲାକୁ ଖାଇବାକୁ ଦେବେ । ମାତ୍ର ବାହାରକୁ ସେ ଔଷଧ ନେବା କଥା କାହାକୁ କହିବେ ନାହିଁ ।''

ମୁଁ ଏଥିପାଇଁ ତାଙ୍କୁ ବହୁ ଧନ୍ୟବାଦ ଦେଲି ଆଉ ଶେଷଥର ପାଇଁ ତାଙ୍କଠାରୁ ବିଦାୟ ନେଲି । ଦୋକାନରୁ ଔଷଧ ଆଣି ତାର ମୂଲ୍ୟ କେତେ ପଚାରିଲି । ମାତ୍ର ସେ କହିଲେ- ପିଲାପାଇଁ ଔଷଧ ନେଉଛନ୍ତି । କିଛି ଦେବାକୁ ପଡିବ ନାହିଁ ।

ଆମ ଘରଦ୍ୱାର ପ୍ରତିଦିନ ସଫା କରୁଥିବା ଶ୍ରୀମତୀ ଜୋନ୍ ଦିନେ କହିଲେ ଯେ ତାଙ୍କ ସ୍ୱାମୀ ଗୁଡାଏ ମଦ ପିଇ ଦେହକୁ ଏତେ ଖରାପ କରିଦେଲେ ଯେ ନାନାରୋଗରେ ପଡି ଶେଷରେ ୧୦-୧୨ ବର୍ଷ ହେଲା ଗୋଟିଏ ଡାକ୍ତରଖାନାରେ ରହୁଛନ୍ତି !

ସେମିତି ମୂକବଧିର ଓ ଦୃଷ୍ଟିହୀନ ପିଲାମାନଙ୍କ ପାଇଁ ଅଲଗା ଚିକିତ୍ସା ଓ ସୁବିଧାମାନ ରହିଛି । ସରକାରୀ ସାହାଯ୍ୟରେ ଏସବୁ ମାଗଣାରେ ଯୋଗାଇ ଦିଆଯାଏ । ବିଲାତରେ ଏବେ ବହୁ ଦେଶର ଲୋକ ରହୁଥିବାରୁ ସେମାନଙ୍କର ଚିକିତ୍ସା, ଶିକ୍ଷା ଆଦି ପାଇଁ ନାନା ପ୍ରକାର ଅଲଗା ସୁବିଧା ମିଳିଥାଏ । ପିଲାମାନଙ୍କୁ ଭଲ କରି ଗଢ଼ିବା ପାଇଁ ସବୁ ସୁବିଧା ରହିଥାଏ । ଏଥିପାଇଁ ସରକାରଙ୍କ ଠାରୁ ସମାଜ ଯାଏ ସମସ୍ତେ ସଚେତନ । ପିଲାମାନେ ଭଲ ମଣିଷ ହେଲେ ଦେଶ ଭଲ ହେବ, ଏହା ସେମାନେ ଭଲକରି ବୁଝିଛନ୍ତି ।

**ବିଲାତରେ ପାର୍କ ଓ ପ୍ରମୋଦ ଉଦ୍ୟାନ**

ଦିନେ ରବିବାର ସକାଳ । ରାତିରୁ ହେଉଥିବା ଫିରିଫିରି ବର୍ଷା ଏବେ ଛାଡ଼ି ଯାଇଛି । ସୂର୍ଯ୍ୟ ନୂଆ ବୋହୂପରି ବଉଦର ଓଢ଼ଣା ତଳୁ ନାଲି ମୁହଁ କାଢ଼ି ଚାହିଁ ଦେଉଛନ୍ତି । ଆମେ

ମନଖୁସିରେ ତାଙ୍କ ଆଡ଼କୁ ଚାହିଁଦେଲା ମାତ୍ରେ ସେ ଯେମିତି ଲାଜରେ ପୁଣି ମୁହଁ ଲୁଚାଇ ଦେଉଛନ୍ତି । ଶୀତଳ ପବନରେ ଦେହସାରା ଥରିଯାଉଛି । କିନ୍ତୁ ଆମେ କେତେ ଜଣ ସାଙ୍ଗ ଲଣ୍ଡନର କେତୋଟି ପାର୍କ ଦେଖିବାକୁ ବାହାରିଲୁ ।

ଭୂଇଁତଳ ରେଲଗାଡ଼ିରେ ଗଲେ ଥଣ୍ଡା ବେଶୀ ବାଧିବ ନାହିଁ ବୋଲି ଆମେ ସେଥିରେ ଇଉଷ୍ଟନ ଷ୍ଟେସନରୁ ବାହାରିଲୁ । ତଳକୁ ପ୍ରଥମେ ଯିବା ପାଇଁ ଦେଖିଲୁ ଦୁଇଧାଡ଼ି ଚଳନ୍ତା ପାହାଚ ! ସେ ଧାଡ଼ି ପାହାଚ ତଳକୁ ଗଲାବେଳେ ଆଉ ଗୋଟିଏ ଧାଡ଼ି ଉପରକୁ ଉଠୁଛି । ଆମେ ଭୂଇଁ ତଳ ଷ୍ଟେସନକୁ ଯାଇ ପ୍ରଥମେ ଗୋଟିଏ କଳରେ ନିର୍ଦ୍ଦିଷ୍ଟ ମୁଦ୍ରା ପୂରାଇ ଦେଲୁ । ଆପେ ଟିକେଟ୍‌ମାନ ବାହାରି ପଡ଼ିଲା । ଭୂଇଁ ତଳେ ରେଲଗାଡ଼ିରେ ବସିଲୁ । କେତୋଟି ମିନିଟ୍ ପରେ ବାର୍କର ଷ୍ଟ୍ରୀଟ୍ ଷ୍ଟେସନରେ ପହଞ୍ଚିଲୁ । ଦୁଆର ଆପେ ଆପେ ଖୋଲି ଗଲା । ଆମେ ବାହାରି ଆସିଲା ପରେ ପୁଣି ସେଇସବୁ ଦୁଆର ବନ୍ଦ ହୋଇଗଲା ।

ଆମେ ଉପରକୁ ଉଠିଲା ମାତ୍ରେ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ସାଥିରେ ଥଣ୍ଡା ପବନ ମାଡ଼ି ଆସିଲା । ଦଶମିନିଟ୍ ଚାଲି ରିଜେଣ୍ଟ ପାର୍କରେ ପହଞ୍ଚିଲୁ । ଶହ ଶହ ଏକରର ସବୁଜ ସୁନ୍ଦର ବଗିଚା, ନଦୀନାଳ ଓ ପୋଖରୀ ନେଳିଆ ପାଣି ଆଉ ହଂସବତକ ଆଦି ନାନା ଜାତିର ଚଢ଼େଇ, ନାଆ ଖେଳ, ଝରଣା, ପଥରମୂର୍ତ୍ତି ଆଦି ଦେଖି ଭାରି ଖୁସିହେଲୁ । ଆମେ ଏତେ ବଡ଼ ଏଡ଼େ ସୁନ୍ଦର ପାର୍କ ଆଗରୁ ଦେଖି ନଥିଲୁ । ପିଲାଠାରୁ ବଡ଼ ଯାଏ, ଭାରି ଭିଡ଼ । କାରଣ ବିଲାତରେ ଶନିବାର ଓ ରବିବାର ସବୁ ଅଫିସର ଛୁଟିଦିନ । ନାନା ରଙ୍ଗର ଫୁଲ ସବୁଜ ପତ୍ରଭରା ବୃକ୍ଷଲତାଗୁଡ଼ିକରେ ଲଦିହୋଇ ପଡ଼ିଛି । ହେଲେ, ଏତେ ଲୋଭନୀୟ ଫୁଲଗୁଡ଼ିକରେ ବାସନା ଜମା ନଥିଲା । ଝରଣା ବା ଫୁଆରାରୁ ପାଣି ଝରି ଉପରକୁ ଉଠି ତଳକୁ ପଡୁଥିଲାବେଳେ ଖରାପଡ଼ି ଇନ୍ଦ୍ରଧନୁ ପରି ସାତରଙ୍ଗ ଦେଖା ଯାଉଥିଲା ।

ଆଉ ଦିନେ ଆମେ ''କିଉଗାର୍ଡ଼ନ''କୁ ବୁଲି ଯାଇଥିଲୁ । ତିନିଶହ ଏକରର ଜମି, ବିଲାତର ରାଜବଂଶ ଦୁଇଶହ ବର୍ଷ ହେଲା ବଗିଚାଟିକୁ କରାଇଥିଲେ । ରାଜାରାଣୀମାନଙ୍କୁ ଖୁସି କରାଇବାକୁ ସମସ୍ତେ ଲାଗିପଡ଼ି ଏହାର ସବୁ ପ୍ରକାର ଉନ୍ନତି କରିଥିଲେ । ପୃଥିବୀର ସବୁ ଦେଶର ନୂଆନୂଆ ପ୍ରକାର ଗଛ ଆଣି ଏଠାରେ ଲଗାଯାଇଛି । ପ୍ରାୟ ୩୦ ହଜାର ପ୍ରକାର ଗଛ ଓ ଚାରା ଏଠରେ ଦେଖିବାକୁ ମିଳେ । ବଡ଼ ବଡ଼ ସବୁଜ ଘାସପଡ଼ିଆ ।

ତା ଉପରେ ସମସ୍ତେ ଖରା ପୁଅଁନ୍ତି ଆଉ ଜଳଖିଆ ଆଦି ଖାଆନ୍ତି । ସବୁ ଦେଶରୁ ବଗିଚା କର୍ମଚାରୀମାନେ ଏଠାକୁ ତାଲିମ ପାଇବାକୁ ଆସନ୍ତି । ଆଜିସୁଦ୍ଧା ୭୦/୮୦ ଲକ୍ଷ ପ୍ରକାର ଶୁଷ୍କ ବୃକ୍ଷଲତା ସାଇତା ହୋଇ ରହିଛି, ସେଗୁଡ଼ିକ ସଂପର୍କରେ ବହିପତ୍ର ରହିଛି । ଉଦ୍ୟାନ ପଣ୍ଡିତମାନେ ରହି ଏସବୁର ଯତ୍ନ ନିଅନ୍ତି । କାଚଘରମାନଙ୍କର କେଡ଼େ ସୁନ୍ଦର ଗଡ଼ିଆ । ସେଥିରେ ପୁଣି କେତେ ଜାତିର ରଙ୍ଗୀନ ମାଛ, କଇଁ ଓ ପଦ୍ମଫୁଲ ଖେଳାବୁଲା କରୁଥାନ୍ତି । ବଗିଚା ଭିତରେ। ପୁଣି ଶଙ୍ଖ ମଲମଲ ପଥର, ବ୍ରୋଞ୍ଜ ତିଆରି ମୂର୍ତ୍ତି ଓ କଳସୀମାନ ଶୋଭା ପାଉଛି । ସୂର୍ଯ୍ୟ ଘଡ଼ିଟିଏ ଏବେ କାର୍ଯ୍ୟକରୁଛି, ସମୟ ଜଣାଉଛି । ମୁଁ ଦେଖିଲି ମୋ ହାତ ଘଡ଼ିରେ ୧୨ଟା ୫ ମିନିଟ୍ ଆଉ ସୂର୍ଯ୍ୟ ଘଡ଼ିରେ ୧୨ ସଂଖ୍ୟା ଉପରେ ଛାଇ ପଡ଼ିଥିଲା । ରାସ୍ତାକଡ଼ରେ ଥିବା କୃଷ୍ଣ ଚୂଡ଼ା ଗଛଗୁଡ଼ିକରେ ରଙ୍ଗୀନ ଫୁଲ ଲଦି ହୋଇଥିଲା । ଦୂରରୁ ଏକ ରଙ୍ଗୀନ ପାହାଡ଼ପରି ଦିଶୁଥିଲା ।

ସେଣ୍ଟଜେମ୍‌ସ ପାର୍କକୁ କେତେଥର ବୁଲିଯାଇଥିଲୁ । ବିଲାତ ରାଜାରାଣୀଙ୍କ ଉଆସ ବକିଙ୍ଗହାମ୍ ପାଲେସ୍ ଆଉ ବଡ଼ ବଡ଼ ଅଫିସମାନ ଚଉଦିଗରେ । ୯୩ ଏକରର ଏହି ପାର୍କ ମଝିରେ ବଡ଼ ବଡ଼ ହ୍ରଦ । ନାନା ଜାତିର ଜଳପକ୍ଷୀ ସେଥିରେ ଖେଳୁଥାନ୍ତି । ପାର୍କର ଗଛଲତା ବହୁରଙ୍ଗର ଫୁଲ ପତ୍ରରେ ଭରପୂର । ବଗିଚାରେ ତ ଶାଗୁଆ ଘାସର ଗାଲିଚା ଭାରି ନରମ ଓ ମନଛୁଆଁ ।

ସେହି ପାର୍କ ପାଖରେ ଗ୍ରୀନ୍‌ପାର୍କ । ନାଁକୁ ଚାହିଁ ତାର ରୂପ । ଏହାର ଆକାର ଏତେ ବଡ଼ ନହେଲେ ବି ଚିରସୁନ୍ଦର ଓ ଖୁବ୍ ଶ୍ୟାମଳ । ସେଠାରୁ କିଛି ଦୂରରେ ହାଇଡ଼ପାର୍କ । ଏହା ଆକାରରେ ଯେମିତି ବଡ଼, ସେମିତି ସୁନ୍ଦର । ଆଖି ନପାଉଥିବା ଘାସ ପଡ଼ିଆ ମଝିରେ ମଝିରେ ନଦୀ, ପୋଖରୀ ମାର୍ବଲ ମୂର୍ତ୍ତି ଓ ଫାଟକ ଆଦି ଖଞ୍ଜାହୋଇ ରହିଛି । ସାପଭଳି ଏକ ହ୍ରଦର ନାମ ସର୍ପଣ୍ଟାଇନ ବା ସାପୁଆ । ଆଉ ଗୋଟିଏ ମଜା ଜାଗା ଏଠାରେ ଅଛି ହାଇଡ଼ପାର୍କ କର୍ଣ୍ଣର(କୋଣ) । ଏଠାରେ ଗୋଟିଏ ଟେବୁଲ ଟାଣି ଆଣି ବକ୍ତାଗଣ ତା ଉପରେ ଠିଆହୋଇ ଭାଷଣ ଦିଅନ୍ତି । ସରକାରଙ୍କ ଠାରୁ ସମାଜର ନେତା ଓ ପ୍ରଥାଯାଏ, ସବୁକୁ କଡ଼ାକଡ଼ା ସମାଲୋଚନା କରନ୍ତି । ପ୍ରାୟ ପ୍ରତି ରବିବାର ଉପରବେଳା ଏହିଠାରେ ସଭା ବସେ । ଶହଶହ ଲୋକ ଠିଆ ହୋଇ ଶୁଣନ୍ତି । ପୂରା ସ୍ୱାଧୀନ, ଖୋଲାଖୋଲି ନିଜନିଜର ମତପ୍ରକାଶ କରିବାରେ ଏହି ଜାଗାଟି ଭାରି

ଜଣାଶୁଣା । ସାପୁଆ ହ୍ରଦ କୂଳରେ ପିଲାମାନଙ୍କର ପ୍ରିୟ ଏକ ପଥର ମୂର୍ତ୍ତି ହେଲା ପିଟର ପ୍ୟାନଙ୍କର । ତାଙ୍କର ପାଦତଳେ ବହୁ ଠେକୁଆ, ମୂଷା ଆଦି ପଶୁପକ୍ଷୀଙ୍କ ମୂର୍ତ୍ତି ଖଞ୍ଜା ହୋଇ ରହିଛି ।

ହାଇଡ୍ ପାର୍କକୁ ଲାଗି କେନସିଙ୍ଗଟନ ପାର୍କ । ରାଜାରାଣୀମାନେ ଏଠାରେ ଆଡ଼ମ୍ବର ପୂର୍ଣ୍ଣ କୋଠାଗୁଡ଼ିକରେ ରହୁଥିଲେ । ବଗିଚାଟିରେ ସବୁଜ ଗଛଲତା ଓ ଫୁଲପତ୍ର ଭାରି ସୁନ୍ଦର ଓ ସୁସଜ୍ଜିତ । ଆମ ଛାତ୍ରାବାସ ପାଖରେ ଟାଭିଷ୍ଟକ୍ ପାର୍କ । ଏହା ମୋର ଭାରି ପ୍ରିୟ ଚରାଭୂଇଁ ହୋଇଥିଲା । ଏଠାରେ ଗାନ୍ଧିଜୀଙ୍କର ଏକ ବ୍ରୋଞ୍ଜମୂର୍ତ୍ତି ଥିବାରୁ ଏହି ପାର୍କଟି ମୋର ଭାରି ଆପଣାର । ଏଇ ପାର୍କ ପାଖରେ ଠିଆହୋଇଛି ଆକାଶ ଛୁଆଁ ଟାଭିଷ୍ଟକ ହୋଟେଲ ଯେଉଁଠି ଗାନ୍ଧିଜୀ ଥରେ ରହିଥିଲେ ବୋଲି ଜାଣିବାକୁ ପାଇଲି । ଏହି ପାର୍କ ଏତେ ବଡ଼ ନହେଲେ ବି ଶୀତଋତୁ ଛଡ଼ା ଅନ୍ୟ ଦିନେ ବହୁ ରଙ୍ଗର ଫୁଲଫୁଟେ । ପାରା, କାଉ, ହଳଦି ବସନ୍ତ ଆଦି ଚଢ଼େଇ ଦେଖାଯାନ୍ତି । ବସନ୍ତ ଋତୁରେ ଏହାର ଡାଫୋଡ଼ିଲ୍ସ ଓ ଟ୍ୟୁଲିପ ଗଛମାନଙ୍କର କି ସୁନ୍ଦର ଫୁଲ ! ମନ କିଣିନିଏ ।

ଲଣ୍ଡନ ପରି ଏତେବଡ଼ ନଗରୀ ମଧ୍ୟରେ ଯେତେ ପାର୍କ, ଯେମିତି ଭାବରେ ସୁରକ୍ଷିତ, ସେଥିପାଇଁ ଇଂରେଜ ଜାତିକୁ ସତେ ସାଧୁବାଦ ଜଣାଇବାକୁ ମନ ହୁଏ । ପ୍ରାୟ ୩୦ ବର୍ଷ ତଳେ ମୁଁ ସେହି ବହିରେ ଲେଖିଥିଲି, "ତେଣୁ ଟିକିଏ ସମୟ ପାଇଲେ, ଫୁରସତ୍ ମିଳିଲେ ପିଲାଠାରୁ ବଡ଼ଯାଏ ପାର୍କରେ ହିଁ ରୁଣ୍ଡ ହୁଅନ୍ତି । ମଉଜ ମଜଲିସ୍ କରନ୍ତି । ଖେଳାବୁଲା କରନ୍ତି । ତେଣୁ ଲଣ୍ଡ, ପରି ଜନଗହଳି ସହରରେ ସୁଦ୍ଧା ଏତେ ବଡ଼ ବଡ଼ ପାର୍କ ଅତି ଯତ୍ନରେ ରଖାଯାଇଛି । କିନ୍ତୁ ଆମେ କେଉଁ ଦିନ ଏସବୁର ମୂଲ୍ୟ ବୁଝିବା ?"

**ଲଣ୍ଡନର ଯାଦୁଘର ଓ ପଦର୍ଶନୀ**

"ଲଣ୍ଡନ ତ ହେଉଛି ଗୋଟିଏ ବିରାଟ ଯାଦୁଘର । ଦୁନିଆ ଯାକର ସବୁକଥା ସେଇଠି । ଲୁଗା ଦୋକାନଟିରେ ଯେମିତି ପୃଥିବୀର ସବୁଦେଶର ପୋଷାକ, ଫଳ ଦୋକାନଟିରେ ସେମିତି ସବୁ ଅଂଚଳର ଫଳ ବିକ୍ରୀ ହେଉଛି । ଥରେ ଗୋଟିଏ ପରିବା ଦୋକାନକୁ ଯାଇଥିଲି । ଜଣେ ପାକିସ୍ତାନୀ ହେଉଛି ତାର ମାଲିକ । ଭାରତ ଭାଗ ଭାଗ ହେବା ପୂର୍ବରୁ ସେ ବିଲାତକୁ ଚାଲି ଯାଇଥିଲେ । ପାକିସ୍ତାନରେ ତାଙ୍କ କୁଟୁମ୍ବ ଅଛନ୍ତି ।

ସେ ମୋତେ ଦୋକାନ ଭିତରେ ବୁଲାଇ ସବୁ ଦେଖାଇ ଦେଲେ । ଆଳୁ ବିଲାତରୁ, ବାଇଗଣ ଭାରତରୁ, କଲରା ଚୀନରୁ, ମଟର ସ୍ପେନରୁ, କୋବି ଫ୍ରାନ୍ସରୁ, ଗାଜର ଇଜିପ୍ଟରୁ, ବିନ୍ ଜର୍ମାନୀରୁ, କଖାରୁ ଆଫ୍ରିକାରୁ ଆସିଛି ବୋଲି କହି ଯାଇଥିଲେ । ମୁଁ ଭାବିଥିଲି ସେଇ ଦୋକାନଟି ପରିବାରପତ୍ରର ଏକ ବିରାଟ ପ୍ରଦର୍ଶନୀ ।''

ଲଣ୍ଡନ ସହରରେ ଅନେକ ଯାଦୁଘର । କଳା, ବିଜ୍ଞାନ, ଶିକ୍ଷ, ଯୁଦ୍ଧ, ଖେଳନା ଆଦିର ଯାଦୁଘର । ଯେମିତି ବଡ଼, ସେମିତି ମଜାଳିଆ । ଏଠାରୁ ପିଲାଠୁଁ ବଡ଼ ଯାଏ ବହୁକଥା ଦେଖନ୍ତି ଓ ଶିଖନ୍ତି । ମୁଁ ପ୍ରତି ମାସରେ ୨/୩ଟି ଲେଖାଁ ଯାଦୁଘର ଦେଖିଥିଲେ ହେଁ ମୋର ୧୦/୧୧ ମାସ ଭିତରେ ସବୁତକ ଦେଖି ପାରିନଥିଲି ।

ମୁଁ କେତେକ ସାଙ୍ଗଙ୍କୁ ଧରି ପ୍ରଥମେ ''ଲଣ୍ଡନ ଯାଦୁଘର''କୁ ଦେଖିବାକୁ ଯାଇଥିଲୁ । ବିଲାତର କ'ଣ ସାରା ଦୁନିଆର ନୂଆପୁରୁଣା ଦ୍ରବ୍ୟ ଓ ଦୃଶ୍ୟ, କେତେକ ରାଣୀଙ୍କ ପିଲାଦିନର କଣ୍ଢେଇ ଘର ଆଦି ଅତି ସତ ଭଳି ସଜା ହୋଇରହିଛି । ତିନିଶହ ବର୍ଷ ତଳେ ଲଣ୍ଡନ ସହରରେ ନିଆଁ ଲାଗି ପାଞ୍ଚ ଭାଗରୁ ଚାରି ଭାଗ ଧ୍ୱଂସ କରିଥିଲା । ଗୋଟିଏ ଚିତ୍ରରେ ଏହା ଅତି ବାସ୍ତବ ରୂପେ ଅଙ୍କିତ ହୋଇଛି । ନାନା ଅସ୍ତ୍ରଶସ୍ତ୍ର, ଆସବାବପତ୍ର, କାରୁକଳା, ଆଦି ପ୍ରଦର୍ଶିତ ହୋଇଥିଲା ।

ଦିନେ ମୁଁ ''ବିଜ୍ଞାନ ଯାଦୁଘର''କୁ ଯାଇଥିଲି । ଏଠାରେ ବିଜ୍ଞାନର କୁହୁକ ଖେଳ ଦେଖି ଯେ କୌଣସି ଲୋକ ଅବାକ୍ ହେବ । ନୂଆ ପୁରୁଣା କଳକବ୍ଜା, ହାତ ହତିଆର, ଯନ୍ତ୍ରପାତି, ଗାଡ଼ିମଟର, ରେଳଗାଡ଼ି, ଜାହାଜ ଆଦି ଜାଣିହୁଏ । ଶହ ଶହ ବର୍ଷ ତଳକୁ ଆଜିଯାଏ ବହୁ ପ୍ରକାର ଘଡ଼ି ଏଠାରେ ରଖା ଯାଇଛି । ବିଦ୍ୟାଳୟଗୁଡ଼ିକରୁ ଦଳଦଳ ହୋଇ ପିଲାମାନେ ଏଠାକୁ ଦେଖିବାକୁ ଆସନ୍ତି । ସେମାନଙ୍କୁ ବୁଲାଇ ଦେଖାଇ ସବୁ ବୁଝାଇ ଦେବାର ସୁବିଧା ରହିଛି ।

ଲଣ୍ଡନରେ ଥିବା ''ପ୍ରାକୃତିକ ଇତିହାସ ଯାଦୁଘର'' ପିଲାମାନଙ୍କର ଶିକ୍ଷା ଓ ମନୋରଞ୍ଜନ ପାଇଁ ଏକ ଉପାଦେୟ ସ୍ଥାନ । ବହୁ ଜୀବଜନ୍ତୁ, ପକ୍ଷୀମାନଙ୍କ ସଂପର୍କରେ ପିଲାମାନଙ୍କୁ ଶିକ୍ଷାଦେବା ପାଇଁ ସେଗୁଡ଼ିକର ଚିତ୍ର, ରୂପ, ବହିପତ୍ର ଆଦି ରଖାଯାଇଛି । ପିଲାମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନକୁ ବୁଲାଇ ନେବାସଂଗେ ସେମାନଙ୍କୁ ଏସବୁର ଚିତ୍ର ଆଙ୍କିବା ଓ ଲେଖାଲେଖି କରିବା ପାଇଁ ବହୁସୁବିଧା ଯୋଗାଇ ଦିଆଯାଏ । ସେହି ଯାଦୁଘରେ ହାତୀ,

ଗଣ୍ଡା, ହିପୋ, ଦିନୋସାର, ତିମି, ଗରିଲା ଆଦି ଜୀବଜନ୍ତୁଙ୍କର ଜୀବନ୍ତ ରୂପମାନ ଖୁବ୍ ଆକର୍ଷଣୀୟ । ପକ୍ଷୀମାନଙ୍କ ବସା ଆହୁରି କୌତୁହଳପ୍ରଦ । ଭାରତୀୟ ପକ୍ଷୀ, ବାୟା ଚଢ଼େଇର ବସାତିଆରି ସବୁରି ଦୃଷ୍ଟି ଆକର୍ଷଣ କରିଥାଏ ।

ଆଉଗୋଟିଏ ଭାରି ଜଣାଶୁଣା ଯାଦୁଘର ହେଲା "ଭିକଟୋରିଆ ଓ ଆଲବର୍ଟ ଯାଦୁଘର ।" ଏଠାରେ ଥିବା "ଟିପୁର ବାଘ" ରୂପଟି କାଠ ତିଆରି ଗୋଟିଏ କଣ୍ଢେଇ । ଗୋଟିଏ ସାହେବ ଉପରେ ବାଘଟିଏ ମାଡ଼ି ବସିଛି । ସେଥିରେ ଥିବା ଗୋଟିଏ ବୋତାମ ଚିପିଦେଲେ ମଣିଷଟି ଭୟରେ ପାଟିକଲାପରି ଶବ୍ଦ ହୁଏ । ଏହା ଆମ ଦେଶର ମହୀଶୂରରେ ଦୁଇ ସେହି ବର୍ଷ ତଳେ ତିଆରି ହୋଇଥିଲା । ଶିଳ୍ପ ଓ କଳାର ଗନ୍ତାଘର ଏହି ଯାଦୁଘରଟି ବୁଲି ଦେଖିଲେ ଭୋକଶୋଷ ଭୁଲି ଯିବାକୁ ହୁଏ ।

ପ୍ରାଚୀନ କାଳରୁ ଆଜିଯାଏ ଯୁଦ୍ଧରେ ଯେତେପ୍ରକାର ଅସ୍ତ୍ରଶସ୍ତ୍ର, ଯାନବାହାନ, ପୋଷାକପରିଚ୍ଛଦ ଆଦି ବ୍ୟବହାର କରାଯାଇଛି, ସେସବୁର ପ୍ରତିରୂପ, ଚିତ୍ର ଚଳଚ୍ଚିତ୍ର ଆଦି ରଖାଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପିଲାମାନେ ବୁଲି ଆସିଲେ, ଏଠାରେ ଥିବା ଅଭିଜ୍ଞ ଗାଇଡ୍ ସେମାନଙ୍କୁ ସବୁ ବୁଝାଇ ଦିଅନ୍ତି ।

ପୃଥିବୀର ଖୁବ୍ ନାମଜାଦା ଯାଦୁଘର ହେଉଛି "ବ୍ରିଟିଶ ମ୍ୟୁଜିୟମ ।" ଏହା ବିଲାତର ସବୁଠୁଁ ବଡ଼ । ଏହି ଯାଦୁଘରେ ଭାରତ, ଚୀନ, ଇଟାଲୀ, ଗ୍ରୀସ୍, ଇଜିପ୍ଟ, ସିରିୟା, ଜାପାନ ଆଦି ଦେଶର ପ୍ରାଚୀନ ପଦାର୍ଥ ଓ ଚିତ୍ରକଳା ଖୁବ୍ ଯତ୍ନରେ ସଂରକ୍ଷିତ । ନୂତନ ପ୍ରକାଶନରୁ ପ୍ରତ୍ୟେକ ପ୍ରକାଶକ ଦେଶର ନିୟମାନୁସାରେ ଖଣ୍ଡେଲେଖାଁ ପୁସ୍ତକ ଏଠାକୁ ପଠାଇବା ପାଇଁ ବାଧ ହୋଇଥାନ୍ତି । ତେଣୁ ଏଠାରେ ଥିବା ପୁସ୍ତକାଗାର ସବୁଠୁଁ ବଡ଼ ଏବଂ ସବୁପ୍ରକାର ବହି ସେତେବେଳେ ମିଶି ୭୦ ଲକ୍ଷରୁ ଅଧିକ ହୋଇଥିଲା । ଦିନକୁ ଦିନ ଏହାର ଆକାର ବଢ଼ିବଢ଼ି ଚାଲିଛି । କାର୍ଲମାର୍କ୍ସଙ୍କ ପରି ବଡ଼ବଡ଼ ଲେଖକ ଓ ବୈଜ୍ଞାନିକ ଏଠରେ ପୁସ୍ତକ ପାଠ କରୁଥିଲେ ।

ଏଠାରେ ଥିବା ମିଶରର ପୁରୁଣା କଳା, ବିଜ୍ଞାନ, ରାଜାରାଣୀ ଓ ଅନ୍ୟମାନଙ୍କର ଶବ "ମମି" ଭାରି କୌତୂହଳଜନକ । ଆଉ ଏକ ନୂଆ ଧରଣର ଯାଦୁଘର ଶେଷରେ ଦେଖିଥିଲି । ତାହା ହେଲା ଶ୍ରୀମତୀ ତୁଷୋଡଙ୍କର ମହମତିଆରି ପ୍ରତିମୂର୍ତ୍ତିମାନଙ୍କୁ ନେଇ

ଗଠିତ । ଦୁନିଆର ବଡ଼ ବଡ଼ ଲୋକଙ୍କର ମୂର୍ତ୍ତି ମହମରେ ତିଆରି ହୋଇ ସୁନ୍ଦର ଓ ଜୀବନ୍ତ ହୋଇ ରହିଛି । ଫ୍ରାନ୍ସ ଦେଶରେ ଜନ୍ମ ହୋଇ ଶ୍ରୀମତୀ ତୁଷୋ ବାହାହେବା ପରେ ବିଲାତକୁ ଚାଲି ଯାଇଥିଲେ । ସେ ପ୍ରଥମେ ବିଲାତରେ ବୁଲିବୁଲି ତାଙ୍କର ମହମ ମୂର୍ତ୍ତିମାନଙ୍କୁ ଦେଖାଉଥିଲେ । ପରେ ସେ ଲଣ୍ଡନ ସହରରେ ଏକ ସ୍ଥାୟୀ ପ୍ରଦର୍ଶନୀ ଖୋଲିଛନ୍ତି । ଆମ ଦେଶର ଗାନ୍ଧିଜୀ, ନେହେରୁ, ଇନ୍ଦିରା ଗାନ୍ଧି ପ୍ରଭୃତିଙ୍କ ମୂର୍ତ୍ତିମାନ ରଖାଯାଇଛି ।

ଏହିସବୁ ରୁମ୍ ଜାତୀୟ କଳା ଗ୍ୟାଲେରୀ, ଟେଟେ ଗ୍ୟାଲେରୀ ଆଦିରେ ବହୁ ପ୍ରସିଦ୍ଧ ଶିଳ୍ପୀ ଓ ଚିତ୍ରକାରଙ୍କ କଳାକୃତି ପ୍ରଦର୍ଶିତ ହୋଇଛି । ବିଭିନ୍ନ ରଙ୍ଗ ଓ ଭଙ୍ଗୀରେ ଅଙ୍କିତ ଚିତ୍ରପଟ, ଦୃଶ୍ୟମାନ ଖୁବ୍ ମନଲୋଭା । ଯାଦୁଘର ଗୁଡ଼ିକ ଦେଖି ମୋର ଯାହା ଅନୁଭୂତି ହୋଇଥିଲା ସେହି ବହିରେ ଲେଖିଥିଲି । ''ଏହିସବୁ ଯାଦୁଘର ମୂଲ୍ୟମାନ୍ ଜାତୀୟ ସଂପତ୍ତି ଭାବରେ ସମସ୍ତଙ୍କ ଆଦରର ଧନ । କାହାର ତା ପ୍ରତି ହତାଦର ନାହିଁ । କେହି କୌଣସି ପଦାର୍ଥରେ ହାତ ମାରିବା ଦେଖାଯାଏ ନାହିଁ । ଧାଡ଼ି ଧରି ଜଣଙ୍କ ପରେ ଜଣେ ଯାଇ ପ୍ରତ୍ୟେକ ଜିନିଷକୁ ଦେଖିବାରେ କେଡ଼େ ଆଗ୍ରହ, କେତେ ନିଷ୍ଠା ! ନିଜେ ଦେଖି ଶିଖିବା ଓ ଅନ୍ୟକୁ ଦେଖାଇ ଶିଖାଇବାରେ ସେଇ ଦେଶର ପିଲାଠାରୁ ବଡ଼ଯାଏ, ସମସ୍ତେ ଯେମିତି ଅଭ୍ୟସ୍ତ ଓ ଅନୁରକ୍ତ !''

**ବିଲାତରେ ଚିଡ଼ିଆଖାନା**

୧୯୭୨ର ବଡ଼ଦିନ ଭିତରେ ମୁଁ ଥରେ ସିଙ୍ଗାପୁରର ଜଣେ ଚୀନାବନ୍ଧୁଙ୍କ ସାଥିରେ ''ଲଣ୍ଡନ ଚିଡ଼ିଆଖାନା'' ଦେଖିବାକୁ ଯାଇଥିଲି । ସେଦିନ ଝିପ୍‌ଝିପ୍ ବର୍ଷା ସହିତ ଟିକିଟିକି ଭିଣା ତୂଳାପରି ବରଫମାନ ଉପରୁ ଝରି ପଡୁଥିଲା । ଟିକେଟ ଦୁଇଟି କିଣି ଚିଡ଼ିଆଖାନା ଭିତରକୁ ଯାଇଥିଲୁ । ଖୁବ୍ ବଡ଼ ଆୟତନ । ଜୀବଜନ୍ତୁଙ୍କ ଛଡ଼ା ଏଠାର କର୍ମଚାରୀମାନେ ଏଠାରେ ରହୁଛନ୍ତି । ସେଠାରେ ରହୁଥିବା ବଡ଼ବଡ଼ ପଶୁଙ୍କ ସଂଖ୍ୟା ପ୍ରାୟ ସାତହଜାର । ପକ୍ଷୀ, ସାପ, ମାଛ, ଆଦି ଏହି ହିସାବରେ ନାହାନ୍ତି । ଏତେ ଜନ୍ତୁଙ୍କ ପାଇଁ କେତେ ଯେ ଆହାରପାଣି ଯୋଗାଇ ଦିଆଯାଏ, ତାର କଳନା କରିବା କଷ୍ଟକର । ଏସବୁ ଖାଦ୍ୟପଦାର୍ଥ ପୁଣି ତଟକା ଓ ''ମଣିଷ ଉପଯୋଗୀ'' ହେବା ଦରକାର । ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଅଲଗା ଅଲଗା ଆହାର ।

ବହୁ ଦୁର୍ଲ୍ଲଭ ପଶୁପକ୍ଷୀ ଏହି ଚିଡ଼ିଆଖାନାରେ ରହିଥାନ୍ତି । ସେମାନଙ୍କ ମଧ୍ୟରେ ଚିଚି ନାମକ ଏକ ପାଣ୍ଡା ଭାରି ଲୋକପ୍ରିୟ । ତାକୁ ପ୍ରତିଦିନ ତଟକା ବାଉଁଶ କରଡ଼ି, ସିଝା କୁକୁଡ଼ା ମାଂସ, ଦୁଧଭାତ, ଅଣ୍ଡା, ଫଳ, ଭିଟାମିନ୍ ବଟିକା ଦିଆଯାଏ । ଦେହ ଖରାପ ହେଲେ ତାକୁ ଦେଖିବାକୁ ବିଲାତର ବଡ଼ ବଡ଼ ପଶୁଡାକ୍ତର ଆସନ୍ତି । ସେହିପରି ଆଉସବୁ ଜନ୍ତୁ ହେଲେ ଜିରାଫ୍, ଗଣ୍ଡା, ଗରିଲା ବା ବଣ ମଣିଷ ଇତ୍ୟାଦି । ଗରିଲା ତ ମଣିଷ ପରି କେତେବେଳେ ରାଗିଯାଏ ତ କେତେବେଳେ ଦାନ୍ତ ଦେଖାଇ ହସେ । ଚିଡ଼ିଆଖାନା ଭିତରେ ଠାଏ ଠାଏ କଥାକୁହା ଯନ୍ତ୍ର ରଖାଯାଇଛି । ତାକୁ ଟେକିଲାମାତ୍ରେ ସେଇପାଖରେ ଥିବା ପଶୁପକ୍ଷୀଙ୍କ ଜୀବନକଥା କହିଯାଏ । ତୁମେ କାନେଇ ସେସବୁ ଶୁଣିବାକୁ ପଡ଼େ । ଅବଶ୍ୟ ଯନ୍ତ୍ରଟିକୁ କାନରେ ପୂରାଇ ଶୁଣିଲେ ଭଲଭାବରେ ଶୁଣାଯାଏ । ସିଂପାଜିମାନଙ୍କୁ ଅନେକ ସମୟରେ ଚା' ଦେବାକୁ ପଡ଼େ । ହାତୀ ପ୍ରଭୃତିଙ୍କର ଗାଧୋଇବା ପାଇଁ ଗରମ ପାଣି ଖଞ୍ଜା । ସିଂହମାନଙ୍କୁ ବୁଧବାର ଦିନ ଓ ସାପମାନଙ୍କୁ ସପ୍ତାହରେ ଥରେ ପେଟପୂରା ଖାଇବାକୁ ଦିଆଯାଏ ।

ପିଲାମାନଙ୍କ ପାଇଁ ତା ଭିତରେ କ୍ଲବସବୁ ରହିଛି । ତାର ସଭ୍ୟ ହେଲେ ଜୀବଜନ୍ତୁଙ୍କ କଥା ପଢ଼ିବା, ଜାଣିବା, ଦେଖିବା, ଲେଖିବା ଓ ଚିତ୍ର ଆଙ୍କିବା ପାଇଁ ସବୁପ୍ରକାର ସୁବିଧା ଯୋଗାଇ ଦିଆଯାଏ । ସେମାନେ ମାଗଣାରେ ବର୍ଷକୁ ଛ' ଥର ଚିଡ଼ିଆଖାନା ଭିତରେ ବୁଲି ପାରନ୍ତି । ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ଓ ପ୍ରଶଂସାପତ୍ର ଦିଆଯାଏ । ସେଠାରୁ ପତ୍ରିକା ଓ ବ୍ୟାଜ ମଧ୍ୟ ମିଳେ । ଆମ ନନ୍ଦନକାନନରେ ସେସବୁ ସୁବିଧା ମିଳିଲେ ଭାରି ଭଲ ହୁଅନ୍ତା ।

### ସେଠାରେ ମେଳାମଉଛବ ଓ ପର୍ବପର୍ବାଣି

ଆମ ଦେଶରେ ଯେମିତି ବର୍ଷସାରା ପର୍ବପର୍ବାଣି ଲାଗି ରହିଥାଏ, ବିଲାତରେ ସେମିତି ବେଶୀ ହୋଇନଥାଏ । ତେବେବି ପିଲାଠାରୁ ବଡ଼ଯାଏ ସେଗୁଡ଼ିକୁ ପାଳିବାରେ ଖୁବ୍ ଆନନ୍ଦ । ବଡ଼ଦିନ, ନୂଆବର୍ଷ, ଇଷ୍ଟର ଇତ୍ୟାଦି ଅଳ୍ପ କେତୋଟି ପର୍ବ ଖୁବ୍ ଭଲଭାବରେ ପାଳନ୍ତି । ଦଶରା, ଦୋଳ, ଦୀପାଳି ଆଦିରେ ଯେମିତି ଭଲକରି ଖିଆପିଆ ହୁଏ, ନୂଆ ପୋଷାକପତ୍ର ପିନ୍ଧାଯାଏ, ମଉଜମଜଲିସ କରାଯାଏ, ସେଠାରେ ସେମିତି ଏଇ ପର୍ବଦିନ ଗୁଡ଼ିକରେ ସବୁ କରାଯାଏ । ଏଠାରେ ଯେମିତି ଭାଇ ଜୁଟିଆ, ପୁଅ

ଭୁଜିଆ, ରାକ୍ଷୀବନ୍ଧନ, ଷଷ୍ଠୀଓଷା ଆଦିରେ ଭାଇଭଉଣୀ, ମାଆପୁଅ ପରସ୍ପର ସ୍ନେହ ପ୍ରକାଶ କରନ୍ତି, ସେମିତି ମାଆଦିନ, ବାପାଦିନ, ଭାଲେଣ୍ଟିନା ଦିନ ଆଦିରେ ପିତାମାତା, ସ୍ତ୍ରୀପୁରୁଷଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରାଯାଏ । ଆମର ଏଠାରେ ସମସ୍ତେ ଗୋଟିଏ ପରିବାରରେ ରହୁଥିବାରୁ ଏତେ ଅଲଗା ଅଲଗା ପର୍ବ ପାଳନ୍ତି ନାହିଁ ।

ସେଠାରେ ବଡ଼ଦିନ ବୁଢ଼ା ସାନ୍ତାକ୍ଲସ୍ ପାହାନ୍ତିରୁ ଆସି ପିଲାମାନଙ୍କ ଜନ୍ମଦିନ ପାଳିଲା ପରି, ସେଠାରେ ମଧ୍ୟ ପାଳନ୍ତି । ସେମାନଙ୍କୁ ଉପହାରମାନ ଦିଆଯାଏ । ସାଙ୍ଗସାଥୀ ଓ ଆପଣାର ଲୋକମାନେ ଏକାଠି ଖିଆପିଆ କରନ୍ତି । ଆନନ୍ଦରେ ସେହି ଦିନଟି ପାଳନ କରାଯାଏ ।

**ବିଲାତ ଲୋକଙ୍କର ସୌଜନ୍ୟ ଓ ଭଦ୍ରତା**

ଜନଗହଳି ରାସ୍ତାରେ ମରାମତି ହେଲେ କିପରି ଶୀଘ୍ର ହୋଇପାରିବ ଓ ସାଧାରଣ ଲୋକଙ୍କର ଅସୁବିଧା ନହେବ, ସେଥିପ୍ରତି ଖୁବ୍ ଗୁରୁତ୍ୱ ଓ ଯତ୍ନ ନିଆଯାଏ । ସେମିତି ଆମେ କାହାର ଠିକଣା ଧରି ଘର ଖୋଜୁଥିଲେ, ସେମାନେ ବତାଇ ଦିଅନ୍ତି । ଥରେ ମୋର ବନ୍ଧୁ ଡଃ ରଙ୍ଗାଧର ଦାଶଙ୍କ ନୂଆ ବସାକୁ ଯାଉଥିଲି । ବାଟ ପାଇଲି ନାହିଁ । ସନ୍ଦେହରେ ପଡ଼ି ଜଣେ ସାହେବଙ୍କୁ ପଚାରିଲି । ସେ ଠିକଣାଟି ବତାଇ ଦେଇ ଚାଲିଗଲେ । ମୁଁ ତାଙ୍କ ବତାଇଥିବା ବାଟରେ କିଛି ଦୂର ଯିବା ପରେ ସେଇବାବୁ ମୋ ପଛେ ଧଇଁସଇଁ ହୋଇ ଧାଇଁଥିବାର ଦେଖିଲି । ମୋ ପାଖକୁ ଆସି ସେ କହିଲେ- ମୁଁ ଭାରି ଦୁଃଖିତ । ଭୁଲ୍ ରାସ୍ତା କହିଦେଲି । ଆପଣ ମୋ ସାଥିରେ ଆସନ୍ତୁ......

ମୁଁ ଆବାକ୍ ହେଲି ତାଙ୍କ ଭଦ୍ରତାରେ । ତାଙ୍କ ସାଥିରେ କିଛିଦୂର ଯିବା ପରେ ସେ ଠିକ୍ ରାସ୍ତାରେ ପହଞ୍ଚାଇ ଦେଲେ । ମୋଠାରୁ ବିଦାୟ ନେଲାବେଳେ ବିଶେଷ ଧନ୍ୟବାଦ ଜଣାଇଲି । ସେ ହସିହସି ତାଙ୍କ ବାଟରେ ଫେରିଗଲେ ।

ଜଣଙ୍କ ଠାରୁ କିଛି ସାହାଯ୍ୟ କି ସେବା ପାଇଲେ ଧନ୍ୟବାଦ ଦେବା ସେମାନଙ୍କର ଅଭ୍ୟାସଗତ । ଏମିତିକି ମାଲିକ ଚାକରକୁ, ପୁରୁଷ ସ୍ତ୍ରୀଙ୍କୁ ଭାଇ ଭଉଣୀଙ୍କୁ ମଧ୍ୟ କିଛି ପକାର ପାଇଲେ ଧନ୍ୟବାଦ ଜଣାନ୍ତି । ନିଜର ଭୁଲ୍ କି ଅବହେଳା ଟିକିଏ ହୋଇଗଲେ, ଦୁଃଖ ପ୍ରକାଶ କରିବା ବା କ୍ଷମା ମାଗିନେବା, ସେମାନଙ୍କର ସାଧାରଣ କଥା । ଶିକ୍ଷକ

ମଧ୍ୟ ଛାତ୍ରକୁ, ମାଲିକ ଚାକରକୁ କ୍ଷମା ମାଗିବାରେ ପଛାନ୍ତି ନାହିଁ । ଥରେ ଜଣେ ଅଧ୍ୟାପକ ମୋତେ ତାଙ୍କ ପାଖକୁ ଯିବାକୁ କହିଥିଲେ । ମାତ୍ର ମୁଁ ସେଦିନ ଯାଇ ପାରିଲି ନାହିଁ । ତା ଆରଦିନ ପ୍ରଥମରୁ ସେ ମୋ ପାଖକୁ ଆସି କହିଲେ- ଶ୍ରୀଯୁକ୍ତ ମହାନ୍ତି, କ୍ଷମା କରିବେ ମୋର ଏକ ଜରୁରୀ କାମ ପଡ଼ିଥିବାରୁ କାଲି ଆସିପାରିଲି ନାହିଁ ।

ଦିନେ ମୁଁ ଲଣ୍ଡନ ବିଶ୍ୱବିଦ୍ୟାଳୟର ବାରଣ୍ଡାରେ ଯାଉଥିଲାବେଳେ ଦେଖିଲି ଗୋଟିଏ ଶ୍ରେଣୀ କୋଠରୀ କବାଟରେ ଖଣ୍ଡେ କାଗଜ ଝୁଲୁଛି । ସେଥିରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି- ବନ୍ଧୁଗଣ, ଆଜି ମୁଁ ଅସୁସ୍ଥ ହୋଇ ପଡ଼ିଥିବାରୁ ଆଲୋଚନା କରିବାକୁ ଯାଇପାରୁନାହିଁ, ସେଥିପାଇଁ ଦୁଃଖିତ, ଆପଣମାନେ ଉକ୍ତ ଆଲୋଚନାକୁ ଆଗେଇନେବେ କି ? ଧନ୍ୟବାଦ,'' ଡକ୍ଟର ଥମାସ୍ ।

ଦିନେ ରବିବାରିଆ ଛୁଟିଦିନ । ଭାରି କୋହଲା ପାଗ । ପତଳାବରଫ ବର୍ଷା ବି ହେଉଛି । ରାସ୍ତା କଡ଼ରେ ଜଣେ ବୁଢ଼ାଲୋକ ଛୋଟଛୋଟ ଗଛ ମୂଳ ଖୋଳି ସାର ଟିକିଏ ଲେଖାଁ ଦେଉଥାନ୍ତି । ମୋ ସାଥିରେ ଶ୍ରୀଲଙ୍କାର ଦୁଇଜଣ ସାଙ୍ଗ ଥିଲେ । ମୁଁ ସେମାନଙ୍କୁ ପଚାରିଲି ଆପଣଙ୍କର ଏମିତି ସାଧାରଣ କାମ ଏଇଭଳି ପାଗରେ କରାଯାଏ କି ? କର୍ମଚାରୀ ଏମିତି କରନ୍ତି କି ?

ସେ ହସିହସି କହିଲେ- ଅସମ୍ଭବ ! କେହି ଏମିତି ପାଗରେ ରାସ୍ତାକଡ଼ରେ ଏ କାମ କରିବ ? ଘରେ ବସି ପାଉଣାତକ ନେବ ।

ବିଲାତରେ ସେତେବେଳେ ଅଫିସ, କଲକାରଖାନା, ବିଦ୍ୟାଳୟ ଆଦି ସବୁଠାରେ ସ୍ତ୍ରୀଲୋକ ବହୁ ସଂଖ୍ୟାରେ କାମ କରନ୍ତି । ଦୋକାନବଜାରରେ ସ୍ତ୍ରୀଲୋକମାନେ ବିକାକିଣା କରନ୍ତି । ଅନ୍ୟକୁ ସାହାଯ୍ୟ କରିବାରେ ସେମାନେ ଆଗେଇ ଆସନ୍ତି । ସେଥିରେ ଯେମିତି ସେମାନଙ୍କ ଆନନ୍ଦ । ଆମ ଛାତ୍ରାବାସରେ କେତେଜଣ ସ୍ତ୍ରୀ କର୍ମଚାରୀ ଘରଦ୍ୱାର ସଫା ସୁତୁରା ରଖିବା ଦାୟିତ୍ୱରେ ଥାନ୍ତି । ଆମ କେତେଜଣଙ୍କର ଘରଦ୍ୱାର ଦାୟିତ୍ୱରେ ଜୋନ୍ ନାମକ ସ୍ତ୍ରୀ କର୍ମଚାରୀ ଥିଲେ । ସେ ଆମ ଘରଦ୍ୱାର ସହିତ ମନକୁ ମଧ୍ୟ ସଫା ରଖିବାକୁ ଚେଷ୍ଟା କରୁଥିଲେ । ଘରୁ ଚିଠିପତ୍ର ଆସୁଛି କି ନାହିଁ, ପିଲାଙ୍କ ଦେହପା କିମିତି ଅଛି ପଚାରି ବୁଝନ୍ତି । ମୁଁ ରୋମରୁ ଲଣ୍ଡନ ଯିବାବେଳେ ମୋ ସୁଟ୍‌କେସ୍‌ଟି

ଅନ୍ୟ ଏକ ଜାହାଜରେ ଚାଲିଗଲା । ମାତ୍ର ମୁଁ ତାକୁ ଫେରି ପାଇଲା ବେଳକୁ ତାର ହ୍ୟାଣ୍ଡଲଟି ଛିଡ଼ି ଯାଇଥିଲା । ଅବଶ୍ୟ ମୋର ସବୁ କାଗଜପତ୍ର ଓ ଜିନିଷପତ୍ର ଠିକ୍ ରହିଥିଲା ।

ଥରେ ମ୍ୟାଞ୍ଚେଷ୍ଟର ଯିବାକୁ ହେବ ତା ଆରଦିନ ସକାଳେ । ଦେଖିଲାବେଳକୁ ସୁଟ୍‌କେସ୍‌ଟିର ଅବସ୍ଥା ସେମିତି । କେଉଁଠି ତାକୁ ସଜାଡ଼ିବା ମଧ୍ୟ ଜଣା ନଥିଲା । ଜୋନ୍ ଏକଥା ଶୁଣି ସୁଟ୍‌କେସ୍‌ଟି ଧରି ଚାଲିଗଲେ ଓ ଅଧଘଣ୍ଟା ଭିତରେ ତାକୁ ସଜାଡ଼ି ହାଜର ହୋଇଗଲେ । ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ନଜଣାଇ ରହିପାରିଲି ନାହିଁ ।

ଗାଡ଼ିମଟରରେ ଗଲାବେଳେ କୌଣସି ଜିନିଷପତ୍ର ଛାଡ଼ିଦେଲେ, ତାକୁ କିଏ ପାଇ ନିକଟବର୍ତ୍ତୀ "ହଜାଧନ" ଅଫିସରେ ଜମା ଦେଇଥାନ୍ତି । ଯାହାର ହଜିଯାଏଥାଏ, ସେ ତାର ଚିହ୍ନବର୍ଣ୍ଣ କହି ତାକୁ ଫେରିପାଇଥାନ୍ତି । କ୍ଷୀରରେ ପାଣି ମିଶାଇବା ବା କୌଣସି ପଦାର୍ଥରେ ଆଉ କିଛି ମିଶାଇବାକୁ ସେମାନେ ଘୃଣା କରନ୍ତି । ସାଧୁତା, ସଚ୍ଚୋଟ ପଣିଆ ସେଠାରେ ଯେମିତି ସାଧାରଣ କଥା ।

ରାସ୍ତାଘାଟ ସଫାସୁତୁରା ରଖିବା ଦାୟିତ୍ୱ ସମସ୍ତଙ୍କର । ଖଣ୍ଡେ କାଗଜ ମଧ୍ୟ କେହି ରାସ୍ତା ଉପରେ ପକାନ୍ତି ନାହିଁ । ପାଖରେ ଥିବା ଅଳିଆ ପାତ୍ରରେ ତାକୁ ପକାଇଥାନ୍ତି । ଏମିତିକା ରାସ୍ତାରେ ଛେପଖଙ୍କାର ପକାଇବାକୁ ଘୃଣା କରନ୍ତି । ଆମ କଥା ତ ସମସ୍ତଙ୍କୁ ଜଣା । ଗାଡ଼ି ମଟରରେ ଟିକେଟ କରିବା ବା ଚଢ଼ିବା, ଦୋକାନ ବଜାର ଆଦି ଧରିବା ଏକ ସାଧାରଣ କଥା ।

ଏମିତି ଅନ୍ୟକୁ ସାହାଯ୍ୟ କରିବା ବା ସାହାଯ୍ୟ ଟିକିଏ ପାଇଲେ ସାଧୁବାଦ ଜଣାଇବା, ନାନାପ୍ରକାର ଆଚରଣ ଦେଖାଇବାରେ ସାଧୁତା ଓ ଭଦ୍ରତା ଫୁଟି ଆସେ । ଅନ୍ୟକୁ ଶ୍ରଦ୍ଧାଭକ୍ତି କରିବା ନିଜର କର୍ତ୍ତବ୍ୟ ବୋଲି ଭାବନ୍ତି ।

ନିଜର କର୍ତ୍ତବ୍ୟକୁ ସେଠାରେ କେତେ ନିଷ୍ଠାର ସହିତ ପାଳନ କରାଯାଏ, ତାର ଏକ ଉଦାହରଣ ଭାବରେ ମୁଁ ଗୋଟିଏ ଦିନର ଘଟଣା ଏଠାରେ ଲେଖିବାକୁ ମନହେଉଛି । "ମୁଁ ଶେଷଥର ପାଇଁ ସଫେଇ ଦୋକାନ ବା ଲଣ୍ଡ୍ରିରେ ମୋର କେତେକ କୋର୍ଟସାର୍ଟ ଦେଇଥିଲି । ଫେରାଇ ଆଣିବା ଦିନ ସେଇ ସଫେଇ ଦୋକାନରେ ଜଣେ ଝିଅ ଥିଲେ ।

ସେ କୋର୍ଟ ସାର୍ଟତକ ଭାଙ୍ଗି ପକାଇ ମୋତେ ବଢ଼ାଇ ଦେଲା ବେଳକୁ କହି ଉଠିଲେ- କ୍ଷମା କରିବେ । ମୁଁ ଦୁଃଖିତ ଯେ ଏଇ କୋର୍ଟରେ ଟିକିଏ କ'ଣ ଦାଗ ଲାଗିଛି । ମୋତେ ଦିଅନ୍ତୁ ମୁଁ ସଂଗେ ସଂଗେ ତାକୁ ଛଡ଼ାଇ ଦେଉଛି । ସେ ତାକୁ ନେଇ ଦୁଇ ମିନିଟ୍‌ରେ ସେଇ ଦାଗ ଛଡ଼ାଇ ଆଣିଲେ । ତାକୁ ପୁଣି ଭାଙ୍ଗ ପକାଇବାକୁ ଯାଉଛନ୍ତି । ମୁଁ କହିଲି- ଥାଉ ଭାଙ୍ଗ ପକାଇବା ଦରକାର ନାହିଁ । ମୁଁ ତ ତାକୁ ସୁଟ୍‌କେସ୍‌ରେ ପୂରାଇ ନେବି ।

ସେ ଉତ୍ତର ଦେଲେ- ନା ଭାଙ୍ଗ ପକାଇ ଦେଉଛି । ତାହା ଆମର କର୍ତ୍ତବ୍ୟ । ଆପଣ ତାକୁ ଘରେ ଯେମିତି ରଖନ୍ତୁ ପଛେ, ଏଠାରୁ ତ ମୁଁ ଠିକ୍ କରି ଆପଣଙ୍କୁ ଦେବା ମୋର କାମ ।

ମୁଁ ନୀରବ ହେଲି । ତାଙ୍କୁ ଧନ୍ୟବାଦ ଦେଇ ସବୁଦିନ ପାଇଁ ବିଦାୟ ନେଲି । ସେ ମଧ୍ୟ ହସିହସି ବିଦାୟ ଦେଲେ । ନିଜ କାମଟି ଠିକ୍ ଭାବରେ କରିବାରେ ସେମାନଙ୍କର ନିଷ୍ଠା ସତେ କେତେ ? ଆମର ତ ଏଠି ସମସ୍ତେ ଯେମିତି ବେଠି କରି ଚାଲିଛନ୍ତି । ନିଜ କାମ ଠିକ୍ ହେଉ ବା ନ ହେଉ ପଇସାଟି କଷି କରି ନେଲେ ହେଲା ।'' ଏଇ ଅବସ୍ଥା ୩୦ ବର୍ଷ ପରେ ମଧ୍ୟ ଏଠାରେ ଭଲ ହେବା ବଦଳରେ ଅଧିକ ଖରାପ ହୋଇଛି ।

# ବିଲାତରୁ ଫେରି କାମରେ ଲାଗିଲି

ବିଲାତରୁ ଫେରିଲି । ପ୍ରାୟ ବର୍ଷକ ପରେ ଫେରିଥିବାରୁ ପରିବାର ଓ କର୍ମସ୍ଥଳୀରେ ବହୁ ପରିବର୍ତ୍ତନ ଘଟିଯାଇଥିଲା । ପ୍ରଥମେ ଆମେ ଲିଙ୍ଗରାଜ ମନ୍ଦିରର ସିଂହଦ୍ୱାର ପାଖରେ ଏକ ପୁରୁଣା ଚାଳଘରେ କେତେଦିନ କଟାଇଲୁ । ତାପରେ କଳ୍ପନା ଅଂଚଳରେ ଗୋଟିଏ ଭଡ଼ାଘର ନେଇ ସେଠାକୁ ଚାଲିଗଲୁ ।

ରାଜ୍ୟଶିକ୍ଷା ପ୍ରତିଷ୍ଠାନରେ ମୋତେ କାର୍ଯ୍ୟ କରିବାକୁ ସରକାରୀ ଆଦେଶ ମିଳିଲା । ସେତେବେଳେ ତାର ଅଧ୍ୟକ୍ଷ ଥିଲେ ଆମ ରାଜ୍ୟର ଜଣେ ବରିଷ୍ଠ ଶିକ୍ଷା ପରିଦର୍ଶକ ଓ ପ୍ରଶାସକ ଦୀନବନ୍ଧୁ ପାଣିଗ୍ରାହୀ । ସେତେବେଳେ ଏହି ପ୍ରତିଷ୍ଠାନ କାର୍ଯ୍ୟ କରୁଥିଲା ଆଠନମ୍ବର ୟୁନିଟ୍‌ରେ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ଏକ ପ୍ରଶିକ୍ଷଣକେନ୍ଦ୍ର ପରିସର ମଧ୍ୟରେ । ମୁଁ ଖଣ୍ଡେ ସାଇକଲ୍‌ରେ କଳ୍ପନାରୁ ପ୍ରତିଷ୍ଠାନକୁ ଯିବା ଆସିବା କରୁଥିଲି । ଶୁଣିଲି, ବିଜେବି କଲେଜରେ ଶିକ୍ଷା ବିଭାଗର ଏକ ଅଧ୍ୟାପକ ପଦ ଖାଲି ପଡ଼ିଛି ।

ଦିନେ ତେଣୁ ସକାଳୁ ଆଠଟାରେ ମୁଁ ଡି.ପି.ଆଇ ପ୍ରଫେସର ବିଧୁଭୂଷଣ ଦାସଙ୍କ ବସାଘରେ ପହଞ୍ଚିଲି । ତାଙ୍କୁ ଅନେକେ ଭାରି କଡ଼ା ଲୋକବୋଲି ଭୟ କରୁଥିଲେ । ବାହାରୁ ଦେଖିଲେ ବି ମନରେ ଟିକିଏ ଦକା ପଶେ । ଭିତରୁ ପିଅନଟିଏ ବାହାରି ଆସି କହିଲା- ''ସାର୍ ପୂଜାରେ ବସିଛନ୍ତି । ଘଣ୍ଟାଏ ଲାଗିବ ।'' ମୁଁ ଅପେକ୍ଷା କଲାପରେ ଶୁଣିଲି ଶଙ୍ଖନାଦ । ତା'ପରେ ପରେ ବିଧୁବାବୁ ବାହାରକୁ ଆସିଲେ । ମଠାଧୋତି ପିନ୍ଧିଥାନ୍ତି, ଦେହରେ ଚଦରଟିଏ । ମଥାରେ ଅଳ୍ପସିନ୍ଦୁର ଓ ଚନ୍ଦନ । ମୋତେ ପଚାରିଲେ- ଜଗନ୍ନାଥ, କୁଆଡ଼େ ?

ମୁଁ କହିଲି ''ସାର୍ ବିଜେବି କଲେଜରେ ଗୋଟିଏ ଜାଗା ଖାଲି ଅଛି, ମୋତେ ସେଠାରେ ଦେଲେ.......... ।

ସେ କହିଲେ, ''ଭଲ ହେବ କହୁଛ ତ । ଦେଖିବା ।'' ସବୁକଥା ସେ ଭାରି ମନେ ରଖନ୍ତି । ତାଙ୍କର ଏତେସବୁ କାର୍ଯ୍ୟ । ସେତେବେଳ ସାରା ରାଜ୍ୟର ସବୁ ଶିକ୍ଷା ପାଇଁ

ଜଣେ ନିର୍ଦ୍ଦେଶକ ବା ଡ଼ି.ପି. ଆଇ। ମାତ୍ର ଯାହାକୁ ଯାହା କହିଥାନ୍ତି, ମନେ ରଖି କରିଥାନ୍ତି। ସେଦିନ ସେ ଅଫିସକୁ ଆସି ଆଦେଶ ଦେଲେ। ମୁଁ ତା ଆରଦିନ ପାଇଲି। ତାପରେ ପ୍ରତିଷ୍ଠାନରୁ ବିଦାୟ ନେଇ ବିଜେବିରେ ଯୋଗଦେଲି। ସେତେବେଳେ ସେଠା ଶିକ୍ଷାବିଭାଗର ମୁଖ୍ୟ ଥିଲେ ଡକ୍ଟର ରଘୁନାଥ ପାଣି ଆଉ ଜଣେ ଯୁବ ଅଧ୍ୟାପକ ଧ୍ରୁବଚରଣ ମିଶ୍ର। ଆମେ କଲେଜ ପିଲାମାନଙ୍କ ପାଠପଢ଼ା, ଅଭ୍ୟାସ ଶିକ୍ଷାଦାନ ଆଦିର ବ୍ୟବସ୍ଥା କଲୁ, ପଢ଼ାଇଲୁ, ବତାଇଲୁ ଓ ସାହାଯ୍ୟ କଲୁ। ଭାବିଥିଲି ସେଠାରେ ମୋର ୪/୫ ବର୍ଷ କଟିଯିବ।

ମାତ୍ର ୮/୧୦ ମାସ ପରେ ହଠାତ୍ ଗୋଟିଏ ଆଦେଶ ପାଇଲି। ଡ଼ିପିଆଇଙ୍କ ଅଫିସରେ ମୋର ଯୋଗଦେବାକୁ ହେବ। ଶିକ୍ଷା ଉଦ୍ୟୋଗ କେନ୍ଦ୍ର ନୂତନ ଭାବରେ କାର୍ଯ୍ୟ ଆରମ୍ଭ କରିବ। ଶିକ୍ଷା ଉଦ୍ୟୋଗ କ'ଣ ସେତେବେଳେ କେଉଁଠି ଆମର ପଢ଼ା ହେଉନଥିଲା। ବିଲାତରେ ଯାହା ଟିକିଏ ଶୁଣିଥିଲି। ଟେଲିଭିଜନ ତ ସେତେବେଳେ ସ୍ୱପ୍ନ ଥିଲା।

୧୯୭୪ ମସିହା ଫେବୃୟାରୀ ମାସ ୨୮ ତାରିଖ। ମୁଁ ଭାବିଲି ଡ଼ିପିଆଇଙ୍କୁ କହିବି। ମୁଁ ତ ଶିକ୍ଷା ଉଦ୍ୟୋଗ କ'ଣ ଜାଣିନାହିଁ। ଆଉ କାହାକୁ ସେଠାରେ ଦେଲେ ଭଲହୁଅନ୍ତା। ତାଙ୍କ ଅଫିସକୁ ଗଲି। ଏବେ ଯେଉଁଠି ରାଜ୍ୟଗ୍ରନ୍ଥାଗାର, ସେଇଠି ଥିଲା ଡ଼ିପିଆଇ ଅଫିସ। ସେଦିନ ସେ ଅଫିସ କାର୍ଯ୍ୟରେ କଟକ ଯାଇଥିଲେ। ସେଠାରୁ ଫେରି ଅଫିସ କାମରେ ବ୍ୟକ୍ତି। ମୁଁ ଘର ଭିତରକୁ ପଶି ଯାଇ ନମସ୍କାର କଲାମାତ୍ରେ ପଚାରିଲେ- କି ଓ ଜଗନ୍ନାଥ, ଆଜି ଜଏନ୍ କଲ ?

କହିଲି- ସାରେ ମୁଁ ଏହା କ'ଣ ଜାଣିନି।

''ଜାଣିନ କ'ଣ ? ବିଲାତରେ ଶୁଣିନ କି ଦେଖିନ ? ଆଜି ପରା ଶେଷ ଦିନ। ଆଗ ଜନଏନିଂ ରିପୋଟ ଦିଅ। ତା ପରେ ଯାହା।

ମୁଁ କହିଲି- ସାର୍ ମୁଁ ବିଜେବିରୁ ରିଲିଭଡ଼ ହୋଇନାହିଁ। ଏଠି କିମିତି........

ସେ ତାଙ୍କ ଷ୍ଟେନୋବାବୁଙ୍କୁ କହିଲେ- ବୈଦ୍ୟନାଥଙ୍କୁ ଲଗାଅ। ମୁଁ କହିଦେଉଚି। ସାଙ୍ଗେ ସାଙ୍ଗେ ଫୋନ୍ ଲାଗିଗଲା। ସେତେବେଳେ ବିଜେବିରେ ଅଧ୍ୟକ୍ଷ ଥିଲେ ଶ୍ରୀବୈଦ୍ୟନାଥ ମିଶ୍ର। ତାଙ୍କୁ ଫୋନରେ କହିଲେ, ''ଜଗନ୍ନାଥ ମହାନ୍ତି ଏଠାକୁ ବଦଳି ହୋଇଛନ୍ତି। ସେ ଆଜି ଜଏନ କରୁଛନ୍ତି। ତୁମେ ତାଙ୍କୁ କାଲି ରିଲିଭଡ୍ କରିଦେବ।

ମୁଁ ଦେଖିଲି ଏଠାରୁ ଆଉ ରକ୍ଷା ନାହିଁ । ଯାହାହେଲେ ଆଜି ଯୋଗଦେବାକୁ ପଡ଼ିବ । ବେକରେ ପଡ଼ିଲେ ପୁଣି ଦେଖିବା । ସେଦିନ ଯୋଗଦାନ କରି ତା'ଆରଦିନ ବିଜେବିରୁ ବିଦାୟ ନେଲି । ମୋ ମନ ସିନା ଦିଲ୍‌ଗଲ୍ । ଅନ୍ୟମାନଙ୍କ ମନ ହାଇଁପାଇଁ । ସେମାନେ କହିଲେ- ଡିପିଆଇଙ୍କ ଦୟାରୁ ମୁଁ ଗୋଟିଏ ଚାନ୍‌ସ ମାରିନେଲି । ମୋର ପଦୋନ୍ନତି ହୋଇଗଲା । ମୁଁ ମୋ ଦରମାରେ ସେଇ ଦ୍ୱିତୀୟ ଶ୍ରେଣୀରେ ଆସିଲି । କେବଳ ଟୁର କରିବା ପାଇଁ ଗାଡ଼ିଟିଏ ମିଳିବ । ଜଣେ ଷ୍ଟେନୋ ଓ କିରାଣୀ ମିଳିବେ ।

ମୁଁ ନୂଆ ଦାୟିତ୍ୱ ନେଇ ଯେଉଁ ୨/୩ ଖଣ୍ଡ ଚିଠି ଭାରତ ସରକାରଙ୍କଠାରୁ ଆସିଥିଲା, ପଢ଼ିଲି ମୋର ମୁଖ୍ୟ କାର୍ଯ୍ୟହେଲା ରେଡ଼ିଓ ଟେଲିଭିଜନ ସାହାଯ୍ୟରେ ପିଲାମାନଙ୍କ ପାଠପଢ଼ାକୁ ସରସ ଓ ସଫଳ କରିବା । ମୁଁ ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାବିଭାଗ, ଆକାଶବାଣୀ, ଉପଗ୍ରହ ଦୂରଦର୍ଶନ କେନ୍ଦ୍ର ଇତ୍ୟାଦି ଅଫିସକୁ ଚିଠିପତ୍ର ଲେଖିଲି । ଶିକ୍ଷା ଉଦ୍ୟୋଗ ଉପରେ ବହିପତ୍ର ପଢ଼ିଲି । ନୂଆ ଲେଖାମାନ ଲେଖି ଓଡ଼ିଶା ଓ ବାହାରେ ପତ୍ରିକାମାନଙ୍କୁ ପଠାଇଲି । ଛପା ବି ହେଲା । ନୂଆ ବିଷୟଟି ଉପରେ ଲେଖାମାନ ହୋଇଥିବାରୁ ଭାରି ଆଦର ଲାଭ କଲା । ଭାରତ ସରକାରଙ୍କ ଶିକ୍ଷା ପତ୍ରିକାରେ ମୋ ଲେଖା ଆଗ ସ୍ଥାନ ପାଇଲା ।

ଏହି ଯୋଜନାରେ ସବୁଠୁଁ ବଡ଼କଥା ହେଲା- ଆମେରିକା ଠାରୁ ଧାର ସୂତ୍ରରେ ଭାରତ ପାଇଥିବା ଏକ କୃତ୍ରିମ ଉପଗ୍ରହ ଯାହାଯ୍ୟରେ ୬ଟି ରାଜ୍ୟରେ ଟେଲିଭିଜନ କାର୍ଯ୍ୟକମ ସଂଚାରଣ । ଆମ ରାଜ୍ୟର ଢେଙ୍କାନାଳ, ସମ୍ବଲପୁର, ବୌଦ୍ଧ-ଫୁଲବାଣୀ ଜିଲାର ପ୍ରାୟ ୪ଶହ ପ୍ରାଥମିକ ବିଦ୍ୟାଳୟରେ ଟେଲିଭିଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ହେଲା । ଦିନବେଳେ ପିଲାମାନଙ୍କୁ ସରସ ଓ ସାର୍ଥକ ପ୍ରାଥମିକ ଶିକ୍ଷା ଓ ସଂଧ୍ୟାରେ ଗ୍ରାମବାସୀମାନଙ୍କ ପାଇଁ ଜନଶିକ୍ଷା ପ୍ରଦାନ କରାଯାଇଥିଲା । ବିଜ୍ଞାନ ଓ ବିକାଶ ଶିକ୍ଷାଉପରେ ଅଧିକ ଗୁରୁତ୍ୱ ଦିଆଗଲା । ବର୍ଷକ ପାଇଁ ଏହି ଟେଲିଭିଜନ ବ୍ୟବସ୍ଥା ଆମ ରାଜ୍ୟରେ ପ୍ରଥମେ କାର୍ଯ୍ୟକାରୀ ହୋଇଥିଲା ।

ଏହି କାର୍ଯ୍ୟର ମୁଖ୍ୟ ଦାୟିତ୍ୱ ଶିକ୍ଷା ବିଭାଗ ଓ ଲୋକ ସଂପର୍କ ବିଭାଗକୁ ଦିଆଯାଇଥିଲା । ତେଣୁ ଶିକ୍ଷା ବିଭାଗ ତରଫରୁ ଆମ ଉପରେ ଏହି ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା । ସେହି ବିଦ୍ୟାଳୟଗୁଡ଼ିକରେ ଟିଭି କାର୍ଯ୍ୟକ୍ରମ ଠିକ୍ ସମୟରେ ଦେଖାଇବା, ପିଲାମାନଙ୍କ ସହିତ ଆଲୋଚନା କରିବା, ଏଥିପାଇଁ ଶିକ୍ଷକମାନଙ୍କୁ ତାଲିମଦେବା ଆଦି

ଆମର କାର୍ଯ୍ୟଥିଲା । ଟିଭି କାର୍ଯ୍ୟକ୍ରମ ଦେଖି ପିଲାମାନଙ୍କ ଉପସ୍ଥାନ, ସାହିତ୍ୟ, ବିଜ୍ଞାନ, ଆବୃତ୍ତି ଆଦିରେ ଉନ୍ନତି ଘଟିଥିଲା । ଜନସାଧାରଣ ମଧ୍ୟ ନିଜ ନିଜ କାର୍ଯ୍ୟ ପାଇଁ ସଂଧ୍ୟା ଟିଭି କାର୍ଯ୍ୟକ୍ରମରୁ ଶିକ୍ଷାଲାଭ କରିଥିଲେ । ମୁଁ ଏହିସବୁ କାର୍ଯ୍ୟ ଛଡ଼ା "ଓଡ଼ିଶା ଶିକ୍ଷା ପତ୍ରିକା" ଡିପିଆଇ ଅଫିସରୁ ସଂପାଦନ ଓ ପ୍ରକାଶନ କରୁଥିଲି । ବର୍ଷକ ପାଇଁ ଧାର ଆସିଥିବା ଉପଗ୍ରହଟି ଚାଲିଗଲା । ମାତ୍ର ତା ଯୋଗୁଁ ଟେଲିଭିଜନ କାର୍ଯ୍ୟକ୍ରମର ସଫଳତା ମିଳିଥିବାରୁ ଅନ୍ୟ ଉପାୟରେ ଏହି କାର୍ଯ୍ୟକ୍ରମରେ ପ୍ରସାରଣ ପାଇଁ ଉଦ୍ୟମ ହୋଇଥିଲା । ସାରା ଦେଶରେ ଆମ ରାଜ୍ୟର ବିଶେଷ କୃତିତ୍ୱ ଯୋଗୁଁ ଓଡ଼ିଶାରେ ଏବେ ଟିଭି ଷ୍ଟୁଡ଼ିଓ ପ୍ରତିଷ୍ଠା ପାଇଁ ଭାରତ ସରକାର ପ୍ରସ୍ତାବ ଦେଲେ । ତାପରେ ରାଜ୍ୟ ଶିକ୍ଷା ଉଦ୍ୟୋଗ ପ୍ରତିଷ୍ଠାନ ଗଢ଼ିଉଠିଲା । ସେଥିପାଇଁ ଜମିଦଖଲ ଠାରୁ କର୍ମଚାରୀ ନିଯୁକ୍ତି ଯାଏ ଆମ ଦେଶବିଦେଶରେ ତାଲିମ ଦିଆଗଲା । ଉକ୍ତ ପ୍ରତିଷ୍ଠାନ ପାଇଁ ପକ୍କାଘର ତୋଳାଯାଇ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତି ଚାଲିଲା ।

ଏତିକିବେଳେ ମୋର ବଦଳି ସମ୍ବଲପୁରକୁ ହୋଇଥିଲା । ମାତ୍ର ମୁଁ ମୋର ପିଏଇଚଡ଼ି ଗବେଷଣା କାର୍ଯ୍ୟ ସାରିବା ଅବସ୍ଥାରେ ଥିବାରୁ ୩ ମାସ ପାଇଁ ସମୟ ମାଗିଲି । ସେତେବେଳର ଶିକ୍ଷା ସଚିବ ଜ୍ଞାନଚାନ୍ଦ ମୋ କାର୍ଯ୍ୟରେ ସନ୍ତୁଷ୍ଟ ହୋଇଥିବାରୁ ବର୍ଷକ ପାଇଁ ମୋର ବଦଳି ବନ୍ଦ କରିଥିଲେ । ଏତିକି ବେଳକୁ ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ବାମାଚରଣ ଦାସଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ବସିଥିଲା । ରାଜ୍ୟରେ କେଉଁଠି ନୂଆ କଲେଜମାନ ହେବ, ସେବିଷୟରେ ବିଚାର କରିବା ପାଇଁ । ମୋତେ ତାର ସଂପାଦକ ଦାୟିତ୍ୱରେ ରଖାଗଲା ।

ଏହି ସମୟରେ ଭାରତ ସରକାର ମୋତେ ରେଡ଼ିଓ ଟେଲିଭିଜନ ଆଦି ମାଧ୍ୟମଗୁଡ଼ିକର ବ୍ୟବହାର ଓ ତତ୍ତ୍ୱାବଧାନ ପାଇଁ ତାଲିମ ପାଇବାକୁ ୩ ମାସ ପାଇଁ ବିଲାତ ପଠାଇବାକୁ କହିଲେ । ମୁଁ ତେଣୁ ୧୯୭୮ ମସିହା ଶେଷରେ ମୋର ସବୁ ସରକାରୀ ଦାୟିତ୍ୱ ରାଜ୍ୟଶିକ୍ଷା ପ୍ରତିଷ୍ଠାନର ଉପାଧ୍ୟକ୍ଷ ଡକ୍ଟର ଜଗମୋହନ ରାଠୋରଙ୍କୁ ବୁଝାଇ ଆଉ ଥରେ ଲଣ୍ଡନ ଯାତ୍ରା କଲି । ଏଇ ସମୟରେ ଅନୁଭୂତି ପୂର୍ବଥରଠାରୁ ବହୁଦିଗରେ ତଫାତ୍ ଥିଲା । ତାହା ପରିବର୍ତ୍ତୀ ଅଧ୍ୟାୟରେ ଜଣାଉଛି ।

# ପୁଣି ବିଲାତ ଯାତ୍ରା ଓ ତିନିମାସର ରହଣି

## ବର୍ଷ ଶେଷରେ ଯାତ୍ରା ଓ ଅସୁବିଧା

ପୂର୍ବଥର (୧୯୭୧-୭୨) ବିଲାତଯାତ୍ରା ପ୍ରାୟ ବର୍ଷକ ପାଇଁ ହୋଇଥିବାରୁ ସେଠାରେ ଶୀତ, ବସନ୍ତ, ବର୍ଷା ଓ ଗ୍ରୀଷ୍ମ ଋତୁଗୁଡ଼ିକ ଉପଭୋଗ କରିଥିଲି । ଦଶରା ପୂଜାବେଳାରେ ଏଠାକୁ ଯାଇଥିଲି । ତେଣୁ ଏଠାରେ ଥିଲା ପାର୍ବଣ ସମୟ । ଏଥର ମୁଁ ୧୯୭୮ ବର୍ଷ ଠିକ୍ ସରିଲାବେଳକୁ ବାହାରିଲି । ବିଲାତରେ ସେତେବେଳେ ବଡ଼ଦିନ ଆଉ ନୂଆ ବର୍ଷ (୧୯୭୯) ପାଳନ ହୋଇଥାଏ । ଆମର ତ ଏଠାରେ ଶୀତଋତୁ । ମାତ୍ର ସେଠାରେ ଯାହାକୁ କହନ୍ତି କାଠୁଆଶୀତ । ପୁଣି ଏତେ ଥଣ୍ଡା ପଡ଼ିଗଲା ଯେ ସମସ୍ତେ କହୁଥିଲେ ଗଲା ଅଠର ବର୍ଷ ମଧ୍ୟରେ କେବେ ଏମିତି କଲିଜା ଫଟା ଜାଡ଼ ନଥିଲା ।

ମୁଁ ଡିସେମ୍ବର ୩୧ ତାରିଖ ୨ଟାରେ ଘରୁ ବାହାରିଲି । ସାଙ୍ଗସାଥୀ ଓ ପିଲାମାନେ ମୋତେ ବିଦାୟ ଦେବାକୁ ଉଡାଜାହାଜ ପଡ଼ିଆକୁ ଗଲେ । ପ୍ରାୟ ପାଞ୍ଚଟାରେ ମୁଁ ଜାହାଜରେ ବସିଲି । ଝରକା ପାଖ ଆସନଟିଏ ମିଳିଯିବାରୁ ବାହାର ଦୃଶ୍ୟ ଦେଖିବାରେ ସୁବିଧା ହୋଇଥିଲା । ଖୁବ୍ ଶବ୍ଦ କରି ଜାହାଜ ଉପରକୁ କୁଦା ମାରି ଉଠିଗଲା ପରେ ଆଉକେହି ଦିଶିନେଲ ନାହିଁ । ଯେଉଁ ନୀଳ ଆକାଶ ଓ ସୋରିଷଫୁଲିଆ ଖରାରେ ଏତେ ସୁନ୍ଦର ଦିଶୁଥିଲା, ସେସବୁ ବଦଳିଗଲା । ଚଉଦିଗରେ ଖାଲି ଉଜ୍ଜ୍ୱଳ ଆଲୁଅର ଦରିଆ ଆଉ ତା ଭିତରେ ପ୍ରଥମେ ନାନାରଙ୍ଗରେ ବଉଦ ଓ ପରେ ବରଫଧଳା ବଉଦମାନ ଭାସି ଉଠିଲା ।

କଲିକତାର ଦମ୍‌ଦମ୍ ବିମାନବନ୍ଦରରେ ଆମେ ପ୍ରାୟ ଘଣ୍ଟାକ ପରେ ଓହ୍ଲାଇଲୁ । ରାତିସାଢ଼େ ୧୦ଟାରେ ଦିଲ୍ଲୀକୁ ଆମେ ଯିବା କଥା, ଅନାଇଁ ରହିଲୁ । ମାତ୍ର ବିମାନଟି ହଙ୍ଗକଙ୍ଗରୁ ଆସିବାରେ ବିଳମ୍ବ ହେଲା । ଶେଷରେ ଜାଣିଲୁ- ଘନ କୁହୁଡ଼ି ଯୋଗୁଁ ତାହା ସିଧା ଚାଲିଗଲା । ଆମେ ତା'ଆର ଦିନ ସକାଳେ ଯିବାକୁ ହେବ । ତେଣୁ ଜାହାଜରେ ନୂଆ ବର୍ଷଟା କଟିଯିବ । ଗୋଟିଏ ହୋଟେଲରେ ଆମ ରହିବା ଖାଇବା ବ୍ୟବସ୍ଥା ହେଲା ।

ମୋ ସାଥିରେ ରହିଲେ ମଣିପୁରର ମଣିସିଂହ। ସେ ମୋ ପରି ସେଇକାର୍ଯ୍ୟରେ ଯୋଗଦେବାକୁ ଲଣ୍ଡନ ଯାଉଥିଲେ।

ଅନ୍ୟ ଉଡାଜାହାଜ ନମିଳିବାରୁ ଆମେ ସାରାଦିନ ସେଇ ହୋଟେଲରେ ରହିଲୁ। ମାତ୍ର ନୂଆ ବର୍ଷ ଯୋଗୁଁ ଯାତ୍ରୀମାନଙ୍କର ଭାରି ଭିଡ଼। ନୂଆ ବର୍ଷଟି ବିଲାତରେ ନକଟି କଲିକତାରେ କଟିଗଲା। ହୋଟେଲ ଲାଉଞ୍ଜରେ ଯେଉଁ ଖାଦ୍ୟପଦାର୍ଥ ବଢ଼ାଗଲା, ତାହା ଷଣ୍ଢ ଗୋଠରେ ପାଳ ମେଲାଇଲା ପରି ହେଲା।

ରାତି ୧୧ଟା, ଆମେ ଗୋଟିଏ ଏୟାର ବସ୍‌ରେ ଦିଲ୍ଲୀଗଲୁ। ସାଢ଼େ ତିନି ଶହଯାତ୍ରୀ ସେଥିରେ ଗଲେ। ୩ଟାରେ ଆମେ ଦିଲ୍ଲୀ ପାଲାମ ବିମାନ ଘାଟୀରେ ଓହ୍ଲାଇଲୁ। ସେଠାରୁ ଗୋଟିଏ ମସ୍ତବଡ଼ ବୋଇଙ୍ଗ ବିମାନରେ ଲଣ୍ଡନକୁ ଯାତ୍ରା କଲୁ। ସେଠା ହିଥ୍ରୋ ବିମାନ ବନ୍ଦରରେ ସାଢ଼େ ୪ଟାରେ ପହଞ୍ଚିଲୁ। ହାଡ଼ଭଙ୍ଗା ଶୀତ। କାଲୁଆ ଥଣ୍ଡା ପବନ ପିଟୁଥାଏ। ଆମେସବୁ ବରଡ଼ା ପତର ପରି ଥରିଲୁ ସୁଟ୍ ପିନ୍ଧିବା ସତ୍ତ୍ୱେ ବରଫ ପଡ଼ିଥିବାରୁ ଜାହାଜରୁ ଆମ ଜିନିଷପତ୍ର ବାହାର କରିବା କଷ୍ଟକର ହେଲା। କାନ୍ଥଘଡ଼ିରେ ବାଜିଥିଲା ୫ଟା। ମାତ୍ର ମୋ ହାତଘଡ଼ିରେ ଦେଖିଲି ସାଢ଼େ ୧୦ଟା। ଆମ ସମୟ ସାଢ଼େ ୫ ଘଣ୍ଟା ଆଗୁଆ।

ବ୍ରିଟିଶ୍ କାଉନସିଲର କର୍ମଚାରୀମାନେ ଅପେକ୍ଷା କରିଥିଲେ। ସେମାନେ ଆମଙ୍କୁ ପାଛୋଟି ନେଲେ ପୋର୍ଟଲ୍ୟାଣ୍ଡ ହୋଟେଲକୁ। ବାହାରେ ଖୁବ୍ ବରଫ ବର୍ଷା। ଗଛଗୁଡ଼ିକରେ ମଧ୍ୟ ବରଫର ବୋଝ। ସାହେବମାନେ ବି ବ୍ୟସ୍ତହୋଇ ପଡ଼ି କହୁଥିଲେ- "ବିଲାତଟା ଏବେ ଡିପ୍ରିଜ ଭିତରେ। ହେଲେ, ନିଜ କାର୍ଯ୍ୟରେ ହେଳା ନାହିଁକି ସମୟରେ ଏପଟ ସେପଟ ନାହିଁ।

ତା ଆରଦିନ ମଣିସିଂହ ଓ ମୁଁ ବ୍ରିଟିଶ କାଉନ୍‌ସିଲର ପ୍ରଧାନ ଅଫିସକୁ ଗଲୁ। ଆମର ପାଠପଢ଼ା, ରହିବା, ଚଳିବା, ଭତ୍ତା ପାଇବା ଆଦି ବିଷୟରେ କଥା ହେଲୁ। ବହୁ ବିଦେଶୀ ଛାତ୍ରଛାତ୍ରୀ ଥାନ୍ତି। ଦେଖିଲି ଦିଲ୍ଲୀରୁ ଆସିଛନ୍ତି ମୋର ବନ୍ଧୁ ଜଗଦୀଶ ସିଂହ ଓ ଜଣେ ଭଦ୍ର ମହିଳା ମୋହିନୀ ରାଉତ। ଆମେ ୪ଜଣ ଭାରତୀୟ ଗୋଟିଏ କୋର୍ସ ପାଇଁ ଯାଇଥିଲୁ।

ଲଣ୍ଡନ ବିଶ୍ୱବିଦ୍ୟାଳୟ ପାଖରେ ବ୍ରିଟ୍ଶ କାଉନସିଲର ମେଡ଼ିଆ ବିଭାଗ ଯେଉଁଠି ଆମର ଶିକ୍ଷା ଓ ଆଲୋଚନା ଚାଲିବ। ରେଡ଼ିଓ, ଟିଭି ଆଦି ବୈଦ୍ୟୁତିକ ମାଧ୍ୟମ ବଳରେ କିପରି ଶିକ୍ଷାର ଉନ୍ନତି କରିବାକୁ ହେବ, ସେ ଦିଗରେ ତାଲିମ ଦିଆଗଲା, ଆଲୋଚନା

ଚାଲିଲା । ଆମଙ୍କୁ ମଧ ଧାରସୂତ୍ରରେ ଗୋଟିଏ ଲେଖାଁ ଟୁ ଇନ୍ ୱାନ, କ୍ୟାମେରା, ରିଲ୍ ଓ କିଛି ବହିପତ୍ର ଦିଆଗଲା । ଯେଉଁଠି ଯେଉଁ ଦୃଶ୍ୟ ଶିକ୍ଷଣୀୟ ମନେହେବ, ତାର ଫଟୋ ଉଠାଇବା ଓ ରେକର୍ଡ଼ିଙ୍ଗ କରିବାର ସ୍ୱାଧୀନତା ମିଳିଲା । ନେଗେଟିଭି ସବୁ ନେଇ ସେଠାରେ ଡେଭଲପ ଓ ପ୍ରିଣ୍ଟ କରିବାର ସୁବିଧା ଥିଲା । ମୁଁ ଏସବୁ ଜାଣିନଥିବାରୁ ଅଧ୍ୟାପକ ଲଙ୍ଗ ଖୁବ୍ ଆଗ୍ରହରେ ଡାର୍କ ରୁମକୁ ନେଇ ବୁଝାଇ ଦେଲେ । ସେଦିନ ଠାରୁ ମୁଁ ନିଜେ ନିଜେ ସବୁ କରିଥିଲି । ଲଙ୍ଗ ପ୍ରକୃତରେ ଦେଖିବାକୁ ଭାରି ଉଚ୍ଚାଲୋକ, ସାଢ଼େ ୬ଫୁଟରୁ କମ୍ ହେବେ ନାହିଁ । ଗୋଟିଏ ଟି ପାର୍ଟିରେ ଆମକୁ ସେମାନେ ସ୍ୱାଗତ କଣାଇଥିଲେ ।

ଗୋଟିଏ ଛାତ୍ରକେନ୍ଦ୍ର ଥିଲା । ତାର ଅଫିସ ତରଫରୁ ଆମ ରହିବା, ଦର୍ଶନୀୟ ସ୍ଥାନ ଦେଖିବା ଆଦି ହେଉଥିଲା, ସେଠାରେ ଭାରତୀୟ ବିଶେଷତଃ ଓଡ଼ିଆମାନଙ୍କ ବନ୍ଧୁ ମିଳନ ହୁଏ ଛୁଟି ବା ସପ୍ତାହ ଶେଷରେ । ସେତେବେଳେ ଅଧ୍ୟାପକ ସୁନୀଲ ବିହାରୀ ମହାନ୍ତି ଗୋଟିଏ କୋର୍ସରେ ଥିଲେ । ତାଙ୍କ ସହିତ ମୁଁ କେତେକ ଓଡ଼ିଆ ବନ୍ଧୁଙ୍କ ପରିବାରକୁ ଯାଇଥିଲି । ବନ୍ଧୁ ମିଳନରେ ଭଲ ଓଡ଼ିଆ ଖାଦ୍ୟ, ପିଠାପଣା, ଖୁସିଗପ, ଟିଭି ଓ ଭିଡ଼ିଓ ଦେଖା ହୁଏ । ସେମାନଙ୍କ ମଧ୍ୟରେ ମୋର ସବୁଠୁଁ ଅଧିକ ପରିଚିତ ହେଲେ ଭାରତୀୟ କମିଶନଙ୍କ ଅଫିସରରେ କାର୍ଯ୍ୟ କରୁଥିବା ଅଡ଼ିଟ୍ ଅଧିକାରୀ ଶ୍ରୀ ବ୍ରହ୍ମାନନ୍ଦ ମହାନ୍ତି ଓ ମୋର ବି.ଇଡ଼ି ସାହପାଠିନୀ ସ୍ନେହ । ସେମାନେ ମୋତେ ଖୁବ୍ ଶ୍ରଦ୍ଧାରେ ତାଙ୍କ ବସାକୁ ଡାକନ୍ତି । ମୁଁ ମଧ ମୋ ବସା ପାଖରେ ହୋଇଥିବାରୁ ବହୁ ସପ୍ତାହ ଶେଷରେ ଯାଇଛି, ଖିଆପିଆ କରିଛି ଓ ସୁଖଦୁଃଖ ହୋଇ ଫେରିଛି ।

ବ୍ରହ୍ମାନନ୍ଦବାବୁଙ୍କ ଘରେ ଗୋଟିଏ ଝିଅ ଓ ଗୋଟିଏ ପୁଅ ଥିଲେ । ଫେବୃୟାରୀ ୨୩ ତାରିଖରେ ପୁଅ ବାବୁର ଜନ୍ମଦିନ । ସେମାନେ ନିମନ୍ତ୍ରଣ କଲେ ମୋତେ ଓ ଅନ୍ୟ ଓଡ଼ିଆ ପରିବାରଗୁଡ଼ିକୁ । ଅଣଓଡ଼ିଆ ବି କେତେଜଣ ଯୋଗଦେଇଥିଲେ । ସମସ୍ତେତ ଉପହାର ଆଣିଥିଲେ । ମାତ୍ର ହସଖୁସି, ମଉଜ ମଜଲିସ ଖୁବ୍ ହୋଇଥିଲା । କେକ୍ କାଟିବା, ମହମବତୀ ଲିଭାଇବା, ଖିଆପିଆ ସବୁର ଫଟୋ ଉଠିଲା । ପୁରୀ, ପଲଉ, ପାୟସ, ଚିକିନ୍, ପୋଟଳରସା, ବହଳିଆଡ଼ାଲି, କୋବି ତରକାରୀ, ଖଟା ଆଦି କେତେ କ'ଣ ସ୍ନେହ ନିଜ ହାତରେ ପ୍ରସ୍ତୁତ କରିଥିଲେ । ଖାଦ୍ୟ ପଦାର୍ଥର ସଂଖ୍ୟା ଯେମିତି, ସୁସ୍ୱାଦୁ ସେମିତି । ସେଦିନର ମଜା ସତେ ଭୁଲି ହେବନାହିଁ ।

## ଲଣ୍ଡନରେ ରହଣି, ପାଣିପାଗ ଓ ପାଠପଢ଼ା

ଆଗଥର ମୁଁ ଗୋଟିଏ ବଡ଼ ଛାତ୍ରାବାସରେ ରହିଥିଲି । ଏଥର କିନ୍ତୁ ଜଣଙ୍କ ଘରେ, ସପ୍ତାହକୁ ଭଡ଼ାଦେଇ ସପ୍ତାହ ରହିଥିଲି । ବିଲାତରେ ଏମିତି ଖର୍ଚ୍ଚ ଦେଇ କୁଣିଆ ହୋଇଥାନ୍ତି । ଏହି ବ୍ୟବସ୍ଥା ସେଠାରେ ଲୋକପ୍ରିୟ । ଏମିତି ରହିଥିବା ଲୋକଙ୍କୁ "ପେଇଙ୍ଗ ଗେଷ୍ଟ" କୁହାଯାଏ । ତାଙ୍କୁ ରହିବାକୁ ଗୋଟିଏ ଘର ଓ ଖାଇବାକୁ ଖାଦ୍ୟ ଦିଆଯାଏ । ନିଜେ ରୋଷେଇ କରି ଖାଇବାକୁ ଚାହିଁଲେ ସବୁ ସରଞ୍ଜାମ ଥିବା ରୋଷେଇ ଘରଟିଏ ମିଳେ । ଆମର ପବ୍ଲିକ୍ ଫୋନ୍ ବ୍ୟବହାର କଲେ ଯେମିତି କିଛି ମୁଦ୍ରା ପକାଇଲେ କାହା ସାଥିରେ କଥାହେଉ, ସେମିତି ଗ୍ୟାସ ଲାଇନ ଥାଏ, ମୁଦ୍ରା ପକାଇଦେଲେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଗ୍ୟାସ ମିଳେ ରୋଷେଇ କରିବାକୁ । ଘର ମାଲିକିଆଣୀଙ୍କୁ ହାଉସ୍ ଲେଡ଼ି କୁହାଯାଏ । ସେ ଘରସଫା ଠାରୁ ଭଡ଼ା ଆଦାୟ ଯାଏ, ସବୁ ଦାୟିତ୍ୱ ତୁଲାଇଥାନ୍ତି । ଆମର ଘରମାଲିକାଣୀ ଜଣେ ବିଧବା ଓ ଜଣେ ଯୁବକଙ୍କୁ ସବୁ କାମଦାମ କରିବାକୁ ରଖିଥାନ୍ତି । ତାଙ୍କର ୩/୪ଟି ଝିଅ ବିଭିନ୍ନ ଦେଶରେ ବିବାହ କରି ରହିଛନ୍ତି । ଥରେ ଥରେ ସେମାନେ ଆସନ୍ତି ।

ଖୁବ୍ ଥଣ୍ଡା ପଡ଼ିଥିବାରୁ ରାସ୍ତା ଉପରେ ବରଫ ଗଦା ହୋଇଯାଏ । ସେଥିରେ ଲୋକ ଚାଲିଲେ ଓ ଗାଡ଼ିମଟର ଗଲେ କାଦୁଅ ଚକଟିଲା ପରି ଅବସ୍ଥା ହୁଏ । କିଛି ବାଟ ଗଲେ ବସ୍, ଟ୍ରେନ୍ ବା ଟାକ୍ସିରେ ଯିବାକୁ ପଡ଼େ । ପାଖ ବାଟ ହୋଇଥିଲେ ଚାଲିଯିବାକୁ ଅନେକ ପସନ୍ଦ କରିନ୍ତି । ସେଠାରେ ଭୂଇଁତଳେ ରେଲଗାଡ଼ିରେ ଯିବାଆସିବାରେ ମଜା ଲାଗେ । ବାହାରେ ବରଫ ପଡୁଥିବାରୁ ଭୂଇଁତଳ ରେଲଗାଡ଼ିରେ ଯିବା ଆସିବାରେ ମଜା ଲାଗେ । ବାହାରେ ବରଫ ବର୍ଷା, ଭାରି ଥଣ୍ଡା ପବନ, ମାତ୍ର ଭୂଇଁ ତଳେ ଖୁବ୍ ଉଷୁମ ଓ ଆରାମ । ଟ୍ରେନ ବି ବେଶି ସମୟ କେଉଁଠି ନ ଅଟକି ଖୁବ୍ ଶୀଘ୍ର ଚାଲିଯାଏ । ଷ୍ଟେସନମାନଙ୍କରେ ଗୋଟିଏ ଦୁଇଟି ମିନିଟ୍ ରହିଯାଏ । ଫୁର୍ତ୍ତି ବାହାରି ପଡ଼ିବା ଓ ଚଢ଼ିଯିବା ଦରକାର ସେଇ ଟ୍ରେନ୍‌ରେ । ସବୁଠି ତ ଯନ୍ତ୍ର । ନିର୍ଦ୍ଦିଷ୍ଟ ଅର୍ଥ ପୂରାଇଦେଲେ ସେଇ ମୂଲ୍ୟର ଟିକେଟ୍ ମିଳେ । ଚା, ଚକୋଲେଟ, ସିଗାରେଟ୍ ଆଦି ସୁଇଚ ଟିପିଦେଲେ ଯନ୍ତ୍ରରୁ ବାହାରେ । ଆମ ପୁରୁଣା କଥାରେ ବେତାଳ ପରି ଯାହା ଚାହିଁବ, ଯନ୍ତ୍ର କରିଦେବ ।

ଲଣ୍ଡନ ସହର ମଝିରେ ହାଇକମିଶନ ଅଫିସ । କେହି ଭାରତୀୟ ବିଲାତ ଗଲେ ସେଠାରେ ଜଣାଇ ଦିଆଯାଏ । ବିଶେଷ କିଛି ସୁବିଧା ଅସୁବିଧା ହେଲେ ସେ ବୁଝନ୍ତି ।

ଗୋଟିଏ ବିରାଟ ଛାତ୍ରାବାସ ମଧ୍ୟ ଅଛି ୱାଇ.ଏମ୍.ସି.ଏ.। ଭାରତୀୟ ଛାତ୍ରଛାତ୍ରୀ ରହିଥାନ୍ତି। ସେଠାରେ ଥରେ ଥରେ ସଭାସମ୍ମିଳନୀ ହୁଏ। ଜାନୁୟାରୀ ୨୬ରେ ଗଣତନ୍ତ୍ର ଦିବସ ଓ ୩୦ରେ ଶହୀଦ ଦିବସ ବା ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ କରାଯାଏ। ଏଥର ଗଣତନ୍ତ୍ର ଦିବସରେ ବ୍ରିଟିଶ ହାଇକମିଶନ ଓ ସେଠା ପାର୍ଲାମେଣ୍ଟର କେତେକ ସଭ୍ୟ ଅତିଥି ହୋଇଥିଲେ। ସେମାନେ ଭାରତର ବୃହତ୍ତମ ଓ ସଫଳ ଗଣତନ୍ତ୍ରକୁ ଭାରି ପ୍ରଶଂସା କଲେ। ଭାରତ ପରାଧୀନ ଥିଲା ବେଳେ ମଧ୍ୟ ଭାରତୀୟ ଛାତ୍ରମାନେ ୧୯୨୬ରେ ଗୋଟିଏ ଛାତ୍ରସଂଘ "ଇଣ୍ଡିୟାନ ଲିଗ୍" ଗଢ଼ିଥିଲେ। ସେତେବେଳେ ଭାରତର ସ୍ୱାଧୀନତା ଦାବି କରୁଥିଲେ, ଏବେ ଜାତୀୟ ଦିବସଗୁଡ଼ିକ ପାଳନ କରନ୍ତି।

ସେଠାରେ ପିଲାମାନଙ୍କ ପାଠପଢ଼ା ଅଲଗା ପ୍ରକାରର। ପିଲାଙ୍କ ରୁଚିକୁ ଚାହିଁ ପାଠପଢ଼ା। ଘରଦ୍ୱାର, ଆସବାବପତ୍ର, ରେଡ଼ିଓ, ଟେଲିଭିଜନ, ଖେଳ ସରଞ୍ଜାମ ସବୁ ରଖାଯାଇଥାଏ। ଶିକ୍ଷକଙ୍କ ଅପେକ୍ଷା ଅଧିକ ଶିକ୍ଷୟିତ୍ରୀ। ସେମାନେ ଠିକ୍ ଠିକ୍ ସବୁ କାମ କରିଯାନ୍ତି। ପିଲାମାନେ ଦଳଦଳ ହୋଇ ବସି କେଉଁଠି ବହି ପଢ଼ାନ୍ତି, କେଉଁଠି ଅଙ୍କକଷନ୍ତି, କେଉଁଠି ଚିତ୍ରାଙ୍କନ ତ କେଉଁଠି ଗଳ୍ପ କଥନ, କେଉଁଠି ଗୀତ ତ କେଉଁଠି ଖେଳରେ ଲାଗିଥାନ୍ତି। ପିଲାମାନଙ୍କୁ ବତାଇଦେବା, ଆବଶ୍ୟକ ସାମଗ୍ରୀ ଯୋଗାଇଦେବା ଆଦିରେ ଶିକ୍ଷୟିତ୍ରୀଗଣ ସାହାଯ୍ୟ କରିଥାନ୍ତି। ପିଲାମାନେ ମନମୁତାବକ ସବୁ କାମ କରନ୍ତି ଶାନ୍ତିରେ ଓ ଶୃଙ୍ଖଳାରେ।

ଆମର ସେଠାରେ ପାଠପଢ଼ା ବା ତାଲିମ ହେଲା ରେଡ଼ିଓ, ଟିଭି, ଆଦି ପାଇଁ ଭଲ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଓ ସେଗୁଡ଼ିକୁ ସଦୁପଯୋଗ କରିବା। ତେଣୁ ବିବିସି (ଯାହା ସେଠାରେ ଆମର ଦୂରଦର୍ଶନ ଓ ଆକାଶବାଣୀ ପରି) ସହିତ ସଂପର୍କ ବେଶି ରହିଲା। ସେଠାରେ ସେତେବେଳେ ମଧ୍ୟ ଶତକଡ଼ା ୮୦ରୁ ଅଧିକ ଘରେ ଟିଭିସେଟ୍ ଥିଲା। ଶିକ୍ଷାଦାନଠାରୁ ମନୋରଞ୍ଜନ, ଖେଳଠାରୁ ବିଚାରଆଲୋଚନା ଯାଏ ସବୁଥିରେ ସ୍ୱାଧୀନତା ଓ ସନ୍ତୋଷ ଭରି ରହିଥାଏ। ବିଦ୍ୟାଳୟ କାର୍ଯ୍ୟକ୍ରମ ପାଇଁ ଏକ ପରିଷଦ ଥାଏ। ତାର ଅଧିକାରୀମାନଙ୍କ ସହିତ ଆମର ଆଲୋଚନା ହୁଏ। ସେମାନେ ମଧ୍ୟ ନିଜ କାମଦାମ, ସୁବିଧାଅସୁବିଧା ସଂପର୍କରେ ଖୋଲାଖୋଲି ଭାବରେ ଜଣାନ୍ତି। ସରକାରଙ୍କୁ ରୋକଠୋକ୍ ଭାବରେ ସମାଲୋଚନା କରାଯାଏ। ଶିକ୍ଷକ କେନ୍ଦ୍ରଗୁଡ଼ିକରେ, ସବୁପ୍ରକାର ମାଧ୍ୟମର ଉପଯୋଗ କରି ନିଜର ଦକ୍ଷତା ବଢ଼ାନ୍ତି।

ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ କରିବା ସେଠାରେ ନିତିଦିନିଆ କଥା । ସମାଜ ଓ ସରକାରରେ ଯେତେବଡ଼ ହେଲେବି ତାଙ୍କୁ ଭୁଲ୍ ପାଇଁ ସମାଲୋଚନା କରାଯାଏ । କାହା ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହେଲେ କିମ୍ବା ସେ ନିନ୍ଦିତ ହେଲେ ଛାଏଁ ଛାଏଁ ଚାକିରୀ ଛାଡ଼ନ୍ତି ଓ ଉଚ୍ଚ ପଦବୀରୁ ବିଦାୟ ନିଅନ୍ତି । ଏଠାରେ ଆମର ସବୁ ଦୁର୍ନୀତି ଓ ଅନ୍ୟାୟ ଦେହସୁହା ହୋଇଥାଏ ବା ଆମେ ମୁଣ୍ଡ ପାତି ସହିଯାଉ, ସେଠାରେ ସେମିତି ହୁଏନାହିଁ ।

ଆମର ସେଠାରେ ଜଣେ ସାହେବ ବନ୍ଧୁ ଥିଲେ ପେଣ୍ଡ୍ରିଡ ଓ ତାଙ୍କର ସ୍ତ୍ରୀ ହେଲେ କାରୋଲ । ସେମାନେ ପିଲାଙ୍କ ପାଇଁ ଭଲ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତି । ଥରେ ସେମାନଙ୍କ ଘରକୁ ଆମ୍ଭମାନଙ୍କୁ (ଚାରିଜଣ ଭାରତୀୟ) ଡାକିଥିଲେ ମଧ୍ୟାହ୍ନଭୋଜନ ପାଇଁ । ଫେବୃୟାରୀ ୧୧ ତାରିଖ ରବିବାର । ଆମଙ୍କୁ ପେଣ୍ଡ୍ରିଡ଼ ତାଙ୍କ ଗାଡ଼ିରେ ନେଇଥିଲେ ଓ ଆଣିଥିଲେ । ଭାରତୀୟ ଖାଦ୍ୟସବୁ ପ୍ରସ୍ତୁତ କରି ଆମଙ୍କୁ ଖାଇବାକୁ ଦେଇଥିଲେ । ସେମାନେ ଆଗରୁ ଭାରତକୁ ଆସି କେତେ ମାସ ରହି ଅନେକ କଥା ଦେଖିଥିଲେ ଓ ଶିଖିଥିଲେ । ବିଲାତ ଓ ଭାରତର ବିଷୟରେ ସୁଖଦୁଃଖ ହେଲୁ । ସବୁକଥା ଭିତରେ ପେଣ୍ଡ୍ରିଡ଼ କହିଲେ ପିଲାମାନଙ୍କ ଉପରେ ସବୁଠୁଁ ଅଧିକ ଖର୍ଚ୍ଚ ହୁଏ । ମୁଁ କହିଲି "ଏଠାରେ ତ ସରକାର ସେମାନଙ୍କ ପାଇଁ କ୍ଷୀର, ଔଷଧ, ବହିପତ୍ର, ଏମିତିକି ସ୍କୁଲ୍‌ରେ ଖାଇବାକୁ ଦିଅନ୍ତି, ତା'ସତ୍ତ୍ୱେ ଆଉସବୁ ଖର୍ଚ୍ଚ କ'ଣ ଏତେ ହୁଏ ?" ସେ କହିଲେ ଯେ ପୋଷାକପତ୍ର, ଖାଦ୍ୟପେୟ, ଭଲ ବହିପତ୍ର, ଖେଳନା ଆଦି କିଣିବାରେ କମ୍ ଖର୍ଚ୍ଚ ହୁଏ ନାହିଁ ।

ସେତେବେଳେ ବିଲାତରେ ଏତେ ବରଫ ବର୍ଷା ହେଉଥିଲା ଯେ ରାସ୍ତାରେ ୬/୭ ଫୁଟ ଉଚ୍ଚରେ ବରଫଗଦା ହୋଇଯାଉଥିଲା । କାର, ଟ୍ରକ ଆଦି ବରଫ ଗଦାରେ ଲାଖିଯାଏ । ତେଣୁ ସେସବୁ ଚାବି ପକାଇ ଚାଳକମାନେ ଥାନାରେ ଚାବିସବୁ ଜିମା ଦିଅନ୍ତି । ରାସ୍ତାରେ ଶହ ଶହ ଶ୍ରମିକ ଲାଗିପଡ଼ିଥାନ୍ତି ବରଫ ଗଦା ସଫା କରିବାକୁ । କଲିଜାଫଟା ଶୀତରେ ଗାଈ, କୁକୁଡ଼ା ଆଦି ବହୁ ସଂଖ୍ୟାରେ ମରିଯା'ନ୍ତି । ଗଛରେ ତ ପତ୍ରଟିଏ ଦିଶେନାହିଁ । ଗଣ୍ଡିଡାଳସବୁ ଦିଶେ କଳାକାଠ ପରି । ସୂର୍ଯ୍ୟ ତ ଦିଶନ୍ତି ନାହିଁ । ଯେତେବେଳେ ଦିଶନ୍ତି, ପାର୍କଠାରୁ ବାଡ଼ିବଗିଚାରେ ଲୋକେ ବସିଯାନ୍ତି । କିଏ ଚଉକିରେ ତ କିଏ ବହଳ ଘାସ ଉପରେ, ଖରା ପୁଅନ୍ତି ।

## ଲଣ୍ଡନରୁ ପୁଣି ୟୁରୋପ

ଲଣ୍ଡନରେ ଆମର ପାଠପଢ଼ା ସରିଲା ଏପ୍ରିଲ ୬ ତାରିଖରେ । ଭାରତକୁ ଫେରିବା ପାଇଁ ବ୍ରିଟିଶ କାଉନସିଲ ଆମ ପାଇଁ ବିମାନରେ ଟିକେଟ କାଟିଲେ ୧୩ ତାରିଖକୁ । ତେଣୁ ମୁଁ ଏଇ ସମୟରେ ୟୁରୋପ ଭ୍ରମଣରେ ଗଲି । ପାରପତ୍ର ଓ ପ୍ରବେଶପତ୍ର ଓ ଟିକେଟ କଟାଗଲା । ମୁଁ ବୁଲିଗଲି ବ୍ରିଟିଶ କାଉନସିଲ କିଛି ଦେଲା ନାହିଁ । ମାତ୍ର ମଣିସିଂହ ଲଣ୍ଡନରେ ବସି ରହିଲେ ବୋଲି ସବୁପାଇଲେ ।

ଏପ୍ରିଲ ୮ ତାରିଖ ୮ଟାବେଳେ ଭୂଇଁତଳ ଟିକେଟ କାଟି ଲିଭରପୁଲ ଗଲି । ସାଢ଼େ ୯ଟାରେ ସେଠାରୁ ଟ୍ରେନ ଧରି ହାରଉଇକ ବନ୍ଦରକୁ ଗଲି । ଗୋଟିଏ ବିରାଟ ଜଳଜାହଜ ''ସେଣ୍ଟ ଏଡ଼ମଣ୍ଡ''ରେ ଚଢ଼ିଲୁ । ସେଥିରେ ପ୍ରାୟ ଦୁଇ ହଜାରରୁ ଅଧିକ ଯାତ୍ରୀ ଉଠିଲେ ସବୁ ଦେଶର । ଝିଅ ପିଲାଟି ତାର ଭାଲୁ କଣ୍ଢେଇଟି ଧରି ଚାଲିଥାଏ । ଜାହାଜ ଭିତରେ ଏତେ ଲୋକଙ୍କ ପାଇଁ ଖାଦ୍ୟପେୟ ଖେଳତାମସା, ଶୋଇବା ବସିବା ପାଇଁ ସବୁ ସୁବିଧା ଥାଏ । ବାହାରକୁ ଯାଇ ଅନନ୍ତ ସାଗରର ସୁନୀଳ ରୂପ ଦେଖିବାକୁ ଭାରି ମଜା । ଅବଶ୍ୟ ଖୁବ୍ ଥଣ୍ଡା ପବନ ପିଟୁଥାଏ । ଜାହାଜ ପାଣିକାଟି ଆଗକୁ ଛୁଟିଥାଏ । ଦୁଇପଟେ ଉଚ୍ଚ ଲହରୀମାଳା । ନାନା ଜାତିର ପକ୍ଷୀ ଶବ୍ଦ କରି ଉଡ଼ି ବୁଲୁଥିଲେ । ଖରାବେଳେ ସୂର୍ଯ୍ୟ କିରଣ ଝରିପଡ଼ି ଚଉଦିଗକୁ ଝିଲ୍‌ମିଲ୍ କରିଦେଲା ।

ସଂଧ୍ୟାବେଳେ ହଲାଣ୍ଡର ବନ୍ଦର, ହୁକ୍-ଅଫ-ହଲାଣ୍ଡରେ ପହଞ୍ଚିଲୁ । ଆମେ ସେଥିରୁ ଓହ୍ଲାଇ କିଛି ବାଟ ଗଲାପରେ ଗୋଟିଏ ଟ୍ରେନ ଠିଆ ହୋଇଥିଲା, ଦେଖିଲୁ । ସେଥିରେ ଚଢ଼ି ଗୋଟିଏ ଆସନରେ ବସିଲି । କେତେଜଣ ଜର୍ମାନ୍ ଛାତ୍ରଛାତ୍ରୀ ସେଇ ବଗିରେ ବସିଲେ । ମୋତେ କହି ଟ୍ରାଞ୍ଜିଷ୍ଟର ବଜାଇଲେ । ଗୀତ ଶୁଣିଲେ । ହାମ୍‌ବର୍ଗ ପଶ୍ଚିମ ଜର୍ମାନୀର ଦ୍ୱିତୀୟ ବୃହତ୍ତମ ନଗରୀ । ମୁଁ ସେଠାରେ ଦିନେ ରହି ବୁଲାବୁଲି କଲି । କିନ୍ତୁ ସେଠାରେ ଅପେକ୍ଷା ଥିଲା ସୁନୀଲ ମହାନ୍ତିଙ୍କୁ । ଲଣ୍ଡନରେ ସେ କହିଥିଲେ ଏଠାରେ ସେଦିନ ଦେଖା କରିବେ । ସାଙ୍ଗହୋଇ ଆମେ ବର୍ଲିନ ଓ କୋପେନ୍‌ହେଗେନ ଦେଖିବୁ । ହଠାତ୍ ତାଙ୍କ ସହ ଦେଖା ହୋଇଗଲା ରେଲ ଷ୍ଟେସନରେ ।

ସେଠାରୁ ଆମେ ଗୋଟିଏ ଟ୍ରେନ୍‌ରେ ଡେନମାର୍କର ରାଜଧାନୀ କୋପେନ୍‌ହେଗେନକୁ ଗଲୁ । ସମୁଦ୍ର କୂଳେ କୂଳେ ରେଲରାସ୍ତା । ସେତେବେଳେ

ଚିଲିକା କଥା ମନେ ପଡ଼ିଲା । ସମୁଦ୍ରର ସୁନୀଳ ଜଳରେ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ପଡ଼ି ଖୁବ୍ ସୁନ୍ଦର ଦିଶେ । ସଂଧ୍ୟା ୫ଟାରେ ପହଞ୍ଚି ରାତି ୮ଟା ଯାଏ ଦିନର ଆଲୁଅ ଥିବାରୁ ବୁଲାଚଲା କଲୁ । ଲମ୍ବା ବାଟରେ ସିଧା ଆମେ ସମୁଦ୍ର କୂଳକୁ ଯାଇ ମାଛଝିଅ ବା ମେର୍‌ମେଡ଼ ପଥରମୂର୍ତ୍ତି ଦେଖିଲୁ । ଭାବିଥିଲୁ ତାହା ଖୁବ୍ ବଡ଼ ହୋଇଥିବ ବୋଲି । ସାରା ଦୁନିଆରେ ତାର ଏତେ ନାଆଁ । ହେଲେ କେଡ଼େ ସାନ । ଆମର ପଥର କଣ୍ଢେଇ ପରି । ମୋଟିଏ ବଡ଼ ମେଳା "ଟ୍ରିଭୋଲି" ଚାଲିଥିଲା । ଭାରି ଗହଳିଚହଳି, ପିଲାଠାରୁ ବଡ଼ଯାଏ ଭିଡ଼ । ସେଠାରେ କିଛି ସମୟ କଟାଇ ଆମେ ରାତି ୯ଟାରେ ରେଲଷ୍ଟେସନକୁ ଫେରିଆସିଲୁ ।

ଠିକ୍ ରାତି ୧୧ଟାରେ ଟ୍ରେନ୍ ଆସିଲା । ସେଥିରେ ବସି ଆମେ ଜର୍ମାନୀର ରାଜଧାନୀ ବର୍ଲିନ ଗଲୁ । ଖୁବ୍ ଶୀତ । ଯାତ୍ରୀ ସଂଖ୍ୟା କମ୍ । ରାତି ଦୁଇଟାରେ ଦେଖିଲୁ ଆମେ ଗୋଟିଏ ଜାହାଜରେ ସମୁଦ୍ର ପାରି ହେଉଚୁ । ବନ୍ଦରରେ ପହଞ୍ଚିଲା ମାତ୍ରେ କାଗଜପତ୍ର ସବୁ ଚେକ୍ କରାଗଲା । ସେଠାରୁ ପୁଣି ଆଉ ଏକ ଟ୍ରେନ୍‌ରେ ଯାଇ ପଶ୍ଚିମ ବର୍ଲିନରେ ପହଞ୍ଚିଲୁ । ସେତେବେଳେ ପୂର୍ବ ଓ ପଶ୍ଚିମ ବର୍ଲିନ ମଝିରେ ମେଘନାଦ ପାଚିରୀ ଠିଆ ହୋଇଥିଲା । ଏହାକୁ ପାରିହେବାକୁ ଚେଷ୍ଟା କରି ଅନେକ ମରିଛନ୍ତି, ପାଚିରୀରୁ ପଡ଼ି ନୁହେଁ ଗୁଳି ଖାଇ । ଉଭୟଙ୍କ ଭିତରେ ଥିଲା ଅହିନକୁଳ ସମ୍ବନ୍ଧ । ଏବେ ସବୁ ଏକାକାର । ମିଳିମିଳି ଶାନ୍ତିରେ ଚଳୁଛନ୍ତି ।

ସୌଭାଗ୍ୟକୁ ଆମକୁ ଅପେକ୍ଷା କରିଥିଲେ ଜଣେ ଅପରିଚିତ ବନ୍ଧୁ ଡକ୍ଟର ଚନ୍ଦ୍ରଭାଲ ତ୍ରିପାଠୀ । ସେ ଉତ୍ତର ଭାରତର ଲୋକ, ସେଠାର ଏକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ । ମାତ୍ର ଆମର ଓଡ଼ିଆ ଡାକ୍ତର ଦାସ ବାବୁଙ୍କର ସେ ଭଲ ବନ୍ଧୁଟିଏ । ଆମେ ତାଙ୍କ ଘରେ ଦୁଇଦିନ ପାଇଁ ରହିଲୁ । ଉଭୟ ବର୍ଲିନ ବୁଲି ଦେଖିବା ପାଇଁ ବସ୍‌ଟିରେ ଟିକେଟ କଟାଗଲା ।

ବହୁକାଳରୁ ବର୍ଲିନ ଥିଲା ଏକ ଧନୀମାନୀ ସହର । ଦ୍ୱିତୀୟ ପୃଥିବୀ ଯୁଦ୍ଧବେଳେ ଏହା ଉପରେ ବହୁତ ବୋମା ପଡ଼ି ସବୁ ଛାରଖାର କରିଦେଇଥିଲା । ଜର୍ମାନୀର ଲୋକମାନେ ଭାରି ବୁଦ୍ଧିଆ ଆଉ ପରିଶ୍ରମୀ । ଏବେ ସେମାନେ ସାରା ପୃଥିବୀରେ ଏକ ଆଗୁଆ ଦେଶ କରି ଗଢ଼ିଛନ୍ତି । ଏଇ ରାଜଧାନୀ ସହରକୁ ସେମାନେ କେଡ଼େ ସୁନ୍ଦର

ଓ ଉନ୍ନତ କରିତୋଳିଛନ୍ତି । ଆକାଶଛୁଆଁ ପକ୍କାଘର, ଦୋକାନ ବଜାର, ସିନେମା, ନାଚଘର, ପାର୍କ ଆଦି କେତେ କ'ଣ । କେତେ ଆଡ଼େ ବୁଲି ସବୁ ଦେଖିଲୁ । ଶେଷରେ ଡକ୍ଟର ତ୍ରିପାଠୀଙ୍କ ଠାରୁ ବିଦାୟ ନେଲୁ ।

ଆମେ ଦୁହେଁ ଗୋଟିଏ ରେଳଗାଡ଼ିରେ ହାମ୍‌ବର୍ଗ ଗଲୁ । ସୁନୀଲ ଆଗରୁ ଆସି ଜଣେ ସାହେବଙ୍କ ଘରେ ୨/୩ ଦିନ ରହିଥିଲେ । ତାଙ୍କ ନାମ ଡକ୍ଟର ଥୁରୋ, ଗୋଟିଏ ବଡ଼ ଅଧ୍ୟାପକ । ସେ ଖୁବ୍ ଭଲ ଲୋକ । ସୁନୀଲଙ୍କର ଆଜି ଲଣ୍ଡନ ଫେରିଯିବା କଥା । ଥୁରୋ ନିଜେ ଗାଡ଼ି ଚଳାଇ ତାଙ୍କୁ ବନ୍ଦର ପାଖରେ ଛାଡ଼ିଲେ । ମୁଁ ବି ତାଙ୍କ ସାଥିରେ ଥିଲି । ଗୋଟିଏ ହୋଟେଲରେ ଖାଇ ଆମେ ଥୁରୋଙ୍କ କଲେଜକୁ ଗଲୁ । ସେଠାରେ ଘରଦ୍ୱାର ଦେଖି ମୋର ଆଖି ଖୋସି ହୋଇଗଲା ।

ଥୁରୋ ମୋତେ ତାଙ୍କ ଘରକୁ ନେଲେ । ନିଜେ ଗାଡ଼ି ଚଳାଇ ପ୍ରତିଦିନ ଯିବା ଆସିବା କରନ୍ତି । ଅନେକ ବାଟ । ବାଟରେ କଥା ହୋଇଆସିଲୁ । ସେ କହିଲେ, "ଆମର ପ୍ରାକୃତିକ ସମ୍ବଳ ବେଶିକିଛି ନାହିଁ । ମାତ୍ର ଟାଣୁଆ ହୋଇଥିବାରୁ ଆମେ ମଶାଣି ଗଦାରୁ ଉଠିଲୁ । ନହେଲେ ଯୁଦ୍ଧରେ ଆମଙ୍କୁ ଧୂଳିସାତ୍ କରିଥିଲେ ।" ଥୁରୋ ପୁଣି ଥଟ୍ଟାରେ କହିଲେ, "ଅନ୍ୟ ଲୋକମାନେ ବଂଚିବାକୁ କାର୍ଯ୍ୟକରନ୍ତି, ମାତ୍ର ଆମେ କାର୍ଯ୍ୟ କରିବାକୁ ବଂଚୁ ।" ସତରେ କାମ ପାଇଁ ସେମାନେ ବଚନ୍ତି ।

ଥୁରୋ ସାହେବଙ୍କ ଘର ଏଲବେ ନଦୀ କୂଳରେ । ଚଉଦିଗ ପାହାଡ଼ ଜଙ୍ଗଲ । ଉଚ୍ଚା ଆଉ ନେଳିଆ । ତାଙ୍କ ସ୍ତ୍ରୀଙ୍କୁ ସାଥିରେ ଧରି ଆମେ ତାଙ୍କ ଘରପାଖ ବହଳ ଜଙ୍ଗଲରେ ଘେରାଏ ବୁଲିଲୁ । ସଞ୍ଜ ଲାଗି ଆସିଲା । ତାଙ୍କ ଘରେ ଖିଆପିଆ କଲୁ । ମୋତେ ତାଙ୍କ ଗାଡ଼ିରେ ଛାଡ଼ିବାକୁ ଆସିଲେ । ଗୋଟିଏ ଦୋକାନରୁ ମୋର ଓ ସୁନିଲ ପିଲାମାନଙ୍କ ପାଇଁ ଉପହାର କିଣିଲେ । ଯେତେମନା କଲେ ବି ଛାଡ଼ିଲେନାହିଁ । ତାଙ୍କ ସ୍ନେହ ସୌହାର୍ଦ୍ଧ୍ୟ ପାଇଁ ଧନ୍ୟବାଦ ଜଣାଇ ବିଦାୟନେଲି । ବିଦେଶୀମାନେ ସତେ କେତେ ଭଦ୍ର !

ମୁଁ ଗତଥର ହଲାଣ୍ଡ ଦେଖିଥିଲି ବୋଲି ସେଠାକୁ ଯିବାକୁ ପ୍ରବେଶ ପତ୍ର କରିନଥିଲି । ମାତ୍ର ଜାହାଜ ଧରିବାକୁ ହୁକ୍ ଅଫ ହଲାଣ୍ଡ ଯିବାକୁ ପଡ଼ିଲା । ସେଥିପାଇଁ ନୂଆ ପ୍ରବେଶ ପତ୍ର କରିବାରେ ଅଧଘଣ୍ଟାଏ ଲାଗିଲା । ତା ଫଳରେ ଟ୍ରେନଟି ଚାଲିଗଲା । ତାପର

ଟ୍ରେନଧରି ଯିବାଯୋଗୁଁ ରାତି ଜାହାଜରେ ବସିବାକୁ ପଡ଼ିଲା । ସକାଳ ସାଢ଼େ ୭ଟାରେ ଇଂଲଣ୍ଡର ହାରଓ୍ୱିକ ବନ୍ଦରରେ ପହଁଞ୍ଚିଲି । ସେଠାରୁ ଖୁବ୍ ଶୀଘ୍ର ବାହାରି ଭୂଇଁତଳ ରେଲଗାଡ଼ିରେ ଯାଇ ଆମ ବସାପାଖ ଟଫନେଲ ପାର୍କ ଷ୍ଟେସନରେ ଓହ୍ଲାଇଲି । ପ୍ରାୟ ୯ଟା ବାଜିଲାଣି । ବସାରେ ପହଞ୍ଚିଲାବେଳକୁ ମଣିସିଂହ ଟାକ୍ସି ଡାକିଲେଣି । ମୋ ପୂର୍ବ କହିବା ମତେ ବ୍ରହ୍ମାନନ୍ଦବାବୁ ଓ ସୁନୀଲ ଅପେକ୍ଷା କରିଛନ୍ତି ।

ମୋର ଆଉ ଲୁଗାପଟା ବଦଳାଇବା, ଖିଆପିଆ କରିବା ତ ଦୂରର କଥା ମୁହଁହାତ ଟିକିଏ ଧୋଇବାକୁ ବେଳ ନଥିଲା । ୧୧ଟା ସୁଦ୍ଧା ବିମାନଘାଟୀରେ ପହଞ୍ଚିବା କଥା । ମୁଁ ତ ଯୁଆଡ଼େ ଯାଏ ବହିପତ୍ର ବୋଝେ ଧରେ । ଟ୍ରେନ ଓ ଜଳଜାହଜ କଥା ଅଲଗା, ବେଶି ଜିନିଷ ନେଇ ହେବ । ମାତ୍ର ଉଡାଜାହାଜରେ ୨୦ କେଜିରୁ ଅଧିକ ଓଜନର ଜିନିଷ ନେବା ସମ୍ଭବ ନୁହେଁ । ତେଣୁ ମୁଁ ପାଣି ଜାହାଜରେ ପଠାଇବା ପାଇଁ ବ୍ରହ୍ମାନନ୍ଦବାବୁ ଓ ସୁନୀଲ ବାବୁଙ୍କୁ ପୁଳାଏ ଲେଖାଁ ବହି ଦେଇ ସେମାନଙ୍କଠାରୁ ବିଦାୟ ନେଲି ।

**ବାହୁଡ଼ାଯାତ୍ରା**

ହିଥ୍ରୋ ବିମାନବନ୍ଦରରେ ପହଞ୍ଚିଲୁ । ସବୁ ପ୍ରକାର ପରୀକ୍ଷା ନରୀକ୍ଷା କରାଗଲା ଜିନିଷ-ପତ୍ର ଠାରୁ ନିଜ ଦେହ ଓ ଲୁଗାପଟା ଯାଏ । ଅଧିକ କିଛି ମାଲ ପଛେ ଛାଡ଼ିଦେବେ, ଯାତ୍ରୀମାନଙ୍କ ନିରାପତ୍ତା ପାଇଁ ସବୁ ପ୍ରକାର ତନଖି କରାଗଲା । ବିଚରା ମଣିସିଂହ ତାଙ୍କ ପୁଅ ପାଇଁ ଖେଳନା ବଂଧୁକଟିଏ ନେଉଥିଲେ । ତାକୁ ତ ସେମାନେ ଦେଖି ନିଜ ପାଖରେ ରଖିଦେଲେ, ମାତ୍ର ତାଙ୍କର ସୁଟ୍‌କେସ୍, ହାତମୁଣି ସବୁ ତନ୍ନ ତନ୍ନ କରି ଦେଖିଲେ । ତାକୁ ସବୁ ସଜାଡ଼ି ମଣିସିଂହ ଗଲାବେଳକୁ ଝାଳନାଳ ଏକ ଖଣ୍ଡ ।

ବିରାଟ ବିମାନଟିରେ ମୁଁ ବସି ଟିକିଏ ଶାନ୍ତିରେ ନିଶ୍ୱାସ ମାରିଲି । ଆଗରୁ ମୋର ଧାରଣା ଥିଲା ଉଡାଜାହାଜର ଡେଣା ସମ୍ପୂର୍ଣ୍ଣ ସ୍ଥିର । ମାତ୍ର ପକ୍ଷୀ ପରି ତାର ଏତେବଡ଼ ଡେଣା ବି ତଳ ଉପର, ସାନ ବଡ଼ ହେବାର ଦେଖି ଅବାକ୍ ହେଲି । ଏମିତି କରାଯାଇ ଜାହାଜକୁ ତଳ ଉପର ଓ ଗତିକୁ କମ୍ ବେଶି କରାଯାଏ । ଜାହାଜଟି କେତେକ ବିମାନଘାଟୀରେ ଓହ୍ଲାଇଲା ଓ କିଛି ସମୟ ରହି ଉଡ଼ିଲା । ଯାତ୍ରୀମାନେ ଓହ୍ଲାଇଲେ ଓ ଉଠିଲେ । ତା ଆରଦିନ ସକାଳ ସାତଟାରେ କଲିକତା ବିମାନଘାଟୀରେ ଆମେ ଓହ୍ଲାଇଲୁ । ବାଟରେ ଚା' ଜଳଖିଆ ମିଳିଥିଲା ।

ଆମେ ବିଲାତରୁ ଆସିଥିଲୁ ବ୍ରିଟଶ ଜୁମ୍ବୋ ଜେଟରେ ଆଉ କଲିକତାରୁ ଆସିଲୁ ଇଣ୍ଡିଆନ ଏୟାର ଲାଇନସ୍‌ରେ । ଦୁଇଟି ଭିତରେ ଆକାଶ ପାତାଳ ତଫାତ୍ । ପ୍ରାୟ ଦିନ ୧୨ଟାରେ ଭୁବନେଶ୍ୱର ବିମାନଘାଟୀ ଉପରେ ଜାହାଜ ଘୂରି ବୁଲିଲା । ମୋ ଆଖିରେ ପଡ଼ିଲା ଲିଙ୍ଗରାଜଙ୍କ ମନ୍ଦିର ଓ ଆଉସବୁ ମନ୍ଦିର, ଘରଦ୍ୱାର, ବିଲବାଡ଼ି ଇତ୍ୟାଦି । ଛାଏଁ ଛାଏଁ ହାତଯୋଡ଼ି ହୋଇଗଲା ମହାଦେବଙ୍କୁ ପ୍ରଣତି ଜଣାଇବାକୁ । ଜାହାଜ ଓହ୍ଲାଇଲା ମାତ୍ରେ ଆଖି ପଡ଼ିଲା ସାଙ୍ଗସାଥୀ ଓ ପିଲାମାନଙ୍କ ଉପରେ । ସେଦିନ ୧୯୭୯ ଏପ୍ରିଲ ୧୪, ବିଷୁବ ସଂକ୍ରାନ୍ତି । ସ୍ୱର୍ଗୀୟ ଜନାର୍ଦ୍ଦନବାବୁ କହିଲେ- ଇଂରେଜ ନୂଆ ବର୍ଷରେ ସେଠାକୁ ଯାଇଥିଲେ ଆଉ ଆମ ନୂଆ ବର୍ଷରେ ଏଠାକୁ ଫେରିଲେ । ସବୁରି ମୁହଁରେ ହସ ଆଉ ମନରେ ଆନନ୍ଦଉଲ୍ଲାସର ଲହରୀ ।

## ଅଣତିରିଶ

# କେତେ କାମ, କେତେ ସ୍ଥାନ

ବିଲାତରୁ ଫେରି ମୋ ଆଗ କାମରେ ଯୋଗଦେଲି । ମାତ୍ର ମୋ କର୍ମସ୍ଥଳୀ ଡିପିଆଇ ଅଫିସ ନହୋଇ, ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ହେଲା । ସେତେବେଳକୁ ପ୍ରତିଷ୍ଠାନ ବଦଳି ଯାଇ ଏସ୍‌ସିଇଆରଟି ବା ରାଜ୍ୟଶିକ୍ଷା ଓ ଗବେଷଣା ପରିଷଦ ହୋଇଥିଲା । ପରେ ଏହା ଆସିଥିଲା ବିଭାଗୀୟ କାର୍ଯ୍ୟାଳୟ ପାଞ୍ଚମହଲା କୋଠା ପାଖରେ ଥିବା ଏକମହଲା ଘରକୁ ଯାହା ଏବେ ବଢ଼ି ତିନିମହଲାରେ ପରିଣତ ହେଲାଣି, ସେଠାକୁ । ପ୍ରଥମେ ସ୍ଥାନର ଭାରି ଅଭାବ ଥିଲା ।

ସେତିକିବେଳକୁ ଓଡ଼ିଶାରେ ଶିକ୍ଷା ଟେଲିଭିଜନ ଷ୍ଟୁଡ଼ିଓ ପାଇଁ ଏକ ବଡ଼ ଖୋଲା ପକ୍କାଘର ଦରକାର ପଡିଲା । କେନ୍ଦ୍ରସରକାରଙ୍କ ଠାରୁ ବାରମ୍ବାର ଚିଠି ଆସିଲା, ଇଞ୍ଜିନିୟର ମଧ୍ୟ ଆସିଲେ ଉପଯୁକ୍ତ ଘରଟିଏ ଯୋଗାଇଦେବାକୁ । କେନ୍ଦ୍ର ସରକାର ସବୁ ଯନ୍ତ୍ରପାତି ଓ ତାଲିମପ୍ରାପ୍ତ କାରିଗରଙ୍କ ପାଇଁ ଦରମାପତ୍ର ଓ ଅନ୍ୟାନ୍ୟ ଖର୍ଚ୍ଚ ଦେବେବୋଲି କହିଲେ । ମାତ୍ର ମୁଁ ଭୁବନେଶ୍ୱର ସହର ଯାକ ବୁଲି ବୁଲି ହାଲିଆ ଆଉ ଦିଲ୍ଲୀରୁ ଆସିଥିବା ଇଞ୍ଜିନିୟର ବ୍ୟସ୍ତ ହୋଇ ପଡ଼ିଲେ ।

ଥରେ ଆମର ନିର୍ଦ୍ଦେଶକ ଡଃ ଶରତଚନ୍ଦ୍ର ଦାସ ମୋତେ ସୂଚେଇ ଦେଲେ ଡିପିଆଇ ଅଫିସ୍ ପାଇଁ ଯେଉଁ ତିନିମହଲା କୋଠା ତିଆରି ହୋଇଛି ତାକୁ ଇଞ୍ଜିନିୟରଙ୍କୁ ଦେଖାଇବାକୁ । ଏବେ ଯେଉଁଠି ଏସ୍‌ସିଇଆରଟି ଚାଲିଛି, ସେଇ ଘର ସେତେବେଳେ ତିଆରି ହେଉଥିଲା ଡିପିଆଇ ଅଫିସ ପାଇଁ । ସେତେବେଳେ ଡି.ପି.ଆଇ ଅଫିସ ଚାଲିଥିଲା ଯେଉଁଠି, ଏବେ ରାଜ୍ୟଗ୍ରନ୍ଥାଗାର ଚାଲିଛି ସେଇଠି ।

ସେତେବେଳେ ଶିକ୍ଷା ସଚିବ ଡଃ ସୀତାକାନ୍ତ ମହାପାତ୍ରଙ୍କ ଉପରେ କେନ୍ଦ୍ର ସରକାର ଭାରି ଚାପ ପକାଉଥିଲେ ଏଇ ଟି.ଭି.ଷ୍ଟୁଡିଓ ଘର ପାଇଁ । ମାତ୍ର ଇଞ୍ଜିନିୟର ଡି.ପି.ଆଇ ଅଫିସ ପାଇଁ ତିଆରି ହେଉଥିବା ପକ୍କାଘର ଦୁଇ ମହଲା ଟି.ଭି. ଷ୍ଟୁଡ଼ିଓ ପାଇଁ ଦେବା କଥା କହିବାରୁ ସେ ନାହିଁ କଲେ । କହିଲେ- ଡି.ପି.ଆଇ ପାଇଁ ଘର ଅଣ୍ଟୁ ନଥିବାରୁ ସେଇଘର ତିଆରି ହେଉଛି । ଏଥିପାଇଁ କିଏ ଦେବ ?

ମାତ୍ର ମୁଁ ସୀତାକାନ୍ତ ବାବୁଙ୍କୁ କେନ୍ଦ୍ର ସରକାରଙ୍କ ଚାପ ଓ ଜରୁରୀ ଆବଶ୍ୟକତା ସଂପର୍କରେ ବୁଝାଇବାରୁ ସେ ସେଥିରୁ ଗୋଟିଏ ମହଲା ଦେବାକୁ ରାଜିହେଲେ । ମାତ୍ର ସେଠାରେ ଘର ସିନା ତିଆରି ହୋଇଥିଲା । ହେଲେ, ଆଲୁଅ, ପବନ ଓ ପାଣିରେ ବ୍ୟବସ୍ଥା ହୋଇ ନଥିଲା । ମାତ୍ର ଘରଟା ହାତରୁ ଖସି ଯାଇପାରେ ସେଇ ଭୟରେ ଶରତବାବୁ ମୋତେ କହିଲେ- ଜଗନ୍ନାଥବାବୁ, ଆପଣ ତୁରନ୍ତ ସେ ଘରକୁ ଦଖଲ କରନ୍ତୁ । ପାଣି ଆଲୁଅ ଆପଣ ସେଠାକୁ ଯାଇ ବୁଝିବେ । ନଚେତ ସେ ଘର ହାତରୁ ଚାଲିଯିବ ।

ଅନ୍ୟ ଉପାୟ ନଥିଲା । ଶିକ୍ଷା ଉଦ୍ୟୋଗର ଆମେ ୪/୫ ଜଣ ସେଠାକୁ ଗଲୁ । ବହୁ ଦଉଡ଼ ଧାପଡ଼ କରି ଆଲୁଅ, ପବନ ଓ ପାଣିର ବ୍ୟବସ୍ଥା କରାଗଲା, ମାତ୍ର ବହୁ ସମୟ ଧରି ଆମେ ଭାରି କଷ୍ଟ ଭୋଗିଥିଲୁ । ତାପରେ ପରେ ଏସସିଇଆରଟି ମଧ୍ୟ ଉଠିଗଲା ସେଇ ଘରକୁ । ପରେ ସଂସ୍କୃତି ବିଭାଗ ତରଫରୁ ଡିପିଆଇ ଅଫିସକୁ ପାଞ୍ଚମହଲା କୋଠାକୁ ଉଠାଯାଇ ରାଜ୍ୟ ଗ୍ରନ୍ଥାଳୟ ସେଠାରେ କରାଗଲା । ଆମଙ୍କୁ ଏଘରୁ ଉଠାଇବାକୁ ଚେଷ୍ଟା ହୋଇଥିଲା । ମାତ୍ର ଏହି ଚେଷ୍ଟା ସଫଳ ହୋଇନଥିଲା ।

ଏଣେ ଅସ୍ଥାୟୀ ଟି.ଭି. କେନ୍ଦ୍ର ସେଠାରେ ହେଲା ନାହିଁ । ନୂଆ ଜାଗାରେ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ଗୋଟିଏ ସଂପୂର୍ଣ୍ଣ ଏସଆଇଇଟି ବା ରାଜ୍ୟ ଶିକ୍ଷା ଉଦ୍ୟୋଗ ପ୍ରତିଷ୍ଠାନ ଗଢ଼ାଗଲା । ସେତେବେଳେ ଯାହା ଜଙ୍ଗଲ ହୋଇପଡ଼ିଥିଲା, ସେଥିରୁ ପାଞ୍ଚଏକର ମିଳିଥିଲା ଏଥିପାଇଁ । ମୋତେ କେତେ କଷ୍ଟକରି ସେଇ ଜାଗାନେବାଠାରୁ ଘରତୋଳା, ନୂଆ ଲୋକ ନିଯୁକ୍ତି ଓ ଦେଶରେ ଆଉ ବାହାରେ ତାଲିମ ଦେବାର ବ୍ୟବସ୍ଥା କରିବାକୁ ପଡ଼ିଥିଲା । ଏବେ ଏସବୁ କଥା ଲୋକେ ଭୁଲିଗଲେଣି ।

ଡିପିଆଇ ଅଫିସରେ ମୁଁ ପ୍ରଥମେ ଯୋଗଦେବା ପରେ ବିଧୁବାବୁ ମୋତେ ''ଓଡ଼ିଶା ଏଜୁକେସନ ମାଗାଜିନ'' (ଏକ ଇଂରେଜି / ଓଡ଼ିଆ ଶିକ୍ଷା ପତ୍ରିକା)ର ସଂପାଦନା ଦାୟିତ୍ୱ ଦେଇଥିଲେ । ସେଇ ଦାୟିତ୍ୱ ମୁଁ ୧୯୭୫-୭୬ ମସିହାରୁ ନେଇ ୧୯୮୮ ପର୍ଯ୍ୟନ୍ତ ତାକୁ ପ୍ରକାଶ କରାଉଥିଲି । ସେମିତି ୧୯୬୫-୬୬ ମସିହାରୁ ପ୍ରକାଶିତ ''ଶିକ୍ଷାଲୋକ''ର ଆରମ୍ଭରୁ ଶେଷପର୍ଯ୍ୟନ୍ତ ସଂପୃକ୍ତ ହୋଇ ଉନ୍ନତିପଥରେ ଆଗେଇ ନେଇଥିଲି । ମୁଁ ଉଭୟ ପତ୍ରିକାରୁ କେତୋଟି ସଂଖ୍ୟା ପ୍ରେସ୍‌କୁ ମଧ୍ୟ ପଠାଇଥିଲି ଏସ୍‌ସିଇଆରଟିରୁ ବିଦାୟ ନେବା ବେଳେ ମାତ୍ର ପରେ ସେଇ ଦୁଇଟି ପତ୍ରିକା ମଧ୍ୟ ପ୍ରାୟ ମରିଯାଇଛି ।

୧୯୮୬ ଜାତୀୟ ଶିକ୍ଷା ନୀତି ଅନୁସାରେ ଭାରତ ସରକାରଙ୍କ ସାହାଯ୍ୟରେ ପ୍ରଫେସର ପଦ ସୃଷ୍ଟି ହେଲା । ସେଥିପାଇଁ ଲୋକ ବଛାହେଲେ । ମାତ୍ର ନିଯୁକ୍ତି ଦିଆଯିବାର ବିଳମ୍ବ ହେଲା । ସେତିକିବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟର ସବୁ ଅଧ୍ୟାପକଙ୍କୁ ତାଲିମ ଦେବା ପାଇଁ ଗୋଟିଏ ଆକାଡେମିକ ଷ୍ଟାଫ କଲେଜ ପ୍ରତିଷ୍ଠା କରାଗଲା । ଏହାର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିବାରୁ ମୁଁ ସେଥିପାଇଁ ଦରଖାସ୍ତ ପଠାଇଲି ଏବଂ ବଛା ହେଲି ମଧ୍ୟ । ମାତ୍ର ଠିକ୍ ସେତିକି ବେଳକୁ ରାଜ୍ୟ ସରକାର ମୋତେ ପ୍ରଫେସର ପଦରେ ନିଯୁକ୍ତି ଦେଲେ ସମ୍ବଲପୁରରେ । ସପ୍ତାହ ଭିତରେ ମୁଁ ଭୁବନେଶ୍ୱରକୁ ଫେରି ବିଶ୍ୱବିଦ୍ୟାଳୟ ନିଯୁକ୍ତି ପତ୍ର ପାଇଲି । ରାଜ୍ୟ ସରକାର ଛାଡୁନଥିଲେ, ମାତ୍ର ତତ୍କାଳିନ ବିଶ୍ୱବିଦ୍ୟାଳୟ ପ୍ରଶାସକ ହବିବ୍ ମହମ୍ମଦଙ୍କ ଚାପ ପଡ଼ିବାରୁ ମୋତେ ଛାଡ଼ିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ଷ୍ଟାଫ କଲେଜରେ ମୁଁ ୧୯୮୮ ରୁ ୧୯୯୨ ଯାଏ ନିର୍ଦ୍ଦେଶକ ହୋଇଥିଲି । ଏହାର ବଖରାଏ ଘର ନଥିଲା ଅଫିସ କରିବାକୁ ବିଭିନ୍ନ ବିଭାଗକୁ କହି ତାଲିମ କୋର୍ସ କେତୋଟି ସାରିଲି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୂଆଘର ତିଆରି ପାଇଁ ଟଙ୍କା ଦେଲା ନାହିଁ । ମାତ୍ର ପୁରୁଣା ଘରକୁ ନୂଆ କରି ସେଠାରେ ସବୁ ସୁବିଧା କରିବାକୁ ଯେତେ ଟଙ୍କା ଦରକାର ଦେବାକୁ କହିଲା ଫଳରେ ଅନ୍ୟ ବିଶ୍ୱବିଦ୍ୟାଳୟ ଭଙ୍ଗା ପୁରୁଣା ଘରକୁ ସଜାଡ଼ି ନୂଆକରିଦେଲେ । ଆମ ବିଶ୍ୱବିଦ୍ୟାଳୟରେ ତାହା ସମ୍ଭବ ହେଲା ନାହିଁ । ପ୍ରତ୍ୟେକ ବିଭାଗ ଗୋଟିଏ ରାଜ୍ୟପରି ନିଜ ସୀମାର ସୁରକ୍ଷା କଲେ । କୁଳପତିମାନେ ମଧ୍ୟ ଏ ଦିଗରେ କିଛି କରିପାରିଲେ ନାହିଁ ।

କେମ୍ବ୍ରିଜ ବିଖ୍ୟାତ ବିଜ୍ଞାନୀ ପ୍ରଫେସର ତ୍ରିଲୋଚନ ପ୍ରଧାନ କୁଳପତି ହେଲା ପରେ ସହାନୁଭୂତି ଦେଖାଇଲେ । ମୁଁ ତାଙ୍କୁ କହି ଏହାର ହଷ୍ଟେଲ ପାଇଁ ଶହୀନ ନଗରରେ ଦୋମହଲା ଘରଟିଏ ଭଡ଼ା ନେଲି । ତଳ ମହଲାରେ ଅଧ୍ୟାପକମାନଙ୍କର ହଷ୍ଟେଲ ହେଲା ଆଉ ଉପର ମହଲାରେ ଆମର ଅଫିସ ଓ ପାଠପଢ଼ା ଚାଲିଲା । ରାଜ୍ୟ ଭିତରୁ ଓ ବାହାରୁ ପ୍ରଫେସରମାନେ ଆସି ଭାଷଣ ଦେଉଥିଲେ । ଅନେକ କାର୍ଯ୍ୟ କରାହେଲା । ମାତ୍ର ଦୁର୍ଯୋଗକୁ ଆୟୋଗ ହଷ୍ଟେଲ ପାଇଁ ଘରଭଡ଼ା ନେବାକୁ ନାହିଁ କରିଦେଲା । ସେଥିପାଇଁ କୁଳପତି ସେତେବେଳେ ଯିଏ ଥିଲେ ତାଙ୍କୁ କୁହାଗଲା ବିଶ୍ୱବିଦ୍ୟାଳୟ ଭିତରେ ଘରଟିଏ ଦେବାକୁ । ମାତ୍ର ସେ ଦେଲେ ଭଙ୍ଗାଜିନିଷପତ୍ର ଜମା ହେଉଥିବା ଦୁଇଟି ପୁରୁଣା ଗ୍ୟାରେଜ । ମୁଁ ତେଣୁ ବିରକ୍ତ ହୋଇ ମୋର ଶିକ୍ଷା ବିଭାଗକୁ ଫେରିଯିବାକୁ ଚାହିଁଲି । ମୋତେ ସମ୍ବଲପୁର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ଭାବରେ ପଠାଗଲା ।

ସମ୍ବଲପୁରଠାରେ ମୋର ପ୍ରାୟ ତିନିବର୍ଷ (୧୯୮୮-୧୯୯୪)ର ରହଣି । ସେଠାରେ ଷ୍ଟାଫ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନଙ୍କ ଗହଣରେ ମୋତେ ସେଇ ସମୟତକ ଖୁବ୍ ସଫଳ ଓ ଶାନ୍ତିପୂର୍ଣ୍ଣ ଲାଗିଥିଲା । ସବୁରି ସ୍ନେହଶ୍ରଦ୍ଧା ଓ ସହଯୋଗ ମିଳିଥିଲା । ପ୍ରତିଷ୍ଠାନରେ ଘର, ପୁସ୍ତକାଳୟ, ପରିବେଶ ଠାରୁ ପାଠପଢ଼ା ଯାଏ ସବୁଥିରେ ଉନ୍ନତି ହେଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଓ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ପର୍ଶୁରାମ ମିଶ୍ରଙ୍କ ନାମରେ ଆମ ପ୍ରତିଷ୍ଠାନ ନାମିତ ହୋଇଥିବାରୁ ସବୁରି ସହଯୋଗରେ ତାଙ୍କର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଗଲା । ପ୍ରତିଷ୍ଠାନରେ ପତ୍ରପତ୍ରିକା, ସେମିନାର, ଛାତ୍ରସଭା, ବିଜ୍ଞାନ ପ୍ରଦର୍ଶନୀ, କ୍ରୀଡ଼ା, ପରିଭ୍ରମଣ ଆଦି ସବୁ ଦିଗରେ ମୁଁ ଆଗ୍ରହ ପ୍ରକାଶ କରିଥିଲି । ସ୍ଥାନୀୟ ହାଇସ୍କୁଲ୍, ମି.ଇ.ସ୍କୁଲ୍ ଓ ପ୍ରାଥମିକ ସ୍କୁଲ୍ ଏବଂ ସ୍ଥାନୀୟ ଅଧିକାରୀମାନଙ୍କ ସହିତ ଆମର ସମ୍ପର୍କ ଖୁବ୍ ଭଲ ଥିଲା ।

୧୯୯୨ ମସିହାରେ ମୁଁ ରାଧାନାଥ ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନକୁ ଅଧକ୍ଷ ଭାବରେ ଆସିଥିଲି । ମୋର ନିଜ ଶିକ୍ଷାନୁଷ୍ଠାନ ହୋଇଥିବାରୁ ତାର ଉନ୍ନତି କରିବାକୁ ମନ କଲି । ମାତ୍ର ସେଠାରେ ସବୁପ୍ରକାର ଅଭାବ ଅସୁବିଧା, ମାଲିମକଦ୍ଦମା, ବିଶୃଙ୍ଖଳା ଆଦି ଚରମ ଅବସ୍ଥାରେ ପହଞ୍ଚିଥିଲା । ପୂର୍ବ ଓ ପର ସ୍ଥାନ ମଧ୍ୟରେ ଦେଖିଲି ଆକାଶପାତାଳ ତଫାତ୍ । ତେବେ କେତେକ ଅଧ୍ୟାପକ ବନ୍ଧୁ ଓ ଛାତ୍ରସମାଜର ସହଯୋଗରେ କେତୋଟି ଅଭାବ ଦୂର କଲି, ଶୃଙ୍ଖଳା ଆଣିବାକୁ ଚେଷ୍ଟା କଲି । ଆମ ରାଜ୍ୟର ପୂର୍ବତନ ଅଧକ୍ଷମାନଙ୍କୁ ସେଠାରେ ଏକ ମନୋରମ ଉତ୍ସବରେ ସଂବର୍ଦ୍ଧନା ଦିଆଯାଇଥିଲା । ସମ୍ବଲପୁରରେ ସ୍ୱାଧୀନତା ଥିଲା, ସହଯୋଗ ଥିଲା । କଟକରେ କିନ୍ତୁ ସବୁଠି କୁଟିଳତା ଓ ସଂକୀର୍ଣ୍ଣତା । ସବୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଯେତିକି ସମ୍ଭବ କରାଗଲା । ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ବସାଇ ଆଲୋଚନା ହେଲା ପ୍ରତିଷ୍ଠାନରେ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ।

ମାତ୍ର ଏତେ ସ୍ୱପ୍ନ ଦେଖିବାକୁ ରାତି ବେଶି ନଥିଲା । ସେଠାରେ ମାତ୍ର ତିନୋଟି ମାସ କଟିଗଲା । ସମସ୍ତଙ୍କଠାରୁ ବିଦାୟ ସମ୍ବର୍ଦ୍ଧନା ନେଇ । ୧୯୯୫ ମସିହା ଜାନୁୟାରୀ ଶେଷରେ ମୁଁ ଅବସର ଗ୍ରହଣ କଲି । ଏତିକି ଦେଖିଲି, ଆମ ସମାଜରେ ବଡ଼ମାନଙ୍କୁ ଭଲ ପାଇବା, ଭକ୍ତି କରିବା ବହୁତ କମିଗଲାଣି । ଭଲ କାମ କରିବାରେ ଅନେକଙ୍କର ଆଗ୍ରହ ନାହିଁ । ନିଜର ସଂକୀର୍ଣ୍ଣ ସ୍ୱାର୍ଥସାଧନ ହିଁ ମୁଖ୍ୟ ହୋଇଛି ।

•••

# ଶିଶୁସାହିତ୍ୟର ଉନ୍ନତି ପାଇଁ

ଏଇ ସମୟ ମଧ୍ୟରେ ପିଲାମାନଙ୍କ ପାଇଁ ମୁଁ କେତେଗୁଡ଼ିଏ ବହି ଲେଖି ଜଣେ ଶିଶୁ ସାହିତ୍ୟ-ଲେଖକ ଭାବରେ ପରିଚିତ ହୋଇଥିଲି । ରାଜ୍ୟର ପତ୍ରପତ୍ରିକାରେ ମୋର ଲେଖାମାନ ପ୍ରକାଶିତ ହୋଇଥାଏ । ଆମ ରାଜ୍ୟରେ ଶିଶୁସାହିତ୍ୟ ସମିତି ଗଢ଼ାଯାଇ ୧୯୬୧ ମସିହାରୁ ପ୍ରାଥମିକ ପାଠ୍ୟପୁସ୍ତକ ପ୍ରକାଶ କରିବାର ଦାୟିତ୍ୱ ନେଇଥିଲା । ଏହାର ଆରମ୍ଭରୁ ସଂପାଦକ ଥିଲେ ଜାତୀୟ କବି ବୀରକିଶୋର ଦାସ । ତାଙ୍କ ପରେ ହେଲେ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ । ତାଙ୍କବେଳକୁ ପାଠ୍ୟପୁସ୍ତକ ପ୍ରସ୍ତୁତିର ଚାପ କମିଯାଇଥିଲା । ତେଣୁ ସେ ଶିଶୁସାହିତ୍ୟର ଉନ୍ନତି ପାଇଁ ''ଶିଶୁଲେଖା'' ପତ୍ରିକାଟି ନିୟମିତ ଭାବରେ ପ୍ରକାଶ କରୁଥିଲେ ଏବଂ ପିଲାଙ୍କ ପାଇଁ ଭଲ ବହି ବାଛି ପୁରସ୍କାର ଦେଉଥିଲେ । ଏହା ଦ୍ୱାରା ସମସ୍ତେ ଉପକୃତ ହେଉଥିଲେ । ଲେଖକ, ପ୍ରକାଶକ ଓ ଶିକ୍ଷକମାନଙ୍କର ସଭାସମ୍ମିଳନୀ କରାଇ ଶିଶୁସାହିତ୍ୟର ଉନ୍ନତି ପାଇଁ ଚେଷ୍ଟା କରୁଥିଲେ ।

୧୯୮୦ ମସିହାରେ ବ୍ରହ୍ମପୁର ଠାରେ ଶିଶୁସାହିତ୍ୟ ସଂପର୍କରେ ଏକ ଆଲୋଚନା ସଭା ଉକ୍ତ ସମିତି ଦ୍ୱାରା ଅନୁଷ୍ଠିତ ହୋଇଥିଲା । ମୋତେ ଦେଖା କରି ଶ୍ରୀ ନରେନ୍ଦ୍ର ପ୍ରସାଦ ଦାସ ଗୋଟିଏ ଶିଶୁସାହିତ୍ୟ ସଂଗଠନ ଗଢ଼ିବାକୁ ପ୍ରସ୍ତାବ ଦେଲେ । ମୁଁ ମଧ୍ୟ ରାଜି ହୋଇ ଏଥିରେ ଆଗ୍ରହ ପ୍ରକାଶ କଲି । ସଂସ୍ଥାଟିର ନାମ ଶିଶୁସାହିତ୍ୟ ଏକାଡେମୀ ରହିଲା । ୧୯୮୨ରେ ଗୋଟିଏ ସଭାରେ ଏକଥା ଆଲୋଚିତ ହେଲା । ତାପରେ ବିଶିଷ୍ଟ ଶିଶୁସାହିତ୍ୟିକ ରାମକୃଷ୍ଣ ନନ୍ଦ ସଭାପତି ହେଲେ । ମୁଁ ଓ ବାମନଚରଣ ମିଶ୍ର ଉପସଭାପତି ହେଲୁ । ପୁରୀକୁ ଯାଇ ଏକାଡ଼େମୀର ପଞ୍ଜୀକରଣ କରାଗଲା । ଘରକୁ ଘର ବୁଲି ଶିଶୁସାହିତ୍ୟ ଲେଖକ ଓ ପ୍ରକାଶକମାନଙ୍କୁ ସଭ୍ୟ କରାଗଲା । ରାମକୃଷ୍ଣବାବୁ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବାରୁ ମୁଁ ସଭାପତି ହେଲି । ଭିନ୍ନ ଭିନ୍ନ ସ୍ଥାନରେ ସଭାସମ୍ମିଳନୀ ଓ ଆଲୋଚନା ସଭା ହେଲା । ପିଲାମାନଙ୍କ ପାଇଁ ବହିପତ୍ର ମଧ୍ୟ ପ୍ରକାଶିତ ହେଲା ।

ମୋ ପରେ ବାମନବାବୁ ଏହି ଏକାଡ଼େମୀର ସଭାପତି ହେଲେ । ମାତ୍ର କ୍ରମେ କେତେଜଣଙ୍କ ସାଥିରେ ତାଙ୍କର ଅପଡ଼ ହେଲା ଏବଂ ଏକାଡ଼େମୀର ସବୁକାର୍ଯ୍ୟ ବନ୍ଦ

ତାକୁ ବ୍ୟବହାର କରୁଥିଲେ, ମାତ୍ର ପ୍ରକାଶକମାନେ ତାକୁ ବର୍ଷ ବର୍ଷ ଧରି ରଖି ପ୍ରକାଶ କରୁନଥିଲେ । ସେମିତି ଶ୍ରୀ ଭଗବାନ ପାଢ଼ୀଙ୍କର କବିତା ବହି "ଫୁଲଟିଏ ଫୁଟିଲା" ନ୍ୟାସ ତରଫରୁ ପ୍ରକାଶିତ ହୋଇଛି । କୃତୀ ଶିଶୁସାହିତ୍ୟ-ସ୍ରଷ୍ଟା ଓ ଶିକ୍ଷକମାନଙ୍କୁ ପ୍ରତିବର୍ଷ ମାଣିକ-ବିଶ୍ୱନାଥ ସ୍ମୃତିସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଏ । ଶିଶୁସାହିତ୍ୟ କ୍ଷେତ୍ରରେ ଭଲ କାର୍ଯ୍ୟ କଲେ ନ୍ୟାସ ତରଫରୁ ସାହାଯ୍ୟ କରାଯାଇଥାଏ । ଅନ୍ୟ ଶିଶୁସାହିତ୍ୟ ସଂଗଠନ ସହିତ ମିଶି ଓ ଏକାକୀ ନ୍ୟାସ ତରଫରୁ ଆଲୋଚନାଚକ୍ର ଓ ସମ୍ମିଳନୀ ଆୟୋଜିତ ହୋଇଥାଏ ।

ରାଜଧାନୀ ଶିଶୁସାହିତ୍ୟ ସଂସଦ ଗଢ଼ା ଯାଇଛି । ତା' ତରଫରୁ ସଭାସମିତି, ଆଲୋଚନା, ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି ସଂଗଠିତ ହୋଇଥାଏ । ଶିଶୁସାହିତ୍ୟରେ ବହୁତ କିଛି କରିବାକୁ ଅଛି । ମାତ୍ର ଆଜିକାଲି ଅନେକେ ନିଜ କାର୍ଯ୍ୟ, ନିଜ ଜଞ୍ଜାଳରେ ଏତେ ବ୍ୟସ୍ତ ଯେ ସମୂହ କାର୍ଯ୍ୟ କରିବାରେ ମନ ଦେଉନାହାନ୍ତି । ମନ ଥିଲେ ସିନା ବାଟ ଦିଶେ !

## ଏକତିରିଶ

# କିଛି କିଛି ସାହିତ୍ୟ ସେବା

**ହଁ,** ମୁଁ ଗୋଟିଏ କଥା କହିବାକୁ ଭୁଲିଯାଇଛି । ତୁମ୍ଭେମାନେ ଆଗରୁ ମୋର ପିଲାଦିନର ସାହିତ୍ୟ ରଚନା କଥା ଜାଣିଚ । ଏଥି ମଧ୍ୟରେ କେତେ ସମୟ ଗଲାଣି । କ'ଣ ସବୁ ଲେଖାଲେଖି କରିଚି ନିଶ୍ଚୟ ଜାଣିବାକୁ ଚାହିଁବ । ମୁଁ ମଧ୍ୟ ଜଣାଇଦେବା ଉଚିତ । ତେବେ ପିଲାମାନଙ୍କ ପାଇଁ ଯାହା ଲେଖିଚି କହିବି କି ବଡ଼ମାନଙ୍କ ପାଇଁ ମଧ୍ୟ ଯାହା ଲେଖିଚି ତାର ସୂଚନା ଦେବି ? ତେବେ ସଂକ୍ଷେପରେ କିଛି କହୁଛି, ତୁମେସବୁ ବଡ଼ ହେଲେ, ଯଦି ମନ କରିବ ଜାଣିପାରିବ ।

ପତ୍ରପତ୍ରିକାସବୁ ସାହିତ୍ୟର ଚାରା କିଆରୀ । ସେଗୁଡ଼ିକ ନୂଆମାନଙ୍କୁ ଲେଖିବା ପାଇଁ ସୁଯୋଗ ଦିଏ, ଉତ୍ସାହ ଦିଏ । ଆଜିକାଲି ପରି ଆଗେ ଏତେ ସଂଖ୍ୟାରେ ପତ୍ରିକା ନଥିଲା । ତେବେ ଯେଉଁ କେତୋଟି ବାହାରୁଥିଲା, ସେସବୁ ପ୍ରାୟ କଟକରୁ । ଆମପରି ମଫସଲୀ ପିଲାଙ୍କ ଲେଖାକୁ କିଏ ପଚାରେ ? ତେବେ ମୁଁ ଛାତ୍ରାବସ୍ଥାରେ ଯାହାସବୁ ଲେଖିଥିଲି ଆଗରୁ କୁହାଯାଇଛି । 'ଆସନ୍ତାକାଲି', 'ବାଣୀ', 'ମୀନାବଜାର', 'ମନପବନ', 'ସଂସାର' ଏମିତି କେତୋଟି ପତ୍ରପତ୍ରିକାକୁ ଲେଖା ପଠାଉଥିଲି । ସେସବୁଥିରେ ଛପା ହେବାରୁ ମନରେ ଆଗ୍ରହ ବଢ଼ିଥିଲା ।

ଆଜିକାଲି ପତ୍ରିକାର ସଂପାଦକମାନେ ଲେଖକମାନଙ୍କୁ ଲେଖାଗୁଡ଼ିକ ଉପରେ ମତାମତ ଲେଖି ପତ୍ରଦେବାକୁ ବେଳ ପାଉନାହାନ୍ତି କିମ୍ବା ଦରକାର ମନ କରୁନାହାନ୍ତି । ଏବେ ସବୁଠୁଁ ବେଶି ମନେ ପଡ଼େ 'ନବଜୀବନ' ସାହିତ୍ୟ ପତ୍ରିକାର ସୁଯୋଗ୍ୟ ସଂପାଦକ ଓ ସୁସାହିତ୍ୟିକ ଚିନ୍ତାମଣି ମିଶ୍ରଙ୍କ ଚିଠି । ସେ ମୋର ଲେଖାଗୁଡ଼ିକୁ ବାଛି ବା ପ୍ରକାଶ କରି ଭଲମନ୍ଦ ଲେଖନ୍ତି ଓ ଉତ୍ସାହ ଦିଅନ୍ତି । ମୁଁ ନୂଆହାଟ ହାଇସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଥିଲାବେଳେ (୧୯୫୭-୫୮)ମୋର ଲେଖାମାନ ଛପାଇବାରେ ସେ ଉଦାର ହୋଇଥାନ୍ତି । ଆଜି ସେ ନାହାନ୍ତି, ପତ୍ରିକାଟି ବି ଗଲାଣି । ହେଲେ, ସେମାନଙ୍କୁ ଭୁଲିବା ସମ୍ଭବ ନୁହେଁ ।

ତା'ପର ବର୍ଷ କଟକରେ ପ୍ରାୟ ବର୍ଷେ ରହି ଶିକ୍ଷକ ତାଲିମ ପାଇଥିଲି । ସେଇ ସମୟରେ ଚିନ୍ତାମଣିବାବୁ, ''ମୀନାବଜାର'' ସଂପାଦକ ଜହୁରୀଭାଇ, ''ମାତୃଭୂମିର''

ସଂପାଦକ ବିଚିତ୍ରାନନ୍ଦ କର, ''ଗଣତନ୍ତ୍ର''ର ସଂପାଦକ ସୁରେନ୍ଦ୍ର ମହାନ୍ତି, 'ଶିଶୁସଂପଦ'ର 'ବିନୋଦ କାନୁନ୍‌ଗୋ, 'ଡଗର'ର ନିତ୍ୟାନନ୍ଦ ମହାପାତ୍ର ବା 'ଫୁଟୁରାନନ୍ଦ' ଏମିତି ବହୁ ସାହିତ୍ୟିକ-ସଂପାଦକଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲେ । ନବଜୀବନ, ଗଣତନ୍ତ୍ର, ବାଣୀ, ପ୍ରଜାତନ୍ତ୍ର ଆଦି ପତ୍ରିକାରେ ମୋର ଶିକ୍ଷା ଓ ସାହିତ୍ୟ ଉପରେ ଲେଖା ବଡ଼ମାନଙ୍କ ପାଇଁ ପ୍ରକାଶିତ ହେଉଥିଲା ।

ମାତ୍ର ଶିଶୁପତ୍ରିକା କେତୋଟିରେ ମୋର ଲେଖା ବିଶେଷଭାବରେ କବିତାମାନ ସ୍ଥାନ ପାଉଥିଲା । ''ମୀନାବଜାର''ରେ ପ୍ରକାଶିତ ଗୋଟିଏ କବିତାର ପ୍ରଥମ ପଦଟି ହେଲା-

''ଆମେ ସକଳ ପିଲା,
ମାଟିମାଆର କୋଳ କାଖର
ସ୍ନେହସୁଆଗ ବୋଲା ।
ସବୁଦେଶର ସକଳ ପିଲା
ଯିଏ ଯେଉଁଠି ଥାଆନ୍ତୁ ପରା
କେହି ନୁହଁଇ ପର,
ସକଳେ ଆମେ ଭାଇଭଉଣୀ
ଗୋଟିଏ ଫୁଲହାର ।

ଶିଶୁସଂପଦର ସଂପାଦକ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ସହିତ ମୋର ସାକ୍ଷାତବେଳେ ଶିଶୁ ପତ୍ରିକା ''ଶିଶୁସଂପଦ'' ଓ ନୂଆକରି ସେ ବାହାର କରୁଥିବା ''ଜ୍ଞାନମଣ୍ଡଳ'' ସଂପର୍କରେ ଆଲୋଚନା ହେଉଥିଲା ।

ସେତେବେଳେ ''ମୀନାବଜାର''ରେ ମୋର ଅନେକ ଲେଖା ବାହାରିବାରୁ ୧୯୫୯ ବିଷୁବ ସମ୍ମିଳନୀରେ ମୋ ଜୀବନର ପ୍ରଥମ ସାହିତ୍ୟ ପୁରସ୍କାର ପଚାଶ ଟଙ୍କା ଓ ସାଟିଫିକେଟ ମିଳିଥିଲା । ଏହି ପୁରସ୍କାର ମୋତେ ଖୁବ୍ ସାହାଯ୍ୟ କରିଥିଲା, ଓ ଆନନ୍ଦ ଦେଇଥିଲା । ଏହିସବୁ ପତ୍ରିକାଗୁଡ଼ିକରେ ପ୍ରକାଶିତ କବିତାମାନଙ୍କୁ ନେଇ ମୋର ପ୍ରଥମ ବହି ''କିଶୋର ସଂସାର'' (୧୯୫୯) ଓ ''ମୋ ଧୂଳିଘର'' (୧୯୬୦) ପ୍ରକାଶ

ପାଇଥିଲା । ଏହି ଦୁଇଟି ବହିର ଗୀତଗୁଡ଼ିକୁ ବାଣପୁରର ପିଲାମାନେ କର୍ମ ସଂଗୀତ ଭାବରେ ଅବୃତ୍ତି କରୁଥିଲେ, ଅଭିନୟ କରୁଥିଲେ ।

ଶିକ୍ଷକ ତାଲିମ ପାଉଥିଲାବେଳେ ଫକୀରମୋହନଙ୍କ ସାହିତ୍ୟ ସଂପର୍କରେ ମୋର ଲେଖାଟିଏ ବିଖ୍ୟାତ କଥାକାର, ସୁରେନ୍ଦ୍ର ମହାନ୍ତି ତାଙ୍କ ସଂପାଦିତ "ଗଣତନ୍ତ୍ର"ରେ ପ୍ରକାଶ କରି ଉତ୍ସାହ ଦେଇଥିଲେ । ପଦ୍ମଶ୍ରୀ ଭିକାରୀଚରଣ ପଟ୍ଟନାୟକଙ୍କ ସହିତ ମୋର ଘନିଷ୍ଠ ପରିଚୟ ହୋଇଥିଲା ସେହି ତାଲିମ କାଳରେ । ସେତେବେଳ ତାଙ୍କ ବୟସ ୮୦ ଉପରେ ଓ ଖୁବ୍ ଦୁର୍ବଳ ହୋଇପଡ଼ିଥିଲେ । ସେ ଚାହିଁବାରୁ ମୁଁ ତାଙ୍କ ପାଖକୁ ବହୁଥର ଯାଇ ତାଙ୍କ ଜୀବନର କଥାମାନ ଆଗ୍ରହରେ ଶୁଣେ । ତାଙ୍କର ନାଟକ, କୁଟୀର ଶିଳ୍ପ ବିଶେଷତଃ ଅଭଙ୍ଗା କଣ୍ଢେଇ ଆଦି ସଂପର୍କରେ ଗୋଟିଏ ଦୁଇଟି ପ୍ରବନ୍ଧ ଲେଖିଥିଲେ । ସମ୍ଭବତଃ ସେ ତାହା ୧୯୫୯ "ଡଗର" ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ମୋର ବାଣପୁର ରହଣି କାଳ (୧୯୫୯-୬୪)ରେ ଆମ ସରକାରଙ୍କ ଦ୍ୱାରା ନୂଆ ସିଲାବସ କରାଯାଇ ପ୍ରାଥମିକ ପାଠ୍ୟପୁସ୍ତକ ଜାତୀୟକରଣ ହୋଇଥିଲା । ରାଜ୍ୟର ଲେଖକମାନଙ୍କ ଠାରୁ ଲେଖା ମଗାଯାଉଥିଲା । ବିଭିନ୍ନ ଶ୍ରେଣୀର ସାହିତ୍ୟ ଓ ସାମାଜିକ ପାଠ ବହିପାଇଁ ମୋର କିଛି ବଛା ହୋଇଥିବାରୁ ଡିପିଆଇଙ୍କ ଠାରୁ ପାରିଶ୍ରମିକ ପାଇଥିଲି । ସେସବୁ ବହିରେ ତ ସେତେବେଳେ ଲେଖକଙ୍କର ନାମ ରହୁ ନଥିଲା । ପରେ ସେଗୁଡ଼ିକ ତେବେ ତୃତୀୟ ଶ୍ରେଣୀ ସାହିତ୍ୟ ବହିରେ ବଦଳିଯାଇଥିଲା । ସ୍ଥାନ ପାଇଥିବା ମୋର ଗୋଟିଏ କବିତା "ତୁମ ପରି ଛୋଟ ପିଲାଟିଏ" ଏପର୍ଯ୍ୟନ୍ତ ରହିଆସିଛି, ପିଲାମାନଙ୍କ ମନକୁ ଛୁଇଁ ପାରିଛି । ସେଥିରୁ ପ୍ରଥମ ଦୁଇଟି ପଦ ମନେ ପଡୁଛି-

*" ତୁମ ପରି ଛୋଟ ପିଲାଟିଏ*
*ଗାଁ ଚାହାଳିର ଚାଟ ସିଏ,*
*ଚେହେରାଟି ତାର ଡଉଲ ଡାଉଲ*
*ବୁଦ୍ଧିରେ ତାର ସରି କିଏ ?*

**XXX XXXX XXXX XXXX**

ଛାଡ଼ି ଯାଇଥିଲା ଦିନେ ଝଡ଼ି
ବାହାରିଲା ସିଏ ପାଠ ପଢ଼ି,
ବାଟେ ଯାଉ ଯାଉ ଖସିଗଲା ଗୋଡ଼
ମୁହଁ ମାଡ଼ି ତଳେ ଗଲା ପଡ଼ି ।''

ବାଣପୁରଠାରେ ମୋର ''ସରଳ ମନର ସହଜ କଥା'', ''ଟିପୁର କଥା'' ଓ ''ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା'' ଗଳ୍ପ ବହିମାନ ୧୯୬୩ରେ ପ୍ରକାଶିତ ହୋଇଥିଲା । ଶେଷ ବହିଟି ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଏଥିଯୋଗୁଁ ମୁଁ ଆନନ୍ଦିତ ହେବା ସଂଗେ ସଂଗେ ପ୍ରକାଶକମାନେ ମୋର ବହିଗୁଡ଼ିକୁ ଛାପିଥିଲେ । ଏହାପରେ ''ଗପୁଡ଼ି ବୁଢ଼ୀର କାହାଣୀ ପେଡ଼ି'' (୧୯୬୩), ''ତିନି ତୁଣ୍ଡରେ ଛେଳି କୁକୁର'' (୧୯୬୪) ଆଦି ଗପ ବହି ପ୍ରକାଶିତ ହୋଇ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ''ଆମରି ଦେଶର ଅଭୁଲାକଥା'' (୧୯୬୫), ''ତୁଳସୀ ଦୁଇପତ୍ରରୁ ବାସେ'' (୧୯୬୫), ''ବଡ଼ ମଣିଷଙ୍କ କଥା'' (୧୯୬୬), ''ଯାହାର ମନ ଯେଢ଼େ'' (୧୯୬୬) ଆଦି କେତେ ଜୀବନୀ ବହି ପ୍ରକାଶ ପାଇଥିଲା । ପ୍ରଥମ ବହିଟିର ୫/୬ ସଂସ୍କରଣ ହେଲାଣି ଏବଂ ଦ୍ୱିତୀୟ ବହିଟି ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଚମଶ୍ରେଣୀ ପାଇଁ ଅତିରିକ୍ତ ସାହିତ୍ୟ ଭାବରେ ବଛାଯାଇଥିଲା ।

ତା'ପରେ ପିଲାମାନଙ୍କୁ ବିଜ୍ଞାନରେ ଆଗ୍ରହୀ କରିବା ପାଇଁ କେତୋଟି ବହି ଲେଖିଥିଲି ଏବଂ ସୌଭାଗ୍ୟକୁ ସେଥିରୁ ଦୁଇଟି ବହି ''ଆଲୁଅର କୁହୁକ ଓ ଶବଦର ଲୁଚକାଳି'' (୧୯୬୮) ଓ ''ଦରିଆ ଅଜାର ମଜା ଦୁନିଆ'' (୧୯୭୧) ଯଥାକ୍ରମେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କେନ୍ଦ୍ର ଶିକ୍ଷା ସଂସ୍ଥା ଏନସିଇଆରଟି ଠାରୁ ପୁରସ୍କାର ଲାଭ କରିଥିଲା । ପୁଣି ବିଲାତରେ ମୁଁ ଥିଲାବେଳେ ଏହି ସୁସମ୍ବାଦ ପାଇଥିଲି । ୧୯୭୨ ମସିହା ମଧ୍ୟରେ ''ପିଲାଙ୍କ ପରୀକଥା'', ''ପିଲାଙ୍କ ଏକାଙ୍କିକା'', ''ଆଦିବାସୀ ଲୋକକଥା (୧ମ ଓ ୨ୟ ଭାଗ), ''ସପନ ଭୂଇଁ ଲଣ୍ଡନ ଏଇ'' (ଭ୍ରମଣ କାହାଣୀ) ଆଦି ଭିନ୍ନ ଭିନ୍ନ ସ୍ୱାଦ ଓ ଶୈଳୀରେ ପୁସ୍ତକମାନ ଆତ୍ମପ୍ରକାଶ କରିଥିଲା । ଏହା ପରେ ପ୍ରାୟ ୧୦ ବର୍ଷ କାଳ ସେମିତି କୌଣସି ବହି ପିଲାଙ୍କ ପାଇଁ ବାହାରି ନଥିଲା ।

୧୯୮୬ଠାରୁ ''କଳାପଟା ଅଭିଯାନ'' ଯୋଗୁଁ ପ୍ରକାଶକମାନଙ୍କ ମନ ଉଚ୍ଛନ୍ନ ହୋଇଥିଲା ପିଲାଙ୍କ ବହି ଛାପିବା ପାଇଁ । ସେମାନେ ଲେଖକମାନଙ୍କୁ ବସାଇ ଉଠାଇ ଦେଇନଥିଲେ । ଏହି ହାଓ୍ୱାରେ ମୋର ୨୦/୩୦ ଖଣ୍ଡି ବହି ବାହାରି ପଡ଼ିଥିଲା । ମାତ୍ର ଏହି ଅଭିଯାନରେ ମଧ୍ୟ କଳାବଜାର ପଶି ଭଲ କାର୍ଯ୍ୟଟିରେ କଳାପରଦା ଟାଣିଦେଲା । ପୁଣି ଡି.ପି.ଇ.ପି. ନାମରେ ଗୋଟିଏ ''ବହୁ ଆଡ଼ମ୍ବର ଲଘୁକ୍ରିୟା'' ଯୋଜନା ଭଲ ବହି କିଣିବାକୁ ଚାହିଁବାରୁ ଲେଖକ ପ୍ରକାଶକମାନେ ମାତିଗଲେ । ଏହି ସମୟରେ ମୋର ମଧ୍ୟ ୧୫/୨୦ ଖଣ୍ଡି ନୂଆ ବହି ପିଲାଙ୍କ ପାଇଁ ବାହାରିଲା । ଏଥିରେ ବହୁଦିନ ଧରି ବଛାବଛି ପାଲା ଚାଲିଲା । କେତେ ଗୁପ୍‌ଚୁପ୍ କାରବାର ଚାଲିଚି ବୋଲି ଶୁଣାଗଲା । ଶେଷରେ ବଛାବଛି ହୋଇ ୩/୪ ବର୍ଷ ବିତିଗଲା । ମାତ୍ର ଆଗ୍ରହ ଅଭାବରୁ ବା ହାତ ଚିକ୍କଣ ନହେବାରୁ ବଛାବହି ମଧ୍ୟ କିଣା ଗଲା ନାହିଁ । ଏଥିଯୋଗୁଁ ଲେଖକ ପ୍ରକାଶକମାନଙ୍କ ମନ ଊଣା । ପିଲାମାନେ ମଧ୍ୟ ଭଲ ବହି ପାଇପାରିଲେ ନାହିଁ । ଭଲ ଉଦ୍ଦେଶ୍ୟ ବି ପଣ୍ଡହେଲା ।

ଶିଶୁସାହିତ୍ୟରେ ମୋଟ ୮୦ ଖଣ୍ଡି ବହି ଛଡ଼ା 'ଓଡ଼ିଆ ନାଟକ ଓ ଉପନ୍ୟାସ' (୧୯୬୨) ଓ 'ସମାଲୋଚନା ସଂଗ୍ରହ' (୧୯୬୬ ଓ 'ଶିଶୁସାହିତ୍ୟ ପରିକ୍ରମା (୨୦୦୦) ବହି ୩ ଖଣ୍ଡି ସମାଲୋଚନା ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଛି । ଶିକ୍ଷା ଓ ସାହିତ୍ୟ ସଂପର୍କରେ ୧୫ଟି ପ୍ରବନ୍ଧ ପୁସ୍ତକ ଓ ଦୁଇଟି ଭ୍ରମଣ କାହାଣୀ ପ୍ରକାଶିତ ହୋଇଥିଲା । ଭ୍ରମଣକାହାଣୀରୁ ଗୋଟିଏ 'ଦୂରଦିଗନ୍ତ' (୧୯୮୭) ଇଂଲଣ୍ଡ ଓ ୟୁରୋପର ବହୁଦେଶ ଏବଂ 'ଭାରତ ଭ୍ରମଣ' (୧୯୮୭) ଭାରତର ବହୁ ରାଜ୍ୟ ଭ୍ରମଣ କରି ଲେଖାଯାଇଛି । ପ୍ରଥମ ବହିଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ଏଥି ମଧ୍ୟରେ ପ୍ରାୟ ୧୫ଟି ବିଜ୍ଞାନ ବହି ପିଲାମାନଙ୍କ ପାଇଁ ଲେଖାଯାଇଛି ଏବଂ ତା ମଧ୍ୟରୁ ''ଜୀବବିଜ୍ଞାନରେ କିପରି'' (୧୯୯୧) ପୁସ୍ତକଟି ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଛି ।

ଅନ୍ୟଏକ ବିଭାଗର ବହିକଥା କହିବା ଦରକାର । ତା' ହେଲା ବଡ଼ ବା ନବସାକ୍ଷରମାନଙ୍କ ପାଇଁ, ଯାହାକୁ ଏବେ ଜନଶିକ୍ଷା ପୁସ୍ତକ କୁହାଯାଉଛି । ପ୍ରଥମେ ୧୯୬୬ ମସିହାରେ ''ସରବେ ଆମେ ଭାଇଭଉଣୀ'' ପୁସ୍ତକଟି ଭାରତ ସରକାରଙ୍କ ଠାରୁ ପୁରସ୍କାର ପାଇଥିଲା । ତା'ପରେ ୫୦/୬୦ ଖଣ୍ଡି ବହି ଏହି ବିଭାଗରେ ଆତ୍ମପ୍ରକାଶ

କରିଛି । ସେଥିରୁ ୩ଖଣ୍ଡି ବହି ପାଣ୍ଡୁଲିପି ଆକାରରେ ଭାରତ ସରକାରଙ୍କ ପୁରସ୍କାର ଲାଭ କରିଥିଲା । ସାହିତ୍ୟ-ଉନ୍ନତିରେ ସରକାର ଆଗ୍ରହୀ ନଥିବାରୁ ଓଡ଼ିଆ ବହି ପ୍ରକାଶନରେ ମାନ୍ଦା ପଡ଼ିଛି । କେବଳ ବ୍ୟକ୍ତିଗତ ଚେଷ୍ଟାରେ କିଛିବହି ପ୍ରକାଶିତ ହୋଇଛି ଲେଖକମାନଙ୍କ ଦ୍ୱାରା । ମୁଁ କିନ୍ତୁ ଏପର୍ଯ୍ୟନ୍ତ ନିଜେ କୌଣସି ବହି ଛାପି ନାହିଁ । ଓଡ଼ିଶାରେ ଏପରି ମାନ୍ଦା ଅବସ୍ଥା ଯୋଗୁଁ ଏବଂ ଦିଲ୍ଲୀର କେତେକ ପ୍ରକାଶକ ଆଗ୍ରହ ପ୍ରକାଶ କରିବାରୁ ମୋର ପ୍ରାୟ ୪୦ଟି ବହି ଇଂରେଜିରେ ପ୍ରକାଶିତ ହୋଇଛି । ଅବଶ୍ୟ ଏଥିରୁ ଅଧିକାଂଶ ବହି 'ଶିକ୍ଷା' ଉପରେ ଏକ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଲୋଡ଼ା ହେଉଥିବାରୁ କଟକରୁ ଓ ଦିଲ୍ଲୀରୁ ଛପାଯାଇଛି ।

ସାହିତ୍ୟସେବା, ସଂଗଠନ ଓ ଗବେଷଣା କାର୍ଯ୍ୟରେ ଯାହାକିଛି କରିଥିବାରୁ ଜାତୀୟ ଓ ରାଜ୍ୟ ସ୍ତରରେ ବହୁ ସାହିତ୍ୟ ସଂସ୍ଥା ଦ୍ୱାରା ମୁଁ ସମ୍ମାନିତ ହୋଇଛି । ଶିଶୁ ସାହିତ୍ୟ ସଂସଦ, ବ୍ରହ୍ମପୁର ଦ୍ୱାରା ୧୯୮୯ ମସିହାରେ ମୋତେ "ଶିଶୁଗୌରବ" ଏବଂ ଜାତୀୟ ସ୍ତରରେ କେତେ ପ୍ରକାଶନ ସଂସ୍ଥା "ଶୁଭାନ୍ୱେଷୀ" ଉପାଧି ପ୍ରଦାନ କରିଛନ୍ତି । ଏସବୁ ଶ୍ରଦ୍ଧା ଓ ସମ୍ମାନ ମୁଁ ବିନମ୍ର ଭାବରେ ଗ୍ରହଣ କରିଛି ଏବଂ ଏ ଦିଗରେ ଅଧିକ କାର୍ଯ୍ୟ କରିବାକୁ ଶପଥ ନେଇଛି ।

# ଯେଉଁମାନଙ୍କ ପ୍ରେରଣା ଭୁଲି ହୁଏ ନାହିଁ

**ସେ**ମିତି ଗୋଟିଏ କଥା ନିତାନ୍ତ ବ୍ୟକ୍ତିଗତ ଭାବି ଲେଖୁନଥିଲି । ମାତ୍ର ତା'ନ ଲେଖିଲେ ଜୀବନ କଥାଟି ସଂପୂର୍ଣ୍ଣ ହେବନାହି ବୋଲି କେତେକ ମତ ଦେଲେ । ଏଥି ସହିତ ମଧ୍ୟ ମୋର ସାହିତ୍ୟସେବା ଓ ଅନ୍ୟାନ୍ୟ କାର୍ଯ୍ୟ ଯୋଡ଼ା ହୋଇଆସିଛି । ତେଣୁ ଘରେ ଓ ବାହାରେ ଯେଉଁମାନଙ୍କଠାରୁ ପ୍ରେରଣା ପାଇଛି, ସେଇମାନଙ୍କ କଥା ଏଠାରେ ସୂଚାଇ ଦେଉଛି ।

ମୁଁ ପାରିଲାବେଳକୁ ବାପାମାଆଙ୍କୁ ହରାଇଥିଲି । ପାଠପଢ଼ାରେ ସେମାନେ ଯାହା ବଳଦେଇଥିଲେ । ମୋ ଲେଖାଲେଖିରେ ପ୍ରଥମେ ମୁଁ ମୋର ବଡ଼ ଅପା ଶକୁନ୍ତଳା ଠାରୁ ଉତ୍ସାହ ପାଇଥିଲି । ସେ ମୋଠାରୁ ପ୍ରାୟ ପନ୍ଦର ବର୍ଷ ବଡ଼ ଥିଲା । ୨/୩ ବର୍ଷ ହେବା ଯାଏ ମୋତେ କୋଳର କାଖର କରିଥିଲା । ୧୬/୧୭ ବର୍ଷ ବୟସରେ ସେ ବାହା ହୋଇ ପରଘରକୁ ଗଲା । ତେଣୁ ଶାଶୁଘରେ ମୋତେ ସେ ଝୁରୁଥିଲା ବୋଲି କହେ । ମାତ୍ର ତାର ବୟସ ଯେତେବେଳେ ୨୨ ବର୍ଷ, ସେ ବିଧବା ହେଲା । ଆମ ଘର ଉପରେ ସେ ନିର୍ଭର କଲା । ଆମେ ବି ତା ଉପରେ ନିର୍ଭର କଲୁ । କାରଣ ବୋଉ ବହୁ ସମୟ ଧରି ଶେଷରେ ସବୁଦିନ ପାଇଁ ଚାଲିଗଲା । ଅପା ସ୍କୁଲ୍‌କୁ ଯାଇ ପାଠପଢ଼ି ନଥିଲେହେଁ ଘରେ ଘରେ ପାଠ ପଢ଼ି ଚିଠି ପତ୍ର ପଢୁଥିଲା ଓ ଲେଖୁଥିଲା । ଅନେକ ଗୀତ ଓ କଥା ସେ ମଧ୍ୟ ଲେଖୁଥିଲା ଓ ମନେ ରଖୁଥିଲା । ତାର ମନହେଲେ କି ଆମେ କହିଲେ ସେ କଥା କହେ ଓ ଗୀତ ଗାଏ । ତାକୁ ମୋର ପ୍ରଥମ ବହି "କିଶୋର ସଂସାର" ଖଣ୍ଡିଏ ଦେଇଥିଲି । ତାକୁ ସେ ପଢ଼ି ଭାରି ଖୁସି ହୋଇଥିଲା । ମୋତେ ସେ ଏମିତି ଲେଖିବାକୁ ଉତ୍ସାହ ଦେଇଥିଲା । ପୂର୍ବରୁ ଯୋଗୀଭାଇ ଓ ସାଧୁଭାଇଙ୍କ କଥା କହିଛି, ସେମାନେ ପାଠପଢ଼ାଠାରୁ ଏସବୁଥିରେ ଆଗ୍ରହ ପ୍ରକାଶ କରିଥିଲେ ।

୧୯୬୦ ମସିହାରେ ବାଣପୁର ରହଣି ମଧ୍ୟରେ ମୋର ବାହାଘର ହୋଇଥିଲା । ନିମାପଡ଼ା ଗଡ ଅଣ୍ଟିଆର ସୁରେନ୍ଦ୍ର ମହାନ୍ତିଙ୍କ ଝିଅ ଅହ୍ଲାଦମୋହନୀ (ଡଲି)ଙ୍କ ସହିତ ।

ତାଙ୍କୁ ସେତେବେଳେ ୧୬/୧୭ ବର୍ଷ ଓ ସେ ମାଟ୍ରିକ ପଢ଼ିଥିଲେ । ଏକମାତ୍ର ଝିଅ ହୋଇଥିବାରୁ ତାଙ୍କ ବଡ଼ ଭାଉଜ ଓ ବୋଉ ତାଙ୍କୁ ରୋଷେଇ କରିବାକୁ ଦେଇନଥିଲେ । ମାତ୍ର ବେକରେ ପଡ଼ିଲେ ବଜେଇ ଶିଖିବା ପରି ସେସବୁ ସେ କରିଥିଲେ । ବଡ଼ ଅପାକୁ ନେଇ ପାଖରେ ରଖିଥିଲୁ ।  ଗୀତ ଗାଇବା, ନାଚିବା, ନାଟକ ଅଭିନୟରେ ତାଙ୍କର ଖୁବ୍ ଆଗ୍ରହ ଥିଲା ଓ ଯୋଗ୍ୟତା ମଧ୍ୟ ଥିଲା । ତେଣୁ ମୋ ଲେଖାଲେଖିରେ ସେ ମନ ଖୁସିରେ ସବୁ ପ୍ରକାଶ ସହଯୋଗ କରିଥାନ୍ତି । ବିଦ୍ୟାଳୟ ପରିଦର୍ଶନ ଓ ଅନ୍ୟାନ୍ୟ ଶାସନଗତ ଜଞ୍ଜାଳରୁ ଟିକିଏ ସମୟ ମିଳିଲେ ମୁଁ ଲେଖାଲେଖି କରୁଥିଲି ।

ଶ୍ୱଶୁର ସୁରେନ୍ଦ୍ର ମହାନ୍ତି ଇଂରେଜ ଅମଳରେ ତହସିଲଦାର ଥିଲେ ଓ ମାଟ୍ରିକ୍ ପଢ଼ିଥିଲେ । ତାଙ୍କ ବାପା ଜଗନ୍ନାଥ ମହାନ୍ତି ନିମାପଡ଼ା ଅଂଚଳର ପ୍ରଥମ ମାଟ୍ରିକ୍ ଥିଲେ । ସେ ପୋଲିସ ଦାରୋଗା ଥିଲେ, ମାତ୍ର ବୈଷ୍ଣବ ଦୀକ୍ଷାନେଇ ହିଂସା ଓ ମିଥ୍ୟାକୁ ଏତେ ଘୃଣା କଲେ ଯେ ଚାକିରୀରୁ ଇସ୍ତଫା ଦେଲେ । ସେ କହୁଥିଲେ- ଯେତିକି ବର୍ଷ ଚାକିରୀ କରିଥିଲେ, ତାଠାରୁ ଅଧିକ ବର୍ଷ ପେନସନ ପାଇଥିଲେ । ସେ ୮୫ ବର୍ଷଯାଏ ବଂଚି ଥିଲେ ଏବଂ ନିଜର ସବୁ ବହିପତ୍ର ଦେଇ ନିମାପଡ଼ା ହାଇସ୍କୁଲ୍ ଆରମ୍ଭବେଳେ ପୁସ୍ତକାଗାର ଗଢ଼ିବାଠାରୁ ଅନ୍ୟାନ୍ୟ ସଂଗଠନ କାର୍ଯ୍ୟରେ ସାହାଯ୍ୟ କରିଥିଲେ । ମୋର ବହିପତ୍ର ପଢ଼ି ସେ ଓ ମୋ ଶ୍ୱଶୁର ଖୁସି ହେଉଥିଲେ । ଶାଶୁ ହାରାମଣି ଓ ତାଙ୍କ ପୁଅ ବ୍ରଜମୋହନ, ଗୌରଗୋବିନ୍ଦ ଓ ହୀରାଲାଲ ଏଥିରେ ଆନନ୍ଦିତ ହୋଇଥିଲେ ।

ତାପରେ ବାଣପୁର ରହଣିକାଳ ୫ ବର୍ଷ ମଧ୍ୟରେ ଡାକ୍ତର ରାଧାଚରଣ ପଣ୍ଡା, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, 'ନିଆଁଖୁଣ୍ଟ' ସଂପାଦକ କବି ଗୋଦାବରୀଶ ମହାପାତ୍ର, ପଣ୍ଡିତ ଜଗନ୍ନାଥ ମହାପାତ୍ର, ବାଣପୁର ମି.ଇ. ସ୍କୁଲର ପ୍ରଧାନ ଶିକ୍ଷକ ବାମନ ଦାସ, ପ୍ରସିଦ୍ଧ ଶିଳ୍ପୀ ଉପେନ୍ଦ୍ର ମହାରଥୀ, ଏମିତିକି ଗାଁ ନେତାମାନେ ମୋ ଲେଖାଲେଖିରେ ଆନନ୍ଦ ପ୍ରକାଶ କରିଥଲେ, ଉତ୍ସାହ ଦେଇଥିଲେ । ମୁଁ ମୋର କେତୋଟି ଲେଖା କବି କୃଷ୍ଣଚନ୍ଦ୍ରଙ୍କୁ ଦେଖାଇଥିଲି । ସେଥିରୁ ଗୋଟିଏ କବିତା ''ବାଣପୁର ଆଜି ବାଉଳା କରିଚି ମୋତେ'' ପଢ଼ି ସେ ଭାରି ଖୁସି ହୋଇଥିଲେ ଆଉ ୧/୨ଟି ଶବ୍ଦବି ବଦଳାଇ ଥିଲେ । ୧୯୬୧-୬୨ ମସିହାରେ ଭାରତ ସରକାରଙ୍କଠାରୁ ''ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା'' ବହି ପାଇଁ ପୁରସ୍କାର ପାଇ ଥିବାରୁ ବାଣପୁରରେ ଗୋଟିଏ ସଭାକରି ମୋତେ ସମ୍ବର୍ଦ୍ଧନା ଜଣାଇ ଥିଲେ । ଶିକ୍ଷକମାନଙ୍କୁ ନେଇ ''ଅରୁଣ'' ବୋଲି ପତ୍ରିକାଟିଏ ବାହାର କରିଥିଲି ।

ଏଥିରେ ରାଧାଚରଣ ଓ କୃଷ୍ଣଚନ୍ଦ୍ର ମଧ୍ୟ ସହଯୋଗ କରିଥିଲେ । ବର୍ଷେ ରାଧାଚରଣ ଓ ମୁଁ ସାଥିହୋଇ କଟକ ଆସି ଉତ୍କଳ ସାହିତ୍ୟ ସମାଜରୁ ଗୋଟିଏ ଲେଖାଁ ପୁରସ୍କାର ପାଇଥିଲୁ ।

ବାଣପୁରରୁ ବଦଳି ହୋଇ ରଣପୁର ହାଇସ୍କୁଲ୍‌ରେ ଯୋଗଦେଲି । ସେଠାରେ ମୁଁ ଅଳ୍ପ ସମୟ ରହିଥିଲେ ହେଁ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ପ୍ରିୟପାତ୍ର ହୋଇଥିଲି । ପ୍ରଧାନ ଶିକ୍ଷକ ନରସିଂହ ଦାସ ବି.ଏ. ପରୀକ୍ଷାରେ ବିହାର ଓଡ଼ିଶା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ ହୋଇ ସୁନାପଦକ ପାଇଥିଲେ । ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ଥିବାରୁ ସେ ମୋତେ ଖୁବ୍ ପ୍ରେରଣା ଦେଉଥିଲେ । ମାତ୍ର ୧/୨ ମାସରେ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନକୁ ଅଧ୍ୟାପକ ହୋଇ ଆସିବାରୁ ଛାତ୍ର ଓ ଶିକ୍ଷକମାନେ ମୋତେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ।

ରାଜ୍ୟଶିକ୍ଷା ପ୍ରତିଷ୍ଠାନରେ ପ୍ରଥମ ପାଞ୍ଚବର୍ଷ (୧୯୬୪-୬୯) ମୁଁ ସାହିତ୍ୟପ୍ରେମୀ ଶତ୍ରୁଘ୍ନ ନାଥ, ପ୍ରାଣବନ୍ଧୁ କର, ରେଣୁକାଦେବୀ ଆଦିଙ୍କ ସଂପର୍କରେ ଆସିଲି । ଲେଖାଲେଖି କରିବାରେ ନାଥସାହେବ ଓ ପ୍ରାଣବଂଧୁ ସାର୍ ଉତ୍ସାହ ଦେଇଥିଲେ । ସେମାନଙ୍କ ପ୍ରେରଣାରେ ପ୍ରତିଷ୍ଠାନ ତରଫରୁ ଗୋଟିଏ ପତ୍ରିକା ''ଶିକ୍ଷାଲୋକ'' ଓ କେତୋଟି ଭଲ ବହି ପ୍ରକାଶ କରିଥିଲୁ । ମୁଁ ମଧ୍ୟ ''ଶିକ୍ଷକ ସେ ଅଲିଭା ଆଲୋକ'' ପରି କେତୋଟି ବହି ଲେଖିବାକୁ ପ୍ରେରଣା ପାଇଥିଲି । ଚିନ୍ତାମଣି ମିଶ୍ର, ଜାତୀୟକବି ବୀରକିଶୋର, ରାମକୃଷ୍ଣ ନନ୍ଦ, ରାମପ୍ରସାଦ ମହାନ୍ତି, ବିନୋଦ କାନୁନ୍‌ଗୋ, ଉଦୟନାଥ ଷଡ଼ଙ୍ଗୀ, ଶାନ୍ତନୁ ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ ପ୍ରମୁଖ ସାହିତ୍ୟକାରମାନେ ମୋତେ ପ୍ରେରଣା ଦେଇଥିଲେ ।

ଏତେବେଳେ ବେଶି ମନେ ପଡ଼େ ଏବେ ଆମଠାରୁ ସବୁଦିନ ପାଇଁ ବିଦାୟ ନେଇଥିବା ଜାନକୀ ବଲ୍ଲଭ ମହାନ୍ତି ଓ ନଟବର ସାମନ୍ତରାୟଙ୍କ କଥା । ଜାନକୀବାବୁ ଗୋଟିଏ ବହିଉପରେ ''ଅଭିମତ'' ଦେଇ ଲେଖିଥିଲେ (୧୯୬୬), ''ଓଡ଼ିଆ ଶିଶୁ ସାହିତ୍ୟର ଲେଖକଭାବେ ସୁପରିଚିତ ତଥା ପୁରସ୍କୃତ ଶ୍ରଦ୍ଧେୟ ଶ୍ରୀଜଗନ୍ନାଥ ମହାନ୍ତିଙ୍କ ''ସମାଲୋଚନା ସଂଗ୍ରହ'' ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠ କରିଛି ............ ଲେଖକଙ୍କର ଏହି ପ୍ରଚେଷ୍ଟା ଯେ ପ୍ରଶଂସନୀୟ ଓ ଓଡ଼ିଆ ସାହିତ୍ୟ ଆଲୋଚନା ଅନୁରାଗୀ ପାଠକମାନଙ୍କୁ ଯେ ଏହା ପରିତୃପ୍ତ କରିପାରିବ, ଏହା ମୋର ଦୃଢ଼ବିଶ୍ୱାସ'' । ସେମିତି

ନଟବରବାବୁ ଆଉ ଏକ ବହି ''ଓଡ଼ିଆ ନାଟକ ଓ ଉପନ୍ୟାସ'' (୧୯୬୬) ପଢ଼ି ''ଅଭିମତ''ରେ ଲେଖିଥିଲେ'', ''ରାଜ୍ୟ ତଥା କେନ୍ଦ୍ରସରକାରଙ୍କ ଦ୍ୱାରା ପୁରସ୍କୃତ ଶିଶୁସାହିତ୍ୟର ଲେଖକ ଅଧ୍ୟାପକ ଜଗନ୍ନାଥ ମହାନ୍ତି ଅତି ଅଳ୍ପ କାଳ ମଧ୍ୟରେ ଏ ଦେଶରେ ଜଣେ ସୁସାହିତ୍ୟିକ ହିସାବରେ ପରିଚିତ ହେବା କମ୍ ସୌଭାଗ୍ୟର କଥା ନୁହେଁ।''

କ୍ରମେ ପିଲାମାନେ ଆମ ଘରକୁ ସରସସୁନ୍ଦର କଲେ। ସେମାନଙ୍କ ହସକାନ୍ଦ, ଦୁଃଖସୁଖ ଜୀବନକୁ ଅଧିକ ରସାଳ ଓ ଜଞ୍ଜାଳମୟ କଲା। ସବୁପ୍ରକାର ଅନୁଭୂତି ହେଲା ମୋ ଲେଖାଗୁଡ଼ିକର ଖୋରାକ। ବଡ଼ ପୁଅ ଟୁଟୁ(ଦେବାଶିଷ) ବ୍ରହ୍ମପୁରଠାରେ ଜନ୍ମ ହୋଇଥିଲା। ବଡ଼ଝିଅ ଟିନୁ(ଜୟଶ୍ରୀ) ନିମାପଡ଼ା ମାମୁଁ ଘରେ। ତା ତଳ ଝିଅ ରିନୁ(ଧରାଶ୍ରୀ), ଚିନୁ (ରାଜଶ୍ରୀ) ଓ ସବା ସାନ ଝିଅ ଝୁନୁ(ଶୁଭଶ୍ରୀ) ଭୁବନେଶ୍ୱରରେ ଆଉ ଏକା ସାନପୁଅ ମିଟୁ (ଶୁଭାଶିଷ) କଟକରେ ଜନ୍ମ ହୋଇଥିଲା। ସେମାନେ ବଢ଼ିଲେ ପଢ଼ାପଢ଼ି କଲେ। ଗୋଟିଏ ଘରେ ଚାରି ପଟେ ବସି ସେମାନେ ପାଠପଢ଼ା କରନ୍ତି ଏବଂ ମୁଁ ଯାହା ସାହାଯ୍ୟ କରେ। ଥରେ ଥରେ ଗୋଟିଏ ଲେଖାଁ ଶିଶୁକବିତା ଓ କଥା ସେମାନଙ୍କୁ ଶୁଣାଏ। ସେମାନେ କେତେଦୂର ବୁଝିପାରନ୍ତି ଓ ଆନନ୍ଦ ପାନ୍ତି ମୁଁ ଜାଣେ। ସେ ହୁଏ ମୋ ଲେଖାର କଷଟି ପଥର।

ଯେଉଁ ବୋଉ ଏତେ କଷ୍ଟ କରି ପିଲାଙ୍କୁ ବଢ଼ାଏ ତା'ପ୍ରତି ସେମାନଙ୍କ ଶ୍ରଦ୍ଧା ବଢ଼ାଇବା ପାଇଁ ଗୋଟିଏ କବିତା ଲେଖିଥିଲି, ଯାହାର ପ୍ରଥମ ଓ ଶେଷ ପଦଟି ହେଲା :-

ବୋଉଟି ମୋର କେଡ଼େ ନିଜର
ତା'ପରି ନାହିଁ କେହି
କୋଳଟି ତାର ସରଗ ମୋର
ତା'ସରି କିଛି ନାହିଁ।
ତା' ସ୍ନେହଦାନ
ଅଶୁଝା ଋଣ
ନପାରେ ମୁହିଁ ତୁଳି
ତା' ପାଦଧୂଳି ଚନ୍ଦନ ମୋରି
ମଥାରେ ଦେବି ବୋଲି।

ଆମ ପରିବାରକୁ ଆସି ଜଣେ ସଭ୍ୟ ଭାବରେ ନାଁ ଲେଖାଇଦେଲା ବାସୁଦେବ (ପଟ୍ଟନାୟକ)। ସେ କେଉଁଠୁ କିପରି ଆସିଲା ସେ କଥା ଅଲଗା। ତେବେ, ଆମ ସାଥିରେ ସେ ୧୯୬୭ରୁ ରହି ସବୁ ସୁଖଦୁଃଖରେ ଭାଗୀ ହୋଇଆସିଛି ଓ ଆମର "ବଡ଼ପୁଅ" ହେବାର ସ୍ଥାନ ନେଇ ସାରିଛି। ମୋ ଲେଖାଲେଖିରେ ତା'ର ସହଯୋଗ କମ୍ ନୁହେଁ। ଜ୍ୱାଇଁ ଶ୍ରୀମାନ୍ ସରୋଜକାନ୍ତ ଚୌଧୁରୀ (ଅଧ୍ୟାପକ) ମୋ ପାଖେ ପାଖେ ରହି ଲେଖାଗୁଡ଼ିକ ଉପରେ ତାଙ୍କର ମତାମତ ଦେବା ସହିତ ନିଜର ସାହିତ୍ୟ ପ୍ରୀତି ଓ ଆଗ୍ରହ ଦେଖାଇଥିଲେ।

ପୂର୍ବରୁ ମୁଁ ଲଣ୍ଡନ ଯିବାବେଳେ ପିଲାଙ୍କ କଥା ଲେଖିଛି। ଭିନ୍ନଭିନ୍ନ ସମୟରେ ପିଲାଙ୍କୁ ନେଇ ବହୁ କବିତା ଓ କଥା ଲେଖାଯାଇଛି। ଏଠାରେ ସେସବୁ ଆଉ କହୁନାହିଁ। ପିଲାମାନେ ବଡ଼ ହୋଇ ସେମାନଙ୍କର ପିଲାପିଲି ହେଲେଣି। ସେଇ ନାତିନାତୁଣୀଙ୍କ ପାଇଁ ମଧ୍ୟ କେତେବେଳେ କ'ଣ ଲେଖାଯାଇଛି। ମାତ୍ର ଆମେ ସମ୍ବଲପୁରରେ ଥିଲାବେଳେ ଗୋଟିଏ ନାତୁଣୀ ବୁଢ଼ିଆ(ଅନନ୍ୟା)ର ମନ କିପରି ରଣା ହୋଇଛି, ସେଇ କଥାକୁ ନେଇ ଗୋଟିଏ କବିତା ଲେଖା ଯାଇଥିଲା ଯାହାର ପ୍ରଥମ ପଦଟି ହେଲା-

"ବହୁଦିନ ପରେ ଯେବେ ଦେଖା ହେଲା ବୁଢ଼ିଆ
ପାଟିରୁ ତା କଥା ନାହିଁ ଫୁଟିଲା।
ଛାତିରେ ଛାତି ମାଡ଼ି ପଡ଼ିଲା
ମୋ'କାନ୍ଧେ ମୁହଁ ତାର ଥାପିଲା।"

ଶ୍ରୀ ଭାଗୀରଥି ନାୟକ ଅଧ୍ୟାପକ ଓ ଇନସ୍‌ପେକ୍ଟର ଥିଲେ। ଆମ କୋଣାର୍କ ପାଖରେ ତାଙ୍କର ଘର। ଉତ୍କଳ ବିଶ୍ୱବିଦ୍ୟାଳୟରେ ମୁଁ ଥିଲାବେଳେ ତାଙ୍କ ନିକଟ ସଂପର୍କରେ ଆସି ବହୁ ସୁଖଦୁଃଖରେ ଭାଗୀ ହୋଇଚୁ। ସେ ବହୁ ପଢ଼ାପଢ଼ି କରନ୍ତି। ମୋର ଲେଖାକୁ ସେ ଭଲ ପା'ନ୍ତି। ଆମେ ମିଶି କେତୋଟି ବହି ମଧ୍ୟ ଲେଖିଚୁ। ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ସେଥିରୁ ଗୋଟିଏ ବହି ଖୁବ୍ ଆଦର ଲାଭ କରିଛି। ଡଃ ରବୀନ୍ଦ୍ର କୁମାର ପ୍ରହରାଜ କଲେଜରେ ବଡ଼ ଅଧ୍ୟାପକ ଥିଲେ। ତାଙ୍କ ସହିତ ମୁଁ କେଉଁଠି କାର୍ଯ୍ୟ କରିବାର ସୁଯୋଗ ପାଇନାହିଁ। ମାତ୍ର ସେ ମୋର ସମଧର୍ମୀ ଓ କବିପ୍ରାଣ; ଗୀତଗାଇବା, ବାଦ୍ୟବଜାଇବା, ନାଟକରେ ଅଭିନୟ କରିବାରେ ତାଙ୍କର ଖୁବ୍ ଦକ୍ଷତା। ଆମ ରାଜ୍ୟର ସ୍ମରଣୀୟ ଶିକ୍ଷକମାନଙ୍କ ଜୀବନୀକୁ ନୂଆଢ଼ଙ୍ଗରେ ଲେଖିବାରେ ସେ ମୋତେ ବିଶେଷ ସାହାଯ୍ୟ କରିଛନ୍ତି। ଏହିକାର୍ଯ୍ୟରେ ଆଉଜଣେ ବନ୍ଧୁ କେନ୍ଦୁଝରରେ

ରହିଲେ ବି ଏତେ ସାହାଯ୍ୟ ଓ ପ୍ରେରଣା ଦେଇଛନ୍ତି, ଯେ ମୋର ସବୁଦିନକୁ ମନେ ରହିବ । ତାଙ୍କ ନାମ ଶ୍ରୀ ରମେଶଚନ୍ଦ୍ର ଚକ୍ରବର୍ତ୍ତୀ ଓ ତାଙ୍କର ପୁଅ ହେଉଛନ୍ତି ତରୁଣକବି ଓ ସୁଲେଖକ ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ ।

ଡକ୍ଟର ଶ୍ରୀ କହ୍ନେଇ ଚରଣ ସ୍ୱାଇଁ, ଚିତ୍ତରଂଜନ ଦାସ, ଇନ୍ଦୁ ଭୂଷଣ ମିଶ୍ର ଏମିତି ଅନେକେ ମୋତେ ଲେଖାଲେଖିରେ ଉତ୍ସାହ ଦେଇଛନ୍ତି । ଅଧ୍ୟାପକ ପାର୍ଥସାରଥୀ ଅଜୟ ବାରିକ ମୋତେ ଗୋଟିଏ ନୂଆ ଦିଗରେ ମୋତେ ଟାଣିନେଇଛନ୍ତି । ସେ ଆମ କାକଟପୁର ଅଂଚଳର ଜଣେ ଉଦୀୟମାନ ଯୁବକ । ଗୋଟିଏ ସାପ୍ତାହିକ ପତ୍ରିକା ''ଚିରସନ୍ଧାନ'' ଓ ଏକ ସାହିତ୍ୟ ପତ୍ରିକା 'ବିଜୟା ଭାରତୀ'ର ସଂପାଦକ । ମୋତେ ଆଜିକାଲିର ସମସ୍ୟା ଉପରେ ସମାଲୋଚନାମୂଳକ ରଚନା ଲେଖିବାକୁ ଉତ୍ସାହ ଦେଇଥାନ୍ତି । ମୁଁ ସମାଜ ଓ ସରକାରଙ୍କୁ କଠୋର ସମାଲୋଚନା କଲେବି ସେ ସାହସର ସହିତ ପ୍ରକାଶ କରନ୍ତି ଏବଂ ସେଇ ଲେଖାଗୁଡ଼ିକ ଉପରେ ସୁଧୀ ପାଠକମାନଙ୍କର ଭଲ ମତାମତ ଜଣାନ୍ତି ।

ତାପରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସାହାଯ୍ୟ ମନେପଡ଼େ । ମୋଠାରୁ ଲେଖାମାନ ନେଇ ପତ୍ରପତ୍ରିକାରେ ପ୍ରକାଶ କରିବାରେ ଥାଏ ତାଙ୍କର ଆଗ୍ରହ । ଅଧ୍ୟାପକ ଶିବରାମ ପାତ୍ର ମୋର ଲେଖାମାନ ପଢ଼ି ଉତ୍ସାହ ଦିଅନ୍ତି । ବହୁ ପତ୍ରପତ୍ରିକାର ସଂପାଦକ ମୋର ଲେଖାମାନ ପ୍ରକାଶକରି ଉତ୍ସାହ ଦେଇଥାନ୍ତି । ସେମାନଙ୍କ ମଧ୍ୟରେ ରମା କର, ଶୈଳରାଣୀ ଗୀତା ହୋତା, ମିଶ୍ର ଓ ସରଳା ପତ୍ରୀ ପ୍ରଧାନ । ଅନେକ ପାଠକଙ୍କଠାରୁ ମୋ ଲେଖା ଉପରେ ପ୍ରଶଂସାପତ୍ର ପାଇ ଉତ୍ସାହିତ ହୁଏ ।

ଏଇପରି ଘରେ ଓ ବାହାରେ ଯେଉଁମାନଙ୍କ ପ୍ରେରଣାରେ ମୁଁ ସାହିତ୍ୟସେବା ଓ ଅନ୍ୟାନ୍ୟ କାର୍ଯ୍ୟ କରିଆସିଛି, ସେମାନଙ୍କ ସ୍ନେହ, ସହାନୁଭୂତି ଓ ସଦ୍‌ଭାବନା ମୋର ସର୍ବଦା ମନେ ପଡ଼େ । ଯେଉଁମାନେ ସାହିତ୍ୟସେବା କରନ୍ତି, ସେମାନେ ଦରଦୀ ଓ ଶ୍ରଦ୍ଧାଳୁ ହୋଇଥାନ୍ତି । ମାତ୍ର ଯେଉଁମାନେ ପିଲାଙ୍କ ପାଇଁ ଲେଖନ୍ତି ସେମାନଙ୍କ ମନ ପିଲାଙ୍କ ମନ ପରି ସରଳ, ସ୍ୱଚ୍ଛ ଓ ଅନାବିଳ ହେବା ଉଚିତ । ଭକ୍ତକବି ମଧୁସୂଦନ ପରିବାର ପାଇଁ ଯାହା କହିଛନ୍ତି, ମୁଁ ସାରା ଦୁନିଆ ପାଇଁ ତାହା ହେବା ଦରକାର ବୋଲି ଭାବେ । ସେ ଗାଇଥିଲେ ।

*''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,*
*ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।''*

●●●

# ଆଜି ରହିଲା ଏତିକି

ପିଲାମାନେ, ଏମିତି ବହୁ କଥା ରହିଛି । ମୁଁ କିନ୍ତୁ ଏସବୁରେ ତୁମମାନଙ୍କ ମୁଣ୍ଡ ବଥା କରାଇବାକୁ ଚାହୁଁନାହିଁ । ତୁମେ ଭଲ ଭଲ ବହିପତ୍ର ପଢ଼ିବ । ବଡ଼ ବଡ଼ କଥା ଚିନ୍ତା କରିବ । ଭଲଭଲ କାମ କରିବ । ଖେଳିବ, ନାଚିବ, ଗାଇବ, ଗପ କହିବ, ଆଙ୍କିବ ଏମିତି ତୁମ ମନଇଚ୍ଛା ଯାହା ସବୁ କରିବ । ନିଜେ ଖୁସିହେବ ଅନ୍ୟଙ୍କୁ ଖୁସି କରାଇବ ।

ଏବେ ବିଭିନ୍ନ ସଭାରେ ମୁଁ ଦେଖେ - ସେଠି ସବୁ ବଡ଼ଲୋକଙ୍କ କଥାରେ ବେଳଯାଏ । ପିଲାମାନଙ୍କ କଥା ପଚାରେ କିଏ ? ସେମାନଙ୍କୁ ଯେମିତି ଗହଳି ଚହଳି କରିବାକୁ ଅଣାଯାଇଥାଏ । ପିଲାମାନଙ୍କ ପାଇଁ ଖୁବ୍ କମ୍ କଥା, ତାଠାରୁ କମ୍ କାର୍ଯ୍ୟ । ମୁଁ କିନ୍ତୁ ଚାହେଁ ପିଲାଙ୍କ କଥା ଭଲ ଭାବରେ କରାଯିବ ସଭାଠାରୁ ପ୍ରତିଯୋଗିତା ଯାଏ । ପ୍ରତିଯୋଗିତାରେ ପିଲାମାନଙ୍କୁ ନ୍ୟାୟ ମିଳିବା ଦରକାର, ସୁଯୋଗ ମିଳିବା ଉଚିତ । ବାପାମାଆଙ୍କ ମୁହଁକୁ ଚାହିଁ ପିଲାଙ୍କ ପ୍ରତି ବ୍ୟବହାର କରିବା ଉଚିତ ନୁହେଁ । ଏଥିରେ ପିଲାଙ୍କ ମନ ଊଣା ହୁଏ ।

ଅନେକ ପ୍ରତିଯୋଗିତା ପିଲାମାନଙ୍କ ପାଇଁ ହେଉଥିବାରୁ ବାପାମାଆ, ଭାଇଭଉଣୀମାନେ ସେମାନଙ୍କୁ ଧରି ଆସନ୍ତି । ମାତ୍ର ଠିକ୍ ସମୟରେ ଆରମ୍ଭ ହୁଏ ନାହିଁ । ପିଲାମାନେ ଚାହିଁ ଚାହିଁ ଝାଳନାଳ ହୁଅନ୍ତି । ଭୋକଶୋଷରେ ଛଟପଟ ହୁଅନ୍ତି । ଅସଲ ମଜା ଉଭେଇ ଯାଏ । ଶାନ୍ତି ଶୃଙ୍ଖଳା ନଥାଏ । ହୋ ହଲ୍ଲାରେ ବେଳଯାଏ । ବଡ଼ ବଡ଼ ଲୋକେ ଠିକ୍ ସମୟରେ ଆସିବା, ଠିକ୍ ସମୟରେ ନିଜନିଜ କାର୍ଯ୍ୟ କରିବା ଦରକାର । ତୁମ୍ଭେମାନେ ତେଣୁ ଏଇ କଥାଟି ନକଲେ ଭଲ ପିଲାହେବ କିପରି ? ବଡ଼ମଣିଷ ହେବ କିମିତି ?

ଆଜିକାଲି ଅତିଥି ଓ ନେତାମାନେ ପିଲାମାନଙ୍କୁ ବେଶି ଅସୁବିଧାରେ ପକାନ୍ତି । ସେମାନେ ବେଳାରେ ଆସୁ ନାହାନ୍ତି । ସବୁରି ମନ ଖୁସି କରିବାକୁ ସବୁଠି ସେମାନେ

ପହଞ୍ଚନ୍ତି, ଅଟକିଯା'ନ୍ତି । କାରଣ ସେମାନଙ୍କ ଠାରୁ ଭୋଟ ପାଇବେ । ପିଲାମାନଙ୍କ ଠାରୁ ତ ଭୋଟ ପାଇବେ ନାହିଁ ! ସେମାନଙ୍କୁ ଲମ୍ବାଲମ୍ବା କଥା କହୁଥିବେ । ପିଲାଏ ଠିଆ ହୋଇ ବା ବସି ଅନେଇ ଥିବେ । କାନରେ ବାବୁମାନଙ୍କ କଥା ପଶେ ଆଉ ବାହାରିଯାଏ । ଯେଉଁକଥା ପିଲାଙ୍କ ପାଇଁ ଦରକାର, ଭଲ ଲାଗିବ, ସେମାନେ ବୁଝିପାରିବେ ତାହା ସେମାନଙ୍କୁ କହିବା ଉଚିତ ।

କେତେଥର ଦେଖାଯାଏ ବଡ଼ବଡ଼ିଆ ଆସିବେ ବୋଲି ପିଲାମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅଟକାଇ ରଖାଯାଏ । ପୁଣି ଥରେ ଥରେ ଅତିଖରାରେ, ଏମିତିକି ବର୍ଷାରେ । ଏସବୁ ନିତାନ୍ତ ଅନ୍ୟାୟ । ଥରେ ଥରେ ପିଲାଏ ଧାଡ଼ିରେ ଠିଆ ହୋଇଥିବେ । ବେଶି ସମୟ ଏମିତି ଠିଆ ହେବାରେ ସେମାନେ ହାଲିଆ ହୋଇ ପଡ଼ନ୍ତି । କେତେକ ପିଲା ତଳେବି ପଡ଼ିଯାନ୍ତି । କେତେକ ତ ଚେତା ହରାଇ ବସନ୍ତି । ପ୍ରତିଯୋଗିତାମାନ ମଧ୍ୟ ଠିକ୍‌ବେଳାରେ ଓ ଠିକ୍ ଜାଗାରେ ହେବା ଉଚିତ । ନଚେତ ଏସବୁ ପିଲାମାନଙ୍କ ପାଇଁ. ଭଲ ନହୋଇ ଭେଲ ହୋଇଥାଏ ।

ତୁମ୍ଭେମାନଙ୍କ ମଧ୍ୟରୁ କିଏ ଓଡ଼ିଆ ବିଦ୍ୟାଳୟରେ ତ କିଏ ଇଂରେଜି ସ୍କୁଲ୍‌ରେ ପାଠ ପଢୁଛ । ଓଡ଼ିଆ ବିଦ୍ୟାଳୟମାନଙ୍କରେ ବହୁ ଅଭାବ ଥାଏ । ଯାହା ବି ମିଳୁଥାଏ, ତାକୁ ବ୍ୟବହାର କରିବାରେ ଆଗ୍ରହ ନଥାଏ । ପିଲାମାନଙ୍କ ବହି ତ ବହୁ ବିଦ୍ୟାଳୟରେ ନାହିଁ । ଯେଉଁଠି ଅଛି ପିଲାଙ୍କୁ ଦେବା ଦରକାର । ସେସବୁ ଚିରିଯିବ, ହଜିଯିବ ଭାବିଲେ ଚଳିବ ନାହିଁ । ନିରାପଦରେ ବହିପତ୍ର ତକ ସାଇତି ରଖିଲେ ଦୁଃଖ ଗଲା ନାହିଁ । ଆମେ ଜାଣିବା ଉଚିତ ଯେ ପିଲାଏ ପଢ଼ିଲେ ଜାଣିବେ, ଜାଣିଲେ ଜିଣିବେ ।

ଇଂରେଜି ବିଦ୍ୟାଳୟ ତ ଆଜିକାଲି ଛତୁ ଫୁଟିଲାପରି ଗଢୁଉଠିଛି ସବୁଠି କି ସହର କି ମଫସଲ, କି ପାହାଡ଼ କି ଜଙ୍ଗଲ । ଇଂରେଜି ପାଠ ପଢ଼ିଲେ ପିଲାଏ ଖୁସି, ବାପାମାଆ ଆହୁରି ଖୁସି । ଏଥିରେ ସେମାନଙ୍କର ଇଜ୍ଜତ ବଢ଼ିଯାଏ । ଯାହାର ଅଧିକ ଟଙ୍କା ପଇସା ଅଛି, ତାଙ୍କ ପିଲାଏ ଭଲ ସ୍କୁଲ୍‌ରେ ପାଠପଢ଼ିବା ଉଚିତ । କିନ୍ତୁ ଇଂରେଜି ସ୍କୁଲ୍ ଖାଲି ଭଲ ବୋଲି ଭାବିନେବା ବଡ଼ ଭୁଲ୍ । ଆମର ଅନେକ ବଡ଼ବଡ଼ ଲୋକ ଓଡ଼ିଆ ସ୍କୁଲ୍‌ରେ ପାଠପଢ଼ି ଏତେ ଉପରକୁ ଉଠିଛନ୍ତି । ପିଲାଏ ଇଂରେଜି ସାଥିରେ ଓଡ଼ିଆ ପଢ଼ିଲେ ବି କ୍ଷତି ନାହିଁ । ଓଡ଼ିଆ ହେଉ ବା ଇଂରେଜି ହେଉ ଉଭୟ ଦରକାର ତେବେ ଓଡ଼ିଆ ଆଗ ।

ଓଡ଼ିଆ ଆମର ମାତୃଭାଷା, ମାଆର ଭାଷା । ମାଆ ପରି ଭାଷା । ଆମେ ସେଥିରେ ପିଲାଦିନୁ କଥା ହେଉଛୁ, ସ୍ୱପ୍ନ ଦେଖୁଛୁ । କେତେକ କହିନ୍ତି ଓଡ଼ିଆରେ ବି ଆମେ ଚିନ୍ତା କରୁ । ସେଥିରେ ଭଲ ହେଲେ ସବୁ ଜାଗାରେ ବାହାବା ମିଳିବ । ଆମେ ଆମ ଘରେ ଓ ବାହାରେ ଭଲ ଭାବରେ କଥା କହିପାରିବା, ନାନା ପ୍ରକାରେ ଆମର ମନୋଭାବ ପ୍ରକାଶ କରିପାରିବା । ମୁଁ ଜାଣିଛି, ଆଜିକାଲି ବହୁ ବୁଢ଼ାବୁଢ଼ୀମାନେ ମନରେ ଆଘାତ ପାଆନ୍ତି । ସେମାନଙ୍କର ନାତିନାତୁଣୀ, ଅଣନାତି ଓ ଅଣନାତୁଣୀମାନେ ବଡ଼ବଡ଼ ସ୍କୁଲ୍‌ରେ ପାଠ ପଢୁଛନ୍ତି, ମାତ୍ର ଓଡ଼ିଆରେ କଥାବାର୍ତ୍ତା କରିପାରୁନାହାନ୍ତି, ଲେଖିବା ତ ଦୂରର କଥା । ସେମାନଙ୍କ ମନରେ ଆନନ୍ଦ ଦେବା ପାଇଁ, ଆମ ନିଜ ମାତୃଭାଷା ବଡ଼ କରିବା ପାଇଁ ଆମର କ'ଣ କିଛି କରିବାର ନାହିଁ ?

ଏଥିପାଇଁ ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି :-

*"ମାତୃଭାଷା ମାତୃଭୂମି ଏଦୁହେଁ ଜନନୀ*
*ଭକ୍ତିଭରେ ସେବ ତାକୁ ଦିବସ ରଜନୀ ।"*

ସେଇପରି ସ୍ୱଭାବ କବି ଗଙ୍ଗାଧର ମେହେର ଗାଇଛନ୍ତି:

*"ଉଚ୍ଚ ହେବା ପାଇଁ କର ଯେତେ ଆଶା,*
*ଉଚ୍ଚ କର ଆଗେ ନିଜ ମାତୃଭାଷା ।"*

ଆମ ମାଆ ପରି ଆମ ମାତୃଭାଷା । ତେଣୁ ଆମେ ଉଭୟଙ୍କୁ ସମାନ ଭାବରେ ଭଲ ପାଇବା ଉଚିତ ।

ଏବେ ତୁମ୍ଭେମାନେ ନିଜନିଜ ଜନ୍ମଦିନ ପାଳିବାରେ ଭୋଜିଭାତ, ମଉଜମଜଲିସ କରୁଛ । ଭଲକଥା । ମାତ୍ର ପିଲାମାନଙ୍କୁ ସମସ୍ତେ ଭଲ ନୂଆବହି ଉପହାର ଦେଲେ, କେତେ ଭଲ ହୁଅନ୍ତା ! ସେଥିରୁ ସେମାନେ କେତେନୂଆ କଥା ଜାଣିବେ, କେତେ ନୂଆ କଥା ଶିଖିବେ, କେତେ ନୂଆ ଚିତ୍ର ଦେଖିବେ । ମନରେ ଆନନ୍ଦ ଭରିଯିବ । ପାଠପଢ଼ା ସହିତ ପିଲାଏ ଏସବୁ ବହିପତ୍ର ପଢ଼ିବା ଦରକାର । ଭଲ ବହି ସତରେ ଆମର ବଡ଼ ସାଥୀ । ଏହିପାଇଁ ମୋର ଗୋଟିଏ କବିତାରୁ ପଦେ ଶୁଣ :-

''ବହି ପରି ସାଥୀ ନାହିଁ କେହି
ପାଖେ ପାଖେ ଥାଏ ସିଏ ରହି !
ଶିଖାଏ ବତାଏ ମୋତେ କେତେ କଥା ।
କାନେ କାନେ ଅବା ଦିଏ କହି
ବହିପରି ସାଥୀ ନାହିଁ କେହି ।

ପରେ ସୁବିଧା ହେଲେ ଆଉ କେତେ କଥା କହିବି -
ଆଜି ରହିଲା ଏତିକି
ଫୁଲ ଫୁଟିଲା କେତକୀ ।



# ମୋର କେତୋଟି ଲୋକପ୍ରିୟ ଓ ପୁରସ୍କୃତ ପୁସ୍ତକ (ଓଡ଼ିଆ)

## (୧) ଶିଶୁ ଓ କିଶୋର ସାହିତ୍ୟ

| କ୍ର.ନଂ. | ବହିର ନାମ/ପ୍ରକାର | ପ୍ରକାଶକ | ପ୍ରକାଶନ ବର୍ଷ | କାହାଦ୍ୱାରା ପୁରସ୍କୃତ |
|---|---|---|---|---|
| ୧. | ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା (କାହାଣୀ) | କଟକ ଟ୍ରେଡ଼ିଂ କଂପାନୀ, ବାଲୁବଜାର, କଟକ | ୧୯୬୧ | ଭାରତ ସରକାର |
| ୨. | ଗପୁଡ଼ି ବୁଢ଼ୀର କାହାଣୀ ପେଡ଼ି (କାହାଣୀ) | କଟକ ଟ୍ରେଡ଼ିଂ କମ୍ପାନୀ, କଟକ | ୧୯୬୩ | ରାଜ୍ୟ ସରକାର |
| ୩. | ବଡ଼ ମଣିଷଙ୍କ କଥା (ଜୀବନୀ ଗଳ୍ପ) | କଟକ ଟ୍ରେଡ଼ିଂ କଂପାନୀ, କଟକ | ୧୯୬୬ | ପ୍ରାଥମିକବିଦ୍ୟାଳୟ ପାଠ୍ୟପୁସ୍ତକ |
| ୪. | ମହାମାନବଙ୍କ ମହିମା କଥା (ଜୀବନୀ) | କଟକ ଟ୍ରେଡ଼ିଂ କଂପାନୀ, କଟକ | ୧୯୬୬ | ରାଜ୍ୟ ସରକାର |
| ୫. | କିଶୋର ସଂସାର(କବିତା) | କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ | ୧୯୫୯ | ରାଜ୍ୟ ସରକାର |
| ୬. | ମୋ ଧୂଳିଘର (କବିତା) | କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ | ୧୯୬୧ | ରାଜ୍ୟ ସରକାର |
| ୭. | ଆମରି ଦେଶର ଅଭୁଲା କଥା (ଜୀବନୀ) | ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ | ୧୯୬୫ | ରାଜ୍ୟ ସରକାର |
| ୮. | ତୁଳସୀ ଦୁଇ ପତ୍ରରୁ ବାସେ (ଜୀବନୀ) | ଶାରଦା ଭବନ, କଟକ | ୧୯୬୫ | ରାଜ୍ୟ ସରକାର |
| ୯. | ଯାହାର ମନ ଯେଡ଼େ (ଜୀବନୀ) | ଓଡ଼ିଶା ବୁକ୍ ଷ୍ଟୋର, କଟକ | ୧୯୬୬ | ରାଜ୍ୟ ସରକାର |
| ୧୦. | ତିନି ତୁଣ୍ଡରେ ଛେଳି କୁକୁର | ଓଡ଼ିଶା ବୁକ୍‌ଷ୍ଟୋର, କଟକ | ୧୯୬୪ | ରାଜ୍ୟ ସରକାର |
| ୧୧. | ଭାରତ ମାତାର ଜୟ | ଜଗନ୍ନାଥ ରଥ, କଟକ | ୧୯୬୫ | ରାଜ୍ୟ ସରକାର |
| ୧୨. | ଆଲୁଅର କୁହୁକ ଆଉ ଶବ୍ଦର ଲୁଚକାଳି (ବିଜ୍ଞାନ ଗଳ୍ପ) | ସାଥୀ ମହଲ, କଟକ | ୧୯୬୮ | ଓଡ଼ିଶା ସାହିତ୍ୟ ଏକାଡ଼େମୀ |
| ୧୩. | ଦରିଆ ଅଜାର ମଜା ଦୁନିଆ (ସମୁଦ୍ର କଥା) | ଓରିଏଣ୍ଟ ଲଂଗମ୍ୟାନସ, କଲିକତା | ୧୯୭୨ | ଏନସିଇଆରଟି ନୂଆଦିଲ୍ଲୀ |
| ୧୪. | ସପନ ଭୂଇଁ ଲଣ୍ଡନ ଏଇ (ଭ୍ରମଣ କାହାଣୀ) | ବିଦ୍ୟାପୁରୀ, କଟକ | ୧୯୭୨ | ରାଜ୍ୟ ସରକାର |
| ୧୫. | ଛପାବହିର ଇତିକଥା | ବିଦ୍ୟାପୁରୀ, କଟକ | ୧୯୮୭ | ରାଜ୍ୟ ସରକାର |

| | | |
|---|---|---|
| ୧୬. ଇନ୍ଦ୍ରଜାଲରେ ମଣିଷ | କୋଣାର୍କ ପବ୍ଲିସର୍ସ, କଟକ | ୧୯୮୮ |
| ୧୭. ସାତ ଦରିଆ ସେପାରି କଥା (ଭ୍ରମଣ) (୧ମ, ୨ୟ, ୩ୟ, ୪ର୍ଥ ଭାଗ) | ସାରସ୍ୱତ ଭଣ୍ଡାର, କଟକ | ୧୯୮୮ |
| ୧୮. ମଣିଷ ସେବାରେ ବିଜ୍ଞାନ | ନବରଂଗ, କଟକ | ୧୯୮୮ |
| ୧୯. ପିଲାଏ ହସିଲେ ଦୁନିଆ ହସେ (କବିତା) | କୋଣାର୍କ ପବ୍ଲିସର୍ସ, କଟକ | ୧୯୮୮ |
| ୨୦. ଯୁଗେ ଯୁଗେ ଯୋଗାଯୋଗ | ସାହିତ୍ୟ ପ୍ରକାଶନ, କଟକ - ୮ | ୧୯୮୮ |
| ୨୧. ଭାରତ ମାଆର ମଉଡ଼ମଣି ଜବାହରଲାଲ (ଜୀବନୀ) | ଓଡ଼ିଶା ବୁକ୍ ଷ୍ଟୋର, କଟକ | ୧୯୮୮ |
| ୨୨. ବୁଦ୍ଧବାଣୀ (ଜୀବନୀ) | କ୍ୟାପିଟାଲ ଷ୍ଟୁଡେଣ୍ଟସ୍ ଷ୍ଟୋର, | ୧୯୮୮ |
| ୨୩. ହିମାଳୟର ପାଦଦେଶେ (ଭ୍ରମଣ) | କୋଣାର୍କ ପବ୍ଲିସର୍ସ, କଟକ | ୧୯୮୯ |
| ୨୪. ତୁମ ପାଇଁ ନାନା ସୁଆଦର କାହାଣୀ | ଶିଶୁପ୍ରଭା, କଟକ | ୧୯୮୯ |
| ୨୫. ସତରେ ସେ ଥିଲେ ମହାତ୍ମା (ଜୀବନୀ) | ଶିବଜ୍ୟୋତି ପ୍ରକାଶନ, କଟକ | ୧୯୮୯ |
| ୨୬. ଗୋଟିଏ ଦୀପ ତିନୋଟି ସଳିତା (ଜୀବନୀ) | କ୍ୟାପିଟାଲ ଷ୍ଟୁଡେଣ୍ଟସ୍ ଷ୍ଟୋର ଭୁବନେଶ୍ୱର | ୧୯୮୯ |
| ୨୭. ଆମରି ସେବାରେ ଜୀବଜନ୍ତୁ | ଶାନ୍ତି ପ୍ରକାଶନୀ, ରାଜା ବଗିଚା, କଟକ | ୧୯୯୦ |
| ୨୮. ଶିଖ ଗୁରୁମାନଙ୍କ ପିଲାଦିନ(ଜୀବନୀ) | ଶ୍ରୀକୃଷ୍ଣ ପ୍ରକାଶନ, କଟକ | ୧୯୯୧ |
| ୨୯. ଭାରତର ବାଟେଘାଟେ (ଭ୍ରମଣ) | ଶିବଜ୍ୟୋତି ପ୍ରକାଶନ, କଟକ | ୧୯୯୧ |
| ୩୦. ସ୍ୱାଧୀନତାର କାହାଣୀ | ସାରସ୍ୱତ ଭଣ୍ଡାର, କଟକ | ୧୯୯୫ |
| ୩୧. ଆମରି ସେବାରେ ଆଜିର ବିଜ୍ଞାନ | ମା ମଂଗଳା ପ୍ରକାଶନୀ, କଟକ | ୧୯୯୧ |

| | | | |
|---|---|---|---|
| ୩୨. ଜୀବ ଜଗତରେ କିପରି ? | ଲିପିକାର, କଟକ | ୧୯୯୧ | ଓଡ଼ିଶା ବିଜ୍ଞାନ ଏକାଡ଼େମୀ |
| ୩୩. ବନାରସ ପଥେ (ଭ୍ରମଣ) | ଓଡ଼ିଶା ବୁକ୍ ଷ୍ଟୋର, କଟକ | ୧୯୯୧ | ରାଜ୍ୟ ସରକାର |
| ୩୪. କାଉଁରୀ କାମଚଣ୍ଡୀର ଦେଶେ (ଭ୍ରମଣ) | ପ୍ରାଚୀ ପ୍ରକାଶନ, ଭୁବନେଶ୍ୱର | ୧୯୯୧ | ରାଜ୍ୟ ସରକାର କ୍ରୀତ |
| ୩୫. କୃତ୍ରିମ ଉପଗ୍ରହର ଜୟଯାତ୍ରା | ପ୍ରାଚୀ ପ୍ରକାଶନ, ଭୁବନେଶ୍ୱର | ୧୯୯୧ | ରାଜ୍ୟ ସରକାର |
| ୩୬. ତିରୁପତି ପଥେ (ଭ୍ରମଣ) | ଓଡ଼ିଶା ବୁକ୍‌ଷ୍ଟୋର, କଟକ - ୨ | ୧୯୯୧ | ରାଜ୍ୟ ସରକାର |
| ୩୭. ମୋ ପରିବେଶର କଥା ଓ କବିତା | ଡାଏମଣ୍ଡ ପବ୍ଲିସର୍ସ, କଟକ | ୧୯୯୧ | ରାଜ୍ୟ ସରକାର କ୍ରୀତ |
| ୩୮. ଆମ ସୁଖ ପାଇଁ ଆଜିର ବିଜ୍ଞାନ | ନିଉ ପବ୍ଲିସର୍ସ, କଟକ - ୨ | ୧୯୯୧ | ରାଜ୍ୟ ସରକାର |
| ୩୯. ଶହୀଦ ଲକ୍ଷ୍ମଣ ନାୟକ | ଶିରିଡ଼ି ପବ୍ଲିସର୍ସ, କଟକ | ୧୯୯୭ | ରାଜ୍ୟ ସରକାର |
| ୪୦. ଉତ୍କଳମଣି ଗୋପବଂଧୁ ଦାସ | ଶିରିଡ଼ି ପବ୍ଲିସର୍ସ, କଟକ | ୧୯୯୭ | ରାଜ୍ୟ ସରକାର |
| ୪୧. ଆମ୍ଭ ଦେବତା ବନଗିରି | ନବ ଦିଗନ୍ତ, କଟକ | ୧୯୯୭ | ରାଜ୍ୟ ସରକାର |
| ୪୨. ଆମ ସ୍ୱାସ୍ଥ୍ୟ, ଆମ ବିଜ୍ଞାନ | ନବ ଦିଗନ୍ତ, କଟକ | ୧୯୯୭ | ରାଜ୍ୟ ସରକାର |
| ୪୩. ଦକ୍ଷିଣ ଭାରତର ବାଟେ ଘାଟେ (ଭ୍ରମଣ) *(୧ମ ଓ ୨ୟ ଭାଗ)* | ନବ ଦିଗନ୍ତ, କଟକ | ୧୯୯୭ | ରାଜ୍ୟ ସରକାର କ୍ରୀତ |
| ୪୪. ଆମ ପୃଥିବୀ କାହିଁକି (ବିଜ୍ଞାନ) | ନବ ଦିଗନ୍ତ, କଟକ | ୧୯୯୭ | ରାଜ୍ୟ ସରକାର |
| ୪୫. ସଂସ୍କୃତି ଓ ପରମ୍ପରା | ନବ ଦିଗନ୍ତ, କଟକ | ୧୯୯୭ | |
| ୪୬. ପକ୍ଷୀମାନେ ଆମର ବଂଧୁ (ବିଜ୍ଞାନ) | ଗ୍ରନ୍ଥଶ୍ରୀ ପବ୍ଲିସର୍ସ, କଟକ | ୧୯୯୭ | ରାଜ୍ୟ ସରକାର କ୍ରୀତ |

| କ୍ର.ନଂ. | ବହିର ନାମ | ପ୍ରକାଶକ | ପ୍ରକାଶନ ବର୍ଷ | କାହାଦ୍ୱାରା ପୁରସ୍କୃତ |
|---|---|---|---|---|

## (୨)ଭ୍ରମଣ କାହାଣୀ

| କ୍ର.ନଂ. | ବହିର ନାମ | ପ୍ରକାଶକ | ପ୍ରକାଶନ ବର୍ଷ | କାହାଦ୍ୱାରା ପୁରସ୍କୃତ |
|---|---|---|---|---|
| ୧. | ଦୂର ଦିଗନ୍ତ | ଫ୍ରେଣ୍ଡସ ପବ୍ଲିସର୍ସ, କଟକ | ୧୯୮୮ | ଓଡ଼ିଶା ସାହିତ୍ୟ ଏକାଡେମୀ |
| ୨. | ଭାରତ ଭ୍ରମଣ | ତକ୍ଷଶିଳା, କଟକ | ୧୯୮୭ | |

## (୩)ଜନ ସାହିତ୍ୟ :

| କ୍ର.ନଂ. | ବହିର ନାମ | ପ୍ରକାଶକ | ପ୍ରକାଶନ ବର୍ଷ | କାହାଦ୍ୱାରା ପୁରସ୍କୃତ |
|---|---|---|---|---|
| ୧. | ସରବେ ଆମେ ଭାଇଭଉଣୀ | କଟକ ଟ୍ରେଡ଼ିଂ କଂପାନୀ, କଟକ | ୧୯୬୬ | ଭାରତ ସରକାର |
| ୨. | ସଫଳ ସହଯୋଗର କାହାଣୀ | ସାଥୀ ମହଲ, କଟକ | ୧୯୬୬ | ଭାରତ ସରକାର |
| ୩. | ଏଇ ମୋ ମାଟି ମାଆ | ବିଦ୍ୟାପୁରୀ, କଟକ | ୧୯୭୨ | ଭାରତ ସରକାର |
| ୪. | ଚାଷିଏ ହସିଲେ ଦୁନିଆ ହସେ | ସାଥୀ ମହଲ, କଟକ | ୧୯୭୪ | ଭାରତ ସରକାର |
| ୫. | ଆମରି ଦେଶର ଅମର ଶହୀଦ (ଜୀବନୀ) | ସାଧନା ପ୍ରକାଶନ, ନୂଆଦିଲ୍ଲୀ | ୧୯୮୩ | ଭାରତ ସରକାର |
| ୬. | ଆମରି ଜାତିର ଆଗୁଆ ନେତା (ଜୀବନୀ) | ସାଲୁଜା ପ୍ରକାଶନ, ନୂଆଦିଲ୍ଲୀ | ୧୯୮୪ | ଭାରତ ସରକାର |
| ୭. | ଆମ ରାଇଜ, ଆମ ସମାଜ (୧ମ ଓ ୨ୟ ଭାଗ) | ଦାସବୁକ୍ ଷ୍ଟୋର, ଭୁବନେଶ୍ୱର | ୧୯୮୬ | ଓଡ଼ିଶା ସରକାର |
| ୮. | ଜାତିର ପିତା ସବୁରି ନେତା | ସାରସ୍ୱତ ଭଣ୍ଡାର, କଟକ | ୧୯୮୬ | ଓଡ଼ିଶା ସରକାର |
| ୯. | ଗାଇବା ଆସ, ଗଢ଼ିବା ଦେଶ (୧ମ ଓ ୨ୟ ଭାଗ) | ସାରସ୍ୱତ ଭଣ୍ଡାର, କଟକ | ୧୯୮୬ | ଓଡ଼ିଶା ସରକାର |
| ୧୦. | ଆମ ଜୀବନ, ଆମ ବିଜ୍ଞାନ (୧ମ ଓ ୨ୟ ଭାଗ) | କ୍ୟାପିଟାଲ୍ ଷ୍ଟୁଡେଣ୍ଟସ୍ ଷ୍ଟୋର, | ୧୯୮୬ | |
| ୧୧. | ଗାଁ ଗହଳିରେ କୁହୁକ ପେଡ଼ି | ସାଥୀ ମହଲ, କଟକ | ୧୯୮୭ | |
| ୧୨. | ଭାଗବତ କଥା (କାହାଣୀ) (୧ମ, ୨ୟ, ୩ୟ, ୪ର୍ଥ ଓ ୫ମ ଭାଗ) | ସାରସ୍ୱତ ଭଣ୍ଡାର, କଟକ | ୧୯୮୮ | |

## (୪) ସମାଲୋଚନା ଓ ପ୍ରବନ୍ଧ ସାହିତ୍ୟ

| କ୍ର.ନଂ. | ବହିର ନାମ | ପ୍ରକାଶକ | ପ୍ରକାଶନ ବର୍ଷ |
|---|---|---|---|
| ୧. | ଓଡ଼ିଆ ନାଟକ ଓ ଉପନ୍ୟାସ | କଟକ ଟ୍ରେଡ଼ିଂ କଂପାନୀ, କଟକ | ୧୯୬୬ |
| ୨. | ସାମାଲୋଚନା ସଂଗ୍ରହ | ଓଡ଼ିଶା ବୁକ୍ ଷ୍ଟୋର, କଟକ | ୧୯୬୬ |
| ୩. | ଶିଶୁସାହିତ୍ୟ ପରିକ୍ରମା | ପ୍ରାଚୀ ସାହତ୍ୟ ପ୍ରତିଷ୍ଠାନ କଟକ | ୨୦୦୦ |
| ୪. | ଯୁଗେ ଯୁଗେ ଭାରତୀୟ ଶିକ୍ଷା | ଜେ. ମହାପାତ୍ର ଏଣ୍ଡ.କୋ., କଟକ | ୧୯୬୬ |
| ୫. | ଓଡ଼ିଆ ଶିଶୁସାହିତ୍ୟ ସମୀକ୍ଷା | କଟକ ଟ୍ରେଡ଼ିଂ କମ୍ପାନୀ | ୨୦୦୦ |
| ୬. | ଶିକ୍ଷା ଓ ସମାଜ | ଜେ. ମହାପାତ୍ର ଏଣ୍ଡ.କୋ., କଟକ | ୧୯୭୧ |



## ଡକ୍ଟର ଜଗନ୍ନାଥ ମହାନ୍ତି

ପୁରୀ ଜିଲ୍ଲା ଗୋପ ଥାନାର ଜଙ୍ଗଲବୋରୀ ଗ୍ରାମରେ ୧୯୩୭ ମସିହା ଜାନୁୟାରୀ ୭ ତାରିଖରେ ଜନ୍ମ । ପିତା ୰ ବିଶ୍ୱନାଥ ମହାନ୍ତି ଓ ମାତା ୰ ମାଣିକ ଦେବୀ ।

ବହୁ ବାଧାବିଘ୍ନ ମଧ୍ୟରେ ଶିକ୍ଷାପ୍ରାପ୍ତ । ବି.ଏ. ଅନର୍ସ (ଅର୍ଥନୀତି) ଏମ୍.ଏ. (ରାଜନୀତି ବିଜ୍ଞାନ), ଏମ୍.ଇଡ଼ି ଓ ପିଏଇଚ ଡ଼ି (ଶିକ୍ଷା) । ପ୍ରଶିକ୍ଷଣ ଓ ବୈଦ୍ୟୁତିକ ମାଧ୍ୟମ ତଥା ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଓ ବ୍ରିଟିଶ କାଉନସିଲ ଦ୍ୱାରା ଇଂଲଣ୍ଡରେ ଦୁଇଥର ତାଲିମପ୍ରାପ୍ତ । ୟୁରୋପର ଅଧିକାଂଶ ଦେଶରେ ଓ ସମଗ୍ର ଭାରତରେ ଭ୍ରମଣ କରିଛନ୍ତି ।

କୈଶୋରାବସ୍ଥାରୁ ସାରସ୍ୱତ ସାଧନା । ଅବଧି ଶିଶୁ/କିଶୋରମାନଙ୍କ ପାଇଁ ୫୦ ଖଣ୍ଡ, ଜନଶିକ୍ଷାରେ ୯୫ ଖଣ୍ଡ, ସାହିତ୍ୟ ସମାଲୋଚନା ଶିକ୍ଷା ସାହିତ୍ୟରେ ୧୫ ଖଣ୍ଡ ଏବଂ ଇଂରେଜିରେ ୩୦ ଖଣ୍ଡ ପୁସ୍ତକ ଲିଖିତ । ଜାତୀୟ ସ୍ତରରେ ଶିଶୁସାହିତ୍ୟ ପାଇଁ ୨ ଥର ଓ ନବସାକ୍ଷର ସାହିତ୍ୟରେ ୫ ଥର ପୁରସ୍କୃତ । ରାଜ୍ୟ ସରକାରଙ୍କ ଦ୍ୱାରା ଶିଶୁସାହିତ୍ୟ ପାଇଁ ୭ ଥର ଉପାୟନପ୍ରାପ୍ତ । ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ଥରେ ଶ୍ରେଷ୍ଠ ଶିଶୁସାହିତ୍ୟ ଓ ଆଉଥରେ ଭ୍ରମଣ କାହାଣୀ ନିମନ୍ତେ ପୁରସ୍କୃତ । ବିଜ୍ଞାନ ଏକାଡ଼େମୀ ଦ୍ୱାରା ଉପାୟନପ୍ରାପ୍ତ ।

ପ୍ରାଥମିକ ଶିକ୍ଷାଠାରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସବୁ ସ୍ତରରେ ଅଭିଜ୍ଞତା ଲାଭ । ସମ୍ବଲପୁରସ୍ଥ ଡକ୍ଟର ପର୍ଶୁରାମ ମିଶ୍ର ଓ କଟକସ୍ଥ ରାଧାନାଥ ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ ପ୍ରଫେସର ଅଧ୍ୟକ୍ଷ ଭାବରେ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଆକାଡ଼େମୀକ ଷ୍ଟାଫ କଲେଜରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ୧୯୯୫ ଜାନୁୟାରୀ ୩୧ ରେ ଅବ ସରପ୍ରାପ୍ତ । ତାଙ୍କ ଦିଗ୍‌ଦର୍ଶନରେ ୧୫ ଜଣ ପି.ଏଇଚଡ଼ି ଓ ଡି.ଲିଟ୍ ଉପାଧିପ୍ରାପ୍ତ ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ । ସଂପ୍ରତି ତାଙ୍କରି ପାଖରେ ୧୦ ଜଣ ଗବେଷଣାରତ ।

ଭାରତୀୟ ଶିଶୁ ଶିକ୍ଷା ପରିଷଦ, ଭାରତୀୟ ପ୍ରାକ୍ ପ୍ରାଥମିକ ସଂଗଠନ, ଭାରତୀୟ ଶିକ୍ଷା ପ୍ରଶାସନ ସଂଘ, ଆନ୍ତର୍ଜାତୀୟ ଶାନ୍ତିଶିକ୍ଷା ସଂଗଠନ, ରାଜ୍ୟ ଶିକ୍ଷା ବିଜ୍ଞାନ ଓ ଗବେଷଣା ସଂଘ, ଭାରତୀୟ ଶିକ୍ଷା ଗବେଷଣା ସଂଘ ଆଦିର ସକ୍ରିୟ ସଭ୍ୟ । ଓଡ଼ିଆ ଶିସୁ ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଭାପତି, ରାଜଧାନୀ, ଶିଶୁସାହିତ୍ୟ ସଂସଦ ଓ ସର୍ବଭାରତୀୟ ଶିଶୁସାହିତ୍ୟ ସଂଗଠନର ସଭାପତି । ପିତାମାତାଙ୍କ ନାମରେ ପ୍ରତିଷ୍ଠିତ ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ ଶିଶୁଶିକ୍ଷା ଓ ଶିଶୁସାହିତ୍ୟର ଉନ୍ନତି କ୍ଷେତ୍ରରେ କାର୍ଯ୍ୟରତ ।

ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଜାତୀୟ ଓ ରାଜ୍ୟସ୍ତରରେ ବିଶେଷ ସମ୍ମାନିତ । ଭାରତୀୟ ଶିକ୍ଷା ପରିଷଦ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ରାଷ୍ଟ୍ରୀୟ ଶିକ୍ଷା ମନ୍ତ୍ରଣାଳୟ, ସର୍ବଭାରତୀୟ ଶିଶୁ ସାହିତ୍ୟ ସମ୍ମେଳନ ଏବଂ ରାଜ୍ୟର ବହୁ ଶିଶୁସାହିତ୍ୟ ସଂଗଠନ ଦ୍ୱାରା ସମ୍ବର୍ଦ୍ଧିତ । ସଂପ୍ରତି ସେ ଶିକ୍ଷା, ସାହିତ୍ୟ ସମାଜ ସେବାରେ ଆତ୍ମନିୟୋଗ କରିଛନ୍ତି ।